

ସାରସ୍ୱତ ସାଧକ

# କବିଶେଖର ଚିନ୍ତାମଣି

ଶ୍ରୀ ଅପୂର୍ବ ରଂଜନ ରାୟ

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ସାରସ୍ୱତ ସାଧକ

# କବିଶେଖର ଚିନ୍ତାମଣି

ଲେଖକ :
ଶ୍ରୀ ଅପୂର୍ବ ରଂଜନ ରାୟ

ପ୍ରକାଶକ :
ଧର୍ମଗ୍ରନ୍ଥ ଷ୍ଟୋର

ସାରସ୍ୱତ ସାଧକ କବିଶେଖର ଚିନ୍ତାମଣି

ପ୍ରକାଶକ :
**ଶ୍ରୀ ଅନନ୍ତ ମିଶ୍ର**
**କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର**
କଟକ-୭୫୩୦୦୨

ପ୍ରଥମ ପ୍ରକାଶ :
୧୯୮୩

ପ୍ରଚ୍ଛଦ ଶିଳ୍ପୀ :
ଶ୍ରୀ ଅସୀତ୍ ମୁଖାର୍ଜୀ

ମୁଦ୍ରଣ :
ରକେଟ୍ ପ୍ରିଣ୍ଟର୍ସ
କଟକ-୭୫୩୦୦୯

ମୂଲ୍ୟ : ବନ୍ଧାଇ ଟ ୨୦ ଙ୍କା
ଅବନ୍ଧା ଟ ୧୭ ଙ୍କା

SARASWATA SADHAKA
**KABISEKHAR CHINTAMANI**
by :
**SRI APURBA RANJAN RAY**

Publisher
**Sri Anant Misra**
Cuttack Students' Store
Balubazar, Cuttack-753002

First Edition : 1983

Price : Deluxe Rs. 20/-
Popular Rs. 17/-

ପୂଜନୀୟା ମାତୃଦେବୀ

**ଶ୍ରୀମତୀ ନଶାମଣି ଦେଈ**

କରକମଳରେ—

ସ୍ନେହାଧୀନ

ଅପୂର୍ବ ରଂଜନ

# ପ୍ରାକ୍ ସଂଭାଷ

ଯଥାର୍ଥ ଆଲୋଚନା ଅଭାବରେ ସ୍ରଷ୍ଟାର ଜୀବନ-ଦର୍ଶନ, ସୃଷ୍ଟିର ସୌନ୍ଦର୍ଯ୍ୟ ଓ ଅନେକ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ଆସିବା ସମ୍ଭବ ହୁଏ ନାହିଁ । ବରଂ ସ୍ରଷ୍ଟା ଓ ସୃଷ୍ଟି ସମ୍ବନ୍ଧୀୟ କେତେକ ବଦ୍ଧମୂଳ ଭିତ୍ତିହୀନ ଧାରଣା ଏବଂ ଏକ ଦେଶଦର୍ଶୀ ମନ୍ତବ୍ୟ ବନ୍ଧନରେ ଆମେ ବାନ୍ଧି ହୋଇଯାଉ । ବହୁ ପ୍ରଚଳିତ ଅମୂଳକ ବକ୍ତବ୍ୟର ପ୍ରତିବକ୍ତବ୍ୟ ସୃଷ୍ଟି ନହେଲେ, ସୃଷ୍ଟି ଓ ସ୍ରଷ୍ଟାର ବିଶ୍ଳେଷଣ କରାନଗଲେ, ନିର୍ଦ୍ଦିଷ୍ଟ ବକ୍ତବ୍ୟର ପରିସର ସୀମିତ ହେଲେ ବି, ଆମକୁ ତାହା ଅନ୍ଧ କରିଦିଏ ।

ଏ କ୍ଷେତ୍ରରେ ବିଖ୍ୟାତ ଫରାସୀ ସମୀକ୍ଷକ କାଜାମିଆଁଙ୍କ ଭାଷାରେ ସ୍ରଷ୍ଟା ଓ ସମୀକ୍ଷକର ଚେତନାର ସଂଯୋଗ ସାଧନ ବାଞ୍ଛନୀୟ । ପରସ୍ପରର କୋଲାକୋଳି ଓ ଭାବ ବିନିମୟରୁ ସମୀକ୍ଷକର ସମୀକ୍ଷା ଯେତିକି ଉଜ୍ଜ୍ୱଳ ହୋଇଉଠେ, ସ୍ରଷ୍ଟା ମାନସ ସେତିକି ଅଧିକ ସ୍ପଷ୍ଟ ଓ ଜୀବନ୍ତ ଭାବେ ରୂପାୟିତ ହୁଏ । ଉଭୟଙ୍କ ଉପଲବ୍ଧିର ସ୍ତର ସେତେବେଳେ ଦୁହେଁ କେବଳ କଳନା କରିପାରନ୍ତି ।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭଳି ଜଣେ ପ୍ରବୀଣ ସମୀକ୍ଷକ କବିଶେଖରଙ୍କୁ ଯେପରି ଚିତ୍ରଣ କରିଛନ୍ତି, ତାହା ବଡ ଦୁର୍ଭାଗ୍ୟ ଏବଂ ଆଶ୍ଚର୍ଯ୍ୟଜନକ । ଚନ୍ଦ୍ରମଣିଙ୍କ ଦୁରାରୋଗ୍ୟ ବ୍ୟାଧିକୁ କେନ୍ଦ୍ର କରି ସେ ଦେଇଥିବା ମନ୍ତବ୍ୟ ବିଭ୍ରାନ୍ତକର ବୋଲି କବିଙ୍କ ପୁତ୍ର ସାହିତ୍ୟିକ ସ୍ୱର୍ଗତ ଉପେନ୍ଦ୍ର ପ୍ରସାଦ ମତ ଦେଇଛନ୍ତି । ଉପେନ୍ଦ୍ର କ୍ରୋଧ ମୁକ୍ତ ସ୍ପଷ୍ଟପଣ କରି କହିଛନ୍ତି ଯେ, "ସ୍ୱରଚିତ ସମସ୍ତ କାବ୍ୟ କବିତା, ପ୍ରବନ୍ଧ ନିବନ୍ଧ ଭଳି କବି ସ୍ୱହସ୍ତରେ ନିଜର ଜୀବନ ବୃତ୍ତାନ୍ତ ଲେଖି ଯାଇଛନ୍ତି । କେତେକ ଲୋକଙ୍କର ଧାରଣା ଯେ ଚନ୍ଦ୍ରମଣିଙ୍କର ହସ୍ତ ଅଚଳ ଥିଲା ଏବଂ ସ୍ୱହସ୍ତରେ କିଛି ଲେଖିପାରୁ ନଥିଲେ, ତାଙ୍କର ସମସ୍ତ କାବ୍ୟ-କବିତାଦି ଶ୍ରୁତିଲେଖନ ମାତ୍ର । ଏହା ନିତାନ୍ତ ଭ୍ରାନ୍ତ ଧାରଣା । ଏପରିକି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭଳି ବିଜ୍ଞ ବ୍ୟକ୍ତି ମଧ୍ୟ ଏପରି ଏକ ଅମୂଳକ ଜନଶ୍ରୁତିରେ ଆସ୍ଥା ସ୍ଥାପନ କରି ବିଭ୍ରାନ୍ତ ହୋଇଛନ୍ତି । ପ୍ରକୃତ ପକ୍ଷରେ ଭଗବତକୃପାରୁ କବିଙ୍କର ଦକ୍ଷିଣହସ୍ତ ଜୀବନର ପରିସମାପ୍ତି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା । ଚନ୍ଦ୍ରମଣି ଦୁରାରୋଗ୍ୟ ରୋଗଗ୍ରସ୍ତ ହୋଇଥିଲେ ସୁଦ୍ଧା ଏବଂ ତାଙ୍କ ବାମହସ୍ତର କ୍ରିୟା ବହୁ ପରିମାଣରେ ବ୍ୟାହତ ହୋଇ ପଡିଥିଲେ ସୁଦ୍ଧା, ଦକ୍ଷିଣହସ୍ତ କେବେହେଲେ ଅକର୍ମଣ୍ୟ ହୋଇ ନଥିଲା ।"

('ଜୀବନ ପଞ୍ଜିକା'-ଭୂମିକା)

ଏହା ବ୍ୟତୀତ ତାଙ୍କ କୃତି ଉପରେ ଦିଆଯାଇଥିବା କେତେକ ମନ୍ତବ୍ୟ ମଧ୍ୟ ଏଠାରେ ଉଲ୍ଲେଖନୀୟ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମନ୍ତବ୍ୟ ଅନ୍ୟତ୍ର ପ୍ରସଙ୍ଗକ୍ରମେ ଉଦ୍ଧାର କରାଯାଇଛି ଓ ଆଲୋଚନା ହୋଇଛି । ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ମତ ଦେଇଛନ୍ତି—"କବି ରୂପେ ଚନ୍ଦ୍ରମଣିଙ୍କ ନାମ ରାଧାନାଥ, ମଧୁସୂଦନ ଫକୀରମୋହନ ଓ ଗଙ୍ଗାଧରଙ୍କ ନାମ ଭଳି ଉତ୍କଳର ପୁରପଲ୍ଲୀରେ ଘରେ ଘରେ

ପରିଚିତ । ତାଙ୍କ ବିରାଟ ଗ୍ରନ୍ଥାବଳୀ ହିଁ ଉତ୍କଳର ଭବିଷ୍ୟତ ବଂଶଧରଙ୍କ ପକ୍ଷରେ ତାଙ୍କ ପ୍ରତିଭାର ଶ୍ରେଷ୍ଠ ପରିଚୟସ୍ଥଳ ହେବ ।" କବିବର ରାଧାନାଥ ରାୟ, ଚିନ୍ତାମଣିଙ୍କ ପ୍ରଥମ କାବ୍ୟ 'ମୋହିନୀ' ( ୮୯୫) ଅଧ୍ୟୟନ ପରେ କହିଥିଲେ—"ଉତ୍କଳ ସାହିତ୍ୟରେ ଏହାଙ୍କର ଯେପରି ବ୍ୟୁତ୍ପତ୍ତିର ପରିଚୟ ମିଳିଲା, ତାହା ଅସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଣେ ଗୃହବର୍ତ୍ତୀ ପଞ୍ଚଦଶୋର୍ଦ୍ଧ୍ୱ ବ୍ୟକ୍ତି ପକ୍ଷରେ ଏହା ସାମାନ୍ୟ ଗୌରବାବହ ନୁହେଁ । ନିସର୍ଗଦତ୍ତ ଶକ୍ତିର ସମ୍ୟକ୍ ବିକାଶ କଲେ ଏ ମହାଶୟ ଯଥା ସମୟରେ ଉତ୍କଳରେ କବିକୀର୍ତ୍ତି ସ୍ଥାପନ କରିବାକୁ ସକ୍ଷମ ହେବେ । ('ମୋହିନୀ'-ମୁଖବନ୍ଧ)

ଏମିତି ଆହୁରି କେତେ ମତ, ମତାନ୍ତର, ଅନୁକୂଳ ଓ ପ୍ରତିକୂଳ ବକ୍ତବ୍ୟର ସତ୍ୟତା ପ୍ରତିପାଦନ ପାଇଁ ଚିନ୍ତାମଣି ସାହିତ୍ୟ ଭଣ୍ଡାରକୁ ପ୍ରବେଶ ଓ ଅନୁସନ୍ଧାନ କରିବା ଆବଶ୍ୟକ । ଏହି ଅନୁସନ୍ଧାନ ଅବସରରେ କବିଶେଖର ଆମ ମାନଙ୍କୁ ଯେତିକି ଦୂରେଇ ଯାଉଛନ୍ତି, ତାଙ୍କ କୃତି, କୀର୍ତ୍ତି ଓ ବ୍ୟକ୍ତିତ୍ୱ ଆଧାରିତ ମନ୍ତବ୍ୟ ମଧ୍ୟ ସେତିକି ଆମପାଖରେ କେବଳ ମନ୍ତବ୍ୟ ସ୍ତରରେ ରହିଯାଉଛି । ତା'ର ମାନ ନିର୍ଦ୍ଧାରଣ ସମ୍ଭବ ହେଉନାହିଁ ଓ ବକ୍ତବ୍ୟର ପ୍ରାମାଣିକତା ମିଳି ପାରୁନାହିଁ ।

ଏ କ୍ଷେତ୍ରରେ ମୋର ଏ କ୍ଷୁଦ୍ର ଅବଦାନ ସହାୟତା କରିପାରିଲେ ଶ୍ରମ ସାର୍ଥକ ମଣିବି । ଚିନ୍ତାମଣି ସାହିତ୍ୟ ସମ୍ପର୍କିତ ଓଡ଼ିଆ ସାହିତ୍ୟରେ ଏହା ହିଁ ହେଉଛି ପ୍ରଥମ ଏକକ ବିଧିବଦ୍ଧ ସାହିତ୍ୟ ସମାଲୋଚନା ଗ୍ରନ୍ଥ । ଏଥିରେ ସନ୍ନିବେଶିତ ସମୀକ୍ଷା ଗୁଡ଼ିକ ମଧ୍ୟରୁ କେତୋଟି ଇତଃ ପୂର୍ବରୁ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇ ସୁଧୀ ସମାଜଦ୍ୱାରା ଅଭିନନ୍ଦିତ ହୋଇଛି । ଆଜି ସେହିସବୁ ପତ୍ର ପତ୍ରିକାର ସମ୍ପାଦକଙ୍କୁ ମୁଁ ସାଧୁବାଦ ଜଣାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆଲୋଚନା ଅଭାବରେ କବି କ୍ରମଶଃ ସାଧାରଣ ପାଠକ ସମାଜରୁ ଲୁପ୍ତ ହୋଇ ଯାଉଥିବା ଆଶଙ୍କା କରୁଥିବା କାବ୍ୟ ରସିକ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ହଠାତ୍ କୀର୍ତ୍ତିର ସଂକୀର୍ତ୍ତନ ପ୍ରସଙ୍ଗ ସ୍ମରଣ କରିବା ଉଚିତ । ବିଶ୍ୱକବିର ଗୌରବରେ ଏବଂ ନୋବେଲ ପୁରସ୍କାର ବିଜେତା ଭାବେ ସମ୍ମାନିତ ହେବା ପୂର୍ବରୁ ପ୍ରକୃତରେ ବଙ୍ଗ ସାହିତ୍ୟରେ 'ବାଣୀ' 'କଲ୍ୟାଣୀ'ର କବି ସ୍ୱର୍ଗତ ରଜନୀ କାନ୍ତ ବହୁ ସମ୍ମାନର ଅଧିକାରୀ ହୋଇଥିଲେ । ଦୁଇ ପ୍ରତିଭାବାନଙ୍କୁ କେନ୍ଦ୍ର କରି ଉଭୟ ପକ୍ଷର ସ୍ତାବକମାନଙ୍କ ଭିତରେ କନ୍ଦଳ ସୃଷ୍ଟି ହୋଇଥିଲା । ସେତେବେଳେ ଜାତୀୟ କବିର ସମ୍ମାନ କିଏ ପାଇବେ ଏଥିପାଇଁ ସାହିତ୍ୟ ଜଗତରେ ଆନ୍ଦୋଳନ ଦେଖାଯାଇଥିଲା । ଏପରିକି ବିଶ୍ୱକବିଙ୍କୁ, କବି ଦ୍ୱିଜେନ୍ଦ୍ର ଲାଲଙ୍କଠାରୁ ସ୍ୱଳ୍ପ ଶ୍ରଦ୍ଧା ପ୍ରଦର୍ଶନ କରାଯାଉ ଥିଲା । କବି ଲାଲଙ୍କ "ବଙ୍ଗ ଆମାର, ଜନନୀ ଆମାର, ଏମନ ଦେଶଟି କୋଥାଓ ଖୁଁଜେ ପାବେ ନା କୋ ତୁମି" ପ୍ରଭୃତି ଦେଶାତ୍ମବୋଧ ସଙ୍ଗୀତ ପାଇଁ ତତ୍କାଳୀନ ନେତୃବୃନ୍ଦ ବିଶେଷତଃ ନେତାଜୀ ସୁଭାଷଚନ୍ଦ୍ର ବୋଷ କମ୍ ଶ୍ରଦ୍ଧା ଓ ସମ୍ମାନ ଦେଇ

ନାହାନ୍ତି; ମାତ୍ର ନୋବେଲ ପୁରସ୍କାର ଘୋଷିତ ହେବା ମାତ୍ରେ, ରଜନୀକାନ୍ତ ଓ ଦ୍ୱିଜେନ୍ଦ୍ର ଲାଲଙ୍କ ପ୍ରତିଭା ଆଉ ସମ୍ମାନିତ ହେଲା ନାହିଁ । ସାଧନାର ସୁପ୍ରଭୃର ମ୍ଲାନ ପଡ଼ି ଆସିଲା । ସବୁରି କଣ୍ଠରେ ବିଶ୍ୱକବି ରବୀନ୍ଦ୍ରନାଥ ମୁଖରି ଉଠିଲେ—ଶତ ପ୍ରଶଂସା ଓ ଅଭିନନ୍ଦନରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହେଲେ । ତାଙ୍କ କୃତିର ନିନ୍ଦୁକ ଓ ଅଜ୍ଞ ବ୍ୟକ୍ତିମାନେ ବି ରବୀନ୍ଦ୍ର ପ୍ରତିଭାର ସ୍ତୁତିଗାନରେ ଆତ୍ମ ସନ୍ତୋଷ ଲାଭ କଲେ । ପ୍ରତି ଶବ୍ଦ ଓ ଅକ୍ଷରର ଗୁରୁତ୍ୱ ପ୍ରଚାର କରିବାକୁ କୁଣ୍ଠାବୋଧ କଲେ ନାହିଁ । ଏଠାରେ ରବୀନ୍ଦ୍ରଙ୍କ କାଳଜୟୀ ପ୍ରତିଭାକୁ ଅସ୍ୱୀକାର କରାଯାଉନାହିଁ । ତେବେ ଆମର ବିନମ୍ର ମତ—ନୋବେଲ ପୁରସ୍କାର ଘୋଷଣା ପୂର୍ବରୁ ତାଙ୍କ କୃତିର ସମାଲୋଚନା ଓ ବହୁଳ ପଠନ ହେଉ ନଥିଲା କାହିଁକି ?

ଚନ୍ଦ୍ରମଣି ଯାହା ସୃଷ୍ଟି କରିଛନ୍ତି, ସେହି ବିପୁଳ ସୃଷ୍ଟି ସମ୍ଭାରକୁ କାଳ ହସ୍ତରେ ଅର୍ପଣ କରି ନୀରବ ରହିଛନ୍ତି । କାଳ ହିଁ ଶ୍ରେଷ୍ଠ ବିଚାରକ, ଏ ବିଶ୍ୱାସ ତାଙ୍କର ଥିଲା । ହୁଏତ ସମୟ ଆସିବ, ଯେତେବେଳେ ବିଶ୍ୱକବିଙ୍କ ପରି ଅନୁରୂପ ପରିବେଶ ଓ ପରିସ୍ଥିତି ସୃଷ୍ଟି ହେବ, ସେତେବେଳେ ମହାକାଳର ଅନନ୍ତ ଗର୍ଭକୁ ଭେଦକରି ଚନ୍ଦ୍ରମଣି-ସାହିତ୍ୟ ନୂତନ ରୂପ, ରଙ୍ଗ, ଛନ୍ଦ ଓ ପ୍ରାଣ ପ୍ରାଚୁର୍ଯ୍ୟରେ ପ୍ରଦୀପ୍ତ ହୋଇ ଉଠିବ । ଆନ୍ତର ନୂତନ ଚେତନା ଅଙ୍କୁରିତ ହୋଇ ନବ ସନ୍ଦେଶ ବିତରଣ କରିବ ।

ଏହି ଗ୍ରନ୍ଥ ପ୍ରକାଶ ଦିଗରେ ଉତ୍ସାହ ପ୍ରଦର୍ଶନ କରିଥିବା ବିଶିଷ୍ଟ ପ୍ରକାଶକ ସମ୍ମାନନୀୟ ଶ୍ରୀ ଅନନ୍ତ ମିଶ୍ରଙ୍କୁ କୃତଜ୍ଞତା ଜଣାଉଛି । ଏପରି ଏକ ସମାଲୋଚନା ଗ୍ରନ୍ଥ ପ୍ରକାଶ ପ୍ରସଙ୍ଗ ଉତ୍ଥାପନ ବେଳେ ହଠାତ୍ ସେ କହିଥିଲେ—"ବାସ୍ତବିକ କବିଶେଖରଙ୍କ ସାହିତ୍ୟ ସମ୍ବନ୍ଧରେ ଆଲୋଚନା ଗ୍ରନ୍ଥର ଅଭାବ ରହିଛି । ମୁଁ ତାହା ପ୍ରକାଶ କରିବାର ଦାୟିତ୍ୱ ନେବି । ଆପଣ ପାଣ୍ଡୁଲିପି ପ୍ରସ୍ତୁତ କରନ୍ତୁ ।" ସତରେ, ଏମିତ ଉତ୍ସାହ ଓ ପ୍ରେରଣା ମିଳିଲେ ଆମ ରାଜ୍ୟର କେତେ ବିସ୍ମୃତ ପ୍ରତିଭା ଆଲୋକକୁ ଆସିପାରନ୍ତେ, ତାହା ନିଃସନ୍ଦେହରେ ବୋଲା ଯାଇପାରେ ।

ପାଣ୍ଡୁଲିପି ପ୍ରସ୍ତୁତ ସମୟରେ ସାହିତ୍ୟିକ ମୁରାରିମୋହନ ଜେନା କବି ଚନ୍ଦ୍ରମଣିଙ୍କ ଲିଖିତ କେତୋଟି 'ପତ୍ର' ଓ 'ମାତୃଭୂମି'ର ସଂପାଦକ ଶ୍ରୀ ବିଚିତ୍ରାନନ୍ଦ କର କେତେକ ତଥ୍ୟ ଯୋଗାଇ ଦେଇଥିବାରୁ ଅଶେଷ ଧନ୍ୟବାଦ ଦେଉଛି ।

ଏ ଅବସରରେ ପ୍ରଖ୍ୟାତ ଶିଳ୍ପୀ ଡାଃ ଶ୍ରୀ ଅଜିତ ମୁଖାର୍ଜୀ ଓ ରକେଟ୍ ପ୍ରିଣ୍ଟର୍ସର ବନ୍ଧୁ ଶ୍ରୀ ବିପିନ ବିହାରୀ ଚଣ୍ଡଜିତ୍ ପ୍ରମୁଖ ଅନ୍ୟମାନଙ୍କ ଶୁଭେଚ୍ଛାକୁ ସ୍ମରଣ କରୁଛି ।

ସଂକ୍ଷିପ୍ତ ହେଲେ ବି, ଚନ୍ଦ୍ରମଣିଙ୍କ ସାଧନାର ସମସ୍ତ ଦିଗକୁ ମୋର ସମୀକ୍ଷା ଦୃଷ୍ଟି ପ୍ରସାରିତ କରିବାକୁ ଚେଷ୍ଟା କରିଛି । ତେବେ ଏହା କିପରି ଭାବରେ ଓ କେତେଦୂର ସଫଳ ହୋଇଛି, ତାହା ପରୀକ୍ଷିତ ହେଉ—ଏହାହିଁ ମୋର ଆଶା ।

ମଠସାହି, ଭଦ୍ରକ ।
ଅକ୍ଷୟ ତୃତୀୟା, ୧୯[illegible]

ବିନୀତ
**ଅପୂର୍ବ ରଂଜନ ରାୟ**

# ସମୀକ୍ଷା ସୂଚୀ


୧ । କବି ଚନ୍ଦ୍ରାମଣି : ଏକ ପରିଚୟ ... ୧

୨ । ଭକ୍ତିଭୂମିର ସାର୍ଥକ ଶିଳ୍ପୀ : ଶିଳ୍ପକାର ଚନ୍ଦ୍ରାମଣି ... ୭

୩ । ଉପନ୍ୟାସ କଳା : କଳାକାର ଚନ୍ଦ୍ରାମଣିଙ୍କ ଜୀବନାଲୋକ ... ୧୯

୪ । କାବ୍ୟ-କଳାର କୁଶଳୀ ଶିଳ୍ପୀ : ଚନ୍ଦ୍ରାମଣି ... ୩୮

୫ । ଚନ୍ଦ୍ରାମଣିଙ୍କ ଗଳ୍ପ ଜଗତ : ପରଂପରାର ବାହକ ... ୪୬

୬ । ଗଦ୍ୟ ରଚନା : ଚନ୍ଦ୍ରାମଣିଙ୍କ ସାଧନାର ବିଶିଷ୍ଟ ବିଭାଗ ... ୫୪

୭ । ଜୀବନ ଜିଜ୍ଞାସା : ଅଶ୍ରୁ ସଜଳ କାହାଣୀର ଆତ୍ମଲିପି ... ୬୦

୮ । ଅନ୍ୟ ଏକ ସ୍ୱର ସ୍ୱାକ୍ଷର : ପତ୍ର ଓ 'ଜୀବନ ପଞ୍ଜିକା' ... ୮୨

୯ । ଉପସଂହାର ନୁହେଁ : ଉପୋଦ୍‌ଘାତ .. ୧୫୬

# କବି ଚିନ୍ତାମଣି : ଏକ ପରିଚିତି

ଆଜୀବନ ସାରସ୍ୱତ ସାଧକ କବିଶେଖର ଚିନ୍ତାମଣି ମହାନ୍ତି ହେଉଛନ୍ତି ଉତ୍କଳର ବରପୁତ୍ର କବିବର ରାଧାନାଥ ଯୁଗର ସର୍ବଶେଷ ଶିଳ୍ପକାର । ଦୁରାରୋଗ୍ୟ ବ୍ୟାଧି ପାଇଁ ତାଙ୍କୁ ବହୁ ଦୁଃଖ ଓ ଯନ୍ତ୍ରଣା ଯେପରି ଭୋଗ କରିବାକୁ ହୋଇଥିଲା, ସେପରି ମଧ୍ୟ ଦାରିଦ୍ର୍ୟ ଲାଗି ଅସୀମ ଅଭାବ ଓ ଅନଟନ ଭିତରେ ସେ ଗତି କରିଥିଲେ । ସାହିତ୍ୟ ସାଧନା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲେ ହେଁ, ସଂଗ୍ରାମୀ ପୁରୁଷ ଚିନ୍ତାମଣି ଏହି ଦୁର୍ଗମ ଓ କଣ୍ଟକିତ ପଥକୁ ଅତିକ୍ରମ କରିବାପାଇଁ ଆଜୀବନ ସଂଗ୍ରାମ କରିଛନ୍ତି ।

ବାଲ୍ୟାବସ୍ଥାରେ ପିତୃବିୟୋଗ ଘଟିବାରୁ ସତର ବର୍ଷ ବୟସରେ ପରିବାରର ଭରଣ ପୋଷଣ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା । ସେ ଅଳ୍ପ ବୟସରୁ ଅର୍ଥ ରୋଜଗାରପାଇଁ ଚାକିରି ଜୀବନ ଆରମ୍ଭ କରିଛନ୍ତି । ଅର୍ଥାଭାବରୁ ଚିନ୍ତାମଣି ଅଧିକ ବିଦ୍ୟା ଅଧ୍ୟୟନରୁ ବଞ୍ଚିତ ହୋଇଥିଲେ । ମେଧାବୀ ଛାତ୍ର । ଅଧ୍ୟୟନ ପାଇଁ ତାଙ୍କର ଯଥେଷ୍ଟ ଆଗ୍ରହ ଥାଏ, ମାତ୍ର ଏ ଦିଗରେ ତାଙ୍କୁ ସୁଯୋଗ ମିଳିନାହିଁ ।

ତାଙ୍କ ଜୀବନରେ ଥରେ ଥରେ ଏପରି ଦିନ ଆସି ପହଞ୍ଚିଛି, ଯେଉଁଦିନ ସେ ପେଟପୂରା ଖାଇବାକୁ ପାଇନାହାନ୍ତି । ଆଉ ଦିନେ ଦିନେ ମଧ୍ୟ, ଅର୍ଥାଭାବରୁ ତାଙ୍କୁ ଉପବାସ ରହିବାକୁ ହୁଏ । କାଗଜ କ୍ରୟକରିବା ତାଙ୍କପକ୍ଷେ ଅସମ୍ଭବ ହେବାରୁ ସେ ଲେଖିବା ଲାଗି ଡାକଘରରୁ ଗ୍ରୀପାଫର୍ମକୁ ସେର ଦୁ'ପଇସା ମୂଲ୍ୟରେ କ୍ରୟ କରିଛନ୍ତି । ଆଲୁଅ ଜଳାଇବା ପାଇଁ ସାମର୍ଥ୍ୟର ଅଭାବ ହେତୁ, ବହୁ ସମୟରେ ସେ ବାଇଗବା ଫଳ ରାତିରେ ଜାଳି ସବୁ କାର୍ଯ୍ୟ କରୁଥିଲେ । ବାଉଁଶ କାଠିରେ ନିର୍ମିତ କଲମ ବ୍ୟବହାର କରନ୍ତି । ପାଚିଲା ପୋଇପତ୍ର, ଲଉଣି ରସ ଓ ହାଣ୍ଡିକଳାରେ କାଳି ପ୍ରସ୍ତୁତ କରି ଲେଖୁଥିଲେ ।

ଜୀବନରେ ଅକଥନୀୟ ବେଦନା ଭିତରେ କବି ଚିନ୍ତାମଣି ସାହିତ୍ୟ ସାଧନା କରି, ଓଡ଼ିଆ କାବ୍ୟ ସାହିତ୍ୟକୁ ଅଠର ଖଣ୍ଡ କାବ୍ୟ, ଓଡ଼ିଆ କଥା-ସାହିତ୍ୟକୁ ପାଞ୍ଚୋଟି

ଉପନ୍ୟାସ ଓ ତିନୋଟି ଦୀର୍ଘ ଗଳ୍ପ ଦେଇ ଯାଇଛନ୍ତି । ଏହା ବ୍ୟତୀତ ସେ ଆହୁରି ଅନେକ କବିତା ଓ ଗଳ୍ପ ମଧ୍ୟ ରଚନା କରିଛନ୍ତି ।

ସାଧକର ଜୀବନ ଦୁଃଖମୟ ଏବଂ ସେହି ବ୍ୟଥାଦଗ୍ଧ ପ୍ରାଣରେ ବି ବିଶ୍ୱପାଇଁ କେତେ ଦରଦ ପ୍ରକାଶ ପାଇପାରେ, ତାହା ହିଁ ହେଉଛି, ତାଙ୍କ ସାଧନାମୟ ଜୀବନର ସାକ୍ଷ୍ୟ ।

କବି ଚନ୍ଦ୍ରମଣି କାବ୍ୟ ସାଧନା କ୍ଷେତ୍ରରେ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କୁ ଆପଣାର କବିଗୁରୁ ଭାବରେ ଗ୍ରହଣ କରିଛନ୍ତି । ସେହି ଦୁଇ କବିଙ୍କ କାବ୍ୟ କବିତାର ଛନ୍ଦ, ଶୈଳୀ, ଚିନ୍ତା ଓ ଚେତନା ପ୍ରତି ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଥିଲା । ସେଥିପାଇଁ ଦୁଇ ସ୍ରଷ୍ଟାଙ୍କ କାବ୍ୟ ଉଚ୍ଚାରଣଦ୍ୱାରା ସେ ଅନୁପ୍ରାଣୀତ ହୋଇଥିବା ନିଃସନ୍ଦେହ ।

ଏହି ନୀରବ ସାରସ୍ୱତ ସ୍ରଷ୍ଟା ୧୮୭୭ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ କୁଙ୍କମୂଳାଇଠାରେ ଜନ୍ମଲାଭ କରିଥିଲେ । ଏହି ଗ୍ରାମ ନଣପୁର ଭାବରେ ପରିଚିତ । ପିତାଙ୍କ ନାମ ମଦନ ମୋହନ ଓ ମାତାଙ୍କ ନାମ ନେହମଣି । ଚନ୍ଦ୍ରମଣି ତତ୍କାଳୀନ ଭର୍ଣ୍ଣାକ୍ୟୁଲାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଭର୍ଣ୍ଣାକ୍ୟୁଲାର ସ୍କୁଲରେ ଯେଉଁତବେଳେ ସେ ଛାତ୍ର ଥାଆନ୍ତି, ସେତେବେଳେ ମାସିକ ବେତନ ଦୁଇ ତିନି ଅଣା ଦେଇପାରିବା ତାଙ୍କ ସାମର୍ଥ୍ୟର ବାହାର ଥିଲା । ସେ ମେଧାବୀ ଛାତ୍ର ଥିବାରୁ, ଶିକ୍ଷକମାନଙ୍କର ସୁପାରିସ୍ ଅନୁଯାୟୀ ତାଙ୍କୁ ମାସିକ ବେତନରୁ ଅବ୍ୟାହତି ମିଳିଥାଏ । କୌଣସି ପ୍ରକାରେ ବହୁ କଷ୍ଟ ସ୍ୱୀକାର କରି ସେ ଭର୍ଣ୍ଣାକ୍ୟୁଲାର (ବର୍ତ୍ତମାନର ମଧ୍ୟଇଂରାଜୀ ଶ୍ରେଣୀ ସହ ସମାନ କୁହାଯାଇପାରେ) ପର୍ଯ୍ୟନ୍ତ ଅଧ୍ୟୟନ କଲେ; ମାତ୍ର ଆଉ ଅଧିକ ଅଧ୍ୟୟନ ଲାଗି ତାଙ୍କୁ ସୁଯୋଗ ମିଳିଲାନାହିଁ । ଏହି ସମୟରେ ତାଙ୍କ ପିତା ଇହଧାମ ତ୍ୟାଗ କରନ୍ତି । ସେତେବେଳକୁ ସେ ଅପ୍ରାପ୍ତବୟସ୍କ; କିନ୍ତୁ କର୍ତ୍ତବ୍ୟ ଦୃଷ୍ଟିରୁ ତାଙ୍କୁ ପରିବାରର ଦାୟିତ୍ୱ ବହନ କରିବାକୁ ହେଲା । ଏକାନ୍ନବର୍ତ୍ତୀ ପରିବାର ଭିତରେ ମନାନ୍ତର ସୃଷ୍ଟି ହେବା ଫଳରେ, ଅଶାନ୍ତିର ନିଆଁ ଜୁହୁଳିବାକୁ ଲାଗିଲା । ଚନ୍ଦ୍ରମଣିଙ୍କ ପକ୍ଷେ ଘରୋଇ ସମସ୍ୟା ସମାଧାନ ଦୁରୂହ ବ୍ୟାପାର ମନେହେଲା । ଅଳ୍ପ ବୟସରୁ ଘରୋଇ ଘଟଣା ସହ ଜଡ଼ିତହୋଇ ବହୁ ମାନସିକ ଅଶାନ୍ତି ଅନୁଭବ କଲେ । ଝଡ଼ଝଞ୍ଜା ଓ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ସେ ଗତିକରିବା ସମୟରେ, ତାଙ୍କ ମାତୃଦେବୀ ସବୁ କ୍ଷେତ୍ରରେ ସହାନୁଭୂତି ପ୍ରଦର୍ଶନ କରି ହୃଦୟରେ ସାହସ ସଞ୍ଚାର କରିଛନ୍ତି ।

ଅର୍ଥ ଉପାର୍ଜନ ଲାଗି ଅଳ୍ପବୟସ୍କ ଚନ୍ଦ୍ରାମଣିଙ୍କୁ ଚାକିରିରେ ଯୋଗଦେବାକୁ ହେଲା । ପ୍ରଥମେ ସେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଭାବେ ନିଯୁକ୍ତ ହୁଅନ୍ତି । ତାଙ୍କର କାର୍ଯ୍ୟଦକ୍ଷତା ଓ ଶିକ୍ଷକତା କ୍ଷେତ୍ରରେ ନିଷ୍ଠା ଦେଖି ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ପରେ ତାଙ୍କୁ ଭର୍ଣ୍ଣାକ୍ୟୁଲର ସ୍କୁଲର ପ୍ରଧାନ ଶିକ୍ଷକରୂପେ ନିଯୁକ୍ତ ଦେଲେ । ଏହି ପଦକୁ ଉନ୍ନୀତ ହେବାଦ୍ୱାରା ଶିକ୍ଷକ ଚନ୍ଦ୍ରାମଣି ସାମାନ୍ୟ ଅଧିକ ବେତନ ମଧ୍ୟ ପାଇଲେ ।

ଶିକ୍ଷକତା କାଳରେ ସେ ନିଜକୁ ଜଣେ ଲେଖକ ଭାବରେ ପରିଚିତ କରାଇ ଥିଲେ । ଏହି ସମୟରୁ ଚନ୍ଦ୍ରାମଣିଙ୍କ ସାରସ୍ୱତ ସାଧକ ଜୀବନ ଆରମ୍ଭ ହୁଏ । ଅଳ୍ପ ପାଠ ପଢ଼ିଥିଲେ ମଧ୍ୟ, ସେ ନିଜେ ନିଜେ ଅନେକ ବିଷୟ ଅଧ୍ୟୟନ କରିପାରିଥିଲେ । ଅଧ୍ୟୟନ କରିବାର ସ୍ପୃହା ତାଙ୍କଠାରେ ଯଥେଷ୍ଟ ଥାଏ । ସାହିତ୍ୟ ସୃଷ୍ଟି ସଙ୍ଗେ ସଙ୍ଗେ, ଅନ୍ୟ ସ୍ରଷ୍ଟାମାନଙ୍କର ରଚନା ଅଧ୍ୟୟନ ପ୍ରତି ତାଙ୍କର ଆଗ୍ରହ ଥିଲା । ସେଥିପାଇଁ ସେ ସାହିତ୍ୟ ଅଧ୍ୟୟନ ଲାଗି ମନୋନିବେଶ କରିଥିଲେ । ଏପରିକି ସାହିତ୍ୟ ସାଧନାର ପ୍ରାଥମିକ ଅବସ୍ଥାରେ କ୍ରମାଗତ ଚନ୍ଦ୍ରାମଣି ପ୍ରାୟ ତିନି ବର୍ଷ ଧରି ରାତି ଅନିଦ୍ରା ରହି, ସାହିତ୍ୟ ଅଧ୍ୟୟନ କରିଛନ୍ତି । ଭୋଜନ ଓ ଶୟନରେ ନିୟମିତତା ରକ୍ଷାକରି ହୋଇନାହିଁ । ଉତ୍ସାହର ସହ ସାହିତ୍ୟ ଅଧ୍ୟୟନ କରି ଆନନ୍ଦିତ ହେଉଥିଲେ । ଅନିୟମିତ ଭୋଜନ ଓ ଶୟନ ଦୃଷ୍ଟିରୁ ତାଙ୍କୁ ଦୁରାରୋଗ୍ୟ ବ୍ୟାଧିର ଅଧିକ ଶିକାର ହେବାକୁ ହେଲା । ମୃତ୍ୟୁ ପର୍ଯ୍ୟନ୍ତ ବ୍ୟାଧି ଯନ୍ତ୍ରଣା ସମଗ୍ର ଜୀବନକୁ ଗ୍ରାସକରି, ଯାହା ପଥରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କଲା । ଦାରିଦ୍ର୍ୟ ସହ ବ୍ୟାଧିର କରାଳ ରୂପ ଜୀବନର ସମସ୍ତ ସମ୍ଭାବନାକୁ ଧୂଳିସାତ୍ କରିବାକୁ ବସେ; ମାତ୍ର ସଂଗ୍ରାମୀ ସାଧକ ଚନ୍ଦ୍ରାମଣି ସବୁ ଦୁଃଖ ଓ ବନ୍ଧନକୁ ଅତିକ୍ରମ କରିବା ଲାଗି କଠୋର ସାଧନା କରିଛନ୍ତି । ସେହି ସାଧନାରେ ମଧ୍ୟ ସେ ସଫଳତା ଲାଭ କରିଥିଲେ ।

ଏହି ଶିକ୍ଷକତା ସମୟରେ କବି ରାଧାନାଥ ରାୟଙ୍କ ସହ ତାଙ୍କର ପରିଚୟ ହୁଏ । ସେ ଥାଆନ୍ତି ଶିକ୍ଷାବିଭାଗର ତତ୍କାଳୀନ ଜଣେ ପଦସ୍ଥ କର୍ମଚାରୀ । ସେହି ସୂତ୍ରରୁ ବି ଦୁହିଁଙ୍କ ଭିତରେ ଚିହ୍ନାଜଣା ହୋଇଥିଲା । ଯେତେବେଳେ ସେ ତାଙ୍କ ପ୍ରତିଭା ସହ ପରିଚିତ ହେଲେ, ସେତେବେଳେ ଚନ୍ଦ୍ରାମଣିଙ୍କ ଗୁଣରେ ମୁଗ୍ଧ ହୋଇ ପ୍ରଶଂସା କଲେ । କ୍ରମେ ଦୁହିଁଙ୍କ ଭିତରେ ଆତ୍ମୀୟତା ବୃଦ୍ଧି ପାଇଲା । ରାଧାନାଥଙ୍କ ପ୍ରତି ତାଙ୍କର ଯଥେଷ୍ଟ ଭକ୍ତି ଥାଏ । ସେ ରାଧାନାଥଙ୍କୁ ଖୁବ୍ ସମ୍ମାନ ଦିଅନ୍ତି । କବି ରାଧାନାଥ ମଧ୍ୟ ତାଙ୍କୁ ବହୁ ସ୍ନେହ ଆଦର କରୁଥିଲେ ।

୧୮୮୪ ମସିହାରେ ଚନ୍ଦ୍ରାମଣି ଶିକ୍ଷକତା ଆରମ୍ଭ କରି ୧୯୦୩ ମସିହା ପର୍ଯ୍ୟନ୍ତ ଶିକ୍ଷା ବିଭାଗରେ ଶିକ୍ଷାଦାନ କରିଛନ୍ତି । ୧୯୦୩ରେ ଶିକ୍ଷକତା ଛାଡ଼ି ସାମ୍ବାଦିକ କାର୍ଯ୍ୟରେ

ଯୋଗଦେଲେ । ସ୍ୱାମୀ ମହାନ୍ତିଙ୍କ ଶାସ୍ତ୍ରାଧ୍ୟକ୍ଷ ତଥା ସମ୍ପାଦକତା କାଳରେ ସେ 'ହିତବାଦିନୀ', 'ଉତ୍କଳବାସୀ', 'ସ୍ୱଦେଶ ଲକ୍ଷ୍ମୀ', 'ମନୋରମା' ଓ 'ଜ୍ଞାନଦର୍ପଣ' ପ୍ରଭୃତି ପତ୍ରପତ୍ରିକାର ସମ୍ପାଦନା ଦାୟିତ୍ୱ ବହନ କରି ଜଣେ ଦକ୍ଷ ସମ୍ପାଦକର ପରିଚୟ ଦେଇଥିଲେ ।

୧୯୧୭ ମସିହାରେ ତାଙ୍କ କାବ୍ୟପ୍ରତିଭା ଓ ସାଧନା ଲାଗି ଓଡ଼ିଶାର ବହୁ ଖ୍ୟାତିସମ୍ପନ୍ନ ସାହିତ୍ୟିକଙ୍କ ପରାମର୍ଶକ୍ରମେ, ଏକ ସାହିତ୍ୟ ଉତ୍ସବରେ ତାଙ୍କୁ କବିବର, ଉପାଧିରେ ଭୂଷିତ କରାଯାଇଥିଲା । ପରେ ୧୯୫୭ ମସିହାରେ ସେ 'କବିଶେଖର' ଉପାଧି ମଧ୍ୟ ପାଇଥିଲେ । ମହାରାଜା ବିକ୍ରମଦେବ ବର୍ମାଙ୍କ ଉଦ୍ୟମରେ ଆନ୍ଧ୍ର ଗବେଷଣା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି 'କବିଶେଖର' ଉପାଧି ମିଳିଥିଲା ।

କବି ୧୯୪୭ ମସିହା ଡିସେମ୍ବର ମାସ ୧୬ ତାରିଖରେ ସ୍ୱର୍ଗାରୋହଣ କଲେ । ତା' ପୂର୍ବରୁ ୧୯୩୮ ମସିହାରେ କବିଙ୍କର ସମଗ୍ର ରଚନାବଳୀକୁ ନେଇ ଗ୍ରନ୍ଥାବଳୀ ପ୍ରକାଶ ପାଇ ସାରିଥିଲା । ତାଙ୍କର ବିଭିନ୍ନ ରଚନାବଳୀକୁ ନେଇ ଗ୍ରନ୍ଥାବଳୀର ୪ଟି ଭାଗ ପ୍ରକାଶ ପାଇଛି ।

କବିଶେଖର ଚନ୍ଦ୍ରାମଣି ମହାନ୍ତିଙ୍କୁ ତାଙ୍କର ସମ୍ପର୍କୀୟ ସୋମନାଥ ମହାନ୍ତି ନାମକ ଜଣେ ବନ୍ଧୁବତ୍ସଳ ଉଦାର ହୃଦୟବାନ୍ ବ୍ୟକ୍ତି ଯେପରି ସାହାଯ୍ୟ କରିଛନ୍ତି, ତାହା କେହି କେବେ ଭୁଲି ଯାଇପାରିବନାହିଁ । ଚନ୍ଦ୍ରାମଣି ଶିକ୍ଷକ ଥିବାବେଳେ ସୋମନାଥ ତାଙ୍କ ସହ ସମ୍ପୃକ୍ତ ହେଲେ । ଦୁହିଁଙ୍କ ଭିତରେ ଏପରି ବୁଝାମଣା ଓ ବନ୍ଧୁତା ସୃଷ୍ଟି ହେଲା ଯେ, ଭବିଷ୍ୟତ ଜୀବନରେ କେହି କାହାକୁ ଛାଡ଼ି ପାରିନାହାନ୍ତି । ଯେତେବେଳେ କବି ହାତରେ କଲମ ଧରିବା ଭଳି ସାମର୍ଥ୍ୟ ହରାଇ ବସିଲେ, ସେତେବେଳେ ସୋମନାଥ, ଚନ୍ଦ୍ରାମଣିଙ୍କୁ ଲେଖାଲେଖିରେ ସାହାଯ୍ୟ କରିଥିବା କଥା ନିଜେ କବି ଜୀବିତାବସ୍ଥାରେ ବି ସ୍ୱୀକାର କରିଯାଇଛନ୍ତି । ସୋମନାଥ ଯଦି ତାଙ୍କ ପାଖରେ ନ ଥାଆନ୍ତେ, ତେବେ ତାଙ୍କର ବହୁ ରଚନା ପାଣ୍ଡୁଲିପି ଅବସ୍ଥାକୁ ଆସି ପାରିନଥାଆନ୍ତା ବୋଲି କହିବା ଭୁଲ୍ ହେବନାହିଁ ।

ସେ କୁମାରପୁର ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ପ୍ରାଚୀନ ସାହିତ୍ୟ ସହ ପରିଚିତ ହୋଇ ପାରିଥିଲେ । ୧୯୦୩ ମସିହାରେ ଯେତେବେଳେ କବି ଗଞ୍ଜାମରେ ପହଞ୍ଚିନ୍ତି, ସେତେବେଳକୁ ଓଡ଼ିଶାରେ ନବ ଉଦ୍ଦୀପନା ଖେଳଯାଇଥାଏ । ଉତ୍କଳ ସମ୍ମିଳନୀର ଉପାଦେୟତା ପ୍ରମାଣିତ ହେଉଥାଏ । ସମ୍ମିଳନୀର ଅଭ୍ୟୁତ୍ଥାନ ଆରମ୍ଭ । ଓଡ଼ିଶାର ସ୍ୱାତନ୍ତ୍ର୍ୟ, ଓଡ଼ିଆ ସାହିତ୍ୟ, ଭାଷା ଓ ସଂସ୍କୃତିର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇପାରୁନଥାଏ । ଉତ୍ତରରେ ବଙ୍ଗଳା ଓ ଦକ୍ଷିଣରେ ତେଲୁଗୁ ଭାଷାର ପ୍ରଭାବ ଏବଂ ବଙ୍ଗାଳୀ ଓ ତେଲେଙ୍ଗାମାନଙ୍କର ହୀନ ଚକ୍ରାନ୍ତ ଫଳରେ ଓଡ଼ିଆ ଭାଷା ଉପେକ୍ଷିତ

ହେଉଥାଏ । ଏହି ଆକ୍ରମଣ ଓ ନିର୍ଯ୍ୟାତନାରୁ ଓଡ଼ିଆ ଭାଷାକୁ ସୁରକ୍ଷା କରିବା ଲାଗି ଉଦ୍ୟମ ଚାଲିଥିଲା । ଲାଞ୍ଛିତ ଓଡ଼ିଆ ଜାତି ଗର୍ବ ଗୌରବ ଧରି ସମ୍ମାନିତ ହେବା ପାଇଁ ସଂଗ୍ରାମ ଚଳାଉଥାଏ । ଏହି ସନ୍ଧିକ୍ଷଣ ମୁହୂର୍ତ୍ତରେ କବି ଚନ୍ଦ୍ରମଣି ଗଞ୍ଜାମରେ ଅବସ୍ଥାପିତ । ସେତେବେଳେ ଓଡ଼ିଆ ଆନ୍ଦୋଳନର କେନ୍ଦ୍ରସ୍ଥଳୀ ହୋଇଥିଲା ଗଞ୍ଜାମ । ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଗଞ୍ଜାମ ଓଡ଼ିଆ 'ହିତବାଦିନୀ' ପତ୍ରିକା ତାଙ୍କଦ୍ୱାରା ସମ୍ପାଦିତ ହୁଏ । ଏହିଠାରୁ ତାଙ୍କ ସାହିତ୍ୟ ସାଧନା ବଧିବଦ୍ଧ ଭାବରେ ଆରମ୍ଭ ହେଲା । ଏତେବେଳେ ପାରିପାର୍ଶ୍ୱିକ ପ୍ରେରଣାରେ କବି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ । ଓଡ଼ିଆ ଜାତିର ଗୌରବ ଓ ଓଡ଼ିଆ ଭାଷାର ମହତ୍ତ୍ୱ ତାଙ୍କ ସାହିତ୍ୟରେ ଫୁଟି ଉଠିଲା । ସେଥିପାଇଁ କାଳର ସ୍ୱାକ୍ଷର ତାଙ୍କ ରଚନାରେ ପରିଲକ୍ଷିତ ହୋଇଥାଏ ।

ଚନ୍ଦ୍ରମଣିଙ୍କୁ ତତ୍‌କାଳୀନ ରାଜାମହାରାଜାମାନେ ଖୁବ୍ ଆଦର ଓ ସ୍ନେହ କରୁଥିଲେ । କବିଙ୍କର ନିରାଡ଼ମ୍ବର ଜୀବନ ସାଙ୍ଗକୁ ତାଙ୍କ ପ୍ରତିଭା ଓ ରସିକତାରେ ରସିକ ରାଜା ମହାରାଜାମାନେ ସନ୍ତୁଷ୍ଟ ହୋଇ ଖୁବ୍ ସମ୍ମାନ ପ୍ରଦର୍ଶନ କରନ୍ତି । ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ ତାଙ୍କୁ ପ୍ରତିମାସରେ ତିରିଶ ଟଙ୍କା, ସାହିତ୍ୟିକ ବୃତ୍ତି ସ୍ୱରୂପ ଦେଉଥିଲେ । ରାଜା ଜଣେ କାବ୍ୟରସିକ । ଲେଖାଲେଖି ପ୍ରତି ତାଙ୍କର ଆଗ୍ରହ ଥାଏ । କବି ଚନ୍ଦ୍ରମଣିଙ୍କ ଉତ୍ସାହ ଓ ପ୍ରେରଣାରେ ସେ ସାହିତ୍ୟ ସୃଷ୍ଟି କରୁଥିଲେ । ଚନ୍ଦ୍ରଚୂଡ଼ାମଣି ଯାହା ରଚନା କରନ୍ତି, ତାହା କବି ଚନ୍ଦ୍ରମଣିଙ୍କୁ ସଂଶୋଧନ ଲାଗି ଦିଅନ୍ତି । ଆବଶ୍ୟକୀୟ ସଂଶୋଧନ ସହ ରଚନାର ମାର୍ଜିତ ରୂପ ପାଇଁ କବି ପରାମର୍ଶ ଦେଉଥିଲେ । ଏହି ସୂତ୍ରରୁ ଉଭୟଙ୍କ ଭିତରେ ପ୍ରୀତିପୂର୍ଣ୍ଣ ସମ୍ପର୍କ ରହିଥାଏ । ସାହିତ୍ୟ ସାଧନା କ୍ଷେତ୍ରରେ ରାଜା ଚନ୍ଦ୍ରଚୂଡ଼ାମଣି କବିଙ୍କୁ ଯଥେଷ୍ଟ ସହାୟତା ଦେଇଛନ୍ତି ।

ବିଶ୍ୱର ସମସ୍ତଙ୍କୁ ଆପଣାର କରିନେବାକୁ କବି ତତ୍ପର ହେଉଥିଲେ । ସେ ଜୀବନରେ କାହାକୁ ହେୟ ମନେ କରନ୍ତିନାହିଁ । କବି ଦୃଷ୍ଟିରେ ଯେପରି ସାନବଡ଼ର ବିଚାର ନ ଥାଏ, ସମସ୍ତଙ୍କୁ ସେ ସମାନ ଭାବରେ ସ୍ନେହ କରେ—ସମ୍ମାନ ଦିଏ, ଠିକ୍ ସେପରି ଚନ୍ଦ୍ରମଣିଙ୍କ ଦୃଷ୍ଟିକୋଣ ମଧ୍ୟ ସୀମିତ ପରିସର ଭିତରେ ଆବଦ୍ଧ ନ ଥିଲା । କାହାରିକୁ ସେ ଶତ୍ରୁ ବୋଲି ଭାବନ୍ତି ନାହିଁ । ସମସ୍ତଙ୍କୁ ବନ୍ଧୁ ଭାବି ଦୁଃଖ ଅଭାବ ଅନଟନ ଭୁଲି ସେମାନଙ୍କ ସହ ମିଶି ଯାଉଥିଲେ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କବିଶେଖର ଚନ୍ଦ୍ରମଣିଙ୍କ ସମ୍ପର୍କରେ କହନ୍ତି—'ସଂସାରରେ ଘର କରି ବିଦ୍ୱେଷ, ଶତ୍ରୁତା ପ୍ରଭୃତି ନିଶ୍ଚୟ ଥିବ; କିନ୍ତୁ କେବେହେଲେ ସେ କାହାରି ସମ୍ବନ୍ଧରେ କିଛି କହନ୍ତି ନାହିଁ । ଜଗତଯାକ ଯେପରି ତାଙ୍କର ପରମ ମିତ୍ର, ପ୍ରତ୍ୟେକ ଲୋକ ଯେପରି ଭଲ ଓ ଗୁଣୀ । କବିହେଲେ ବ୍ୟକ୍ତିଗତ ବିରାଗ ଯେ ପ୍ରାଣରୁ ଉଭାଇ ଯାଏ, କବି କାହାରିକୁ ସାନକରି

ଦେଖିପାରେ ନାହିଁ, କାହାରିକୁ ହେୟଜ୍ଞାନ କରେନାହିଁ—ଏକଥା ଚନ୍ଦ୍ରାମଣିଙ୍କଠାରେ ମୁଁ ଦେଖିଛି ।' *

କବି ଚନ୍ଦ୍ରାମଣି ରାଧାନାଥଙ୍କର ପରମ ଭକ୍ତ ଥିଲେ ସୁଦ୍ଧା, କବିସମ୍ରାଟ ଉପେନ୍ଦ୍ର-ଭଞ୍ଜଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ରହିଥିଲା । ଭଞ୍ଜସାହିତ୍ୟରେ ତାଙ୍କର ପ୍ରବେଶ ଥାଏ । ଉପେନ୍ଦ୍ର ଭଞ୍ଜଙ୍କୁ ଭଲଭାବରେ ବୁଝିବା ଲାଗି ତାଙ୍କ ମନରେ ଆଗ୍ରହ ରହିଥିବାର ପ୍ରମାଣ ମିଳିଛି । ଭଞ୍ଜ ସାହିତ୍ୟର ସେ ଥିଲେ ଜଣେ ବଡ଼ ସ୍ତାବକ । ପ୍ରତିଦିନ ରାତି ନପାହୁଣୁ ସେ ନିଦରୁ ଉଠି, ସାହିତ୍ୟ ସାଧନା କରୁଥିଲେ । ନିତ୍ୟକର୍ମ କରିବା ପୂର୍ବରୁ ଉପେନ୍ଦ୍ର ଭଞ୍ଜଙ୍କର କେତୋଟି ପଦ ନିଜେ ଗାନ କରନ୍ତି । ଏହା ଥିଲା ତାଙ୍କ ପ୍ରତିଦିନର କାର୍ଯ୍ୟ ।

ଅଭିନେତା ପରି କବିଶେଖର ଚନ୍ଦ୍ରାମଣି ଅଭିନୟ କରିଛନ୍ତି । ସେହି ଅଭିନୟ ପୁଣି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର; କିନ୍ତୁ ସେସବୁ ଅଭିନୟକୁ ସହୃଦୟତାର ସହି ଦର୍ଶନ କରିପାରିଲେ, ତାଙ୍କ ଜୀବନ-ଯାତ୍ରା ସମ୍ପର୍କରେ ଧାରଣା କରିହୁଏ ।

ଆଜୀବନ ସାଧକ ସେ । ସାଧନା ଭିତରେ ସକଳ ବ୍ୟର୍ଥତା, ଅଶ୍ରୁ, ଅବଶୋଷ ଓ ବେଦନାକୁ ସେ ପାସୋରି ଯାଇଥିଲେ । ବାଣୀ ଆରାଧନା କରି କବି ଏକ ନୂତନ ଜଗତର ସନ୍ଧାନ ପାଇଛନ୍ତି । ସେହି ଜଗତରୁ ସେ ସ୍ୱର୍ଗୀୟ ଆନନ୍ଦ ଲାଭ କରିଥିଲେ ।

* ('ଡଗର'ର ଚନ୍ଦ୍ରାମଣି ସ୍ମୃତି ସଂଖ୍ୟା । ୧୯୪୪ ମସିହା ୭ମ ବର୍ଷ ୧୫ ସଂଖ୍ୟା)

# ଭିତ୍ତିଭୂମିର ସାର୍ଥକ ଶିଳ୍ପୀ: ଶିଳ୍ପକାର ଚିନ୍ତାମଣି

ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ଓ ବିଂଶ ଶତାବ୍ଦୀର ଊଷାକାଳରେ କବିବର ଚିନ୍ତାମଣି ସାହିତ୍ୟ ସାଧନା ଆରମ୍ଭ କରନ୍ତି । ସ୍ୱଳ୍ପ ଶିକ୍ଷାଗତ ଯୋଗ୍ୟତାକୁ ସମ୍ବଳ କରି ସେ ସାରସ୍ୱତ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ; ମାତ୍ର ବିପୁଳାୟତନ ସାହିତ୍ୟ ରଚନାରେ କବି ଯେଉଁ ସ୍ୱାକ୍ଷର ରଖି ଯାଇଛନ୍ତି, ତାହା ଚିନ୍ତାକଲେ ଆଶ୍ଚର୍ଯ୍ୟ ବୋଧହୁଏ । କବି ରାଧାନାଥ ତାଙ୍କ ସାହିତ୍ୟ ସାଧନାରେ ମୁଗ୍ଧହୋଇ ଏକଦା କହିଥିଲେ—"ଉତ୍କଳ ସାହିତ୍ୟରେ ଚିନ୍ତାମଣିଙ୍କର ଯେପରି ବ୍ୟୁତ୍ପତ୍ତିର ପରିଚୟ ପାଇଲି, ତାହା ଅସାଧାରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ଗ୍ରାମ୍ୟବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ପକ୍ଷରେ ଏହା ସାମାନ୍ୟ ଗୌରବାବହ ନୁହେଁ ।" କବି ଜୀବନୀ ଚର୍ଚ୍ଚା ପରେ, ତାଙ୍କ ସାହିତ୍ୟ ଜଗତ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ, ଏ ମନ୍ତବ୍ୟର ସତ୍ୟତା ଅନୁଭବ କରିହୁଏ ।

ଏକଥା ସ୍ୱୀକାର କରିବାକୁ ହେବ ଯେ, ଯେତେବେଳେ ଚିନ୍ତାମଣି ଗ୍ରାମ୍ୟ ଥାଆନ୍ତି, ସେତେବେଳେ ସେ ବିଧିବଦ୍ଧ ଭାବରେ ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନ କରିବାର ସୁଯୋଗ ପାଇନଥିଲେ । ପୁଣି ମଧ୍ୟ ଯେଉଁ ସମୟରେ ଜୀବିକା ଭାବରେ ଶିକ୍ଷକତାକୁ ଗ୍ରହଣ କଲେ, ସେତେବେଳେ ବି ସୁଦ୍ଧା ବିଧିବଦ୍ଧ ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନ ଲାଗି ସେ ସୁବିଧା ସୁଯୋଗ ପାଇପାରିଲେ ନାହିଁ; ମାତ୍ର ସାହିତ୍ୟ ଅନୁସନ୍ଧିତ୍ସୁ ଚିନ୍ତାମଣି ଏଥିପାଇଁ ବହୁ ଆଗ୍ରହୀ ଥିଲେ । ସେ ଇଂରାଜୀ ସାହିତ୍ୟ ପ୍ରତି ଯେ ଅନ୍ଧ ଥିଲେ, ତାହା ବି ବୋଲିବା ତାଙ୍କ ପାଇଁ ଅନ୍ୟାୟ ହେବ । ନିଜେ ନିଜେ କିଛି କିଛି ଇଂରାଜୀ ସାହିତ୍ୟ ପଢ଼ିଛନ୍ତି । ସଂସ୍କୃତ ସାହିତ୍ୟ ପ୍ରତି ଶ୍ରଦ୍ଧା ଥିବାରୁ ତାକୁ ମଧ୍ୟ ସେ ଜାଣିଥିଲେ । ଇଂରାଜୀ ସାହିତ୍ୟରେ ବିଶେଷ ପ୍ରବେଶ କରି ନ ଥିଲେ ବି ସୁଦ୍ଧା, ଇଂରାଜୀ ଭାଷାର ଗଳ୍ପ, କବିତା ଓ ଅନ୍ୟାନ୍ୟ ରଚନା କିଛି କିଛି ଅଧ୍ୟୟନ କରି ଆତ୍ମସନ୍ତୋଷ ଲାଭ କରିଥିଲେ; କିନ୍ତୁ ପାଶ୍ଚାତ୍ୟ ସାହିତ୍ୟ ସହ ବିଶେଷ ସମ୍ପର୍କ ସ୍ଥାପନ ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବାରୁ, ସେସାହିତ୍ୟର ଗତି ଓ ପ୍ରକୃତି ସମ୍ପର୍କରେ ଚିନ୍ତାମଣି ଅବହିତ ନ ଥାଆନ୍ତି । ତେଣୁ

ପାଶ୍ଚାତ୍ୟ ସାହିତ୍ୟରୁ ସେ ଆଉ କିପରି ବା ସାରମର୍ମ ଗ୍ରହଣ କରିପାରିଥାଆନ୍ତେ ! ତାଙ୍କ ସାହିତ୍ୟ ସୃଷ୍ଟିରେ ପାଶ୍ଚାତ୍ୟର ଆଦର୍ଶ ଓ ଦର୍ଶନ ଅନୁକରଣୀୟ ହୋଇ ପାରିଲାନାହିଁ । ଫଳତଃ କବି ଆପଣାର ମୌଳିକତା ଭିତରେ ଆବଦ୍ଧ ହୋଇ ରହିଗଲେ । ସେ ମୌଳିକତାରେ ରାଧାନାଥ ଓ ମଧୁସୂଦନଙ୍କର ସ୍ୱର ସ୍ପଷ୍ଟ ହୋଇଉଠିଲା । ପୁରାତନ ଓଡ଼ିଆ କାବ୍ୟ ସାହିତ୍ୟର ଆଦର୍ଶ ତାଙ୍କ ରଚନାରେ ପରିଲକ୍ଷିତ ହେଲା ।

ଯେତେବେଳେ ଚନ୍ଦ୍ରମଣି ସାହିତ୍ୟ ସାଧନା ଆରମ୍ଭ କରନ୍ତି, ସେତେବେଳେ ତାଙ୍କ ପାଖରେ ଓଡ଼ିଆ ପରମ୍ପରା ସୁଦୃଢ଼ ଆସନ ମାଡ଼ି ବସିଲା । ପରମ୍ପରାର ପ୍ରାଚୀର ଭିତରେ ଆବଦ୍ଧ ହେଲେ । ସାଧନା କ୍ଷେତ୍ରରେ ଆଉ କେଉଁଠୁ ବା ସେ ଉପାଦାନ ପାଇ ଥାଆନ୍ତେ ! କବିଚିତ୍ତ ସମ୍ପ୍ରସାରିତ ହେଲା ଓଡ଼ିଆ ଭାଷାର ପ୍ରାଚୀନ ପୁରାଣ ସାହିତ୍ୟ ଆଡ଼କୁ । ତା' ସହିତ ପ୍ରାଚୀନ ଓଡ଼ିଆ କାବ୍ୟ ପ୍ରତି ତାଙ୍କର ମଧ୍ୟ ଅସୀମ ଆକର୍ଷଣ ବୃଦ୍ଧି ପାଇଲା । ସେତେବେଳକୁ ଆଧୁନିକ ଓଡ଼ିଆ ସାହିତ୍ୟର ଦୁଇ ସ୍ରଷ୍ଟା କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କ ସୃଷ୍ଟି ଓଡ଼ିଆ ସାହିତ୍ୟରେ ଜାଜ୍ୱଲ୍ୟମାନ ହେଉଥାଏ । ତେଣୁ ସେହି ଜାଜ୍ୱଲ୍ୟମାନ ଜ୍ୟୋତିରେ କବି ଚନ୍ଦ୍ରମଣିଙ୍କ ସାଧନା ହେଲା ଆଲୋକିତ । ଫଳତଃ, ଦୁଇ ସାଧକ ଯେଉଁ ଦିଗ୍‌ଦର୍ଶନ ଦେଇଥିଲେ, ସେହି ଦିଗ୍‌ଦର୍ଶନକୁ ପାଥେୟ କରି ଚନ୍ଦ୍ରମଣି ଅଗ୍ରସର ହେବା ସ୍ୱାଭାବିକ ।

ଏହା ସ୍ପଷ୍ଟ ଯେ, ଚନ୍ଦ୍ରମଣିଙ୍କ ପାଇଁ ସାହିତ୍ୟ-ଜ୍ଞାନ ଆହରଣର ଦୁଇଟି ମାଧ୍ୟମ ଥାଏ । ଓଡ଼ିଆ ଭାଷାର ପୁରାଣ ଓ ପ୍ରାଚୀନ କାବ୍ୟ ସାହିତ୍ୟ ହେଉଛି ଗୋଟିଏ ମାଧ୍ୟମ । ରାଧାନାଥ ଓ ମଧୁସୂଦନଙ୍କଦ୍ୱାରା ରଚିତ ହୋଇଥିବା ସାହିତ୍ୟ ହେଉଛି ଅନ୍ୟ ଗୋଟିଏ ମାଧ୍ୟମ ।

କବି ଗଙ୍ଗାଧର ଯେପରି ପୁରାଣ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ପୌରାଣିକ ସତ୍ୟ ଉପରେ ଲେଖନୀ ଚାଳନା କରିଛନ୍ତି, ଠିକ୍ ସେପରି କବି ଚନ୍ଦ୍ରମଣି ମଧ୍ୟ ପୁରାଣ ସାହିତ୍ୟ ଅଧ୍ୟୟନ କରି ପୌରାଣିକ କଥାବସ୍ତୁକୁ ରଚନାରେ ଭିତ୍ତିଭୂମି କରିଥିବାର ଲକ୍ଷ୍ୟ କରାଯାଏ । ସାହିତ୍ୟ ସୃଷ୍ଟିର ପ୍ରଥମ ଅବସ୍ଥାରୁ ସେ ପୌରାଣିକ ବିଷୟବସ୍ତୁ ଓ ଚରିତ୍ର ଉପରେ ଗୁରୁତ୍ୱ ଦେଇଛନ୍ତି । ତାହାର ପ୍ରମାଣ ହେଉଛି—'ସୁଗ୍ରୀବ ସହିତ ରାମଚନ୍ଦ୍ରଙ୍କର ମିତ୍ରତା' । ଏହି ରଚନାଟି କବିଙ୍କର ପ୍ରଥମ କବିତା ବୋଲି ଜଣାଯାଇଛି । ଏହାର କଥାବସ୍ତୁ ପୁରାଣରୁ ଗୃହୀତ ଓ ରଚନା ଶୈଳୀ ପ୍ରାଚୀନ କାବ୍ୟ ପରମ୍ପରା ଅନୁସୃତ । ଏ ସମୟରେ ଚନ୍ଦ୍ରମଣି ମାତ୍ର ୨୦ ବର୍ଷ ବୟସ୍କ ଯୁବକ । ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । କବିଙ୍କର ପ୍ରକାଶିତ 'ମୋହିନୀ' କାବ୍ୟ ଗ୍ରନ୍ଥ ଏ ପ୍ରସଙ୍ଗକୁ ଅଣାଯାଇପାରେ । ଏହା ହେଉଛି ତାଙ୍କର ପ୍ରଥମ ମୁଦ୍ରିତ ଗ୍ରନ୍ଥ ।

ଗ୍ରନ୍ଥଟି ପୌରାଣିକ କଥାବସ୍ତୁର ଭିତ୍ତିଭୂମିରେ ରଚିତ । ଛନ୍ଦରେ କୌଣସି ନୂତନତା ନାହିଁ । ପୌରାଣିକ ଚେତନା ଭିତରେ ରଚନା ଗଢ଼ି ଉଠିଛି । ଏଥିରୁ ମନେହୁଏ, କବି ପ୍ରାଥମିକ ଅବସ୍ଥାରେ ପୁରାଣ ସାହିତ୍ୟକୁ ନିଜର ଆଦର୍ଶ କରିଥିଲେ । ସାଧନାର ପ୍ରଥମ ସୋପାନରେ ପୌରାଣିକ ଚିନ୍ତାଧାରା ତାଙ୍କ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ପ୍ରେରଣାର ଉତ୍ସ ମଧ୍ୟ ତାଙ୍କ ସାଧନାମୟ ଜୀବନରେ ଦୃଷ୍ଟିଗୋଚର ହୋଇଥାଏ ।

ଭବଧାରା ପୁରାଣରୁ ମୁକ୍ତ ହେଲା । ଛନ୍ଦ ଓ ଭାଷା ସଂଯୋଜନା କ୍ଷେତ୍ରରେ ରାଧାନାଥଙ୍କୁ ଆଶ୍ରୟ କରାଗଲା । ତେଣୁ ଉଭୟ ପ୍ରେରଣା ଉତ୍ସରେ ଉଦ୍‌ବୁଦ୍ଧ ହୋଇ ସେ ଯାହା ସୃଷ୍ଟି କଲେ, ସେଥିରେ ମିଳିତ ସୁରଭି ଅନୁଭୂତ ହେଲା । କବି ରାଧାନାଥଙ୍କୁ କେତେ ଶ୍ରଦ୍ଧା କରନ୍ତି ଏବଂ କବି ଚନ୍ଦ୍ରାମଣି ତାଙ୍କର ଯେ ଜଣେ ବଡ଼ ସ୍ତାବକ ତାହା ସହଜରେ କଳନା କରିହୁଏ ।

"ଗନ୍ଧାମୋଦେ ଅନ୍ଧ ହୋଇ ଅଳିକୁଳ
ଗୁଞ୍ଜରି ବାସକୁ କରନ୍ତି ଆକୁଳ ।"

କବି ରାଧାନାଥଙ୍କର ଏହି ପଦ ପଢ଼ିସାରିଲା ପରେ ପୁଣି ଯେତେବେଳେ ପାଠକ କବି ଚନ୍ଦ୍ରାମଣିଙ୍କ ରଚିତ—

"ଅଙ୍ଗ ସୌରଭେ ଅନ୍ଧ ହୋଇ ଅଳି
ତେଜି ପୁଷ୍ପ-ମକରନ୍ଦ,
ଗୁଞ୍ଜରି ଧାଆଁନ୍ତି ବାଳା ପଛେ ପଛେ
ଅନୁସରି ମଧୁଗନ୍ଧ ।"

ପଦଟି ପଢ଼େ, ସେତେବେଳେ ଅନୁକରଣର ସ୍ପଷ୍ଟ କାଳାକୁ ହୃଦୟଙ୍ଗମ କରିପାରେ । ବର୍ଣ୍ଣନାକାଳରେ ସେ ରାଧାନାଥଙ୍କୁ ସଂପୂର୍ଣ୍ଣ ଗ୍ରହଣ କରିଛନ୍ତି । [ ଏମିତି ବି ହୁଏତ ହୋଇ ପାରିଥାଏ, ସେ ରାଧାନାଥ ସାହିତ୍ୟର ଜଣେ ନିରବଚ୍ଛିନ୍ନ ପାଠକ ଥିବାରୁ ଅଜାଣତରେ ରାଧାନାଥୀୟ ଶୈଳୀ ତାଙ୍କ ରଚନାରେ ପ୍ରବେଶ କରିଆସିଛି । ]

ପୌରାଣିକ ଭାବନା ପ୍ରତି ଆକୃଷ୍ଟ ହୋଇ କବି ପୌରାଣିକ କଥାବସ୍ତୁକୁ ଭିତ୍ତିକରି ସାହିତ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ, ଅନ୍ୟାନ୍ୟ ବିଷୟକୁ ଆଧାର କରି ସାହିତ୍ୟ ମଧ୍ୟ ସୃଷ୍ଟି କରିଥିଲେ; କିନ୍ତୁ ସବୁ ସୃଷ୍ଟି ମୂଳରେ ସେହି ପୌରାଣିକ, ଧର୍ମୀୟ ଚିନ୍ତାଧାରା ପ୍ରଚ୍ଛନ୍ନ ଭାବରେ ନିହିତ । ସେହି ଆଦର୍ଶବାଦର ବ୍ୟୂହ ଭେଦ-

କରିବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । ଇତିହାସ, ସମାଜ ଓ ପ୍ରକୃତିରୁ ଉପାଦାନ ସଂଗ୍ରହ କରିଥିଲେ ସୁଦ୍ଧା, ପୌରାଣିକ ଆବେଗ ତାଙ୍କୁ ଧର୍ମଧାରା ଭିତରେ ବୁଡ଼ାଇ ରଖିଛି । ସେଥିପାଇଁ ନୈତିକତାର ଆଦର୍ଶବୋଧ ତାଙ୍କ ସାହିତ୍ୟ ସୃଷ୍ଟିରେ ସ୍ୱତନ୍ତ୍ର ସ୍ଥାନ ଦାବୀ କରିଥାଏ । ଧର୍ମ ଓ ଦର୍ଶନର ଚିତ୍ର ଚନ୍ଦ୍ରମଣିଙ୍କ ସକଳ ସୃଷ୍ଟିରେ ଅଙ୍କିତ ହୋଇଛି ।

ଜାତିର ମହନୀୟ ପରମ୍ପରା, ଗୌରବାବହ ଐତିହ୍ୟ ଓ ଜାତୀୟତା ପ୍ରତି କବି ଧ୍ୟାନ ଦେଇଛନ୍ତି । ଜାତିକୁ ଉନ୍ନତତର କରିବାଲାଗି ଏସବୁର ସ୍ୱରୂପ ହୃଦୟଙ୍ଗମ କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଏହାର ସୁରକ୍ଷା ଜାତି ପ୍ରତି ସମ୍ମାନର ବିଷୟ । ସେ ଏଥିପ୍ରତି ସଜାଗ ରହିଥିଲେ । କବି ରାଧାନାଥଙ୍କର ବହିଃଚେତନା ପ୍ରତି ଧ୍ୟାନଦେଇ ଚନ୍ଦ୍ରମଣି ଏମନ୍ତ ଧାରା ସୃଷ୍ଟି କରିଥିବା ମନେହୁଏ । ରାଧାନାଥଙ୍କ ସୃଷ୍ଟିରେ ଅତୀତର ପ୍ରେରଣା, ଦେଶାତ୍ମବୋଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରୀତିର ପଟାନ୍ତର ନାହିଁ । ଏହା ହେଉଛି ତାଙ୍କର ବହିରାବରଣ । ରାଧାନାଥ ଜାତୀୟତାବୋଧର ଚିତ୍ର ଅଙ୍କନ କରି ନୀରବ ନ ଥିଲେ । ଗୌରବାବହ ଇତିହାସ ଆଡ଼କୁ ସେ ଯେତିକି ଦୃଷ୍ଟି ଦେଇଛନ୍ତି, ମାନବୀୟ ସତ୍ୟ ପ୍ରତି କବି ମଧ୍ୟ ସେମିତି ଗୁରୁତ୍ୱ ଆରୋପ କରିଛନ୍ତି । ସେ ଦୃଷ୍ଟିରୁ ମାନବ ଜୀବନର ଚିରନ୍ତନ ସ୍ୱର ଅବହେଳିତ ହୋଇନାହିଁ । ବରଂ ତାହା ଶୃଙ୍ଖଳିତ ଓ ରୁଚିକର ପରିବେଶ ଭିତରେ ଅଧିକ ଶୁଣାଯାଇଛି । ଏମନ୍ତ କି ରାଧାନାଥ ବହୁ କ୍ଷେତ୍ରରେ ଏହି ସତ୍ୟ ଉନ୍ମୋଚନ କରିବାକୁ ଯାଇ ଇତିହାସରେ କଳଙ୍କ ଲେପିବା ଲାଗି ପଶ୍ଚାତ୍‌ପଦ ହୋଇ ନ ଥିଲେ । ଏ କ୍ଷେତ୍ରରେ 'ପାର୍ବତୀ' ଓ 'ନନ୍ଦିକେଶ୍ୱରୀ' କାବ୍ୟ ଦୁଇଟିକୁ ଉଦାହରଣ ସ୍ୱରୂପ ନିଆଯାଇ ପାରେ । ଯେତେବେଳେ ରାଧାନାଥ ଚରିତ୍ର ଚିତ୍ରଣ କରୁଛନ୍ତି, ସେତେବେଳେ ଇହଜଗତର ମାନବ ଜୀବନରେ ପୂର୍ଣ୍ଣ ହୋଇ ରହିଥିବା ତ୍ରୁଟି, ଦୁର୍ବଳତା, ଅଶୋଭନୀୟତା ଓ କୁତ୍ସିତ ରୂପ ପ୍ରକାଶିତ ହେଉଛି । ସତ୍ୟ ଓ ବାସ୍ତବ ଚିତ୍ର ଅଙ୍କିତ ହେବା ସମୟରେ ରାଧାନାଥ ଜାତୀୟ ଐତିହ୍ୟକୁ ମର୍ଯ୍ୟାଦାବନ୍ତ ସ୍ଥାନ ଦେଉନାହାନ୍ତି । ସେତେବେଳେ ସତ୍ୟର ବାସ୍ତବ ରୂପ ଉଦ୍‌ଘାଟନ ହିଁ ମୂଳ କଥା ହେଉଛି; ମାତ୍ର କବିଶେଖର ଚନ୍ଦ୍ରମଣିଙ୍କ ଦୃଷ୍ଟିକୋଣରେ ପାର୍ଥକ୍ୟ ଅନୁଭବ କରିହୁଏ । ସେ କାବ୍ୟ ରଚନା ସମୟରେ ଇତିହାସ ଓ ପୁରାଣରୁ କଥାବସ୍ତୁ ଆଣି ସୁଦ୍ଧା, ଜାତୀୟତା-ବୋଧକୁ ଅବହେଳା କରିନାହାନ୍ତି । ତାଙ୍କ ରଚିତ ପୌରାଣିକ ଓ ଐତିହାସିକ କାବ୍ୟଗୁଡ଼ିକ ଅନୁଧ୍ୟାନ କଲେ ଏ ସତ୍ୟ ପ୍ରମାଣିତ ହେବ । ଜାତୀୟତାର ଉଜ୍ଜ୍ୱଳ ପରମ୍ପରା ହ୍ରାସ ନ ହେଉ, ସେଥିପାଇଁ କବି ସଚେତନ ରହିଛନ୍ତି । ଜାତୀୟ ସମ୍ମାନ ବୃଦ୍ଧି ପାଇଁ ବୀରର ଶୌର୍ଯ୍ୟ ଓ ବୀର୍ଯ୍ୟର ପରାକାଷ୍ଠା ପ୍ରତିପାଦିତ ହୋଇଛି ତାଙ୍କ ପୌରାଣିକ ଓ ଐତିହାସିକ କାବ୍ୟ ଗୁଡ଼ିକରେ ।

ଚନ୍ଦ୍ରମଣିଙ୍କର କବିଗୁରୁ ଭାବରେ କବିବର ରାଧାନାଥ, ତାଙ୍କ ଜୀବନରେ ସ୍ମରଣୀୟ ଆସନ ଦାବୀ କରନ୍ତି । ସେ ମଧ୍ୟ ତାଙ୍କର ଥିଲେ ଦିଗ୍‌ଦର୍ଶକ ଓ ପ୍ରେରଣା ଦାତା; ମାତ୍ର ଚନ୍ଦ୍ରମଣି, ରାଧାନାଥଙ୍କଠାରୁ କେତୋଟି ଦିଗରେ ପାର୍ଥକ୍ୟ ମନେ ହୁଅନ୍ତି ।

ଟ୍ରାଜିକ୍ ଶିଳ୍ପୀ ଭାବରେ ରାଧାନାଥ ଟ୍ରାଜେଡ଼ିର ଶିଳ୍ପସମ୍ପଦକୁ ସୁସଜ୍ଜିତ କରିଛନ୍ତି । ସେ ଏହି ଶିଳ୍ପରେ ନିଜକୁ ଜଡ଼ିତ କରି, ଟ୍ରାଜିକ ଚେତନାରୁ ମୁକ୍ତି ପାଇନାହାନ୍ତି । ଫଳରେ ସ୍ରଷ୍ଟାର ଜୀବନର ଟ୍ରାଜେଡ଼ିର ସ୍ୱର ଝଙ୍କାର ଶୁଣିବାକୁ ମିଳିଛି । ଟ୍ରାଜିକ୍ ସ୍ରଷ୍ଟାର ଜୀବନାଦର୍ଶ ସୃଷ୍ଟିରେ ପ୍ରତିଫଳିତ ହେବା ସ୍ୱାଭାବିକ ହୋଇପଡ଼ିଛି । ଆଧୁନିକ ସାହିତ୍ୟର ଜଣେ ବିଶ୍ୱସ୍ତ ପ୍ରବର୍ତ୍ତକ ଭାବରେ କବି ରାଧାନାଥଙ୍କୁ ଏ କ୍ଷେତ୍ରରେ ବିଶିଷ୍ଟ ମର୍ଯ୍ୟାଦା ଦିଆ ଯାଇଥାଏ । କବିଙ୍କ କାବ୍ୟ-ସଂସାରର ଏ ହେଉଛି ଆତ୍ମିକସମ୍ପଦ; ମାତ୍ର କବି ରାଧାନାଥଙ୍କ ପରେ, ଯେଉଁମାନେ ତାଙ୍କର ପଦାଙ୍କ ଅନୁସରଣ କରିଛନ୍ତି, ସେମାନଙ୍କଠାରେ ରାଧାନାଥୀୟ ଶୈଳୀ ଦୃଷ୍ଟିଗୋଚର ହେଲେ ବି ସୁଦ୍ଧା, ଏହି ଆତ୍ମିକ ବିଭବଟି ସମସ୍ତଙ୍କଠାରେ ଉପଯୋଗୀ ହୋଇପାରି-ନାହିଁ ।

କବି ଚନ୍ଦ୍ରମଣି ହେଉଛନ୍ତି କବି ରାଧାନାଥଙ୍କର ଜଣେ ଅନ୍ତରଙ୍ଗ ଭକ୍ତ; ମାତ୍ର ତାଙ୍କ ଚିନ୍ତାରେ ଏପରି ଟ୍ରାଜିକ୍ ଭାବରାଜି ସ୍ଫୁରଣ ସୃଷ୍ଟି କରି ନ ଥିଲା । ଟ୍ରାଜେଡ଼ିର ସ୍ୱପ୍ନ ତାଙ୍କ ହୃଦୟରେ ବିଶେଷତଃ କାବ୍ୟ ରଚନାରେ ଆବେଗ ଭରିନାହିଁ । ସେ ରାଧାନାଥଙ୍କର ଶିଷ୍ୟ ହୋଇପାରନ୍ତି, ମାତ୍ର ଶିଷ୍ୟତ୍ୱର ସ୍ୱତନ୍ତ୍ର ଗୌରବ-ବୋଧରେ ହିଁ ତାଙ୍କର ବୈଶିଷ୍ଟ୍ୟ ପ୍ରକଟିତ ।

କବି ରାଧାନାଥ କବି ଚନ୍ଦ୍ରମଣିଙ୍କୁ ବହୁଭାବରେ ପ୍ରଭାବିତ କରିଛନ୍ତି ସତ, ଏହା ସତ୍ତ୍ୱେ ତାଙ୍କ ମୌଳିକତାର ଦୀପ୍ତିଚ୍ଛଟା ବି ପାଠକକୁ ଅନେକ ସମୟରେ ଆକୃଷ୍ଟ କରିଥାଏ । ଚନ୍ଦ୍ରମଣି ହେଉଛନ୍ତି ନିଜ ପାଇଁ ନିଜେ ପ୍ରେରଣାର ଉତ୍ସ । ଅନ୍ତର୍ନିହିତ ଶକ୍ତି ହିଁ ତାଙ୍କୁ ସାହିତ୍ୟ ରଚନା ଲାଗି ଦିଗ୍‌ଦର୍ଶନ ଦେଇଥିଲା ବୋଲି ବି କୁହାଯାଇପାରେ । ରାଧାନାଥ ବିଭିନ୍ନ ଦିଗରୁ ଉପାଦାନ ସଂଗ୍ରହ କରିଥିଲେ । ଏଇ ମାଟିର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତିରୁ ବି ଯଥେଷ୍ଟ ବିଷୟବସ୍ତୁ ଆହରଣ କରିଛନ୍ତି । ତାଙ୍କର ସୃଷ୍ଟିସୌଧ ବିଭିନ୍ନ ଆହୃତ ରଙ୍ଗରାଗରେ ରଞ୍ଜିତ ହୋଇଥାଏ । ଆପଣା ମୌଳିକତାର ସୁସ୍ପଷ୍ଟ ସ୍ୱାକ୍ଷର ଲାଗି ତାଙ୍କଠାରେ ଗର୍ବର କାରଣ ନାହିଁ; କିନ୍ତୁ କବି ଚନ୍ଦ୍ରମଣି ସ୍ୱାଭାବିକତାର ଯାତ୍ରାପଥରେ ଅହଙ୍କାରୀ । ଦୃଢ଼ ମୌଳିକତା ଲାଗି ଉଚ୍ଚାରଣ ମଧ୍ୟ ଉଚ୍ଚାଙ୍ଗ ମନେହୁଏ । ଏଠାରେ ରାଧାନାଥଙ୍କୁ ନ୍ୟୂନ ଭାବରେ ଚିତ୍ରଣ କରିବା

ସମାଲୋଚକର ଅଭିପ୍ରାୟ ହେବା ଉଚିତ ନୁହେଁ । ସେ ନିଶ୍ଚୟ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଯୁଗସ୍ରଷ୍ଟା । ବଳିଷ୍ଠ ପ୍ରତିଭାର ଅଧିକାରୀ ସେ । କବି ଚନ୍ଦ୍ରମଣି ସ୍ୱଳ୍ପ ବିଦ୍ୟା ଉପରେ ନିଜର ସାଧନା ଭୂମିକୁ ପ୍ରତିଷ୍ଠିତ କରିଥିବାରୁ, ସାଧାରଣ ଅଥଚ ମୌଳିକ ଭାବଧାରାଦ୍ୱାରା ସୃଷ୍ଟି ନିଚ୍ଛକ ମୌଳିକତାରେ ଉଜ୍ଜୀବିତ ହୋଇ ଉଠିଛି । କେତେକ ସ୍ଥଳରେ ସ୍ୱାଭାବିକତା ପ୍ରଦର୍ଶନରେ ସେ ରାଧାନାଥଙ୍କଠାରୁ ଊର୍ଦ୍ଧ୍ୱ-ସ୍ତରକୁ ସ୍ପର୍ଶ କରିଛନ୍ତି ।

କଳ୍ପନାକୁ ଆଧାର କରି ଗଠିତ ହୋଇଥିବା ସୃଷ୍ଟି ସଫଳତାର ଗୌରବ ଲାଭ କରିପାରେନା । କଳ୍ପନା ଓ ବାସ୍ତବତାର ସ୍ପର୍ଶରେ ସୃଷ୍ଟି ହୁଏ ଅଧିକ ଆକର୍ଷଣୀୟ; ମାତ୍ର ଏପରି ସମନ୍ୱିତ ସୃଷ୍ଟିସମ୍ଭାର ସାହିତ୍ୟ ଜଗତରେ ସହଜଲଭ୍ୟ ନୁହେଁ । ଏଠାରେ ଚନ୍ଦ୍ରମଣି, ରାଧାନାଥଙ୍କ ନିକଟରେ ବଶ୍ୟତା ସ୍ୱୀକାର କରନ୍ତି । କବି ଚନ୍ଦ୍ରମଣିଙ୍କ କଳ୍ପନା ବଳିଷ୍ଠ ମୌଳିକତାର ପରିଚୟ ଦେଇପାରେ । କଳ୍ପନାକୁ କେନ୍ଦ୍ରକରି ବିଭିନ୍ନ ରୁଚିର ସୃଷ୍ଟି ନିର୍ମିତ ହୋଇଥିବା ଦେଖାଯାଏ; ମାତ୍ର ସବୁ ସୃଷ୍ଟି ମୂଳରେ ଥିବା କଳ୍ପନାର ସ୍ୱରୂପ, କଳ୍ପନା ହୋଇ ଉଦ୍ଭାସି ଉଠିଛି । କଳ୍ପନାର ତରଙ୍ଗରେ କବି ଚନ୍ଦ୍ରମଣିଙ୍କ ପ୍ରକୃତି ଉପାସନା, ଐତିହାସିକ ଓ ପୌରାଣିକ ଚିତ୍ରଣ ଏବଂ ଚଳନ୍ତି ଘଟଣା ଉପସ୍ଥାପନ ଚିରକାଳ ଭାସମାନ । ସେଥିପାଇଁ କବି ଚନ୍ଦ୍ରମଣିଙ୍କ ସୃଷ୍ଟି ସୌରଭ ପାଠକର ଚିତ୍ତ ଆହ୍ଲାଦିନୀ ହେବା ସମ୍ଭବ ହୁଏନା । ଏ କ୍ଷେତ୍ରରେ ତାଙ୍କର ସକଳ ମୌଳିକତାର ବୈଶିଷ୍ଟ୍ୟ ପରାଜୟ ସ୍ୱୀକାର କରେ ।

ଏ ପ୍ରସଙ୍ଗରେ କବି ରାଧାନାଥଙ୍କୁ ନିଆଯାଉ । ରାଧାନାଥଙ୍କର ଚନ୍ଦ୍ରାଧାରା ବିକାଶିଯାଇ । କିନ୍ତୁ ସେହି ଚନ୍ଦ୍ରାଧାରା ଏହି ମାଟିର ସ୍ୱପ୍ନ ଓ ସମ୍ଭାବନା ଭିତରେ ବାସ୍ତବତାକୁ ସ୍ପର୍ଶ କରି-ପାରିଲା । ଫଳତଃ ବିଦେଶରୁ ଆନୀତ କଥାବସ୍ତୁ ଚିରନ୍ତନ ସତ୍ୟର ମୂର୍ତ୍ତି ଗ୍ରହଣ କଲା । ଏହିଠାରେ କଳାତ୍ମକ ପରିପ୍ରକାଶ ପାଇଁ ରାଧାନାଥ ହିଁ ଦାୟୀ । ତାଙ୍କର ଅପୂର୍ବ ଯାଦୁକରୀ ଶକ୍ତି ଅଦ୍ଭୁତ ଶିଳ୍ପ ଅଙ୍କନ କରିଛି । ଏଠି ଆଉ ତାଙ୍କ କଳ୍ପନା, କଳ୍ପନା ଭାବରେ ପ୍ରତିଭାତ ହେଲାନାହିଁ । ସତ୍ୟରୂପରେ ମୂର୍ତ୍ତିମନ୍ତ ହୋଇଉଠିଲା । ସଚେତନ ପାଠକର ତାହା ହୃଦୟସ୍ପର୍ଶୀ ହେଲା । ଏ ପ୍ରକାର କଳାକୁ ପାଠକ ଆପଣା ଭିତରେ ଅନୁଭବ କରେ । ନିଜକୁ ତା'ସହ ମିଶାଇ ଦେଇ ପାଠକ ତୃପ୍ତ ହୁଏ । କାଳ୍ପନିକ କଥାବସ୍ତୁକୁ ପାଠକ ବାସ୍ତବ ହୃଦୟସ୍ଥରେ ନିଜସ୍ୱ ମନେ କରିନିଏ । ଏଇଠି କାଳ୍ପନିକ ସାହିତ୍ୟ ରଚନାର ସିଦ୍ଧି ।

ମାତ୍ର କବିଶେଖର ଚନ୍ଦ୍ରମଣି ଏ ଦିଗଟି ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି । କଳ୍ପନାର ସ୍ରୋତରେ ଭାସିବା ଲାଗି ତାଙ୍କୁ ଆନନ୍ଦଦାୟକ ମନେ ହେଉଥିଲା ।

ଫଳରେ କାଳ୍ପନିକ କଥାବସ୍ତୁ ପାଠକ ପାଖରେ ଅବାସ୍ତବ ମନେହେବା ବିଚିତ୍ର ନୁହେଁ । କଳା ଯଦି ପାଠକଦ୍ୱାରା ଆଦୃତ ନହୁଏ, ତାହା ସତ୍ୟଠାରୁ ଦୂରରେ ରହେ, ତେବେ କଳାର ସାର୍ଥକତା ଆସେ ନାହିଁ । କଳା କଳାତ୍ମକ ହେବା ସଙ୍ଗେ ସଙ୍ଗେ, ବାସ୍ତବତାକୁ ଧରି ରଖିବା ଉଚିତ । କବି ଚନ୍ଦ୍ରମଣି କଳାତ୍ମକ ମୂଲ୍ୟବୋଧ ପ୍ରତି ସଚେତନ ଅଛନ୍ତି କି ନା, ସେ ତ ଅନ୍ୟ ଏକ ବିଚାରର କଥା । ଏକଥା ସତ ଯେ, ବାସ୍ତବ ମୂଲ୍ୟବୋଧ ଆଡ଼କୁ ସେ ସମୟେ ସମୟେ ଦୃଷ୍ଟିପାତ କରି ନ ଥିଲେ । କବିଙ୍କ 'ବିକ୍ରମାଦିତ୍ୟ' କାବ୍ୟ କିମ୍ବା 'ସଂସାର ଚିତ୍ର' ଗଳ୍ପକୁ ଉଦାହରଣ ସ୍ୱରୂପ ନିଆଯାଉ । 'ବିକ୍ରମାଦିତ୍ୟ' କାବ୍ୟ ରଚନା ଲାଗି କବି ଐତିହାସିକ ଘଟଣାକୁ ଦୃଷ୍ଟିରେ ରଖିଛନ୍ତି । ତାଙ୍କ ଚରିତ୍ର ଚିତ୍ରଣ କରି ପାଠକ ସମ୍ମୁଖରେ ତାଙ୍କୁ ପରିଚିତ କରିଛନ୍ତି । ସବୁ ସତ୍ତ୍ୱେ, ଏହି କାବ୍ୟରେ ରୋମ୍ ସମ୍ରାଟ ଓ ବିକ୍ରମାଦିତ୍ୟଙ୍କ ମଧ୍ୟରେ ଲାଗିଥିବା ଯୁଦ୍ଧ ବିଷୟ ପ୍ରସଙ୍ଗକ୍ରମେ ଉପସ୍ଥାପନର ଆବଶ୍ୟକତା ନ ଥିଲା । ଏହା ଐତିହାସିକ ତଥ୍ୟ ନୁହେଁ । ସମ୍ପୂର୍ଣ୍ଣ କପୋଳକଳ୍ପିତ । କଥାବସ୍ତୁକୁ କବି କିପରି ତାଙ୍କ କାବ୍ୟରେ ସ୍ଥାନ ଦେଲେ, ତାହା ଚିନ୍ତାର ବିଷୟ । ଏପରି କଳ୍ପନାପ୍ରସୂତ ଘଟଣା ବର୍ଣ୍ଣନାରେ କାବ୍ୟରେ ଶ୍ରୀବୃଦ୍ଧି ଯେ ଘଟିଛି, ତାହା ବି କୁହାଯାଇପାରିବ ନାହିଁ; ବରଂ ପାଠକ ଏହାକୁ ଅବାସ୍ତବ ଚିନ୍ତାରୂପେ ଗ୍ରହଣ କରିଥାଏ । କାବ୍ୟଟିର ଏହି କାଳ୍ପନିକ ବର୍ଣ୍ଣନା ପାଠକକୁ ସତ୍ୟଠାରୁ ବହୁ ଦୂରକୁ ନେଇଯାଏ । ଫଳରେ କାବ୍ୟର ଯାହା କିଛି ଗୌରବ, କଳଙ୍କିତ ହୋଇଉଠେ । ଆମ ସମ୍ମୁଖରେ ସେହି କଳ୍ପନା କେବଳ ମାତ୍ର କଳ୍ପନା ରୂପରେ ସ୍ପଷ୍ଟ ହୋଇଯାଏ ।

'ସଂସାର ଚିତ୍ର' ଗଳ୍ପରେ ସେହି ଅନୁରୂପ ପରିସ୍ଥିତି । ଏହାକୁ ପାଠକ ପଢ଼ି ପଢ଼ି ଯେତେବେଳେ ସ୍ୱର୍ଣ୍ଣଖଣିରେ ଭାଗ୍ୟ ତ ଭାଗ୍ୟ, ପୁଣି ସ୍ୱର୍ଣ୍ଣଭାଗ୍ୟ ଖୋଜିବା ଲାଗି ବ୍ୟାକୁଳତାର ଦୃଶ୍ୟ ପାଠକରେ, ସେତେବେଳେ ସେ ହଠାତ୍ କାଳ୍ପନିକ ତଥ୍ୟ ଆଡ଼କୁ ଅବାକ୍ ହୋଇ ରୁହେଁ । ଅକ୍ଷମ, କର୍ମହୀନ ଓଡ଼ିଆ ଯୁବକ ଜୀବନରେ ପତ୍ନୀ ଲାଞ୍ଛନା ଆସିପାରେ । ଅପମାନର ଜ୍ୱାଳା ବି ତୀବ୍ର ହେବା ଅସମ୍ଭବ ନୁହେଁ । କାରଣ ସାଂସାରିକ ବନ୍ଧନ ଭିତରେ ବହୁ ଅନୁକୂଳ ଓ ପ୍ରତିକୂଳ ସମସ୍ୟା ଦେଇ ଦାମ୍ପତ୍ୟ ଜୀବନ ସୁଦୃଢ଼ ହୁଏ—ପ୍ରୀତିକର ମନେହୁଏ; ମାତ୍ର ଜଣେ ଓଡ଼ିଆ ଯୁବକ ପତ୍ନୀଠାରୁ ଅପମାନ ସହ୍ୟ କଲାପରେ, ଆଫ୍ରିକା ସୁନାଖଣିକୁ ଯାତ୍ରାକରି ତା' ସୁନାର ଭାଗ୍ୟ ଖୋଜି ବସିବ, ଏହା ବାସ୍ତବ ମନେ ନହେବା ସ୍ୱାଭାବିକ । ଏହା ନିରାଟ କାଳ୍ପନିକ କଥା । ପାଠକ ଏହି ଚିନ୍ତାଧାରାକୁ ଗ୍ରହଣ କରିବା ସମ୍ଭବ ନୁହେଁ । କଳ୍ପନାର ଜାଲ ବିଛାଇ ପାଠକକୁ ବାନ୍ଧି ରଖିବା ଲାଗି ଗାଳ୍ପିକ ଚନ୍ଦ୍ରମଣିଙ୍କର ଏହା ଯେ ଏକ କଳାତ୍ମକ କୌଶଳ, ଏଥିରେ ସନ୍ଦେହ ନାହିଁ । ବାସ୍ତବବାଦୀ ମନୀଷ ପାଖରେ ତାହା ଆଦୃତ ହେବ ବା କିପରି !

କବିତାରେ ଭାବାବେଗର ସଂଯମତା କବିତାକୁ ଗୌରବ ଆଣିଦିଏ । କବି ତାଙ୍କ କବିତାରେ ହୃଦୟାନୁଭୂତ ପ୍ରକାଶରେ ଯଥାସମ୍ଭବ ବାଗ୍ମିତା ପରିହାର କରିବା ଆବଶ୍ୟକ; ମାତ୍ର କବି ଚିନ୍ତାମଣି ଏହି ବାଗ୍ମିତା ପ୍ରତି ସଚେତନ ରହିଥିବା ହେତୁ, କବିତାର ସ୍ୱର ଗୁରୁଗମ୍ଭୀର ଉଚ୍ଚାରଣ ଭିତରେ ସରସତା ହରାଇ ବସିଛି । ମନେହୁଏ, କବିଙ୍କ ଜୀବନର ପ୍ରତିକୂଳତା ତାଙ୍କୁ ଏପରି ରଚନା ଲାଗି ବାଧ୍ୟ କରିଥିଲା । ଭକ୍ତକବି ମଧୁସୂଦନ ରାଓ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହୋଇ ଯେଉଁସବୁ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି, ସେ ସବୁରେ ଗାମ୍ଭୀର୍ଯ୍ୟ ସ୍ୱର ସ୍ପଷ୍ଟ ହୋଇଉଠିଛି । ଆଧ୍ୟାତ୍ମିକ କବିତା ରଚନାରେ ଭକ୍ତକବି ମଧୁସୂଦନ ଭାବଧାରାରେ ସରସତା ପ୍ରତି ଗୁରୁତ୍ୱ ଦେଇନାହାନ୍ତି, କିମ୍ବା ଗତିଶୀଳ ସରଳ ଭାଷା ସଂଯୋଜନା ପ୍ରତି ଗୁରୁତ୍ୱ ଆରୋପ କରି ନ ଥିଲେ । ସମ୍ଭବତଃ, କବି ଚିନ୍ତାମଣି କବି ମଧୁସୂଦନଙ୍କଦ୍ୱାରା ଅନୁପ୍ରାଣିତ ହୋଇ ଅନୁରୂପ କବିତା ରଚନା କରିଛନ୍ତି ।

କିନ୍ତୁ କବି ଚିନ୍ତାମଣିଙ୍କ ସମସ୍ତ ସୃଷ୍ଟିରେ ଏପରି ଗାମ୍ଭୀର୍ଯ୍ୟ ଭାବପ୍ରକାଶ ଦେଖାଯାଏନାହିଁ । ସେ ସମ୍ପୂର୍ଣ୍ଣ ଭାବରେ ଗ୍ରାମ୍ୟ ଜନଜୀବନରେ ଭାଷାକୁ ତ୍ୟାଗ କରିପାରି ନ ଥିଲେ । ସେ ଗଦ୍ୟସୃଷ୍ଟିରେ ସାଧାରଣ ଲୋକଭାଷା ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦେଇଛନ୍ତି; କାରଣ କବି ପ୍ରଥମେ କବିତା ସୃଷ୍ଟିରୁ ସାହିତ୍ୟିକ ଜୀବନ ଆରମ୍ଭ କରିଛନ୍ତି । ସେତେବେଳେ ତାଙ୍କ ସମ୍ମୁଖରେ ହୁଏତ ମଧୁସୂଦନ ଅନୁକରଣୀୟ ସ୍ରଷ୍ଟା ଭାବରେ ଦେଖା ଦେଇପାରିଥାଆନ୍ତି । ତେଣୁ ଭକ୍ତକବିଙ୍କର ରଚନାଧାରା ପ୍ରତି ଆକର୍ଷଣ ବୃଦ୍ଧି ପାଇବା ଅସମ୍ଭବ ନୁହେ । କବି ମଧୁସୂଦନଙ୍କୁ ସେ ଯେ ଅନୁକରଣ କରି, ତାଙ୍କ କବିତା ସୃଷ୍ଟିରେ ସମ୍ପୂର୍ଣ୍ଣ ଭାବରେ ମଧୁରାଓଙ୍କର ପ୍ରତିଫଳିତ ରୂପ ଦର୍ଶାଇ ପାରିଛନ୍ତି, ଏପରି କହିବା କୌଣସି ସମାଲୋଚକ ପକ୍ଷେ ସମୀଚୀନ ନୁହେଁ । କବି ଚିନ୍ତାମଣି କେବଳ ମାତ୍ର ମଧୁସୂଦନଙ୍କଠାରୁ ନୈତିକତା ଚିନ୍ତାର ଶୈଳୀ ଆହରଣ କରିଛନ୍ତି । ତତ୍ ସଙ୍ଗେ ସଙ୍ଗେ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିପ୍ରକାଶର ଧାରା ଅନୁକରଣ କରିଥିଲେ; କିନ୍ତୁ କାବ୍ୟ ସାଧକ ମଧୁସୂଦନ କବିତା ରଚନାରେ ଭାବର ଶକ୍ତିଶାଳିତା ସହ ଭାଷା ସଂଯୋଜନାରେ ଯେପରି ଉନ୍ମୁକ୍ତ କ୍ଷେତ୍ର ନିର୍ବାଚନ କରିପାରିଛନ୍ତି, ସେପରି ବୈଶିଷ୍ଟ୍ୟ କେବେ କବି ଚିନ୍ତାମଣି କବିତା ସୃଷ୍ଟିରେ ଗ୍ରହଣ କରିପାରି ନାହାନ୍ତି; ବରଂ ଏ ଦିଗରେ ତାଙ୍କର ଅସାମର୍ଥ୍ୟ ପ୍ରକାଶ ପାଇଛି । ଶକ୍ତିଶାଳୀ ଅର୍ଥବାହକ ହେବାପରି ଭାଷା ସେ ଯେପରି ଖୋଜି ପାଇନଥିବାପରି ମନେହୁଏ ।

କଥା ସମ୍ରାଟ ଫକୀରମୋହନ ସେନାପତି ଯେପରି ଗଦ୍ୟ କ୍ଷେତ୍ରରେ ଲୋକଚରିତ୍ର ଚିତ୍ରଣ କରି ସାର୍ଥକ ସ୍ରଷ୍ଟାର ସମ୍ମାନ ପାଇଛନ୍ତି, ସେପରି ମଧ୍ୟ ଲୋକଭାଷାର ବହୁ ପ୍ରୟୋଗ କରି ସୃଷ୍ଟି ଜଗତରେ ଏକ ନୂତନ ସ୍ୱର ଶୁଣାଇଛନ୍ତି । ପଲ୍ଲୀକବି ନନ୍ଦକିଶୋର

ବଳ କବିତା ରଚନା ଲାଗି ଲୋକବାଣୀ, ପଲ୍ଲୀଗୀତ ଓ କଥିତ ଭାଷାକୁ ଖୁବ୍ ଗୁରୁତ୍ୱ ଦେଇଛନ୍ତି । ଲୋକଭାଷା ଓ ପଲ୍ଲୀଚିତ୍ରକୁ ଆଧାର କରି ଉଚ୍ଚକୋଟୀର ହୃଦୟସ୍ପର୍ଶୀ କବିତା ରଚନା କରାଯାଇପାରେ, ଏହି ଆଦର୍ଶ କେବଳ ପଲ୍ଲୀକବି ନନ୍ଦକିଶୋର ହିଁ ଓଡ଼ିଆ ସାହିତ୍ୟରେ ପ୍ରଦର୍ଶନ କରିଛନ୍ତି । ସତ୍ୟବାଦୀର ଋଷିପ୍ରତିମ ସାଧକଗଣ ଯେତେବେଳେ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରନ୍ତି, ସେତେବେଳେ ଜନଜୀବନର ଚିତ୍ର ଓ ଚରିତ୍ର ଏବଂ କଥିତ ଭାଷାକୁ ସାହିତ୍ୟ ଭିତରେ ସ୍ଥାନ ଦେଲେ । ସାହିତ୍ୟରେ ଏପରି ସହଜ ସରଳ ଭାବଧାରା ଓ ଲୋକଭାଷାର ପ୍ରୟୋଗ ପ୍ରତି ସତ୍ୟବାଦୀଗୋଷ୍ଠୀର ଲେଖକବୃନ୍ଦ ଅଧିକ ମମତା ପ୍ରଦର୍ଶନ କରି ଏହି ଧାରା ମଧ୍ୟ ପ୍ରବର୍ତ୍ତନ କରିଛନ୍ତି । ଚନ୍ଦ୍ରମଣି ଏକାଧାରରେ ଫକୀର ମୋହନ, ମଧୁସୂଦନ ଓ ସତ୍ୟବାଦୀ ଯୁଗର ପ୍ରତିଭାଶାଳୀ ଲେଖକଙ୍କଠାରୁ ପ୍ରେରଣା ଲାଭକରି, କବିତା ରଚନାର ପରବର୍ତ୍ତୀ ସୃଷ୍ଟି ଅର୍ଥାତ୍ ଗଦ୍ୟ ରଚନାରେ ଏପରି ଶୈଳୀ ଓ ଭାଷା ପ୍ରୟୋଗ କରିଥିବା ଜଣାଯାଏ ।

ଚନ୍ଦ୍ରମଣିଙ୍କ ରଚନା ଆଲୋଚନା ସମୟରେ, ତାଙ୍କ ଜୀବନରେ ସାମ୍ବାଦିକତାର ଭୂମିକାକୁ ଉପେକ୍ଷା କରାଯାଇନପାରେ । ଜଣେ ସାମ୍ବାଦିକ ଜନତା ଓ ଦେଶ, ଜାତିର ସମସ୍ୟା ପ୍ରତି ଯେପରି ଦୃଷ୍ଟି ଦିଏ, ଅନ୍ୟ କେହି ଏପରି ଗୁରୁତ୍ୱ ଦିଏନାହିଁ । ଜନସାଧାରଣଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ହେଉଛି ସାମ୍ବାଦିକତାର ପ୍ରଧାନ କାର୍ଯ୍ୟ । ଜନମତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସମସ୍ୟାକୁ ଭିନ୍ନ ଭିନ୍ନ ରୂପରେ ଏକାଧିକ ଥର ସାମ୍ବାଦିକ ପରିବେଷଣ କରନ୍ତି । ସେତେବେଳେ ଆଦର୍ଶବାଦୀ ରାଷ୍ଟ୍ରର ବିକାଶମୂଳକ ଯୋଜନା ସହ ଏଠାକାର ସାଧାରଣ ଜନତାକୁ ପରିଚିତ କରିବା ଥିଲା ସାମ୍ବାଦିକମାନଙ୍କର ବଡ଼ ଆଭିମୁଖ୍ୟ । ଅଧିକ ଶିକ୍ଷାରୁ ବଞ୍ଚିତ ହୋଇଥିବା ସାଧାରଣ ଲୋକମାନେ ଯେପରି ବିକାଶଶୀଳ ଦେଶର ଚିନ୍ତାଧାରା ସହ ସହଜରେ ପରିଚିତ ହୋଇପାରନ୍ତି, ସେଥିଲାଗି ପ୍ରଚାର ଉପରେ ସାମ୍ବାଦିକମାନେ ଗୁରୁତ୍ୱ ଦେଉଥିଲେ । ଏ କ୍ଷେତ୍ରରେ ସାମ୍ବାଦିକ, ସାହିତ୍ୟକୁ ମାଧ୍ୟମ କଲେ, ସମ୍ବାଦ-ସାହିତ୍ୟ ଜନତାର ଅନେକ ହିତସାଧନ କରେ । ସେ ଯୁଗରେ ଯେଉଁ ସାମ୍ବାଦିକମାନେ ସାହିତ୍ୟିକ ଥିଲେ, ସେମାନେ ସମ୍ବାଦ ପରିବେଷଣ ସମୟରେ ସାହିତ୍ୟିକ ଦୃଷ୍ଟିକୋଣ ଓ ଶୈଳୀକୁ ଅବହେଳା କରିନାହାନ୍ତି । ତତ୍କାଳୀନ ଖ୍ୟାତନାମା ସାହିତ୍ୟ-ସ୍ରଷ୍ଟାଗଣ ସାହିତ୍ୟ ସୃଷ୍ଟି ଲାଗି ଜଟିଳ ତଥ୍ୟକୁ ଉପାଦାନ ଭାବରେ ଗ୍ରହଣ କରୁଥିବାବେଳେ, କବିଶେଖର ଚନ୍ଦ୍ରମଣି ଓ ଅନ୍ୟ କେତେଜଣ ସାମ୍ବାଦିକ ଛୋଟ ଛୋଟ ଜନ-ସମସ୍ୟା ଉପରେ ଧ୍ୟାନ ଦେଇଥାଆନ୍ତି । ସାଧାରଣତଃ ଯେଉଁ ସମସ୍ୟାବଳୀ ବଡ଼ ବଡ଼ ଲେଖକଙ୍କଦ୍ୱାରା ଅବହେଳିତ ଓ ଉପେକ୍ଷିତ, ସେପରି ବିଷୟ ପ୍ରତି ସାମ୍ବାଦିକ ଚନ୍ଦ୍ରମଣି ସଚେତନ ଥିଲେ । ସାହିତ୍ୟ, ଇତିହାସ, ଦର୍ଶନ, କଳା, ସ୍ଥାପତ୍ୟ ଓ

ସଂସ୍କୃତିକୁ ନେଇ ତତ୍କାଳୀନ ସାହିତ୍ୟିକମାନେ ଚିନ୍ତିତ ଥିବାବେଳେ, ସମାଜର ନଗଣ୍ୟ ଓ ଧରାପୃଷ୍ଠରେ ହେୟ ବସ୍ତୁକୁ କବିଶେଖର ଚନ୍ଦ୍ରମଣି ସାହିତ୍ୟ ଲାଗି କଥାବସ୍ତୁ ଭାବରେ ଗ୍ରହଣ କରନ୍ତି । ସାହିତ୍ୟ ପତ୍ରିକା ଲାଗି ଅବହେଳିତ ଉପାଦାନ ସମ୍ବଳିତ ସୃଷ୍ଟିର ପ୍ରବେଶ ମନାଥାଏ; ମାତ୍ର ସେ ବୈପ୍ଳବିକ ଭୂମିକା ନେଇ, ସାମ୍ବାଦିକ ଭଳି ସାହିତ୍ୟକ୍ଷେତ୍ରରେ ମଧ୍ୟ ଏପରି ନଗଣ୍ୟ କଥାବସ୍ତୁକୁ ସାହିତ୍ୟ ଭିତରକୁ ସ୍ୱାଗତ କଲେ । ଫଳରେ ତାଙ୍କଦ୍ୱାରା ସମ୍ପାଦିତ ପତ୍ରପତ୍ରିକାଗୁଡ଼ିକର ଦ୍ୱାର ଏଥିପାଇଁ ଉନ୍ମୁକ୍ତ ରହିଥିଲା । ବିଭିନ୍ନ ନୀତିଗତ ଓ ଆଦର୍ଶଗତ ଘଟଣାକୁ ସେ ପତ୍ରପତ୍ରିକାରେ ଅଗ୍ରାଧିକାର ଦେବା ଦିଗରେ ଅଗ୍ରଣୀ ହୋଇଥିଲେ । ଏହି ଅଭ୍ୟାସ ଓ ପ୍ରବୃତ୍ତିକୁ ସାହିତ୍ୟକ୍ଷେତ୍ରରେ ତ୍ୟାଗକରିବା ଲାଗି ସାମ୍ବାଦିକ ଚନ୍ଦ୍ରମଣି ମାନସିକ ବିରୋଧ କରିଥିଲେ । ସେପାଇଁ ଜନଜୀବନର ସତ୍ୟ ଓ ବିଶ୍ୱର ଘଟଣାବଳୀକୁ ପ୍ରଚାର କରିବା ଅଭିପ୍ରାୟରେ ସାହିତ୍ୟ ସୃଷ୍ଟି କରିଛନ୍ତି । ତାଙ୍କ ସାହିତ୍ୟରେ ସାମ୍ବାଦିକର ଧର୍ମ ରକ୍ଷିତ ହୋଇଛି । ଗୋଟିଏ ବିଷୟକୁ ଜନସାଧାରଣଙ୍କ ବୋଧଗମ୍ୟ ହେବାଭଳି ବିଶଦ ଆଲୋଚନା ପତ୍ରପତ୍ରିକାରେ ଚନ୍ଦ୍ରମଣି କରନ୍ତି । ସାହିତ୍ୟ ସୃଷ୍ଟିରେ ଏହି ସ୍ୱାଭାବିକତା ମଧ୍ୟ ପରିଲକ୍ଷିତ ହୁଏ । ଯେତେବେଳେ ସେ ସମ୍ପାଦନା ଜଗତରେ ପ୍ରବେଶ କରନ୍ତି, ତାଙ୍କୁ ୩୬ ବର୍ଷ ବୟସ ହୋଇଥାଏ । ୩୬ ବର୍ଷ ବୟସ୍କ ଯୁବକ ଆପଣାର ଦୂରଦୃଷ୍ଟି ଓ ସ୍ୱକୀୟ ଚିନ୍ତାଧାରାଦ୍ୱାରା ସାମ୍ବାଦିକ ଜୀବନରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଦୀର୍ଘ ୨୦ ବର୍ଷ ଧରି କବିଶେଖର ଚନ୍ଦ୍ରମଣି ସୁସମ୍ପାଦନା ପାଇଁ ଜଣେ ସୁଯୋଗ୍ୟ ସମ୍ପାଦକ ଭାବେ ତତ୍କାଳୀନ ସମାଜରେ ପରିଚିତ ହୋଇଛନ୍ତି । ସେ ୫୬ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଏହି ସାମ୍ବାଦିକ କାର୍ଯ୍ୟ କରି, ସେତେବେଳର ବହୁ ଖ୍ୟାତନାମା ସମ୍ପାଦକ ଓ ସାହିତ୍ୟିକଙ୍କଦ୍ୱାରା ପ୍ରଶଂସିତ ହୋଇଥିଲେ ।

ଊନବିଂଶ ଶତାବ୍ଦୀର ସଂସ୍କାରାତ୍ମକ ଆନ୍ଦୋଳନ ଯେତେବେଳେ ପ୍ରଭାବ ବିସ୍ତାର କରିଥାଏ, ଠିକ୍ ସେତେବେଳେ ସେ ଏହି ଆନ୍ଦୋଳନର ଭିତ୍ତିଭୂମିରେ ନିଜକୁ ଠିଆକରି ଦେଇଛନ୍ତି । ସଂସ୍କାରବାଦର ବଜ୍ରସ୍ୱର ସଂସ୍କାରବାଦୀ ଚନ୍ଦ୍ରମଣିଙ୍କ ହୃଦୟରେ କମ୍ପନ ସୃଷ୍ଟି କରିଥାଏ । ଫଳରେ ବୈପ୍ଳବିକ ଚିନ୍ତାଧାରାଦ୍ୱାରା ସେ ଉଦ୍‌ବୁଦ୍ଧ ହୋଇଥିଲେ ।

ମୂଳରୁ ଏ ପ୍ରସଙ୍ଗରେ ସାମାନ୍ୟ ସୂଚନା ଦିଆଯାଇଛି । କବିବର ରାଧାନାଥଙ୍କର ବିଷାଦବାଦ ତାଙ୍କ ପ୍ରାଣରେ ନୂତନ ଚେତନା ସୃଷ୍ଟି କରିଛି । ଭକ୍ତକବି ମଧୁସୂଦନ ସାହିତ୍ୟରେ ଯେଉଁ ଆଧ୍ୟାତ୍ମିକତାର ସ୍ରୋତ ଖେଳାଇଛନ୍ତି, ସେହି ସ୍ରୋତରେ କବି ଚନ୍ଦ୍ରମଣି ଅବଗାହନ କରିବାକୁ ସୁଖ ମଣିଥିଲେ । ବ୍ୟାସକବି ଫକୀର ମୋହନଙ୍କର ଯେଉଁ ବାସ୍ତବବାଦ ଚେତନା, ସାହିତ୍ୟରେ ସଂସ୍କାରମୁଖୀ ଭାବଧାରାର ସଫଳ ରୂପାୟନ ଲାଗି ଦାୟୀ, ସେହି ସଂସ୍କାରବାଦ ଚିନ୍ତାଧାରା ତାଙ୍କୁ ପ୍ରେରଣା ଦେବା ଫଳରେ ସଂସ୍କାରକ

ମନୋବୃତ୍ତି ନେଇ ସେ ଲେଖନୀ ଚାଳନା କରିଛନ୍ତି । ଫଳତଃ ସେ ହୋଇଛନ୍ତି ଏକାଧାରରେ ବିଷାଦବାଦୀ, ଆଧ୍ୟାତ୍ମପିପାସୁ ଓ ସଂସ୍କାରପ୍ରେମୀ ସ୍ରଷ୍ଟା । ତିନୋଟି ଆଦର୍ଶକୁ ନେଇ ତାଙ୍କ ସାହିତ୍ୟିକ ଦର୍ଶନକୁ ବିଚାରିବା ଉଚିତ ।

କବି ଭଲ ଭାବରେ ଅନୁଭବ କରିଥିଲେ ଯେ, କେବଳ ଆଧୁନିକତାର ସ୍ରୋତରେ ଭାସିଗଲେ, କେବେ ମଣିଷ ସମାଜ ଉନ୍ନତ ହୋଇ ପାରିବନାହିଁ; କିମ୍ବା କେବଳ ପୁରାତନ ଚିନ୍ତାଧାରାକୁ ସର୍ବସ୍ୱ କରି କୌଣସି ମଣିଷ ସମାଜ ଅଗ୍ରଗତି କରିବା ସମ୍ଭବ ନୁହେଁ । ତେଣୁ ପୁରାତନ ଓ ଆଧୁନିକର ସମନ୍ୱୟ ହିଁ ପ୍ରଗତି ଲାଗି ନିତାନ୍ତ ଆବଶ୍ୟକ । ଆଧୁନିକ ଯୁଗ ଯେଉଁ ନବ ଚେତନାର ସନ୍ଦେଶ ବହନ କରି ଆଣିଛି, ସେହି ଚେତନାରେ ଉଦ୍‌ବୁଦ୍ଧ ହୋଇ ମଣିଷ ଜ୍ଞାନ ରାଜ୍ୟକୁ ସମ୍ପ୍ରସାରିତ କରୁଛି ଏବଂ କର୍ମକ୍ଷେତ୍ରରେ ଆପଣା ଶକ୍ତିର ପରାକାଷ୍ଠା ପ୍ରଦର୍ଶନ ଲାଗି ଆଧୁନିକ ପ୍ରେରଣାରେ ଉତ୍ସାହିତ ହେଉଛି, ତାହା ପ୍ରତି ପ୍ରତ୍ୟେକ ମଣିଷ ସଚେତନ ରହନ୍ତୁ । ପୁରାତନ କାଳରେ ଶୁଦ୍ଧ ନୀତି ନିୟମ ଉପରେ ପ୍ରାଚୀନ ଲୋକେ ଯେପରି ଗୁରୁତ୍ୱ ଦେଇ ଶୁଦ୍ଧ ଆଚରଣ ଲାଗି ଆପ୍ରାଣ ଉଦ୍ୟମ କରୁଥିଲେ, ତାକୁ ମଧ୍ୟ ଅବହେଳା କରି ହେବନାହିଁ । ଏଥିପାଇଁ ସେ ପ୍ରଥମେ ଶୁଦ୍ଧାଚାରର ଆଡ଼କୁ ଦୃଷ୍ଟି ଦେଇଛନ୍ତି । ପଲ୍ଲୀ ଜୀବନରେ ଏକଦା ଯେଉଁ ଶୁଦ୍ଧାଚାର ଦୃଢ଼ ଆସନ ମାଡ଼ି ବସିଥିଲା, ସେ ଅନୁଭବ କଲେ ଯେ, ଶୁଦ୍ଧ ଆଚରଣ ଆଡ଼କୁ ଆଉ ପଲ୍ଲୀବାସୀର ମନ ଆକୃଷ୍ଟ ହେଉନାହିଁ । ଫଳରେ ପଲ୍ଲୀ ଜୀବନର ସ୍ୱାଭାବିକତା କ୍ରମଶଃ ହ୍ରାସ ପାଇଆସୁଛି । ତେଣୁ ଶୁଦ୍ଧାଚାରର ପୁନରୁଦ୍ଧାର ପ୍ରତି ସଜାଗ ହେବା ଉଚିତ୍ । ଦୂରଦ୍ରଷ୍ଟା ଚନ୍ଦ୍ରାମଣି ଗଭୀର ଭାବରେ ନିରୀକ୍ଷଣ କରି ଜାଣିପାରିଲେ ଯେ, ଆଧୁନିକ ନୀତି ଓ ଆଦର୍ଶକୁ ଗ୍ରହଣ କରିଥିବା ସହରୀ ଜନସାଧାରଣ ଆଧୁନିକତାର ଅର୍ଥକୁ ଅପବ୍ୟବହାର କରୁଛନ୍ତି । ଫଳତଃ ଆଧୁନିକତାର ସଂଜ୍ଞା ନଗର ଜୀବନରେ ଭିନ୍ନଭାବେ ରୂପାୟିତ ହେଉଛି । କେବଳ ମାତ୍ର ଉଚ୍ଛୃଙ୍ଖଳତା ଗ୍ରାସ କରିବସିଛି ।

ନଗରୀ-ଜୀବନ ଓ ପଲ୍ଲୀ-ଜୀବନର ପ୍ରାଣସତ୍ତାକୁ ପରୀକ୍ଷା କରି ଚନ୍ଦ୍ରାମଣି ମନେକଲେ ଯେ, ସମାଜ କେଉଁ ସତ୍ୟକୁ ଆଧାର କରି ତିଷ୍ଠି ରହିବ, ତାହା ସଂଶୟାଚ୍ଛନ୍ନ । ବିଜ୍ଞାନବଳରେ ସମାଜ ବଳୀୟାନ ହୋଇ ଧର୍ମୀୟ ଭାବଧାରାକୁ ଦୁର୍ବଳ କରିଦେବା ଅନୁଚିତ । ଅପର ପକ୍ଷରେ ଧର୍ମଧାରାଦ୍ୱାରା ନିଜେ ପରିଚାଳିତ ହୋଇ, ବିଜ୍ଞାନର ଯାଦୁକରୀ ଶକ୍ତିକୁ ମଧ୍ୟ ଅବଜ୍ଞା କରିବା ବୁଦ୍ଧିମତ୍ତାର ପରିଚାୟକ ନୁହେଁ । ତେଣୁ ବିଜ୍ଞାନ ଓ ଧର୍ମ ଉଭୟର ଆଦର୍ଶ ହେଉଛି ମଣିଷ ସମାଜ ଲାଗି ତିଷ୍ଠି ରହିବାର ଉପାୟ ଉଦ୍ଭାବନ । କବି ଧର୍ମ-ବିଜ୍ଞାନର ବିଶ୍ୱାସୀ ଭାବରେ, ସମାଜ ଓ ଜୀବନ

ଦୁଇ ଆଦର୍ଶରେ ପରିଚାଳିତ ହେବାର ଉପାଦେୟତା ହୃଦୟଙ୍ଗମ କରିଛନ୍ତି । ଏହି ସତ୍ୟର ଭିତ୍ତିଭୂମିକୁ ସାହିତ୍ୟର ପୃଷ୍ଠଭୂମି ଭାବରେ ସେ ଗ୍ରହଣ କରି ନେଇଥିଲେ । ଏ ଦିଗରେ ଚନ୍ଦ୍ରମଣି ସାର୍ଥକ ସାଧକର ସ୍ୱାକ୍ଷର ରଖି ଯାଇଛନ୍ତି ।

ସାହିତ୍ୟ ସାଧନା କାଳରେ, ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କବି ଉପନୀତ ହୁଅନ୍ତି । ସଂଘର୍ଷମୟ ଯାତ୍ରାପଥରେ ସେ ଯାତ୍ରାକଲାବେଳେ ଜାତୀୟ ଚେତନାର ଉନ୍ମେଷକାଳ । ସେହି ଚେତନା ପ୍ରତିଦ୍ୱନ୍ଦ୍ୱିତା ଭିତରେ ଆତ୍ମପ୍ରକାଶ କରୁଥାଏ । ଜାତୀୟତାର ମନ୍ତ୍ର ଧ୍ୱନିକୁ ପ୍ରକମ୍ପିତ କରିବା ଲାଗି କବି-ପ୍ରାଣ ଚଳଚଞ୍ଚଳ । ତାଙ୍କ ଲେଖନୀ ହୋଇଉଠେ ଶତମୁଖର । ଆପଣା ମାଟି ପ୍ରତି ମମତା ଜାଗ୍ରତ ଲାଗି କବି, ଆଦର୍ଶ ପ୍ରଦର୍ଶନ କରିଛନ୍ତି । ନିଜ ଦେଶ, ଜାତି ଓ ସଂସ୍କୃତି ଲାଗି ସେ ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଜାତୀୟ ଚେତନା ସୃଷ୍ଟି ଦିଗରେ ସେ ପଦକ୍ଷେପ ନେଇଛନ୍ତି ।

କେବଳ ସ୍ୱଦେଶକୁ ଶ୍ରଦ୍ଧାକଲେ ମଣିଷ ଜୀବନ ଉନ୍ନତ ହୁଏ ନାହିଁ । ଏହା ସଙ୍ଗେ ସଙ୍ଗେ, ନିଜକୁ ଭଲ ପାଇବା ଆବଶ୍ୟକ । ପ୍ରଥମ କାର୍ଯ୍ୟ ହେଉଛି ନିଜକୁ ଗଠନ କରି ଶିଖିବା । ନିଜକୁ ନିର୍ମାଣ କରିବା ଲାଗି ପ୍ରସ୍ତୁତ ହେବା । ଏ ପାଇଁ ଉତ୍ତମ ଚରିତ୍ରର ଆବଶ୍ୟକତା ରହିଛି ବୋଲି ସେ ଅନୁଭବ କରି ପାରିଥିଲେ । ଚରିତ୍ରବାନ ମଣିଷ ପକ୍ଷେ ସମସ୍ତ କାର୍ଯ୍ୟ ସମ୍ଭବ ହୁଏ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥାଏ । ସେହି ବିଶ୍ୱାସର ବଶବର୍ତ୍ତୀ ହୋଇ କବି ମଣିଷର ଚରିତ୍ର ଗଠନ ଲାଗି ପ୍ରେରଣା ଦେଇଛନ୍ତି । ଏହି ପ୍ରେରଣାର ମାଧ୍ୟମ ହୋଇଛି ତାଙ୍କ ସୃଷ୍ଟି ସମ୍ଭାର ।

କବିଶେଖର ଚନ୍ଦ୍ରମଣିଙ୍କ ସାହିତ୍ୟ ସାଧନାର ପୃଷ୍ଠଭୂମି ଉପରେ ତାଙ୍କ ସାହିତ୍ୟ-ସୌଧ ପ୍ରତିଷ୍ଠିତ । ତେଣୁ ସାହିତ୍ୟକୃତିର ସୌନ୍ଦର୍ଯ୍ୟ ଓ ପରିସୀମା କଳନା ଲାଗି ପୃଷ୍ଠଭୂମିର ଭୂମିକା ପ୍ରତି ଧ୍ୟାନ ଦେବାକୁ ହେବ । ଯେଉଁ ଭିତ୍ତିଭୂମିରେ ସେ ସାଧନା ଆରମ୍ଭ କରିଛନ୍ତି, ସେହି ଭୂମିର ଆଦର୍ଶ ଓ ଅଭିମୁଖ୍ୟ ତାଙ୍କ କୃତିରେ ପ୍ରତିଫଳିତ ହୋଇଛି । ଏପରି ଆଦର୍ଶବାଦୀ ସାଧକ କ୍ୱଚିତ୍ ଦେଖାଯାଆନ୍ତି ।

## ଉପନ୍ୟାସ କଳା :

# କଳାକାର ଚିନ୍ତାମଣିଙ୍କ ଜୀବନାଲୋକ

ସାଧକ ଚନ୍ତ୍ରମଣିଙ୍କର କଥା ସାହିତ୍ୟ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଥିଲା । ନିଜ ପ୍ରତିଭା ଓ ସାଧନା ବଳରେ ସେ ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ନିଜକୁ ପରିଚିତ କରିଛନ୍ତି । ଭ୍ରାମ୍ୟମାଣ ଜୀବନରେ ବହୁ ଚରିତ୍ର ଓ ଚରିତ୍ରର ସଂସ୍ପର୍ଶରେ ସେ ଆସିଥିଲେ । ବହୁ ଘଟଣାବଳୀର ସମ୍ମୁଖୀନ ହୋଇ ପ୍ରତ୍ୟକ୍ଷଦର୍ଶୀ ଭାବରେ ଅନୁଭୂତି ଅର୍ଜନ କରିବାର ସୁଯୋଗ ପାଇଛନ୍ତି । ସେହିସବୁ ବାସ୍ତବ ଚରିତ୍ରାବଳୀର ସମାବେଶରେ ଗଢ଼ି ଉଠିଲା ତାଙ୍କ କଥା ସାହିତ୍ୟର ପୃଷ୍ଠଭୂମି ।

ଔପନ୍ୟାସିକ ଭାବରେ ଚିନ୍ତାମଣି ଯେତେବେଳେ ଲେଖନୀ ଚାଳନା କରନ୍ତି, ସେତେବେଳେ ସେ ଫକୀରମୋହନଙ୍କଦ୍ୱାରା ପ୍ରଭାବିତ ହୁଅନ୍ତି । ଫକୀରମୋହନ କେବଳ ଓଡ଼ିଆ ସାହିତ୍ୟ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଏକ ଉଜ୍ଜ୍ୱଳ ପ୍ରତିଭା । କଥା ସାହିତ୍ୟରେ ସେ ଯେଉଁ ନବଦିଗନ୍ତ ଉନ୍ମୋଚନ କଲେ, ସେହି ନୂତନ ସ୍ୱର ହିଁ ତାଙ୍କର ବୈଶିଷ୍ଟ୍ୟ ଭାବରେ ପରିଗଣିତ ହୁଏ । ନେ ଔପନ୍ୟାସିକ ଫକୀର ମୋହନଙ୍କ ରଚନାବଳୀକୁ ସହୃଦୟତାର ସହ ଅଧ୍ୟୟନ କରିଛନ୍ତି । ଫକୀର ମୋହନ-ସାହିତ୍ୟ ପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଥିବାର ପ୍ରମାଣ ମିଳେ ।

ଫକୀରମୋହନଙ୍କ ଉପନ୍ୟାସର ସେ ଜଣେ ଗ୍ରାହକ ଥିଲେ । ତାଙ୍କ ଉପନ୍ୟାସ ସୃଷ୍ଟି ସମ୍ଭାରକୁ କବି ଚକ୍ଷୁର ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ଜଣେ ବିଶ୍ୱସ୍ତ ପାଠକ ରୂପେ ଚିନ୍ତାମଣି ଫକୀର ମୋହନଙ୍କ ଉପନ୍ୟାସମାଳା ଅଧ୍ୟୟନରେ ଯଥେଷ୍ଟ ସମୟ ବ୍ୟୟ କରିଥିଲେ । ତାଙ୍କ ଚିନ୍ତାରାଜ୍ୟରେ ଫକୀର ମୋହନ ଆତ୍ମଗୋପନ କରିଥିବା ମନେହୁଏ ।

କେବଳ ଚନ୍ଦ୍ରମଣି ତାଙ୍କଦ୍ୱାରା ପ୍ରଭାବିତ ହୋଇ ନାହାନ୍ତି, ବହୁ କ୍ଷେତ୍ରରେ ଅନୁକରଣ କରିଥିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ଫକୀରମୋହନଙ୍କ ସୃଷ୍ଟିରେ ଚିତ୍ରିତ ହୋଇଥିବା ଚରିତ୍ର ସହ ତାଙ୍କ ଚରିତ୍ର ଚିତ୍ରଣରେ ସାମ୍ୟ ପରିଲକ୍ଷିତ ହୋଇଥାଏ । ଏଠାରେ ଏହାଦ୍ୱାରା ଔପନ୍ୟାସିକ ଭାବେ ଚନ୍ଦ୍ରମଣିଙ୍କୁ ନ୍ୟୂନ କରିଦେବା ଉଦ୍ଦେଶ୍ୟ ନୁହେଁ । ଏମିତି ବହୁ ସ୍ଥଳରେ ସାହିତ୍ୟ ଜଗତରେ ଦୁଇ ସ୍ରଷ୍ଟାଙ୍କ ଭିତରେ ସାମ୍ୟ ଦୃଷ୍ଟିଗୋଚର ହୋଇଥାଏ; କିନ୍ତୁ ଭିନ୍ନ ଭିନ୍ନ ପୃଷ୍ଠଭୂମିରେ ଭିନ୍ନଭିନ୍ନ ସାହିତ୍ୟ ରଚିତ ହୁଏ । ପ୍ରତ୍ୟେକ ସ୍ରଷ୍ଟାଙ୍କଠାରେ କିଛି ନା କିଛି ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଥାଏ । ଚନ୍ଦ୍ରମଣିଙ୍କ କ୍ଷେତ୍ରରେ ତାହା ହିଁ ଘଟିଛି ।

ଚନ୍ଦ୍ରମଣି 'ରୁପାଚୁଡ଼ି', 'ଝଙ୍କାଗଛ', 'ଯୁଗଳ ମଠ', 'ଶନିସପ୍ତା' ଓ 'ରୁଲ୍‌ଫକୀର' ଏହି ପାଞ୍ଚଗୋଟି ଉପନ୍ୟାସ ରଚନା କରିଛନ୍ତି । ଏହିସବୁ ରଚନାରେ ଔପନ୍ୟାସିକ ଚନ୍ଦ୍ରମଣିଙ୍କର ସ୍ୱାତନ୍ତ୍ର୍ୟ ଅନୁଭବ କରିହୁଏ ।

କଥା ସମ୍ରାଟ ଫକୀରମୋହନଙ୍କୁ ସେ ଏପରି ଶ୍ରଦ୍ଧା ଓ ଆନ୍ତରିକତାର ସହ ବିଚାର କରିଥିଲେ ଯେ, ଚରିତ୍ରଚିତ୍ରଣ ସମ୍ବନ୍ଧରେ ଫକୀରମୋହନୀୟ ଶୈଳୀ ଓ ଭାବଧାରା ସ୍ୱତଃ ତାଙ୍କ ଭାବରାଜିକୁ ସ୍ପର୍ଶ କରିଛି । ତାଙ୍କର ବହୁ ପଠିତ 'ରୁପାଚୁଡ଼ି'କୁ ଏଠାରେ ଉଦାହରଣ ଲାଗି ନିଆଯାଉ । ଏଥିରେ ଚିତ୍ରିତ ହୋଇଥିବା ନିତ୍ୟାନନ୍ଦ ଚରିତ୍ର ହେଉଛି ଉପନ୍ୟାସର ଆକର୍ଷଣୀୟ ପ୍ରାଣ-ସତ୍ତା । ଔପନ୍ୟାସିକ ଖୁବ୍ ନିଷ୍ଠାର ସହ ବାସ୍ତବ ଚରିତ୍ର ଉପସ୍ଥାପନ କରି ଜଣେ ବାସ୍ତବବାଦୀ ଶିଳ୍ପୀର ଗୌରବ ଅର୍ଜନ କରିଛନ୍ତି । ଏହି ଚରିତ୍ର ଅଧ୍ୟୟନ କାଳରେ, ଲେଖକଙ୍କ ଚିନ୍ତାଧାରା ଓ ଜୀବନ୍ତ ଚରିତ୍ର ଚିତ୍ରଣ ପାଠକର ଦୃଷ୍ଟି ଆକର୍ଷଣ କରେ । ନିତ୍ୟାନନ୍ଦ ଚରିତ୍ର ଆମ ସମାଜ ଓ ଜୀବନର ଏକ ନିଛକ ପ୍ରତିନିଧି, ଏକଥା କେହି କେବେ ଅସ୍ୱୀକାର କରିବେ ନାହିଁ । ସମାଜକୁ ବିଶ୍ଳେଷଣ କରିବା ଢଙ୍ଗରେ ଚନ୍ଦ୍ରମଣି ଜଣେ ନିଷ୍ଠାପର ଶିଳ୍ପୀ—ଏକଥା ସ୍ମରଣ ରଖିବାକୁ ହେବ । ଏସବୁ ସତ୍ତ୍ୱେ, ସେହି ଚରିତ୍ର ଫକୀରମୋହନଙ୍କ ମଙ୍ଗରାଜ ଚରିତ୍ରସହ ସାମ୍ୟ ରକ୍ଷାକରିଛି, ଏ ସତ୍ୟକୁ ତ କୌଣସି ପାଠକ ଗୋପନୀୟ ରଖି ପାରିବନାହିଁ ।

ପାଠକ ଯେତେବେଳେ ନିତ୍ୟାନନ୍ଦ ଦାସ ଚରିତ୍ର 'ରୁପାଚୁଡ଼ି' ଉପନ୍ୟାସରୁ ଅଧ୍ୟୟନ କରେ, ସେତେବେଳେ 'ଛମାଣ ଆଠଗୁଣ୍ଠ'ରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଅନ୍ୟତମ ଉଲ୍ଲେଖନୀୟ ରାମଚନ୍ଦ୍ର ମଙ୍ଗରାଜଙ୍କ ଚରିତ୍ର ତା' ମନଭିତରେ ଏକ ଛବି ଆଙ୍କିଯାଏ । ଚକ୍ଷୁ ସମ୍ମୁଖରେ 'ମଙ୍ଗରାଜ' ନାଚି ଉଠନ୍ତି । 'ନିତ୍ୟାନନ୍ଦ' ସମତାଳରେ 'ମଙ୍ଗରାଜ'ଙ୍କ ସହ ଅଭିନୟ କରିଥିବାର ଦୃଶ୍ୟ ପାଠକ ସହଜରେ ଉପଭୋଗ କରେ । ଏଠାରେ ଏହି ସମସ୍ତରର ଗୋଟିଏ ଉଦାହରଣ ଦିଆଯାଉ—

ବ୍ୟାସକବି ଫକୀରମୋହନ ତାଙ୍କ ବିଖ୍ୟାତ ଉପନ୍ୟାସ 'ଛମାଣ ଆଠଗୁଣ୍ଠ'ରେ ରାମଚନ୍ଦ୍ର ମଙ୍ଗରାଜର ଚରିତ୍ର ଚିତ୍ରଣ କରି କହିଛନ୍ତି—"ମଙ୍ଗରାଜଙ୍କ ପରି ନିଃସ୍ୱାର୍ଥ ଲୋକ ଦୁନିଆଁରେ ଅଳ୍ପ ଦେଖିବ । ତାଙ୍କର ସବୁ କାର୍ଯ୍ୟ ପରୋପକାର ନିମନ୍ତେ । ସାଆନ୍ତଙ୍କର ଏହି ବାଡ଼ିବଗିଚାଟି ଗୋବିନ୍ଦପୁର ହାଟର ସ୍ଥିତି ଓ ମୂଳାଧାର ଅଟେ ।"

ଏହି ଉକ୍ତିକୁ ଆଖିରେ ରଖି, 'ରୂପାଚୂଡ଼ି' ଉପନ୍ୟାସର ପ୍ରକାଶଭଙ୍ଗୀ ଲକ୍ଷ୍ୟ କରାଯାଇପାରେ । ନିତ୍ୟାନନ୍ଦ ଦାସ ଚରିତ୍ର ଚିତ୍ରଣ କରିବାକୁ ଯାଇ ଚନ୍ଦ୍ରାମଣି କହନ୍ତି— "ଦାସେ ଜଣେ ନିଃସ୍ୱାର୍ଥ ବ୍ୟକ୍ତି । କିପରି ଘରକୁ ଘରଙ୍କ ଦୁଇଘର ହେବ, ମାଲିମୋକଦ୍ଦମାରେ କିପରି ସର୍ବସ୍ୱାନ୍ତ ହୋଇ ତାଙ୍କ ପାଖରୁ କରଜ ନେବାକୁ ଆସିବେ, ଗ୍ରାମର ଏହି ହିତଚିନ୍ତାରେ ସେ ସର୍ବଦା ବିବ୍ରତ ।" (ରୂପାଚୂଡ଼ି)

ଚନ୍ଦ୍ରାମଣିଙ୍କର ଅନ୍ୟ ଏକ ଉପନ୍ୟାସ 'ଟଙ୍କାଗଛ'ରେ ମଧ୍ୟ ଫକୀରମୋହନଙ୍କର ପ୍ରଭାବ ଲକ୍ଷ୍ୟ କରାଯାଇଥାଏ । କିପରି ସେ ସେନାପତୀୟ ଶୈଳୀବନ୍ଧନରୁ ମୁକ୍ତହୋଇ ପାରିନାହାନ୍ତି, ତାହାର ଅନ୍ୟ ଏକ ଉଦାହରଣ—

ଫକୀରମୋହନ ଲେଖିଲେ—"ବିମଳୀ କ୍ରମଶଃ ଗୋସ୍ୱାମୀର ଉଦ୍ଧ୍ୱ ତିନ ତିନି ପୁରୁଷ ପ୍ରତି କୁତ୍ସିତ ପଦାର୍ଥ ବିଶେଷରେ ଖାଦ୍ୟର ବ୍ୟବସ୍ଥା କରି ଗୋଷ୍ଠୀର ଅତ୍ୟୁଗ୍ରତା, ଆପଣା ବାଡ଼ିର ଉର୍ବରତ୍ୱ ଏବଂ କୁଷ୍ମାଣ୍ଡ ବୃକ୍ଷର ତେଜସ୍ୱିତା......" (ଛମାଣ ଆଠଗୁଣ୍ଠ)

ଚନ୍ଦ୍ରାମଣି ଅନୁରୂପ ଭଙ୍ଗୀରେ ରଚନା କରିଛନ୍ତି—"ବ୍ରାହ୍ମଣୀ ନିଜ ଗୃହାଭି-ମୁଖରେ ପ୍ରସ୍ଥାନ କଲା । ଯାଉଁ ଯାଉଁ ବାଟସାରା 'କାପାଳିକ'ର ଚଉଦ ପୁରୁଷ ଉଦ୍ଦେଶ୍ୟରେ ଖାଦ୍ୟପାନର ବ୍ୟବସ୍ଥା କରି କରି ଯାଉଥିଲା ।" (ଟଙ୍କାଗଛ)

କବିଶେଖରଙ୍କ ଜୀବନ ସଂସ୍କାର ମନ୍ତ୍ରରେ ଦୀକ୍ଷିତ ହୋଇଥିଲା । ସଂସ୍କାର-ଚେତନାଠାରୁ ସେ ଦୂରେଇ ପାରିବା ସମ୍ଭବ ହୋଇନାହିଁ । ଏହି ସଂସ୍କାରକ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଯେପରି ଉପଦେଶାବଳୀରେ କଥାବସ୍ତୁକୁ ରୁଦ୍ଧିମନ୍ତ କରିଛନ୍ତି, ସେଥିରେ ତାଙ୍କ ଜୀବନ ଦର୍ଶନର ସଂପୂର୍ଣ୍ଣ ରୂପରେଖ ଫୁଟି ଉଠିଛି । କଥାଜଗତରେ ମଧ୍ୟ କବିଶେଖରଙ୍କୁ ଏହି ଅଭିନୟରେ ପାଠକ ଅନୁଭବ କରେ ।

ଚରିତ୍ର ଚିତ୍ରଣ ଓ ପରିବେଶ ବର୍ଣ୍ଣନା କରୁକରୁ ସ୍ୱକୀୟଭଙ୍ଗୀରେ ସେ କହନ୍ତି— "ରାଧିକା ଦାସ, ତୁମେ ବଡ଼ ଅପରିଣାମଦର୍ଶୀ ! ନରକର ପୂତିଗନ୍ଧକୁ ସ୍ୱର୍ଗର ପାରିଜାତ ମଣୁଅଛ; ମାତ୍ର ଏହାର ଫଳ ବଡ଼ ବିଷମୟ ହେବ । ନିଦାଘ-ମଧ୍ୟାହ୍ନର ଖରତପ୍ତ ବାୟୁରେ ଶିମିଳି ତୂଳାପ୍ରାୟ ତୁମ୍ଭର ସବୁ ଆଶା କୁଆଡ଼େ ଉଡ଼ିଯିବ ।" (ରୂପାଚୂଡ଼ି)

ସମାଜରେ ଅପରିଣାମଦର୍ଶୀ ଚରିତ୍ରରେ ସକଳ ଅବାଞ୍ଛନୀୟ ଓ ପରିତ୍ୟାଜ୍ୟ ଦର୍ଶନହିଁ ଗ୍ରହଣୀୟ ମନେ ହୋଇଥାଏ । ସମାଜ ଯାହାକୁ ଅନ୍ଧକାରମୟ ପଥ ବିବେଚନା କରେ, ସେପରି ଚରିତ୍ର ଦୃଷ୍ଟିରେ ତାହା ଅମୃତମୟ ଜଣାଯାଏ । ଏପରି ପଥଚ୍ୟୁତ ଜୀବନଯାତ୍ରା ଯେ ତା' ପାଇଁ ନର୍କର ଅଭିଶପ୍ତ ଅଧ୍ୟାୟ ସୃଷ୍ଟି କରେ, ସେକଥା ସେ ଚିନ୍ତାକରି ପାରେନାହିଁ ।

ଦୂରଦ୍ରଷ୍ଟା ଭାବରେ ଲେଖକ ଆଦର୍ଶବାଦୀର ଭୂମି ଉପରେ ଠିଆହୋଇ ସେପରି ଚରିତ୍ର ଲାଗି ଯେଉଁ ବାଣୀ ପ୍ରକାଶ କରିଛନ୍ତି, ତାହା ସମାଜକୁ ଯୁଗେଯୁଗେ ଦିଗ୍‌ଦର୍ଶନ ଦେଉଥିବ । କେବଳ 'ରୂପାଚୂଡ଼ି'ର ରାଧିକା ଦାସ ନୁହେଁ, ସମାଜରେ ଅସଂଖ୍ୟ ରାଧିକାଦାସଙ୍କର ଅବସ୍ଥିତି—ଚନ୍ଦ୍ରମଣି ଭୁଲି ପାରିନାହାନ୍ତି ।

ଫକୀରମୋହନ ପରିଣତ ବୟସରେ ସଫଳକୃତି ଓଡ଼ିଆ କଥାସାହିତ୍ୟକୁ ଦାନ କଲାପରେ, ଚନ୍ଦ୍ରମଣି ମଧ୍ୟ ପରିପକ୍ୱ ଜୀବନରେ ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ସମସ୍ତ ଉପନ୍ୟାସଗୁଡ଼ିକ ୧୯୨୦ ମସିହାରୁ ୧୯୪୦ ମସିହା ମଧ୍ୟରେ ରଚିତ ହୋଇଛି । 'ଯୁଗଳମଠ' ହେଉଛି ଚନ୍ଦ୍ରମଣିଙ୍କର ଆଦି ଉପନ୍ୟାସ । ତା' ପରେ ପରେ 'ବୁଲାଫକୀର' 'ହଙ୍କାଗଛ', 'ରୂପାଚୂଡ଼ି' ଓ 'ଶନିସନ୍ଧ୍ୟା' ଉପନ୍ୟାସର ସୃଷ୍ଟି ।

ତାଙ୍କର ସବୁ ଉପନ୍ୟାସ ମିଳନାତ୍ମକ ବିନ୍ୟାସରେ ପରିସମାପ୍ତି ଘଟିଛି । ଜୀବନର ଦୁଃଖାନଳ ଭିତରେ ଜଳିଜଳି ମଣିଷ ପାଉଁଶ ନହୋଇ, ଶେଷ ମୁହୂର୍ତ୍ତରେ ହେଲେ ବି, ସେ ଟିକେ ହସର ପରଶ ପାଉ, ଦୁଃଖର ଯନ୍ତ୍ରଣା ତାକୁ ଏ ପୃଥିବୀ ଲାଗି ବିଦାୟର କାରଣ ନହେଉ, ସୁଖର ଆହ୍ୱାନବାଣୀ ତା ପାଇଁ ମୁଖର ଉଠୁ, ସେଇଠି ଫୁଟିଉଠିବ ମଣିଷ ଜୀବନର ଲୁହ-ହସର ସମନ୍ୱୟ ରେଖା—ମଣିଷ ଜୀବନର ସ୍ୱପ୍ନ ସାର୍ଥକ ହେବ—ଏହି ଚେତନା ଚନ୍ଦ୍ରମଣିଙ୍କୁ ଗ୍ରାସ କରିଛି । ମଣିଷର ଜୟଯାତ୍ରା ପାଇଁ ସେ ବ୍ୟାକୁଳତା ପ୍ରକାଶ କରିଛନ୍ତି । ଜୀବନସାରା କାନ୍ଦିକାନ୍ଦି ମଣିଷ ଜୀବନନାଟିକାକୁ କ୍ରନ୍ଦନରୋଳରେ ସମାପ୍ତ ନକରି ହାସ୍ୟମୁଖର ପରିବେଶରେ ସମାପ୍ତ କରିବା ଅଭିପ୍ରାୟରେ ସେ ଆଦରି ନେଇଥିଲେ ମିଳନାତ୍ମକ ଚିନ୍ତାଧାରା ।

ଉପନ୍ୟାସରେ ଚନ୍ଦ୍ରମଣି ଟ୍ରାଜେଡ଼ିର ସ୍ୱର ଯଥେଷ୍ଟ ଶୁଣାଇଛନ୍ତି; କିନ୍ତୁ ଏହି ସ୍ୱରର ମର୍ମବାଣୀ ହୋଇଥିଲା ଆନନ୍ଦ ଦାନ । ଶୋକ, ପରିତାପ, ଘୃଣା, ଅଭିଶାପ ଓ ଅବଶୋଷ ଭିତରେ ଲୁକ୍‌କାୟିତ ହୋଇ ରହିଥିଲା ଆନନ୍ଦର ଆବେଗ, ସେ ପାଇଁ ମିଳନ-ଗୀତର ସ୍ୱରରେ ଚନ୍ଦ୍ରାର ଦିଗ୍‌ବଳୟ ଆଚ୍ଛନ୍ନ ହୋଇଥିଲା ।

'ବୁଲାଫକୀର' ଉପନ୍ୟାସରେ ଦେଖିବାକୁ ମିଳେ—ସେହି ଦୁଃଖର କୁହେଳିକା; କିନ୍ତୁ କୁହେଳିକା ଅତିକ୍ରମ କରି ଶେଷପର୍ଯ୍ୟାୟରେ ଆଲୋକର ସ୍ପର୍ଶ ପାଇବାର ଯେଉଁ

ଉଦ୍ଦାମ ପ୍ରବଣତା, ତାହା ହେଉଛି ଚନ୍ଦ୍ରମଣିଙ୍କର ବୈଶିଷ୍ଟ୍ୟ । ସୁନ୍ଦରପୁର ଗାଁ । ସେଠାରେ ପୁରନ୍ଦର ମହାପାତ୍ର ହେଉଛନ୍ତି ଜଣେ ସାଧୁପୁରୁଷ-ତଥାକଥିତ ଗୃହସ୍ଥ । ତାଙ୍କର ପୁତ୍ର ନାହିଁ । କେବଳ ମାତ୍ର ଗୋଟିଏ କନ୍ୟା—ନାଁ ତାର ଜାନକୀ । କେତେ ଆଦର ଯତ୍ନରେ ଅଲଅଲି କନ୍ୟାର ବିବାହ ସମ୍ପନ୍ନ ହୁଏ; ମାତ୍ର ବୈବାହିକ ଜୀବନ ଦୀର୍ଘସ୍ଥାୟୀ ହେଲାନାହିଁ । ବିବାହ ପରେ ପରେ, ଜାନକୀ ବୈଧବ୍ୟ ଯନ୍ତ୍ରଣା ଭୋଗକରେ । ଏହି ବୈଧବ ଯନ୍ତ୍ରଣା ଶ୍ୱଶୁର ଘରେ ଅସହ୍ୟ ହେବା ଆଶଙ୍କାରେ ପିତୃଗୃହରେ ବିଧବା ଜାନକୀ ବାସ କଲା । ଜାନକୀର ଦେବର ଜ୍ୱରରେ ଆକ୍ରାନ୍ତ ହେବା ସଙ୍ଗେସଙ୍ଗେ, ତା'ର ଯା' ମଧ୍ୟ ଜ୍ୱରରେ ଆକ୍ରାନ୍ତ ହୁଏ । ଦୁଇଜଣଯାକ ପରଲୋକ ଗମନ କରନ୍ତି । ପିତୃଗୃହରେ ଆଶ୍ରିତା ଜାନକୀ ନିଜ ପୁତୁରା ଗୋପାଳର ମାତୃବିୟୋଗ ପରେ, ତାକୁ ନିଜ ପାଖରେ ଆଶ୍ରୟ ଦେଲା । ଅପୁତ୍ରକ ପୁରନ୍ଦର ମହାପାତ୍ର ଗୋପାଳ ଉପସ୍ଥିତରେ ଖୁବ୍ ଖୁସିହେଲେ । ତା' ଉପରେ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦିଅନ୍ତି । କାଳକ୍ରମେ ଗୋପାଳ ଖୁବ୍ ଦୁଷ୍ଟ ହେଲା । ଏହି ଦୁଷ୍ଟାମି ଫଳରେ ତାକୁ ବି ଗୃହ ତ୍ୟାଗ କରିବାକୁ ପଡ଼ିଲା । ପୁଣି ଭାଗ୍ୟର ପରିବର୍ତ୍ତନ । ଦୁଷ୍ଟ ଗୋପାଳର ଜୀବନଯାତ୍ରା ଭିନ୍ନମୁଖୀ ହେଲା । ଏକଦା ତାକୁ ଜଣେ ବଙ୍ଗୀୟ ଭଦ୍ରବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳେ । ତାଙ୍କର ସହାୟତାରେ ଗୋଟିଏ ଚାକିରିରେ ଗୋପାଳ ନିଯୁକ୍ତ ହେଲା । ଭାଗ୍ୟର ପରିବର୍ତ୍ତନ ପରେ, ଗୃହତ୍ୟାଗୀ ଗୋପାଳ ପୁନର୍ବାର ଗୃହକୁ ଫେରିଆସିଲା । ମହାପାତ୍ରଙ୍କ ଆନନ୍ଦ କହିଲେ ନସରେ; ହଜିଯାଇଥିବା ପୁତ୍ର ବାହୁଡ଼ି ଆସିଛି । ଗୋପାଳ ଜୀବନରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଗୋପାଳର ବିବାହ ପ୍ରସ୍ତାବ ଆସିଲା—ନବଘନର କନ୍ୟା ମେନକା ସହ ଗୋପାଳର ବିବାହ ସମ୍ପନ୍ନ ହେବ । ନବଘନ ହେଉଛି ମହାପାତ୍ରଙ୍କ ପଡ଼ୋଶୀ । ଏହି ପ୍ରସ୍ତାବରେ ନବଘନ ଏକମତ । ବିବାହ ସଂପନ୍ନ ହେଲା ।

ଘଟଣା ଅତି ଗତାନୁଗତିକ; କିନ୍ତୁ ଘଟଣାର କ୍ରମ ସଜ୍ଜା ଉପନ୍ୟାସର ଶ୍ରୀବୃଦ୍ଧି ଘଟାଇଛି । ମାନବଜୀବନର ଏହା ଏକ ପ୍ରତିଛବି । ପାହାଚ ପରେ ପାହାଚ ଅତିକ୍ରମ କରିବାକୁ ହୁଏ । ପ୍ରତି ପାହାଚରେ ଚନ୍ଦ୍ରମଣିଙ୍କର ଜୀବନବୋଧ ଅନୁଭବ କରିହୁଏ । ଦୁଃଖର କାହାଣୀ ଖୋଲିଦେଇ ସେ ନୀରବ ରହିଥାଆନ୍ତି । ମିଳନ ପାଇଁ ଅନେକ ପାହାଚ ସୃଷ୍ଟି ହୋଇଛି । ଜୀବନ କେବଳ ଦୁଃଖର ଆଲୟ ନୁହେଁ । ମିଳନାନ୍ତକ ପରିଣତିରେ 'ବୁଲଫକୀର' ପରିସମାପ୍ତି ଲାଭ କରିଛି ।

'ଝଙ୍କାରଗଛ'କୁ ଅଣାଯାଇପାରେ । କେନ୍ଦୁଝର ସୁନାଘାଇ ପାହାଡ଼ର ପାଦଦେଶ—ଶୀତଳପୁର ନାମକ ଏକ ଗାଁ । ଗାଁଟି ଖୁବ୍ ବଡ଼ । ଅନୁନ୍ନତ ନୁହେଁ । ଗାଁର ସୁନାମ ରହିଛି, ଉନ୍ନୟନମୂଳକ କାର୍ଯ୍ୟ ଅନେକ ହୋଇଛି । ସବୁର କର୍ଣ୍ଣଧାର ହେଉଛନ୍ତି ହେମହର ସାମନ୍ତ । ସେ ଜଣେ କୁଶଳୀ ବ୍ୟକ୍ତି । ଗାଁ ଭିତରେ ଗୋଟିଏ

ମନ୍ଦିର—ଗୋପୀନାଥ ମନ୍ଦିର ନାମରେ ପରିଚିତ । ସେହି ମନ୍ଦିରରେ ସାଧୁସନ୍ଥଙ୍କର ଭିଡ଼ ହୁଏ । ଅତିଥି ଅଭ୍ୟାଗତ ନିତି ଆସନ୍ତି । ସେମାନଙ୍କ ରହିବା ଲାଗି ବ୍ୟବସ୍ଥା ହୋଇଛି । ମନ୍ଦିରରେ ଥିବା ତିନୋଟି ବଡ଼ ବଙ୍ଗଳା ଏମାନଙ୍କ ରହିବା ଲାଗି ଉଦ୍ଦିଷ୍ଟ ଥାଏ ।

ହେମହର ସାମନ୍ତଙ୍କର ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା । ବିପତ୍ନୀକ ହେବା ପରେ, ଆଉ ପତ୍ନୀ ଗ୍ରହଣ କରିବା ଲାଗି ସାମନ୍ତ ଆଗ୍ରହୀ ହେଲେ ନାହିଁ । ସେ ପାଇଁ ତାଙ୍କର ଇଚ୍ଛା ନ ଥାଏ । ତାଙ୍କ ଜ୍ୟେଷ୍ଠପୁତ୍ର ଗୋପାଳ ହେଉଛି ପିତାଙ୍କପରି ଜଣେ ଭଦ୍ର ଓ ସାଧୁ ବ୍ୟକ୍ତି । କନିଷ୍ଠ ପୁତ୍ର ମଧୁ ହେଉଛି ଦୁଷ୍ଟ—ପିତାଙ୍କଠାରୁ ବିପରୀତ ଗୁଣର ଅଧିକାରୀ । ଦୁଇଭାଇ ଭିନ୍ନ ପ୍ରକାରର । ମାନସିକ ଗୁଣରେ ଦୁହେଁ ତଫାତ୍ ।

କାଳକ୍ରମେ ଘଟଣାଟିଏ ଘଟିଲା । ସେହି ଗାଁରେ ଛଦ୍ମବେଶ ଧାରଣକରି ଆଡ଼କାଠି ସାଧୁମାନେ ପହଞ୍ଚିଲେ । ସେମାନେ ସେଠାରେ ପହଞ୍ଚି ନୀରବ ରହିଲେ ନାହିଁ । ହୁକୁମ ଔଷଧ ଦେବା ଆରମ୍ଭ କରନ୍ତି । ଲୋକମାନେ ବି ଆବଶ୍ୟକତା ଅନୁଯାୟୀ ହୁକୁମ ଔଷଧ ଗ୍ରହଣ କଲେ । ମଧୁ ଆଡ଼କାଠି ସାଧୁମାନଙ୍କ ସଂସ୍ପର୍ଶରେ ଆସିଲା । ମଧୁର ସରଳତାର ପ୍ରମାଣ ପାଇବା ମାତ୍ରେ, ସାଧୁମାନେ ସେହି ସରଳତାର ସୁଯୋଗ ନେଲେ । ଟଙ୍କାଗଛ ଦେବାର ଲୋଭ ଦେଖାଇ, ସାଧୁମାନେ ମଧୁକୁ ଗାଁରୁ ନେଇଗଲେ । ଅନ୍ୟ କେତେଜଣ ଯୁବକଙ୍କ ସହ ଆସାମ ଟ୍ରି' ବଗିଚା ମାଲିକକୁ ତାକୁ ବିକ୍ରୀକରି ଦିଆଗଲା ।

ମାତ୍ର ଭାଗ୍ୟୋଦୟ ହୁଏ ମଧୁର । ଟ୍ରି' ବଗିଚାର ମାଲିକ ଓ ପ୍ରହରୀ ଶ୍ରୀମସିଂହ, ମଧୁ ପ୍ରତି ସହାନୁଭୂତି ପ୍ରଦର୍ଶନ କଲେ । ଦୁହିଁଙ୍କର ଶୁଭଦୃଷ୍ଟି ଫଳରେ ମଧୁ ବିଦ୍ୟା ଅଧ୍ୟୟନ କରିପାରିଲା । ସୌଭାଗ୍ୟକ୍ରମେ, ଲଟେରୀ ଉଠାଣରେ ସେ ଲାଭବାନ ହୁଏ । ଟଙ୍କା ଅଗଣିକ ହାତକୁ ଆସିଲା ।

ଏତେ ବିପର୍ଯ୍ୟସ୍ତ ଜୀବନଯାପନ ପରେ, ଲେଖକ ନେଇ ପୁତ୍ରକୁ ପିତା ପାଖରେ ପହଞ୍ଚାଇଛନ୍ତି । ପିତା-ପୁତ୍ରଙ୍କର ପୁନର୍ମିଳନ ଘଟିଛି । ଆଡ଼କାଠି ସାଧୁମାନଙ୍କର ଦୋଷ ବିଚାର ହୁଏ । ସେମାନଙ୍କ ଦୋଷ ଓ ଅପରାଧ ଲାଗି ସେମାନେ ଦଣ୍ଡିତ ହେଲେ । ପିତା ପୁତ୍ରକୁ ପାଇ ଖୁସି । ପୁତ୍ର ପିତାଙ୍କର ସାନ୍ନିଧ୍ୟରେ ଆନନ୍ଦ ଅନୁଭବ କଲା ।

ଏଠାରେ ଲେଖକ ହେମହର ସାମନ୍ତଙ୍କୁ ପୁତ୍ରଶୋକରେ ଦୁଃଖିତ କରାଇ, ଜଣେ ସାଧାରଣ ଦୁଃଖୀ ଭାବରେ ଚିତ୍ରଣ କରିନାହାନ୍ତି । ପୁତ୍ରଶୋକରେ ସେ ଯୋଗୀର

ଦୁଃଖ ଅନୁଭବ କରିଛନ୍ତି । ସେ ଦୁଃଖ ପୁଣି ଦୀର୍ଘସ୍ଥାୟୀ ହୋଇ ପାରିଲାନାହିଁ । ପୁନର୍ମିଳନର ଆନନ୍ଦରେ ଦୁଃଖ ଅପସରି ଯାଇଛି ।

ଏ ଉପନ୍ୟାସରେ ଦେଖିବାକୁ ମିଳେ, ସଂସାର ଜୀବନର ଏକ ଦୃଶ୍ୟ । କେତୋଟି ଚରିତ୍ରର ମୁଖା ଉନ୍ମୋଚନ କରିବାର ପ୍ରଚେଷ୍ଟା ସାର୍ଥକ ହୋଇଛି । ଲେଖକ ଦୁଃଖାନ୍ତକ ବର୍ଣ୍ଣନା ପରେ, ଲେଖନୀକୁ ନୀରବ କରି ନାହାନ୍ତି । ମିଳନାନ୍ତକ ଦୃଶ୍ୟ ପରିବେଷଣରେ ଉପନ୍ୟାସ ଉଦ୍‌ଯାପିତ ହୋଇଛି ।

ପୁତ୍ର, ପିତା ପାଖକୁ ଫେରି ଆସିବ । ପୁତ୍ରଶୋକ ଦୂର ହେବ । ଏ ବିଚ୍ଛେଦ ସାମୟିକ । ଏହି ବିଚ୍ଛେଦ ଜୀବନର ପୂର୍ଣ୍ଣତାପାଇଁ ଏ ଦର୍ଶନର ମୂଳମନ୍ତ୍ର ପାଠକର କାନେ କାନେ ଚରିତ୍ରଗୁଡ଼ିକ କହିଯାଆନ୍ତି । ଦୋଷୀ ସୃଷ୍ଟିନିୟନ୍ତାଙ୍କ ବିଗ୍ରହରୁ ସହଜରେ ମୁକ୍ତି ପାଇପାରେନା । ସୁଯୋଗ ପାଇ ପଳାଇପିବାର ଆନନ୍ଦ ଦୋଷୀ ଲାଗି କ୍ଷଣସ୍ଥାୟୀ । ଦଣ୍ଡିତ ହେବାର ସିଦ୍ଧାନ୍ତ ଜୀବନ ଡାଇରୀ ପୃଷ୍ଠାରେ ଲିପିବଦ୍ଧ—ଦୋଷୀ ମାୟାମୋହରେ ଭୁଲି ଯାଇଥାଏ । ସତ୍ୟର ଜୟଧ୍ୱନି ଶୁଣିବାକୁ ମିଳେ ଚନ୍ଦ୍ରାମଣିଙ୍କ ଲେଖନୀରୁ ।

'ରୁପାଚୁଡ଼ି' ଉପନ୍ୟାସରେ ପ୍ରିୟପୁରନିବାସୀ ନିତ୍ୟାନନ୍ଦ ଦାସ ବ୍ରାହ୍ମଣବୈଷ୍ଣବ ଭାବରେ ପରିଚିତ । ସେ ମଧ୍ୟ ଜଣେ ମହାଜନ । ବାହାରକୁ ସେ ଯେତେ ସରଳ ଓ ନିଷ୍କପଟ ବୋଲି ଜଣାଯାଆନ୍ତି, ପ୍ରକୃତରେ ନିତ୍ୟାନନ୍ଦ ତାହା ନୁହନ୍ତି; ସେ ଜଣେ କୂଟ ଚକ୍ରାନ୍ତକାରୀ ଭାବେ ସବୁକାର୍ଯ୍ୟ କରନ୍ତି । ନିତ୍ୟାନନ୍ଦଙ୍କର ଜଣେ ପରମପ୍ରିୟ ସାଙ୍ଗାତ ହେଉଛନ୍ତି ରାଧିକା ଦାସ । ରାଧିକାଙ୍କର ପୁତ୍ର ରାମକୁ ସେ ହାତକରି ରାଧିକା ଦାସଙ୍କର ସମ୍ପତ୍ତି ଓ ଧନକୁ ନେଇ ନିତ୍ୟାନନ୍ଦ ମହାଜନୀ କରିବାରେ ଧୂରନ୍ଧର । ନିତ୍ୟାନନ୍ଦଙ୍କପରି ତାଙ୍କ ସ୍ତ୍ରୀ ଉଷା ମଧ୍ୟ କଣ୍ଟୁଖିଲ୍‌ତାପରି ମନେ ହୁଅନ୍ତି ।

ଗାଁରେ ଯେତେଗୁଡ଼ିଏ ମୋକଦ୍ଦମା ହୁଏ, ସେସବୁର ମୂଳରେ ଚକ୍ରାନ୍ତକାରୀ ନିତ୍ୟାନନ୍ଦଙ୍କର ଭୂମିକା ରହିଥାଏ । ସାଧାରଣ ଗ୍ରାମ୍ୟଲୋକଙ୍କୁ ମୋକଦ୍ଦମା ପାଇଁ ପରାମର୍ଶ ଦେଇ, ସେଥିରୁ ସେମାନଙ୍କୁ ସର୍ବସ୍ୱାନ୍ତ କରାଇ, ନିଜେ ଅର୍ଥ ରୋଜଗାର ଲାଗି ବ୍ୟସ୍ତ ରହନ୍ତି । ମୋକଦ୍ଦମାର ପରିଣତି ଯାହା ହେଉନା କାହିଁକି, ନିଜ ହାତକୁ ଦୁ'ପଇସା ଆସିବା ହେଉଛି ତାଙ୍କର ଲକ୍ଷ୍ୟ ।

ଜମିଦାର ହରି ପଟ୍ଟନାୟକଙ୍କୁ ପୈତୃକ ପୁଷ୍କରିଣୀ ଲାଗି ନିତ୍ୟାନନ୍ଦ ମୋକଦ୍ଦମା ପାଇଁ କୁପରାମର୍ଶ ଦେଲେ । ଏହି ପରାମର୍ଶ ଅନୁସାରେ ଜମିଦାର ପଟ୍ଟନାୟକ ମୋକଦ୍ଦମା ଆରମ୍ଭ କଲେ । ନିଜର ଜିଦ୍ ପାଇଁ ମୋକଦ୍ଦମା ଚଳାଇ ଶେଷରେ ଜମିଦାର ଅର୍ଥଶୂନ୍ୟ

ହୋଇପଡ଼ିଲେ । ପଟ୍ଟନାୟକ ବଂଶର ଲକ୍ଷ୍ମୀ ସଦୃଶ 'ରୁପାଚୂଡ଼ି' ନିତ୍ୟାନନ୍ଦଙ୍କ ପାଖରେ ବନ୍ଧା ଦିଆଗଲା । ମାତ୍ର କିଛିଦିନ ପରେ, ଏହି ବନ୍ଧକକୁ ନିତ୍ୟାନନ୍ଦ ଅସ୍ୱୀକାର କରିବା ଫଳରେ ପଟ୍ଟନାୟକ ଚିନ୍ତିତ ହେଲେ । ସେହି ବନ୍ଧକ ଥିବା 'ରୁପାଚୂଡ଼ି' ବିବାହ ସମୟରେ ନିଜ କନ୍ୟାକୁ ନିତ୍ୟାନନ୍ଦ ଯୌତୁକ ସ୍ୱରୂପ ଦିଅନ୍ତି; କିନ୍ତୁ ଦୁର୍ଭାଗ୍ୟବଶତଃ, ସେହି ଚୂଡ଼ିକୁ ନିତ୍ୟାନନ୍ଦଙ୍କର କନ୍ୟା ବ୍ୟବହାର କରିପାରିଲା ନାହିଁ । ଚୂଡ଼ି ଚୋର ନେଇଗଲେ । ଚୋରି ହୋଇଥିବା ଚୂଡ଼ି କୃପାସିନ୍ଧୁ କିଣି କନ୍ୟାକୁ ଯୌତୁକ ଦେଲେ । ସୌଭାଗ୍ୟକ୍ରମେ କୃପାସିନ୍ଧୁଙ୍କର କନ୍ୟା ଓ ଜମିଦାର ହରି ପଟ୍ଟନାୟକଙ୍କ ପୁତ୍ର ଭିତରେ ବିବାହ ସମ୍ପନ୍ନ ହୁଏ । ହରାଇଥିବା 'ରୁପାଚୂଡ଼ି' ଜମିଦାର ହରି ପଟ୍ଟନାୟକ, ପୁତ୍ର ଶ୍ରୀକାନ୍ତର ବିବାହରେ ଫେରି ପାଇଲେ । ନିଜ ଘରକୁ ପୁଣି 'ରୁପାଚୂଡ଼ି' ବାହୁଡ଼ି ଆସିବାରୁ ହରି ପଟ୍ଟନାୟକ ଖୁସି ହେଲେ ।

କପଟୀ, ଧୂର୍ତ୍ତ ଓ ଚକ୍ରାନ୍ତକାରୀ ନିତ୍ୟାନନ୍ଦଙ୍କର ଦୁର୍ଯୋଗ ଘଟିଲା । ଗଚ୍ଛିତ ରଖିଥିବା ପରର ଧନ ଓ ନିଜର ଧନସମ୍ପତ୍ତି ତାଙ୍କ ଘରୁ ଚୋରି ହୋଇଗଲା । ହଠାତ୍ ଅଗ୍ନିକାଣ୍ଡ ଘଟିବା ଫଳରେ ନିତ୍ୟାନନ୍ଦଙ୍କର ଅଧିକାଂଶ ସମ୍ପତ୍ତି ଧ୍ୱଂସ ପାଇଗଲା । ଏହି ବିପର୍ଯ୍ୟୟ ପରେ, ଖଳବୁଦ୍ଧି ଧାରୀ ନିତ୍ୟାନନ୍ଦଙ୍କର ଚେତା ଫେରିଲା, ସଦ୍‌ବୁଦ୍ଧି ତାଙ୍କୁ ମିଳିଲା । ରାମ ନାମକ ଜଣେ ବ୍ୟକ୍ତି ପାଖରୁ ସେ ସମ୍ପତ୍ତି ଅପହରଣ କରିଥାଆନ୍ତି । ରାମ ବିଚରା ଆଶ୍ରୟହୀନ ହୋଇ ରହିଥିବା ସମୟରେ ଗ୍ରାମର ଭଦ୍ରଲୋକ ବଂଶୀଧରଙ୍କ ସହାନୁଭୂତି ପାଏ । ସହାନୁଭୂତି ଓ ସାହାଯ୍ୟରେ ରାମର ଭାଗ୍ୟ ପରିବର୍ତ୍ତନ ହେଲା ।

ନିତ୍ୟାନନ୍ଦ ନିଜ ଭୁଲ୍, କୁତ୍ସିତକର୍ମ ଓ ଚକ୍ରାନ୍ତର ପରିଣତି ସବୁ ଅନୁଭବ କରି ରାମକୁ ତା' ସମ୍ପତ୍ତି ଫେରାଇ ଦେଲେ । ବର୍ତ୍ତମାନ ମୁକ୍ତ ନିତ୍ୟାନନ୍ଦ ପ୍ରାୟଶ୍ଚିତ୍ତ ଆଶାରେ ତୀର୍ଥଯାତ୍ରୀ ହେଲେ । ଏହି ହେଉଛି ଉପନ୍ୟାସ 'ରୁପାଚୂଡ଼ି'ର କଥାବସ୍ତୁ ।

ଦରିଦ୍ର ଚନ୍ଦ୍ରମଣି ଥିଲେ ଭାଗ୍ୟବାଦୀ । ଭାଗ୍ୟର ସବୁ ଦୃଶ୍ୟକୁ ସେ ଆପଣାର ବୋଲି ଧରିନିଅନ୍ତି । ସେଥିପାଇଁ ଭାଗ୍ୟ ତାଙ୍କୁ ଭୟଭୀତ କରାଇ ପାରିନଥିଲା । ଭାଗ୍ୟ ହାତରେ ସେ ହୁଏତ କ୍ରୀଡ଼ନକ ହୋଇଛନ୍ତି; କିନ୍ତୁ ଭାଗ୍ୟର ନିକଟରେ କରୁଣାପ୍ରାର୍ଥୀ ହୋଇ ନଥିଲେ । ଭାଗ୍ୟ ଉପରେ ଆସ୍ଥା ବଜାୟ ରହିଛି । ସେହି ଜୀବନ ଦର୍ଶନର ପ୍ରତିଫଳନର ରୂପ ଦେଖିବାକୁ ମିଳେ 'ରୁପାଚୂଡ଼ି'ରେ । ଏଠି ଭାଗ୍ୟର ବିପର୍ଯ୍ୟୟ ପାଇଁ 'ରୁପାଚୂଡ଼ି' ହରାଇବାକୁ ପଡ଼ିଛି ଜମିଦାର ହରି ପଟ୍ଟନାୟକଙ୍କୁ, ପୁଣି ଭାଗ୍ୟରେ ଉଦିତ ହୋଇଛି । ହୃତ 'ରୁପାଚୂଡ଼ି' ନିଜ ହସ୍ତକୁ ପ୍ରତ୍ୟାବର୍ତ୍ତନ କରିଛି । ଖଳବୁଦ୍ଧି, ଚକ୍ରାନ୍ତକାରୀ, ପରଧନ ଅପହରଣକାରୀ କୁଚରିତ୍ରବାନ୍ ନିତ୍ୟାନନ୍ଦଙ୍କର ମୁଖା ଉନ୍ମୋଚିତ

ହୋଇଛୁ । ସମାଜରେ ନିନ୍ଦିତ ହୋଇ ସମ୍ମାନ ହରାଇଛନ୍ତି । ପରଧନରେ ପୂର୍ଣ୍ଣ ହୋଇଥିବା ନିଜ ଘର ଖଣ୍ଡିକ ଅଗ୍ନିଦ୍ୱାରା ଭସ୍ମୀଭୂତ ହୋଇଗଲା । ସର୍ବଶେଷରେ ଘରଦ୍ୱାର, ଭିଟାମାଟି ସବୁକୁ ପରିତ୍ୟାଗ କରି ନିଜକୁ ତୀର୍ଥଯାତ୍ରୀ ସଜାଇଛନ୍ତି ନିତ୍ୟାନନ୍ଦ ।

ଅନ୍ୟ ଏକ ଉପନ୍ୟାସ 'ଯୁଗଳ ମଠ' । ମଠଟିଏ—ନାଁ । ତାର ଗୋପାଳପୁର ମଠ । ଏହା'ର ପ୍ରତିଷ୍ଠାତା ହେଉଛନ୍ତି ଗଡ଼ମଣ୍ଡଳ ରାଜା ରୁଦ୍ରପ୍ରତାପ ସିଂହ । ଏହି ମଠର ମଠାଧୀଶ ମହନ୍ତ ରାମାନୁଜ ଦାସ ହେଉଛନ୍ତି ଅବିବାହିତ । ଚିରକୁମାର ଭାବରେ ମହନ୍ତ ପରିଚିତ । ସାଧୁ ତଥା ପଣ୍ଡିତ ଭାବରେ ତାଙ୍କର ସୁନାମ ରହିଥାଏ । ଜଣେ ଦରିଦ୍ର ବ୍ରାହ୍ମଣର ଶିଶୁପୁତ୍ର ପ୍ରତି ତାଙ୍କର ସ୍ନେହ ଜାତହୁଏ । ସେହି ଶିଶୁପୁତ୍ରକୁ ମହନ୍ତ ମଠରେ ଆଣି ରଖାଇଲେ । ଦୁହେଁ ସାଥିହୋଇ ରହିଥାଆନ୍ତି । ବୃଦ୍ଧ ପ୍ରଥମ ରାମାନୁଜ ମହନ୍ତଙ୍କ ଦେହାନ୍ତ ହେବାପରେ ଉତ୍ତରାଧିକାରୀ ସୂତ୍ରରେ ସ୍ନେହରେ ଆବଦ୍ଧ ଶିଶୁପୁତ୍ର ମଠ ଦାୟିତ୍ୱ ଗ୍ରହଣ କରନ୍ତି । ବର୍ତ୍ତମାନ ମହନ୍ତ ଭାବରେ ସେ ଗାଦିପ୍ରାପ୍ତ ଓ ସମ୍ମାନିତ । ଟାଉନର ଭିକାରୀ ମଲିକ ଅର୍ଦ୍ଧଶିକ୍ଷିତ । ସେ ମଦ୍ୟପ । ତା'ର ସଂସ୍ପର୍ଶରେ ଆସି ମହନ୍ତଙ୍କର ଜୀବନ ଭିନ୍ନ ପଥରେ ଗତିକରେ । କୁପରାମର୍ଶ ତାଙ୍କୁ ସୁପଥରୁ ବିଚ୍ୟୁତ କଲା । ବିଳାସ-ବ୍ୟସନରେ ମାତିଯାଇ ସର୍ବସ୍ୱାନ୍ତ ହେଲେ । ମଦ୍ୟପାନ ପାଇଁ ତାଙ୍କୁ ପ୍ରଲୋଭିତ କରାଗଲା । ଏପରି ମୁହୂର୍ତ୍ତରେ ଅସୁନ୍ଦରୀ ବିଧବା ପଦ୍ମୀ ଆସି ମଠରେ ଉପସ୍ଥିତ ହୁଏ । ଦୁହିଁଙ୍କ ଭିତରେ କ୍ରମେ ସମ୍ପର୍କ ଘନିଷ୍ଠ ହେଲା । ଏହି ସମ୍ପର୍କରୁ ଅବୈଧ ପ୍ରଣୟର ସୂତ୍ରପାତ । ଅବୈଧ ପ୍ରଣୟ ଚରମ ଅବସ୍ଥାରେ ଉପନୀତ ହେବାର ଦେଖି ଜନସାଧାରଣଙ୍କଦ୍ୱାରା ଚିରକୁମାର ମହନ୍ତ ସମାଲୋଚିତ ହେଲେ । ଦୁହିଁଙ୍କ ପ୍ରଣୟ ଓ ସମ୍ପର୍କକୁ ଲକ୍ଷ୍ୟକରି ଜନସାଧାରଣ ମଠ 'ଯୁଗଳମଠ' ନାଁରେ ନାମିତ କଲେ ।

ବିଳାସମୟ ଜୀବନ ଯାପନ କରୁଥିବା ମହନ୍ତ ଅର୍ଥାଭାବର ସମ୍ମୁଖୀନ ହୁଅନ୍ତି । ଅର୍ଥାଭାବ ହେବାରୁ ମଠରେ ଥିବା ସମ୍ପତ୍ତି ହସ୍ତାନ୍ତର ପାଇଁ ମହନ୍ତ ମହାଶୟ ଚିନ୍ତାକଲେ । କ୍ରମେ କ୍ରମେ ମଠର ସମ୍ପତ୍ତିବାଡ଼ି ବିକ୍ରୀ ହେବାକୁ ବସିଲା । ମଠ ଠାକୁର ରଘୁନାଥଙ୍କର ଗହଣା ଚୋରାଇ ନେଇ ମହନ୍ତ ବଜାରରେ ବିକ୍ରୀ କରିବାକୁ କୁଣ୍ଠା ପ୍ରକାଶ କରନଥାନ୍ତି ।

ଠାକୁରଙ୍କ ଚୋରି ଗହଣା ସୁନାରୀ ଶାଳରୁ ମୁକ୍ତ ହେବାପରେ, କୁପରାମର୍ଶ ଦାତା ଭିକାରୀ ମଲିକ ବିରୁଦ୍ଧରେ ମୋକଦ୍ଦମା ଦାଏର ହେଲା । ସେ କାରାବରଣ କରେ । ରାଜ ଦରବାରରେ ମହନ୍ତଙ୍କର କାର୍ଯ୍ୟକଳାପ ଓ ମଠର ଦୁରବସ୍ଥା ବିଷୟ ବିଚାର ହେଲା । ବିଧବା ପଦ୍ମୀକୁ ମଠରୁ ବିତାଡ଼ିତ କରାଯିବାର ସିଦ୍ଧାନ୍ତ ହୁଏ । ମହନ୍ତଙ୍କୁ

ସୁପଥରେ ଚଳାଇବା ଢଗରେ ଜନସାଧାରଣ ଏପରି କରିବାକୁ ବାଧ୍ୟ ହେଲେ; ମାତ୍ର ପୁନର୍ବାର ପଦ୍ମା ଛଦ୍ମବେଶରେ ଆସି ମହନ୍ତଙ୍କର ସାନ୍ନିଧ୍ୟ ଲାଭକଲା । ଏହି ଖବର ପ୍ରଚାରିତ ହେବା ମାତ୍ରେ, ପ୍ରେମାଳାପରେ ଲିପ୍ତଥିବା ଛଦ୍ମବେଶୀ ପଦ୍ମାକୁ ରାଜଦରବାରକୁ ନିଆଗଲା । ବିଚାରରେ ପୁଣି ପଦ୍ମାକୁ ମଠରୁ ବହିଷ୍କାର କରିଦିବା ସଙ୍ଗେ ସଙ୍ଗେ, ମହନ୍ତଙ୍କୁ ମଧ୍ୟ ଗାଦିହୀନ କରାହୁଏ ।

ଦୁଇ ଜଣଙ୍କ ଭିତରେ ସମ୍ପର୍କ ଘନିଷ୍ଠ ଥିବାରୁ ବିଚ୍ଛେଦ ଯନ୍ତ୍ରଣା ଉଭୟଙ୍କୁ ଆଘାତ ଦେଲା । ଦୁହେଁ ତୀର୍ଥକ୍ଷେତ୍ର ପୁରୀ ଚାଲିଗଲେ । ସେଠାରେ କାଳେ କିଏ ଦୁହିଁଙ୍କୁ ସନ୍ଦେହ କରିପାରନ୍ତି, ସେହି ଆଶଙ୍କାରେ ପୁରୀରୁ ପଳାଇ ଆସି ଗହଣା-ଅର୍ଥ ସାହାଯ୍ୟରେ ଇଚ୍ଛାବତୀ ପାଟଣାଠାରେ ଗୋଟିଏ ସ୍ଥାୟୀ ମଠ ନିର୍ମାଣ କଲେ ।

ସେଠାରେ ବିଳାସପ୍ରିୟ ଜୀବନ ଯାପନ କରୁଥିବା ସମୟରେ, ବାଲ୍ୟ ବିଧବା ମାତାଜୀ ସୁଶୀଳା ଦାସର ମଠକୁ ଆଗମନ । ସୁଶୀଳାର ସଂସ୍ପର୍ଶରେ ଆସି ପଦ୍ମା ପ୍ରତି ପୂର୍ବ ସଦ୍ଭାବ ଓ ଆନ୍ତରିକତା ମହନ୍ତଙ୍କର ହ୍ରାସ ପାଇଲା । ଫଳରେ ମହନ୍ତ ପଦ୍ମାକୁ ମଠରୁ ବହିଷ୍କାର କଲେ । ଏବେ ସୁଶୀଳା ସହ ପ୍ରେମାଳାପ ଓ ପ୍ରଣୟ ଲାଗି ଅଧିକ ସୁଯୋଗ ମିଳିଲା । ଜନସାଧାରଣ ଏହା ଦେଖି ତୀବ୍ର ସମାଲୋଚନା କଲେ । ସୁଶୀଳା ପ୍ରତି ତାଙ୍କର ଆନ୍ତରିକତା ଓ ଶ୍ରଦ୍ଧା ପୂର୍ବଠାରୁ ଏବେ ଆହୁରି ଅଧିକ ବୃଦ୍ଧି ପାଇଲା ।

କିଛିଦିନ ଏପରି ବିଳାସ ଜୀବନ ଯାପନ ପରେ, ସୁଶୀଳା ଶ୍ୱାସରୋଗରେ ଆକ୍ରାନ୍ତ ହୁଏ । ଏହି ଚିନ୍ତାରେ ମହନ୍ତ ବିବ୍ରତ ହୋଇପଡ଼ିଲେ । ବିଳାସପୂର୍ଣ୍ଣ ଜୀବନ ଯାପନ ଫଳରେ ଅର୍ଥାଭାବର ସମ୍ମୁଖୀନ ହୋଇଥାଆନ୍ତି । ଅର୍ଥାଭାବ ଫଳରେ ମହନ୍ତ ବହୁ ଦୁଃଶ୍ଚିନ୍ତାରେ ରହିଲେ । ଏମିତି ଦୁଃଶ୍ଚିନ୍ତା ଓ ଅର୍ଥାଭାବ ଯୋଗୁଁ ଅନାହାରରେ ତାଙ୍କର ବିୟୋଗ ହୁଏ । ମାତାଜୀ ବୋଲାଉଥିବା ସୁଶୀଳା ପୁରୀ ଯାତ୍ରା କରିବା ସମୟରେ ଚିଲିକାରେ ନୌକା ବୁଡ଼ିଯିବାରୁ ଜୀବନ ହରାଇଲା । ମଠ ଶୂନ୍ୟ ପଡ଼ିଲା । ରକ୍ଷଣାବେକ୍ଷଣର ଦାୟିତ୍ୱ କିଏ ବା ନେବ ? ମଠ କ୍ରମେ ଭାଙ୍ଗିବାକୁ ଲାଗିଲା । ଏହି ଭିତ୍ତିଭୂମିରେ 'ମୁଗଲ ମଠ' ଉପନ୍ୟାସ ଗଠିତ ।

କୃତକର୍ମ ଲାଗି ଫଳ ଭୋଗ କରିବାକୁ ହୁଏ ମର୍ତ୍ତ୍ୟଧାମରେ, ଲେଖକ ଏହାର ସତ୍ୟତା ଏଥିରେ ପ୍ରତିପାଦନ କରିଛନ୍ତି । ପ୍ରତ୍ୟେକ ଚରିତ୍ର କୃତକର୍ମର ଫଳ ଭୋଗୀ । ପାପ ଲାଗି ପାପୀ ନିଶ୍ଚୟ ଫଳ ଭୋଗ କରିବ—ଏହି ବାଣୀ ଲେଖକ ଉଚ୍ଚାରଣ କରିଛନ୍ତି ।

'ଶନିସପ୍ତା' ଉପନ୍ୟାସର ସାରଥି ନନ୍ଦ ଜଣେ ଅସାମାନ୍ୟ ପଣ୍ଡିତ । ପ୍ରତାପପୁର ଶାସନରେ ନନ୍ଦେ ଆଦର୍ଶ ଗୃହସ୍ଥ ବ୍ରାହ୍ମଣ ଭାବରେ ପରିଚିତ । ତାଙ୍କ ପତ୍ନୀ ଶେଫାଳିକା

ବିଦୁଷୀ, ସତୀ ଓ ଗୁଣବତୀ । ଦୁହେଁ ନିଃସନ୍ତାନ ଥିବାରୁ ଦୁଃଖ ଅନୁଭବ କରୁଥାଆନ୍ତି । କିପରି ବଂଶ ରକ୍ଷା ହେବ, କିଏ ବଂଶର ଉତ୍ତରାଧିକାରୀର ଆସନ ପାଇବ, ସେ ପାଇଁ ଶେଫାଳିକା ଚିନ୍ତାରେ ଥାଆନ୍ତି । ତେଣୁ ସେ ଗୋଟିଏ ବୁଦ୍ଧି ପାଞ୍ଚିଲେ । ବୃଦ୍ଧାବସ୍ଥାରେ ଶେଫାଳିକା, ସାରଥିଙ୍କୁ ଅନ୍ୟ ଜଣେ ଯୁବତୀ ସହ ବିବାହ ଲାଗି ପରାମର୍ଶ ଦେଲେ । ସାରଥି ଏହି ପରାମର୍ଶ ଗ୍ରହଣ କରିବାରୁ ଶେଫାଳିକା ସୌଦାମିନୀ ନାମକ ଜଣେ ଯୁବତୀ ସହ ତାଙ୍କୁ ବିବାହ କରିଦେଲେ । ବିବାହ ପରେ ଶେଫାଳିକା ସ୍ନେହ ଶ୍ରଦ୍ଧା ଢାଳି ସୌଦାମିନୀକୁ ଆଦରକଲେ । କେହି ସଉତୁଣୀ ବୋଲି ଜାଣି ପାରିଲେ ନାହିଁ । ଦୁଇ ଭଉଣୀ ପରି ଚଳୁଥାଆନ୍ତି । ଶେଫାଳିକା ସୌଦାମିନୀକୁ ସାନ ଭଉଣୀ ପରି ମନେ କରୁଥିଲେ ।

ସୌଭାଗ୍ୟକ୍ରମେ, ସୌଦାମିନୀ ଗର୍ଭରୁ ପୁତ୍ର ଜାତ ହେଲା । ସାରଥି ନନ୍ଦ ପୁତ୍ର ଜନ୍ମରେ ଖୁସି ହେଲେ; ମାତ୍ର ପୁତ୍ର ଶନିବାର, ଶନିବେଳାରେ ଜନ୍ମ ହୋଇ ଥିବାରୁ ଅଶୁଭ ଆଶଙ୍କା କରୁଥାଆନ୍ତି । ପୁତ୍ର ସନାତନ ବାଲ୍ୟାବସ୍ଥାରୁ ନିଜ ଗୁଣ-ଗରିମାର ପରିଚୟ ଦେବାରୁ ପିତା ସାରଥିଙ୍କ ମନରୁ ଶନିସଞ୍ଚାର ଆଶଙ୍କା ଦୂର ହେଲା । ଗ୍ରାମର ବିକାଶମୂଳକ କାର୍ଯ୍ୟରେ ସନାତନର ପ୍ରବଳ ଆଗ୍ରହ । ସେଥିପାଇଁ ଗାଁରେ ଆଶ୍ରମ ପ୍ରତିଷ୍ଠା କରି ତାରି ମାଧ୍ୟମରେ ସେବାକାର୍ଯ୍ୟ ଆରମ୍ଭ ହେଲା ।

ବିବାହ ପ୍ରତି ସନାତନର ଅନିଚ୍ଛା ପ୍ରକାଶ ପାଇଲା । ବୈରାଗ୍ୟ ଜୀବନ ଯାପନ କରି ସେ ଆନନ୍ଦିତ ହେଲା । ଶେଷରେ ଗୃହତ୍ୟାଗ କରି ପୁରୀ ଯାତ୍ରା କରେ । ସେଠାରେ ବଡ଼ ମଠ ମହନ୍ତଙ୍କ ସହ ସାକ୍ଷାତ ହୁଏ । ମହନ୍ତଙ୍କ ସାଥିରେ ସନାତନ ବୃନ୍ଦାବନ ଯାତ୍ରା କଲା । ବୃନ୍ଦାବନରେ ବେଦ, ବେଦାନ୍ତ ଓ ପୁରାଣ ଶାସ୍ତ୍ର ପଢ଼ିବା ଲାଗି ସୁଯୋଗ ପାଇ ନିଜକୁ ଧନ୍ୟ ମନେକଲା । ସେ ।ରେ ବିଭିନ୍ନ ଶାସ୍ତ୍ର ପୁରାଣରେ ପାଣ୍ଡିତ୍ୟ ଅର୍ଜନ କରିସାରିଲା ପରେ, ସନାତନ ପୁରୀ ପ୍ରତ୍ୟାବର୍ତ୍ତନ କଲା । ବଡ଼ ମଠରେ ମହନ୍ତଙ୍କ ଦେହାନ୍ତ ହେବାରୁ ନିଜେ ମଠର ମହନ୍ତ ଆସନ ପ୍ରାପ୍ତ ହେଲା ।

ପୁତ୍ର ବିଚ୍ଛେଦରେ ନନ୍ଦ ପରିବାର ବିବ୍ରତ । ବ୍ୟାକୁଳତା ପ୍ରକାଶ କରି, ଗୃହତ୍ୟାଗ କଲେ । କାଶୀକ୍ଷେତ୍ରକୁ ଯାତ୍ରା କରି, ଯେତେବେଳେ ଶୁଣିଲେ ସନାତନ ପୁରୀ ପ୍ରତ୍ୟାବର୍ତ୍ତନ କରିଛି, ଦୁହେଁ ପୁରୀ ଯାତ୍ରା କଲେ । ସନାତନ ପୁରୀରେ ଅବସ୍ଥାନ କରୁଥିବା ହେତୁ ସେମାନେ ମଧ୍ୟ ପୁରୀରେ ଅବସ୍ଥାନ କଲେ । ଘର ଭଡ଼ା ନେଇ ରହୁଥିବା ସମୟରେ ହଠାତ୍ ଦିନେ ସନାତନ ସହ ଗରୁଡ଼ସ୍ତମ୍ଭ ନିକଟରେ ଶେଫାଳିକାର ସାକ୍ଷାତ ହୁଏ । ପରେ ପିତା, ପୁତ୍ର ମାତାଙ୍କର ମିଳନରେ ଏକ ନୂତନ ଜୀବନ ଗଢ଼ି ଉଠିଲା । ସନାତନ ଲିଖିତ କେତୋଟି ଧର୍ମଗ୍ରନ୍ଥ ଦେଖିନେଇ ଶେଫାଳିକା ଆନନ୍ଦ

ଅନୁଭବ କଲେ । ବଂଶ ରକ୍ଷା ଲାଗି ଗ୍ରହଣ୍ଡଳିକ ସହାସ୍ତକ ଭାବେ ଖୁବ୍ ଖୁସି ହେଲେ । ନିଜେ ମାତୃ-ମମତା ପ୍ରଦର୍ଶନ କରି ଚର୍ଚ୍ଚିତ ହେବାକୁ ଲାଗିଲେ । ଏହି ହେଉଛି 'ଶନିସନ୍ଧ୍ୟା'ର ସାରକଥା । ଏହି ଉପନ୍ୟାସଟି ସବୁଜ ସାହିତ୍ୟ ସମିତି ଆନୁକୂଲ୍ୟ ରେ ପ୍ରକାଶ ପାଇଥିଲା । ଅନୁଷ୍ଠାନର ବିଦ୍‌ଗଧ କର୍ତ୍ତୃପକ୍ଷ ପୁସ୍ତକର ମୂଲ୍ୟାଙ୍କନ କରି ସ୍ୱତଃ ପ୍ରକାଶ ପାଇଁ ଆଗ୍ରହୀ ହୋଇଥିବା ଜଣାଯାଏ ।

ଭାରତୀୟ ସାହିତ୍ୟରେ ଯେତେବେଳେ ଚରିତ୍ରକୁ କେନ୍ଦ୍ରକରି ଚରିତ୍ର ପ୍ରଧାନ ଉପନ୍ୟାସ ରଚିତ ହୋଇଥିଲା, ସେତେବେଳେ ବିଶିଷ୍ଟ କଥାକାର ବଙ୍କିମଚନ୍ଦ୍ର ଓ କଥା ସମ୍ରାଟ ଫକୀରମୋହନ ଉପନ୍ୟାସ ଜଗତରେ ସ୍ୱକୀୟ ପ୍ରତିଭା ଓ ସାଧନାର ସ୍ୱାକ୍ଷର ଅଙ୍କନ କରନ୍ତି । ଏହି ସୁବର୍ଣ୍ଣ ଯୁଗରେ ଚରିତ୍ର ପ୍ରଧାନ ଉପନ୍ୟାସର ବହୁଳ ପ୍ରକାଶ ପରିଲକ୍ଷିତ ହୁଏ । ଔପନ୍ୟାସିକମାନେ ସମାଜର ନିଚ୍ଛକ ଚିତ୍ରକୁ ବିଶ୍ଳେଷଣ କରି, ସଂସ୍କାରାତ୍ମକ ଚରିତ୍ର ଚିତ୍ରଣରେ ସନ୍ତୋଷ ପ୍ରକାଶ କରୁଥିଲେ । ଫଳତଃ ଚରିତ୍ର ପ୍ରଧାନ ଉପନ୍ୟାସ ସୃଷ୍ଟି ଦୃଷ୍ଟିଗୋଚର ହୁଏ । ଏହି ଚରିତ୍ର ପ୍ରଧାନ ସୃଷ୍ଟି ମାଧ୍ୟମରେ ଲେଖକ ସମାଜର ସଂସ୍କାର ଚିତ୍ର ଉପସ୍ଥାପନ ଲାଗି ସକ୍ଷମ ହୋଇପାରିଛନ୍ତି । ସେ ଯୁଗରେ ଔପନ୍ୟାସିକ ଆଭିମୁଖ୍ୟର ବୈଶିଷ୍ଟ୍ୟ ଭାବରେ ଏହି ଚେତନାକୁ ଗ୍ରହଣ କରାଯାଇ ପାରେ ।

ଫକୀର ମୋହନଙ୍କର ଉପଯୁକ୍ତ ଉତ୍ତରାଧିକାରୀ ହେଉଛନ୍ତି ଚନ୍ଦ୍ରମଣି ମହାନ୍ତି । ସେ ଉପନ୍ୟାସ ରଚନା ସମୟରେ ବର୍ଣ୍ଣନା ଓ ଚରିତ୍ର ଚିତ୍ରଣକୁ ଗୁରୁତ୍ୱ ଦେଇଛନ୍ତି । ତେଣୁ ତାଙ୍କ ଲେଖନୀରୁ ବର୍ଣ୍ଣନା ଓ ଚରିତ୍ର ପ୍ରଧାନ ଉପନ୍ୟାସ ସୃଷ୍ଟି ସମ୍ଭବ ହୋଇଥିଲା ।

ପରାଧୀନତାର ଅନ୍ଧକାର ଭିତରେ ଦେଶ ଯେତେବେଳେ ଅନ୍ଧ ହୋଇଥିଲା, ସେତେବେଳେ ଚନ୍ଦ୍ରମଣି ଲେଖନୀ ଚାଳନା କରନ୍ତି । ସ୍ୱକୀୟ ମୂଲ୍ୟବୋଧ ଭୂଲୁଣ୍ଠିତ ପଡ଼ିଥାଏ । ସାମାଜିକ କ୍ଷେତ୍ରରେ ଇଂରେଜ ଚଳଣି ଆମ ପରମ୍ପରାକୁ ଲୋପକରି ଦେଇଥାଏ । ଏପରି ସାମାଜିକ ପରିବେଶରେ ଲେଖକମାନଙ୍କର ଚିନ୍ତା ଓ ଚେତନାକୁ ବିଗ୍ରହ କରିବା ଆବଶ୍ୟକ । ସତ୍ୟନିଷ୍ଠ ଚନ୍ଦ୍ରମଣି ନିର୍ଭୀକତା ପ୍ରତିପାଦନ କରି, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜାତିପ୍ରୀତିର ଯେଉଁ ନିଦର୍ଶନ ଦେଖାଇଛନ୍ତି, ତାହା ବାସ୍ତବିକ ଉଲ୍ଲେଖନୀୟ ।

କଥା ସୃଷ୍ଟିରେ ସେ ନିଶ୍ଚିତ ଭାବେ ଫକୀରମୋହନଙ୍କୁ ଅନୁସରଣ କରିଛନ୍ତି । ମୂଳରୁ ଏ ବିଷୟରେ ସୂଚନା ବି ଦିଆଯାଇଛି । ଫକୀର ମୋହନଙ୍କ 'ଛ ମାଣ ଆଠଗୁଣ୍ଠ'ରେ ଚର୍ଚ୍ଚିତ ଚରିତ୍ର ରାମଚନ୍ଦ୍ର ମଙ୍ଗରାଜକୁ ଅନୁକରଣ କରି 'ଡୁପାଚୁଙ୍ଗି'ରେ

ଲେଖକ ନିତ୍ୟାନନ୍ଦ ଚରିତ୍ର ଚିତ୍ରଣ କରିଛନ୍ତି । ଦାସେ, ମଙ୍ଗରାଜ ପରି ବାରିଡ଼ି ବୈଷ୍ଣବ ସାଜିଛନ୍ତି । ସେ କପଟ ଖେଳରେ ଧୁରନ୍ଧର । ସ୍ୱାର୍ଥାନ୍ଧ ହୋଇ ପରର ଧନ ଲୁଟିବାରେ ନିତ୍ୟାନନ୍ଦ ଠିକ୍ ରାମଚନ୍ଦ୍ର ମଙ୍ଗରାଜଙ୍କପରି ଦକ୍ଷ ।

'ରୂପାଚୁଡ଼ି'ରେ ନିତ୍ୟାନନ୍ଦ ଓ ଉଷା ଚରିତ୍ର ଏବଂ 'ଛମାଣ ଆଠଗୁଣ୍ଠ'ରେ ଥିବା ରାମଚନ୍ଦ୍ର ମଙ୍ଗରାଜ ଓ ଚମ୍ପା ଚରିତ୍ର ଭିତରେ ସାମଞ୍ଜସ୍ୟ ରହିଛି । ଯେତେବେଳେ ପାଠକ ପଢ଼ନ୍ତି—

'ମର୍କଟ ବଦନା ରାମା ସ୍ଥୂଳକଟୀ କ୍ଷୀଣାଶ୍ୟାମା
ଢାଣକ ଗ୍ରୁମୁରେ ଦନ୍ତ ଯେହ୍ନେ ମନ୍ଦର''

ଯେତେବେଳେ ଉଷା ରୂପର ବର୍ଣ୍ଣନା ଓ ଚମ୍ପା ରୂପର ବର୍ଣ୍ଣନା ଭିତରେ ସାମଞ୍ଜସ୍ୟ ସହଜରେ ପରିଲକ୍ଷିତ ହୋଇଥାଏ । ଏହି ଉପନ୍ୟାସ ଉପରେ 'ଛମାଣ ଆଠଗୁଣ୍ଠ'ର ପ୍ରଭାବ ଲକ୍ଷ୍ୟ କରାଗଲେ ସୁଦ୍ଧା, ଏଥିରେ ନିଜସ୍ୱ ବୈଶିଷ୍ଟ୍ୟ ଯଥେଷ୍ଟ ରହିଛି । କଥାବସ୍ତୁର ଭିତ୍ତିଭୂମି ସ୍ଥାପନରେ ଚନ୍ଦ୍ରମଣିଙ୍କ ସ୍ୱକୀୟ ଚିନ୍ତାଧାରା ପ୍ରତିଫଳିତ । ଭାଷା ବ୍ୟବହାରରେ ଫକୀରମୋହନଙ୍କ କ୍ଷେତ୍ରରେ ଯେଉଁ ତୀବ୍ରତା ଓ ବ୍ୟଙ୍ଗାତ୍ମକ ପ୍ରକାଶଭଙ୍ଗୀ, ସେପରି ଶୈଳୀ ତାଙ୍କଠାରେ ଲକ୍ଷିତ ହୁଏ ନାହିଁ । ଭାଷା ସଂଯୋଜନାରେ ସେ ସରଳତାକୁ ଗ୍ରହଣ କରିନେଇଥିଲେ । ରଚନାଶୈଳୀ ସରଳ ଓ ଆବେଗମୟ । ପାଠକ ପ୍ରାଣକୁ ସ୍ପର୍ଶ କରିପାରିବାର କୁହୁକ ଗୁଣରେ ଭରପୂର । ଆଞ୍ଚଳିକ ଓ କଥିତ ଭାଷା ଉପରେ ଚନ୍ଦ୍ରମଣି ଅଧିକ ଗୁରୁତ୍ୱ ଦେଇଛନ୍ତି । ଠାଏ ଠାଏ ସଂସ୍କୃତ ଭାଷା ପ୍ରୟୋଗ କରିଥିବାର ଲକ୍ଷ୍ୟ କରାଯାଏ ।

ପ୍ରକୃତିପ୍ରେମୀ କବି ଚନ୍ଦ୍ରମଣି ଉପନ୍ୟାସ ରଚନାରେ ମଧ୍ୟ ପ୍ରକୃତି ଚିତ୍ରଣକୁ ଅବହେଳା କରିନାହାନ୍ତି । ପ୍ରକୃତି ପ୍ରତି ତାଙ୍କର ଅସୀମ ଶ୍ରଦ୍ଧା ଥିଲା । ପ୍ରକୃତିକୁ ଦେଖିବା ମାତ୍ରେ ଆତ୍ମବିହ୍ୱଳ ହୋଇପଡ଼ନ୍ତି । ସେହି ପ୍ରକୃତି ଚିତ୍ରଣର ସୂଚନା ଉପନ୍ୟାସରୁ ମିଳିଥାଏ ।

କବିଙ୍କର ଜନ୍ମଭୂମି ପ୍ରତି ଅସୀମ ମମତା ଥିଲା । ଶିକ୍ଷିତ ଯୁବକମାନେ ଯେତେବେଳେ ପାଠାଗାର ଗଠନ କରନ୍ତି, ସେତେବେଳେ ଯେଉଁ ଭାଷଣ ଲେଖକ ଉପସ୍ଥାପନ କରିଛନ୍ତି, ତାହା ମହାନ୍ ଜାତୀୟତାର ପ୍ରତୀକ । ଦୁ'ଧାଡ଼ି ଉଦାହରଣ ଦେଉଛୁ—' ଉତ୍କଳ ଆମ୍ଭ ପ୍ରାଣର ପ୍ରାଣ, ଆତ୍ମାର ଆତ୍ମା, ହୃଦୟର ଦେବତା, ଦେହର

ଶକ୍ତି, ନୟନର ଜ୍ୟୋତି, ରୋଗର ଔଷଧ, ଭୋଗର ସ୍ୱର୍ଗ, ଇହକାଳର ସର୍ବସ୍ୱ ଏବଂ ପରକାଳର ମୁକ୍ତି ।" (ରୂପାଚୂଡ଼ି)

ଏହି 'ରୂପାଚୂଡ଼ି' ଉପନ୍ୟାସରେ ଲେଖକ ବହୁଳ ବର୍ଣ୍ଣନା କରିଥିବାରୁ ପାଠକର ଧୈର୍ଯ୍ୟହାନି ଘଟେ । ଉପଦେଶାତ୍ମକ ବାଣୀ ଛତ୍ରେ ଛତ୍ରେ ଶୁଣିବାକୁ ମିଳୁଥିବାରୁ ଉପନ୍ୟାସ-କଳାର ସୌନ୍ଦର୍ଯ୍ୟ ବ୍ୟାହତ ହେଉଥିବା ପରି ମନେହୁଏ । ଅନ୍ୟାୟ ଲୋପ ପାଇଯାଉ, ସତ୍ୟ ଉଦ୍ଭାସିତ ହୋଇଉଠୁ, ଏହି ଆଦର୍ଶବାଦର ସ୍ୱର ଏଠାରୁ ଶୁଣିବାକୁ ମିଳେ । ଲେଖକଙ୍କ ସଂସ୍କାର ପ୍ରୟାସୀ ମନର ପରିଚୟ ମିଳିଥାଏ । ଫକୀରମୋହନ ଯେପରି ସମାଜର ଚିତ୍ରକୁ ତନ୍ନ ତନ୍ନ କରି ବାସ୍ତବବାଦୀ ଦୃଷ୍ଟିରୁ ଦେଖିଥିଲେ, ଚନ୍ଦ୍ରମଣି ମଧ୍ୟ ସମାଜ, ଜୀବନକୁ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କରିଛନ୍ତି । ଚନ୍ଦ୍ରମଣି ଥିଲେ ଭିନ୍ନ ଚିନ୍ତାର ମନୀଷୀ । ଭିନ୍ନ ଭାବଧାରାର ଲେଖକ । ପ୍ରଚଳିତ ସମାଜରେ ଥିବା ବିଧି ବ୍ୟବସ୍ଥାର ପରିବର୍ତ୍ତନ ସେ ଚାହାନ୍ତି । ସେଥିପାଇଁ ଯୌତୁକ ପ୍ରଥାକୁ ତାଙ୍କ ବିପ୍ଳବୀ ମନ ବିରୋଧ କରିଛି । ଯୌତୁକ ସମାଜ-ଜୀବନରେ ଏକ ବ୍ୟାଧି । ଏହାର ମୂଳ ଉତ୍ପାଟନ କରିବାକୁ ହେବ । ଏହା ସମାଜ ପାଇଁ ଅନାବଶ୍ୟକ । ଆଜି ଏକଥା କେହି କେହି ଶିକ୍ଷିତ ବ୍ୟକ୍ତି ଅନୁଭବ କରୁଥିବାବେଳେ, ଅନେକ ଦିନ ପୂର୍ବରୁ ଚନ୍ଦ୍ରମଣି ଅନୁରୂପ ଚିନ୍ତା କରିପାରିଥିବାର ପ୍ରମାଣ ମିଳେ । ସେ ପାଇଁ 'ରୂପାଚୂଡ଼ି'ର ଚରିତ୍ର, ଶ୍ରୀକାନ୍ତର ବିବାହ ପ୍ରସ୍ତାବ ଆସିବାବେଳେ, ଯୌତୁକ ପ୍ରଶ୍ନ ନ ଉଠିବା ପାଇଁ ଯୁକ୍ତି ବଢ଼ା ଯାଇଛି । ଶ୍ରୀକାନ୍ତ ଯୌତୁକ ନନେବା ଲାଗି କହିବା ସମ୍ବନ୍ଧରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି; ମାତ୍ର ଏଠାରେ ଲେଖକ ଯୁବକ ମୁହଁରେ ଯେଉଁ ସତ୍ୟ ପ୍ରକାଶ କରିଛନ୍ତି, ତାହା ବୈପ୍ଳବିକ ମନର ପରିଚୟ ବହନ କରିଛି ।

'ରୂପାଚୂଡ଼ି'ର ସମାଜ ସଚେତନତା ଅଧିକ । ଏଥିରେ ସମାଜ ଜୀବନର ପ୍ରତିଫଳିତ ରୂପ ଦେଖିବାକୁ ମିଳେ । ଏଥିରେ ଦିଆଯାଇଥିବା ବହୁଳ ବର୍ଣ୍ଣନାକୁ ହ୍ରାସ କରାଯାଇ ପାରିଥିଲେ ଏବଂ ଲେଖକ ଉପଦେଷ୍ଟା ଭାବରେ ଏତେଗୁଡ଼ାଏ ଉପଦେଶ ନଦେଇ ସେ ବିଷୟର ଦାୟିତ୍ୱ ପାଠକପାଇଁ ଛାଡ଼ି ଦିଆଯାଇଥିଲେ, ଉପନ୍ୟାସଟି ଅଧିକ ଆଦୃତ ହୋଇ ପାରିଥାଆନ୍ତା । ଏହି ସାମାନ୍ୟ ତ୍ରୁଟି ସତ୍ତ୍ୱେ ଉପନ୍ୟାସଟି ଉପଭୋଗ୍ୟ ହୋଇପାରିଛି ।

'ମୁଗଲମଠ' ଉପନ୍ୟାସରେ ଲେଖକ ଭାରତୀୟ ଧର୍ମ-ଦର୍ଶନକୁ ଗୁରୁତ୍ୱ ଦେଇଛନ୍ତି । ଯେଉଁ ମଠ ଓ ମନ୍ଦିର ଧର୍ମୀୟ ଚେତନାର ପ୍ରତୀକ, ତାହା ଯେପରି ନଷ୍ଟ ହୋଇନଯାଉ, ସେଥିରେ ଭାରତୀୟ ଧର୍ମ-ଦର୍ଶନର ଆତ୍ମା ସଂରକ୍ଷିତ ହେଉ,

ଏହାହିଁ ହେଉଛି ଲେଖକଙ୍କର ଆଭିମୁଖ୍ୟ । ଧର୍ମର ଦୁହାଇ ଦେଇ, କପଟୀ ଦୁର୍ନୀତି ଓ ବ୍ୟଭିଚାର ଦେଶରେ ପ୍ରବେଶ କରୁଛି, ତାହାର ଜୀବନ୍ତ ଚିତ୍ର ଏହି ଉପନ୍ୟାସରେ ଚିତ୍ରିତ ହୋଇଛି । ଫକୀରମୋହନଙ୍କ ରଚିତ 'ଧୂଳିଆବାବା' ଗଳ୍ପ ଅନୁକରଣରେ ଉପନ୍ୟାସର ଭିତ୍ତିଭୂମି ଗଢି ଉଠିଥିବା ମନେହୁଏ । 'ଛମାଣ ଆଠଗୁଣ୍ଠ'ର ସ୍ୱର ଏଥିରେ ବି ଶୁଣିବାକୁ ମିଳେ । ଫକୀରମୋହନଙ୍କର କଥା ସାହିତ୍ୟ ଚନ୍ଦ୍ରମଣି କେବଳ ଅଧ୍ୟୟନ କରି ନାହାନ୍ତି, ସେଗୁଡିକ ଅନୁଶୀଳନ ମଧ୍ୟ କରିଛନ୍ତି । ସେଲାଗି ସେହି କଥାସାହିତ୍ୟଦ୍ୱାରା ଚନ୍ଦ୍ରମଣି ବହୁଳ ଭାବରେ ଉଦ୍‌ବୁଦ୍ଧ ହୋଇଛନ୍ତି । ବହୁ କ୍ଷେତ୍ରରେ ଚିନ୍ତାର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଫକୀରମୋହନଙ୍କ 'ରାଣ୍ଡିପୁଅ ଅନନ୍ତା' ଗଳ୍ପର ପ୍ରଭାବ ଏଥିରେ ପଡିଛି । ଫକୀର ମୋହନଙ୍କ 'ଅନନ୍ତା' ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ସାନବାବାଜୀଙ୍କଠାରେ ଦେଖିବାକୁ ମିଳେ । ବାବାଜୀଙ୍କର ବିଦ୍ୟା ପ୍ରତି ଅନାଗ୍ରହ ଓ ଚଞ୍ଚଳ ମନ ତଥା ଦୁଷ୍ଟାମି ସ୍ୱଭାବ ସହ ଅନନ୍ତା ଚରିତ୍ରର ସାମଞ୍ଜସ୍ୟ ରହିଛି ।

ଫକୀର ମୋହନଙ୍କ 'ଚମ୍ପା', 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଏକ ଉଲ୍ଲେଖନୀୟ ନାରୀ ଚରିତ୍ର । ସେହି ଚରିତ୍ର ପ୍ରତି ଚନ୍ଦ୍ରମଣିଙ୍କର ଆକର୍ଷଣ ଯଥେଷ୍ଟ । ତା'ର ରୂପ ବର୍ଣ୍ଣନାରେ ସେ ମୁଗ୍ଧ ହୋଇଥିଲେ । ଚରିତ୍ର ଚିତ୍ରଣକୁ ଅନୁଧ୍ୟାନ କରିଛନ୍ତି । 'ମୁଗଲମଠ'ରେ ସେ ଯେତେବେଳେ ପଦ୍ମୀ ଚରିତ୍ର ଚିତ୍ରଣ କରିବାକୁ ବସନ୍ତି, ସେତେବେଳେ ଚମ୍ପା ଚରିତ୍ର ନିଜ ପାଖରେ ଥୋଇ ପଦ୍ମୀ ଚରିତ୍ର ଚିତ୍ରଣ କରିଛନ୍ତି । ପଦ୍ମୀର ରୂପ ବର୍ଣ୍ଣନା କରିବାକୁ ଯାଇ ମୁଗ୍ଧ ହୋଇଥିବା ଚମ୍ପାର ରୂପ ବର୍ଣ୍ଣନାର ପରିଧି ଭିତରୁ ଚନ୍ଦ୍ରମଣି ମୁକ୍ତ ପାଇନାହାନ୍ତି । ଫଳରେ ପଦ୍ମୀର ରୂପ ବର୍ଣ୍ଣନାରେ, ଚମ୍ପାର ରୂପ ବର୍ଣ୍ଣନାର ଚିନ୍ତାଗତ ସମତା ପ୍ରତିଫଳନ ପାଠକ ଅନୁଭବ କରେ । ଚନ୍ଦ୍ରମଣି ଦୁଃଖ ଓ ନିଃସହାୟ ପରିବେଶରେ ସାଧନା କରି ସୁଦ୍ଧା, ପ୍ରେମ ଚିତ୍ରଣରୁ ଦୂରେଇ ଯାଇନାହାନ୍ତି । 'ସୁଟଲମଠ'ର ଏକାଦଶ ଅଧ୍ୟାୟ ଏହାର ପ୍ରମାଣ । ମଠର ମହନ୍ତ ରାମାନୁଜ ଦାସ ଓ ବିଧବା ପଦ୍ମୀ ଉଭୟେ ବିରହ ଯନ୍ତ୍ରଣାରେ ବିବ୍ରତ ହୋଇ, ଶେଷରେ ଦୁହେଁ ପ୍ରେମସାଗରରେ ମିଳିତ ହେବାର ଯେଉଁ ଅପୂର୍ବ ସୁଯୋଗ ପାଇଲେ, ତାହା ଦୁହିଁଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଦାୟକ । ଏହି ବିରହ ଜ୍ୱାଳା ଓ ମିଳନାତ୍ମକ ଆନନ୍ଦ ଦୃଶ୍ୟକୁ ଔପନ୍ୟାସିକ ଜୀବନ୍ତ ଓ ହୃଦୟସ୍ପର୍ଶୀ କରି ଚିତ୍ରଣ କରିଛନ୍ତି । ଏହି ପ୍ରେମଦୃଶ୍ୟ ବର୍ଣ୍ଣନାରୁ ଅନୁଭବ କରିହୁଏ, ଜୀବନର ବିରହ ଓ ମିଳନର ସ୍ୱାଭାବିକ ଧାରା ସହ ବାସ୍ତବବାଦୀ ପୁରୁଷ ଚନ୍ଦ୍ରମଣି କେତେ ନିବିଡ ସମ୍ପର୍କ ରଖି ପାରିଥିଲେ । ଚିତ୍ରଣ ଯେପରି ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଛି, ସେପରି ମଧ୍ୟ ରୁଚିପୂର୍ଣ୍ଣ ହୋଇ ପାରିଥିବା ଲକ୍ଷ୍ୟ କରାଯାଏ । ଏପରି ବର୍ଣ୍ଣନା ସମୟରେ ସେ ଦୁଇଟି ଚରିତ୍ରକୁ ଖୁବ୍ ଆବେଗ ଓ ଆନ୍ତରିକତା ସହ ଅନୁଧ୍ୟାନ କରିଛନ୍ତି । ବିରହ-ଯନ୍ତ୍ରଣାର ପ୍ରେମ ପଥରେ ଉଚ୍ଛୃଙ୍ଖଳତା ଅସ୍ୱାଭାବିକ ନୁହେଁ—

ଏଥିରେ ସେ ବିଶ୍ୱାସୀ । ସେଥିପାଇଁ ଏହି ଚିତ୍ର ଓ ପରିବେଶକୁ ଲେଖକ ଅବହେଳା କରିନାହାନ୍ତି; ବରଂ ଶିଳ୍ପ ଚାତୁରୀରେ ଆକର୍ଷଣୀୟ ରୂପ ପ୍ରକାଶ କରିଛନ୍ତି ।

'ମୁଗଲ ମଠ'ରେ ତତ୍କାଳୀନ ସମାଜର ପରିସ୍ଥିତି ଓ ପରିବେଶର ଚିତ୍ର ମିଳିଥାଏ । ତତ୍କାଳୀନ ରାଜା ମହାରାଜାମାନେ ସାହିତ୍ୟିକମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ଲେଖକମାନେ ଏପରି ସ୍ନେହ ଶ୍ରଦ୍ଧା ଓ ପୃଷ୍ଠପୋଷକତାରେ ଅଧିକ ସାହିତ୍ୟ ସାଧନା ପାଇଁ ଉତ୍ସାହିତ ହୁଅନ୍ତି । ଏ ଅନୁଭୂତି ସେତେବେଳେ ଚନ୍ଦ୍ରମଣିଙ୍କର ଯଥେଷ୍ଟ ରହିଥିଲା । ସେ ଘଟଣା କ୍ରମେ ଜୀବନ କାଳ ଭିତରେ ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲେ । ବିଭିନ୍ନ ସ୍ଥାନରେ ଅବସ୍ଥାନ ସମୟରେ ରାଜା ମହାରାଜାଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି । ପୃଷ୍ଠପୋଷକତାର ଚିତ୍ର ତାଙ୍କ ଲେଖନୀରୁ ପ୍ରକାଶ ପାଇବା ବିଚିତ୍ର ନୁହେଁ । ଏପରି ଚିତ୍ର ଅଙ୍କନରୁ ତତ୍କାଳୀନ ସମାଜର ଏକ ଦୃଶ୍ୟ କଳନା କରିହୁଏ ।

ସେତେବେଳେ ସମାଜ-ଜୀବନ ନିଷ୍କପଟ ଓ ସରଳ ଥିଲା । ଧାର୍ମିକ ଚିନ୍ତାଧାରା ସମାଜକୁ ବାନ୍ଧି ରଖିଥାଏ । ଧର୍ମ ପ୍ରତି ମାନବ ସମାଜର ଗଭୀର ସମ୍ମାନ ରହିଥିଲା । ଏହା ସହିତ ସମାଜ ବ୍ୟଭିଚାରରୁ ମୁକ୍ତ ନଥିଲା । ଏଠି ବି କପଟତା, ଆବିଳତା ଓ ବ୍ୟଭିଚାର ପୂର୍ତ୍ତି ହୋଇଥାଏ । ସେ ସବୁର ପୂର୍ତ୍ତିଙ୍ଗ ଚିତ୍ର ମିଳେ 'ମୁଗଲ ମଠ'ରୁ । ଠାକୁରଙ୍କ ଗହଣା ଚୋରି ଯାଇଥାଏ । ସେହି ମୂଲ୍ୟବାନ ଗହଣା ଯେଉଁମାନେ କ୍ରୟ କରିଥିଲେ, ସେମାନେ ଠାକୁର ବିଶ୍ୱାସରେ ନିଜେ ତାହା ବ୍ୟବହାର ନ କରି, ଠାକୁର-ଗହଣା ପ୍ରତି ଲୋଭ ତ୍ୟାଗ କରି, ଗହଣାତକ ଫେରସ୍ତ ଲାଗି ସିଦ୍ଧାନ୍ତ କରିଛନ୍ତି । ରାଜ ଦରବାରରେ ସମସ୍ତ ଗହଣାକୁ ସେମାନେ ଦାଖଲ କରିଦେଲେ । ଏଠାରେ ଠାକୁର ଓ ଧର୍ମ ପ୍ରତି ଜନତାର ଭୟ ଓ ଭକ୍ତି ବିଶ୍ୱାସ ଉପରେ ଲେଖକ ଗୁରୁତ୍ୱ ଦେଇଛନ୍ତି ।

ଔପନ୍ୟାସିକ ଚନ୍ଦ୍ରମଣି ଏହି ଉପନ୍ୟାସରେ ପ୍ରାୟଶ୍ଚିତ୍ତ ଚିତ୍ରକୁ ଯେପରି ଚିତ୍ରଣ କରିଛନ୍ତି, ତାହା ବିଶେଷ ଆକର୍ଷଣୀୟ ହୋଇ ପାରିନାହିଁ । ପାଠକ ପ୍ରାୟଶ୍ଚିତ୍ତ ପୂର୍ବରୁ ଘଟଣା ଦର୍ଶନ ପାଇଁ ଅପେକ୍ଷା କରିଥିବାବେଳେ, ଲେଖକ ଯେପରି ପାପ ପାଇଁ ପ୍ରାୟଶ୍ଚିତ୍ତର ଅବତାରଣା କଲେ, ତାହାଠୁଁ ଆହୁରି ଅଧିକ ପ୍ରଭାବଶାଳୀ ବର୍ଣ୍ଣନା ହେବା ଆବଶ୍ୟକ ଥିଲା । ସେହି ପ୍ରାୟଶ୍ଚିତ୍ତ ପଢ଼ି ପାଠକ ସନ୍ତୁଷ୍ଟ ହୁଏ ନାହିଁ । ଏତେ ଦୋଷ କରିବା ପରେ, ପ୍ରାୟଶ୍ଚିତ୍ତର ମାତ୍ରା ନ୍ୟୁନ ହୋଇଗଲା ବୋଲି ପାଠକ ମନେ କରିଥାଏ । ଦୋଷପାଇଁ ସେ ଯେପରି ଦଣ୍ଡର ଚିତ୍ରଣ କରିଛନ୍ତି, ତାହା ତାଙ୍କ ଦୟାର୍ଦ୍ର ଓ ସ୍ନେହ ହୃଦୟର ପରିଚୟ ବହନ କରିଛି ।

ଲେଖକ ସାଂସାରିକ ଜୀବନ ପ୍ରତି ଯେପରି ଆକୃଷ୍ଟ ଥିଲେ, ବୈରାଗ୍ୟ ଜୀବନର ଚିତ୍ର ପ୍ରତି ସେପରି ମଧ୍ୟ ଆଗ୍ରହୀ ଥିବାର ଜଣାଯାଏ । ଉଭୟ ଜୀବନକୁ

ହୃଦୟଙ୍ଗମ କରିବା ଲାଗି ତାଙ୍କଠାରେ ଅନୁଭବୀ-ହୃଦୟ ରହିଥିଲା । ସେପାଇଁ ଚନ୍ଦ୍ରମଣି ଦୁଇଟି ଜୀବନର ଗତି ପ୍ରବାହ ଓ ପାରିପାର୍ଶ୍ୱିକ ଘଟଣାବଳୀକୁ ତନ୍ନତନ୍ନ କରି ଅନୁଭବ କରିପାରିଛନ୍ତି । 'ଶନିସପ୍ତା' ଉପନ୍ୟାସରେ ସାଂସାରିକ ଓ ବୈରାଗ୍ୟମୟ ଜୀବନର ବାସ୍ତବ ଚିତ୍ର ଜୀବନ୍ତ ଭାବରେ ଫୁଟି ଉଠିଛି ।

ଏହି ଉପନ୍ୟାସଟି ଓଡ଼ିଶାର ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ଉପନ୍ୟାସ 'କା' ସହିତ ତୁଳନା କରାଯାଇପାରେ । 'କା' ରଚନାର ବହୁ ପୂର୍ବରୁ 'ଶନିସପ୍ତା'ର ସୃଷ୍ଟି । 'କା' ଉପନ୍ୟାସର ରଚୟିତା କାହ୍ନୁଚରଣ ଯେ 'ଶନିସପ୍ତା' ଦ୍ୱାରା ପ୍ରଭାବିତ ହୋଇ ଏପରି ରଚନା ଲାଗି ଉତ୍ସାହିତ ହୋଇଛନ୍ତି, ତାହା କହି ହେବନାହିଁ । କାରଣ ଦୁଇ ସ୍ରଷ୍ଟାଙ୍କ ଚିନ୍ତାଧାରାରେ ସାମ୍ୟ ପରିଲକ୍ଷିତ ହେବା ବିଚିତ୍ର—ଅସମ୍ଭବ ନୁହେଁ !

'ଶନିସପ୍ତା'ର ପ୍ରଥମ ଅଂଶ ଦେଖାଯାଉ । ଏଥିରେ ପତି-ପତ୍ନୀଙ୍କର ଅନାବିଲ ପ୍ରୀତି ଓ ମଧୁର ସମ୍ପର୍କର ଅନବଦ୍ୟ ଚିତ୍ର ଅଙ୍କିତ ହୋଇଛି । ନିଃସନ୍ତାନ ପତି, ନିଜର ବଂଶରକ୍ଷା ଆଶାରେ ପ୍ରଥମା ପତ୍ନୀର ପରାମର୍ଶ କ୍ରମେ ଦ୍ୱିତୀୟ ବିବାହ କରନ୍ତି । ଦୁଇ ସ୍ତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ, ସଦ୍‌ଭାବ ଓ ସ୍ନେହ ପାରିବାରିକ ଓ ସାମାଜିକ ଜୀବନରେ ଉଲ୍ଲେଖନୀୟ ଘଟଣା । ଏହିପରି ବର୍ଣ୍ଣନା 'କା' ଉପନ୍ୟାସରେ ଲକ୍ଷ୍ୟ କରାଯାଇଥାଏ ।

ଏଥିରେ ଅନ୍ୟ ଏକ ବୈଶିଷ୍ଟ୍ୟ, ଯାହା ସହଜରେ ପାଠକର ଗୋଚରକୁ ଆସି ପାରେନାହିଁ । ଗଭୀର ଭାବରେ ଅନୁଧ୍ୟାନ କଲେ ତାହା ଜଣା ଯାଇଥାଏ । ଲେଖକ ପ୍ରଧାନ ଚରିତ୍ରକୁ ଯେପରି ଚିତ୍ରଣ କରି ଦୃଷ୍ଟି ଆକର୍ଷଣ କରାଇଛନ୍ତି, ଠିକ୍ ସେପରି ଗୌଣ ଚରିତ୍ରକୁ ମଧ୍ୟ ସମାନ ଭାବରେ ଉପଯୁକ୍ତ ରୂପେ ଚିତ୍ରଣ କରିଛନ୍ତି । ଲେଖକଙ୍କର ଏହି ସମ ଦୃଷ୍ଟିକୋଣ ଲାଗି ଦୁଇଟି ଚରିତ୍ରର ମହନୀୟତା ଅଧିକ ଫୁଟି ଉଠିଛି; ଦୁଇ ଚରିତ୍ର ଭିତରେ ଭାରସାମ୍ୟ ରକ୍ଷିତ ହୋଇଛି ।

ଏହି ଉପନ୍ୟାସ ରଚନାରେ ଲେଖକ ଉପନ୍ୟାସ-ଗୁରୁ ଫକୀର-ମୋହନଙ୍କୁ ଭୁଲି ପାରିନାହାନ୍ତି । ଫକୀରମୋହନଙ୍କ ପରିଚିତ 'ରେବତୀ' ଗଳ୍ପର ବର୍ଣ୍ଣନା ସହ ଏହି ଉପନ୍ୟାସର କିଛି ଅଂଶର ସାମଞ୍ଜସ୍ୟ ରହିଛି । 'ଶନିସପ୍ତା'ର ୪ର୍ଥ ଅଧ୍ୟାୟକୁ ଉଦାହରଣ ସ୍ୱରୂପ ଅଣାଯାଉ । ଏହି ଅଧ୍ୟାୟରେ ଲେଖକ ବୁଢ଼ୀଙ୍କ ଚରିତ୍ର ଚିତ୍ରଣ କଲାବେଳେ, ତାଙ୍କ ମୁହଁରେ 'ଲୋ ଚୂଲିଗି, ଲୋ ପୋଡ଼ାମୁହିଁ' ଇତ୍ୟାଦି ଗାଉଁଲି ଶବ୍ଦ ପ୍ରୟୋଗ କରି ବର୍ଣ୍ଣନାକୁ ଆହୁରି ଜୀବନ୍ତ କରିଛନ୍ତି । ଏହି ରଚନା ଶୈଳୀ ଭିତରେ ପାଠକ ରସ ଆସ୍ୱାଦନ କରୁଥିବା ସମୟରେ 'ରେବତୀ' ଗଳ୍ପର ବର୍ଣ୍ଣନା ପାଠକକୁ ସ୍ପର୍ଶ କରିଯାଏ—ମନ ଭିତରେ ସେ ଚିତ୍ରର ରୂପରେଖ ଅଙ୍କିତ ହୋଇଯାଏ ।

ଉପନ୍ୟାସରେ ଗାନ୍ଧି-ଦର୍ଶନର ଆଭାସ ରହିଛି । ଗାନ୍ଧି ଦର୍ଶନ ପ୍ରତି ଲେଖକଙ୍କର ଅନୁରାଗ ରହିଥିବାର ସୂଚନା ମିଳେ । ସନାତନ ଚରିତ୍ରରେ ଏହି ଆଭିମୁଖ୍ୟ ସ୍ପଷ୍ଟ ହୋଇଉଠିଛି । ସେବାଶ୍ରମ ସ୍ଥାପନ କରି ଜନ ହିତକର କାର୍ଯ୍ୟ କରିବା ଓ ସ୍କୁଲ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳିଦେବା ମୂଳରେ ସେହି ଗାନ୍ଧିଦର୍ଶନ ଓ ଆଦର୍ଶ ନିହିତ ବୋଲି କୁହାଯାଇପାରେ ।

ଲେଖକଙ୍କ ଚିନ୍ତାଧାରା ଥିଲା ମାର୍ଜିତ ଓ ସୁଦୂରପ୍ରସାରୀ । ସଂକୀର୍ଣ୍ଣତାଠାରୁ ତାଙ୍କ ଚିନ୍ତାଧାରା ମୁକ୍ତ ଥିଲା । ବାଲ୍ୟ ବିବାହ ବିରୁଦ୍ଧରେ ସେ ପରୋକ୍ଷରେ ସ୍ୱର ଉଠାଇ ଏଥିଲାଗି ସଂଗ୍ରାମୀ ମନର ପରିଚୟ ଦେଇଛନ୍ତି । ଏଥିରେ ସନ୍ନିବେଶିତ ସମସ୍ତ ଚରିତ୍ର ଲେଖକଙ୍କର ଦରଦ ଓ ସହାନୁଭୂତି ପାଇଛନ୍ତି । 'ଶନିସପ୍ତମୀ' ଲେଖକଙ୍କ ପରିଣତ ଜୀବନର ସୃଷ୍ଟି ହେତୁ, ଏହି ରଚନାରେ ପରିପକ୍ୱ ଜୀବନ ନାଟିକାର ଚିତ୍ର ପ୍ରତିଫଳିତ । ମଣିଷ ସାଧାରଣ ଅପରିଣତ ଜୀବନରେ ଯେଉଁ ଅଭିଜ୍ଞତା ଅର୍ଜନ କରେ, ପରିଣତ ଜୀବନରେ ତା'ଠୁଁ ଅଧିକ ପରିପକ୍ୱ ଅନୁଭୂତି ଅର୍ଜନ କରିବାର ସୁଯୋଗ ପାଇଥାଏ । ଚନ୍ଦ୍ରମଣିଙ୍କ ଜୀବନରେ ତାହାହିଁ ଘଟିଛି । ଫଳରେ 'ଶନିସପ୍ତମୀ' ଜଣେ ଅଭିଜ୍ଞ ଓ ଅନୁଭୂତିଦଗ୍ଧ ଦରଦୀ ମଣିଷ ଜୀବନର ବହୁ ଅଧ୍ୟାୟର ପ୍ରତିଫଳନ ବୋଲି ମନେ ହୋଇଥାଏ ।

ଅନ୍ୟ ଏକ କୃତି 'ବୁଲାଫକୀର' ଉପନ୍ୟାସ ଧାରାବାହିକ ଭାବେ 'ମୁକୁର' ପତ୍ରିକାରେ ପ୍ରଥମେ ପ୍ରକାଶ ପାଇ ପାଠକ ମହଲରେ ଆଦୃତ ହୋଇଥିଲା । ଏହି ସୃଷ୍ଟି ସମ୍ପଦ ଲେଖକ ଜୀବନର ଶିଶୁ ପ୍ରୀତିର ନିଦର୍ଶନ । ବୃଦ୍ଧ ମହାପାତ୍ର ଚରିତ୍ର ମାଧ୍ୟମରେ ଶିଶୁ ସ୍ନେହ ଲାଗି ଲେଖକ ସେହି ମନୋଭାବ ସୃଷ୍ଟି କରିଛନ୍ତି । ପଲ୍ଲୀପ୍ରାଣରେ ସ୍ୱର୍ଗୀୟ ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଛି, ଲେଖକ ଏହା ଅନୁଭବ କରିଥିଲେ । ଏଥିରେ ବର୍ଣ୍ଣିତ ଜାନକୀର ଚରିତ୍ର ସହିତ କାହ୍ନୁଚରଣଙ୍କ 'ଶାସ୍ତି' ଉପନ୍ୟାସରେ ଥିବା ଧୋବା ଚରିତ୍ରର ସାମ୍ୟ ରହିଛି । ଏ ଉପନ୍ୟାସର ଏକ ଦୁର୍ବଳତା ହେଉଛି ଭାଷା ପ୍ରଭାବଶାଳୀ ହୋଇ ପାରିନାହିଁ । ରସ ସଂଗ୍ରହରେ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଭାବଶାଳୀ ଭାଷା ସଂଯୋଜନା ହୋଇ ନଥିବା ହେତୁ, କରୁଣରସର ଜୀବନୀଶକ୍ତି ପାଠକକୁ ଆକୃଷ୍ଟ କରିପାରୁନାହିଁ । ଚନ୍ଦ୍ରମଣି ଅନ୍ୟାନ୍ୟ ସୃଷ୍ଟିରେ ଯେତେ ନିଷ୍ଠା ପ୍ରଦର୍ଶନ କରିଛନ୍ତି' ଏ ଉପନ୍ୟାସ ସୃଷ୍ଟିରେ ସେପରି ନିଷ୍ଠା ପ୍ରଦର୍ଶିତ ହୋଇ ନଥିବା ଜଣାଯାଏ । ଏଥିରେ ଉଚ୍ଚସ୍ତରୀୟ କଳାତ୍ମକ ଗୁଣ ହ୍ରାସ ଘଟିଛି ।

'ଠେଙ୍ଗାଗଛ' ଏକ ଘଟଣା ପ୍ରଧାନ ଉପନ୍ୟାସ । ଘଟଣା ଉପସ୍ଥାପନରେ ଲେଖକ ଚନ୍ଦ୍ରମଣିଙ୍କ ସାଧନା-ଗୌରବ ନିହିତ । ଏହାର ସାର୍ଥକତା ଲେଖକଙ୍କ ତତ୍କାଳୀନ

ସାମାଜିକ ଚରିତ୍ର ଚିତ୍ରଣରେ ପ୍ରକୃତ ପ୍ରେମର ପରିଚୟ ଏ ଉପନ୍ୟାସରୁ ମିଳିଥାଏ । ଯେତେବେଳେ ପତ୍ନୀ ବିରହରେ 'ରେ' ସାହେବ ଚିନ୍ତାକୁଳ, ସେତେବେଳେ 'ରେ' ସାହେବଙ୍କୁ ଲେଖକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଭାରତକୁ ଆଣିଛନ୍ତି । ଉପନ୍ୟାସଟି ପଠନଯୋଗ୍ୟ ହୋଇଥିଲେ ହେଁ, ଉତ୍କଣ୍ଠା ହ୍ରାସ ଯୋଗୁଁ ଏହା ଉଚ୍ଚକୋଟୀର ରଚନା ଭାବରେ ଗୃହୀତ ହୁଏ ନାହିଁ । କଥା-ସାହିତ୍ୟରେ ଉତ୍କଣ୍ଠା ରକ୍ଷା ପ୍ରତି କଥାକାର ଗୁରୁତ୍ୱ ଦେଇଥାଆନ୍ତି । ଏହି ଉତ୍କଣ୍ଠା ଉପରେ ରଚନାର ସଫଳତା ନିର୍ଭର କରିଥାଏ; ମାତ୍ର ଚନ୍ଦ୍ରାମଣି ଜଣେ ଗପୁଡ଼ି ପରି କଥାର ସ୍ରୋତକୁ ରୋକି ପାରିନାହାନ୍ତି । ସେପାଇଁ କଥା କହିବାରେ କଳାତ୍ମକ ମୂଲ୍ୟବୋଧ ରକ୍ଷା ହୋଇ ପାରିନାହିଁ । ଏହି ଦୁର୍ବଳତା ଲାଗି ଉପନ୍ୟାସଟି ଦୋଷଯୁକ୍ତ ।

୧୯୨୦-୪୦ ଭିତରେ ଗଢ଼ି ଉଠିଥିବା ସାମାଜିକ ସ୍ଥିତିକୁ ନେଇ ସେ ଉପନ୍ୟାସ ରଚନା କରିଛନ୍ତି । ଉପନ୍ୟାସଗୁଡ଼ିକର ମର୍ମବାଣୀ ହେଉଛି ସଂସ୍କାର ଚେତନା । କେବଳ 'ଗୁଲଫକୀର' ଏହି ପର୍ଯ୍ୟାୟଭୁକ୍ତ ନୁହେଁ । ରଚନାର ସ୍ରୋତ ଭିତରେ ଲେଖକ ଆପଣା ସଂସ୍କାରକ ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଖୋଜିଛନ୍ତି । ସାମାନ୍ୟତମ ସୁବିଧାସୁଯୋଗ ମିଳିଗଲେ, ସେ ଉପଦେଷ୍ଟାର ଆସନ ମଣ୍ଡନ କରୁଥିଲେ । ଅଦୃଷ୍ଟ ଭାଗ୍ୟ ହାତରେ ସମସ୍ତେ କ୍ରୀଡ଼ନକ । ଏହାର ସତ୍ୟତା ସେ ପ୍ରତି ଉପନ୍ୟାସରେ ପ୍ରତିପାଦନ କରିଛନ୍ତି ।

# କାବ୍ୟ-କଳାର କୁଶଳୀ ଶିଳ୍ପୀ : ଚିନ୍ତାମଣି

କବି ଚିନ୍ତାମଣିଙ୍କ ପ୍ରତିଭା ଓ ସାଧନାର ସ୍ୱାକ୍ଷର ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି କାବ୍ୟକଳାରେ ବି ଫୁଟି ଉଠିଛି । ଆମ ପାଖରେ ସେ ଜଣେ ନିଛକ କାବ୍ୟଶିଳ୍ପୀ ଭାବରେ ପରିଚିତ ହୋଇଥାଆନ୍ତି । ଯେତେପ୍ରକାର ଉପାଦାନକୁ ଭିତ୍ତିକରି କାବ୍ୟ-ସୌଧ ନିର୍ମିତ ହୋଇପାରେ, କବି ସେସବୁ ଉପାଦାନକୁ ଆପଣାର କରି, ସଦୁପଯୋଗ କରିବାକୁ ଦ୍ୱିଧା ପ୍ରକାଶ କରିନଥିଲେ । ତାଙ୍କ କାବ୍ୟରେ ପ୍ରାକୃତିକ ସମ୍ପଦ, ମାନବିକ ମୂଲ୍ୟବୋଧ, ଐତିହାସିକ କାହାଣୀ, ପୌରାଣିକ ଉପାଖ୍ୟାନ, ସାମାଜିକ ଗତିପ୍ରବାହ ଓ ସାଧାରଣ ଚିନ୍ତାବଳୀ ସବୁକୁ ପାଠକେ ସମଭାବରେ ଅନୁଭବ କରିଥାଆନ୍ତି ।

କବି ଦୃଷ୍ଟିରେ ଦୁନିଆର କୌଣସି ଚିନ୍ତା ଓ ଚରିତ୍ର ଅବହେଳିତ ହୋଇନାହିଁ । ସବୁକୁ ସେ ଆପଣାର କରି ନେଇଛନ୍ତି; ମାତ୍ର ଏହି ସୃଷ୍ଟି ଜଗତରେ ସ୍ରଷ୍ଟାଙ୍କର କୃତିତ୍ୱ ପ୍ରଦର୍ଶନର ବିଚାର ସହଜରେ କରି ଯାଇପାରେନାହିଁ; କାରଣ ସେ ବର୍ଣ୍ଣନା ଓ କଳ୍ପନାରେ ସୀମିତତା ଓ ସଂଯମତା ରକ୍ଷା କରିପାରିନଥିଲେ । ଯେତେବେଳେ ସେ ବର୍ଣ୍ଣନାତ୍ମକ କାବ୍ୟ ରଚନା କରନ୍ତି, ସେତେବେଳେ ବର୍ଣ୍ଣନା ଭିତରେ ନିଜକୁ ଏପରି ଭାବରେ ନିମଜ୍ଜିତ କରି ରଖନ୍ତି ଯେ, ବହୁକ୍ଷେତ୍ରରେ ବର୍ଣ୍ଣନାର ଅନାବଶ୍ୟକତା ସେ ଅନୁଭବ କରି ପାରନ୍ତିନାହିଁ । ବର୍ଣ୍ଣନା ଭିତରେ କବି କଳା-ନୈପୁଣ୍ୟକୁ ଗୁରୁତ୍ୱ ଦେବାକୁ ଭୁଲିଯାଇଥିବା ହେତୁ, ବହୁ କ୍ଷେତ୍ରରେ ତାଙ୍କର ବର୍ଣ୍ଣନାତ୍ମକ କାବ୍ୟିକତା, କଳା-ସୌନ୍ଦର୍ଯ୍ୟ ହରାଇ ବସିଛି । ଚିନ୍ତାମଣିଙ୍କ ପ୍ରକୃତି ବର୍ଣ୍ଣନାରେ ଯେ କେବଳ ଏପରି କଳା-ହୀନତା ପରିଲକ୍ଷିତ ହୁଏ ତାହା ନୁହେଁ, ନାରୀର ସୌନ୍ଦର୍ଯ୍ୟ ତଥା ରୂପ ବର୍ଣ୍ଣନା ବିଶ୍ଳେଷଣରେ ମଧ୍ୟ ଏହା ଦୃଷ୍ଟିଗୋଚର ହୋଇଥାଏ । ଏ କ୍ଷେତ୍ରରେ ତାଙ୍କର 'କଳ୍ପଲତା' କାବ୍ୟକୁ ଉଦାହରଣ ଦିଆ ଯାଇପାରେ ।

ଚିର ରୋଗଗ୍ରସ୍ତ କବି ପ୍ରାଣର ବ୍ୟାକୁଳତା ଓ ଅଶ୍ରୁ-ସଜଳ ଜୀବନର କାରୁଣ୍ୟ ତାଙ୍କ କବିତାରେ ଫୁଟି ଉଠିଛି । 'ପୀଡ଼ିତର ପ୍ରାର୍ଥନା', 'ଆତ୍ମବିଳାପ' ଓ 'ଅଶ୍ରୁପୂଜା'

ପ୍ରଭୃତି କବିତା ଗୁଡ଼ିକରେ ଶୁଣିବାକୁ ମିଳେ କବିଙ୍କର ଲୁହ ଲହୁ ଭରା ହୃଦୟର ଆକୁଳତାର ସ୍ୱର । କବି କହନ୍ତି—

'ଜୀବନ ସରଣୀ ବିପଦ ପିଚ୍ଛିଳ,
ଚାଲୁଅଛି ତହିଁ ହୋଇ ଟଳମଳ ।
ଜୀବନ ମରଣ ସନ୍ଧିସ୍ଥଳେ ମୋତେ,
କରାଇଛି ଠିଆ ଭାଗ୍ୟ ଅବରତେ ।"

ଦୁଃଖବାଦୀ କବି ଚନ୍ଦ୍ରାମଣି ଦୁଃଖର ଦ୍ୱାରକୁ ଖୋଲି ଦେଇଛନ୍ତି । ନିଜ ଜୀବନର ସମସ୍ତ କଥା କହିବା ଲାଗି ସେ ଆଦୌ କୁଣ୍ଠିତ ନୁହନ୍ତି । ଦୁଃଖରେ ଜୀବନର ଅନେକ ଆଶାକୁ ଅପେକ୍ଷା କରି, ଅପେକ୍ଷା କରିବା ବୃଥା ହୋଇଛି । ସେ ସ୍ୱଗତୋକ୍ତି କରିଛନ୍ତି—

"ଦୁଃଖେ ଝୁରି ଝୁରି ସାରିଲି ଆୟୁଷ,
ମାତୃଭୂମିର ମୁଁ ଅଲୋଡ଼ା ମାଉଁଶ ।" (ମେଘାସନ)

ଜୀବନ ଆଶା-ନିରାଶା, ଦୁଃଖ-ସୁଖ, ବିଷାଦ-ଆନନ୍ଦ, ଆଲୁଅ-ଅନ୍ଧାରର ଖେଳଘର । ଆଶାହରା ଜୀବନରେ ଆଶାଲୋକ ଜଳିଉଠେ । ଦୁଃଖବାଦୀ ମଣିଷ ଆଶାବାଦୀ ହୋଇ କେତେ ଆଗାମୀ ପଥର ଗୀତ ଗାଇଯାଏ । କବି ଚନ୍ଦ୍ରାମଣିଙ୍କ ଜୀବନରେ ଏହାହିଁ ଘଟିଥିଲା । ଅଜସ୍ର ବେଦନା ଶୁଖାଇ ଶୁଖାଇ, ଆନନ୍ଦର କ୍ଷୀଣ ଆଲୋକ ବି କବିଙ୍କୁ ଦେଇଛି ପରମ ତୃପ୍ତି । ଏପରି ତୃପ୍ତିମୟ ସାଧକ ସିନା ଗାଇପାରେ—

"ବେଳ ଆଉଁ ଆଉଁ ହୁଅ ସୁଜାଗତ
ନ ମଣରେ ଆଉ ହତକୁ ପିତା,
ଗାଇ ଯା ଗାଇ ଯା ପ୍ରାଣମୟୀ ସ୍ୱରେ
ଆଜୀବନ ପୋଷା ଆଶା-କବିତା ।" (ପ୍ରାଣ ବୀଣା)

ମାନବ ଜୀବନର ବାସ୍ତବତାର ଜ୍ୱଳନ୍ତ ସାକ୍ଷର କବିଙ୍କ ସୃଷ୍ଟିରେ ପରିଲକ୍ଷିତ ହୁଏ । ଏଥିରେ ଗଭୀର ଅନୁଭୂତି ଓ ଅଭିଜ୍ଞତାର ଅପୂର୍ବ ସମନ୍ୱୟ ରୂପାୟିତ ହୋଇଛି ।

ପ୍ରଣୟାଦର୍ଶକୁ ଅଧିକ ଉଜ୍ଜ୍ୱଳ କରିବା ପାଇଁ ସେ ସଚେତନ ଥିଲେ । ପ୍ରେମ ଜଗତର ଚିରନ୍ତନତାର ଜୟଗାନ ହେଉଛି ତାଙ୍କ ରୋମାଣ୍ଟିକ୍ ଭାବପ୍ରକାଶର ଆଭିମୁଖ୍ୟ । ନମ୍ରସ୍ୱରରେ ପ୍ରଣୟାବେଗକୁ ପ୍ରକାଶ କରିବା ଲାଗି ସେ ପଶ୍ଚାତ୍‌ପଦ ହୋଇଛନ୍ତି । ପ୍ରଣୟ ପରିବେଶ ରଚନା ଭିତରେ ମଣିଷ ହୃଦୟତାର ପରିଚୟ ଦେଏନା,

ଏଥିରେ ଭରି ରହିଥାଏ ସୌନ୍ଦର୍ଯ୍ୟ ପିପାସା—ଜୀବନକୁ ଅନୁଭବ କରିବା ଲାଗି ଯଥେଷ୍ଟ ପ୍ରେରଣା । ଏହା ଦୁର୍ବଳତାର ସୂଚନା ନୁହେଁ—ବଳିଷ୍ଠ ଜୀବନାବଧାର ବ୍ୟକ୍ତିତ୍ୱ ଓ ଆଦର୍ଶର ମାପକାଠି । ତେଣୁ କବି ପ୍ରେମ ଓ ସମ୍ପର୍କକୁ ଭିନ୍ନ ଦୃଷ୍ଟିରେ ଦେଖି ନାହାନ୍ତି । ସେ ବିଗ୍ରହରେ ଥିଲା ପ୍ରେମ ପୂଜାରୀର ଆନ୍ତରିକତା, ନିଷ୍ଠା ଓ ଶ୍ରଦ୍ଧାପୂର୍ଣ୍ଣ ହୃଦୟର ଅମଳିନ ରସିକତା । ସେହି ରାଜ୍ୟର ପରିସୀମା ବିସ୍ତୃତ, ପ୍ରଣୟ ଲାଗି ମଣିଷ କେବଳ ଆନନ୍ଦିତ ହୁଏନା । ଅଶ୍ରୁ ସଜଳ ପ୍ରାଣରେ ମଧ୍ୟ ଏହାକୁ ଆବାହନ କରେ । ଏହାର ପରିଣତିରେ ପ୍ରେମପିପାସୁ ଅମୃତର ସନ୍ଧାନ ପାଏ—ଜୀବନକୁ ଅଧିକ ମହତ୍ତର କରି ଗଢ଼ି ତୋଳେ—କବିଙ୍କର ଥିଲା ଦୃଢ଼ ବିଶ୍ୱାସ । ପ୍ରେମିକ ରୂପରେ ନୁହେଁ—ହୃଦୟ ଦାନରେ ସନ୍ତୁଷ୍ଟ ହୁଏ । ତା' ଆଗରେ ସୌନ୍ଦର୍ଯ୍ୟ ଓ ଯୌବନ ମୂଲ୍ୟବାନ ହୋଇପାରେନା—ଉତ୍ସର୍ଗୀକୃତ ଜୀବନ ହିଁ ଶ୍ରେଷ୍ଠ ସ୍ଥାନ ଲାଭକରେ ।

କବିଙ୍କର 'ପ୍ରଣୟ-ଚିଠାଉ' ଅଧ୍ୟୟନ କଲେ ତାଙ୍କ ପ୍ରଣୟ ରାଜ୍ୟର ସୁଦୂରପ୍ରସାରୀ ଚିନ୍ତାଧାରା ଆମକୁ ବିସ୍ମିତ କରେ—

"ପ୍ରଣୟ ନ ଖୋଜେ ରୂପ, ଖୋଜେ ସେ ହୃଦୟ,
ଯେ ପ୍ରଣୟ ରୂପଜ ସେ ସାରଶୂନ୍ୟ, ମୋହ ।
କୁତ୍ସିତ ସେ, ଗ୍ରାମ୍ୟ ପ୍ରୀତି ନାମାନ୍ତର ତା'ର,
ନାହିଁ ଯହିଁ ଆତ୍ମଦାନ ନୁହେଁ ସେ ପ୍ରଣୟ ।"

ପୁନଶ୍ଚ କବି ପ୍ରଣୟ ଧର୍ମ ଓ ଆଭିମୁଖ୍ୟକୁ ବିଶ୍ଳେଷଣ କରିଛନ୍ତି । ରସିକ କବି ରୂପର ବନ୍ଦନା କରିନାହାନ୍ତି । ଆତ୍ମା ଓ ମିଳନର ଶୁଦ୍ଧତା ଖୋଜିଛନ୍ତି । ପ୍ରଣୟ ପ୍ରେମୀ ଜୀବନକୁ ଚିହ୍ନି ଜାଣୁ । କୃତ୍ରିମତା ଭିତରେ କେହି ଏହାକୁ ଅନୁଭବ କରିବା ସମ୍ଭବ ନୁହେ । ହସର ଆସର କେବଳ ରଚନା ଲାଗି—କେହି ଏ ଦିଗକୁ ଯାଆନ୍ତି ନ ହେଉ—ଅଶ୍ରୁତପ୍ତ ହୃଦୟ ବି ଏ ରାଜ୍ୟକୁ ଅନୁଭବ ପାଇଁ ଲୋଡ଼ା ହୁଏ—ଏ ଭାବନା ହେୟ ନୁହେଁ । ଏଥିରେ ଭରି ରହିଛି ସଂଗ୍ରାମୀ ଜୀବନର ସାଧନା ଓ ସାହସ । କବିଙ୍କ ଭାଷାରେ—

"ଚିହ୍ନି ଜାଣେ ପ୍ରଣୟ ଯେ, କାନ୍ଦି ଜାଣେ ସେହି,
ପ୍ରେମ ରାଜ୍ୟେ ଅଚିହ୍ନାରୀ କାନ୍ଦିବ କା' ଲାଗି ?"

ଓଡ଼ିଆ କାବ୍ୟ ସାହିତ୍ୟରେ ରୀତିଯୁଗ ଯେଉଁ ବୈଶିଷ୍ଟ୍ୟ ପ୍ରତିପାଦନ କଲା, ସେହି ବୈଶିଷ୍ଟ୍ୟ ଅମଳିନ ହୋଇ ରହିଥିଲା । ସେହି ଯୁଗ ପରେ ପରେ ବିଶିଷ୍ଟ କାବ୍ୟ ସାଧକ କବି ରାଧାନାଥ ରାୟ କାବ୍ୟର ଏକ ଶକ୍ତିଶାଳୀ ବିପ୍ଳବର ସୂତ୍ରପାତ କଲେ ।

କବିଙ୍କର କାବ୍ୟ ସାଧନା ଆଦର୍ଶକୁ କେବଳ ଆଶ୍ରା କରି ନାହିଁ—ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ଆଧାର କରିଥିଲା । ଫଳରେ ତାଙ୍କ ସାହିତ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରକୃତିର ନିତ୍ୟନୂତନ ରୂପରାଗ ସୁନ୍ଦରଭାବରେ ବର୍ଣ୍ଣିତ ହୋଇପାରିଛି । ଏହି ଯୁଗର ଅନ୍ୟ କେତେଜଣ କାବ୍ୟ ସାଧକ ମଧ୍ୟ ପ୍ରକୃତି-ପ୍ରିୟତାର ପରିଚୟ ଦେଇଛନ୍ତି । କବି ଚନ୍ଦ୍ରାମଣି ପ୍ରକୃତି କବି ରାଧାନାଥଙ୍କୁ ଅନୁସରଣ କରି ପ୍ରକୃତି ବର୍ଣ୍ଣନା କରିଥିଲେ ମଧ୍ୟ, ବହୁ କ୍ଷେତ୍ରରେ ତାଙ୍କର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ । ଅନେକ କ୍ଷେତ୍ରରେ ସେ ରାଧାନାଥ ଯୁଗର କେତେଜଣ କବିଙ୍କଠାରୁ ଅଧିକ ସ୍ୱାକ୍ଷର ରଖି ଯାଇଥିଲେ ବୋଲି ମନେହୁଏ ।

ପ୍ରକୃତି ପ୍ରତି ତାଙ୍କର ଶ୍ରଦ୍ଧା ଯଥେଷ୍ଟ, ସେ ପ୍ରକୃତିକୁ ଦର୍ଶନ କରି ବିହ୍ୱଳ ହୋଇପଡ଼ନ୍ତି । ସେ ନିଜେ କହିଛନ୍ତି—"ପ୍ରାକୃତିକ ଶିଳ୍ପ ଅସଲ ଓ କୃତ୍ରିମତା ନକଲ । ଗୋଟାଏ ପର୍ବତରେ ବା ଅରଣ୍ୟରେ ଯେଉଁ ମନୋମୁଗ୍ଧକର ଦୃଶ୍ୟ ଅଛି, ଗୋଟାଏ ବଡ଼ ସହରରେ ତାହା ନାହିଁ । ନାଗରିକ ଶୋଭା ଶୋଭା ନୁହେଁ—ଶୋଭାର ସ୍ୱପ୍ନ ଆଉ ସତ୍ୟ ମଧ୍ୟରେ ଯେଉଁ ପ୍ରଭେଦ, କୃତ୍ରିମ ଓ ବାସ୍ତବ ମଧ୍ୟରେ ସେହି ପ୍ରଭେଦ । କୃତ୍ରିମତା କେବଳ ସ୍ୱପ୍ନ ନୁହେଁ, ରଙ୍ଗଦିଆ ସ୍ୱପ୍ନ ।"

ପ୍ରକୃତି ବର୍ଣ୍ଣନାରେ କବି କିପରି ସିଦ୍ଧହସ୍ତ ତା'ର ଗୋଟିଏ ନମୁନା—

"ପଙ୍କଜ ପାଟଳା ଉଷା ଆରକ୍ତିମା,
ବ୍ୟାପିଗଲା କ୍ଷଣେ ପୌରନ୍ଦରୀ ସୀମା ।
କାଳିନ୍ଦୀ ସଲିଳେ ଯାଉଛନ୍ତି ଭାସି,
କିବା କୋକନାଦ ହାର ଗୁଣି ଗୁଣି ।"

ପୁନଶ୍ଚ କବି ସକାଳ ଦୃଶ୍ୟକୁ ଲକ୍ଷ୍ୟକରି ଲେଖିଛନ୍ତି—

"ପାହାନ୍ତିଆ ତାରା ନଭେ ଜକ ଜକେ,
ମଣିପ୍ରାୟ ପ୍ରାଚୀ—ତରୁଣୀ ଅଳକେ ।
ଫିକା ପଡ଼ିଗଲା ଶଶାଙ୍କ ସବୁଥା,
ବଳାକାର ହାସ ଦୀନ ମୁଖେ ଯଥା ।"

(ମେଘାସନ)

କବିଙ୍କର ସୌନ୍ଦର୍ଯ୍ୟ ପିପାସା ଥିଲା ଅଧିକ । ସେ ପାଇଁ ସେ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହେଉଥିଲେ । ପ୍ରକୃତି ବର୍ଣ୍ଣନା ଚନ୍ଦ୍ରାମଣିଙ୍କ ସାହିତ୍ୟର ଏକ ବିଶିଷ୍ଟ ସ୍ଥାନ ଲାଭ କରିଥାଏ ।

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି କବିଙ୍କର ଆକର୍ଷଣ ଯଥେଷ୍ଟ ଥିବାରୁ ସେ ବୈଚିତ୍ର୍ୟମୟ ପ୍ରକୃତିର ଅପରୂପ ଶୋଭା ପରସରେ ଜୀବନର ଦୁଃଖ ଭୁଲିଯାଆନ୍ତି ।

ଉତ୍କଳର ପ୍ରକୃତି କବିଙ୍କୁ ମୁଗ୍ଧ କରେ । ମୁଗ୍ଧ ଓ ଚକିତ ଦୃଷ୍ଟିରେ ସେ ପ୍ରକୃତିକୁ ଲକ୍ଷ୍ୟ କରନ୍ତି, ପ୍ରକୃତିର ଶୋଭା ଦେଖି, ସେହି ପ୍ରକୃତି ଭିତରେ କବି ନିଜକୁ ହଜାଇ ଦିଅନ୍ତି । କଳ୍ପନା ଭିତ୍ତିରେ କାବ୍ୟର ଆତ୍ମା ଗଠନଠାରୁ, ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଜୀବ୍ୟ କରି କାବ୍ୟ-କବିତାର ସୌଧ ନିର୍ମାଣକୁ ସେ ସୁଖ ମନେ କରୁଥିଲେ । ବାସ୍ତବ ଦୃଶ୍ୟକୁ କାବ୍ୟ କୃତିରେ ଅଗ୍ରାଧିକାର ଦେବାରେ କବି ଥିଲେ ଧୂରନ୍ଧର । ସେ କହନ୍ତି—

"ଅଳୀକ କଳ୍ପନା ସର୍ବଥା ବର୍ଜିତ,<br>ଆଙ୍କିଲେ ଲେଖନୀ ହୁଏ କଳଙ୍କିତ ।"

ତାଙ୍କ କବିତାରେ ଓଡ଼ିଆ ମନର ମର୍ମବାଣୀ ଅନୁରଣିତ ହୋଇଛି । ସ୍ୱପ୍ନ ଓ ବାସ୍ତବତାର ସମନ୍ୱୟରେ ତାଙ୍କ କବିତା ନୂତନ ଶ୍ରୀ ଧାରଣ କରେ । ଆମର ଜୀବନର ସବୁ ଘଟଣ ଅଘଟଣ, ବାଟ ଅବାଟ—ଚିହ୍ନା ଅଚିହ୍ନା—ବିଷ ଅମୃତ ଓ ପରମାର୍ଥ ରୂପାୟିତ ହୋଇଛି କବି ଚନ୍ଦ୍ରମଣିଙ୍କ କବିତାରେ ।

କବିଶେଖରଙ୍କ ୪୮ ଖଣ୍ଡ କାବ୍ୟ ଭିତରୁ ଏକ ଚତୁର୍ଥାଂଶ କାବ୍ୟରେ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ହୋଇଛି । 'ମେଘାସନ', 'ଗଞ୍ଜାମ ଭ୍ରମଣ,' 'ଘୁମୁସର,' 'ପ୍ରକୃତି ପେଟିକା', 'ସିଂହଦ୍ୱାର', 'ମହେନ୍ଦ୍ର' 'ସାଳନ୍ଦୀ,' 'ସୁରଙ୍ଗୀ' 'ଧବଳେଶ୍ୱର ଦର୍ଶନ' 'ଉତ୍କଳ କମଳା' ପ୍ରଭୃତି ଭ୍ରମଣ କାହାଣୀ କାବ୍ୟ । ସେ ଘଟଣାଚକ୍ରରେ ବିଭିନ୍ନ ସ୍ଥାନ ଭ୍ରମଣ କରିବାର ସୁଯୋଗ ପାଇଥିଲେ । ସେହି ଭ୍ରମଣ ଅନୁଭୂତି ଏସବୁ କାବ୍ୟ ଗ୍ରନ୍ଥରେ ପ୍ରକାଶିତ ହୋଇଛି ।

ମଞ୍ଜୁଷା ଭ୍ରମଣରେ ଯାଇଥିବାବେଳେ କବି ଯେଉଁ ଦୃଶ୍ୟାବଳୀରେ ମୁଗ୍ଧ ହୋଇଥିଲେ, ତାହା ସେ ଭୁଲିପାରି ନାହାନ୍ତି ।

"ସଫଳିଲା ଆଶା ଆକାଂକ୍ଷା ପୋଷିତ<br>ହେରି ମେଘାସନ ମେଘ ମେଦୁରିତ,<br>ଅଭ୍ରଂକଷ ଚୂଡ଼ ଶ୍ୟାମକାନ୍ତ ଗିରି<br>ବିସ୍ତାରିଛି ଶୃଙ୍ଗ ଦିଗେ ଶୃଙ୍ଗଶିରି ।<br>ସ୍ତରେ ସ୍ତରେ ଚୂଡ଼ା ରହିଛି ସଜ୍ଜିତ<br>ସ୍ୱର୍ଗ-ସୋପାନ କି ମାର୍ଗରେ ଗଠିତ ?"

(ମେଘାସନ)

କବିଙ୍କ ସ୍ୱଦେଶ ପ୍ରୀତି ଉଲ୍ଲେଖନୀୟ । ତାଙ୍କ ସାହିତ୍ୟ ସୃଷ୍ଟିରେ ଏହି ପ୍ରୀତିର ନିଦର୍ଶନ ଦେଖିବାକୁ ମିଳେ । ଜାତୀୟ ପ୍ରେମରେ ଦେଶବାସୀଙ୍କୁ ଉଦବୁଦ୍ଧ କରିବା ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ । ଜାତିର ଇତିହାସ, ପରମ୍ପରା ଓ ଧର୍ମୀୟ ଭାବନାକୁ ଉପସ୍ଥାପନ କରି ସେ ଜାତିର ଐତିହ୍ୟକୁ ସମ୍ମାନ ଦେଇଛନ୍ତି । ଉତ୍କଳରେ ଥିବା ତୀର୍ଥକ୍ଷେତ୍ରର ଗୌରବ ଗାନରେ କବି ଲେଖନୀ ମୁଖର । ଉତ୍କଳୀୟ କୀର୍ତ୍ତିର ମହିମା ଗାନ କରି ସେ ଗାଇଛନ୍ତି—

"ଦ୍ୱିତୀୟ ବାରାଣସୀ ଏ ଭାରତ ମଣ୍ଡଳେ
ମହାଶମ୍ଭୁ ପୀଠ, କୋଟି ଶିବ ମୂର୍ତ୍ତି ପୂତ,
ଏକାମ୍ର କାନନ ନାମେ ପୁରାଣେ ପ୍ରଥିତ,
ନିବସନ୍ତି ଏଥି ପ୍ରଭୁ ଶ୍ରୀଭୁବନେଶ୍ୱର ।"

(ବିନ୍ଦୁମାହାତ୍ମ୍ୟ)

କବି ଚନ୍ଦ୍ରମଣି ସ୍ୱଦେଶ ପ୍ରୀତିରେ ଉଦ୍‌ବୁଦ୍ଧ ହୋଇ ଜାତୀୟତା ଗାନରେ ଆତ୍ମତୃପ୍ତି ଲଭ କରିଛନ୍ତି । ଏହି ଜାତୀୟତା ରକ୍ଷା ଜାତି ଓ ଦେଶର ଗୌରବ । ଜାତୀୟ ଜୀବନ କ୍ଷେତ୍ରରେ ଜାତୀୟ ସାହିତ୍ୟ ଓ ଜାତୀୟ ସଙ୍ଗୀତର ଅବଦାନ ସ୍ୱୀକାର୍ଯ୍ୟ । ସେପାଇଁ ସେ କହନ୍ତି—

"ଜାତୀୟ ସାହିତ୍ୟ ପୁଣି ଜାତୀୟ ସଙ୍ଗୀତ
କରନ୍ତି ଜାତିକୁ ସିନା ସଜୀବ ସବଳ,
ଜାତୀୟ ସାହିତ୍ୟ ବଶେ ଜାତୀୟ ପ୍ରାଣର
ଅପୂର୍ବ ପବିତ୍ର ଚିତ୍ର, ଜାତୀୟ ଆଦର୍ଶ ।
ଆଣି ସେ ଚେତନାମୃତ ଜାତୀୟ ଜୀବନେ,
ପ୍ରଦାନେ ଜାତିକୁ ବହୁ ନୂତନ ସମ୍ପଦ ।"

(ଶ୍ରୀମୁକୁନ୍ଦଦେବ)

କବି ଥିଲେ ଆଦର୍ଶବାଦୀ । ଏହି ଆଦର୍ଶବାଦର ଚିନ୍ତାଧାରା ତାଙ୍କ ସାହିତ୍ୟ ସାଧନାରେ ଦେଖିବାକୁ ମିଳେ । ଦେଶ ଓ ଜାତିର ଉନ୍ନତିପାଇଁ ଚିନ୍ତା କରିବା ଥିଲା ତାଙ୍କର ବ୍ରତ । ଆଦର୍ଶବାଦୀ ଚନ୍ଦ୍ରମଣି କହନ୍ତି—

"ପୁଣ୍ୟ ପୂତ ଦୈବସ୍ତୁତ ସ୍ୱାଧୀନତା ଧାତ୍ରୀ
ଚିର ରତ୍ନ ପ୍ରସବିନୀ, ଯଶୋଜ୍ଜ୍ୱଳ ଗାତ୍ରୀ ।

ଯେ ଦେଶର ଯଶୋଗୀତ ଭାଷା ଅତୀତରେ
ଜଗତ ଯା ପାଦମୂଳେ ନମେ ସସମ୍ଭ୍ରମେ ।
ଜନ୍ମିଲ ସେ ଦେଶେ ତୁମ୍ଭେ ତା'ର କେଉଁ ପାପେ
କଏ ତୁମ୍ଭେ ଚହ୍ନିଛ କି ଆପଣାକୁ ଆପେ ?"

("କଏ ତୁମେ ଚହ୍ନିଛକି ଆପଣାକୁ ଆପେ")

କବି ଚନ୍ଦ୍ରମଣି କାବ୍ୟକବିତା ରଚନା କ୍ଷେତ୍ରରେ ଉପାଦାନ ସଂଗ୍ରହରେ ବାଛବିଚାର ନଥାଏ । ଆଖି ଆଗରେ ଯାହା ଆସିଯାଏ, ତାକୁ ସେ ଉପାଦାନ ଭାବରେ ଗ୍ରହଣ କରିନଅନ୍ତି । ସେପାଇଁ ତାଙ୍କ କାବ୍ୟକବିତାରେ ଅତି ନୀଚ ହେୟ ବସ୍ତୁ ବି ପ୍ରାଧାନ୍ୟ ଲାଭ କରିଥିବାର ଜଣାଯାଏ । ସେ ଦୃଷ୍ଟିରୁ ତାଙ୍କ କାବ୍ୟକବିତାରେ ବୈଚିତ୍ର୍ୟ ଅନୁଭବ କରିହୁଏ । ସେହି ବୈଚିତ୍ର୍ୟ ହିଁ ତାଙ୍କର ବୈଶିଷ୍ଟ୍ୟ ।

ମୂଳରୁ କୁହାହୋଇଛି ଯେ କାବ୍ୟକବିତା ରଚନାରେ କବି ରାଧାନାଥଙ୍କୁ ଅନୁସରଣ କରିଛନ୍ତି । ସେହିସୂତ୍ରର ଚନ୍ଦ୍ରାରେ ସମୃଦ୍ଧ ହୋଇଛି ତାଙ୍କର କାବ୍ୟ-ଧାରା । ମାତ୍ର ଏହି ଅନୁସରଣ ଭିତରେ ଆପଣା କବି-ପ୍ରତିଭା ଓ ସାଧନାକୁ ସେ ଅବହେଳା କରିନାହାନ୍ତି । ଅନୁସରଣ କରିଥିବା ଚନ୍ଦ୍ରମଣି କେତେକ କ୍ଷେତ୍ରରେ କବି ରାଧାନାଥଙ୍କଠୁଁ ମଧ୍ୟ କେତେ ପାହୁଣ୍ଡ ଆଗକୁ ଚାଲି ଯାଇଛନ୍ତି ।

କବି ରାଧାନାଥଙ୍କର ଚନ୍ଦ୍ରାଧାରା ଚନ୍ଦ୍ରମଣିଙ୍କ ରଚନାରେ ପ୍ରତିଫଳନ ସୃଷ୍ଟି କରିଛି । ମନେହୁଏ ରାଧାନାଥଙ୍କ କାବ୍ୟସାହିତ୍ୟକୁ, କାବ୍ୟକବିତା ରଚନା ପାଇଁ ସେ ଭଲଭାବରେ ଅତି ନିଷ୍ଠା ଓ ଆନ୍ତରିକତା ସହ ଅଧ୍ୟୟନ ଓ ବିଶ୍ଳେଷଣ କରିଥିଲେ । ଗୋଟିଏ ଦୁଇଟି ଉଦାହରଣ ନିଆଯାଉ—

'ପାର୍ବତୀ' କାବ୍ୟରେ ରାଧାନାଥ ଲେଖିଲେ—

"ଦସ୍ୟୁ ବଣିକକୁ ମାରେ ବାତ୍ୟା ଯଥା
ବୁଡ଼ାଇ ଜଳଧି ଜଳେ,
କାଳ ସେହିରୂପେ ଜେତା ବିଜେତାକୁ
ପୂରାଏ ନିଜ କବଳେ ।"

କବି ଚନ୍ଦ୍ରମଣି ପ୍ରଭାବିତ ହୋଇ ହେଉ, କି ଅଗୋଚରରେ, ହେଉ ଯେଉଁ 'ସାଲନ୍ଦୀ' କାବ୍ୟ ଲେଖିଲେ, ସେଥିରେ ପ୍ରକାଶ ପାଇଲା—

"ଭ୍ରମୁ ଭ୍ରମୁ ବନେ ସାଲନ୍ଦୀ ତୋ ତୀରେ
ଦେଖିଲି ପଡ଼ିଛି କୀଟଟିଏ ନୀରେ ।

ମାଛ ଏକ ତାଙ୍କୁ ଝୁମ୍ପି ଖାଉଁ ଖାଉଁ
ଝାମ୍ପି ନେଲା ଉଭେ ଚିଲ୍ ଆସି କାହୁଁ ।
ଜେତା ବିଜେତାଙ୍କୁ ଏହି ରୂପେ କାଳ
ନିଏ ଅଲକ୍ଷ୍ୟରେ ବୁଝି କି ଲବେଲ ।"

'ତୁଳସୀ ସ୍ତବକ'ରେ ରାଧାନାଥ ବି ଏହି ଚିନ୍ତାଧାରା ପ୍ରକାଶ କରିଛନ୍ତି—

"ଦେଖ ଦେଖ ଅଗ୍ରତେ ସରସୀ ଜଳେ
ପଡ଼ି ମଣ୍ଡୂକ କ୍ଷୁଦ୍ର ଅହି କବଳେ ।
ବିକଳେ ଧାବୁ ଧାବୁ ଊର୍ଦ୍ଧ୍ୱେ ଉଡ୍ଡୀନ
ଉହୁଙ୍କି ଶିଶୁ କଙ୍କି ଦେଲା ଗିଳିଣ ।
କାଳ କବଳେ ସିନା ଏ ରୂପେ ଭାଇ
ନିରତେ ନର ଘାରି ହେଉଛି ଥାଇ ।"

କବି ଚନ୍ଦ୍ରମଣି ଆଦରରେ ସାଳନ୍ଦୀକୁ ଲକ୍ଷ୍ୟକରି ଯାହା ଗାଇଛନ୍ତି, ରାଧାନାଥଙ୍କ 'ଚିଲିକା' ସହ ତାହାର ସାମଞ୍ଜସ୍ୟ ପରିଲକ୍ଷିତ ହେଉଛି । ସେ ଭାବୋଚ୍ଛ୍ୱାସରେ ଲେଖୁ ଲେଖୁ କେଉଁ ରୂପକଳ୍ପ ଆପଣାର, କେଉଁ ଭାବନା ଅନ୍ୟ କାହାର ବା କେଉଁ ଶୈଳୀ କେଉଁ କବିର ତାହା ପ୍ରତି ଦୃଷ୍ଟି ନ ରହିବା ବି ସ୍ୱାଭାବିକ । ଏସବୁକୁ ଦୃଷ୍ଟି ଦେଇ କାବ୍ୟ କବିତା ରଚନା କଲେ—ଚିନ୍ତା ବ୍ୟାହତ ହୁଏ । ପ୍ରକାଶର ଧାରାରେ ପ୍ରତିବନ୍ଧକ ସୃଷ୍ଟି ହୁଏ; କିନ୍ତୁ ଏଠାରେ କହିବା କଥା—ଅଲକ୍ଷ୍ୟରେ ହେଉ ବା ଅନ୍ୟ କେଉଁ କାରଣରୁ ହେଉ ରାଧାନାଥୀୟ ଶୈଳୀ ଓ ଭାବଧାରାର ବନ୍ଧନରୁ ସେ ମୁକ୍ତ ହୋଇ ପାରିନାହାନ୍ତି । ସେଥିପାଇଁ 'ସାଳନ୍ଦୀ' କାବ୍ୟରେ କବି କହନ୍ତି—

"ଜନ୍ମ ଦୁଃଖୀ ମୁହିଁ ନିତାନ୍ତ ଅଜ୍ଞାନ
କେମନ୍ତେ କରିବି ତୋ ମହିମା ଗାନ ?
ଦୁଃଖ ଏକା ମୋର ବାଲ୍ୟ ସହଚର
ଯୌବନରେ ହେଲା ସଖା ପ୍ରିୟତର ।
ରୋଗ ଶୋକେ ଦେହ ପଡ଼ିଅଛି ଥକି
ଦୁଃଖ ବଜାରେ ମୁଁ ପ୍ରଧାନ ଗରାକି ।
ଦୁଃଖ ସିଂହାସନେ ଚକ୍ରବର୍ତ୍ତୀ ପଣେ
ନଥିବ ସୃଷ୍ଟିରେ ମୋହ ପରି ଜଣେ ।"

ଠିକ୍ ଅନୁରୂପ ଭାବନା କବି ରାଧାନାଥଙ୍କ 'ଚିଲିକା' କାବ୍ୟରେ ପ୍ରକାଶ ପାଇଛି—

"ଚିରଦିନ-ଦୁଃଖ ପ୍ରହାରେ ଜର୍ଜର,
ପଟ୍ଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର ।
କ୍ରୂର ଭାଗ୍ୟ ମୋର ନିର୍ମିତ ପାଷାଣେ,
ଏ ଜୀବନ ଗଢ଼ା ଅନ୍ୟ ଉପାଦାନେ*।"

ବହୁ କ୍ଷେତ୍ରରେ ଚନ୍ଦ୍ରମଣି ମଧ୍ୟ ରାଧାନାଥଙ୍କୁ ଟପି ଯିବାର ଲକ୍ଷ୍ୟ କରାଯାଏ । କେତେକ ସ୍ଥଳେ ତାଙ୍କଠାରୁ ଊର୍ଦ୍ଧ୍ୱରେ ସେ ରହିଥିବାର ମନେହୁଏ । ଅବଶ୍ୟ ରାଧାନାଥଙ୍କ ସହିତ ଚନ୍ଦ୍ରମଣି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ । ଏପରି କଳ୍ପନା କରିବା ମଧ୍ୟ ଚନ୍ଦ୍ରମଣିଙ୍କ ପକ୍ଷେ ଦୁଃସାଧ୍ୟ ଥିଲା । କବି ରାଧାନାଥଙ୍କ ସହ ସେ ପ୍ରତିଯୋଗିତା କରିବାର ଧୃଷ୍ଟତା କେବେ ପୋଷଣ କରିନାହାନ୍ତି; ମାତ୍ର ଅଗୋଚରରେ ହେଉ ବା ଅନ୍ୟ କେଉଁ କାରଣରୁ ହେଉ, ରାଧାନାଥଙ୍କୁ କବି ଅତିକ୍ରମ କରି ଯାଇଛନ୍ତି ।

ଗୋଟିଏ ଉଦାହରଣ । କବି ଚନ୍ଦ୍ରମଣି 'ମୋହିନୀ'ରେ ଲେଖିଲେ—

"ହେମଲତାଙ୍କିତ ନୀଳ ଚେଲ କରେ
ଶୋଭିତ ଲଳନା ଅଙ୍ଗ,
ଧିକ୍କାର ଦେଇଣ ନୀଳ ଘନ ଅଙ୍ଗେ
ହ୍ଲାଦିନୀ ଶୋଭା-ତରଙ୍ଗ ।"

କବି ରାଧାନାଥ 'ଉଷା'ରେ ଏହା ପୂର୍ବରୁ ଲେଖିଥିଲେ—

"ରଙ୍ଗ କୋବିଦାର ପାଟଳ-ବସନେ ଶୋଭଇ ଧନୀ,
ରଙ୍ଗ ଘନେ ଯେହ୍ନେ ଶୋଭେ ତା'ର ପ୍ରଭାମୟୀ ମିତଣୀ ।"

●

# ଚିନ୍ତାମଣିଙ୍କ ଗଳ୍ପ ଜଗତ :
# ପରମ୍ପରାର ବାହକ

ଓଡ଼ିଆ ଆଧୁନିକ କ୍ଷୁଦ୍ରଗଳ୍ପର ଧାରା ପ୍ରତିଷ୍ଠା ପାଇଁ ସବୁଜଯୁଗ ହିଁ ଦାୟୀ । ସବୁଜ ଗୋଷ୍ଠୀର ବାଣୀ ସାଧକମାନେ ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଏକ ନୂଆ ରୂପ ଦେବାଲାଗି ପରିକଳ୍ପନା କରିଥିଲେ । ସବୁଜ ଚେତନାର ପରିପ୍ରକାଶ ପୂର୍ବରୁ କଥା ସମ୍ରାଟ ଫକୀରମୋହନ ଗଳ୍ପ ରଚନା ଲାଗି ଓଡ଼ିଆ ସାହିତ୍ୟରେ ସମ୍ମାନିତ ହେଲେ ମଧ୍ୟ, ତାଙ୍କର ଗଳ୍ପଗୁଡ଼ିକ କାହାଣୀ ଧର୍ମୀ ତାଠାରୁ ଊର୍ଦ୍ଧ୍ୱକୁ ଯାଇପାରି ନାହାନ୍ତି । ଏହାଙ୍କ ପରେ ପରେ ଏ ଦିଗରେ କିଞ୍ଚିତ ପ୍ରଚେଷ୍ଟା ହୋଇଛି । ସ୍ୱଳ୍ପସଂଖ୍ୟକ ଗଳ୍ପ ସାଧକ ଏ ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ସୁଦ୍ଧା, ସେମାନଙ୍କ ପଦକ୍ଷେପ ଉଲ୍ଲେଖଯୋଗ୍ୟ ହୋଇପାରିଲା ନାହିଁ । ଫଳରେ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ଆଧୁନିକତାର ରୂପ-ରାଗରେ ରଞ୍ଜିତ ହେବା କେବଳ ପରିକଳ୍ପନାର ବିଷୟ ହୋଇ ରହି ଯାଇଥାଏ ।

ଏ ପରିସ୍ଥିତିରେ କ୍ଷୁଦ୍ରଗଳ୍ପ ସୃଷ୍ଟି ଲାଗି ନୂଆଧାରା ଖୋଜି ପାଇବା କଷ୍ଟସାଧ୍ୟ । ତତ୍କାଳୀନ ସାହିତ୍ୟ ଜଗତରେ କ୍ଷୁଦ୍ରଗଳ୍ପର ସଂଜ୍ଞା ବିଷୟରେ ଭିନ୍ନ ପ୍ରକାରର ଚିନ୍ତାଧାରା ପ୍ରଚଳିତ ହେଉଥିଲା ।

କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଭିତରେ ଯଥେଷ୍ଟ ପାର୍ଥକ୍ୟ ଥିଲେ ମଧ୍ୟ ସେତେବେଳେ ଉପନ୍ୟାସକୁ କ୍ଷୁଦ୍ରଗଳ୍ପର ବୃହତ୍ ରୂପ ଓ କ୍ଷୁଦ୍ରଗଳ୍ପକୁ ଉପନ୍ୟାସର କ୍ଷୁଦ୍ରରୂପ ବୋଲି ଧରି ନିଆଯାଉଥିଲା । ଉପନ୍ୟାସକୁ ସଂକ୍ଷିପ୍ତ କରିଦେଲେ, କ୍ଷୁଦ୍ର ଗଳ୍ପ ଏବଂ କ୍ଷୁଦ୍ରଗଳ୍ପକୁ ସଂପ୍ରସାରିତ କରିଦେଲେ, ତାହା ଉପନ୍ୟାସ ହୋଇଯିବ ବୋଲି ଏମିତି ଏକ ଧାରଣା ଚିନ୍ତାରାଜ୍ୟରେ ବସା ବାନ୍ଧିଥାଏ ।

ଏପରି ଏକ ବିଚିତ୍ର କାଳରେ ଚନ୍ଦ୍ରମଣି ଗଳ୍ପ ସୃଷ୍ଟି କରନ୍ତି । ତେଣୁ ସେହି ସମୟର ଚିନ୍ତାଧାରା ଗଳ୍ପକାରଙ୍କ ମନରୁ ଦୂରେଇବା ସମ୍ଭବ ନୁହେଁ । କ୍ଷୁଦ୍ରଗଳ୍ପର କଳା ରୀତିକୁ ପରିବର୍ତ୍ତିତ ରୂପରେ ଗ୍ରହଣ କରିବା ତାଙ୍କ ପକ୍ଷରେ ଅସମ୍ଭବ ମନେ ହୋଇଥିଲା । ସେହି କଳାତ୍ମକ ଅଭିରୁଚିକୁ ଆଖିରେ ରଖି ସେ ସ୍ୱାଭାବିକ ଧାରାରେ ଗଳ୍ପ ରଚନା କରିଛନ୍ତି । ଫଳରେ ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ଆଧୁନିକତାର ରଙ୍ଗ-ରୁଚିରେ ସମୃଦ୍ଧ ନହେବା ସ୍ୱାଭାବିକ, ଏହି ଦୃଷ୍ଟିରୁ ଗଳ୍ପକାର ଚନ୍ଦ୍ରମଣିଙ୍କ ଗଳ୍ପଜଗତକୁ ଆଲୋଚନା କଲାବେଳେ ସେସମୟର ଭିତ୍ତିଭୂମିକୁ ଧାରଣା କରିବା ଉଚିତ ।

ସେ ତତ୍କାଳୀନ ଶିଳ୍ପରୀତିରେ ଗଳ୍ପ ସୃଷ୍ଟି ଲାଗି ଲେଖନୀ ଚାଳନା କରିବା ବେଳେ, ନୂତନ ରୀତିକୁ ଗ୍ରହଣ କରିପାରି ନାହାନ୍ତି । ତେଣୁ କ୍ଷୁଦ୍ରଗଳ୍ପର ନୀତି ନିୟମ ଦୃଷ୍ଟିରୁ ତାଙ୍କ ଗଳ୍ପ ରଚନାକୁ ଆଲୋଚନା କରାଯାଇ ନ ପାରେ । ଚନ୍ଦ୍ରମଣି ଗଳ୍ପ ସୃଷ୍ଟି ଲାଗି ଫକୀରମୋହନଙ୍କୁ ଅନୁକରଣ କରିଛନ୍ତି; କିନ୍ତୁ ଯଥାସମ୍ଭବ କାହାଣୀଧର୍ମିତା-ଠାରୁ ଦୂରରେ ରହି ଗଳ୍ପ ରଚନା କରିଥିବା ଭଳି ମନେହୁଏ । ବେଳେବେଳେ ତାଙ୍କର ସ୍ୱାଧୀନ ମତ ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାର ଗଣ୍ଡି ଭିତରେ ଆବଦ୍ଧ ହୋଇ ରହି ପାରିନଥିଲା । ସେପାଇଁ ସେ ନିର୍ଦ୍ଦିଷ୍ଟ ସୀମାରେଖାକୁ ଅତିକ୍ରମ କରିବାକୁ ଅହରହ ଚେଷ୍ଟା ଚଳାଇଛନ୍ତି । ଫଳରେ ତାଙ୍କଠାରୁ ଓଡ଼ିଆ କଥା-ସାହିତ୍ୟ କେତୋଟି ନୂତନ ସ୍ୱାଦର ଗଳ୍ପ ପାଇ ପାରିଛି ।

ସେ ପରୀକ୍ଷା ନିରୀକ୍ଷା ଭିତରେ ସାହିତ୍ୟ ସୃଷ୍ଟିକୁ ପସନ୍ଦ କରନ୍ତି । ସେ ଦୃଷ୍ଟିରୁ ତତ୍କାଳୀନ ସାଧାରଣ ନୀତି ନିୟମଠାରୁ ଊର୍ଦ୍ଧ୍ୱକୁ ଯାଇ କେତୋଟି ଗଳ୍ପ ସୃଷ୍ଟି କରିଛନ୍ତି । ଏ କ୍ଷେତ୍ରରେ ତାଙ୍କର 'ନନ୍ଦନକାନନ' ଓ 'ପଞ୍ଚଦଶୀ' ଗଳ୍ପ ପୁସ୍ତକକୁ ଗ୍ରହଣ କରାଯାଇପାରେ ।

ଚନ୍ଦ୍ରମଣି କାବ୍ୟ ଓ ଉପନ୍ୟାସ ରଚନା ପ୍ରତି ବେଶି ଆଗ୍ରହ ଥିଲେ । ଗଳ୍ପରେ ଉପନ୍ୟାସର ଧାରା ପ୍ରବାହିତ ହୋଇଛି । ଗଳ୍ପଗୁଡ଼ିକ ଉପନ୍ୟାସଧର୍ମୀ ହୋଇଯାଇଛି ।

ଏହିପରି ଉପନ୍ୟାସଧର୍ମୀ ଗଳ୍ପ ଭିତରୁ 'ମାଧୁରୀ' ଗଳ୍ପକୁ ନିଆଯାଉ । ଉପନ୍ୟାସରେ ଯେପରି ବର୍ଣ୍ଣନା ଲାଗି ଔପନ୍ୟାସିକଙ୍କୁ ସୁଯୋଗ ମିଳିଥାଏ, ସେପରି ସୁଯୋଗ ଗାଳ୍ପିକଙ୍କୁ ଗଳ୍ପ ଭିତରେ ବର୍ଣ୍ଣନା ପାଇଁ ମିଳେ ନାହିଁ । ଉପନ୍ୟସର ବର୍ଣ୍ଣନା ଏକ ଧର୍ମ ହୋଇଥିଲେ ହେଁ, ଗଳ୍ପରେ ଏପରି ବର୍ଣ୍ଣନାକୁ ସ୍ଥାନ ଦିଆଯାଏ ନାହିଁ । ଯେଉଁଠି ଗାଳ୍ପିକ ଗଳ୍ପ ରଚନାରେ ବର୍ଣ୍ଣନାକୁ ସ୍ଥାନ ଦିଅନ୍ତି, ସେଠାରେ ଗଳ୍ପ ନିଜର

ମୌଳିକ ଧର୍ମ ହରାଇ ବସେ । ଗଳ୍ପ—ଶିଳ୍ପସ୍ୱତର ଔଜ୍ଜ୍ୱଲ୍ୟରେ ବର୍ଣ୍ଣନା କାଳିମା ବୋଲାଯାଏ । ଯେତେ ଆକର୍ଷଣୀୟ ବର୍ଣ୍ଣନା ହେଲେ ସୁଦ୍ଧା, ସବୁ କ୍ଷେତ୍ରରେ ତାହା ଶୋଭା ପାଏ ନାହିଁ; ମାତ୍ର ଗାଳ୍ପିକ ଚନ୍ଦ୍ରାମଣି ଗଳ୍ପ ରଚନାରେ ବର୍ଣ୍ଣନାକୁ ଅଧିକ ପ୍ରାଧାନ୍ୟ ଦେଇ, ଗଳ୍ପର କଳାତ୍ମକ ମୂଲ୍ୟବୋଧକୁ ହ୍ରାସ କରିଦେଇଛନ୍ତି । ଇଙ୍ଗିତଧର୍ମୀ କ୍ଷୁଦ୍ରଗଳ୍ପ ପ୍ରାଣକୁ ଯେପରି ସ୍ପର୍ଶ କରେ, ବର୍ଣ୍ଣନାତ୍ମକ କ୍ଷୁଦ୍ରଗଳ୍ପ ପ୍ରାଣକୁ ସେପରି ସ୍ପର୍ଶ କରି ପାରେନାହିଁ । ସେହି ଦୃଷ୍ଟିରୁ ସୂଚନାଧର୍ମୀ କ୍ଷୁଦ୍ରଗଳ୍ପ ସମ୍ମାନିତ ଆସନ ପାଇଥାଏ ।

ମାତ୍ର ଚନ୍ଦ୍ରାମଣି କ୍ଷୁଦ୍ରଗଳ୍ପରେ ବର୍ଣ୍ଣନା ପ୍ରତି ସଚେତନ ରହି କଳାତ୍ମକ ମୂଲ୍ୟବୋଧକୁ ଆଦୌ ଗୁରୁତ୍ୱ ଦେଇ ନ ଥିବା ମନେହୁଏ । ସେ 'ମାଧୁରୀ' ଗଳ୍ପରେ ବର୍ଣ୍ଣନାକୁ ସ୍ଥାନ ଦେଇଛନ୍ତି । ଅବଶ୍ୟ ତାଙ୍କର ବର୍ଣ୍ଣନା ଚିତ୍ତାକର୍ଷକ ହୋଇଛି । ଠାଏ ଠାଏ କାବ୍ୟିକ ମଧ୍ୟ ହୋଇ ଉଠିଛି । ବର୍ଣ୍ଣନା ପଢିବା ଲାଗି ସୁଖ ଲାଗୁଛି । ଯଥା—
"ମଧ୍ୟାହ୍ନର ଅତୀତ କାଳ, ଅବସନ୍ନ ରବି ପଶ୍ଚିମ ଚକ୍ରବାଳ ମୂଳରେ ଢଳି ପଡ଼ିଲେଣି । ବେଳ ରଡରଡ ହୋଇ ଆସୁଅଛି । ବାରୁଣୀରାଣୀ ଅର୍ଦ୍ଧଲଜ୍ଜା ଅର୍ଦ୍ଧ ଅନୁରାଗବୋଳା ଦୃଷ୍ଟିରେ ଅସ୍ତୋନ୍ମୁଖ ରବିଙ୍କୁ ଚାହିଁ ମୃଦୁ ହସୁଅଛି ଏବଂ ସ୍ୱର୍ଣ୍ଣରେଖାରେ ଫଗୁ ମିଶାଇ ପ୍ରକୃତି ମୁହଁକୁ ମୁଠା ମୁଠା ଗୁଣ୍ଡି ଦେଉଅଛି । ମଧ୍ୟାହ୍ନ ମାର୍ତ୍ତଣ୍ଡର ଅଗ୍ନିବାଣରେ ବିଦୀର୍ଣ୍ଣ ଶିମିଳି କଣ୍ଢାକୁ ପ୍ରଖର ବାୟୁ ତୂଳା ନେଇ ଗଗନରେ କନ୍ଦୁକ କ୍ରୀଡ଼ା କରି ବୁଲୁଅଛି । ସେ ଶୋଭା ବେଳାବାଲୁକାରେ ଗୁଡ଼ିକଙ୍କ ଧାବମାନର ଚିତ୍ର ମନରେ ଆଙ୍କି ଦେଉଅଛି । ତୂଳା ଗୋଲକଗୁଡ଼ିକ ନଭୋଗର୍ଭସ୍ଥ ଅସଂଖ୍ୟ ଜ୍ୟୋତିଷ୍କ ଗ୍ରହ ନକ୍ଷତ୍ର ପରି ଏଣେ ତେଣେ ଉଡ଼ି ବୁଲୁଅଛି । ଗ୍ରହନକ୍ଷତ୍ରଙ୍କୁ ଜ୍ୟୋତି ଯେପରି ପରି କେନ୍ଦ୍ରସ୍ଥ ମଞ୍ଜିଟିକୁ ସ୍ୱଚ୍ଛ ଶୁଭ୍ରତୂଳା ଘେରି ରହିଅଛି । କ୍ରମେ ସନ୍ଧ୍ୟା ହେଲା, ମାତ୍ର ଅନ୍ଧକାର ହେଲା ନାହିଁ—ତାକୁ ଆଜି ପୃଥିବୀ ଛୁଇଁବାକୁ ମନା ।"

ଏହା ଏକ ଗ୍ରୀଷ୍ମକାଳର ଦୃଶ୍ୟ-ବର୍ଣ୍ଣନା । ଏପରି ବର୍ଣ୍ଣନା ସୁନ୍ଦର ହୋଇଛି । ମାତ୍ର ଏହି ବର୍ଣ୍ଣନା କ୍ଷୁଦ୍ରଗଳ୍ପ 'ମାଧୁରୀ'ରେ ଅନାବଶ୍ୟକ ଥିବାରୁ ବର୍ଣ୍ଣନା ଏଠାରେ ଗ୍ରହଣୀୟ ନହେବା ସ୍ୱାଭାବିକ । ବର୍ଣ୍ଣନା ପାଇଁ ଗଳ୍ପଟି କଳାଶ୍ରୀ ହରାଇ ବସିଛି ।

ନେହୁଏ, ଗଳ୍ପ ରଚନା ସମୟରେ ଯେପରି ସଂଯମତା ଆବଶ୍ୟକ, ଲେଖକ ତାହା ପ୍ରତି ଆଦୌ ସଚେତନ ନୁହଁନ୍ତି । ଆପଣା ଭାବନାକୁ ସଂକୁଚିତ କରିବା ଲାଗି ସେ ଆଗ୍ରହୀ ହୁଅନ୍ତି ନାହିଁ । ଫଳରେ ଲେଖି ଲେଖି ଭାବନା ବିସ୍ତୃତ କ୍ଷେତ୍ର ସୃଷ୍ଟି କରି ବସେ । ଚନ୍ଦ୍ରାମଣିଙ୍କ ଗଳ୍ପ-ମାନସ ସଂକୁଚିତ ପରିବେଶ ଭିତରେ ବିଚରଣ ନକରି, ସଂପ୍ରସାରିତ ପରିସର ଭିତରେ ବିଚରଣଶୀଳ ।

ସେ ଗଳ୍ପରେ କଥିତ ଶୈଳୀ ଓ ଭାଷାକୁ ପ୍ରୟୋଗ କରିଛନ୍ତି; କିନ୍ତୁ ସମୟେ ସମୟେ ଏହି ଶୈଳୀ ଓ ଭାଷା ପ୍ରୟୋଗ ପାଠକକୁ ସ୍ପର୍ଶ କରିପାରେନା; କାରଣ ଭାବନାକୁ ପ୍ରକାଶ ପାଇଁ ସେ ଭିନ୍ନ ଧରଣର ଶୈଳୀ ଗ୍ରହଣ କରିଥାଆନ୍ତି । ଭାଷା କ୍ଲିଷ୍ଟ ହୋଇପଡ଼େ । ଫଳରେ ତାଙ୍କ ସ୍ୱାଭାବିକ ଧାରା ବ୍ୟାହତ ହୁଏ ।

ଆଦର୍ଶବାଦୀ ଚନ୍ଦ୍ରମଣି ସମାଜକୁ ଆଦର୍ଶ ଶିକ୍ଷା ଦେବାଭଳି ଗଳ୍ପ ରଚନା କରନ୍ତି, ସେଥିପାଇଁ ସମାଜରୁ ସେ ଆଭିମୁଖ୍ୟ ପୂରଣ ହେଲାଭଳି କଥାବସ୍ତୁ ସଂଗ୍ରହ କରୁଥିଲେ । ତାଙ୍କ ଗଳ୍ପରେ ଆପଣାର ଆଦର୍ଶଟି ଫୁଟି ଉଠେ । ନିଜ ସଂସ୍କାର ମନୋବୃତ୍ତି ଚରିତାର୍ଥ ଦିଗରେ ସବୁ ସମୟରେ ସଚେତନ ଥିଲେ ।

ସମାଜ ଓ ଜୀବନକୁ ଫକୀରମୋହନଙ୍କ ପରି ସେ ଗଭୀର ଭାବରେ ଅନୁଶୀଳନ କରିପାରିଛନ୍ତି । ଅତୀତର କାହାଣୀକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ଗଳ୍ପ ଭିତରେ । ଅତୀତ ହୋଇଛି ତାଙ୍କ ଗଳ୍ପର ପ୍ରାଣପିଣ୍ଡ । ରାଜୁଡ଼ା ଶାସନ ଉପରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିଲା—ଅନୁଭୂତି ମଧ୍ୟ କମ୍ ନୁହେଁ । ଏହା ସମାଜରେ କିପରି ଆନ୍ଦୋଳନ ସୃଷ୍ଟି କରେ, ତା'ର ଜୀବନ୍ତ ଚିତ୍ର ଗଳ୍ପରେ ଦିଆଯାଇଛି । 'ଦଶହରା ଅନୁକୂଳ', 'ଉପଯୁକ୍ତ ଶିକ୍ଷା' ଓ 'ମାଷ୍ଟର ବାବୁ' ପ୍ରଭୃତି ଗଳ୍ପଗୁଡ଼ିକ ପଢ଼ିଲେ ପାଠକେ ସହଜରେ ଲେଖକଙ୍କ ନିରୀକ୍ଷଣ ପ୍ରବୃତ୍ତି ସମ୍ପର୍କରେ ଧାରଣା କରିପାରନ୍ତି ।

ଏ ଦୁନିଆରେ ନିଜ କର୍ମଫଳ ନିଜକୁ ଭୋଗ କରିବାକୁ ହୁଏ । କେହି ଅନ୍ୟାୟ, ଅବିଚାର ଓ ପ୍ରତାରଣା କରି ମୁକ୍ତି ପାଇ ପାରେନାହିଁ, ନିଜକୁ ଦିନେନାଦିନେ ଏହାର ପରିଣତି ଭୋଗିବାକୁ ହୁଏ । ସେଥିପାଇଁ ସେ 'ବେଢ ବାହୁଡ଼ା' ଗଳ୍ପରେ ଯଥାର୍ଥ ଉକ୍ତି ବାଢ଼ିଛନ୍ତି—

"ଯେ ଅନ୍ୟକୁ ପ୍ରତାରିତ କରେ, ସେ ପ୍ରତାରିତ ହୁଏ ।"

ମନସ୍ତତ୍ତ୍ୱ ପ୍ରତି ଲେଖକ ଦୃଷ୍ଟି ଦେଇଛନ୍ତି । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଣିଷକୁ ବିଶ୍ଳେଷଣ କରିଛନ୍ତି । ତା' ହୃଦୟର ଅଜଣା ଓ ଅଦେଖା ଦୃଶ୍ୟକୁ ଲୁଟିବାକୁ ଚେଷ୍ଟା କରିଥିଲେ । ଜଣେ ସମଧର୍ମୀ ଭାବରେ ମନକୁ ଜାଣିବାକୁ ଚାହିଁଛନ୍ତି; ମାତ୍ର ଏ ପ୍ରଚେଷ୍ଟା ତାଙ୍କର ବିଶେଷ ଫଳପ୍ରଦ ହୋଇନାହିଁ । ତଥାପି ସେ ଏପରି ଗଳ୍ପ ରଚନା କରି ଆଧୁନିକ ରୁଚିର ପ୍ରମାଣ ଦେଇଛନ୍ତି । 'ପଟଭଙ୍ଗ' ଓ 'ଶୁକସାରୀ ବିବାହ' ପ୍ରଭୃତି ଗଳ୍ପଗୁଡ଼ିକ ଏହି ଚେତନାର ବାହକ । ଅତି ନିଛକ ସତ୍ୟ 'ଶୁକସାରୀ ବିବାହ' ଗଳ୍ପରେ ଲେଖକ ପ୍ରକାଶ କରିଛନ୍ତି । ନାରୀ ଜୀବନ ମାତୃତ୍ୱ ପାଇଁ ବ୍ୟାକୁଳ ହୁଏ । ମାତୃତ୍ୱ ଲାଭରେ ନାରୀ ଜୀବନରେ ସାର୍ଥକତା । ପ୍ରତିପତ୍ତି ଓ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହି ନାରୀ ଜୀବନ ଯେତିକି ଆନନ୍ଦ ନ ପାଏ, ମାତୃତ୍ୱ ଲାଭରେ ତା'ଠାରୁ

ଯଥେଷ୍ଟ ଅଧିକ ପରିମାଣରେ ଆନନ୍ଦ ପାଇଥାଏ । ପାର୍ବତୀ ଓ ସୁକୁମାରୀ ଦୁଇଟି ଚରିତ୍ର । ଦୁହେଁ ବନ୍ଧ୍ୟା । ଜମିଦାର ପରିବାରର ବୋହୂ । ଅଭାବ ବୋଲି କିଛି ନାହିଁ, ଘିଅ ମହୁରେ ଭାସୁଥିବା ବେଳେ ଦୁହେଁ ଚିନ୍ତିତ । ବଂଶରକ୍ଷା କରିବ କିଏ ? କାହା ମୁହଁକୁ ଚାହିଁ ଦୁହେଁ ବଞ୍ଚି ରହିବେ ! ଶେଷରେ ସିଦ୍ଧାନ୍ତ ହୁଏ—ଶୁଆ ଶାରୀ ଆଣି ପୋଷିବେ । ସେମାନେ ଦୁହିଁଙ୍କୁ ଶାନ୍ତି ଦେଇପାରିବେ । ତାହା ହିଁ ହେଲା, ଖୁବ୍ ଆଡ଼ମ୍ବର ସହିତ ଶୁଆସାରୀଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହେଲା । ବନ୍ଧ୍ୟା ବୋହୂ ଦୁହେଁ ଏପରି ଶୁଭକାର୍ଯ୍ୟ କରିପାରି କେତେ ଖୁସି ସତେ ନ ହେଲେ ! ବନ୍ଧ୍ୟା ଜୀବନର ବ୍ୟର୍ଥତା—ମାତୃତ୍ୱ ପାଇଁ ବ୍ୟାକୁଳତା କିଛି ଅଂଶରେ ଦୂର ହୋଇଗଲା । ଲେଖକ ଅତି ସାଧାରଣ ଘଟଣାକୁ ଭିତ୍ତିକରି ଏହି ଗଳ୍ପଟି ଅତି ଜୀବନ୍ତ ଭାବରେ ରଚନା କରିଛନ୍ତି ।

ଈଶ୍ୱରଙ୍କର ସ୍ଥିତି ସର୍ବ ବିଦ୍ୟମାନ । ମଣିଷକୁ ଈଶ୍ୱରଙ୍କର ସ୍ୱରୂପ ଦୃଶ୍ୟ ନ ହେଲେ ବି ସୁଦ୍ଧା, ଆମକୁ ଘେରି ରହିଛି ତାଙ୍କର ଲୀଳାମୟ ଜଗତ । ଏକଥା ବିଶ୍ୱାସ କରିବାକୁ ହେବ—ତାଙ୍କ ବିନା ପୃଥିବୀ ଅଚଳ । ମଣିଷ ଯେତେ ଉଚ୍ଚକୁ ଗଲେ ବି, ସେ କେବେ ଈଶ୍ୱରଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବ ନାହିଁ । ଧର୍ମବାଦୀ ଚନ୍ଦ୍ରମଣି ଏହି ବିଶ୍ୱାସରେ ଆଜୀବନ ବଶବର୍ତ୍ତୀ ହୋଇଛନ୍ତି । 'ଦାର୍ଶନିକ ପଣ୍ଡିତ' ସେହି ଚିନ୍ତାର ପରିପ୍ରକାଶକ । ଏଥିରେ ଥିବା ଚରିତ୍ର କପିଳ ରଥ ପଣ୍ଡିତ; କିନ୍ତୁ ଈଶ୍ୱରଙ୍କ ପ୍ରତି ତାଙ୍କର ଆସ୍ଥା ନ ଥାଏ । ଯୁକ୍ତିବାଦୀ ମନ ତାଙ୍କର ସବୁବେଳେ ଯୁକ୍ତିରେ ଲିପ୍ତ ରହେ । ସେ ଏକାଧାରରେ ନାସ୍ତିକ ଓ ଅହଂକାରୀ ମଧ୍ୟ ଥିଲେ । ଦିନ ଆସିଛି, ଯେତେବେଳେ ନାସ୍ତିକ କପିଳ ରଥ ଆସ୍ତିକ ହୋଇଛନ୍ତି । ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଆସିଛି । ପରିସ୍ଥିତି ଦୃଷ୍ଟିରୁ ଈଶ୍ୱର ହିଁ ଏକମାତ୍ର ସତ୍ୟ—ଏହା ଗ୍ରହଣ କରିବାକୁ ହୋଇଥିଲା । ଈଶ୍ୱରଙ୍କୁ କେହି ଅବିଶ୍ୱାସ କରିପାରିବେ ନାହିଁ । ଅଦୃଶ୍ୟ ଦେବତାଙ୍କ ନିର୍ଦ୍ଦେଶରେ ଜଗତ ପରିଚାଳିତ । ଦିନେ ନା ଦିନେ ମଣିଷ ତାଙ୍କୁ ଜୀବନରେ ଗ୍ରହଣ କରିବାକୁ ବାଧ୍ୟ ହେବ—ଏହି ବାଣୀ ଗାଳ୍ପିକ ଶୁଣାଇଛନ୍ତି । ସମାଜରୁ ନାସ୍ତିକତା ଦୂରକରି ଈଶ୍ୱର ବିଶ୍ୱାସୀ ଭାବ ପ୍ରତିଷ୍ଠା କରିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ଏହା ଫଳରେ ଯୁଗ ଯୁଗ ଧରି ସମାଜରେ ଆସନ ପ୍ରତିଷ୍ଠା କରିଥିବା ଚିନ୍ତା ଓ ବିଶ୍ୱାସ ମୂଳରେ ସଂସ୍କାରକ ଚନ୍ଦ୍ରାନଣି କୁଠାରାଘାତ କରିଥିଲେ ।

ତାଙ୍କ ଗଳ୍ପ ପଢ଼ିଲାବେଳେ ମନେହୁଏ ସତେ ଯେପରି ଫକୀର ମୋହନଙ୍କ ଚରିତ୍ର ଓ ପରିବେଶ ଆମ ଆଗରେ ଉଭା ହୋଇଛନ୍ତି । ଅତି ଆପଣାର ସେମାନେ । ନିତି ଦିନିଆ ଜୀବନର ଚିରସାଥୀ । ଗାଳ୍ପିକ ମନଗଢ଼ା କଥା କହିବାଠାରୁ ସମାଜ

ଓ ସାମାଜିକ ଚଳଣିକୁ ଦୃଷ୍ଟି ଦେଇଛନ୍ତି ଗଳ୍ପ ରଚନା ପାଇଁ, ଆମରି ଭିତରୁ—ଆମରି ମନ-ଗହ୍ୱରରୁ ସବୁଯାକ ଭାବନା ସେ ଚୋରି କରି ନେଇଥିଲାପରି ବୋଧହୁଏ । ତାହା ନ ହୋଇଥିଲେ ତାଙ୍କ ଗଳ୍ପରେ ମଣିଷ ନିଜକୁ ଦେଖନ୍ତା ନାହିଁ । ଚିରନ୍ତନ ସତ୍ୟର ସନ୍ଧାନ ପାଆନ୍ତା ନାହିଁ, ଆପଣା ଚରିତ୍ର ଅଭିନୟ ଆଖି ଆଗରେ ଅନୁଭବ କରିପାରନ୍ତା ବା କିପରି ! 'ଚନ୍ଦ୍ର ଉଦୟ', 'ସାରିଆ', 'ଭିକାରି ନାୟକ' ଓ 'ରଙ୍କନିଧି'ତ ଆମରି ଅତି ଆପଣାର । ଚନ୍ଦ୍ରାମଣିଙ୍କ ଲେଖନୀରେ ସେମାନେ ସବୁ ଆମରି କଥା କହିବା ଲାଗି ଚିହ୍ନିତ ହୋଇଥିଲା ପରି ଜଣାଯାଏ ।

ସହରୀ ସଭ୍ୟତାଠାରୁ ତାଙ୍କ ଗଳ୍ପଜଗତ ବହୁ ଦୂରରେ । ମୁଖ୍ୟତଃ ସେ ପଲ୍ଲୀ ଜୀବନ ଓ ଚେତନାକୁ ଗଳ୍ପର ଭିତ୍ତିଭୂମି ଭାବେ ଗ୍ରହଣ କରିଛନ୍ତି । ଗାଳ୍ପିକ ଚନ୍ଦ୍ରାମଣି କାଳ୍ପନାପ୍ରିୟ ନ ଥିଲେ । ସେ ହୋଇଛନ୍ତି ବାସ୍ତବବାଦୀ । ବାସ୍ତବ ଘଟଣାକୁ ଗଳ୍ପରୂପ ଦେବାରେ ଆନନ୍ଦ ପାଆନ୍ତି । ତାଙ୍କର ସବୁ କୃତି ଭାଷା ପ୍ରୟୋଗରେ ଲଚିଯାଏ । ଲେଖକଙ୍କ ପାରଦର୍ଶୀ ଭାଷାର କାରିଗରି ଜାଦି ପାଠକ ମନରେ ଚମକ ସୃଷ୍ଟି କରେ ।

ତାଙ୍କ କ୍ଷୁଦ୍ରଗଳ୍ପ ବିଶ୍ଳେଷଣ ସମୟରେ ଚନ୍ଦ୍ରାମଣିଙ୍କ ନିଜ ଉକ୍ତିଟି ସ୍ମରଣୀୟ ।

"ବର୍ତ୍ତମାନ ଓଡ଼ିଆ ଭାଷାରେ ଦୀର୍ଘ ଲେଖା ଦେଖା ଯାଉନାହିଁ । କ୍ଷୁଦ୍ର ଖଣ୍ଡ କବିତା ପ୍ରତି ଲେଖକମାନେ ଯେତେ ଆକୃଷ୍ଟ ହେଉଛନ୍ତି, ଦୀର୍ଘକାଳବ୍ୟାପୀ କାବ୍ୟାଦି ଲେଖା ପ୍ରତି ସେପରି ହେଉନାହାନ୍ତି । ଦୀର୍ଘ ଲେଖା ଲେଖିବାକୁ ବା ପଢ଼ିବାକୁ ଲେଖକ, ପାଠକ ଉଭୟଙ୍କର ଧୈର୍ଯ୍ୟ ଦରକାର । ବର୍ତ୍ତମାନ ସେ ରୁଚି ନାହିଁ । ଦୀର୍ଘ ରଚନାରେ ଚିନ୍ତା ଓ କଳ୍ପନା ଅଧିକ କରିବାକୁ ହୁଏ । ଚିନ୍ତାଧାରା ଚିନ୍ତାଶକ୍ତି ବିକଶିତ ଏବଂ ପରିବର୍ଦ୍ଧିତ ହୁଏ । କଳ୍ପନାର ଅବାଧ ଗତିଦ୍ୱାରା ବହୁ ଭାବ ଆସି ମନ ମଧ୍ୟରେ ପୁଞ୍ଜୀଭୂତ ହୁଏ । ଅନେକ ନୂତନ ଭାବ ବି ଆସେ । ଭାବୁକ ଇଚ୍ଛା ଅନୁସାରେ ସେଥିରୁ ଉପାଦାନ ବାଛି ଗ୍ରହଣ କରେ । କଳ୍ପନା ଉଚ୍ଚକୁ ନ ଉଠି ସୀମାବଦ୍ଧ ହୋଇ ରହିଲେ ଉଚ୍ଚଭାବ ସଂଗ୍ରହ କରିବ କେଉଁଠାରୁ ? ଚିନ୍ତା କଳ୍ପନାକୁ ଅବାଧ ଭ୍ରମଣ ପାଇଁ ଛାଡ଼ିଦେବାକୁ ହେବ । ସେ ମୁକ୍ତ ଆକାଶରେ, ମୁକ୍ତ ବାୟୁରେ ବୁଲି ହୃଷ୍ଟପୁଷ୍ଟ ଏବଂ ବଳିଷ୍ଠ ହୋଇ ପାରିବ । ଯେ ଅସୀମ, ତାର ଅସୀମରେ ବୁଲିବା ଉଚିତ । ଅସୀମକୁ ସୀମାବଦ୍ଧ କଲେ ତାହାର ଶକ୍ତି ସଙ୍କୁଚିତ ହୁଏ । କ୍ଷୁଦ୍ରଗଳ୍ପ ଓ କ୍ଷୁଦ୍ର କବିତାର ଯେ ମୂଲ୍ୟ ନାହିଁ—ଏହା ମୁଁ କହୁ ନାହିଁ । ସାହିତ୍ୟରେ ତାହା ବି ଦରକାର । ମୁଁ ବି ସମୟ ସମୟରେ କ୍ଷୁଦ୍ରଗଳ୍ପ କବିତା ଲେଖେ । ମୋର କହିବାର

ଉଦ୍ଦେଶ୍ୟ ଏହି ଯେ ତାହା ସଙ୍ଗେ ସଙ୍ଗେ ଦୀର୍ଘ ଲେଖାରେ ଅଭ୍ୟସ୍ତ ହେବା ବି ଉଚିତ ।"*

ଏହି ନିଜ ଉକ୍ତିଟିକୁ ଚନ୍ଦ୍ରମଣିଙ୍କ ଗଳ୍ପ ଜଗତରେ ପ୍ରବେଶ ପୂର୍ବରୁ ମନେ ରଖିବା ଉଚିତ । କାବ୍ୟକବିତା ତୁଳନାରେ ଗଳ୍ପସଂଖ୍ୟା ସ୍ୱଳ୍ପ ହେଲେ ବି, ସେହି ସ୍ୱଳ୍ପତା ଭିତରେ ତାଙ୍କ କଥାକାରପ୍ରତିଭାର ପରିଚୟ ମିଳିଥାଏ ।

କଥା ସମ୍ରାଟ ଫକୀର ମୋହନଙ୍କ ଉତ୍ତର ଦାୟାଦ ଭାବରେ ଗାଳ୍ପିକ ଚନ୍ଦ୍ରମଣି ଗଳ୍ପ ସୃଷ୍ଟି କରି ଫକୀର ମୋହନୀୟ ପରମ୍ପରା ରକ୍ଷା ଦିଗରେ ପ୍ରଚେଷ୍ଟା କରିଥିଲେ । ପରମ୍ପରା ବଜାୟ ରଖିବା ପାଇଁ ସେ ଯେଉଁ ଭୂମିକା ଗ୍ରହଣ କରିଛନ୍ତି, ତାହା ଓଡ଼ିଆ ଗଳ୍ପର ଦିଗ୍‌ବଳୟ ଉନ୍ମୋଚନ ପାଇଁ ସହାୟକ ହୋଇଛି । ଆଧୁନିକ ଗାଳ୍ପିକ ତାଙ୍କୁ ମାଇଲ ଖୁଣ୍ଟ ଭାବରେ ଗ୍ରହଣ ନ କଲେ ବି, ପରମ୍ପରା ରକ୍ଷକ ଭାବରେ ସେ ସମ୍ମାନିତ—କାଳ ମୁଖରେ ଘୋଷିତ ।

---

*( ଉତ୍କଳ ସାହିତ୍ୟ ସମାଜ—ସପ୍ତବିଂଶ ବାର୍ଷିକ ସମାରୋହରେ କବିଶେଖର ଚନ୍ଦ୍ରମଣିଙ୍କ ସଭାପତି ଭାଷଣ )

# ଗଦ୍ୟ ରଚନା : ଚିନ୍ତାମଣିଙ୍କ ସାଧନାର ବିଶିଷ୍ଟ ବିଭାଗ

ସାରସ୍ୱତ ସାଧକ ଚିନ୍ତାମଣି କେବଳ କାବ୍ୟକବିତା ଓ ଗଳ୍ପ ଉପନ୍ୟାସରେ ନିଜ ପ୍ରତିଭା ଓ ସାଧନାର ପରିଚୟ ଦେଇ ନାହାନ୍ତି । ଗଦ୍ୟ ରଚନାରେ ମଧ୍ୟ ସେ ତାଙ୍କ ସାଧନାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଥୋଇ ଯାଇଛନ୍ତି । ବରଂ ଅନ୍ୟାନ୍ୟ ବିଭାଗ ତୁଳନାରେ ସେ ଏହି କ୍ଷେତ୍ରରେ ଅଧିକ ସାର୍ଥକତା ଲାଭ କରିଥିଲେ । ତାଙ୍କ ସାଧନାର ଏହି ବିଭାଗଟି ଅଧିକ ଉଲ୍ଲେଖନୀୟ ଓ ଉଜ୍ଜ୍ୱଳମୟ କୁହାଯିବା ଅସମୀଚୀନ ହେବନାହିଁ ।

ଗଳ୍ପ ଉପନ୍ୟାସ ପାଇଁ ବ୍ୟାସକବି ଫକୀରମୋହନ, କାବ୍ୟକବିତା ସୃଷ୍ଟିରେ କବିବର ରାଧାନାଥ, କବି ଚିନ୍ତାମଣିଙ୍କର ଦିଗ୍‌ଦର୍ଶକ ହୋଇଛନ୍ତି । ଦୁଇ ସ୍ରଷ୍ଟାଙ୍କ ପଦାଙ୍କ ଅନୁସରଣ କରିବାରେ ସେ ତୃପ୍ତି ଲାଭ କରିଥିଲେ । ଗଦ୍ୟ ସୃଷ୍ଟିରେ ଭକ୍ତକବି ମଧୁସୂଦନଙ୍କ ଶୈଳୀ ଓ ଭାଷାକୁ କବିଶେଖର ଚିନ୍ତାମଣି ମଧ୍ୟ ଅନୁକରଣ କରିଛନ୍ତି । ମଧୁସୂଦନଙ୍କ ପ୍ରଭାବ କେତେକ କ୍ଷେତ୍ରରେ ଏହାଙ୍କ ଗଦ୍ୟ ସୃଷ୍ଟିରେ ପରିଲକ୍ଷିତ ହୁଏ । ସର୍ବୋପରି ଏଥିରେ ତାଙ୍କର ମୌଳିକତା ପାଠକର ଦୃଷ୍ଟି ଆକର୍ଷଣ କରିଥାଏ ।

ତାଙ୍କ ଗଦ୍ୟରେ ଶୁଣିବାକୁ ମିଳେ ଗୁରୁଗମ୍ଭୀର ଉଚ୍ଚାରଣ—ପ୍ରାଣସ୍ପର୍ଶୀ ସ୍ପନ୍ଦନ ମୁଖର ଗୀତିରାଜି । ଭାଷାରେ ବି ଦେଖିବାକୁ ମିଳିଥାଏ ଅସାଧାରଣ କୃତିତ୍ୱ ।

ସାହିତ୍ୟ ସୃଷ୍ଟିରେ ଯା'ର ଆନନ୍ଦ, ଯେ ସାହିତ୍ୟକୁ ନେଇ ପରମ ତୃପ୍ତି ଲାଭକରେ, ସାହିତ୍ୟର ପ୍ରାଣସତ୍ତା ଯେଉଁ ସାଧକ ଉପଲବ୍ଧି କରିଛି, ସେହି ସିନା କହି ପାରିବ, ସାହିତ୍ୟର ମର୍ମବାଣୀ । ସାହିତ୍ୟ ସ୍ୱାଦକୁ ଯିଏ ହାଡ଼େ ହାଡ଼େ ଅନୁଭବ କରିପାରିଛି—ତାହା ସହିତ ନିଜକୁ ଜଡ଼ିତ କରାଇ ପାରିଛି, ସେହି ନିଷ୍ଠାପର ସାଧକ ସାହିତ୍ୟର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ସକ୍ଷମ ହୋଇଥାଏ ।

ଯେଉଁ ସାହିତ୍ୟ ସାର୍ବଜନୀନ ମୂଲ୍ୟବୋଧ ହରାଇବସିଛି—ବିଶ୍ୱବାଣୀ ଶୁଣାଇ ପାରେନା, ତାହା ପ୍ରକୃତ ସାହିତ୍ୟ ପଦବାଚ୍ୟ ନୁହେଁ । ଯେଉଁ ରଚନା ଅନ୍ୟକୁ ଆକୃଷ୍ଟ କରି ନପାରେ—ଯାହାର ଆକର୍ଷଣୀ ଶକ୍ତି ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ସକ୍ଷମ ନୁହେଁ, ତାକୁ ସାହିତ୍ୟ ବୋଲି କାହିଁକି କୁହାଯିବ, ବା ସାହିତ୍ୟିକ ସେପରି ସାହିତ୍ୟ ସୃଷ୍ଟି କରି ସ୍ରଷ୍ଟାର ଗୌରବ କାହିଁକି ନେବ ! ଯେଉଁ ସାହିତ୍ୟରେ ସାହିତ୍ୟିକର ଅନୁଭୂତି ପ୍ରକାଶ ପାଇନାହିଁ—ଅନୁଭୂତି ସ୍ପଷ୍ଟ ହୋଇ ନାହିଁ ବା ଅନୁଭୂତି ପ୍ରକାଶ ପାଇଁ ସାହିତ୍ୟିକ ଆଗ୍ରହୀ ନୁହେଁ, ସେ ପ୍ରକାର ସାହିତ୍ୟକୁ ପ୍ରକୃତ ସାହିତ୍ୟ ବୋଲିବା ଉଚିତ ନୁହେଁ । ସାହିତ୍ୟ ସୌନ୍ଦର୍ଯ୍ୟର ବର୍ତ୍ତିବହ । ସୌନ୍ଦର୍ଯ୍ୟ ବିତରଣ ତା'ର ପ୍ରଧାନ ଓ ପ୍ରଥମ କାର୍ଯ୍ୟ । ସେଥିରୁ ବ୍ୟତିକ୍ରମ ହେଲେ ସାହିତ୍ୟ ଆଉ ସାହିତ୍ୟ ହୁଏ ନାହିଁ । ଅସାଧାରଣ ଶିଳ୍ପରୀତିରେ ଯେଉଁ ସାହିତ୍ୟ ଗ୍ରନ୍ଥିତ ହୋଇନାହିଁ, ତାହା ସାହିତ୍ୟର ଗୌରବ ହରାଇ ବସେ । ଯେଉଁ ସାହିତ୍ୟ ପାଠରେ ମସ୍ତିଷ୍କ-ହୃଦୟରେ ଆଲୋଡ଼ନ ସୃଷ୍ଟି ହେଉନି—ସେପରି ସାହିତ୍ୟ ସୃଷ୍ଟିର କି ଆବଶ୍ୟକତା ! ଏହାକୁ ଚନ୍ଦ୍ରମଣି ତାଙ୍କ ସାହିତ୍ୟିକ ଜୀବନରେ ଅନୁଭବ କରିଥିଲେ ।

ସାହିତ୍ୟିକ ଚନ୍ଦ୍ରମଣି ଏହି ଆଦର୍ଶକୁ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରି ପାରିଛନ୍ତି । ସେ ତାଙ୍କ ସ୍ୱକୀୟ ଶୈଳୀରେ କହନ୍ତି—

"ଯହିଁରେ ସାର୍ବଜନୀନ ବିଶ୍ୱପ୍ରେମ ନାହିଁ, ମୋହମାଦକତା'ର ତୀବ୍ର ଆକର୍ଷଣ ନାହିଁ । ଅନୁଭୂତିର ସମୁଜ୍ଜ୍ୱଳ ଚିତ୍ର ନାହିଁ, ଅଳଙ୍କାରର ସୌନ୍ଦର୍ଯ୍ୟ ନାହିଁ, ଅଲୌକିକ କଳା କୌଶଳ ନାହିଁ, ଯହିଁରେ ହୃଦୟ ଆର୍ଦ୍ର ହୁଏନାହିଁ, ତାହା ସାହିତ୍ୟ ନାମର ଉପଯୁକ୍ତ ନୁହେଁ ।"

ନିଜ ଗ୍ରନ୍ଥାବଳୀ ୪ର୍ଥ ଭାଗର ୨୪୭ ପୃଷ୍ଠାରେ କବିଶେଖର ଚନ୍ଦ୍ରମଣି ଯେଉଁ ଉକ୍ତି ପ୍ରକାଶ କରିଛନ୍ତି ତାହା ପ୍ରତ୍ୟେକ ସାହିତ୍ୟିକ ସ୍ମରଣ ରଖିବା ଉଚିତ ।

ସେ ଯେତେବେଳେ ଗଳ୍ପ ଉପନ୍ୟାସ ରଚନା କରନ୍ତି, ଯେତେବେଳେ ଯେଉଁ ଶୈଳୀ ଗ୍ରହଣ କରନ୍ତି, ପ୍ରବନ୍ଧ ରଚନା ସମୟରେ ଭିନ୍ନ ଶୈଳୀ ଓ ଭିନ୍ନ ଭାଷା ପ୍ରୟୋଗ କରିଥାଆନ୍ତି । ବହୁ କ୍ଷେତ୍ରରେ ଶୈଳୀ ଓ ଭାଷାକୁ ନେଇ ଗଦ୍ୟରେ ସେ ପରୀକ୍ଷା ମଧ୍ୟ କରିଥିଲେ । ସେ ପରୀକ୍ଷା ସଫଳ କି ବିଫଳ, ତାହା ତ ଅନ୍ୟ ଏକ ପ୍ରଶ୍ନ—ଅନ୍ୟ ଏକ ସମସ୍ୟା ।

ଚନ୍ଦ୍ରମଣି ସାହିତ୍ୟ ସୃଷ୍ଟି ଲାଗି ନିର୍ଦ୍ଦିଷ୍ଟ କୌଣସି ଶ୍ରେଣୀ, ଗୋଷ୍ଠୀ ବା ଉଚ୍ଚାସନକୁ ଉପାଦାନ ଭାବରେ ଗ୍ରହଣ କରିନାହାନ୍ତି । କାବ୍ୟ କବିତା, ଗଳ୍ପ-

ଉପନ୍ୟାସ ଓ ଗଦ୍ୟ ରଚନାରେ ସବୁଠି ଏହି କଥା ଦେଖିବାକୁ ମିଳେ । ଅତି ହେୟ ତୁଚ୍ଛ ତଥ୍ୟକୁ ମଧ୍ୟ ସେ ସାହିତ୍ୟର ଉପାଦାନ ଭାବରେ ଗ୍ରହଣ କରନ୍ତି । ଯେତେବେଳେ ସେ ତୁଚ୍ଛ ବସ୍ତୁକୁ ସାହିତ୍ୟ ରଚନା ଲାଗି ଉପାଦାନ ଭାବରେ ନିର୍ବାଚନ କରନ୍ତି, ସେ ସେତେବେଳେ ତାକୁ ସ୍ୱକୀୟ ଶୈଳୀରେ ପ୍ରକାଶ କରନ୍ତି । ସମ୍ମାନାସ୍ପଦ ଉପାଦାନ ପାଇଁ ଗୋଟିଏ ଶୈଳୀ ଓ ଭାଷା ଏବଂ ଇତର ଉପାଦାନ ଲାଗି ଅନ୍ୟ ଗୋଟିଏ ଭାଷା ଓ ଶୈଳୀ କେବେ ସେ ବ୍ୟବହାର କରନ୍ତି ନାହିଁ । ଯାହା ହେଉନା କାହିଁକି ତାହା ସାହିତ୍ୟ ପାଇଁ ଯେତେବେଳେ ଆସିଯାଏ, ସେତେବେଳେ ସାହିତ୍ୟ-ରୂପରେ ବିଭୂଷିତ କରିବା ଲାଗି ଲେଖକ ଉଦ୍ୟମ କରିବା ଆବଶ୍ୟକ, ଏହି ହେଉଛି ତାଙ୍କର ଆଭିମୁଖ୍ୟ । ଏଥିରେ ଅବହେଳା କରିବା କୌଣସି କଳାକାର ପକ୍ଷେ ସମୀଚୀନ ନୁହେଁ । ସେହି ଦୃଷ୍ଟିରୁ ଉଦାହରଣ ଭାବେ କବିଶେଖର ଚନ୍ଦ୍ରମଣିଙ୍କ 'କଢ଼ତି' ଓ 'ପଖାଳଭାତ' ପ୍ରବନ୍ଧ ଦୁଇଟିକୁ ନିଆ ଯାଇପାରେ ।

ସାମ୍ବାଦିକତା କ୍ଷେତ୍ରରେ ବହୁ ଦିନ ଚନ୍ଦ୍ରମଣି କାର୍ଯ୍ୟ କରିଛନ୍ତି । ସାମ୍ବାଦିକତାର ଭାଷା ସହ ସେ ସଂପୃକ୍ତ । କିପରି ଜନ ଜୀବନକୁ ସମ୍ବାଦ ସ୍ପର୍ଶ କରିପାରିବ—ସହଜରେ ସାଧାରଣ ଲୋକେ ସମ୍ବାଦ ପଢ଼ି ବୁଝି ପାରିବେ, ସେ ପାଇଁ ସମ୍ବାଦିକ ସବୁବେଳେ ଭାଷା ପ୍ରୟୋଗରେ ଜନ ଜୀବନର ଭାଷାକୁ ଦୃଷ୍ଟି ଦେଇଥାଏ । ଉତ୍କଳମଣି ଗୋପବନ୍ଧୁ ଯେତେବେଳେ 'ସମାଜ' ପ୍ରକାଶ କଲେ, ସେତେବେଳେ ସେ ଘୋଷଣା କରିଥିଲେ— "'ସମାଜ'ର ଭାଷା ଏପରି ହେବା ଉଚିତ, ଯାହା ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଛୁଇଁ ପାରିବ । ସମସ୍ତେ ବୁଝି ପାରିବେ ।" ଏହା ମଧ୍ୟ ପ୍ରତ୍ୟେକ ସାମ୍ବାଦିକର ଧର୍ମ । ସାମ୍ବାଦିକ ଜଣେ ସାହିତ୍ୟିକ ହୋଇପାରେ; କିନ୍ତୁ ସମ୍ବାଦ ପରିବେଷଣବେଳେ, ସାହିତ୍ୟିକ ଭାଷା ଓ ଶୈଳୀ ପ୍ରତି ସେ ଗୁରୁତ୍ୱ ଦେବା ଉଚିତ ନୁହେଁ । ସମ୍ବାଦ ପରିବେଷଣ ସମୟରେ ସମ୍ବାଦିକର ଭାଷା ଓ ଭଙ୍ଗୀ ସ୍ୱତନ୍ତ୍ର—ଭିନ୍ନ ହେବା ଆବଶ୍ୟକ ।

ଚନ୍ଦ୍ରମଣି ସାମ୍ବାଦିକ ଭାବରେ ବହୁ ଦିନ ବିତାଇ ଥିବାରୁ ସେହି ସମ୍ବାଦିକତାର ଭାଷା ଓ ଶୈଳୀକୁ ଭୁଲିପାରି ନ ଥିଲେ । ସେ ଗଦ୍ୟ ରଚନାରେ ସେହିପରି ଶୈଳୀକୁ ପ୍ରୟୋଗ କରିଛନ୍ତି । ଭାଷା ପ୍ରୟୋଗରେ ସେହି ସାମ୍ବାଦିକତାର ଭାଷାକୁ ଗ୍ରହଣ କରି ନେଇଛନ୍ତି । ତେଣୁ ତାଙ୍କ ପ୍ରବନ୍ଧଗୁଡ଼ିକ ସର୍ବଜନାଦୃତ ନହେଲେ ପଛେ, ଅବୋଧ ହୁଏ ନାହିଁ । ରଚନା ସ୍ୱଚ୍ଛମାର୍ଜିତ ଓ ସରଳତାର ଆବରଣରେ ସୁସଜ୍ଜିତ ।

ମୂଳରୁ କୁହାଯାଇଛି ଯେ, ଚନ୍ଦ୍ରମଣି ଶିକ୍ଷକ ଥିବାରୁ ତାଙ୍କ ଜୀବନରେ ଉପଦେଶ ଓ ଆଦର୍ଶ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଏହି ଉପଦେଶ ଓ

ଆଦର୍ଶବାଦ, ସାହିତ୍ୟ ସୃଷ୍ଟିରେ ଫୁଟିଉଠିଛି । ତାଙ୍କ ଗଦ୍ୟ ରଚନା ଏଥିରୁ ବାଦ ଯାଇନାହିଁ । ସେଥିରେ ସେ ନୀତିଶିକ୍ଷା ଦେବାକୁ ଚାହିଁଛନ୍ତି । ଆଦର୍ଶବାଦ ଉପସ୍ଥାପନ କରି ନିଜ ଆଦର୍ଶବାଦୀ ଚିନ୍ତା ପ୍ରଚାର କରିଥିଲେ ।

ଗଦ୍ୟ ରଚନାକୁ ସେ ବିଶ୍ଳେଷଣାତ୍ମକ କରିବାକୁ ଚେଷ୍ଟା କରନ୍ତି । ଗୋଟିଏ ବିଷୟକୁ ସଂକ୍ଷିପ୍ତରେ ପ୍ରକାଶ କରିବାକୁ ଯାଇ ମଧ୍ୟ, ବିଶ୍ଳେଷଣ କରିବାକୁ ଚିନ୍ତାମଣି ଭୁଲନ୍ତି ନାହିଁ । ସମ୍ବାଦପତ୍ର ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦକ କୌଣସି ବିଷୟ ଆଲୋଚନା କରିବାକୁ ଯାଇ, ଯେପରି 'କାର୍ଯ୍ୟ-କାରଣ' ପଦ୍ଧତି ଅନୁସରଣ କରି ଥାଆନ୍ତି, ଚିନ୍ତାମଣି ଠିକ୍ ସେପରି ପଦ୍ଧତି ଅନୁସରଣ କରିଥିବା ପରି ମନେହୁଏ ।

ତାଙ୍କ ରଚିତ 'ସଂଯମ ଶିକ୍ଷା' ରଚନା ପାଠକଲେ ଏହାର ସତ୍ୟତା ପ୍ରତିପାଦିତ ହୋଇଥାଏ । ଏଥିରେ ଲେଖକ ଉପଦେଶ ଦେଇଛନ୍ତି—ନୀତି ବାଣୀ ଶୁଣାଇଛନ୍ତି । ପୁଣି ସମ୍ପାଦକୀୟ ଶୈଳୀରେ ରଚନା ପରିବେଷଣ କରିଛନ୍ତି । ଏହି ଶ୍ରେଣୀୟ ଅନ୍ୟ ଏକ ସୃଷ୍ଟି ଭାବରେ 'ବଜ୍ର ପ୍ରହାର'କୁ ଗ୍ରହଣ କରାଯାଏ । ସମ୍ପାଦକ ବିଚାର ଭଙ୍ଗୀର ଆଲୋଚନା, ଅଧ୍ୟୟନ ପାଇଁ ଯେତିକି ସୁଖକର, ସମୟେ ସମୟେ ସେତିକି ମଧ୍ୟ ବିରକ୍ତିକର ମନେ ହୋଇଥାଏ ।

ଜଣେ ଦକ୍ଷ ସାମ୍ବାଦିକ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ବିଷୟ ଜାଣି, ସେ କେବେ ଉପଯୁକ୍ତ ସାମ୍ବାଦିକତା କରିପାରିବ ନାହିଁ । ତାକୁ ବହୁ କଥା ଜାଣିବାକୁ ହୁଏ । ବହୁ ତଥ୍ୟ ଦେବାକୁ ପଡ଼େ । ଠିକ୍ ସେମିତି ଚିନ୍ତାମଣି ସାହିତ୍ୟିକ ହୋଇ, ସାହିତ୍ୟ ବିଷୟରେ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ, ଆହୁରି ଅନେକ ବିଷୟ ଜାଣିଥିଲେ—ଭଲ ଭାବରେ ବୁଝିବାକୁ ଚେଷ୍ଟା କରିଥିଲେ ।

ଏପରିକି ଜଣେ ରୋଗଗ୍ରସ୍ତ ବ୍ୟକ୍ତି ପକ୍ଷରେ ବିଭିନ୍ନ ସ୍ଥାନକୁ ଯାଇ ଯାହା ଜାଣିବା ସମ୍ଭବ ନୁହେଁ, ତାହା ସେ ଜାଣିଥିଲେ । ପ୍ରତ୍ୟକ୍ଷ ଜ୍ଞାନ ଲାଭ ଲାଗି ସେ ଆଗ୍ରହୀ ଥିଲେ । ବହିରୁ ପଢ଼ି ଜାଣିବା ସଙ୍ଗେ ସଙ୍ଗେ, ବାସ୍ତବ ଜ୍ଞାନ ଆହରଣ ପାଇଁ ଚେଷ୍ଟା କରୁଥିଲେ । ଏହି ଜିଜ୍ଞାସା ପ୍ରବଣତା ଯୋଗୁଁ ବାଣିଜ୍ୟ, କୃଷି, ଧର୍ମ, ଶିଳ୍ପ, ସ୍ୱାସ୍ଥ୍ୟ ଓ ଅର୍ଥନୀତି ଆଦିକୁ ଭଲଭାବରେ ବୁଝି ପାରିଥିଲେ । ଏ ସମ୍ପର୍କରେ ତାଙ୍କର ଅନେକ ଅଭିଜ୍ଞତା ଓ ଅନୁଭୂତି ରହିଥିଲା । ଜଣେ ସାଧାରଣ ସାହିତ୍ୟିକଠାରୁ ଚିନ୍ତାମଣି ଯଥେଷ୍ଟ ବାହାର ବିଷୟ ଜାଣିଥିଲେ । ସବୁ ଦିଗକୁ ତାଙ୍କର ଦୃଷ୍ଟି ରହିଥାଏ । କେବଳ ସାହିତ୍ୟ ପୁସ୍ତକ ଭିତରେ ତାଙ୍କ ଦୃଷ୍ଟି ସୀମାବଦ୍ଧ ରହିନାହିଁ । ଫଳରେ ସେ ଦେଶର କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଓ ବୈଷୟିକ ବିଷୟକୁ ନେଇ ସାହିତ୍ୟ ରଚନା କରିଥିଲେ । ଗଦ୍ୟ ରଚନାରେ ସେ ଏସବୁର ବର୍ଣ୍ଣନା ଦେଇ ଯାଇଛନ୍ତି ।

ସମାଜରେ ପ୍ରଚଳିତ ହେଉଥିବା କିଂବଦନ୍ତୀ, ଲୋକକଥା ଓ ଲୋକବାଣୀକୁ କବି ସେ ଯୁଗରେ ଅନୁଧ୍ୟାନ କରିଥିଲେ । ଏସବୁରେ କିପରି ଓଡ଼ିଆ ଜୀବନ ଓ ସମାଜ ଲୁକ୍‌କାୟିତ ହୋଇରହିଛି, ସେ ତା'ର ସନ୍ଧାନ କରିଛନ୍ତି । ତାଙ୍କ ଗଦ୍ୟ ରଚନା ବିଭିନ୍ନ ସ୍ୱାଦରେ ସମୃଦ୍ଧ ହୋଇଛି ।

ଚନ୍ଦ୍ରାମଣିଙ୍କ ଗଦ୍ୟ ସାହିତ୍ୟ ଆଲୋଚନାରେ ଆଉ ଏକ ସ୍ୱାତନ୍ତ୍ର୍ୟ ପାଠକ ଅନୁଭବ କରିଥାଏ । ସେ ବହୁବାର ବହୁ ସ୍ଥାନରେ କହିଛନ୍ତି—"ଭାବ ଅନୁକରଣ କରାଯାଏ, ମାତ୍ର ଭାଷା ଅନୁକରଣ କରିବା ଗୋଟିଏ ଦୁର୍ବଳତା ।" ବିଶେଷତଃ ଗଦ୍ୟ ରଚନାରେ ଚନ୍ଦ୍ରାମଣି ଏହି ଉକ୍ତିକୁ ବଜାୟ ରଖିଛନ୍ତି । ଗଦ୍ୟ କ୍ଷେତ୍ରରେ ତାଙ୍କର ଅନୁକରଣ ପ୍ରତି ଆମେ ଦୃଷ୍ଟି ନଦେଇ, ସ୍ୱକୀୟ ଭାଷା ବିନ୍ୟାସ ପ୍ରତି ଗୁରୁତ୍ୱ ଦେଲେ ଏ ସତ୍ୟ ସହଜରେ ଅନୁଭବ କରିହୁଏ ।

ଏହି ଗଦ୍ୟକାରଙ୍କ ରଚିତ 'ବିବିଧ ସନ୍ଦର୍ଭ' ପାଠକଲେ ମନେହୁଏ, ଚନ୍ଦ୍ରାମଣି କିପରି ଓଡ଼ିଆ ଭାଷାର ଅସଲ ସ୍ୱରୂପ ଜାଣିଥିଲେ । ଓଡ଼ିଆରେ ପ୍ରଚଳିତ ବିଭିନ୍ନ ସ୍ଥାନୀୟ ଭାଷାକୁ ସେ ଅନୁଧ୍ୟାନ କରିପାରିଛନ୍ତି । ବିଭିନ୍ନ ଅଞ୍ଚଳର ଭାଷାଭାଷୀ ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରେ ଆସି, ବହୁ ପ୍ରକାରର ପ୍ରଚଳିତ କଥିତ ଭାଷାର ଇତିହାସ ଓ ଚରିତ୍ରକୁ ସେ ଆହରଣ କରିଥିଲେ । ଗମ୍ଭୀର ଭାବରେ ଦୃଷ୍ଟି ଦେଇ ଭାଷାର ସାରମର୍ମକୁ ବୁଝିଥିଲେ, ସେପାଇଁ ଆପଣା ମୌଳିକ ଜ୍ଞାନ ଓ ବୁଦ୍ଧି ପ୍ରୟୋଗ କରି ଗୋଟିଏ ନିଜସ୍ୱ ଭାଷା ଗଢ଼ି ପାରିଥିଲେ ।

'ଲକ୍ଷ୍ମୀଗଡ଼ ଭ୍ରମଣ'ରେ ଚନ୍ଦ୍ରାମଣିଙ୍କ ଭାଷା ଓ ପ୍ରକାଶଭଙ୍ଗୀକୁ ଲକ୍ଷ୍ୟ କରାଯାଉ । ସେ ଲେଖିଛନ୍ତି—"ବଙ୍ଗଳାକୁ ଫେରିଆସି ଶୁଣିଲି, ଆଜି ମାଝିଅନ୍ଧାର ବେଳେ ପର୍ବତ ତଳ ମୁଗ କିଆରୀରେ ରାଜାଘର ଗୋଟାଏ ବଳଦ ଚରୁଥିଲା । ବାଘ ତାକୁ ଦରମରା କରି ପକାଇଦେଇ ଯାଇଅଛି । ଗୃହକର୍ତ୍ତୀର ମନ ବାଘ ଦେଖିବାପାଇଁ ଛାଙ୍କୁ ଛାଙ୍କୁ ହେବାରୁ ସେ କହିଲା, ମୁଁ ଯାଇ ଦେଖି ଆସେ, ବାଘ କଣ ଗୋଡ଼ାଇ ଆସିବ ? ମୁଁ କହିଲି—"ନାଁ, ମାମୁଁ ପରି ଖେଳକରି କାଖେଇ ନେଇଯାଇ ତୋତେ ଦୁଧଭାତ ଖୁଆଇବ !"

ସିଏ ଗଦ୍ୟ ରଚନାରେ ମାର୍ଜିତ ଓଡ଼ିଆ ଭାଷା ବ୍ୟବହାର ଲାଗି ଚେଷ୍ଟା କରିଥିଲେ । ଓଡ଼ିଆଭାଷାର ମହତ୍ତ୍ୱ ପ୍ରତିପାଦନ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ଭାଷାର ଐତିହ୍ୟ ଓ ପରମ୍ପରା ପ୍ରତି ସେ ଖୁବ୍ ସଚେତନ ଥିବାର ଦେଖାଯାଏ ।

ବିଭିନ୍ନ ସଭା ସମିତି ଓ ସାଂସ୍କୃତିକ ସମାରୋହରେ ଚନ୍ଦ୍ରମଣି ଯେଉଁ କେତୋଟି ଭାଷଣ ଦେଇଛନ୍ତି, ସେଗୁଡ଼ିକ ଲକ୍ଷ୍ୟ କଲେ କବି କିପରି ଭାଷାର ଜୀବନୀଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ, ତାହା ପ୍ରମାଣିତ ହୁଏ । ସେସବୁ ଅଭିଭାଷଣ ଓ ମନ୍ତବ୍ୟରେ ଚନ୍ଦ୍ରମଣିଙ୍କ ଗଭୀର ଦୃଷ୍ଟିକୋଣ ଓ ଆଦର୍ଶବାଣୀ ଭରି ରହିଛି ।

ଅଶ୍ରୁସଜଳ ଜୀବନର କାହାଣୀ ତାଙ୍କର କେତୋଟି ପ୍ରବନ୍ଧରେ ସ୍ଥାନ ପାଇଛି । କବି ଭାବୋଚ୍ଛ୍ୱାସ ଜୀବନଯାତ୍ରାର ଅଶ୍ରୁଳ ବେଦନାକୁ ଲୁଚାଇରଖି ନ ଥିଲେ । ନିଜ ପ୍ରାଣର ଆବେଗକୁ ସ୍ପଷ୍ଟ ପ୍ରକାଶ କରି ସତେ ଯେପରି ସେ ତୃପ୍ତି ଲାଭ କରନ୍ତି । 'ଅଶ୍ରୁ ନିମନ୍ତ୍ରଣ' ପ୍ରବନ୍ଧରେ ଏହା ଜ୍ୱଳନ୍ତ ଦୃଷ୍ଟାନ୍ତ । ଏଥିରେ ଶିଳ୍ପତ୍ରାଣି କହିଛନ୍ତି—"ହେ ଅଶ୍ରୁ ! ହେ ଦୟାଳୁ ଦେବତା—ହେ ଜୀବନ ସଖା, ଆସ ବନ୍ଧୁ, ଆସ ! ତୁମ୍ଭେ ଦୀନ ନେତ୍ର—ସିଂହାସନର ରାଜା, ଦୀନର ଦାନ ନିମନ୍ତ୍ରଣ ଗ୍ରହଣ କର । ତୁମ୍ଭେ ମୋର ଚିରକାଳର ପୁରୁଣା ବନ୍ଧୁ; ରୋଗ, ଶୋକ, ସନ୍ତାପ ପ୍ରଭୃତିର ଆକ୍ରମଣ କାଳରେ ତୁମ୍ଭେ ବଳେ ବଳେ ଆସି ସାନ୍ତ୍ୱନା ଦିଅ । ତୁମ୍ଭେ ମନର ପୁଞ୍ଜୀଭୂତ କ୍ଳେଦକୁ ଭସାଇ ଆଣି ଭାରି ମନକୁ ଉଶ୍ୱାସ କରିଦିଅ । ତୁମ୍ଭପରି ସୁବନ୍ଧୁ ଦୁଃଖୀ ଜନର ଆଉ କିଏ ଅଛି ? ତୁମ୍ଭର ମହୋପକାର ମୁଁ ଜୀବନରେ ସର୍ବଦା ଭୋଗକରି ଆସୁଅଛି । ତୁମ୍ଭର ଋଣ ଅପରିଶୋଧ, ତଥା ଅନନ୍ତ, ତାହା ଭୁଲିଯିବାର କଥା ନୁହେଁ ।"

ସାଧକ ଚନ୍ଦ୍ରମଣି କବିଭାବରେ ପରିଚିତ । ଗଦ୍ୟକାର ଭାବରେ ଖ୍ୟାତି ଅର୍ଜନ କରିନାହାନ୍ତି । ଗଦ୍ୟ ସଂଖ୍ୟା ସ୍ୱଳ୍ପ; ମାତ୍ର ସେହି ସ୍ୱଳ୍ପ ପରିମାଣର ସୃଷ୍ଟି ଭିତରେ ସାଧକଙ୍କ ସଫଳତାର ସ୍ୱାକ୍ଷର ଅଙ୍କିତ ହୋଇ ରହିଛି । ଅଧିକ ଗଦ୍ୟ ରଚନା କରିଥିଲେ, ହୁଏତ ସେ ଆହୁରି ସୁନାମ ଅର୍ଜନ କରିପାରିଥାଆନ୍ତେ. ଏ ଦିଗରେ ତାଙ୍କର ସାଧନା ନ ଥିଲା । ରଚନା କ୍ଷେତ୍ରରେ କବି ସମସ୍ତ ସାଧନାକୁ କେନ୍ଦ୍ରୀଭୂତ କରିଥିଲେ । ଗଦ୍ୟ ରଚନାରେ ସ୍ରଷ୍ଟା ଅଧିକ ମନୋନିବେଶ କରିଥିଲେ, ଓଡ଼ିଆ ଗଦ୍ୟ ସାହିତ୍ୟରେ ସେ ତାଙ୍କର ଅନବଦ୍ୟ ସୃଷ୍ଟି ସମ୍ଭାର ଲାଗି ସ୍ୱତନ୍ତ୍ର ଆସନ ପ୍ରତିଷ୍ଠିତ କରିପାରିଥାଆନ୍ତେ ।

# ଜୀବନ ଜିଜ୍ଞାସା : ଅଶ୍ରୁସଜଳ କାହାଣୀର ଆତ୍ମଲିପି

ଚିର ଦୁଃଖୀ ଚନ୍ଦ୍ରମଣି ଜୀବନରେ ଜଳିଛନ୍ତି ସତ; କିନ୍ତୁ ନିଜକୁ ଜଳାଇ ନ ଦେଇ, ଜୀବନ ଓ ଜଗତକୁ ଅନୁଭବ କରିବା ଲାଗି ସଂଗ୍ରାମ କରିଛନ୍ତି । ଏହି ସଂଗ୍ରାମ ଫଳରେ ସେ ଆପଣାର ପ୍ରତିଭାକୁ ବିକଶିତ କରି ପାରିଥିଲେ—ସାଧନାର ସ୍ୱପ୍ନ ସାର୍ଥକ ହୋଇଥିଲା ।

ଏ ସମାଜଠାରୁ ସେ ବା ପାଇଛନ୍ତି କଣ ! ଆଜୀବନ ସାଧନା କରି, ଜଣେ ନିଷ୍ଠାପର ଶିଳ୍ପୀ ଯେତିକି ଯାହା ପାଇବା କଥା, ତାହା ତ ସେ ପାଇନାହାନ୍ତି । ବରଂ ଦୁରାରୋଗ୍ୟ ବ୍ୟାଧି ଜର୍ଜରିତ ଆତ୍ମା ଏ ସମାଜଠାରୁ କିପରି ଅବହେଳା ପାଇଛି, ତାହା ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

ଉତ୍କଳ ସାହିତ୍ୟ ସମାଜ—ଓଡ଼ିଆ ସାହିତ୍ୟ ସଂସ୍କୃତିର ପ୍ରାଣବନ୍ତ ପ୍ରତିଷ୍ଠାନ । ସେଠାରେ ଯେଉଁଦିନ କବିଶେଖର ଚନ୍ଦ୍ରମଣିଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଆୟୋଜନ କରାଯାଏ, ସେହି ଆୟୋଜନର ଉଦ୍ୟୋକ୍ତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ତତ୍କାଳୀନ ସାହିତ୍ୟିକ, ସାହିତ୍ୟସେବୀ ଓ ଉତ୍କଳ ସାହିତ୍ୟ ସମାଜ ସହ ଜଡ଼ିତ ଥିବା ସାହିତ୍ୟ ରସିକମାନେ କମ୍ କଥା କହି ନ ଥିଲେ । ସେଦିନର ସେହି ଆପତ୍ତି-ଅଭିଯୋଗ କଥା ସ୍ମରଣୀୟ ହୋଇ ବି ରହିଛି । କବି ଦୁରାରୋଗ୍ୟ ବ୍ୟାଧିରେ ଜର୍ଜରିତ ହୋଇଥିବା ଯୋଗୁଁ ସମାଜରେ ତାଙ୍କୁ ଏମିତି ଘୃଣିତ ହେବାକୁ ହୋଇଥିଲା ।

ଚନ୍ଦ୍ରମଣି-ସାହିତ୍ୟଜଗତ ପ୍ରତି ପାଠକ ଓ ସମାଲୋଚକମାନଙ୍କର ଦୃଷ୍ଟି ପଡ଼ିନାହିଁ । ଯାହା ବା ପଡ଼ିଛି, ତାହା ସେତେ ଗଭୀର ନୁହେଁ । ଜଣେ ଆଜୀବନ ଶିଳ୍ପୀର ସାଧନାକୁ ମୂଲ୍ୟାଙ୍କନ କରିବାପାଇଁ ଯେତିକି ଅନୁଧ୍ୟାନ ଆବଶ୍ୟକ, ସେତିକି ହୋଇ

ପାରି ନ ଥିବା ହେତୁ ପ୍ରକୃତରେ ଚନ୍ଦ୍ରମଣିଙ୍କର ସ୍ଥାନ ଏଯାବତ୍ ଓଡ଼ିଆ ସାହିତ୍ୟରେ ନିରୂପିତ ହୋଇ ପାରିନାହିଁ । ହୃଦୟବାନ ଦରଦୀ ସମାଲୋଚକ ଅଭାବରେ ଏମିତି ଗୋଟିଏ ଗୋଟିଏ ଶିଳ୍ପି-ପ୍ରତିଭା ଆଲୋକକୁ ଆସି ପାରେନା । ଚନ୍ଦ୍ରମଣି ସାହିତ୍ୟ ପ୍ରତି ସମାଲୋଚକମାନେ ଉଦାର ନିରପେକ୍ଷ ଦୃଷ୍ଟିଭଙ୍ଗୀ ପ୍ରଦର୍ଶନ କରିବା ଆବଶ୍ୟକ ।

ଓଡ଼ିଆ ସାହିତ୍ୟରେ ଯେଉଁ କେତେଜଣ ସାଧକ ଓଡ଼ିଆ ପ୍ରୀତିର ପରିଚୟ ଦେଇଛନ୍ତି, ସେମାନଙ୍କ ଭିତରୁ ଚନ୍ଦ୍ରମଣି ଅନ୍ୟତମ । ସେ ଯେଉଁ ସମୟରେ ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରନ୍ତି, ସେତେବେଳେ ବଙ୍ଗଳା ଓ ତେଲୁଗୁ ଭାଷା ସାହିତ୍ୟ-ଦ୍ୱାରା ଓଡ଼ିଆ ଭାଷାର ମୌଳିକତା ନିଷ୍ପ୍ରଭ ହୋଇ ଆସୁଥାଏ । ଉତ୍ତରରୁ ବଙ୍ଗାଳୀ-ମାନଙ୍କର ବଙ୍ଗଳା ଭାଷାର ଆକ୍ରମଣ ଓ ଦକ୍ଷିଣରୁ ତେଲିଙ୍ଗାମାନଙ୍କର ତେଲୁଗୁ ଭାଷା ଓ ସାହିତ୍ୟର ପ୍ରଭାବଦ୍ୱାରା ଓଡ଼ିଆ ଭାଷାକୁ ଅନ୍ଧକାର ଭିତରେ ବୁଡ଼ାଇ ରଖିବା ଲାଗି ଚେଷ୍ଟା ଚାଲିଥାଏ । ଏହି ଅନ୍ଧକାର ଭିତରେ ଓଡ଼ିଆ ଭାଷାଭାଷୀ ଲୋକେ ଆପଣା ଭାଷାକୁ ଆଲୋକର ସ୍ପର୍ଶ ଦେବାପାଇଁ ବ୍ୟାକୁଳ ହେଉଥାଆନ୍ତି । ଓଡ଼ିଆ ଜାତି ତା'ର ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇ ରଖି, ପରମ୍ପରାର ଦାୟାଦ ଭାବରେ ସମ୍ମାନିତ ହେବାପାଇଁ ଚେଷ୍ଟା ଚଳାଇ ଥାଏ । ସେହି ଲାଞ୍ଛନା ଓ ଅବହେଳାର ଅନ୍ଧକାର ଭେଦକରି ଓଡ଼ିଆ ଜାତି ମୁଣ୍ଡ ଟେକିବାକୁ ପଦକ୍ଷେପ ନେଉଥିବାବେଳେ, ଚନ୍ଦ୍ରମଣି-ସାହିତ୍ୟ-ଜଗତର ଭିତ୍ତି ପ୍ରସ୍ତର ସ୍ଥାପିତ ହୁଏ । ସେତେବେଳେ ଓଡ଼ିଶାର ଏହି ଓଡ଼ିଆ-ଜାତି ସଂସ୍କୃତି ପାଇଁ ହେଉଥିବା ସଂଗ୍ରାମ ଓ ଆନ୍ଦୋଳନର କେନ୍ଦ୍ରସ୍ଥଳ ଥାଏ ଗଞ୍ଜାମ । ସେହି କେନ୍ଦ୍ରସ୍ଥଳ ଗଞ୍ଜାମ ଭୂଇଁରେ ସେ ପ୍ରଥମେ ଅବସ୍ଥାନବେଳେ ସାହିତ୍ୟ ରଚନା ଆରମ୍ଭ କରନ୍ତି । ସେଠାରୁ ତାଙ୍କ ଜୀବନରେ ଓଡ଼ିଆ ପ୍ରେମର ଯେଉଁ ବୀଜ ଅଙ୍କୁରିତ ହେଲା, ତାହା ସାହିତ୍ୟ ଜଗତରେ ବିରାଟ ଦ୍ରୁମରେ ପରିଣତ ହୋଇ ପାରିଥିଲା ।

ସାଧକ ଚନ୍ଦ୍ରମଣି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ବିଭିନ୍ନ ଭାବରେ ରୂପଶ୍ରୀ ମଣ୍ଡିତ କରିଛନ୍ତି । ସବୁ ଚିନ୍ତା ଓ ପ୍ରକାଶନରେ ମାନବିକତାର ସ୍ୱର ମୂର୍ଚ୍ଛନା ଶୁଣିବାକୁ ମିଳେ । ଜଗତକୁ କୋଳାଗତ କରିବା—ମଣିଷକୁ ନିଜର ବୋଲି ଭାବି ଆକୋରି ନେବା—ନିଜକୁ ଭୁଲି କୋଲାକୋଲି ହେବା—ଏସବୁ ଯେମିତି ଚନ୍ଦ୍ରମଣିଙ୍କ ଜୀବନୀର ନିତ୍ୟ ସହଚର ହୋଇଥିଲା । ମଣିଷକୁ ଉଚ୍ଚ-ମଣିଷ କରିବା—ମଣିଷର ବିଜୟ ଗୀତି ଗାଇବା—ଏସବୁ ଥିଲା ତାଙ୍କର ସ୍ୱଭାବ ।

ପ୍ରକୃତିର ଉଦାରତା ପାଖରେ ମଣିଷ କେତେ କ୍ଷୁଦ୍ର—ମଣିଷର ସବୁ କପଟ ହଜିଯାଏ, ତା'ର ଗର୍ବ ଲୁଚିଯାଏ—ଏହା ସେ ସବୁବେଳେ ଚିନ୍ତା କରୁଥିଲେ ।

ମଣିଷର ଭାବ ମାଧ୍ୟମରେ ଅନ୍ୟ ଜଣେ ମଣିଷକୁ ଚିହ୍ନିବା ହେଉଛି ସାହିତ୍ୟର ଉଦ୍ଦେଶ୍ୟ । ଏହି ଭାବ ମଣିଷକୁ ଚିହ୍ନେଇବା ଦିଗରେ ସାହାଯ୍ୟ କରେ । ମଣିଷ ବିଶ୍ୱାସ ନ ହରାଉ—ବରଂ ସେ ଅଧିକ ବିଶ୍ୱାସୀ ହେଉ—ତା'ର ଏହି ଗୁଣ ଓ ସ୍ୱଭାବ ଅଧିକ ଫୁଟି ଉଠୁ । ଫଳରେ ମଣିଷ ତା' ଭାବ ମାଧ୍ୟମରେ ମଣିଷକୁ ମଣିଷ ପରି ଚିହ୍ନି ତା' ନିକଟକୁ ସ୍ୱାଗତ କରିପାରିବ । ମଣିଷଠାରୁ ଅନ୍ୟ ଜଣେ ମଣିଷ ଦୂରେଇ ରହିବ ନାହିଁ । ଦୂରେଇ ରହିବାରେ ଭାବ ଫୁଟି ଉଠେନା—ବ୍ୟର୍ଥ ହୁଏ । ମଣିଷକୁ ମଣିଷ ସହ ଯୋଡ଼ିବା ପାଇଁ ଏହି ଭାବର ଆବଶ୍ୟକତା ରହିଛି । ତେଣୁ ଏହି ଭାବର—ମହାପ୍ରସାଦ—ମହାଭୋଗ ପାଇବା ଲାଗି ମଣିଷ ଅନୁସନ୍ଧାନୀ ହେଉ । ଭାବର ମିଳନରେ ସୃଷ୍ଟି ହେବା ରୂପଟି ଆମକୁ ପରମ ତୃପ୍ତି ଦିଏ—ସକଳ ଆବିଳତା ଠାରୁ ଦୂରେଇ ନେଇଯାଏ । ଅପବିତ୍ରତାରୁ ମୁକ୍ତ କରେ । ଭାବର ବନ୍ଧନ କେବେ ଛିନ୍ନ ହୁଏନା । ସାହିତ୍ୟ ଏହି ଦୁଃସାଧ୍ୟ କାର୍ଯ୍ୟକୁ ସାଧନ କରିପାରେ । ମଣିଷ ସାହିତ୍ୟଠାରୁ ଏତିକି ଆଶା କରେ । ଚନ୍ଦ୍ରମଣି ସମ୍ଭବତଃ ଦୁରାରୋଗ୍ୟ ବ୍ୟାଧି ଭିତରେ ଜର୍ଜରିତ ହୋଇ ସୁଦ୍ଧା, ଏହି ମହିମା ଉଚ୍ଚାରଣରେ ଦ୍ୱିଧା ପ୍ରକାଶ କରିନାହାନ୍ତି ।

କଳା ଯୁଗେ ଯୁଗେ ଊର୍ଦ୍ଧ୍ୱାୟିତ ସ୍ୱପ୍ନକୁ ସାର୍ଥକ ରୂପାୟନ ଦେଇଛି । ମଣିଷର ଉତ୍ତରଣ ଆବେଗକୁ ସଫଳ କରିଛି । କଳାର ସ୍ୱଭାବ ଉତ୍ତରଣ ଗତି—ସେ କେବେ ନିମ୍ନକୁ ଫେରି ଚାହେଁନା । ବରଂ ମଣିଷ କୃତ୍ରିମ ସାଧନା ବଳରେ କଳାର ଏହି ସ୍ୱାଭାବିକ ଗତିପଥରେ ସାମୟିକ ପ୍ରତିବନ୍ଧକ ହୋଇଉଠେ । ଏହି ଉତ୍ତରଣ ଯାତ୍ରା ପାଇଁ ମଣିଷ, କଳାଠାରୁ ପ୍ରେରଣା ପାଏ । କଳାତ୍ମକବୋଧ କୌଣସି ସାହିତ୍ୟିକ ହରାଇ ପାରେନା । ତେବେ ଊର୍ଦ୍ଧ୍ୱାୟିତ ଗତି ପାଇଁ ଯେଉଁକଳା ହୃଦୟରେ ବୀର୍ଯ୍ୟ ଭରିଦିଏ—ଆନନ୍ଦରେ ହୃଦୟକୁ ପୁଷ୍ପିତ କରିଦିଏ, ସେହି କଳା ମଣିଷ ଲାଗି କେବଳ ପ୍ରେରଣାଦାତା ସ୍ତରରେ ରହିବ କି ତାର ଅନ୍ୟ କିଛି ଦାୟିତ୍ୱ ରହିଛି, ସେତ ଅନ୍ୟ ଏକ ତର୍କର ବିଷୟ । ତେବେ ଚନ୍ଦ୍ରମଣିଙ୍କୁ ଏହି ପରିସର ଭିତରେ ବିଚାର କରିବା ଉଚିତ ।

କବିର କବିତାରେ ବିଶ୍ୱର ଅଶ୍ରୁ ସଜଳ ଅଭିବ୍ୟକ୍ତି ପ୍ରକାଶିତ ହେଲେ, ସେହି କବିତା ବିଶ୍ୱ-ପ୍ରାଣକୁ ଆଲୋଡ଼ିତ କରିପାରେ । ବିଶ୍ୱଜନର ଚେତନା ସେହି କାବ୍ୟିକ ଚେତନା ଭିତରେ ଏକୀଭୂତ ହୋଇଯାଏ । କବିଙ୍କ ଅଶ୍ରୁସିକ୍ତ ଭାବାବେଗ ବିଶ୍ୱଚେତନାସହ ଲୀନ ହୋଇଯାଇଛି ।

କବିଶେଖରଙ୍କ ଆତ୍ମଦହନର ଚିତ୍ର ପ୍ରକାଶିତ ହୋଇଛି ସତ, କିନ୍ତୁ ଏଥିରେ ବିଶ୍ୱଜନୀନତାର ସ୍ପର୍ଶ କେତେ ପରିମାଣରେ ରହିଛି, ତାହା ବିଚାରର ବିଷୟ । ପାଠକର ହୃଦୟ ବ୍ୟଥା ଯେତେବେଳେ ମୁଖରି ଉଠେ, ସେତେବେଳେ ଅନ୍ୟ ଜଣେ

ଦରଦୀ ହୃଦୟରେ ସେହି ସ୍ୱରର ମୂର୍ଚ୍ଛିତ ପ୍ରତିଧ୍ୱନି ବି ନୂଆ ସ୍ୱର ସୃଷ୍ଟି କରେ । ସେହି ନୂଆ ସ୍ୱରରେ ବିଶ୍ୱ-ପ୍ରୀତିର ବିପୁଳ ରସବୋଧ ପରିପୂର୍ଣ୍ଣ ହୋଇଥାଏ ।

କବିଙ୍କର 'ପତ୍ରପୁଷ୍ପ' କବିତା ସଂକଳନରେ ଏପରି ଅନେକ କବିତା ସ୍ଥାନ ପାଇଛି, ଯେଉଁଥିରେ କବିସତ୍ତା ଭିତରେ ବିଶ୍ୱସତ୍ତା ବି ଅନୁଭବ କରିହୁଏ । କବିର ଭାବୋଚ୍ଛ୍ୱାସ ପ୍ରାର୍ଥନା ଆକାରରେ, ଗୀତି କବିତା ରୂପରେ, ଅଶ୍ରୁପୂଜା ମାଧ୍ୟମରେ କିମ୍ବା ଆତ୍ମବିଳାପ ଭାବରେ ପ୍ରକାଶ ପାଇପାରେ; ମାତ୍ର କବିତା ଗୁଡ଼ିକରେ ବିଶ୍ୱମୟତାର ବଳିଷ୍ଠ ମର୍ମବେଦନା କିପରି ଗୁମ୍ଫିତ ହୋଇଛି, ତାହା ପାଠକର ଦୃଷ୍ଟିକୁ ପ୍ରଥମେ ଆସିଥାଏ ।

ପୀଡ଼ିତର ପ୍ରାର୍ଥନା ଭାବରେ କବି ମନରୁ ଯାହା ପ୍ରକାଶିତ ହୋଇଛି ସେଥିରେ ବିଶ୍ୱପ୍ରାଣର ଅଜସ୍ର ଚିନ୍ତାଧାରା ଲୁକ୍‌କାୟିତ ହୋଇ ରହିଛି । କବି ଜନ ଜୀବନର ଅନୁଭୂତି ଓ ଅଭିଜ୍ଞତାର ସଫଳ ରୂପକାର । ସେ ବିଶ୍ୱଜୀବନକୁ ଚିହ୍ନି ପାରିଛନ୍ତି । ଚିହ୍ନାଇବା ଲାଗି ଆପଣା ସ୍ୱର ଭିତରେ, ଯେଉଁ ପ୍ରଚେଷ୍ଟା କରିଛନ୍ତି, ସେହି ପଥପାନ୍ଥର ପ୍ରତିଧ୍ୱନିକୁ ସମଧର୍ମୀ ଅନୁଭବ କରିଛି । ଯଥା—ମଣିଷ ଅଭିମାନୀ । ଅଭିମାନ ଭିତରେ ସେ ନିଜର ବ୍ୟକ୍ତିତ୍ୱକୁ ଜାହିର୍ କରେ । ଯେତେ ଦୁଃଖ, ଯନ୍ତ୍ରଣା ଓ ପୀଡ଼ନର ସମ୍ମୁଖୀନ ହେଲେ ବି ସୁଦ୍ଧା ଅଭିଯୋଗଠୁଁ ଦୂରରେ ରହି ପାରେନା । ବାରମ୍ବାର ଅଭିଯୋଗ ବାଢ଼େ । ଅଭିଯୋଗୀର ମନ ନେଇ ନୁହେଁ । ଅନୁଭୂତି ଓ ଅଭିଜ୍ଞତାର ସାର୍ଥକ ବାହକ ରୂପେ ନିଜକୁ ପରିଚିତ କରେ ।

ବିଶ୍ୱର ସବୁ ପୀଡ଼ିତର ମର୍ମବେଦନା ଚିନ୍ତାରେ ସ୍ପୃଷ୍ଟହୋଇ ରହିଛି । ପୀଡ଼ିତର ବ୍ୟାକୁଳତା ଅଛି, ବୈରାଗ୍ୟବୋଧ ରହିଛି, ଅଭିମାନ ରହିଛି, ଅଭିଯୋଗ ରହିଛି । ତାହା ସହିତ କାତର ପ୍ରାର୍ଥନା ବି ଶୁଣାଯାଇଛି । କବି ଚିନ୍ତାମଣି ବିଶ୍ୱ ବ୍ୟଥାର ପ୍ରତିନିଧିତ୍ୱ କରି, ସାର୍ବଜନୀନ ବ୍ୟଥା ଓ ବେଦନାରେ ଦହନାବେଗ ଶୁଣାଇଛନ୍ତି । ଦୁଃଖାଭିନୟ ବ୍ୟକ୍ତି—ରଙ୍ଗମଞ୍ଚର ଊର୍ଦ୍ଧ୍ୱକୁ ଯାଇ ବ୍ୟାପକ ରୂପରେ ରୂପାୟିତ ହୋଇ ଯାଇଛି ।

କବିଙ୍କ-ଜୀବନ ଦର୍ଶନ ବଡ଼ ବିଚିତ୍ର । ଚିନ୍ତାମଣି ଦୁଃଖ ଜୀବନ ଅତିବାହିତ କରୁଥିବାବେଳେ, ସେ ଯେ ସୁଖର ସନ୍ଧାନ ନ କରିଛନ୍ତି, ତାହା ନୁହେଁ । ଆଶା-ଲୋକରେ ଜୀବନ ତାଙ୍କର ଆଲୋକିତ ହୋଇଛି । ଦୁଃଖବାଦ ମଧ୍ୟରେ ଆଶାବାଦର ସ୍ୱର ଶୁଣିବାକୁ ମିଳିଛି । ଆଲୋକ ରାଜ୍ୟକୁ ଆତ୍ମା ସ୍ପୃହି ରହିଛି । ସେ ଆଲୋକ ପଥ ତାଙ୍କ ପାଇଁ ସମ୍ଭବ ନହେଉ ପଛେ, ତଥାପି କବି ଆଲୋକ ଯାତ୍ରୀ ଭାବରେ ପ୍ରାଣର

ଆଶା—କବିତାକୁ ଗାଇଛନ୍ତି । କେହି ନ ଶୁଣିଲେ ବି, ସେଥିରେ ତାଙ୍କର ଚିନ୍ତାନାହିଁ । ନିଜ ପାଇଁ ପ୍ରାଣର ଗୀତ ଗାଇ ସମୟ ବିତାଇବାରେ କବି ଆନନ୍ଦିତ ।

ଅଶ୍ରୁଜଳରେ ଜୀବନ ଭୁସମାନ । ତଥାପି ବି କେତେବେଳେ କେଉଁଠି ହୃଦର କ୍ଷୀଣରେଖା ଜୀବନରେ ନୂଆ ରୂପ ନେଇ ଆସିବ, ଏପାଇଁ କବି ଆଶାୟୀ । ପୃଥିବୀକୁ ନିରାଶାର ଗନ୍ଧାଘର ବୋଲି ସେ ଗନ୍ଧାଣ କରିନାହାନ୍ତି । ଆଶା ଓ ଆଲୋକର ସୁଖମୟ ପୃଥିବୀକୁ ନିନ୍ଦିବା ଲାଗି ସେ ଜନ୍ମି ନଥିଲେ । ସେଲାଗି ପ୍ରାଣବୀଣାକୁ ବଜାଇବାରେ ଥିଲେ ବ୍ୟସ୍ତ । ପ୍ରାଣ ପ୍ରତି ତାଙ୍କର ନିର୍ଦ୍ଦେଶ ହେଉଛି—

"ହେଲ ଥାଉଁ ଥାଉଁ ହୃଅ ସଞ୍ଜାଗ୍ରତ
ନମଣରେ ଆଉ ଭୃତକୁ ପିତା,
ଗାଇ ଯା ଗାଇ ଯା ପ୍ରାଣମୟ ସ୍ୱରେ
ଅଜୀବନ ପୋଷା ଆଶା-କବିତା ।"

ଆଶା—ଗୀତଟିଏ ଗାଇବା ଲାଗି କବିଙ୍କର କି ବ୍ୟାକୁଳତା ସତେ ! ଏହି ଆଶାତରୀକୁ ସଂସାର ସାଗରରେ ବାହିନେବାକୁ ତାଙ୍କର ପ୍ରବଳ ଆକାଂକ୍ଷା । କାରଣ, ଏ ଦୁନିଆକୁ ସେ ଭଲ ପାଇଛନ୍ତି । ଏହାର ବନ୍ଧନ କବି ତୁଟାଇ ପାରୁନାହାନ୍ତି । ପ୍ରାଣ ବିଷାକ୍ତ ହେଲେ ବି ସୁଦ୍ଧା, ସେହି ବିଷାକ୍ତମୟ ପରିବେଶ ଭିତରେ କବି ଦୁନିଆରୁ ବିଦାୟ ନେଇପାରିବେ ନାହିଁ । ଏଇଠି ସେ ମାଟିର ବନ୍ଧନର ମୋହକୁ ଭଲଭାବରେ ଅନୁଭବ କରିବେ । ଏଠାରୁ ବିଦାୟ ନେଇ ଦୂରକୁ ଚାଲିଯିବାର ଅଭିଳାଷ ତାଙ୍କର ନାହିଁ । ଠିକ୍ ସେମିତି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ମାଟିର ମାୟାମମତାକୁ ଭୁଲିପାରି ନାହାନ୍ତି । ଦୁନିଆର ଟିକିଟିକି ବାର୍ତ୍ତା କବିଙ୍କ ଲାଗି ଅତୁଟ୍ଟା ରହୁଛି । ଏପାଇଁ କବି ରବୀନ୍ଦ୍ରନାଥ ପୃଥିବୀକୁ ଭଲ ପାଇ ଗାଇଛନ୍ତି—

"ଆମାର ମନକେ ବେଁଧେଛେରେ
ଏଇ ଧରଣୀର ମାଟିର ବାଁଧନ

× × ×

ପୂରାଇନି ଖାଇ କାଛେର ସୁଧା,
ନାଇ ଯେ ରେ ତା'ର ଦୂରେର କ୍ଷୁଧା
ଏଇ ଯେ ଏ ସବ ଗ୍ରୋଟ ଖାଟୋ
ପାଇନି ଏ ଦେଇ କୂଲ କିନାରା !

× × ×

ଲାଗଲେ ଭଲେ ମନ ଭୁଲାଲେ,
ଏଇ କଥାଟାଇ ମେସ୍ତେ ବେଡ଼ାଇ ॥"

ରବୀନ୍ଦ୍ର ଚନ୍ତାର ଏହାଠାରୁ ଅଧିକ ଉଚ୍ଚକୋଟୀର ଭାବନା ଆଉ କଣ ବା ଥାଇପାରେ ! ଦୁନଆର କୂଳକନାର କବି ପାଉ ନ ଥିବାରୁ ଏ ଦୁନଆ ତାଙ୍କୁ ମୁଗ୍ଧ ଚକତ କର ରଖିଛି । ତାଙ୍କୁ ଏହା ଖୁବ୍ ଭଲ ଲାଗିଛି । ଏହି ଭଲ ଲାଗିବା ଭିତରେ ତାଙ୍କର ମନ ଭୁଲିଯାଇ ପାରୁଛି । ଅସୀମକୁ ନେଇ କବି ଜଗତ କ ଅନବଦ୍ୟ ସୌଧ ନ ଗଢ଼ୁଛି ! ସୀମା ଭିତରେ ଏହି ଅସୀମକୁ ମିଳାଇଦେଇ ଆପଣା ସାଧନା ମନ୍ଦିର ସଫଳତାରେ ନମଗ୍ନ ହୋଇଯିବା ଲାଗି କବିର ଏ ଉତ୍କଣ୍ଠା ପରପ୍ରକାଶ !

ବରହ—ମିଳନ, ଆଲୋକ—ଅନ୍ଧକାର, ପ୍ରକାଶ—ଅପ୍ରକାଶ, ଆଶା—ନରାଶା, ହସ—କାନ୍ଦ, ଶତ୍ରୁ—ମିତ୍ର ସବୁକୁ ନେଇ ଗଢ଼ି ଉଠିଥାଏ ସାହିତ୍ୟ ଜଗତ । ବିଶ୍ୱର ପ୍ରତ୍ୟେକ ଉଚ୍ଚକୋଟୀର ଲେଖକଙ୍କ ଜୀବନରେ ଏହା ଦୃଷ୍ଟିଗୋଚର ହୋଇଛି । ସେମାନଙ୍କ ସାହିତ୍ୟ-ସୌଧର ସ୍ୱରୂପ ଏହିପରି ।

କବି ଚନ୍ତାମଣି ସ୍ୱଳ୍ପ ଶିକ୍ଷାକୁ ସମ୍ବଳ କରି, ଜ୍ଞାନ ଆହରଣ ଲାଗି ବ୍ୟାକୁଳ ହୋଇଥିଲେ । ଅନୁଭୂତି ତାଙ୍କୁ ସାଧନା କ୍ଷେତ୍ରରେ ଯଥେଷ୍ଟ ସହାୟତା କରିଛି । ଏହି ଅନୁଭୂତ ଓ ସତ୍ୟକୁ ଆଧାର କରି ଦୁନଆର ଅନ୍ଧକାର ଭେଦ କରିବାକୁ ସାହସୀ ହୋଇଛନ୍ତି । ଅନ୍ଧବିଶ୍ୱାସ ବିରୁଦ୍ଧରେ ସେ, ସ୍ୱର ଉତ୍ତୋଳନ କରିଛନ୍ତି; କନ୍ତୁ ବିଶ୍ୱନିୟନ୍ତା ଭଗବାନଙ୍କ ଉପରୁ ଆସ୍ଥା ତୁଟି ନାହିଁ । ସେହି କେବଳ ଜଞ୍ଜାଳମୟ ଜୀବନର ତ୍ରାଣକର୍ତ୍ତା, ଏ ଅଟଳ ବିଶ୍ୱାସ ଅଳଭ୍ୟ ପ୍ରଦୀପ ଜାଳିଦେଇଛି । ସକଳ ଅସନ୍ତୋଷ, ସକଳ ଅଶାନ୍ତି, ସକଳ ବିଫଳତା ସବୁ ସେଇ ତ୍ରାଣକର୍ତ୍ତାଙ୍କର ନର୍ଦ୍ଦେଶରେ ସଙ୍ଘଟିତ ହେଉଛି । ଏସବୁ ଈଶ୍ୱରୀୟ ଚେତନାର ଅଂଶ ବିଶେଷ ପରି କବି ଅନୁଭବ କରିଛନ୍ତି । ସୁଦୂରର ବୀଣାସ୍ୱର ଯେମିତି ତାଙ୍କୁ ଦେଇଥିଲା ବିପୁଳ ଆନନ୍ଦ । ଏ ସୃଷ୍ଟିରେ ରହିବା କାଳରେ ଅନ୍ୟ ଏକ ସୃଷ୍ଟି ତାଙ୍କୁ ସ୍ୱାଗତ କରୁଥିଲା । ଦୂର ଅଦୃଶ୍ୟର ସୃଷ୍ଟି ରହସ୍ୟ ବୁଝିବାକୁ ସେ ବ୍ୟାକୁଳ । ରହସ୍ୟ ଉଦ୍‌ଘାଟିତ ହୋଇପାରିଲେ ଜୀବନର ବଡ଼ ଲକ୍ଷ୍ୟ ପୂରଣ ହୋଇପାରନ୍ତା ବୋଲି କବିଙ୍କର ବିଶ୍ୱାସ ।

କବି ରବୀନ୍ଦ୍ରନାଥଙ୍କ ଭାଷାରେ ଏହି ରହସ୍ୟ ଉଦ୍‌ଘାଟନର ସ୍ୱପ୍ନ ଭିନ୍ନ ଭାବରେ ରୂପ ପାଇଛି । ଯେଉଁ ରହସ୍ୟ ତାଙ୍କୁ ଆରମ୍ଭରୁ ବିସ୍ମିତ କରିଛି, ସେହି ରହସ୍ୟାଳୟର ଦ୍ୱାର ଉଦ୍‌ଘାଟନ ଏବେ ବି ହୋଇ ପାରିଲା ନାହିଁ । ସେହି ରହସ୍ୟବାଦୀ କବି ଗାଆନ୍ତି—

"ପ୍ରଥମ ଦିନେର ସୂର୍ଯ୍ୟ
ପ୍ରଶ୍ନ, କରେଛିଲ
ସତ୍ତାର ନୂତନ ଆବିର୍ଭାବେ—
କେ ତୁମେ ?
ମେଲେନି ଉତ୍ତର

ବତ୍ସର ବତ୍ସର ଚଲେଗେଲ ।
ଦିବସେର ଶେଷ ସୂର୍ଯ୍ୟ
ଶେଷ ପ୍ରଶ୍ନ ଉଚାରିଲେ
ପଶ୍ଚିମ ସାଗର ତୀରେ

ନିସ୍ତବ୍ଧ ସନ୍ଧ୍ୟାୟ—
କେ ତୁମି ?
ପେଲ ନା ଉତ୍ତର ।" [ଶେଷଲେଖା]

ଅନ୍ତର ମଧ୍ୟରେ ଆନ୍ତରିକତାର ସ୍ପର୍ଶ ଦେଇ ତା ଅନୁଭବ କରିପାରିଲେ, ସେହି ହିଁ କେବଳ "ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାମ ମୃତ ଗମୟ"ର ସନ୍ଧାନ ଦେଇପାରନ୍ତି । ଜୀବନରେ ବହୁ କଠୋର ସାଧନାରେ ପରିସମାପ୍ତିରେ ଏହି ସତ୍ୟ ମଣିଷ ପକ୍ଷେ ସମ୍ଭବ ହୋଇପାରେ । ଏହା ସାଧାରଣ ଜୀବନରେ ଦୁର୍ଲଭ ।

କବି ଚନ୍ଦ୍ରମଣି ଭଗବତ୍‌ବିଶ୍ୱାସୀ ଥିଲେ । ଚିନ୍ମୟ ପୁରୁଷଙ୍କ ରୂପ କଳନା ସମ୍ଭବ ନୁହେଁ । ନିର୍ଦ୍ଦିଷ୍ଟ, ସ୍ଥାନରେ ଏହି ଦିବ୍ୟ ପୁରୁଷଙ୍କୁ ଦର୍ଶନ ପାଇବା ସହଜ ନୁହେଁ । ସବୁଠି ସକଳ କର୍ମରେ ତାଙ୍କର ସତ୍ତା ନିହିତ—ଏହି ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ କବିଙ୍କୁ ଅପାର ଆନନ୍ଦ—ଅସୀମ ପ୍ରେରଣା ଦେଇପାରିଛି । ଏପରିକି ଫୁଲଟିଏ ଭିତରେ ସେ ଚିନ୍ମୟ ସତ୍ତାର ସନ୍ଧାନ କରିଥିଲେ ।

ପ୍ରକୃତିକୁ ଦେଖିନେଇ ତା ସ୍ୱର୍ଗୀୟ ସୁଷମାରେ ମୁଗ୍ଧ ହେବା ସଙ୍ଗେ ସଙ୍ଗେ, ରହସ୍ୟମୟ ପ୍ରଭୁଙ୍କୁ ସ୍ମରଣ କରିଛନ୍ତି—

"ସତ୍ୟ ଶିବ ସୁନ୍ଦର ହେ ପ୍ରଭୁ ନିସ୍ୱର
ଘଟାଅ ମୋ' ଭାଗ୍ୟେ ଏସନ,
କୁସୁମ ସୁଷମାରେ ପଲ୍ଲବ ନୀଳିମାରେ
ପାଇବି ତୁମ୍ଭର ଦର୍ଶନ ହେ ମହାପ୍ରଭୁ !"

ପୁନଶ୍ଚ କବି ଗାଇ ବସନ୍ତି—

"ସୁତୀକ୍ଷ୍ଣ ରବି ରଶ୍ମି ଧାରେ— ଚନ୍ଦ୍ରର ଶୀତଳ ଜ୍ୟୋତ୍ସ୍ନାରେ
ମହା ମହିମା ତବ ସର୍ବଦା ଅନୁଭବ
କରିବି ଯେହ୍ନେ ସବୁଠାରେ ହେ ମହାପ୍ରଭୁ !"

ଇଂରାଜୀ ସାହିତ୍ୟର ଜଣେ ବିଶିଷ୍ଟ କବି ଓ୍ୟାର୍ଡ଼ସ୍‌ଓ୍ୱାର୍ଥ ଅନୁରୂପ କାବ୍ୟ—ଚେତନାରେ ଅନୁପ୍ରାଣୀତ ହୋଇଥିଲେ । ଆଧ୍ୟାତ୍ମିକବାଦ ତାଙ୍କ ପ୍ରକୃତି ବର୍ଣ୍ଣନାରେ ପରିଲକ୍ଷିତ ହୋଇଥାଏ । ଆଧ୍ୟାତ୍ମିକ୍ ଚିନ୍ତାଧାରାକୁ ଅଧିକ ପୁଷ୍ଟ କରିବା ଲାଗି ପ୍ରକୃତିରୁ ଯଥେଷ୍ଟ ଉପାଦାନ ଓ ପ୍ରେରଣା ପାଇଛନ୍ତି କୀର୍ତ୍ତ୍ୟଲାଇଲ୍ । ସେ ତ ପ୍ରକୃତିକୁ ଦେଖି ତନ୍ମୟ ହୃଦୟରେ ମୁକ୍ତକଣ୍ଠରେ ଗାଇ ଉଠିଛନ୍ତି—"The beauty of universe is the visible garment of invisible God." ଏହା କେବଳ ସେ ପ୍ରକାଶ କରିନାହାନ୍ତି, ଏହାର ସତ୍ୟତା ନିଜ ପ୍ରକୃତି ବର୍ଣ୍ଣନାର ଛନ୍ଦେ ଛନ୍ଦେ ପରିଲକ୍ଷିତ ହୋଇଛି ।

ଦ୍ୱନ୍ଦ୍ୱମୟ ଜୀବନ ପ୍ରତି କବିଙ୍କର ଯଥେଷ୍ଟ ଶ୍ରଦ୍ଧା ଥିଲା । ଜୀବନରେ ଦ୍ୱନ୍ଦ୍ୱ ଥିଲେ, ଜୀବନର ମାଧୁର୍ଯ୍ୟ ଏବଂ ତା'ର ସୌକୁମାର୍ଯ୍ୟ ଯେପରି ଫୁଟି ଉଠେ, ଦ୍ୱନ୍ଦ୍ୱ-ବିହୀନ ଜୀବନରେ ସେପରି ପରିଲକ୍ଷିତ ହୁଏ ନାହିଁ । ଯେତିକି କାଳ ମରଧାମରେ ମଣିଷ ବଞ୍ଚି ରହୁଛି, ସେ ବଞ୍ଚିବା ଲାଗି ନ ବଞ୍ଚି, ସଂଗ୍ରାମ କରି ବଞ୍ଚିବା ଲାଗି ବଞ୍ଚି ଶିଖୁ, ଏହା ହିଁ ଥିଲା ଚିନ୍ତାମଣିଙ୍କର ଆଦର୍ଶ । ସଂଗ୍ରାମୀ ଜୀବନରେ ଯେତେ ବିଚିତ୍ର ଜୀବନଗାଥା ସଞ୍ଚିତ ହୋଇ ରହିଥାଏ, ସରଳ ସହଜ ଜୀବନଧାରା ବ୍ୟକ୍ତି ପାଖରେ ସେପରି ଦୃଷ୍ଟିଗୋଚର ହୁଏ ନାହିଁ । ଜୀବନକୁ ମୁକାବିଲା ଲାଗି ଜୀବନ ଯଦି ଗଢ଼ା ହୋଇ ନ ପାରିଲା, ଜୀବନରେ ଘନଘୋର ଅନ୍ଧକାର ଲାଗି ଯଦି ବିବ୍ରତ ଭାବ ସୃଷ୍ଟି ହେଲା, ତେବେ ସେପରି ସାଧାରଣ ଜୀବନକୁ ନେଇ ମଣିଷ କେବେ ବ୍ୟକ୍ତିତ୍ୱର ସ୍ୱାକ୍ଷର ରଖିଯାଇ ପାରେନା । ତେଣୁ ମରଣ ଲାଗି ଭୟ ନକରି, ସଂଗ୍ରାମକୁ ସ୍ୱାଗତ କରିବା ମଣିଷ ଜୀବନର ଅନ୍ୟ ଏକ ସୋପାନ ବୋଲି କବି ପ୍ରକାଶ କରିଥିଲେ । ସଂଗ୍ରାମ ପଥ ନେଇ, ଜୀବନ ଯାହା ଗତିଶୀଳ ହୋଇଥାଏ । ସଂଗ୍ରାମ ଭୂଇଁରୁ ଉତ୍ତରିତ ପଥ ଲାଗି ସନ୍ଧାନ ମିଳିଲା । ଏହି ଅନୁଭୂତିର ଉଦ୍‌ଘୋଷଣ କରି କବି ଲେଖିଛନ୍ତି—

"ପ୍ରାଣେ ମରୁ ଯାହେ ରଚ
କାଳ ସଙ୍ଗେ ରଣ,
ମାତ୍ର ତୋ' ମରଣ ନୁହେଁ
ବିଫଳ ମରଣ ।" ( ଆକୁଫୁଲ )

ଏହା ପୂର୍ବରୁ ଯେଉଁ ସୌନ୍ଦର୍ଯ୍ୟାନୁଭୂତି କଥା କୁହାଯାଇଥିଲା, ପ୍ରକୃତରେ ସୌନ୍ଦର୍ଯ୍ୟାନୁଭୂତି ସହ ଆଧ୍ୟାତ୍ମିକତାର ନିବିଡ଼ ସମ୍ପର୍କ ଯୁଗେ ଯୁଗେ ରହି ଆସିଛି । ବିଶେଷତଃ ଉଚ୍ଚକୋଟୀର ରଚନାରୁ ଏହାର ପ୍ରମାଣ ମିଳିଥାଏ । କିପରି ସୌନ୍ଦର୍ଯ୍ୟ-ଅନୁଭୂତି ଲାଭ ପରେ, ଆଧ୍ୟାତ୍ମିକ ଭାବ ଜାଗ୍ରତ ହୁଏ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଯେତେବେଳେ ସୌନ୍ଦର୍ଯ୍ୟାନୁଭୂତି ଲାଭ କରାଯାଏ, ତା'ର ଘନିଷ୍ଠ ଓ ଆନ୍ତରିକ ଲଗ୍ନରେ ଅନୁଭବୀ କ୍ଷଣକ ପାଇଁ ହେଉପଛେ ଆପଣାକୁ ହଜାଇ ଦିଏ । ଅନୁଭବୀ ଯେତେବେଳେ ବ୍ୟକ୍ତିସତ୍ତାକୁ ବିଲୋପ କରିଦିଏ, ସେତେବେଳେ ସିନା ସେ ଗାଇପାରେ—

"ଚିତ୍ତବୃତ୍ତି ଗଲା ନିଜ ପଥ ଛାଡ଼ି,
ସତ୍ତାଗଲା ସେହି ମହାଭାବେ ବୁଡ଼ି ।"

ପର ମୁହୂର୍ତ୍ତରେ ଅଧିକ ସୌନ୍ଦର୍ଯ୍ୟାନୁଭୂତିର ସାନ୍ଦ୍ରତା ଅନୁଭବୀକୁ ଘେରି ବସିଲେ, ସେ ଅଧିକ ତୁରୀୟସ୍ୱଭାବନା ଅନୁଭବ କରେ । ପୁଣି ସେ ଗାଇ ଉଠେ—

"ଖର ସୌର କରେ ତାରକା ଯେସନ
ଅସ୍ମିତା ବିସ୍ମୟେ ହେଲି ନିମଗନ ।"

କବିବର ରାଧାନାଥ ରାୟଙ୍କର 'ଚିଲିକା'ରେ ପ୍ରକାଶିତ ଏହି ପଙ୍କ୍ତି କେତୋଟି ପାଠକଲେ, ସୌନ୍ଦର୍ଯ୍ୟାନୁଭୂତି ସହ ଆଧ୍ୟାତ୍ମିକତାର କେତେ ସମ୍ପର୍କ, ତାହା କଳ୍ପନା କରିହୁଏ । ଯେତେବେଳେ ସ୍ରଷ୍ଟା ସୌନ୍ଦର୍ଯ୍ୟପସରା ଭିତରେ ଆତ୍ମ-ବିଭୋର ହୋଇପଡ଼ୁଛନ୍ତି, ସେତେବେଳେ ସେ ଆଉ ସାଧାରଣ ଜଗତର ସାଧାରଣ ମଣିଷ ନୁହନ୍ତି, ମହାସତ୍ତା ଭିତରେ ନିଜ ସତ୍ତା ଲୀନ ହୋଇଯାଉଛି । ଠିକ ଠିକ ତାରକା ସୂର୍ଯ୍ୟରଶ୍ମିରେ ଆତ୍ମଗୋପନ କରିବା ପରି, ଆପଣାର 'ଅସ୍ମିତା' ଅନ୍ଧକାର ଆଧ୍ୟାତ୍ମିକ ଆଲୋକ ଦୀପ୍ତିରେ ଦୀପ୍ତିମନ୍ତ ହୋଇଉଠୁଛି । ଅନ୍ଧକାର ସତ୍ତା ହରାଇ ବସୁଛି । ଆଧ୍ୟାତ୍ମିକତାର ନୂତନ ଆଭା ଉକୁଟି ଉଠେ ।

ଇଂରାଜୀ କବି ଓ୍ୱାର୍ଡ଼ସ୍ ଓ୍ୱାର୍ଥ ଏପରି ଚେତନାର ମୂର୍ତ୍ତିମନ୍ତ ପରିପ୍ରକାଶ । ତାଙ୍କ 'ଟିଣ୍ଟର୍ନ ଆବେ' କବିତାରେ ଏହିପରି ଭକ୍ତି ପୂର୍ଣ୍ଣହୋଇ ରହିଛି । ସୌନ୍ଦର୍ଯ୍ୟକୁ ଦେଖି ତା'ର ଉପାସକ ହେବା ଭିତରେ ଆଧ୍ୟାତ୍ମିକତାର ଉପାସନା ମନକୁ ମନ ଆରମ୍ଭ ହୋଇଯାଏ । ସେହି କବିତାରୁ କେଇଧାଡ଼ି ଏଠାରେ ଉଦ୍ଧାର କରାଗଲା—

"···That blessed mood,
In which the burthen of the mystery.
In which the heavy and the weary weight.

of all this unintelligible world,
Is lightened—the screne and blessed mood
In which the affections gently lead us on
(Until the breath of this corporeal frame)
And even the motion of hour human blood
Almost suspended, we are laid asleep
In body, and become a living soul."

[ Tintenn Abbey ]

× × ×

ପ୍ରକୃତିରେ ଯେ କୌଣସି ସୌନ୍ଦର୍ଯ୍ୟକୁ ଦର୍ଶନ କରିଦେଲା ମାତ୍ରେ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୁଏ ନାହିଁ । ଏପରି ଶକ୍ତି ମଧ୍ୟ କୌଣସି ସୌନ୍ଦର୍ଯ୍ୟରେ ନାହିଁ । କୌଣସି ଅନୁଭବୀ ବି ସୌନ୍ଦର୍ଯ୍ୟକୁ ଦେଖିନେଇ ବହିର୍ଦୃଶ୍ୟରାଜିରୁ ଏପରି ଚେତନା ଉଦ୍ରେକ ଲାଗି ପ୍ରେରଣା ପାଆନ୍ତି ନାହିଁ ! ଅନ୍ତର୍ଦୃଶ୍ୟରେ ହିଁ ଏହି ଚେତନା ଲାଗି ପ୍ରେରଣା ନିହିତ ହୋଇଥାଏ । ଆନ୍ତର୍ଦୃଶ୍ୟ ଲୁକ୍କାୟିତ ସତ୍ୟକୁ ପ୍ରକାଶ କରି ଆଧ୍ୟାତ୍ମିକ ଢଗରେ ହୃଦୟକୁ ମୁହାଁଏ ।

ସାଧକ ଅବସ୍ଥାରେ ଉପନୀତ ହୋଇ ନ ପାରିଲେ, ନିଷ୍ଠାପର ସାଧନା ଲାଗି ଯେଉଁସବୁ ଆବଶ୍ୟକୀୟ ସାମଗ୍ରୀ ଲୋଡ଼ା, ସେତକ ସ୍ରଷ୍ଟା ପାଇଁ ଦୁର୍ଲଭ ହେଲେ, ସେ କେବେହେଲେ ଯୋଗସ୍ଥ ପରିସ୍ଥିତିକୁ ଅନୁଭବ କରିପାରେ ନାହିଁ । କେହି ଚେଷ୍ଟାକରି କୃତ୍ରିମ ଭାବରେ ସୌନ୍ଦର୍ଯ୍ୟାନୁଭୂତିକୁ ଆଧ୍ୟାତ୍ମିକ ଚେତନା ସହ ମିଳିତ କରାଇ ପାରିବ ନାହିଁ । ବରଂ ସେପରି କ୍ଷେତ୍ରରେ ଦୁଇ ଅନୁଭୂତିକୁ ଅନୁଭବ ଲାଗି ଅକୃତ୍ରିମ ଯୋଗଭାବର ଆବଶ୍ୟକତା ରହିଛି । ଏହି ଅନୁଭୂତିକୁ କୌଣସି ଅନୁଭବୀ ଲବ୍ଧ ଅନୁଭବର ବିଷୟ ବୋଲି ଭାବିବା ଉଚିତ ନୁହେଁ । ଏହା ଅତ୍ୟନ୍ତ ଅସାଧାରଣ ଓ ଅଲୌକିକ ଭାବରେ ଗ୍ରହଣ କରିବାକୁ ହୋଇଥାଏ । ଗ୍ରହୀତାକୁ ଏହାର ରସାସ୍ୱାଦନ ଲାଗି ତପସ୍ୟାରତ ରହିବାକୁ ହୁଏ । ଅସାଧାରଣ ପରିସ୍ଥିତି ଭିତରେ ଗ୍ରହୀତା ଏହି ଅନୁଭୂତିକୁ ନିଜ ହୃଦୟରେ ଧରିରଖି ପାରିଲେ, ସୌନ୍ଦର୍ଯ୍ୟ ରସ ଅନୁଭବ କରିହୁଏ । କବିଶେଖର ଚନ୍ଦ୍ରାମଣିଙ୍କୁ ଏହି ପର୍ଯ୍ୟାୟରେ ଆଲୋଚନା କରାଯାଇ ପାରିବ । ସେ ଏହି ଶ୍ରେଣୀର ଉପାସକ ହୋଇ ସୌନ୍ଦର୍ଯ୍ୟାନୁଭୂତିରେ ଆଧ୍ୟାତ୍ମିକ ଭାବର ସନ୍ଧାନ ପାଇଛନ୍ତି ।

ସ୍ରଷ୍ଟା ସବୁବେଳେ ଚିରନ୍ତନ ସୌନ୍ଦର୍ଯ୍ୟକୁ ରୂପଦେବାକୁ ଚେଷ୍ଟାକରେ । ଏଥିରେ ସ୍ରଷ୍ଟାର ସଫଳତା ଆସିଲେ ସୃଷ୍ଟିକୁ ଶାଶ୍ୱତ ରସରେ ପରିପୂର୍ଣ୍ଣ କରିଦିଏ । ସୌନ୍ଦର୍ଯ୍ୟକୁ ଶିଳ୍ପୀ ସତ୍ୟ ଭାବରେ ଗ୍ରହଣ କରିନେଲେ, ତା'ର ଶିଳ୍ପନୈପୁଣ୍ୟ ସୌନ୍ଦର୍ଯ୍ୟ ଚେତନା ଭିତରେ ସତ୍ୟକୁ ପ୍ରକାଶ କରିଥାଏ । ଅନ୍ୟ ଜଣେ ଇଂରାଜୀ ସାହିତ୍ୟର ପ୍ରତିଷ୍ଠିତ କବି କୀଟ୍‌ସ କହିଗଲେ—"Beauty is truth, truth is beauty." ଏହାଥିଲା ତାଙ୍କ ଜୀବନର ଚିରନ୍ତନ ସତ୍ୟ ।

କବିଶେଖର ସ୍ୱଳ୍ପ ଶିକ୍ଷା ଲାଭ କରିଥିଲେ । ସେହି ଶିକ୍ଷାକୁ ଭିତ୍ତିକରି ଏତେ ଉଚ୍ଚକୋଟୀର କାବ୍ୟତତ୍ତ୍ୱ ଅଧ୍ୟୟନ ହୁଏତ ତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ତଥାପି ପ୍ରାଚୀନ ସାହିତ୍ୟରେ ତାଙ୍କର ପ୍ରବେଶ ଥିଲା । ଏହି ସାହିତ୍ୟକୁ ସେ ଭଲ ଭାବରେ ଅଧ୍ୟୟନ କରିଥିଲେ । ତା'ର ଭାବ ଓ ଶୈଳୀକୁ ଅନୁକରଣ କରିଥିଲେ । ନିଜ କାବ୍ୟ କବିତାରେ ଅନୁକୃତ ଶୈଳୀକୁ ପ୍ରୟୋଗ କରି ପାରିଥିଲେ । କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର କବି ଚନ୍ଦ୍ରାମଣି ଜଣେ ବଡ଼ ସ୍ତାବକ । ସେ ଭଞ୍ଜସାହିତ୍ୟ ଖୁବ୍ ଆନ୍ତରିକତାସହ ହୃଦୟରୁ ଗାଇ ପଢ଼ନ୍ତି । ଏପରିକି ପ୍ରତିଦିନ ରାତି ଘ୍ରଣ୍ଟା ସମୟରେ ଶଯ୍ୟା ତ୍ୟାଗ କରି ସେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ଭଞ୍ଜ ସାହିତ୍ୟ ପ୍ରତି ତାଙ୍କର ବେଶି ଆକର୍ଷଣ ରହିଥିଲା । ଭଞ୍ଜ ସାହିତ୍ୟରୁ କିଛି ଅଂଶ ନିଜେ ବୋଲିବା ପରେ ଚନ୍ଦ୍ରାମଣି ତାଙ୍କ ନିତ୍ୟକର୍ମ କରନ୍ତି । ଏଥିରୁ ସେ ଭଞ୍ଜଙ୍କର କିପରି ଭକ୍ତ ଓ ସ୍ତାବକ ଥିଲେ, ତାହା ଅନୁମାନ କରିହୁଏ ।

ଉପେନ୍ଦ୍ର ଭଞ୍ଜଙ୍କ ରଚିତ ସାହିତ୍ୟ ପାଠ ସହ, ଅନ୍ୟାନ୍ୟ ପ୍ରାଚୀନ ସାହିତ୍ୟ ସେ ଖୁବ୍ ମନୋଯୋଗ ସହକାରେ ପଢ଼ୁଥିଲେ । ସେଥିରୁ ଚନ୍ଦ୍ରାମଣି ସୌନ୍ଦର୍ଯ୍ୟ ଲୁଭିତ ଆହରଣ, ସୌନ୍ଦର୍ଯ୍ୟତତ୍ତ୍ୱ ପ୍ରତି ସଚେତନ ହୋଇଥିଲା ପରି ମନେହୁଏ । କବି ସମ୍ରାଟ ଉପେନ୍ଦ୍ରଙ୍କ ସାହିତ୍ୟରେ ସୌନ୍ଦର୍ଯ୍ୟତତ୍ତ୍ୱର ଅଭାବ ନାହିଁ ।

କବି ଉପେନ୍ଦ୍ରଭଞ୍ଜ ସାଙ୍ଗୀତିକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସଙ୍ଗୀତ ହେଉଛି ତାଙ୍କ କାବ୍ୟ ସାଧନାର ଅସଲ ଆଧାର । ଏହି ସଙ୍ଗୀତ ଭିତରେ ଖୁବ୍ ପ୍ରାଣସ୍ପର୍ଶୀ ସୌନ୍ଦର୍ଯ୍ୟ ପ୍ରକାଶିତ ହେଉଛି । ଉଦାହରଣଟିଏ—

"ଆଜ ଦେଖିଲିରେ ନବୀନ ବୟସୀ ବାଳା,
ପାଇଥାନ୍ତି ଯେବେ ଚନ୍ଦ୍ରବଦନୀକି
କରିଥାନ୍ତି ଗଳାମାଳା ।"

ଆଉ ଗୋଟିଏ ଉଦାହରଣ ଭଞ୍ଜ ସାହିତ୍ୟରୁ—

"ଆହା ମୋ ଜୀବନ ଧନୀ ଜୀବନେ କି ଥିବରେ
ନିଶାକର ବଧୂମୁଖୀ କିସ କରୁଥିବରେ
ଆଶା ପଲଙ୍କରେ ବସି ଭୂଷା ଲେଖୁଥିବରେ ।" ଇତ୍ୟାଦି

× × ×

ପ୍ରାଚୀନ ସାହିତ୍ୟରେ ଏପରି ଭୂରି ଭୂରି ପ୍ରମାଣ ରହିଛି । ଅଭିମନ୍ୟୁ ସାମନ୍ତ ସିଂହାର ଯେତେବେଳେ ବିଦଗ୍ଧ ଚିନ୍ତାମଣି'ରେ ସୌନ୍ଦର୍ଯ୍ୟ ବର୍ଣ୍ଣନାକୁ ବିହ୍ବ ରସାଳ ଭଙ୍ଗୀରେ ପ୍ରକାଶ କରୁଛନ୍ତି, ସେତେବେଳେ ସେହି ବର୍ଣ୍ଣନାରେ ଆଲଙ୍କାରିକତା ଅଛି, ସୌନ୍ଦର୍ଯ୍ୟ ଚେତନାର ଉପାସନା ରହିଛି—କାବ୍ୟିକ ଅଭିବ୍ୟକ୍ତି ଆମକୁ ବି ମୁଗ୍ଧ କରୁଛି । ସନ୍ଧ୍ୟା ଉପଗତ । ଏହି ସନ୍ଧ୍ୟାର ଦୃଶ୍ୟକୁ କବି ଅଭିମନ୍ୟୁ କାବ୍ୟିକ ଭଙ୍ଗୀରେ—ଚିତ୍ରଣ କରୁଛନ୍ତି—

"ତାତ ସିଙ୍ଘିକ ବଳିବ ବିଗ୍ରହ କି କାମଦେବ
ମାଣିକ୍ୟ ଝୀରିରଆଙ୍ଗ ପେଷି ଦେଇଛି
ସଂଯୋଗୀ ସୁଖ ଦୁଃଖଦ ବିଯୋଗୀ ସୁଖ ଦୁଃଖଦ
ପରସ୍ପର ବିରୋଧୀ ଭିସକୁ ହେଉଛି
ତମ ନାଶନେ ତ ପ୍ରୟୋଗ
ତମେ ପଶେ ତମୁ ଆସେ ଏକ ସଂଯୋଗ ।"

ପ୍ରାଚୀନ କବି ରସ ପ୍ରକାଶବେଳେ ଶୃଙ୍ଗାର ଚେତନାକୁ ଭୁଲିଯାଇ ନାହାନ୍ତି । ଶୃଙ୍ଗାର ଚେତନା ଦେଇ ଆନନ୍ଦ ରସ ପ୍ରକାଶିତ ହୋଇଛି । ଶୃଙ୍ଗାରିକତାକୁ କବି କାବ୍ୟରସରୁ ଅଭିନ୍ନ କରି ଦେଖିଛନ୍ତି । ସଂସ୍କୃତ ସାହିତ୍ୟ ଆଲୋଚନା କଲେ, ଆନନ୍ଦ ପ୍ରକାଶ ପାଇଁ ରସର ଆକର୍ଷଣୀ ଶକ୍ତିକୁ କିପରି ବ୍ୟବହାର କରାଯାଇଛି ଏବଂ ସୌନ୍ଦର୍ଯ୍ୟ ତତ୍ତ୍ୱର ସକଳ ମର୍ମବାଣୀ କିପରି ଏହି ରସଧାରା ଭିତରେ ଅନ୍ତର୍ନିହିତ ହୋଇଛି, ତାହା ଦୃଷ୍ଟିଗୋଚର ହୋଇଥାଏ । ଶୃଙ୍ଗାର ଚେତନାର ପ୍ରକାଶ ପାଇଁ ଭକ୍ତକବି ଦୀନକୃଷ୍ଣ ଦାସ ତାଙ୍କ 'ରସକଲ୍ଲୋଳ' କାବ୍ୟରେ ଠାଏ ଲେଖିଛନ୍ତି—

"କନ୍ଦର୍ପ କଳାକୁଶଳା ହୋଇଥିବ ବାଳା
କରୁଥିବ ଗଢ ଭ୍ରୁଭଙ୍ଗ କଟାକ୍ଷ ଲୀଳା
କର୍ଣ୍ଣରେ କୁଣ୍ଡଳ ହୋଇଥିବ ଦୋଳାୟିତ
କଲେ ତା' ଦର୍ଶନ ନୋହେ କେଉଁ ସୁଖ ଜାତ ।"

ରସ ଚେତନା ପ୍ରକାଶ ପାଇଁ କବି କେବଳ ପାର୍ଥିବ ଜଗତକୁ ଆଖିରେ ରଖନ୍ତି ନାହିଁ । ଊର୍ଦ୍ଧ୍ୱାୟିତ ଜଗତର ସ୍ୱପ୍ନରାଜ୍ୟରେ ବିଚରଣ ଲାଗି ରସିକ କବିଙ୍କୁ ଯୋଗାଏ ଯଥେଷ୍ଟ ଉତ୍ସାହ । ସଙ୍ଗୀତର ମୋହିନୀ ଶକ୍ତି ଶ୍ରୋତାକୁ ସାଧାରଣ ଜଗତଠାରୁ ଅନ୍ୟ ଏକ ଜଗତକୁ ନେଇଯାଏ—ସେହି ଜଗତର ସ୍ପର୍ଶ ଦେଇ ଆନନ୍ଦ ଭରିଦିଏ—ଅତୀନ୍ଦ୍ରିୟ ସତ୍ତ୍ୱର ସନ୍ଧାନ ଦିଏ । କବି ସୌନ୍ଦର୍ଯ୍ୟତତ୍ତ୍ୱକୁ ଅବହେଳା କରନ୍ତି ନାହିଁ । ସୌନ୍ଦର୍ଯ୍ୟତତ୍ତ୍ୱ ମାଧ୍ୟମରେ କବି ରସ ପରିବେଷଣ ଲାଗି ସାମର୍ଥ୍ୟ ଅର୍ଜନ କରିଛନ୍ତି । ସେହି ପ୍ରକାଶ ପ୍ରାଣରେ ନୂତନ ଭାବ ସଞ୍ଚାର କରୁଛି । ବିଶ୍ୱ ଭାବଧାରାର ସ୍ପର୍ଶ ଲାଭ କରି ।

ଗଳଣିତ ଗଳ କଥାରେ ସଙ୍ଗୀତ
ଗଳଣିତ ଗଳ କଥା,
ଶୁଣିଲେ ସିନା ମୁଁ ତୋତେ ପଗ୍ଭରନ୍ତି
ବଳି ପଢ଼ିବାରୁ ବ୍ୟଥା ।।'

( କିଶୋର ଚନ୍ଦ୍ରାନନ୍ଦ ଚଂପୂ )

ପ୍ରକୃତରେ ସୌନ୍ଦର୍ଯ୍ୟଚେତନା ଶିଳ୍ପକୁ ଶାଶ୍ୱତ ରୂପରେ ବିଭୂଷିତ କରିଏ ଏହି ସୌନ୍ଦର୍ଯ୍ୟତତ୍ତ୍ୱ, ପ୍ରକୃତି ବର୍ଣ୍ଣନା ଭିତରେ କିମ୍ବା ରସ ପ୍ରକାଶ ଭିତରେ ଅନୁଭବ କରିଯାଇପାରେ । କବି ଭାବର ଅବସ୍ଥାକୁ ନେଇ ଭିନ୍ନ ଭିନ୍ନ ସମୟରେ ଏହି ଚେତନାକୁ ରୂପ ଦେଇଥାଆନ୍ତି । କବିଶେଖର ସୌନ୍ଦର୍ଯ୍ୟପିପାସୁ ଭାବରେ ଯେତେବେଳେ ପ୍ରଭାତର ଦୃଶ୍ୟକୁ ଦେଖୁଛନ୍ତି, ସେତେବେଳେ ପ୍ରକାଶ କରୁଛନ୍ତି—

"ଅରଣ୍ୟ କୁକ୍‌କୁଟେ ଉଚ୍ଚାଟ କୁହାଟ
ମାରି, ବସାଇଲେ ବନେ ଶବ୍ଦହାଟ ।
ରହିଲ ଚକୋରୀ ବିରହ-ବିଧୁରା
ପୂର୍ବ ଆକାଶରେ ଫାଟିଲ ସିନ୍ଦୂରା ।

× × ×

ଜୀବନ-ବାନ୍ଧବେ ଦେଖି ଅସ୍ତମିତ,
କୁମୁଦିନୀ ନେତ୍ର ହେଲା ନିମୀଳିତ ।
ଭଜିଲେ ବିଲୟ ତାରକା ବିମାନେ,
ସ୍ୱାମୀ ସହ ମୃତ ଯଥା ସତୀମାନେ ।"

× × ×

କବି ଯେତେବେଳେ ମେଘାସନ ଦର୍ଶନ କରୁଛନ୍ତି, ସେତେବେଳେ ସେ ଆନନ୍ଦରେ ଅଧୀର ହୋଇ ଉଠିଛନ୍ତି। ପ୍ରାଣରେ ଆନନ୍ଦର ଲହରୀ ଖେଳଯାଇଛି। ମହାଭାବରେ କବି ନିମଗ୍ନ ହୋଇ ଯାଇଛନ୍ତି। କ୍ଷଣକ ପାଇଁ ମନରୁ ସବୁ କିଛି କାମନା ବାସନା ଦୂର ହୋଇଯାଇଛି। ଅକଳ୍ପନୀୟ ସତ୍ତାର ସ୍ପର୍ଶ ସେ ପାଉଛନ୍ତି।

ସେ ରୋଗାକ୍ରାନ୍ତ ଶରୀରକୁ ବହନ କରି ରସ ସାଗରରେ ମଜ୍ଜି ରହିଥିଲେ। ରସିକ ପୁରୁଷଙ୍କ ରସିକତା ଭିତରେ କେତେ ସୌନ୍ଦର୍ଯ୍ୟ ଫୁଟି ଉଠିଛି, ତାହା ଉଲ୍ଲେଖନୀୟ। ସେ ପ୍ରେମିକ କବି। ପ୍ରେମର ବର୍ଣ୍ଣନାରେ ଶତମୁଖ। ଏହାର ଆଭିମୁଖ୍ୟ ନିମ୍ନଗାମୀ ନୁହେଁ। ପ୍ରେମର ମହତ୍ତ୍ୱ ଅଛି—ଆଦର୍ଶ ରହିଛି ଏବଂ ଏହାର ଦୃଢ଼ ଆକର୍ଷଣୀ ଶକ୍ତି ଅଛି। ହୃଦୟକୁ ପ୍ରସାରିତ କରିବା ଲାଗି ପ୍ରେମ ଓ ପ୍ରଣୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କବି ଜୀବନରେ ଏହି ଆଦର୍ଶକୁ ଭୁଲି ନାହାନ୍ତି। ଜୀବନ ପ୍ରେମମୟ। ରସମୟ ଜୀବନକୁ ଅଧିକ ରସାଳ କରିବା ଦିଗରେ ପ୍ରେମ ସହାୟକ ହୁଏ। ସେ ଏହା ଅନୁଭବ କରିଛନ୍ତି। ସେପାଇଁ 'ସିଂହଗିରି'ରେ ପ୍ରେମର ସୌନ୍ଦର୍ଯ୍ୟ ଓ ଆଦର୍ଶ ବର୍ଣ୍ଣନା କରି କହନ୍ତି—

"ପ୍ରେମ ନୁହେଁ ତାହା ଯେ ପ୍ରେମ ଭଙ୍ଗୁର,
ଅମର ସଙ୍ଗେ କି ତୁଳିତ ଅସୁର ?
ଆତ୍ମା-କୁସୁମ ଯେ ନ ପାରେ ଫୁଟାଇ,
ପ୍ରେମ ନାମେ ତା'ର ଅଧିକାର କାହିଁ ?
ନର ପ୍ରାଣେ ଯେହୁ ଆଣେ ଅମରତା,
ପ୍ରେମ ନାମେ ତା'ର ସାର୍ଥକ ସବଂଥା।"

କବିଙ୍କର ବହୁ ବର୍ଣ୍ଣନାରେ ରୂପପ୍ରାଣତାର ସ୍ୱାକ୍ଷର ନିହିତ। ସୌନ୍ଦର୍ଯ୍ୟବୋଧ ପ୍ରକାଶ ଲାଗି ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ କବିତାରୁ ସେ ଯଥେଷ୍ଟ ଶୈଳୀ, ଉପମା ଓ ଅଳଙ୍କାର ଆହରଣ କରିଛନ୍ତି। ସୌନ୍ଦର୍ଯ୍ୟଚିତ୍ରଣରେ କବିଙ୍କର ଅନୁଭୂତ ପ୍ରକାଶ ପାଇଛି। ସେପାଇଁ ଅନୁଭବୀ ହୃଦୟର ଚିତ୍ର ଭାବରେ ସୌନ୍ଦର୍ଯ୍ୟଅଙ୍କନ ଦୃଷ୍ଟିଗ୍ରାହ୍ୟମାନ ହୁଏ। ଅବଶ୍ୟ ସେଥିରେ କବିଙ୍କର ଗଭୀରତା କେତେ ଅଛି, ତାହା ବିଚାର୍ଯ୍ୟ। ତେବେ ସୌନ୍ଦର୍ଯ୍ୟବୋଧ ପରିପ୍ରକାଶର ସେ ଯେ ସଫଳ ଓ ସାର୍ଥକ ସାଧକ ଥିଲେ, ଏହା ଅସ୍ୱୀକାର କରିହେବ ନାହିଁ।

କବିଙ୍କ ପ୍ରଣୟାବେଗକୁ ବିଚାର କରିଯାଇପାରେ। ସେହି ପ୍ରଣୟାଦର୍ଶ ଭିତରେ କେତେ ଚିନ୍ତାଗର୍ଭକ ଭାବ ପ୍ରକାଶ ପାଇଛି ତାହା ଆଲୋଚ୍ୟ। ପ୍ରଣୟର ସ୍ୱରୂପ ଜାଣିବା ଲାଗି ଯେଉଁ ସାଧନା ଆବଶ୍ୟକ, ସେହି ସାଧନା ରସିକ ପୁରୁଷଙ୍କୁ ସାଧନ କରିବାକୁ ହୋଇଥାଏ। ପ୍ରଣୟୀ ଜୀବନ କ୍ଷେତ୍ରରେ କାନ୍ଦିପାରେ—ହସିପାରେ। ସେ

ଯେପରି ଅଶ୍ରୁ ବୁହାଇପାରେ, ସେପରି ବି ହସଧାରା ଖେଳାଇପାରେ । ଏତକ ନହେଲେ ରସରାଗ ବାସ୍ତବରେ ରୂପାୟିତ ହୋଇ ପାରେନାହିଁ । କବି ଚନ୍ଦ୍ରାମଣି ଏହି ସତ୍ୟ ଉପଲବ୍ଧି କରିଥିଲେ ।

ପ୍ରଣୟରେ ଅମୃତମୟତାର ସ୍ୱର ଶୁଣାଯାଉ । ପ୍ରେମ ଓ ପ୍ରଣୟ ଲାଗି ମଣିଷର କ୍ଷୁଦ୍ର ହୃଦୟ ବିସ୍ତାରିତ ହୋଇଯାଉ । ବୃହତ ହୃଦୟ ଓ ସଂପ୍ରସାରିତ ହୃଦୟ ପ୍ରେମର ମହତ୍ତ୍ୱ ଅନୁଭବ କରିଥାଏ । ରୂପକୁ ଭିତ୍ତିକରି ପ୍ରଣୟ ରଚିତ ନହେଉ । ଆତ୍ମାର ମିଳନ ଗୀତରେ ପ୍ରଣୟ-ଜଗତ ଝଂକୃତ ହୋଇଉଠୁ । ପ୍ରେମର ମାଧୁରୀ ଗାନରେ ପ୍ରାଣ ଅଧିକ ଉଚ୍ଚତର ସୋପାନକୁ ଗତିକରୁ । ଏହି ସୌନ୍ଦର୍ଯ୍ୟ-ଚେତନାରେ କବି ଉଦ୍‌ବୁଦ୍ଧ ହୋଇ ଗାଆନ୍ତି—

"ଯହିଁ ସେ ଅନ୍ତରତମ, ମିଳନ ଅମୃତ
ପ୍ରଣୟର ଧର୍ମ ଏହା, କରିପାରେ ଯେହୁ,
ମହତ୍ତ୍ୱରେ ପରିଣତ ଆତ୍ମାର କ୍ଷୁଦ୍ରତ୍ୱେ
ସେ ପ୍ରଣୟ ରୂପଜ ସେ ଇତର ପ୍ରଣୟ ।"

('ପ୍ରଣୟ-ଚିଠାଉ')

× × ×

ହୃଦୟ ଆବଦ୍ଧ ହୋଇଥିବା ପ୍ରଣୟରେ ଆବିଳତା ସ୍ପର୍ଶ କରିପାରେ ନାହିଁ । ହୃଦୟହୀନ ପ୍ରେମ ଓ ପ୍ରଣୟ ମୂଲ୍ୟହୀନ ହୋଇଥାଏ । ପ୍ରଣୟ ଲାଗି ରୂପପୂଜା ଆବଶ୍ୟକ ପଡ଼େନାହିଁ । ହୃଦୟର ଆଲିଙ୍ଗନ ଓ ଆତ୍ମୀୟତାର ନିବିଡ଼ ବନ୍ଧନ ପ୍ରଣୟକୁ ଅଧିକ ଚିରନ୍ତନ କରିଥାଏ । ଆତ୍ମଦାନ ଚେତନା ପାଇଁ ପ୍ରଣୟ ଜଗତରେ ଆତ୍ମାକୁ ଅଧିକ ଚହ୍ନି ହୋଇଥାଏ । ଆତ୍ମ ଉତ୍ସର୍ଗର ପଥ ଯେଉଁଠି ବ୍ୟାପକ, ସେଠି ପ୍ରଣୟାବେଗ ମଧୁର ହୋଇଉଠେ । କମନୀୟ କାନ୍ତିରେ ସେ ଜଗତ ଉଦ୍‌ଭାସିତ ହୋଇଯାଏ ବୋଲି କବିଙ୍କର ବିଶ୍ୱାସ ।

'ପ୍ରଣୟ ଚିଠାଉ' ରଚନାରେ କବି ଯେପରି ସୌନ୍ଦର୍ଯ୍ୟ ପ୍ରିୟତାର ପରିଚୟ ଦେଇଛନ୍ତି ତା'ର ପଟାନ୍ତର ନାହିଁ । ସୃଷ୍ଟି ସମ୍ପଦ ଉଜ୍ଜ୍ୱଳ ଓ ପ୍ରାଣସ୍ପର୍ଶୀ ହୋଇ ଉଠିଛି । କବି ହୃଦୟର ବାସ୍ତବ ଭାବନା ବହନକରି କବିଙ୍କ ପ୍ରଣୟାଦର୍ଶର ନିଚ୍ଛକ ପ୍ରତିଚ୍ଛବି ଅଙ୍କିତ ହୋଇଛି ସମଗ୍ର ସୃଷ୍ଟିରେ । କବି ଚନ୍ଦ୍ରାମଣି ଜୀବନ ଢାଳି ଏହି ସୃଷ୍ଟି ସୌଧଟି ଗଠନ କରିଛନ୍ତି । କବିଙ୍କ ଜୀବନ ଦର୍ଶନର ଅନ୍ୟ ଏକ ବିଶିଷ୍ଟ ଦିଗ ଏଥିରେ ଉଦ୍‌ଘାଟିତ ହୋଇଛି ।

ଏହି ଚିନ୍ତାଧାରାକୁ ଆହୁରି ବ୍ୟାପକ ଭାବରେ ହୃଦୟଙ୍ଗମ କରିବା ଲାଗି ତାଙ୍କର ପ୍ରଣୟାଦର୍ଶରୁ ଅନେକ ଉଦାହରଣ ଦିଆଯାଇ ପାରିବ । ଆତ୍ମାକୁସୁମକୁ ପ୍ରସ୍ଫୁଟିତ କରିବା ଲାଗି ଯେ ସାମର୍ଥ୍ୟ ଅର୍ଜନ କରିନାହିଁ, ସେ ବା କିପରି ପ୍ରଣୟ ରାଜ୍ୟର ଅଧିକାରୀ ହେବ ? ପ୍ରେମକୁ ଆଧାର କରି ମାନବକୁ ଅମରତ୍ୱର ସନ୍ଧାନ ଦେବା ଲାଗି ଯେ ସାର୍ଥକ ସାଧକ, ସେହି ଏକା ପ୍ରେମ-ଗୀତ ଗାଇପାରେ ! ପ୍ରେମ ଅସ୍ଥାୟୀ ନୁହେଁ—ପ୍ରେମ ଅଲୀକ ନୁହେଁ । ଏହା ଶାଶ୍ୱତ-ସ୍ମରଣୀୟ । କବିଙ୍କ ଅନୁଭବୀ ହୃଦୟ ଏହାର ବାସ୍ତବତା ଅନୁଭବ କରିଛି ।

ଆଜୀବନ ସାହିତ୍ୟ ସାଧନା ଭିତରେ କବି ସଫଳତା ଆଶା କରିନାହାନ୍ତି । ସମ୍ମାନ ଲୋଡ଼ି ନଥିଲେ । ବିଫଳତା ପରେ ବିଫଳତା ଆସିଲେ ସୁଦ୍ଧା, ସେ ବିଚଳିତ ହୋଇ ନଥିଲେ, ବିବ୍ରତ ହୋଇ ନ ଥିଲେ । ସଫଳତା ସହି ତାଙ୍କର ଆଦୌ ସାକ୍ଷାତ ନହେଲେ ନହେଉ, ଏଥିରେ ଚିନ୍ତା ନାହିଁ । ଜୀବନ ଭରି ଦୁଃଖ ଭୋଗ କରିବାକୁ କବି ପ୍ରସ୍ତୁତ ଅଛନ୍ତି । ସବୁ ଯେପରି ଏହି ସାହିତ୍ୟ ଚର୍ଚ୍ଚା ତାଙ୍କୁ ଭୁଲାଇ ଦେଉଛି—ସନ୍ତୋଷ ଓ ସଫଳତା ପାଇବାର ଆଶ୍ୱାସନା ଭରି ଦେଉଛି ।

ଏକଦା କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କଣ୍ଠରେ ମୁଖରି ଉଠିଥିଲା—

"ବିଫଳତା ମୋର ସାନ୍ତ୍ୱନା ପ୍ରାଣେ
ସନ୍ତାପ ଚିର ଶାନ୍ତ ହେ,
ସଫଳତା ମହାଭ୍ରାନ୍ତ ମହାଭ୍ରାନ୍ତ
ମହାଭ୍ରାନ୍ତ ହେ ।"

(ଜୀବନ ସଙ୍ଗୀତ)

ତେବେ କାନ୍ତକବି ଲକ୍ଷ୍ମୀକାନ୍ତ ବଞ୍ଚି ରହିଥିଲେ କିପରି ? ବିଫଳତା ଲାଗି ଯାହାଙ୍କ ଜୀବନରେ ଥିଲେ ମାତ୍ର ଦୁଃଖ ନାହିଁ, ସେ କାହାକୁ ଅବଲମ୍ବନ କରି ବଞ୍ଚିଥିଲେ ! ସେ ପ୍ରଶ୍ନର ଉତ୍ତର କବି ନିଜେ ଦେଇଛନ୍ତି—"ମୁଁ ଲେଖେଁ ନିଜେ ଜୀଇ ରହିବା ପାଇଁ । ଏଇ ଲେଖିବାର ମୋହ ଏଯାଏଁ ମୋତେ ବଞ୍ଚାଇ ରଖିଛି । ମନେହୁଏ, ମୋ'ପରି ଅଭାଗାକୁ ବଞ୍ଚାଇ ରଖିବା ପାଇଁ ଏକା ଭଗବାନ ମୋର ସବୁଠୁକ ଛଡ଼ାଇ ନେଇ ଏ ଟିକକରୁ ବଞ୍ଚିତ କରିନାହାନ୍ତି—ଯାହା ମୋର ଦୁର୍ବିସହ ଜୀବନର ଏକମାତ୍ର ସାନ୍ତ୍ୱନା, ଏକମାତ୍ର ଆଶ୍ୱାସନା, ଏକମାତ୍ର ସମ୍ବଳ । ଏହି ଶେଷ ଅବଲମ୍ବନ ଯେଉଁଦିନ ଛୁଟିଯିବ, ସେହିଦିନ ବୋଧହୁଏ ଏ ଜଗତରେ ମୋର ଶେଷ ଦିନ ।"

ଚନ୍ଦ୍ରାମଣି ସଫଳତା ପାଇଁ ଆଶା ନ ରଖି ସାହିତ୍ୟ ସାଧନା କରି ଚାଲିଥିଲେ । ବିଫଳତା ଆସିଲେ ସୁଦ୍ଧା, ବିଫଳତାକୁ ସେ ସହ୍ୟକରି ସାହିତ୍ୟ ସାଧନା କରି ଚାଲିଛନ୍ତି । ସେ ନିଜେ କହୁଥିଲେ—

"ସାଫଲ୍ୟ ସହିତ ନାହିଁ ମୋର ଭେଟ,
କଳ୍ପନା ପିଷ୍ଟକେ ପୂରଉଛି ପେଟ ।"

× × ×

(ଧୂମ୍ରସର)

"—ପୁନଶ୍ଚ ରହିଲା ହୃଦୟେ ଭେଦି ଦୁଃଖ ଶଲ୍ୟ,
ଯାଉଅଛି ପେନ ବିସ୍ଫୁଟ ବୈଫଲ୍ୟ ।"

(ଉଦ୍ୟାନଖଣ୍ଡ)

× × ×

କବି ଚନ୍ଦ୍ରାମଣି ଅତୀତ ପ୍ରୟସ୍ତ ଥିଲେ । ଅତୀତକୁ ବିଶ୍ଳେଷଣ କରିବା ଲାଗି ତାଙ୍କଠାରେ ଅଜସ୍ର ଆଗ୍ରହ ରହିଥିଲା । ତାଙ୍କ ପୂର୍ବରୁ କବି ରାଧାନାଥ, କବି ମଧୁସୂଦନ ଓ କବି ଗଙ୍ଗାଧର ଏପରି ଅତୀତପ୍ରେମୀ ଥିବାର ଯଥେଷ୍ଟ ପ୍ରମାଣ ରହିଛି । ଭାରତର ଗର୍ବ ଗୌରବ ଓ ପରମ୍ପରାକୁ ତନ୍ନ ତନ୍ନ କରି ବିଚାର କରିବା ଏବଂ ସେଥିରୁ ସାରମର୍ମ ଆହରଣ ଲାଗି ଏମାନେ ପଦକ୍ଷେପ ନେଇଛନ୍ତି । କବିଶେଖର ସେହି ଆଦର୍ଶର ବାହକ ଭାବରେ ଅତୀତକୁ ଦୃଷ୍ଟି ନିକ୍ଷେପ କରିଥିଲେ ।

ଭାରତୀୟ ସଂସ୍କୃତି ଓ ଐତିହ୍ୟରେ କେତେ ଗୌରବ ଗାଥା ପୂର୍ଣ୍ଣ ହୋଇଛି, ସେସବୁ କିପରି ଭାରତୀୟ ଜନଜୀବନରେ ପ୍ରଭାବ ବିସ୍ତାର କରୁଛି—ଏକଥା ତାଙ୍କୁ ଭଲ ଭାବରେ ଜଣାଥାଏ । ସେ ସମୀକ୍ଷାକରି ଜାଣିଥିଲେ ଯେ, ନିଜ ଦେଶର ସ୍ୱରୂପକୁ ଅନୁଭବ କରି ନ ପାରିଲେ, ତା'ର ଅମର ବାଣୀରେ ଆମେ ଉଦ୍‌ବୁଦ୍ଧ ହୋଇ ନ ପାରିଲେ, ଆମର ପ୍ରଗତି ଅସମ୍ଭବ ।

ଭାରତର ବିଶିଷ୍ଟ ଜଡ଼ବାଦୀ ନେତା ମାନବେନ୍ଦ୍ର ରାୟ ମଧ୍ୟ ଅତୀତଦ୍ୱାରା କିପରି ଉତ୍ସାହିତ ଓ ଉଦ୍‌ବୁଦ୍ଧ ହୋଇଥିଲେ, ତାହା ସେ ନିଜେ ସ୍ୱୀକାର କରିଛନ୍ତି । ସେ ନିଜେ ଭାରତକୁ ବୁଝିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ।

ରାଜନୈତିକ ନେତା ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜବାହରଲାଲ ନେହେରୁ ତାଙ୍କ ଅବସର ସମୟରେ ଭାରତର ଆତ୍ମାକୁ ଚିହ୍ନିବା ଲାଗି ଯେଉଁ ପ୍ରଚେଷ୍ଟା ଚଳାଇଥିଲେ, ତାର କଳନା ନାହିଁ । ଏହି ବିଶ୍ଳେଷଣରୁ ସ୍ୱର୍ଗତ ନେହେରୁ ଯେଉଁ ଆନନ୍ଦ ପାଇଛନ୍ତି, କର୍ମ ପଥରେ ଅଗ୍ରସର ହେବା ଲାଗି ଯେପରି ଅଭିନବ ଉଦ୍ଦୀପନା ଲାଭ କରିଥିଲେ, ତାହା ଚିରସ୍ମରଣୀୟ ହୋଇ ରହିଛି । ନିଜ ମାଟି ପ୍ରତି, ଜାତିର ଗର୍ବ ଓ ଗୌରବବୋଧ ପ୍ରତି କେହି କେବେ ଅବହେଳା କରିପାରେନା; ବରଂ ଏହାକୁ ବିଶ୍ଳେଷଣ କରି ନିଜେ ଗୌରବାନ୍ୱିତ ହେବାରେ ଯଥେଷ୍ଟ ଆନନ୍ଦ ରହିଛି । ନେହରୁ ବହୁ ସମୟ ବ୍ୟୟ କରି ସୃଷ୍ଟି କରିଥିବା 'ଭାରତ ଆବିଷ୍କାର' ସର୍ବଜନାଦୃତ ଓ ଲୋକପ୍ରିୟ ପୁସ୍ତକ ଭାବରେ ସମ୍ମାନ ପାଉଛି ।

ବିଶ୍ୱବରେଣ୍ୟ ସ୍ୱାମୀ ବିବେକାନନ୍ଦ ଭାରତର ଆତ୍ମାକୁ ଚିହ୍ନିବା ଲାଗି ବ୍ୟାକୁଳ ହେଉଥିଲେ । ଏହାର ଇତିହାସ ଭିତରେ କେତେ ମୂଲ୍ୟବାନ ସମ୍ପଦ ଲୁକ୍‌କାୟିତ ହୋଇ ରହିଛି, ତାକୁ ଜାଣିବା ପାଇଁ ପ୍ରତ୍ୟେକ ଭାରତୀୟ ଉଦ୍ୟମ କରିବା ଲାଗି ବିବେକାନନ୍ଦ ଆହ୍ୱାନ ଜଣାଇଥିଲେ । ଭାରତୀୟ ପରମ୍ପରା ଓ ସଂସ୍କୃତିର ଉପଯୁକ୍ତ ଦାୟାଦ ଭାବରେ ସ୍ୱାମୀଜୀ ଯେପରି ଭାରତକୁ ଚିହ୍ନି ପାରିଥିଲେ, ସେହିପରି ଭାରତର ଆତ୍ମାକୁ ବିଶ୍ୱ ଦରବାରରେ ଚିହ୍ନାଇବା ଲାଗି ଆପ୍ରାଣ ଉଦ୍ୟମ ମଧ୍ୟ କରିଥିଲେ ।

ମହାପୁରୁଷ ଶ୍ରୀରାମକୃଷ୍ଣ ପରମହଂସ ଭାରତର ଗୌରବ ସହ ଭାରତୀୟମାନେ ପରିଚିତ ହେବା ଆବଶ୍ୟକ ବୋଲି ବଜ୍ରକଣ୍ଠରେ ଘୋଷଣା କରିଛନ୍ତି । ନିଜେ ଭାରତର ବିପୁଳ ବିଭବ, ଆଧ୍ୟାତ୍ମିକ ଚେତନା ଓ ମହାନ୍ ଐତିହ୍ୟକୁ ବୁଝିବା ଲାଗି ଆଜୀବନ ସାଧନା କରିଥିଲେ । ଗୁରୁ ଓ ଶିଷ୍ୟ ଦୁହେଁ ବିଶ୍ୱ ଦରବାରରେ ଉଜ୍ଜ୍ୱଳ ପରମ୍ପରା ସୃଷ୍ଟି କରି, ସ୍ୱତନ୍ତ୍ର ଗୌରବର ଅଧିକାରୀ ହେବା ଲାଗି ଗୌରବାବହ ଐତିହ୍ୟକୁ ସମ୍ମାନ ଦେଇଥିଲେ । ସେମାନେ ପରମ୍ପରା ଓ ଅତୀତର ବଳିଷ୍ଠ ଭିତ୍ତିଭୂମି ଉପରେ ଆପଣାକୁ ପ୍ରତିଷ୍ଠିତ କରି, ପରେ ନୂତନାଲୋକରେ ବିଶ୍ୱକୁ ଆଲୋକିତ କରିଛନ୍ତି । ଦୁହେଁ ଭାରତର ଅତୀତ ଦୀପ୍ତିରେ ଦୀପ୍ତିମନ୍ତ ହୋଇଥିବାର ପ୍ରମାଣ ରହିଛି । ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦ ଅତୀତର ମର୍ମ ଉପଲବ୍‌ଧି ଲାଗି ପ୍ରଥମେ ଯେଉଁ ସାଧନା କରିଥିଲେ, ସେମାନଙ୍କ ସାଧନାର ସଫଳତା ପାଇଁ ସାଧନାର ଆଦିପର୍ବ ଯେ ଦାୟୀ, ଏହା ସେମାନେ ସ୍ୱୀକାର କରିଛନ୍ତି । ପ୍ରଥମେ ଇତିହାସର ସ୍ୱରୂପ ଜାଣିଥିଲେ । ଆଦିପର୍ବର ସାଧନାରୁ ଯେଉଁ ପ୍ରେରଣା ଓ ଜ୍ଞାନ ଆହରଣରେ ନୂତନ ଦିଗ୍‌ଦର୍ଶନ ମିଳିଥିଲା, ତାହା ସେମାନେ ଭୁଲି ପାରିନଥିଲେ । ସାଧକ ଜୀବନରେ ତାହା ସେମାନଙ୍କୁ ଯଥେଷ୍ଟ ସହାୟତା କରିଛି ।

ନିଜେ ତ ବିବେକାନନ୍ଦ କହିଛନ୍ତି "ଅତୀତ ଆମକୁ ଯେଉଁ ପ୍ରେରଣା ଦିଏ, ତାହା ଭବିଷ୍ୟତର ଯାତ୍ରା ପାଇଁ ସାହାଯ୍ୟ କରେ । ଅତୀତରେ ଲୁକ୍କାୟିତ ହୋଇ ରହିଥିବା ଅମୂଲ୍ୟ ସମ୍ପଦକୁ ଚିହ୍ନିବା ଦିଗରେ ଆମେ ଯେତିକି ଉଦ୍ୟମ କରିବା, ଯେତିକି ସାଧନା କରିବା, ଭବିଷ୍ୟତର ଯାତ୍ରା ଲାଗି ଆମେ ସେତିକି ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିପାରିବା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଭିତରେ ଏକ ଯୋଗସୂତ୍ର ରହିଛି । ତେଣୁ କେବଳ ବର୍ତ୍ତମାନ ସର୍ବସ୍ୱ ହେବା ଉଚିତ ନୁହେଁ, କି ଭବିଷ୍ୟତ ଲାଗି ଆଶା ରଖିବା ଉଚିତ ନୁହେଁ । ଅତୀତ ମଧ୍ୟ ଜୀବନଯାତ୍ରାର ସଫଳତା ପାଇଁ ବହୁ ସହାୟତା କରିଥାଏ ।"

ପ୍ରକୃତରେ କହିବାକୁ ଗଲେ, ଊନବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟ ବେଳକୁ ଆମ ଦେଶରେ ଏପରି ଅତୀତ ପ୍ରୀତିର ସ୍ୱାକ୍ଷର ପରିଲକ୍ଷିତ ହୋଇ ନ ଥିଲା । ଅତୀତର ଗମ୍ଭୀରତା ଓ ତା'ର ମାଧୁର୍ଯ୍ୟ ଅନୁଭବ ଲାଗି ଏହି ଶତାବ୍ଦୀର ଶେଷ ପର୍ଯ୍ୟାୟରେ ପରିକଳ୍ପନା କରାଗଲା । ବିଶିଷ୍ଟ ଚିନ୍ତାଶୀଳ ବ୍ୟକ୍ତିଙ୍କ ପ୍ରାଣକୁ ଅତୀତର ଉଦ୍‌ବୋଧନ ଆଲୋଡ଼ିତ କଲା । ସେମାନେ ଅନୁପ୍ରାଣିତ ହୋଇ ଅତୀତର ଇତିହାସ ଗାଥାକୁ ଖୋଜିବାରେ ମନୋନିବେଶ କଲେ । ସେହି ଉଦ୍ୟମ ଏପରି ରୂପ ନେଲା ଯେ, ତାହା ସାଂସ୍କୃତିକ, ସାମାଜିକ, ସାହିତ୍ୟ ଓ ବିପ୍ଳବ କ୍ଷେତ୍ରରେ ନୂଆ ଉନ୍ମାଦନା ଭରିଦେଲା ।

ଏହି ସମସ୍ତ ଭିତରେ କେବଳ ସଂସ୍କାରକ ବା ଦେଶସେବୀମାନେ ଯେ, ଅତୀତକୁ ଅନୁଧ୍ୟାନ କଲେ ତାହା ନୁହେଁ । ସାହିତ୍ୟିକମାନେ ମଧ୍ୟ ଅତୀତକୁ ଦୃଷ୍ଟି ଫେରାଇଲେ । କାରଣ, ଏହା ପୂର୍ବରୁ ଅତୀତ ପ୍ରତି ଏପରି ଅନୁରାଗୀ ହେବାର ସୁଯୋଗ ଆସି ନ ଥିଲା । କିପରି ବା ସୁଯୋଗ ଆସିବା ସମ୍ଭବପର ହେବ ?

ବର୍ଷ ବର୍ଷ ଧରି ଭାରତୀୟ ଜାତୀୟ ଜୀବନରେ ଯେଉଁ ଘାତ ପ୍ରତିଘାତ ଲାଗି ରହିଥିଲା, ତା'ର କ୍ଷତ ବିକ୍ଷତର ଯନ୍ତ୍ରଣାରେ ଦେଶ ଓ ଜାତି ବିବର୍ଣ୍ଣ ହୋଇ ପଡ଼ିଥିଲା । ଏ ଦେଶରୁ ଜଡ଼ତା ଦୂରୀଭୂତ ହୋଇ ମୁକ୍ତାଲୋକରେ ଆଲୋକିତ ହେବା ଏକ ବିଡ଼ମ୍ବନାର ବିଷୟ ହୋଇଥାଏ । କୁସଂସ୍କାରାଚ୍ଛନ୍ନ ଗୌରବମୟ ଭାରତ ଅବହେଳିତ ହୋଇ ପଡ଼ିଥିବାବେଳେ, କିଏ ବା କାହିଁକି ଏହାର ଇତିହାସ ଅନୁଧ୍ୟାନ କରିବ ! କିଏ ବା କିପରି ଅତୀତର ବଂଶୀସ୍ୱନକୁ ଶ୍ରବଣ ଲାଗି ନୂଆ କଳ୍ପନା କରିପାରିବ !

ସୁଦିନ ଆସିଲା । ଶୁଭ ସୂର୍ଯ୍ୟାଲୋକର ବାର୍ତ୍ତାରେ ନୀରସ ଭୂଇଁ ସରସ ହୋଇଗଲା । କେତେ ନୂଆ ନୂଆ ସ୍ୱପ୍ନର ବାସ୍ତବ ଗୀତିରେ ଦେଶ ମୁଖରିତ ହୋଇ

ଉଠିଲା । ଦେଶର କଳାକାର, ସମାଜସେବୀ, ସଂସ୍କାରକ ଓ ଚିନ୍ତାନାୟକମାନେ ପରମ୍ପରା ସଚେତନ ହେଲେ । ଦେଶକୁ ନୂଆ କରି ଗଠନ ଲାଗି ଦୃଢ଼ ମନୋବଳ ପୋଷଣ କଲେ ।

ଏହି ମୁହୂର୍ତ୍ତରେ ସାହିତ୍ୟରେ ମୂର୍ତ୍ତିମନ୍ତ ହୋଇ ଫୁଟି ଉଠିଲା ଅତୀତ ଇତିହାସର ଅନୁପମ ଐଶ୍ୱର୍ଯ୍ୟ । କଳା ଓ ଭାସ୍କର୍ଯ୍ୟରେ ପରମ୍ପରାର ଶାଶ୍ୱତ ସୌନ୍ଦର୍ଯ୍ୟ ରୂପାୟିତ ହେଲା । ପୁରାଣ ବର୍ଣ୍ଣିତ ଚରିତ୍ରମାନଙ୍କୁ ସାହିତ୍ୟ ରାଜ୍ୟରେ ଦେଖିବାକୁ ମିଳିଲା ।

କବି ଚିନ୍ତାମଣି, ପୁରାଣ ଆଡ଼କୁ ଦୃଷ୍ଟି ଫେରାଇ ଭାରତୀୟ ସଂସ୍କୃତିର ପ୍ରକୃତ ପ୍ରତିନିଧି ସ୍ଥାନୀୟ ଚରିତ୍ରମାନଙ୍କୁ ସାହିତ୍ୟରେ ସ୍ଥାନ ଦେଲେ । ଅନ୍ୟାନ୍ୟ କବିମାନଙ୍କ ସହ ସେ ଏ କ୍ଷେତ୍ରରେ ସମକକ୍ଷ ହୋଇ ପାରିଛନ୍ତି ବୋଲି କୁହାଯାଇପାରେ । ଇତିହାସର ଏକନିଷ୍ଠ ଉପାସକ ଭାବେ ସେ ଯେପରି ପୁରାଣ ସାହିତ୍ୟକୁ ଅନ୍ତର୍ଦୃଷ୍ଟି ନିକ୍ଷେପ କରି ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଆବିଷ୍କାର କରିପାରିଛନ୍ତି, ତାହା ଉଲ୍ଲେଖନୀୟ । ସେ ସେପରି ଗଭୀର ଭାବରେ ଚରିତ୍ରମାନଙ୍କୁ ନିରୀକ୍ଷଣ କରି ନଥିଲେ, ଚରିତ୍ରର ବାସ୍ତବ ପ୍ରୟୋଗ ସମ୍ଭବ ହୋଇ ନ ଥାଆନ୍ତା ।

ପୁରାଣର ବିଶିଷ୍ଟ ଚରିତ୍ର ଶ୍ରୀକୃଷ୍ଣ, ଅର୍ଜୁନ, ସୁଭଦ୍ରା, ରାମ, ଲକ୍ଷ୍ମଣ ଓ ଭୀଷ୍ମ ପ୍ରଭୃତିଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରିବା ହେଉଛି କବିଙ୍କର ପ୍ରଧାନ ଲକ୍ଷ୍ୟ । ଏହିମାନଙ୍କର ଆଦର୍ଶ ଚରିତରେ ଦେଶବାସୀ ଉଦ୍‌ବୁଦ୍ଧ ହେବା ଉଦ୍ଦେଶ୍ୟରେ କବି ସେମାନଙ୍କର ଚରିତ-ଗାଥା ଉଦ୍ଧାର କରିଛନ୍ତି । ଏ କ୍ଷେତ୍ରରେ କବିଙ୍କର 'ସୁଭଦ୍ରା', 'ଶିଶୁପାଳ ବଧ' ଓ 'ବିକ୍ରମାଦିତ୍ୟ' ପ୍ରଭୃତି ରଚନାକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

କବି ଅତୀତ ସନ୍ଧାନୀ ଭାବରେ ଅତୀତ ଗର୍ଭରୁ ଯେଉଁ ରତ୍ନ ସଂଗ୍ରହ କରିଛନ୍ତି ତାକୁ ଯତ୍ନରେ ଅତି ସଫଳତାର ସହ ପରୀକ୍ଷା କରିଛନ୍ତି । ତା'ର କାନ୍ତି, ତା'ର ଅନବଦ୍ୟ ଜୀବନଗାଥାର ଭୂୟସୀ ପ୍ରଶଂସା କରି, ଭାରତୀୟ ରୂପ ଚେତନାରେ କିପରି ତାହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଛି, ସେସବୁର ତନ୍ନତନ୍ନ ବ୍ୟାଖ୍ୟା କରିଥିଲେ ।

ମାନବରୂପୀ ଦେବତା ଶ୍ରୀକୃଷ୍ଣଙ୍କୁ କବି ଯେପରି ଭାବରେ ଅନୁଭବ କରିଥିଲେ, ସେପରି ଅନୁଭବୀର ହୃଦୟ ନେଇ ବିସ୍ମୟକର ଚରିତ୍ର ଶ୍ରୀକୃଷ୍ଣଙ୍କୁ ଅନ୍ୟ କେହି ଦୃଷ୍ଟି ଦେଇନାହାନ୍ତି । ମାନବର ଲୀଳା ଖେଳାର ରଙ୍ଗଭୂମିରେ ଦେବତାର ଆସନ ସୁପ୍ରତିଷ୍ଠିତ ହୋଇଛି । ଯୁଗେ ଯୁଗେ ପୂଜିତ ଶ୍ରୀକୃଷ୍ଣ ହେଉଛନ୍ତି ଦେବତ୍ୱ ଓ

ମାନବିକତା ସମନ୍ୱିତ ଚରିତ୍ରର ଜ୍ୱଳନ୍ତ ଦୃଷ୍ଟାନ୍ତ । ଭାରତୀୟ ଆତ୍ମବିକାଶରେ ଆଦର୍ଶ ଚରିତ୍ର ଶ୍ରୀକୃଷ୍ଣ ଜାଜ୍ୱଲ୍ୟମାନ । ଶ୍ରୀକୃଷ୍ଣ ବିଶ୍ୱ ଇତିହାସରେ ଏକ ସ୍ୱତନ୍ତ୍ର ଚରିତ୍ର, ବିରୋଧାଭାସ । ମର୍ତ୍ତ୍ୟର ମାନବ ଓ ସ୍ୱର୍ଗର ଦେବତା—ଦୁହିଁଙ୍କର ଦୂରତ୍ୱ ଅକଳନ ଏବଂ ପାର୍ଥକ୍ୟ ଅତୁଳନୀୟ; କିନ୍ତୁ ଶ୍ରୀକୃଷ୍ଣ ଏହି ଦୂରତ୍ୱକୁ ନିକଟତର କରି ପରସ୍ପରର ବିରୋଧୀ—ଆଦର୍ଶର ସମନ୍ୱୟ ପ୍ରତିଷ୍ଠା କରିଥିଲେ ।

କବିଶେଖର ଆଦର୍ଶ ଚରିତ୍ର ଶ୍ରୀକୃଷ୍ଣଙ୍କୁ କେତେକ ରଚନାରେ ସ୍ଥାନ ଦେଇ, ଚରିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ପ୍ରତିପାଦିତ ଚରିତ୍ର ମାଧ୍ୟମରେ ତାଙ୍କ କାବ୍ୟ ସୃଷ୍ଟିର ଆଦର୍ଶ ଓ ଆଭିମୁଖ୍ୟ ସାର୍ଥକତା ଲାଭ କରିଛି । ଶ୍ରୀକୃଷ୍ଣ ଉଦାର, ଧୈର୍ଯ୍ୟ, ସାହସ ଓ ଗାମ୍ଭୀର୍ଯ୍ୟର ପ୍ରତୀକ ଭାବରେ ଯେଉଁ ଅମିତ ପରାକ୍ରମ ପ୍ରଦର୍ଶନ କରିଛନ୍ତି, ତାହା କବି ଲେଖନୀରେ ଜୀବନ୍ତ ଭାବରେ ରୂପାୟିତ ହୋଇଛି ।

ଅର୍ଜ୍ଜୁନ, ପୁରାଣର ଏକ ସ୍ମରଣୀୟ ଚରିତ୍ର । ଏହି ଚରିତ୍ରରେ ମାନବିକତାର ପୂର୍ଣ୍ଣାଙ୍ଗ ସ୍ୱରୂପ ପ୍ରକାଶ ପାଇଛି । ଅର୍ଜ୍ଜୁନ ବହୁ ଗୁଣରେ ଭୂଷିତ । ସେ ଏକାଧାରରେ ଜଣେ ଆତ୍ମନିଷ୍ଠ ପୁରୁଷ, ଭ୍ରାତୃଭକ୍ତିର ଜ୍ୱଳନ୍ତ ଉଦାହରଣ ଓ ନିଷ୍ଠାପର ସାହସୀ ଯୋଦ୍ଧା ଭାବରେ ପୁରାଣ ମଣ୍ଡନ କରିଥାଆନ୍ତି । ସେ ଯୋଦ୍ଧା ସତ—କିନ୍ତୁ ତାଙ୍କ ପରି ଶାନ୍ତିପ୍ରିୟ ଓ କ୍ଷମାଶୀଳ ଯୋଦ୍ଧା ବୋଧହୁଏ ବିରଳ ।

କବି ଚନ୍ଦ୍ରମଣି ଯେତେବେଳେ ଶ୍ରୀକୃଷ୍ଣ ଚରିତ୍ରକୁ ତାଙ୍କ କାବ୍ୟ ରଚନା ଲାଗି ଗ୍ରହଣ କରିଛନ୍ତି, ଠିକ୍ ସେହିପରି ଅନ୍ୟ ଏକ ବିସ୍ମୟକର ସାଧନାପ୍ରିୟ ଚରିତ୍ର ଅର୍ଜ୍ଜୁନଙ୍କୁ ମଧ୍ୟ କାବ୍ୟ ଜଗତକୁ ସ୍ୱାଗତ ଜଣାଇଛନ୍ତି । ମହାଭାରତକୁ ସୂକ୍ଷ୍ମଭାବରେ ବିଶ୍ଳେଷଣ କଲେ, ଏ ସତ୍ୟ ଆମ ସମ୍ମୁଖରେ ଉଦ୍‌ଭାସିତ ହୁଏ—ବିସ୍ମୟକର ଚରିତ୍ର ଅର୍ଜ୍ଜୁନ ହେଉଛନ୍ତି ଆଦର୍ଶବାଦୀ ଶ୍ରୀକୃଷ୍ଣଙ୍କ ପରବର୍ତ୍ତୀ ଅନ୍ୟ ଏକ ଆଦର୍ଶ ଚରିତ୍ର । ଶ୍ରୀକୃଷ୍ଣ ହିଁ କେବଳ ଅର୍ଜ୍ଜୁନଙ୍କ ସହ ତୁଳନୀୟ ହୋଇପାରନ୍ତି, କିନ୍ତୁ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅର୍ଜ୍ଜୁନଙ୍କୁ ଅନ୍ୟ କାହା ସହିତ ବା ତୁଳନା କରାଯାଇ ପାରିବ ! ମହାଭାରତ ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ପରେ, ବିଚିତ୍ର ଓ ବହୁଗୁଣରେ ଭୂଷିତ ଅର୍ଜ୍ଜୁନ ଚରିତ୍ର ହିଁ ଆମକୁ ଆକୃଷ୍ଟ କରେ ।

ଅନ୍ୟ ଏକ ଚରିତ୍ର ସୁଭଦ୍ରା ହେଉଛନ୍ତି ଦୟାବତୀ, ସେବିକା ଓ ସାରଥିନୀ । ସକଳ ଜୀବନ ଲାଗି ତାଙ୍କର ଅଶେଷ ଦୟା ଭରି ରହିଥିଲା । ମାନବ ସମାଜର ଦୁର୍ଘଟଣା ତାଙ୍କୁ ବିଚଳିତ କରେ । ସମାଜର ଯନ୍ତ୍ରଣା ଦୂର ଲାଗି ବ୍ୟଥିତା ହୁଅନ୍ତି । ଏତେ ଦୟା ଓ ସରଳତାର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ମଧ୍ୟ, ଘଟଣାକ୍ରମେ ଯୋଦ୍ଧା ଅର୍ଜ୍ଜୁନଙ୍କ ରଥର ସେ ଚାଳିକା ଆସନ ଗ୍ରହଣ କରିଛନ୍ତି । ସେ ପୁଣି ଅବଶେଷରେ ସନ୍ନ୍ୟାସିନୀ ବ୍ରତରେ ଦୀକ୍ଷିତା ହୋଇ, ଚରିତ୍ରକୁ ଅଧିକ ଆଦର୍ଶ ମୁଖର କରନ୍ତି ।

ଦିନେ ଭାରତବର୍ଷ ପୌରାଣିକ ଯୁଗରେ ଗୌରବର ଉତ୍ତୁଙ୍ଗ ଶିଖରରେ ପଦାର୍ପଣ କରିଥିଲା । ତା'ର ମହିମାମୟ ଇତିହାସ ଓ ଆଦର୍ଶ ଗୁଣାବଳୀ ବିଶ୍ୱକୁ ଉଦ୍ଭାସିତ କରିପାରି ଥିଲା । ସେଯୁଗର ଚରିତ୍ରମାନେ ଆମର ଜାତୀୟ ଜୀବନକୁ ବହୁଭାବରେ ପ୍ରଭାବିତ କରିଯାଇଛନ୍ତି । ସେମାନଙ୍କ ଚରିତର ଆଦର୍ଶବାଣୀ ଯୁଗେ ଯୁଗେ ମାନବ-ସମାଜକୁ ଅନୁପ୍ରାଣିତ କରୁଥିବ; କିନ୍ତୁ ଆଜି ଯୁଗରେ ସେହି ବାଣୀ ପ୍ରତି ମାନବ ସମାଜର କ୍ରମେ ଅବହେଳା ପ୍ରଦର୍ଶିତ ହେଉଥିବା ମନେ ହେଉଛି । ଏହା ଜାତୀୟ ଜୀବନ ପକ୍ଷେ କ୍ଷତିକାରକ । କବି ଚନ୍ଦ୍ରାମଣି ଭଲ ଭାବରେ ଏହାର ସତ୍ୟତାକୁ ହୃଦୟଙ୍ଗମ କରିଥିଲେ । ତେଣୁ ପ୍ରାଚୀନ ଚରିତ୍ରମାନଙ୍କୁ ଜନଜୀବନରେ ଉପସ୍ଥାପନ କରି ଆଦର୍ଶ ପରମ୍ପରା ସୃଷ୍ଟି ଲାଗି ସେ ପରିକଳ୍ପନା କରିଛନ୍ତି ।

ଚଳି ଆସିଥିବା ନୀତି ନିୟମକୁ କବି ସହଜରେ ଗ୍ରହଣ କରିପାରୁ ନ ଥିଲେ । ଏହାର ସତ୍ୟତା ଓ ଯଥାର୍ଥତା ବୁଝିଲା ପରେ, ସେ ସମାଜରେ ଚଳି ଆସିଥିବା ଧାରାକୁ ସ୍ୱୀକାର କରନ୍ତି । ଧର୍ମର ଦ୍ୱାହି ଦେଇ ସମାଜରେ ଯେଉଁ ଅନ୍ୟାୟ ରୀତି ନୀତି ଦେଖାଯାଏ, କିମ୍ବା ନୀତି ଓ ପରମ୍ପରାକୁ ସାକ୍ଷୀ ରଖି ଯେପରି ଦୁର୍ନୀତି କାର୍ଯ୍ୟ ବିସ୍ତାର କରେ, ତାକୁ ସେ ସହ୍ୟ କରିପାରନ୍ତି ନାହିଁ । ସାଂପ୍ରଦାୟିକ ମନୋଭାବକୁ ପସନ୍ଦ କରୁ ନ ଥିଲେ । ଏ ଦିଗରେ କବିଙ୍କ 'ବିକ୍ରମାଦିତ୍ୟ' କାବ୍ୟ ଜ୍ୱଳନ୍ତ ଦୃଷ୍ଟାନ୍ତ । କାବ୍ୟର ନାୟକ ବିକ୍ରମାଦିତ୍ୟଙ୍କ ମୁଖରେ କବି ତାଙ୍କ ମନୋଭାବ ଓ ଆଦର୍ଶ ଶୁଣାଇଛନ୍ତି ।

ଭାରତର ବିଗତ ଗୌରବ ଗାନରେ କବି ଶତମୁଖ ହୋଇ ଉଠିଛନ୍ତି । ତା'ର ପ୍ରଶଂସା କରିବା ଦିଗରେ ସେ ଆଦୌ ପଶ୍ଚାତ୍ପଦ ହୋଇ ନ ଥିଲେ; ମାତ୍ର କବି ଚନ୍ଦ୍ରାମଣି ପ୍ରଶଂସା ସମସ୍ତରେ ଅତ୍ୟଧିକ ଭାବ ପ୍ରବଣତା ଲାଗି କେତେକ ସ୍ଥଳରେ ସମାଲୋଚିତ ହୋଇଥାନ୍ତି । ଭାବ ପ୍ରବଣତାକୁ ନିୟନ୍ତ୍ରଣ କରିବା ଯେକୌଣସି ଶିଳ୍ପୀ ପକ୍ଷରେ ଅତ୍ୟନ୍ତ ଆବଶ୍ୟକ । ବାସ୍ତବତା ହେଉ କିମ୍ବା କଳ୍ପନା ହେଉ, ଯାହା ଶିଳ୍ପର ବିଷୟବସ୍ତୁ ହେଉନା କାହିଁକି, ଅତ୍ୟଧିକ ଭାବପ୍ରବଣତା କେବେ ସାର୍ଥକ ଶିଳ୍ପ-ନୈପୁଣ୍ୟ ଲାଗି ସହାୟତା କରେନାହିଁ ।

# ଅନନ୍ୟ ଏକ ସ୍ୱର ସ୍ୱାକ୍ଷର : ପତ୍ର ଓ 'ଜୀବନ ପଞ୍ଜିକା'

କବି ସ୍ନେହର ମଣିଷ । ସ୍ନେହ ଲାଗି ସେ ବ୍ୟାକୁଳ । ସ୍ନେହୀ ବନ୍ଧୁ ଲାଗି ପ୍ରାଣ ତା'ର ଅଧୀର । ଏହି ସ୍ନେହ ଦିଆନିଆ ଭିତରେ ଯେଉଁ ଜଗତଟି ନିର୍ମାଣ କରେ, ତାହା ହିଁ ହୁଏ ତା' ଲାଗି ଅତ୍ୟନ୍ତ ଆପଣାର । ସ୍ନେହ ଠିକଣାରୁ ତାକୁ କେହି ବଞ୍ଚିତ କଲେ କବି ଅଭିମାନ କରେ । ନେଣଦେଣ ଦୁନିଆରେ ସେ ଏକ ବ୍ୟତିକ୍ରମ—ଏକ ବିରୋଧାଭାସ ।

ସାଧାରଣ ଜଗତରେ ମଣିଷ ଅର୍ଥ ଲାଳସାର ବଶବର୍ତ୍ତୀ ହୁଏ । ଏହି ଅର୍ଥ ପାଇଁ ପାଗଳ ହୁଏ । ଆଶାତୀତର ସୁଯୋଗ ନ ମିଳିଲେ ମଣିଷ ହତାଶ ହୁଏ---ଅବସୋସ କରେ; ମାତ୍ର କବିଟିଏ, ସେ ଭିନ୍ନ ଭାବରେ ଏସବୁକୁ ବିଚାର କରେ । ଅର୍ଥର ମୋହ ତାକୁ ଯେତିକି ବାନ୍ଧି ନପାରେ, ଆନ୍ତରିକତା, ଶ୍ରଦ୍ଧା ଓ ମମତାର ବନ୍ଧନ ତା'ଠୁଁ ଅଧିକ ଭାବରେ କବିକୁ ବାନ୍ଧି ରଖେ ।

ସେଥିପାଇଁ ସେ ସମଧର୍ମୀ ଖୋଜେ । ତାହାର ପାଖରେ ନିଜକୁ ଖୋଲିଦିଏ । ପ୍ରାଣ ସହ ପ୍ରାଣକୁ ମିଶାଇ ଦେଇ ନିଜ ଆତ୍ମ-ଗୀତଗୁଡ଼ିକ ଗାଇବସେ । ସେଥିରେ ତା'ର ପରମ ତୃପ୍ତି ଓ ଆନନ୍ଦ ।

କବିଶେଖର ଚିନ୍ତାମଣି ଦୁର୍ଭାଗ୍ୟ ଜୀବନଯାପନ କରୁଥିବା ବେଳେ କେତେ ଆଘାତ ପାଇଛନ୍ତି । ସାମାଜିକ ଜୀବନପଥରେ ସେ କେତେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି, ଆହତ ଆତ୍ମାରୁ ଅଶ୍ରୁ ବୁହାଇଛନ୍ତି—ସବୁକୁ ନିଜ ହୃଦୟ ଭିତରେ ଗୁମ୍ପି ରଖିଛନ୍ତି । ଅନ୍ୟ କାହା ପାଖରେ ପ୍ରକାଶ କଲେ ହୁଏତ ଅଧିକ ଆଘାତ ଆସିପାରେ । ଦୁଃଖ ଲାଗି ସମବେଦନା ମିଳି ନପାରେ, ଏହି ଆଶଙ୍କାରେ ସମସ୍ତଙ୍କୁ ଗୋପନ ଦୁଃଖ ନ ଶୁଣାଇ କହିଛନ୍ତି ସମଧର୍ମୀ ପାଖରେ । ଆଶା, ସ୍ନେହ, ଶ୍ରଦ୍ଧା ଓ

ମମତା ଟିକିଏ ମିଳିବ । ନିଜ ଚିନ୍ତାଧାରାକୁ ସମଧର୍ମୀ ବିନା କିଏ ବା ମମତାଭରା ହୃଦୟରେ ବିସ୍ତାର କରିବ ! ଅନ୍ୟ ସମସ୍ତେ ବିଦ୍ରୂପର ଉପାସକ, ସମବେଦନାର ଧାରା ଝରିବ କେଉଁଠୁ ! ହାର୍ଦ୍ଦିକତାପୂର୍ଣ୍ଣ ବ'ଧାଢ଼ି କିଏ କହି କବିଙ୍କ ହୃଦୟାକାଶରୁ ଦୁଃଖ ବାଦଲ ଦୂର କରିବ ! କେବଳ ହୃଦୟବାନ୍ ପକ୍ଷେ ସିନା ଏତକ ସମ୍ଭବ ।

କବି ଚିନ୍ତାମଣି ଜୀବନର ଦୁଃଖ ଲାଘବ ପାଇଁ ତତ୍କାଳୀନ ହୃଦୟବାନ୍ ସାହିତ୍ୟିକଙ୍କ ପାଖକୁ ପତ୍ର ଲେଖୁଥିଲେ, ଏବଂ ସେ ଶ୍ରଦ୍ଧାପୂର୍ଣ୍ଣ ପତ୍ର ପାଉଥିଲେ । ସେହି ପତ୍ରାଳାପରେ ମହାନୁଭବତା ଫୁଟି ଉଠେ । କବି ରାଧାନାଥ ରାୟଙ୍କ ପୁତ୍ର ବିଶିଷ୍ଟ ଗଦ୍ୟକାର ସ୍ୱର୍ଗତ ଶଶିଭୂଷଣ ରାୟ କବିଶେଖର ଚିନ୍ତାମଣିଙ୍କ ପାଖକୁ ଲେଖିଥିବା ସ୍ନେହଭରା ପତ୍ର ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

କାଳୀଗଳି, କଟକ
୧୭ । ୩ । ୧୭

ପରମ ପ୍ରେମାସ୍ପଦେଷୁ,

କନ୍ୟା ବିବାହର ବ୍ୟସ୍ତତା ଓ ଅସ୍ଥିରତା ମୋତେ ଏପର୍ଯ୍ୟନ୍ତ ପରିତ୍ୟାଗ କରିନାହିଁ । ଆହୁରି ପ୍ରାୟ ୧୫।୨୦ ଦିନ ବ୍ୟସ୍ତତାରେ କଟିବ ।

ଗତକାଲି ସୁଦାମ ବାବୁଙ୍କ ନିକଟରେ ଆପଣଙ୍କ ପତ୍ର ଦେଖି ନିତାନ୍ତ ବିଷଣ୍ଣ ହେଲି । ଆପଣ ପୁଣି ଲେଖିବେ, କିନ୍ତୁ ପ୍ରକାଶ କରିବାର ଉଦ୍ୟୋଗ କରିବେ ନାହିଁ । ଏହା କେଉଁ ପ୍ରକାର କଥା ? ଆପଣଙ୍କ ରଚନା ପାଠକଲା ବେଳକୁ ହୃଦୟ ତନ୍ମୟ ହୁଏ—ହୃଦୟର ନିଭୃତତମ ପ୍ରଦେଶ ଆବେଗରେ ଉଲ୍ଲସିତ ହୋଇଥାଏ । ମୋହର ପରମାରାଧ୍ୟ ପିତୃଦେବଙ୍କ କବିତା ଉତ୍ତାରୁ କେବଳ ଆପଣଙ୍କ କାବ୍ୟମାଳା ହିଁ ଆସ୍ୱାଦନ କରିବାକୁ ଆମ୍ଭେମାନେ ଐକାନ୍ତିକ ସ୍ପୃହା ପୋଷଣ କରିଥାଉଁ । ଏଭଳି ଅବସ୍ଥାରେ ଜଣ କେତେକ ଲୋକଙ୍କ ଅସାର କଥାରେ ଯାଏ ଆସେ କ'ଣ ?

ଆପଣ ବୋଧହୁଏ ଜାଣନ୍ତି, କବି ସେକ୍ସପିଅରଙ୍କ ରଚନା ପ୍ରକାଶ ହେଲା ମାତ୍ରେ ଏକ ଆଡ଼ରୁ ଦଶ ହଜାର ଲୋକ ପ୍ରଶଂସା କରୁଥିଲେ । ଅପରଆଡ଼େ ଦଶ ହଜାର ଲୋକ ଗାଳି ଦେଉଥିଲେ । ଏସବୁ ଗାଳିରେ କର୍ଣ୍ଣପାତ କରିବା ଉଚିତ୍ କି ?

ଆପଣ ଶରୀରରେ ଦାରିଦ୍ର୍ୟକ୍ଳିଷ୍ଟ ହୋଇ ଉତ୍କଳର ଯାହା କରୁଅଛନ୍ତି, ଉତ୍କଳ ଆପଣଙ୍କର ଋଣ ପ୍ରକୃତ ଭାବରେ ପରିଶୋଧ କରିପାରିବ ଏ ଆଶା କରନ୍ତି କି ? ଆପଣ ଆପଣଙ୍କର ପ୍ରକୃତ କାର୍ଯ୍ୟ କରିଯାଆନ୍ତୁ । ଅନ୍ୟ ଲୋକଙ୍କ କଥାରେ କର୍ଣ୍ଣପାତ

କରିବେ ନାହିଁ । କେବଳ ଏତିକି ପତ୍ରରେ କଟକବାସୀ ୨।୩ ଜଣ କିଏ ? ରାଜଶକ୍ତି ପଶ୍ଚାତ୍‌ରେ ପ୍ରଚ୍ଛନ୍ନ ରହିଛନ୍ତି । ଏଭଳି ଲୋକ କିଏ ? ଦୟାକରି ସ୍ପଷ୍ଟ ଲେଖିବେ, କେବଳ ସେତିକି ଶୁଣିବାକୁ ଐକାନ୍ତିକ ଆଗ୍ରହ କରିବା ସ୍ୱାଭାବିକ ।

ଆଶାକରେ ଏ ପତ୍ର ଆପଣଙ୍କୁ କୁଶଳରେ ଅଭିନନ୍ଦନ କରିବ । ସ୍ୱାସ୍ଥ୍ୟ ଆପଣଙ୍କର ଚିରକାଳ ସମାନ । ତେବେ ସୌଜନ୍ୟ ଓ ଶିଷ୍ଟାଚାର ଅନୁରୋଧରେ ଲେଖିଲି କ୍ଷମା କରିବେ ।

ସ୍ନେହ ସୌଜନ୍ୟ ମୁଗ୍ଧ
ଶଶିଭୂଷଣ

ଏହି ପତ୍ରଟିରେ ଜଣେ ଦରଦୀ ସାହିତ୍ୟିକଙ୍କ ଦରଦ, ଉତ୍ସାହ ଓ ସମବେଦନା କିପରି ପ୍ରକାଶ ପାଇଛି, ତାହା ସହଜରେ ଲକ୍ଷ୍ୟ କରାଯାଇପାରେ । ଜଣେ ସାହିତ୍ୟ-ସାଧକର ହୃଦୟକୁ କେଉଁ ବ୍ୟଥା, କେଉଁ ସ୍ୱର ସ୍ପର୍ଶ କରିପାରିବ ଏବଂ ତାହା ପାଇଁ ସହାନୁଭୂତିର ବାଣୀ କିପରି ଦେଇହେବ, ଏହା କେବଳ ସାହିତ୍ୟିକ ହିଁ ବିଚାର କରିପାରେ । ପତ୍ରଟିରେ କେତେ ଆନ୍ତରିକତା ଓ ହୃଦୟ ଦିଆନିଆର ଭାବ ପରିସ୍ଫୁଟ ହୋଇଛି ତାହା ଜଣେ ହୃଦୟବାନ ମନୀଷୀ ବ୍ୟତୀତ ଆଉ କିଏ ବା ଅନୁଭବ କରିପାରିବ !

ସେତେବେଳେ ସାହିତ୍ୟ ସାଧନା ଲାଗି ଭିନ୍ନ ପରିବେଶ ଥିଲା । ସୃଷ୍ଟି ପାଇଁ ହୃଦୟ ମିଳୁଥିଲା । ସେହି ହୃଦୟ ହିଁ ପ୍ରେରଣାର ଉତ୍ସ । ଜଣେ ସାହିତ୍ୟରସିକ କାବ୍ୟ ଖଣ୍ଡିଏ ଅଧ୍ୟୟନ କରି ପ୍ରୀତ ହେଉ କି ନହେଉ, ସେ ତା'ର ମତାମତ କାବ୍ୟକାରଙ୍କୁ ଜଣାଇବା ଲାଗି କୁଣ୍ଠା ପ୍ରକାଶ କରୁ ନଥିଲା । ସୃଷ୍ଟି ସମ୍ବନ୍ଧରେ ଦି'ଧାଡ଼ି ପାଇ ସ୍ରଷ୍ଟା ତୃପ୍ତ ହୁଏ । କବି ଚନ୍ଦ୍ରମଣିଙ୍କ ବିକ୍ରମାଦିତ୍ୟ କାବ୍ୟ ପାଠକରି କଳାପ୍ରେମୀ ମଧୁସୂଦନ ଦାଶ ଲେଖିଥିଲେ—

ପ୍ରିୟ ଚନ୍ଦ୍ରମଣି ବାବୁ,

ଆପଣଙ୍କ ବିରଚିତ 'ବିକ୍ରମାଦିତ୍ୟ' କାବ୍ୟ ଆମୂଳ ପାଠକରି ପରିତୋଷ ଲାଭ କରିଅଛୁ ଏବଂ ସେଥିନିମନ୍ତେ ଆପଣଙ୍କୁ ମୋର କୃତଜ୍ଞତା ଜଣାଉଅଛୁ । ଐତିହାସିକ ଭିତ୍ତି ଉପରେ କଳ୍ପନା ଇଷ୍ଟକରେ ଆପଣ ଏକ ରୁଚିର ସୌଧ ନିର୍ମାଣ କରିଅଛନ୍ତି । ଏହାର ଗାନ୍ଥଣି ମସଲା ଏବଂ ପଳସ୍ତରା ଉଭୟରେ ଜ୍ୱଳନ୍ତ ସ୍ୱଦେଶ

ପ୍ରେମର ମାତ୍ରା ଅଧିକ । ତେଣୁ ଇଷ୍ଟକ ଖଣ୍ଡଗୁଡ଼ିକ ଯେପରି ଘନ ସନ୍ନିବଦ୍ଧ, ସୌଧର ବହିର୍ଭାଗ ମଧ୍ୟ ସେହିପରି ସମୁଜ୍ଜ୍ୱଳ ହୋଇଅଛି । ଇଷ୍ଟକ ବାଲୁକାମୟ ହେଲେ ସଚ୍ଛିଦ୍ର ହେବା ସ୍ୱାଭାବିକ । ତେଣୁ ଛିଦ୍ରାନ୍ୱେଷୀମାନେ ଆପଣଙ୍କର ବ୍ରାହ୍ମଣ ଓ ବ୍ରାହ୍ମଣ୍ୟଧର୍ମର ନିନ୍ଦାବାଦରୁ ଆରମ୍ଭ କରି ବ୍ୟକ୍ତିଗତ ସ୍ତୁତି ପ୍ରଭୃତିର ମଧ୍ୟ ଦେଇ ସୌଧ ମଧ୍ୟରେ ପ୍ରବେଶ ଲାଭ କରି ତନ୍ମଧ୍ୟର କ୍ଷତିସାଧନ କରିପାରନ୍ତି । ସ୍ୱତଃ ଏହି ଆଶଙ୍କା ଜାତ ହେବାରୁ ଆପଣଙ୍କୁ ଜଣାଇଲି କ୍ଷମା କରିବେ । ନୋଚେତ୍ ଏହି ସୌଧ ନିର୍ମାଣଦ୍ୱାରା ଆପଣଙ୍କ କବିତ୍ୱର ବିବର୍ତ୍ତନ ସୁସ୍ପଷ୍ଟ ହୋଇଅଛି ଏବଂ ଅନେକରେ ଆପଣ ଧନେ ଆପଣଙ୍କ ଆଦର୍ଶକୁ ବଳିଯିବେ ।

ମୋର ବିଶ୍ୱାସ ଏହି କାବ୍ୟ ଖଣ୍ଡିକ ବି. ଏ. ଶ୍ରେଣୀର ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହେଲେ ଛାତ୍ରମାନଙ୍କୁ ଉପଯୁକ୍ତ ସମାଲୋଚନା ଶିକ୍ଷାଦେବାର କ୍ଷେତ୍ର ମିଳିବ ଏବଂ ସେମାନେ ଗୋଟିଏ ସୁନ୍ଦର ଏବଂ ରୁଚିକର ଶୈଳୀ ସହି ପରିଚିତ ହେବେ ।

ଇତି

ଆପଣଙ୍କର

ମଧୁସୂଦନ ଦାଶ

ଏହି ପତ୍ରଟି ପାଠ କଲାପରେ, ଜଣେ ପ୍ରକୃତ ସାରସ୍ୱତ ପ୍ରେମୀଙ୍କର ମନଖୋଲା ଭାବ ପରିଷ୍କାର ଭାବେ ଅନୁଭୂତ ହେଉଛି । ଯେଉଁ ଆଶଙ୍କା ତାଙ୍କ ମନରେ ଜାତ ହୋଇଛି, ସେ ସ୍ପଷ୍ଟକରି ପ୍ରକାଶ କରିବାରେ କୁଣ୍ଠାବୋଧ କରିନାହାନ୍ତି । ଏହିଠାରେ ସହୃଦୟତା ଓ ବ୍ୟକ୍ତିତ୍ୱର ପରିଚୟ ମିଳେ । ସୃଷ୍ଟି ପାଇଁ ଅଭିନନ୍ଦନ ଦେଇଛି । ଛିଦ୍ର ଅନ୍ୱେଷଣକାରୀ ନିନ୍ଦୁକମାନଙ୍କ ଉଦ୍ଦେଶ୍ୟରେ ସ୍ରଷ୍ଟାଙ୍କୁ ସତର୍କବାଣୀ ଶୁଣାଯାଇଛି । ବିନୟତା ହ୍ରାସ ପାଇନାହିଁ । କଳାପ୍ରୀତିର ଆବେଗ ଓ ବିସ୍ମୟ ସ୍ପଷ୍ଟତର ହୋଇଉଠିଛି ।

ଦୀର୍ଘ ମନ୍ତବ୍ୟ ନଦେଇ ପତ୍ରେ, କ୍ଷୁଦ୍ର ପରିସର ଭିତରେ ଆନ୍ତରିକତା ପ୍ରକାଶ ପାଇପାରେ । ପ୍ରେମୀ କେବଳ ପ୍ରେମକୁ ଚିହ୍ନେ—ପ୍ରେମିକକୁ ଦେଖି ପ୍ରେମୀ ଉଲ୍ଲସିତ ହୋଇଉଠେ । ଯେତେବେଳେ 'ବିଦଗ୍ଧମାଧବୀ' ପ୍ରକାଶ ପାଉଛି, ସେତେବେଳେ ପଣ୍ଡିତ ନୀଳକଣ୍ଠ ଦାସ ସତ୍ୟବାଦୀରେ । ନୂଆ ଭାବରେ କାବ୍ୟଟି ପ୍ରକାଶ ପାଇଥିବାରୁ ଅତ୍ୟନ୍ତ ଆଗ୍ରହ ଓ ଆନନ୍ଦରେ ସେ ତାହା ଅଧ୍ୟୟନ କଲେ, ଏବଂ କବିଙ୍କୁ କାବ୍ୟ ସମ୍ବନ୍ଧରେ ଦି'ପଦ ଜଣାଇବା ଯେପରି ମୌଳିକ କର୍ତ୍ତବ୍ୟ ସେ ମନେ କଲେ । ଏଥିରେ ପତ୍ର ଲେଖି ଗୌରବ ଅର୍ଜନର ଲାଳସା ନାହିଁ—କୃତଜ୍ଞ ଓ ଜ୍ଞାନୀର ନମ୍ରତା ପ୍ରକଟିତ ।

ସତ୍ୟବାଦୀ
ତୁଳା ୨୮ ଦିନ ୧୩୨୯ ସାଲ
ଗୁରୁବାର

ଶ୍ରଦ୍ଧେୟ କବିବରେଷୁ,

ଆପଣଙ୍କ ନବ ପ୍ରକାଶିତ 'ବିକମାଦିତ୍ୟ' ପାଇଲି । ସେଥିପାଇଁ ମୋର ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଗ୍ରହଣ କରିବେ ।

ମୋ'ପରି ଲୋକର ଆପଣ ଏ ସୁପ୍ରତିଷ୍ଠିତ ଲେଖନୀ ସମ୍ବନ୍ଧରେ କିଛି କହିବା ଅନାବଶ୍ୟକ । ପୁସ୍ତକଟିର ସୁନ୍ଦର ଛାପା ଓ ବନ୍ଧାଇ ଦେଖି ବଡ଼ ସୁଖୀ ହେଲି । ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ । ଉତ୍କଳ ଜନନୀର ଆଶା ପୂର୍ଣ୍ଣ ହେଉ ।

ସ୍ନେହାଧୀନ
ନୀଳକଣ୍ଠ ଦାସ

ସତ୍ୟବାଦୀରୁ ପଣ୍ଡିତ ଗୋଦାବରୀଶ ମିଶ୍ର କବିଙ୍କ ରଚିତ 'ମହୋଦଧି' କାବ୍ୟ ପାଠରେ ମୁଗ୍ଧ ହୋଇ ଯେଉଁ ପତ୍ର ଖଣ୍ଡିଏ ଲେଖିଥିଲେ, ସେଥିରେ ସେ ଚନ୍ଦ୍ରମଣିଙ୍କ ସାହିତ୍ୟ ସାଧନାକୁ କେବଳ ଅଭିନନ୍ଦନ ଜଣାଇ ନାହାନ୍ତି, ସେଥିରେ ଜଣେ କବି ଲାଗି କି ଭଳି ଜଣେ ସାହିତ୍ୟରସିକ ବ୍ୟାକୁଳ ତାହା ପ୍ରମାଣିତ ହୁଏ । ସେତେବେଳକୁ କବିଶେଖର ଚନ୍ଦ୍ରମଣି ରୋଗଶଯ୍ୟାରେ । ଏ ଅସୁସ୍ଥତା ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶ ପାଇଥାଏ । ପଣ୍ଡିତ ମିଶ୍ର ସାଧକଙ୍କ ଆରୋଗ୍ୟ କାମନା କରି ଲେଖନ୍ତି—

ସତ୍ୟବାଦୀ
୩ । ୬ । ୧୮

ଶ୍ରୀମନ ମହାଶୟ,

ଆପଣଙ୍କ ପ୍ରେରିତ 'ମହୋଦଧି' ଆଜି ପାଇ ପଢ଼ିଲି । ପୁସ୍ତକର ମହତ୍ତ୍ୱ ବିଷୟରେ କହିବାର ବିସ୍ତର ଅଛି; କିନ୍ତୁ ଆପଣଙ୍କ ଲେଖାର ଲେଖକ ଓ ସାହିତ୍ୟ ନିଷ୍ଠାକୁ ପଦେଅଧେ କହି ପ୍ରଶଂସା କରିବା ମୋ' ପକ୍ଷରେ ସମୀଚୀନ ହେବନାହିଁ । ଯୋଗ୍ୟର ପ୍ରଶଂସା ଯୋଗ୍ୟରେ କରିବାର କଥା ।

କାଗଜରେ ଦେଖିଲି ଅସୁସ୍ଥ ଥିଲେ ଏବଂ ଆରୋଗ୍ୟ ଲାଭ କରୁଅଛନ୍ତି । ଆଶାକରେ ଏ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହେବେଣି ।

ଆପଣଙ୍କର
ଗୋଦାବରୀଶ ମିଶ୍ର

ଏହି ପତ୍ରରୁ ତତ୍କାଳୀନ ସାହିତ୍ୟ ସାଧକଙ୍କ ନିଷ୍ଠା ଓ ବିଚାରବୁଦ୍ଧିର ପରିଚୟ ମିଳେ । ଯୋଗ୍ୟକୁ ଉପଯୁକ୍ତ ସମ୍ମାନ ଦେବାଲାଗି ସାହିତ୍ୟଜଗତ କିପରି ସଙ୍କଳ୍ପବଦ୍ଧ ହୁଏ, ଏହା ତା'ର ସୂଚନା । ଦାୟିତ୍ୱହୀନ ମନ୍ତବ୍ୟ ସାହିତ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ଯଥାର୍ଥ, ନିରପେକ୍ଷ ସମାଲୋଚନା ସ୍ରଷ୍ଟାକୁ ଅଧିକ ନିଷ୍ଠାପର କରାଏ, ଏହା ଥିଲା ସେତେବେଳର ବିଚାରବୋଧ । ସେଥିପାଇଁ ଅଧ୍ୟୟନ ଓ ଗମ୍ଭୀର ବିଶ୍ଳେଷଣ ବିନା କୌଣସି ସୃଷ୍ଟିର ମୂଲ୍ୟାଙ୍କନ କରାଯାଏ ନାହିଁ । ମାତ୍ର ଆଜି ଏହାର ବ୍ୟତିକ୍ରମ । ଦାୟିତ୍ୱହୀନ ମନ୍ତବ୍ୟ ଓ ତୁଚ୍ଛା ପ୍ରଶଂସା ଯେପରି ଆମର ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ସାହିତ୍ୟ କ୍ଷେତ୍ରରେ ଏପରି ମନୋବୃତ୍ତି, ସାହିତ୍ୟ ସ୍ରଷ୍ଟା ଲାଗି କ୍ଷତିକାରକ ଓ ସାହିତ୍ୟ ପରିବେଶକୁ କଳୁଷିତ କରିଥାଏ ।

ସେତେବେଳେ ସାହିତ୍ୟ ଜଗତରେ ଉଦାରତା ଓ ସଂପ୍ରୀତି ଯେପରି କାୟା ବିସ୍ତାର କରିଥିଲା, ନିରପେକ୍ଷ ସମାଲୋଚନାର ତୀକ୍ଷ୍ଣତା ମଧ୍ୟ ସେପରି ସ୍ରଷ୍ଟାଦ୍ୱାରା ସ୍ୱାଗତଯୋଗ୍ୟ ହେଉଥିଲା । ଏହି ସମାଲୋଚନାରେ ଭାଙ୍ଗିବାର ଅଭିଳାଷ ନ ଥାଏ, ବରଂ ବହୁ ଭାବରେ ଗଠନର ଆଭିମୁଖ୍ୟ କାର୍ଯ୍ୟ କରିଥାଏ । ତୀକ୍ଷ୍ଣତା ଅନ୍ତରାଳରେ ଯେଉଁ ଶ୍ରଦ୍ଧା ଓ ସହାନୁଭୂତି ରହିଥାଏ, ତାହା ହୁଏ ସ୍ରଷ୍ଟା ଜୀବନରେ ଅମୂଲ୍ୟ ସମ୍ପଦ ।

ସେ ଯୁଗରେ ସଂପ୍ରୀତି ଓ ହାର୍ଦ୍ଦିକତା ପରମ୍ପରାରେ ପରିଣତ ହୋଇଥିଲା । ଏ ପ୍ରସଙ୍ଗରେ ଅନ୍ୟ ଏକ ଘଟଣା ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ । ପ୍ରାଚୀନ ପତ୍ରିକା 'ସମ୍ବଲପୁର ହିତୈଷିଣୀ' ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶ ପାଉଥାଏ । ଏହାର ପୃଷ୍ଠପୋଷକତା କରୁଥାଆନ୍ତି ବାମଣ୍ଡାର ମହାରାଜା ବାସୁଦେବ ସୁଢଳଦେବ । ମହାରାଜା ସୁଢଳଦେବ ବଡ଼ ସାହିତ୍ୟ ରସିକ । ପତ୍ରିକା ପ୍ରକାଶ ଲାଗି ତାଙ୍କର ଆଗ୍ରହ ଥାଏ । ଏହାର ସଂପୂର୍ଣ୍ଣ ଦାୟିତ୍ୱ ପଣ୍ଡିତ ବିଦ୍ୟାରତ୍ନଙ୍କ ଉପରେ ନ୍ୟସ୍ତ ହୋଇଥିଲା । ତାଙ୍କ ନିଷ୍ଠା ଓ ବଳିଷ୍ଠ ସମ୍ପାଦନାରେ 'ହିତୈଷିଣୀ' ସୁନାମ ଅର୍ଜନ କରିଥାଏ । ରାଜା ଏହାର ସୁନାମ ଶୁଣି ନୀଳମଣିଙ୍କ ଉପରେ ପ୍ରୀତ ହେଉଥାଆନ୍ତି । ଦିନେ ରାଜାଙ୍କ ପାଖରେ ବିଦ୍ୟାରତ୍ନଙ୍କ ବିରୁଦ୍ଧରେ ଗୋଟିଏ ସମ୍ବାଦ ପହଞ୍ଚିଲା । ହଠାତ୍ ରାଜା ଏ ଶୁଣା କଥାକୁ ବିଶ୍ୱାସ ନ କରି ପତ୍ରିକା ପାଣ୍ଠିକୁ ତନଖି ଦେଖିବାକୁ ସ୍ଥିର କଲେ । ବିଦ୍ୟାରତ୍ନ ପତ୍ରିକାର ଆୟବ୍ୟୟ ବୁଝାଇବାବେଳେ, ପତ୍ରିକା ପାଣ୍ଠିରୁ ୩୦୦ ଟଙ୍କା ହେରଫେର ହୋଇଥିବା ସୁଢଳଦେବଙ୍କ ଦୃଷ୍ଟିଗୋଚର ହେଲା । ରାଜା ଏହି ଅଭିଯୋଗ ଶୁଣିଥିଲେ, ବର୍ତ୍ତମାନ ନିଜେ ଅନୁଭବ କଲାପରେ ବିରକ୍ତ ହୋଇପଡ଼ିବା ସ୍ୱାଭାବିକ । ବିଦ୍ୟାରତ୍ନ ମାଦକ ଦ୍ରବ୍ୟ ସେବନ କରନ୍ତି । ସେ ଏହି ପାଣ୍ଠିରୁ ଟଙ୍କା ଆଣି ଏ ଦିଗରେ ଖର୍ଚ୍ଚ କରିଦେଇଥାଆନ୍ତି ।

ସୁଢଳଦେବ ସାହିତ୍ୟିକମାନଙ୍କୁ ଶ୍ରଦ୍ଧା କରୁଥିଲେ । ସେ ବିଦ୍ୟାରତ୍ନଙ୍କୁ କୌଣସି ଦଣ୍ଡରେ ଦଣ୍ଡିତ କଲେ ନାହିଁ । ଇଚ୍ଛା କରିଥିଲେ ରାଜା ଭାବରେ, ତାଙ୍କର ଜଣେ ଅଧସ୍ତନ ଲାଗି କେତେ କଣ ଦଣ୍ଡବିଧାନ କରିପାରି ଥାଆନ୍ତେ । ଏକଥା ଆଉ ପ୍ରଚାର ନହେଉ । ଜଣେ ସାହିତ୍ୟିକର ସମ୍ମାନ ବଞ୍ଚିରହୁ, ଗୋପନରେ ସବୁକଥା ସମାଧାନ ହୋଇଯାଉ, ଉଦାର ବିଚାରରେ ରାଜା ଏହା ସ୍ଥିର କଲେ । ବିଦ୍ୟାରତ୍ନଙ୍କୁ ରାଜା କହିଲେ—"ଆପଣଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣିଥିଲି । ଏବେ ଦେଖୁଛି, ତାହା ସତ୍ୟ । ଆପଣ ମାଦକ ଦ୍ରବ୍ୟ ସେବନ କରିବା ଦିଗରେ ପତ୍ରିକା ପାଣ୍ଠି ବ୍ୟୟ କରିଦେଲେ ! ଏହା ନିନ୍ଦନୀୟ କଥା । ଆପଣ ଜଣେ ପ୍ରଜା ଭାବରେ, ମୁଁ ଆପଣଙ୍କୁ ଯଥେଷ୍ଟ ଦଣ୍ଡ ଦେଇପାରନ୍ତି; କିନ୍ତୁ ଆପଣ ସାହିତ୍ୟିକ । ସେହି ଦୃଷ୍ଟିରୁ ମୁଁ ଆପଣଙ୍କୁ ଆଉ କଣ କହିବି ? ଆପଣ ଶୀଘ୍ର ଅର୍ଥାତ୍ ୮ ଦିନ ଭିତରେ ଟଙ୍କା ଭରଣା କରନ୍ତୁ ।"

ବିଦ୍ୟାରତ୍ନଙ୍କ ମୁଣ୍ଡ ଘୂରିଗଲା । ବଜ୍ର ପଡ଼ିଲା, ୨୦୦ ସୁଦ୍ଧା ଏ ଟଙ୍କା କେଉଁଠୁ ଆଣିବେ ! କାହାକୁ ମାଗିବେ ? କବିବର ରାଧାନାଥ ରାୟଙ୍କ ପାଖକୁ ଖବର ପଠାଇ ଅନୁରୋଧ କଲେ । ରାଧାନାଥ ବଡ଼ ଉଦାର ଓ ସ୍ନେହୀ ମଣିଷ । ବିଶେଷତଃ ସାହିତ୍ୟିକଙ୍କ ପ୍ରତି ଶ୍ରଦ୍ଧା କହିଲେ ନ ସରେ । ବିଦ୍ୟାରତ୍ନଙ୍କଠାରୁ ଏ ସମ୍ବାଦ ଶୁଣି ସଙ୍ଗେ ସଙ୍ଗେ ସେ ୩୦୦ ଟଙ୍କା ଦେବାର ବ୍ୟବସ୍ଥା କଲେ । ଶୀଘ୍ର ପହଞ୍ଚିବା ଆଶାରେ ଜଣେ ବିଶ୍ୱସ୍ତ ଲୋକ ହାତରେ ତାହା ପଠାଇଲେ । ରାଜା ନିର୍ଦ୍ଦେଶ ଦେବାର ଛଅ ଦିନରେ ଟଙ୍କା ବିଦ୍ୟାରତ୍ନଙ୍କ ହସ୍ତଗତ ହେଲା; ମାତ୍ର ଆଉ ଗୋଟିଏ ଦିନ ବାକି ଥାଏ । ରାଧାନାଥ ନାସ୍ତି ବାଣୀ ଶୁଣାଇଥିଲେ, ଘଟଣା ହୁଏତ ଭିନ୍ନ ପ୍ରକାରର ହୋଇଥାଆନ୍ତା । ଟଙ୍କା ଭରଣା ହେଲା, ମାତ୍ର ରାଜା ଆଉ ବିଦ୍ୟାରତ୍ନଙ୍କୁ ସେଠାରେ ରହିବା ଲାଗି ଅନୁମତି ଦେଲେ ନାହିଁ । ଶୀଘ୍ର ରାଜ୍ୟ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ ।

ଘଟଣା କ'ଣ ଘଟିଲା, ତାହା ଏଠାରେ ଗୁରୁତ୍ୱ ଦିଆଯାଉ ନାହିଁ । ସାହିତ୍ୟିକ, ସାହିତ୍ୟିକ ପରସ୍ପର ମଧ୍ୟରେ କି ନିବିଡ଼ ପ୍ରୀତି, ସୌହାର୍ଦ୍ଦ୍ୟ ରହିଥିଲା, ଏହି ଘଟଣାରୁ ଅନୁମିତ ହୁଏ । ଏହି ଘଟଣା ଅପ୍ରାସଙ୍ଗିକ ମନେ ହୋଇପାରେ; ମାତ୍ର ଆଜି ଓ ଗତକାଲି ସ୍ରଷ୍ଟାମାନଙ୍କର ତୁଳନା ଲାଗି ଏପରି ଘଟଣା ସ୍ମରଣୀୟ ।

ତତ୍କାଳୀନ ସାହିତ୍ୟ ସ୍ରଷ୍ଟା ପାଖରେ ବିନମ୍ରତା ସବୁବେଳେ ଦେଖିବାକୁ ମିଳୁଥିଲା । ଗୁରୁରେ ଆଦର ରହିଥିଲା । ଗୁଣୀ ପୂଜିତ ହେଉଥାଏ । ଦାରିଦ୍ର୍ୟର କଶାଘାତରେ ଜର୍ଜରିତ ହୋଇ ବି, ସ୍ରଷ୍ଟା ସମ୍ମାନିତ ହେଉଥିଲା । ସାହିତ୍ୟ ଜଗତର ସମାଚାର ସାହିତ୍ୟିକ ସଂଗ୍ରହ କରନ୍ତି । ସବୁଠୁଁ ବଡ଼ କଥା ହେଉଛି—ଉତ୍ସାହ ଓ

ପ୍ରେରଣାପୂର୍ଣ୍ଣ ଭାବର ଆଦାନ ପ୍ରଦାନ । ଜଣେ ସାହିତ୍ୟିକ ଅନ୍ୟ ଜଣେ ସାହିତ୍ୟିକ ପାଖକୁ ପତ୍ର ଲେଖିଲାବେଳେ, ସେ ଜଣେ ଶୁଭେଚ୍ଛୁର ପରିଚୟ ଦେଇଥାଏ । କାହିଁ କେତେଦୂର କବିଶେଖର ଚନ୍ଦ୍ରାମଣି ମହାନ୍ତିଙ୍କ ବାସସ୍ଥାନ । ସିଠା ଆସିବା ତାଙ୍କ ପକ୍ଷେ ଅସମ୍ଭବ । ଏତେବେଳେ ଏମିତ ହୃଦୟସ୍ପର୍ଶୀ ଓ ସ୍ନେହଭରା ପତ୍ର ପାଇ ରୋଗଶଯ୍ୟାରେ କେତେ ଆନନ୍ଦ ସତେ ନହେଉଥିବେ ! ଆଉ ଗୋଟିଏ ମମତାପୂର୍ଣ୍ଣ ପତ୍ର—ଲେଖିଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ ।

ଓଗରପଡ଼ା, କଟକ

୪ । ୨ । ୧୭

ଶ୍ରୀମନ୍ମହୋଦୟ,

ଆପଣଙ୍କର ପ୍ରୀତିପୂର୍ଣ୍ଣ ପତ୍ର ପାଇଛି । ଆପଣଙ୍କ 'ବିକ୍ରମାଦିତ୍ୟ' କାବ୍ୟ ସ୍ନେହୋପହାର ସ୍ୱରୂପ ପ୍ରାପ୍ତହୋଇ ଆପଣଙ୍କୁ ଶତ ଶତ ଧନ୍ୟବାଦ ଅର୍ପଣ କରୁଅଛି, ଏବଂ ଆପଣଙ୍କ ଶକ୍ତିମତ୍ତା ଅଧ୍ୟବସାୟକୁ ବହୁ ପ୍ରଶଂସା କରୁଅଛି । ଆପଣ ଅନେକ ଗୁଡ଼ିଏ କାବ୍ୟ ରଚନା କରି ଉତ୍କଳ ସାହିତ୍ୟ ଜଗତରେ ସ୍ୱୀୟ ନାମକୁ ପ୍ରତିଷ୍ଠିତ କରିଅଛନ୍ତି । ପରନ୍ତୁ ଏହି 'ବିକ୍ରମାଦିତ୍ୟ' ରୂପ ବୃହତ କାବ୍ୟ ଆପଣଙ୍କ ପ୍ରତିଷ୍ଠାକୁ ବର୍ଦ୍ଧିତ କରିବ । ସାହିତ୍ୟ ସୃଷ୍ଟିରେ ଆପଣଙ୍କ ଯତ୍ନ ଓ ଉତ୍ସାହ ଅପୂର୍ଣ୍ଣ ରହୁ ଏବଂ ମଙ୍ଗଳମୟ ବିଧାତା ଆପଣଙ୍କ ସ୍ୱାସ୍ଥ୍ୟ ସୁବିଧା ଓ ଦୀର୍ଘ ପରମାୟୁ ପ୍ରଦାନକରି ଧନ୍ୟହୀନ ଉତ୍କଳ ସାହିତ୍ୟର ଉନ୍ନତିର ମାର୍ଗ ପ୍ରଶସ୍ତ କରନ୍ତୁ ।

ଆଶାକରେ ଆପଣଙ୍କର ସର୍ବଦା ମଙ୍ଗଳ । ମୁଁ ସାଧାରଣତଃ ଅଳସ ଓ ଦୁର୍ଗୁଣ । ତହିଁ ଉପରେ ସରକାରୀ କାର୍ଯ୍ୟର ଭିଡ଼ ଓ ନାନା ଅଞ୍ଚଳ ଗସ୍ତ ଯୋଗୁଁ ଯଥାସମୟରେ ଚିଠିପତ୍ରର ଉତ୍ତର ଦେଇପାରେନାହିଁ । ଆପଣଙ୍କ ନିକଟକୁ ପତ୍ର ଦେବାରେ ବିଳମ୍ବ ହୋଇଥିବା ଯୋଗୁଁ ଦୁଃଖିତ ହେବେ ନାହିଁ, କ୍ଷମା କରିବେ ।

ଆପଣଙ୍କ 'ଉଦ୍ୟାନ ଖଣ୍ଡ' ଓ 'ସପ୍ତସତୀ' ପ୍ରଭୃତି କେତେଖଣ୍ଡି ବହି ମୁଁ ପାଇନାହିଁ । ଆପଣଙ୍କ 'ବିକ୍ରମାଦିତ୍ୟ' ମୁଁ ଶେଷ ନ କରୁଣୁ ବନ୍ଧୁମାନେ ନେଇଯାଇ ଥିବାରୁ ତାକୁ ବିଶ୍ରାମ ନାହିଁ । ଓଡ଼ିଶାରେ ସାହିତ୍ୟସେବୀମାନଙ୍କର ପୁସ୍ତକ ବିକ୍ରୟରତ ଆଶା ଅଳ୍ପ । ଅନ୍ତତଃ ପୁସ୍ତକର ଆଦର ଶୁଣି ଆପଣଙ୍କ ଆଶ୍ୱାସନା ଯଥେଷ୍ଟ ହେଉଥିବ । ଆପଣଙ୍କର ପୁସ୍ତକର ପ୍ରଚୁର ମଧ୍ୟ ପୁରସ୍କାର ଓ ପୁସ୍ତକାଗାର ନିମିତ୍ତ ହେଉଥିବାର ଦେଖି ମୁଁ ଆନନ୍ଦିତ ହୋଇଥାଏ ।

ଆପଣଙ୍କର

ନନ୍ଦକିଶୋର ବଳ

ସ୍ରଷ୍ଟା ଆଶାକରେ ବିଶ୍ୱଠାରୁ କଥା ପଦେ । ଏହି କଥା ପଦକରେ ଯେମିତି ସେ ଅମୂଲ୍ୟ ରତ୍ନ ପାଇଯାଏ । ଏତିକରୁ ସେ ବଂଚିତ ହେଲେ ଅଭିମାନକରେ । ଆପଣାର ଅଭିମାନୀ ହୃଦୟଟାକୁ ବିଶ୍ୱ ଉପରେ ଅଜାଡ଼ି ଦିଏ । ଏହି କଥା ପଦିଏ ଲାଗି ସ୍ରଷ୍ଟାର କି ବ୍ୟାକୁଳତା ସତେ ! ସ୍ରଷ୍ଟା ଅନ୍ୟ ଜଣେ ସ୍ରଷ୍ଟା ପାଖରୁ ପଦଟିଏ ନପାଇବାର ଯନ୍ତ୍ରଣା ସ୍ରଷ୍ଟା ବିନା କିଏ ବା ଅନୁଭବ କରିପାରିବ ! ସ୍ରଷ୍ଟା ଭାବେ, ଚିରଦିନ ସେ ଆତ୍ମୀୟତାର ବନ୍ଧନରେ ବାନ୍ଧିହୋଇ ରହିଥାଉ । ଏହି ବନ୍ଧନ ଦୁର୍ବଳ ନହେଉ । ଭାବ ବିନିମୟର ଆନ୍ତରିକତା ଛିନ୍ନ ହୋଇଗଲେ ତାକୁ ଦୁନିଆ ବିଷପରି ମନେହୁଏ । ଆହୁରି ବେଶୀ ସେ ଦୁଃଖିତ ହୁଏ, ସମଧର୍ମୀ ଠାରୁ କଥାପଦିଏ ଶୁଣିବାକୁ ନ ପାଇଲେ । ସ୍ରଷ୍ଟା ଆଉ କିଛି ଚାହେଁ ନା, କେବଳ ମାତ୍ର ଆଦର, ପ୍ରଶଂସା ଓ ଆଲିଙ୍ଗନ । ସୃଷ୍ଟି ପାଇଁ ଏତିକ ତାକୁ ମିଳିଲେ ସେ ତୃପ୍ତ ହୁଏ । ସନ୍ତୋଷ ପ୍ରକାଶ କରେ । ସେହି ପ୍ରସଙ୍ଗରେ କାନ୍ତକବି ଲକ୍ଷ୍ମୀକାନ୍ତ କହିଛନ୍ତି—"ଯଶ କୁହ, ଖ୍ୟାତି କୁହ, ଏସବୁ ଲେଖକର ଉପୁରି ପାଉଣା । କେବଳ ମାତ୍ର ଆନନ୍ଦ ଓ ସନ୍ତୋଷ ହିଁ ତା'ର ପ୍ରାପ୍ୟ ।"

ନୂତନ ପୁସ୍ତକ ପ୍ରକାଶପାଇବା ମାତ୍ରେ ସାହିତ୍ୟିକ ତା' ରୂପରେଖ ଦେଖିବା ଲାଗି ବ୍ୟାକୁଳ ହୁଏ । ଅନ୍ୟର ସୃଷ୍ଟି ଭିତରେ ସେ ନିମଗ୍ନ ହୋଇଯାଏ । ତତ୍କାଳୀନ ସାହିତ୍ୟିକମାନେ ନିଜ ସୃଷ୍ଟି ସହ, ଅପରର ସୃଷ୍ଟି ଗୌରବରେ କମ୍ ଆନନ୍ଦ ଲାଭ କରୁ ନଥିଲେ । ସେତେବେଳେ ସାହିତ୍ୟିକ ବାତାବରଣ ସୃଷ୍ଟି ଲାଗି ସାହିତ୍ୟିକମାନେ ଆପ୍ରାଣ ଉଦ୍ୟମ କରନ୍ତି । ଉକ୍ତ ବାତାବରଣ ଠାରୁ ଦୂରରେ ରହି, ସାହିତ୍ୟିକ ସମାଜ ଗଠନ ଥିଲା ସେମାନଙ୍କର ଆଭିମୁଖ୍ୟ । ଏଥିପାଇଁ ସ୍ରଷ୍ଟାର ମହାନତା ବହୁ ପରିମାଣରେ ଦାୟୀ । ସେମାନଙ୍କ ଭିତରେ ଅହଂକାର ଥିଲା । ଏହି ଅହଂକାର ପାଇଁ ତ ସ୍ରଷ୍ଟା ସୃଜନକ୍ଷମ ହୋଇଥାଏ । ସୃଜନଶୀଳ ପ୍ରାଣ ତା'ର ଅଧିକ ଶକ୍ତିଶାଳୀ ଓ ପ୍ରୋତ୍ସାହିତ ହୁଏ । ମାତ୍ର ଅହଂକାର ଭିତରେ ଦରଦୀ ହୃଦୟର ସ୍ନେହାବେଗ ଛଳ ଛଳ ହେଉଥାଏ । ସେଥିପାଇଁ ସେ ଅନ୍ୟ ସ୍ରଷ୍ଟା ଭିତରେ ନିଜକୁ ଦେଖିପାରେ ଓ ବିଶ୍ୱକୁ ଆଦରେଇ ନିଏ । ଏହି ପରିପ୍ରେକ୍ଷୀରେ ସ୍ମରଣୀୟ ଔପନ୍ୟାସିକ ରାମଶଙ୍କର ରାୟ, କବିଶେଖରଙ୍କ ନିକଟକୁ ଲେଖିଥିବା ପତ୍ରଟି ଉଦ୍ଧାର କରାଯାଉ—

କଟକ
୧୬ । ୧୧ । ୧୫

ପ୍ରିୟ ଚନ୍ଦ୍ରମଣି ବାବୁ !

ଆପଣଙ୍କର ଚଳିତ ମାସ ତା ୯ ଖରେ ପତ୍ର ପାଇ କୃତାର୍ଥ ହେଲି । ଅନେକଦିନ ହେଲା କୌଣସି ପତ୍ର ପାଇ ନ ଥିବାରୁ ମନେ କରିଥିଲି ଆପଣ ମୋତେ ଭୁଲି ଯାଇଛନ୍ତି ଅଥବା ଉତ୍କଳ ଜନନୀ କି ଦିବ୍ୟ ଜ୍ୟୋତିର୍ମୟୀ ମଣିମାଣିକ୍ୟ ରୂପିଣୀ

କାବ୍ୟମାଳାରେ ଅଳଂକୃତ କରିବାକୁ ଯାଇ ଖେଲ ହୋଇ ଯାଇଥିବେ । ଶେଷ କଥାଟା ସତ୍ୟ ରୂପେ ପ୍ରତିଭାତ ହେଲେ ହେଁ, ତାହି ମଧ୍ୟରେ ମୁଁ ମନେ ପଢ଼ିବାରୁ ପ୍ରକୃତରେ ମନରେ ଆନନ୍ଦ ଲାଭ କଲି ।

ଆପଣଙ୍କ କାବ୍ୟମାନ ଏତେ ଚଞ୍ଚଳ ବାହାରୁଅଛି ଯେ ଖଣ୍ଡିଏ ପଢ଼ା ଶେଷ ନ ସରୁଣୁ ଆଉ ଖଣ୍ଡିଏ ଉପସ୍ଥିତ । ଭଗବାନ କରନ୍ତୁ ସେଇପରି ଚଞ୍ଚଳ ଚଞ୍ଚଳ ବାହାରୁ ହୋଇପାରୁ । ଆପଣ ଯେଉଁ ଅକ୍ଷୟକୀର୍ତ୍ତି ଆର୍ଜିଲେ ତାହା ଦେବ ଦୁର୍ଲଭ ଏବଂ ତାହିଁକି ପାର୍ଥିବନ୍ତା ଅକଳ୍ପିତ କର । ତଥାପି ପେଟଟା ଯେତେ କ୍ଷୁଦ୍ର ହେଉ ଘଟଣାଟିଏ ଏବଂ ସମ୍ଭାଳି ନହେଲେ ହରକତ । ଯେ ପେଟ ଦେଇଅଛନ୍ତି, ତାଙ୍କର ବିଷୟରେ ଘଟଣାର କାର୍ଯ୍ୟ ଅବଶ୍ୟ ନିର୍ବାହିତ ହେବ ।

ମୋର 'ବିବାସିନୀ' ପ୍ରତି ଆପଣଙ୍କର ଅଚଳା ଭକ୍ତି ଦେଖି ମୋର ବିଶେଷ ଆଶ୍ୱାସ ଲାଭ ହୋଇଅଛି । ଫକୀରମୋହନଙ୍କ ଉପନ୍ୟାସର ଲେଖାରେ ଢଙ୍ଗ ଓ ସମାଲୋଚନା ସୁପର ରଙ୍ଗ ଦେଖୁଅଛନ୍ତି କି ? ମୁଁ ଦେଖି ଦେଖି ଅବାକ୍ । କହିବା ବାହୁଲ୍ୟ ମୋର ଲେଖିବାର ବଳବତୀ ବାସନା ଥିଲେ ହେଁ ସମୟର ଏକାନ୍ତ ଅଭାବ ଏବଂ ଆପଙ୍କୁ ତାହା ବିଲକ୍ଷଣ ଜଣାଅଛି । ଆଉ ଖଣ୍ଡିଏ ଗାଁଢନାଟ୍ୟ ଶେଷ ହୋଇଅଛି । ଶୀଘ୍ର ଅଭିନୟ ହୋଇପାରେ । ଛପା ହୋଇନାହିଁ ।

ବନ୍ଧୁବର ଆପଣଙ୍କ ଭଳି କବିଙ୍କ ପାଣ୍ଡୁଲିପି ଦେଖିବା ମୋ' ଭାଗ୍ୟର କଥା । ଯେତେ କାର୍ଯ୍ୟ ଥାଉ ଆପଣ 'ବିଦମାଦିତ୍ୟ' କାବ୍ୟ ପଠାଇଦେଲେ ମୁଁ ଦେଖିଦେବି । କିମଧିକଂ । ମୁଁ ଭଲ ଅଛି । ଈଶ୍ୱର ଆପଣଙ୍କର ମଙ୍ଗଳ ବିଧାନ କରନ୍ତୁ ।

ଆପଣଙ୍କର

ରାମଶଙ୍କର ରାୟ

ସ୍ରଷ୍ଟା ଗୃହେଁ ସୃଷ୍ଟି ମୁଦ୍ରିତ ହେବା ପୂର୍ବରୁ ତାହା ପରିମାର୍ଜିତ ହେଉ । ଆଉ କେତେକେ ବିଶେଷତଃ ସାହିତ୍ୟ ସ୍ରଷ୍ଟାଙ୍କର ମତାମତ ଓ ପରାମର୍ଶରେ ତାହା ରୁଚିମନ୍ତ ହେଉ । ଏହାଦ୍ୱାରା ସ୍ରଷ୍ଟାର ମୌଳିକତା ବାଧାପ୍ରାପ୍ତ ହୁଏ ନାହିଁ । ବରଂ ଅଧିକ ରୂପଶ୍ରୀମଣ୍ଡିତ ହୁଏ । କବିବର କାବ୍ୟ ସୃଷ୍ଟିରେ ସିଦ୍ଧହସ୍ତ, ତଥାପି ବିନୟର ସହ, ଅନ୍ୟ ଜଣେ ସ୍ରଷ୍ଟା ସେହି ପାଣ୍ଡୁଲିପି ଉପରେ ଆଖି ବୁଲେଇ ନେବାଲାଗି କି ଅନୁରୋଧ ମତେ ! ଏହି ବିନମ୍ରତାର ମୂଲ୍ୟ ସ୍ରଷ୍ଟା ବୁଝିଥିଲେ । ସମସ୍ତ ବିନଯୋଗ କରି, ଆପଣା କାର୍ଯ୍ୟ ଭାବି ଅନ୍ୟର ପାଣ୍ଡୁଲିପି ଆନ୍ତରିକତା ଏବଂ ନିଷ୍ଠାର ସହ ଅଧ୍ୟୟନ ଓ ବିଶ୍ଳେଷଣ କରୁଥିଲେ । ସେଥିପାଇଁ ପତ୍ରେଶ୍ୱର ଭିତରେ ଉତ୍ତମ ବୁଝାମଣା ଓ ବନ୍ଧୁତା ଅକ୍ଷୁର୍ଣ୍ଣ

ରହୁଥିଲା । ଆଜି ଏସବୁ ସ୍ୱପ୍ନପରି ଅନୁଭୂତ ହେଉଛି । ପ୍ରତ୍ୟେକ ସ୍ରଷ୍ଟା ଆପଣା ବଳୟ ଭିତରେ ବନ୍ଦୀ ହୋଇଛନ୍ତି । ନିଜ ବଳୟ ଟପି ଅନ୍ୟ ବଳୟକୁ ସ୍ପର୍ଶ କରିବାର ସ୍ପୃହା ଦେଖା ଯାଉନି । ଅହଂଭାବ ଓ ସ୍ୱାର୍ଥପରତାର ପାଚେରି ଅତିକ୍ରମ କରିବାରେ ଆଗ୍ରହ ନାହିଁ । ସମସ୍ତେ ଏଠି ପରଶ୍ରୀକାତରତାର ମୂର୍ତ୍ତି ନାୟକ ।

ବ୍ୟାସକବି ଫକୀରମୋହନ ସେନାପତି ବଡ଼ ସ୍ପଷ୍ଟବାଦୀ । ଯାହାକୁ ସେ ସ୍ନେହ କରନ୍ତି, ତାକୁ ବେଶୀ ସମାଲୋଚନା କରନ୍ତି । ବନ୍ଧୁତା ଓ ଆନ୍ତରିକତାର ଏହା ଏକ ଲକ୍ଷଣ ଓ ଶୁଭ ସୂଚନା । ଅଜଣା ଲୋକେ ସମାଲୋଚନାକୁ ଈର୍ଷ୍ୟାପରାୟଣତା ବୋଲି ମନେ କରନ୍ତି—ମାତ୍ର ପ୍ରକୃତ ବିଦ୍ୱାନ, ଗୁଣୀ ସେ କେବେହେଲେ ସମାଲୋଚନାମୂଳକ ମନ୍ତବ୍ୟକୁ ଭିନ୍ନ ଭାବରେ ଗ୍ରହଣ କରେନାହିଁ । କବିଶେଖରଙ୍କର 'ବିକ୍ରମାଦିତ୍ୟ' ଅଧ୍ୟୟନ ପରେ ଜଣେ ନିରଳସ କାବ୍ୟପ୍ରେମୀ ପରି ଫକୀରମୋହନ ଯାହା ଅନୁଭବ କଲେ କାବ୍ୟକାରଙ୍କୁ ସ୍ପଷ୍ଟଭାବରେ ତାହା ଜଣାଇଦେବାକୁ ଆଦୌ କୁଣ୍ଠା ପ୍ରକାଶ କରି-ନାହାନ୍ତି । ଜଣେ ଅଗ୍ରଜ ଭାବେ ସେ ଲେଖିଛନ୍ତି—

ଓଁ ତତ୍‌ସତ

ପ୍ରିୟତମ ଭାଇ ଚିନ୍ତାମଣି

'ବିକ୍ରମାଦିତ୍ୟ' ପାଇ ଅତ୍ୟନ୍ତ ଆନନ୍ଦିତ ହେଲି । ଧନ୍ୟବାଦ ଦେବି କ'ଣ ଦୟାମୟ ପ୍ରଭୁଙ୍କ ଠାରେ ତୁମ୍ଭର ସ୍ୱାସ୍ଥ୍ୟ ଦୀର୍ଘଜୀବନ କାମନା କରୁଛି ।

ପୁସ୍ତକ ଖଣ୍ଡିକ ହସ୍ତଗତ ସମୟରୁ ସର୍ବକର୍ମ ତ୍ୟାଗକରି ପଢ଼ୁଛି— ଶେଷ ନକରି ଅନ୍ୟ କାର୍ଯ୍ୟରେ ହାତଦେଇ ପାରିବି ନାହିଁ । ଯେତେ ଦୂର ପଢ଼ିଛି—ସାହସ ପୂର୍ବକ କହିପାରେ ଏ ଖଣ୍ଡିକ ଉତ୍କଳ ଭାଷାରେ ଶ୍ରେଷ୍ଠତମ କାବ୍ୟ । କେବଳ କାବ୍ୟ ନୁହେଁ ରାଜକୁମାର ମାନଙ୍କ ପକ୍ଷରେ ଶୁକ୍ରନୀତି—ଅନ୍ୟ ପକ୍ଷରେ ନୀତିଶାସ୍ତ୍ର ।

ଅବଶ୍ୟ ତୁମ୍ଭ କାବ୍ୟ ଗୋଡ଼ିକ ଉତ୍କଳ ଭାଷାରେ ଖଣ୍ଡିଏ ଖଣ୍ଡିଏ ମାଣିକ୍ୟ ବିଶେଷ । ସେ ସମସ୍ତ ମଧ୍ୟରେ ଏ ଖଣ୍ଡିକ କୋହିନୁର । ତୁମ୍ଭ ଅନ୍ୟ ସମସ୍ତ କାବ୍ୟ ଏକ ପାଖରେ ରଖିଦେଲେ ମଧ୍ୟ କେବଳ 'ବିକ୍ରମାଦିତ୍ୟ' ଉତ୍କଳରେ ତୁମ୍ଭକୁ ଅମର କରି ରଖିବ ।

ତୁମ୍ଭ କାବ୍ୟ ସମ୍ବନ୍ଧେ କେତୋଟି କଥା କହିବାକୁ ଇଚ୍ଛା କରେଁ—ବିରକ୍ତ ହେବ ନାହିଁ । ଯଦି ମୋ' ଉପରେ ରାଗିଯାଅ ଘରେ ଆରାମରେ ବସି ଭାତ ଖାଇବ । ଆଉ ମୋ ଉପରେ ବିରକ୍ତ ହେବ ।

ଅନେକ ସ୍ଥଳରେ ବାହୁଲ୍ୟ ଅଳଙ୍କାରରେ କବିତାକୁ ଢାଙ୍କି ପକାଇଛ କିନ୍ତୁ ଅନାଡ଼ି କବି ପରି ଇତସ୍ତତ କରିପକାଇ ନାହଁ । ବରଞ୍ଚ ସୌନ୍ଦର୍ଯ୍ୟର ବୃଦ୍ଧିରେ କାରଣ ହୋଇପଡ଼ିଛି । ଅନେକଗୁଡ଼ିଏ ଅଳଙ୍କାର ତୁମର ନିଜସ୍ୱ ନିତାନ୍ତ ନୂତନପରି ବୋଧକଲି ।

ଏଥିପୂର୍ବେ ଉତ୍କଳର ବଡ଼ ବଡ଼ ଲେଖକେ ମଧ୍ୟ ଅମିତ୍ରାକ୍ଷର ଛନ୍ଦ କବିତା ଲେଖିବାବେଳେ ମାଇକେଲଙ୍କ ପଦାଙ୍କ ଅନୁସରଣ କରିଯାଇଛନ୍ତି । ଏଥିପାଇଁ ଉତ୍କଳ ଗୀତ ବ୍ୟତିବ୍ୟସ୍ତ ହୋଇପଡ଼ିଛି । ମାତ୍ର ଅନେକ ପରିମାଣରେ ତୁମ୍ଭେ ଉତ୍କଳ ଛନ୍ଦର ଗୀତ ଅବଲମ୍ବନ କରିଛ । ତଥାପି ଶବ୍ଦ ବିନ୍ୟାସ ସମ୍ବନ୍ଧରେ କେତେକ ସ୍ଥାନରେ ସାବଧାନତା ଅବଲମ୍ବନ କରିପାରିନାହିଁ—ଯଥା "ଉତରିଲେ ବିକ୍ରମାର୍କ"—ଏହା ଠିକ୍ ଓଡ଼ିଆ ହେଲନାହିଁ । ଉତରିଲେ ଶବ୍ଦ ଚଳାଇପାର କିନ୍ତୁ ପ୍ରକୃତ ଏହା ମାଇକେଲି । ତୁମ୍ଭେ ଅନ୍ୟ ସ୍ଥାନରେ ପ୍ରୟୋଗ କରିଛ—"ଭ୍ରମିଲେ ବିକ୍ରମାଦିତ୍ୟ" ଏହା ଉତ୍ତମ ପ୍ରୟୋଗ । 'ଅଚୈଯୀ ପଦ୍ମିନୀ' ପରି କେତେଗୁଡ଼ିଏ ଶବ୍ଦ ବ୍ୟବହାର କରିଛ, ଏ ସମସ୍ତ କଷ୍ଟୋଚ୍ଚାର୍ଯ୍ୟ ଶବଦ କବିତାର ଲାଳିତ୍ୟ ବିନାଶକାରୀ ହୋଇପଡ଼େ ।

ଅମିତ୍ରାକ୍ଷର ଛନ୍ଦରେ ଗୋଟିଏ ବଡ଼ ଦୋଷ ଯତି ଭଙ୍ଗ—ଅନେକ ସ୍ଥାନରେ ଯତିପାତ ଦୋଷ ଘଟିଛି । ଦେଖିଲି ତୁମ୍ଭେ ଏକାବେଳକେ ସେଥିପ୍ରତି ଦୃଷ୍ଟିପାତ କରିନାହଁ । କାରଣ ଦେଖିଲି—ଦୁର୍ବଳତା ନୁହେଁ, କେବଳ ଅସାବଧାନତା କାରଣ ଅଟେ ।

ବ୍ୟକ୍ତିଗତ ଅତି ସାମାନ୍ୟ ଅତି ତୁଚ୍ଛ ଦୋଷକୁ ଖୁବ୍ ବଢ଼ାଇ ଲେଖିଲି । ମୂଲ୍ୟବାନ ପବିତ୍ର ଶୁକ୍ଳ ବସ୍ତ୍ରରେ କାଳିବିନ୍ଦୁ ଫୁଟି ଦିଶେ, ମଳିନ ବସ୍ତ୍ରରେ ନୁହେଁ ।

ଯଦି ସୁସ୍ଥ ଥାଏଁ ସୁଯୋଗ ପାଏଁ ସମ୍ମିଳନୀ ସକାଶେ ଗଞ୍ଜାମବାସୀମାନଙ୍କ ନିମନ୍ତ୍ରଣ କରିବା ସକାଶେ ଗଞ୍ଜାମ ଯିବାକୁ ଇଚ୍ଛା କରେଁ । ମୁଁ ଯଦି ଯାଏଁ 'ଉଦ୍ୟାନଖଣ୍ଡ' କିନ୍ତୁ ମୋତେ ଦେଖାଇବ—ଦ୍ରୁକୁତରେ ରଥ ଦର୍ଶନ ନିମନ୍ତେ କଦଳୀ ବନ ଯିବାକୁ ଇଚ୍ଛା କରେ ।

ମୁଁ ଭଲ ଅଛି, ଦୟାମୟ ପ୍ରଭୁ ତୁମ୍ଭଙ୍କୁ ଦୀର୍ଘଜୀବୀ କରନ୍ତୁ ।

ତୁମ୍ଭର ମଙ୍ଗଳକାମୀ

ଫକୀର ମୋହନ ସେନାପତି

ଏଥିରୁ ଫକୀର ମୋହନ, ଚନ୍ଦ୍ରମଣିଙ୍କର କପଟ ଶୁଭେଚ୍ଛୁ ଓ ଶୁଭାନୁଧ୍ୟାୟୀ, ତାହା ସ୍ପଷ୍ଟ ହୁଏ । ସମାଲୋଚକ ହୃଦୟସ୍ଥ ନିକଟରେ ସୃଷ୍ଟିକୁ ତଉଲ ପାରିବାର ଉଦାରତା ଠାରୁ ଦୂରେଇଗଲେ ସମାଲୋଚନା ସୃଷ୍ଟିକୁ ସୌଷ୍ଠବାନ୍ୱିତ କରିପାରେ ନାହିଁ । ସ୍ରଷ୍ଟାର ହୃଦୟ ଓ ସୃଜନଶୀଳ ପ୍ରାଣକୁ ସମାଲୋଚକ ଅନୁଭବ କରି ନପାରିଲେ ସହୃଦୟତା ଆସିବ କେଉଁଠୁ ? ଫକୀରମୋହନ ସ୍ରଷ୍ଟାର ମନ ନେଇ, କବିଶେଖରଙ୍କ ସୃଷ୍ଟିକୁ ସମାଲୋଚନା କରି ମନ୍ତବ୍ୟ ବାଢିବା ମୂଳରେ କେତେ ସ୍ନେହ, ଆନ୍ତରିକତା ଓ ଶୁଭେଚ୍ଛା ରହିଛି, ତାହା ବିଚାରିବାର ବିଷୟ । କବିଶେଖର ଫକୀରମୋହନଙ୍କୁ ଭକ୍ତି କରନ୍ତି—ଫକୀରମୋହନ ମଧ୍ୟ ତାଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଢାଳି ଦିଅନ୍ତି । ଦୁହିଁଙ୍କ ଭିତରେ ଶତ୍ରୁତା, ସମ୍ପର୍କର ତିକ୍ତତା ନଥିଲା । ସେଥିପାଇଁ ଫକୀରମୋହନ ସୁସ୍ଥ ବିଚାରଧାରାରେ କବିଶେଖରଙ୍କ କାବ୍ୟର ମନ୍ତବ୍ୟ ଦେଇପାରିଥିଲେ ।

ଏହି ପଦଟି ସାଧାରଣ ଦୃଷ୍ଟିରେ ଭିନ୍ନଭାବେ ବିଚାର ହୋଇପାରେ । କିନ୍ତୁ ସମ୍ପର୍କ ଓ ବ୍ୟବହାର ସୀମାବଦ୍ଧତାରେ ଆନ୍ତରିକ ପ୍ରୀତି ମନ ଯେ ଲେଖା ଯାଇଛି ଏଥିରେ ସନ୍ଦେହ ନାହିଁ । ଫକୀରମୋହନ ଭାଷା ଓ ଜାତିପ୍ରେମୀ ଥିବାର ସୂଚନା ମିଳିବା ସଙ୍ଗେ ସଙ୍ଗେ, ସେ କିପରିଭାବେ ସ୍ରଷ୍ଟାକୁ ଉତ୍ସାହିତ କରନ୍ତି, ତା'ର ମଧ୍ୟ ଉଦାହରଣ ମିଳେ । ଫକୀରମୋହନ କବିଶେଖରଙ୍କୁ କେତେ ସ୍ନେହ ଆଦର କରନ୍ତି, ନିଜେ ଚନ୍ଦ୍ରମଣି ସ୍ୱୀକାର କରିଛନ୍ତି—"କଟକରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ବାର୍ଷିକ ଅଧିବେଶନ ହେଲା । ସମ୍ପାଦକ ଭାବରେ ମୁଁ ନିମନ୍ତ୍ରଣ କାର୍ଡ ଏବଂ ପ୍ରବେଶ ଟିକେଟ ପାଇଲି । ଫକୀରମୋହନ ବାବୁଙ୍କ ବାଖରାବାଦ କୋଠାରେ ରହିବା ପାଇଁ ସେ ମୋତେ ଆଗରୁ ପତ୍ର ଲେଖିଥିଲେ । ମୁଁ ଯାଇ ସେହିଠାରେ ରହିଲି । ଫକୀରମୋହନ ବାବୁଙ୍କ ଆତିଥ୍ୟରେ ଆଡମ୍ବର ଥାଏନାହିଁ—ଆନ୍ତରିକତା ଥାଏ । ସେ ଆଗନ୍ତୁକଙ୍କୁ ନିଜ ପରିବାରଭୁକ୍ତ କରିନିଅନ୍ତି । ମୁଁ ସେଠାରେ ନିଜ ଘରପରି ରହିଲି । X X X" (ଜୀ. ପ.—ପୃଷ୍ଠା—୧୧୯)

ସମାଲୋଚନା ବ୍ୟକ୍ତିଗତ ବନ୍ଧୁତାକୁ କ୍ଷୁଣ୍ଣ କରେନାହିଁ । ବନ୍ଧୁତା ଓ ସମାଲୋଚନାର ଗତି ଭିନ୍ନ ଭିନ୍ନ ପଥରେ । ସମାଲୋଚନା ସହିତ ବନ୍ଧୁତା ଓ ସଦ୍‌ଭାବର ସମ୍ପର୍କ ନଥାଏ । ବନ୍ଧୁତା ବ୍ୟକ୍ତିଗତ, ମାତ୍ର ସମାଲୋଚନା ବିଶ୍ୱଗତ । ବନ୍ଧୁତା ଭାଙ୍ଗିଯାଇପାରେ, କିନ୍ତୁ ସମାଲୋଚନାର ସ୍ୱର କାଳବକ୍ଷରେ ଅମରତ୍ୱ ଲାଭକରେ । ସମାଲୋଚକ ସବୁବେଳେ ସୃଷ୍ଟିର ସ୍ୱରୂପ ଉନ୍ମୋଚନ ପ୍ରତି ଦୃଷ୍ଟିଦିଏ । ଯେଉଁସବୁ ଉପାଦାନ ଦ୍ୱାରା ସୃଷ୍ଟିର ଆବିର୍ଭାବ ସେସବୁ ସହ ପରିଚିତ ହେବା ଓ ଶିଳ୍ପୀର ହୃଦୟଦେଇ ସୃଷ୍ଟିର ମୂଲ୍ୟାଙ୍କନ କରିବା ତା'ର ପ୍ରଧାନ କାର୍ଯ୍ୟ । ସମାଲୋଚନାରେ ପାଣ୍ଡିତ୍ୟ ଓ ବିଜ୍ଞତା ପ୍ରକାଶକରି ସୃଷ୍ଟିର ସ୍ୱରୂପ ସମ୍ବନ୍ଧରେ ନୀରବ ରହିଯିବା

କିମ୍ବା ଗୋଟିଏ ପକ୍ଷ ସମର୍ଥନ ସମାଲୋଚନାକୁ ଦୁର୍ବଳକରେ । ସମାଲୋଚନା ଏକ କଳା, ସେହି ଦୃଷ୍ଟିରୁ ସମାଲୋଚକ ସୃଷ୍ଟିର ଯଥାର୍ଥ ସମାଲୋଚନା କରିପାରିଲେ, ସମାଲୋଚକର ସ୍ରଷ୍ଟାମନର ପରିଚୟ ମିଳେ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଗୋଷ୍ଠୀଗତ ମନ୍ତବ୍ୟ ଗ୍ରହଣୀୟ ନୁହେଁ—ଯେଉଁ ସମାଲୋଚନାରେ ଏପରି ଗୋଷ୍ଠୀବଦ୍ଧ ଷଡସାଧନର ମନୋବୃତ୍ତି ରହିଥାଏ, ତାହା ସୃଷ୍ଟି ଜଗତରେ ସ୍ୱାଗତଯୋଗ୍ୟ ନୁହେଁ—ତାହା କେବଳ ଆକ୍ରୋଶ କିମ୍ବା ଅଭିସନ୍ଧି ମୂଳକ ରଚନା ଭାବେ ନାମିତ ହୁଏ । ଏଠାରେ ଇଂରାଜୀ ସାହିତ୍ୟର ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି—"Unhappy those, who hunt and purvey for a party, and sqape together out of every author all those things and those only which favour their own tenets while they despise and negelect all the rest." [The Improvement of the mind.]

ସମାଲୋଚକ ସୁସଂଯତ ଓ ବାକ୍ୟାଳାପରେ ନିୟନ୍ତ୍ରଣାଧୀନ ତଥା ଶୃଙ୍ଖଳିତ । ସୃଷ୍ଟିକୁ ଅଧିକ ସବଳ ଓ ଆକର୍ଷଣୀୟ କରିବାଲାଗି ଦୃଷ୍ଟି ତାର ପ୍ରସାରିତ । ବ୍ୟାସକବି, ଚିନ୍ତାମଣିଙ୍କ ଲାଗି ଉପଯୁକ୍ତ ସମାଲୋଚକର ଭୂମିକା ଗ୍ରହଣ କରିପାରିଛନ୍ତି । ଗଦ୍ୟକାର ଶଶିଭୂଷଣ ରାୟ ସମାଲୋଚନା କ୍ଷେତ୍ରରେ କହନ୍ତି—"ସାହିତ୍ୟ ପ୍ରକୃତ ସୃଷ୍ଟି ଅବା ସ୍ୱୟଂ ସୃଷ୍ଟି ନୁହେଁ, ତାହା ମାନବ ସୃଷ୍ଟି । ସୁତରାଂ ଅପୂର୍ଣ୍ଣତାର ଆଧାର । ସମାଲୋଚନା ସେହି ଅପୂର୍ଣ୍ଣତାକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରିଥାଏ ଏବଂ ତାହାର ରୁଗ୍‌ଣ ଅଙ୍ଗକୁ ସୁସ୍ଥକରେ ଓ ବିଶୃଙ୍ଖଳାକୁ ଶୃଂଖଳିତ କରିଦିଏ । ରଚନାର ଯାହା ପ୍ରାଣ ପଦାର୍ଥ, ସମାଲୋଚକ ତାହା ଦେଖାଇ ଦେଉଥିବେ ।"

କାବ୍ୟ-କବିତାରେ ଅଳଙ୍କାର ଅପରିହାର୍ଯ୍ୟ—ଏହାକୁ କୌଣସି ସ୍ରଷ୍ଟା ଅବହେଳା କରନ୍ତିନାହିଁ । ସୃଷ୍ଟିର ଶ୍ରୀବୃଦ୍ଧି ସାଧନରେ ଅଳଙ୍କାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ କବି ବିଷୟ ଉପସ୍ଥାପନ ସଙ୍ଗେ ଅଳଙ୍କାରକୁ ମଧ୍ୟ ଉପଯୁକ୍ତ ଭାବେ ପ୍ରୟୋଗ ଲାଗି ଉଦ୍ୟମ କରନ୍ତି । ଅଳଙ୍କାର ଯେତେ ଆକର୍ଷଣୀୟ ହୁଏ, ସୃଷ୍ଟି ସେତେ ପରିମାଣରେ ଚିତ୍ତମୋହନକାରୀ ହୋଇପାରେ । ମାତ୍ର ଅଳଙ୍କାର ପ୍ରୟୋଗର ସ୍ୱାଧୀନତା ପ୍ରତି କବିକୁ ସଚେତନ କରିବାକୁ ହୋଇଥାଏ । ଯଥାର୍ଥ ଅଳଙ୍କାର ପ୍ରୟୋଗ ଏକନିଷ୍ଠ ଶିଳ୍ପସାଧନା ଉପରେ ନିର୍ଭରଶୀଳ । ଦୁର୍ବଳ ଲେଖନୀରେ ଏପରି ପ୍ରୟୋଗ ସମ୍ଭବ ହୁଏନାହିଁ । ଅଳଙ୍କାରର ମାତ୍ରାବୃଦ୍ଧି କିମ୍ବା ମାତ୍ରାହ୍ରାସ କାବ୍ୟ ଶ୍ରୀହୀନ ଲାଗି ଦାୟୀ ହୋଇଥାଏ । ସାହିତ୍ୟିକ ଗିରିଜାଶଙ୍କର ରାୟ ଏ ପ୍ରସଙ୍ଗରେ

ମତ ଦିଅନ୍ତି—"ସାଧାରଣତଃ ଲୋକେ ଯେ ଅଳଙ୍କାରମାନ ପିନ୍ଧନ୍ତି ସେପରି ସେମାନଙ୍କର ରୂପକୁ ସୁନ୍ଦରତର କରେ, ସେହିପରି ଅଳଙ୍କାରର ବ୍ୟବହାର ଦ୍ୱାରା ସାହିତ୍ୟିକ ରଚନା ସରସ ଓ ମାଧୁର୍ଯ୍ୟମଣ୍ଡିତ ହୁଏ । ତେବେ ଅଳଙ୍କାରର ପ୍ରାଚୁର୍ଯ୍ୟ ଅନେକ ସମୟରେ ଆମ୍ଭମାନଙ୍କ ଚକ୍ଷୁକୁ ବିକ୍ଷିପ୍ତ କରେ ଓ ରଚନାର ରସବସ୍ତୁକୁ ମଧ୍ୟ ଆଚ୍ଛନ୍ନ କରିଦିଏ । ଅତ୍ୟଧିକ ଅଳଙ୍କାର ଦ୍ୱାରା ଯେପରି ଶାରୀରିକ ରୂପ ପ୍ରକାଶିତ ନହୋଇ ପ୍ରାକୃତିକ ମାଧୁର୍ଯ୍ୟ ଲୁପ୍ତ ହୋଇଯାଏ ଅଥବା ଅଳଙ୍କାର ପ୍ରାଚୁର୍ଯ୍ୟ ଯେପରି ବ୍ୟବହାରକାରୀର ଅହମିକାର ନିଦର୍ଶନ ରୂପେ ଅନ୍ୟର ବିରକ୍ତିକର ହୁଏ, ସେହିପରି ରଚନାରେ ମଧ୍ୟ ଅଳଙ୍କାରର ଅଯଥା ଆଧିକ୍ୟ ପାଠକର ବିରକ୍ତିକର ହୋଇଥାଏ । ଅଳଙ୍କାରର ବ୍ୟବହାର ଯେତେ ସଂଯତ ହେବ, ତାହାର ମାଧୁର୍ଯ୍ୟ ଅନେକ କ୍ଷେତ୍ରରେ ସେତେ ବର୍ଦ୍ଧିତ ହୋଇଥାଏ । ଅତି ପ୍ରକଟ ଅଳଙ୍କାରର ଅବିରାମ ପ୍ରୟୋଗ ପାଠକର ଚକ୍ଷୁକୁ ବିଭ୍ରାନ୍ତ କରେ, ଏଣୁ ତଦ୍ୱାରା ରଚନାର ସରସତା ମଧ୍ୟ ବ୍ୟାହତ ହୋଇଥାଏ ।"

କାବ୍ୟକାର ଆବେଗ ଭିତରେ ନିମଗ୍ନ ରହି ବହୁ ସମୟରେ ଅଳଙ୍କାର ପ୍ରୟୋଗ ଫଳରେ ସଫଳତା ପ୍ରଦର୍ଶନ କରିପାରନ୍ତି ନାହିଁ । ଏହା କବିଶେଖରଙ୍କ ରଚନାରେ ଘଟିଛି ବୋଲି କେଣେ ଶୁଣେଇଛୁ, ଭାବେ ଫକୀରମୋହନ ଦର୍ଶାଇଦେବାକୁ ଭଲ ମନେ କରିଛନ୍ତି ।

ଭାଷା ପ୍ରୟୋଗରେ କାବ୍ୟକାରର କୁଶଳୀକାରିଗରୀର ନିଦର୍ଶନ ନିହିତ ଥାଏ । ଭାଷା ଯେତେ ସରଳ ଏବଂ ଭାବୋଦ୍ଦୀପକ ହେବ, ସୃଷ୍ଟିର ମାଧୁର୍ଯ୍ୟ ସେତେ ବିକଶିତ ହେବ । ଭାଷାରେ ପ୍ରାଣସତ୍ତା ବ୍ୟାପକ ହେଲେ ସୃଷ୍ଟିର ସାର୍ଥକତା ସ୍ୱୀକୃତ ହୁଏ । ଏ କ୍ଷେତ୍ରରେ ସ୍ରଷ୍ଟା ଭାବୋଚ୍ଛ୍ୱାସ ଭିତରେ ଗତିକରି ଯିବାବେଳେ ତାକୁ ଯଥାର୍ଥ ଶବ୍ଦର ସନ୍ନିକଟ ହେବାକୁ ପଡ଼େ । ଶବ୍ଦ ଚୟନ କାବ୍ୟ ରଚନା ଲାଗି ବଡ଼ କାର୍ଯ୍ୟ । ଏହାରି ଉପରେ ଆକର୍ଷଣୀୟ ଶୈଳୀ ନିର୍ମିତ ହୁଏ । ଶୈଳୀ ଓ ଶବ୍ଦ ସମ୍ଭାରର ସମ୍ପର୍କ ଘନିଷ୍ଠ । ଭାବ ପ୍ରକାଶ ଲାଗି ଯଥାର୍ଥ ଶୈଳୀର ଅନୁସରଣ ପୂର୍ବରୁ ସ୍ରଷ୍ଟାକୁ ଶବ୍ଦ ନିର୍ବାଚନ କରିବାକୁ ହୋଇଥାଏ । ତେଣୁ ସାହିତ୍ୟ ରଚନାରେ ଉପଯୁକ୍ତ ଭାଷାର ବ୍ୟବହାର ସବୁଠୁଁ ବଡ଼ ସାଧନା ଓ ତାଲିମ । ଯଥାର୍ଥରେ କୁହାଯାଇଛି—"ଭାଷା ରଚନାର ଉପାଦାନ । ଭାଷା ଅତ୍ୟନ୍ତ କ୍ଲିଷ୍ଟ ହେଲେ, ପାଣ୍ଡିତ୍ୟପୂର୍ଣ୍ଣ ଶବ୍ଦସମ୍ଭାରରେ ଅଯଥା ଆଡ଼ମ୍ବର ଦ୍ୱାରା ନୀରସ ହେଲେ ତଦ୍ୱାରା ଉତ୍କୃଷ୍ଟ ସାହିତ୍ୟିକ ରଚନା ସମ୍ଭବପର ହୁଏନାହିଁ । ଭାଷା ଯେତେ ସରସ ହେବ, ଯେତେ ସର୍ବାଙ୍ଗସୁନ୍ଦର ହେବ, ଯେତେ କଳ୍ପନାର ପରିପୋଷକ ହେବ, ତାହାର ବ୍ୟାପ୍ତି ଯେତେ ଅଧିକ ହେବ ଏବଂ ତାହା

ଯେତେ ନମନୀୟ, ସାର୍ଥକ ଓ ଇଙ୍ଗିତପୂର୍ଣ୍ଣ ହେବ ପାଠକର ମନ ତାହାଦ୍ୱାରା ସେତେ ଅନୁରଞ୍ଜିତ ହୋଇପାରିବ । ଭାଷାକୁ ସଜ୍ଜିତ କରିବାକୁ ହେଲେ ତାହା ମଧ୍ୟରେ ଆବେଗ ସଞ୍ଚାର କରିବାକୁ ହେବ, ସରଧ କରିବାକୁ ହେଲେ ତାକୁ କଳ୍ପନା ଦ୍ୱାରା ଅନୁପ୍ରାଣିତ କରିବାକୁ ହେବ । ଅବଶ୍ୟ ପ୍ରତ୍ୟେକ ପ୍ରତିଭାବାନ ଶିଳ୍ପୀ ନିଜ ପ୍ରତିଭା ବଳରେ ରଚନାର ଯୋଗ୍ୟ ଉପାଦାନ ସଂଗ୍ରହ କରିପାରେ, ଭାଷାକୁ ନାନା ଉପାୟରେ ନିୟନ୍ତ୍ରିତ କରି ନିଜର ପ୍ରୟୋଜନ ସିଦ୍ଧ କରିପାରେ, ପୁଣି ଭାଷା ମଧ୍ୟରେ ନାନା ନୂତନ ଶବ୍ଦକୁ ଅନୁପ୍ରବିଷ୍ଟ କରାଇ ନିଜର ଭାବକୁ ଯଥାଯଥ ଭାବରେ ପ୍ରକାଶିତ କରିପାରେ । ଜଣେ ଲେଖକ ହାତରେ ଯେଉଁ ଶବ୍ଦ ନିରସ୍ତମ୍ଭର ଓ ପ୍ରାଣଶୂନ୍ୟ, ଅନ୍ୟ ଜଣେ ଲେଖକ ହାତରେ ସେହି ଶବ୍ଦ ମନୋହର ଓ ପ୍ରାଣମୟ ହୋଇପାରେ ।"

( 'ରଚନା ବିଚାର' ପୃଷ୍ଠା-୯୮ )

ସ୍ରଷ୍ଟା ଭାବରେ ଫକୀରମୋହନ କାବ୍ୟଟି ପଠନ ପରେ, ଜଣେ ସମାଲୋଚକର ଉଦାର ଦୃଷ୍ଟି ନେଇ ତାହା ବିଶ୍ଳେଷଣ କରିଛନ୍ତି । ନିଜର ଅନୁଭୂତିକୁ ସେ ପ୍ରଶଂସା ଓ ଅଭିନନ୍ଦନ ଭିତରେ କେବଳ ଆବଦ୍ଧ ନରଖି, ପରାମର୍ଶ ଦେବାକୁ ଯାଇ ଅତି ବିନୟର ସହ ମତାମତ ପ୍ରଦାନ କରିଛନ୍ତି । ଏପରି ମତାମତ ଆଦାନ ପ୍ରଦାନ ସାହିତ୍ୟ ଜଗତକୁ କି ରୂପ ଦେଉଥିଲା, ତାହା ଲକ୍ଷ୍ୟ କରିବାର କଥା ।

ନିନ୍ଦା ପ୍ରଶଂସା ଯାହା ହେଉନା କାହିଁକି ଆଜି ଏ ସବୁର ଅଭାବ ପରିଲକ୍ଷିତ ହେଉଛି । ମାତ୍ର ସେତେବେଳେ ପାଠକ ଭାବେ ଅନ୍ୟର ସାହିତ୍ୟ କୃତି ସମ୍ପର୍କିତ ଦୁ'ଧାଡ଼ି ମନ୍ତବ୍ୟ ସହ ଅଭିନନ୍ଦନ ଜଣାଇବା ଯେପରି ସାହିତ୍ୟପ୍ରେମୀ କର୍ତ୍ତବ୍ୟ ମନେ କରୁଥିଲେ । ସେଥିରେ ପରୋକ୍ଷ ସମାଲୋଚନା ଓ କେଉଁ ପରିମାଣରେ ମନକୁ ନ ଘେନିଲା ତାହାର ସୂଚନା ରହେ । କିନ୍ତୁ ସମଧର୍ମୀର ଯୋଗାଯୋଗ, ସମ୍ପର୍କକୁ ନିବିଡ଼ତାରେ ଆବଦ୍ଧ ରଖୁଥିଲା । ଭକ୍ତକବି ମଧୁସୂଦନ ରାଓ କବିଶେଖରଙ୍କ ଠାରୁ ଦୂରରେ ଅବସ୍ଥାନ କାଳରେ କବିଙ୍କ ନୂତନ ସୃଷ୍ଟି ଅଧ୍ୟୟନରେ ଆନନ୍ଦ ଅନୁଭବ କରିଛନ୍ତି । ଏତେବେଳେ ସ୍ରଷ୍ଟାଙ୍କୁ ଧନ୍ୟବାଦ ଜଣାଇବାରେ କି ଆନ୍ତରିକତା ସତେ !

କଟକ

ପରମ ଶ୍ରଦ୍ଧାସ୍ପଦେଷୁ, ୧୫ । ୨ । ୧୯୧୧

ମହାଶୟ,

ଆପଣଙ୍କର ପତ୍ର ଓ 'ରାଜଭକ୍ତ' ନାମକ ପୁସ୍ତକ ପାଇ ହୃଦୟର ଧନ୍ୟବାଦ ଅର୍ପଣ କରୁଅଛି । 'ରାଜଭକ୍ତ' ଆପଣଙ୍କ ପରି କ୍ଷମତାଶାଳୀ ଲେଖକଙ୍କର ଖ୍ୟାତିର

ଉପଯୁକ୍ତ ହୋଇଅଛି । ଉଚ୍ଚମର୍ଯ୍ୟାଦାର କବିତା ନୋହିଲେ ହେଁ, ନୈତିକ ଭାବର ଉପାଦେୟତା ଓ ଭାଷାର ଗୁଣରେ 'ରାଜଭକ୍ତ' ସର୍ବଥା ସୁପାଠ୍ୟ ହୋଇଅଛି । ଉଚ୍ଚ ଓ ମଧ୍ୟ ବିଦ୍ୟାଳୟମାନଙ୍କର ଉଚ୍ଚ ଶ୍ରେଣୀର ଛାତ୍ରମାନେ ତାହା ପାଠକଲେ, ଭାଷା ଶିକ୍ଷା ଓ ନୀତିଶିକ୍ଷା ଉଭୟ ଥା ଉପକୃତ ହେବେ, ସନ୍ଦେହ ନାହିଁ । ମୁଁ ଆଶାକରେ ପୁସ୍ତକ ଖଣ୍ଡିକ ସର୍ବତ୍ର ସାଦରେ ଗୃହୀତ ହେବ ।

ଆପଣ ଏବେ ଧର୍ମକୋଟ ସହିତ ସମ୍ପର୍କ ରଖିଅଛନ୍ତି କି ନାହିଁ, ଜଣାଇଲେ ଉପକୃତ ହେବି । ଅଳ୍ପଦିନ ମଧ୍ୟରେ ମୋର ସେ ଅଞ୍ଚଳକୁ ଯିବାର ଇଚ୍ଛା ଅଛି ।

ମୋ' ଦେହ ଅଳ୍ପଦିନ ହେଲା ସଙ୍କଟ ପୀଡ଼ାରୁ ମୁକ୍ତ ହୋଇ ଦୁର୍ବଳ ଅବସ୍ଥାରେ ଅବସ୍ଥିତ । ଆଉ ଅଧିକ ଲେଖି ପାରିଲି ନାହିଁ ।

ପରସ୍ପର ଆପଣଙ୍କ କବିତ୍ୱ ଶକ୍ତିକୁ ଧନ୍ୟ କହୁଛି । ଆଶାକରେଁ କୁଶଳରେ ଅଛନ୍ତି ।

ପ୍ରେମାକାଙ୍କ୍ଷୀ
ଶ୍ରୀ ମଧୁସୂଦନ ରାଓ

କବିଶେଖରଙ୍କ 'ରାଜଭକ୍ତ' କାବ୍ୟ ନୈତିକତା ଦୃଷ୍ଟିରୁ ବିଚାର କଲେ, ଏହା ସୁଖପାଠ୍ୟ ମନେହେବ । କବି କାବ୍ୟ ସୃଷ୍ଟିରେ ନୈତିକତାକୁ ଉଚ୍ଚାସନ ଦେଇଛନ୍ତି । ସାହିତ୍ୟ ମାଧ୍ୟମରେ ନୀତିଶିକ୍ଷା ଓ ମହତ୍ ଆଦର୍ଶ ବ୍ୟାଖ୍ୟା ତାଙ୍କର ଲକ୍ଷ୍ୟ ।

ଆଦର୍ଶବାଦୀ ସ୍ରଷ୍ଟାର ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ଚନ୍ଦ୍ରାମଣି । ଏଠାରେ ପ୍ରଶ୍ନ ଉଠେ ଯେ, କବି ନୈତିକତାକୁ ଅବହେଳା କରିପାରିବ କି ? ଅବା କାବ୍ୟ ସହିତ ନୈତିକତାର କିଛି ସମ୍ପର୍କ ରହିଛି କି ? କିମ୍ବା କବି ହିତବାଦୀ ହେବ କି ନା, ତାହା ଅନ୍ୟ ଏକ ଆଲୋଚ୍ୟ ବିଷୟ ।

କବି ଚନ୍ଦ୍ରାମଣି ଯେତେବେଳେ ନୀତି ଓ ଆଦର୍ଶ ଉପସ୍ଥାପନ କରନ୍ତି ସେତେବେଳେ କଳା ଅବହେଳିତ ହୋଇପଡ଼େ । କଳାବସ୍ତୁ ସେଠାରେ ମୁଖ୍ୟ ନ ହୋଇ, ଆଦର୍ଶବାଦ ହିଁ ମୁଖ୍ୟ ଉପାଦାନ ହୁଏ । କବି ନୀତିବାଦୀ ହୋଇ ନୈତିକତାର ଉପାଦେୟତା ପ୍ରତିପାଦନ କରି, ଯଦି କାବ୍ୟଶୈଳୀକୁ ଗୌଣ ମନେକରେ, ତେବେ ସେ ବାସ୍ତବ କାବ୍ୟକାରର ଆସନ ପାଏନାହିଁ । ଚନ୍ଦ୍ରାମଣି ଯେଉଁଠି ଏହି ସ୍ରୋତରେ ଭାସି ଭାସି, କଳାଦୃଷ୍ଟିକୁ ଭୁଲିଛନ୍ତି, ସେଠାରେ ସେ ଅଭିଯୁକ୍ତ ହୋଇଛନ୍ତି । କାବ୍ୟପ୍ରେମୀ

କାବ୍ୟ ରସାସ୍ୱାଦନ ପରିବର୍ତ୍ତେ 'ନୀତିଶ୍ଳୋକ' ଶୁଣିବାକୁ ପାଏ । କବି ପରିଚୟ ସେଠି ହଜି ଯାଇଥାଏ । ଏହା ସ୍ପଷ୍ଟ ଯେ, ବନ୍ଧୁ କ୍ଷେତ୍ରରେ ଚନ୍ଦ୍ରମଣି କାବ୍ୟଦୃଷ୍ଟିରେ ନୈତିକତାକୁ ଉଚ୍ଚାସନ ଦେବାରେ ଆଗ୍ରହୀ ଥିଲେ । ମନେହୁଏ, କାବ୍ୟ ଓ ନୈତିକତା ଘନିଷ୍ଠ ଭାବେ ସଂପୃକ୍ତ, ଏ ମତାମତକୁ ସେ ଗ୍ରହଣ କରିଛନ୍ତି । ମାତ୍ର ଏଦ୍ୱାରା ଅନ୍ୟ ଏକ ଦିଗପ୍ରତି ସଚେତନ ନୁହନ୍ତି । ସାହିତ୍ୟିକ ସ୍ୱର୍ଗତଃ ନାରାୟଣ ମୋହନ ଦେଙ୍କ ମତରେ—"ନୀତି ଉପରେ ହିଁ କାବ୍ୟର ଭିତ୍ତି ସୁପ୍ରତିଷ୍ଠିତ । ଅନୀତି ବା ଦୁର୍ନୀତିର ପରିଣରେ କାବ୍ୟକୁଳବଧୂ କୁଳକଳଙ୍କିନୀ ବାରାଙ୍ଗନା ପରି ଘୃଣିତ ହେବ । ନୀତିଭିତ୍ତି ବର୍ଜନ କରି କବି କୁହୁଡ଼ିରେ ସନ୍ତରଣ କରିବ ସିନା ! ମାତ୍ର ନୀତି, ନୀତି ହୋଇ ରହିଲେ ଏବଂ ସତ୍ୟ ସତ୍ୟ ରୂପରେ ଅତି ଉଜ୍ଜ୍ୱଳ ଶୁଭ୍ରା ଲଳିତ ମଣ୍ଡିତ ବିଗ୍ରହରେ ଉପସ୍ଥିତ ହେଲେ ଓ ଶିବ ଜଟାଜୁଟ ବିଭୂଷଣ ଭସ୍ମ ବିଲେପନ ଭୁଜଙ୍ଗ ବେଷ୍ଟିତ ଅର୍ଦ୍ଧନଗ୍ନ ଅବସ୍ଥାରେ ବିରାଜମାନ ହେଲେ, ଲୋକେ ଭୟ ଓ ସମ୍ଭ୍ରମରେ ନମସ୍କାର କରି ଦୂରେ ଦୂରେ ରହିବେ ସିନା ! ତେଣୁ ଲଳିତକଳା ସତ୍ୟ ଶିବଙ୍କର ଲାଳିତ୍ୟବିଧାନ କରି ତାଙ୍କୁ ସୁନ୍ଦର ବରଣୀୟ ବିଗ୍ରହରେ ସଜାଇ ଉପସ୍ଥାପିତ କରେ । ତେବେ ନୀତି ହିଁ କବିତାର ଭିତ୍ତି । ଏହି ନୀତିଭିତ୍ତି ଉପରେ ହିଁ କାବ୍ୟକଳାର କୋଣାର୍କ, ପ୍ରେମର ତାଜମହଲ, ଚିତ୍ରକଳାର ରଙ୍ଗମହଲ ଏବଂ ସଙ୍ଗୀତର ଅତୀନ୍ଦ୍ରିୟ ଜଗତର ମାୟାପୁରୀ ରଚିତ ହୋଇଥାଏ ।" ('ସାହିତ୍ୟ ଓ ସମାଲୋଚନା'—ପୃଷ୍ଠା—୮୩ ।)

ମଣିଷର ଚରିତ୍ର ଓ ସାମାଜିକ ଜୀବନରେ ଶୃଙ୍ଖଳା—ସଂଯମ ଆଣିବା ଲାଗି, ସର୍ବୋପରି ଜୀବନ ଗଠନ ଉଦ୍ଦେଶ୍ୟରେ କାବ୍ୟର ଭୂମିକା ଯଥେଷ୍ଟ । କାବ୍ୟ ଉଲ୍ଲେଖିତ ଉପଦେଶାବଳୀ ଦ୍ୱାରା ଶିଶୁ ଓ କିଶୋର ଜୀବନ କିପରି ପ୍ରଭାବିତ ହେବ, ସେହି ଲକ୍ଷ୍ୟରେ ଆମ ପ୍ରାଚୀନ ଉତ୍କଳରେ ବ୍ୟବସ୍ଥା ହୋଇଥିଲା । ପାଠ୍ୟକ୍ରମ ଭିତରେ କାବ୍ୟକୁ ସ୍ୱତନ୍ତ୍ର ସ୍ଥାନ ଦିଆ ଯାଇଥିଲା । ପ୍ରାଚୀନ ଗ୍ରୀସ୍ ଏପରି ପାଠ୍ୟକ୍ରମକୁ ମଧ୍ୟ ଗ୍ରହଣ କରିଥିଲା । କାବ୍ୟ ମାଧ୍ୟମରେ ଶିଶୁ ଚରିତ୍ରର ଗଠନ ଓ ମାନସିକ ବିକାଶ ସମ୍ଭବ, ପ୍ରାଚୀନ ଗ୍ରୀସର ଶିକ୍ଷାବିତ୍ମାନେ ଅନୁଭବ କରିଥିଲେ । ତେଣୁ ଉପଦେଶବାଦୀ କାବ୍ୟକାରଙ୍କ ସ୍ୱାଧୀନ ଚିନ୍ତା ପ୍ରାଥମିକ ବିଦ୍ୟାଳୟରେ ଯଥେଷ୍ଟ ସମ୍ମାନ ଓ ଆଦର ପାଉଥିଲା ।

ସ୍ରଷ୍ଟା ସୃଷ୍ଟିରେ ନୈତିକତା ଶୁଣାଇ ପାରନ୍ତି । ମାତ୍ର ଏହା ଦ୍ରଷ୍ଟାର ସ୍ୱରକୁ ଯେପରି ବୃଢ଼ି ନଯାଏ, କଳା ଭିତରେ କଳା ହୋଇ ରହି ପରୋକ୍ଷ ଭାବରେ ନୈତିକତା ଶୁଣାଏ, ସେଥିପ୍ରତି ସେ ଧ୍ୟାନ ଦିଅନ୍ତି । ତେବେ ସାହିତ୍ୟରେ ନୈତିକତା ରହିବ କି ନା, ଏବେ ବି ଏହା ବିବଦମାନ ପ୍ରସଙ୍ଗ ହୋଇ ରହିଛି । ଯେଉଁମାନେ 'କଳା ପାଇଁ କଳା'ର ପୃଷ୍ଠପୋଷକତା କରନ୍ତି, ସେମାନେ ସାହିତ୍ୟ କ୍ଷେତ୍ରରେ ନୀତିବାଦକୁ ଗ୍ରହଣ

କରିପାରନ୍ତିନାହିଁ । ବିଶ୍ୱର ଜଣେ ବିଶିଷ୍ଟ ସାହିତ୍ୟିକ ଟେନିସନ୍ ତ 'କଳାରେ ନୈତିକତା'କୁ ତୀବ୍ର ବିରୋଧ କରିଛନ୍ତି । ମାତ୍ର ଅପର ପକ୍ଷରେ ଦାନ୍ତେ ତାଙ୍କ "ଡିଭାଇନ କମେଡି" କିମ୍ବା ଗୋଏଟେ 'ଫାଉଷ୍ଟ'ରେ ନୀତିବାଦର ଆଦର୍ଶ ବର୍ଣ୍ଣନା କରି ଯାଇଛନ୍ତି । ତେବେ ଏମାନଙ୍କୁ କେହି କେବଳ ପ୍ରତ୍ୟକ୍ଷ ଆଦର୍ଶ ପ୍ରଚାରକ ବୋଲି ନ ଭାବନ୍ତି । ପରୋକ୍ଷରେ କଳାକୁ ମାଧ୍ୟମ କରି ଏହିପରି ଆହୁରି ଅନେକ ଆଦର୍ଶବାଦୀ ସ୍ରଷ୍ଟାଙ୍କ ଲେଖାମାନରେ ଜୀବନକୁ ରୁଚିବନ୍ତ, ସୁଶୃଙ୍ଖଳିତ, ମାର୍ଜିତ ଓ ସଂସ୍କୃତ କରିବା ଲାଗି ପ୍ରେରଣା ତଥା ଉତ୍ସାହ-ଭାବ ବର୍ଣ୍ଣିତ ହୋଇଛି ।

କାବ୍ୟରେ କଳ୍ପନାକୁ ବିଶ୍ୱର ବିଶିଷ୍ଟ ଦାର୍ଶନିକ ପ୍ଲାଟୋ ଗ୍ରହଣ କରିନାହାନ୍ତି । ମାତ୍ର ଦାର୍ଶନିକ ଆରିଷ୍ଟଟଲ ଏହାକୁ ଗ୍ରହଣ କରିଛନ୍ତି । ସମାଜ ଓ ଜୀବନ ଗଠନରେ କବିର ଯଥେଷ୍ଟ ଅବଦାନ ରହିଛି ବୋଲି ନିଜେ ଆରିଷ୍ଟଟଲ ଘୋଷଣା କରିଥିଲେ । ଏହି ଦୃଷ୍ଟିରୁ କାବ୍ୟକାରଙ୍କ ପ୍ରତି ତାଙ୍କର ସଦିଚ୍ଛା ଓ ସମ୍ମାନ ରହିଥିବା ବେଳେ, କବିକୁ କଳ୍ପନାପ୍ରିୟ ଆଖ୍ୟାରେ ଭୂଷିତ କରି ପ୍ଲାଟୋ ସାଧାରଣତନ୍ତ୍ରକୁ ବାସନ୍ଦ କରିଛନ୍ତି । ଯେଉଁ ଆରିଷ୍ଟଟଲ କବିକୁ ଏତେ ଶ୍ରଦ୍ଧା ଢାଳି ଦଅନ୍ତି, ସିଏ ତ ପୁଣି ନୀତିବାଦୀ କବି ଏମ୍ପେଡୋକ୍ଲିସଙ୍କ ଆଦର୍ଶକୁ ଘୃଣା କରୁଥିଲେ । କାରଣ ଏମ୍ପେଡୋକ୍ଲିସଙ୍କ କାବ୍ୟ, କାବ୍ୟିକ ଆବେଗ ଓ ଆବେଦନରୁ ବିଚ୍ୟୁତ ହୋଇ, ନୀତି ଓ ଆଦର୍ଶର ପ୍ରଚାରକ ଭୂମିକା ଗ୍ରହଣ କରିବସେ । ଆରିଷ୍ଟଟଲଙ୍କ ବିଚାରରେ କଳାର ରୂପ ଅପରିବର୍ତ୍ତିତ । କଳାହିଁ କଳା ରୂପରେ ପ୍ରତିଷ୍ଠିତ ହେବା ତାଙ୍କର ଲକ୍ଷ୍ୟ । କିନ୍ତୁ କଳାର ମହତ୍ତ୍ୱ ବଜାୟ ରଖି ସମାଜ ଓ ଜୀବନ ଲାଗି ପରୋକ୍ଷରେ ବାର୍ତ୍ତା ଶୁଣାଯିବାକୁ ସେ ଅସ୍ୱୀକାର କରନ୍ତିନାହିଁ ।

ଭାରତୀୟ ସାହିତ୍ୟ ଓ ସଂସ୍କୃତିରେ ନୀତିବାଦର ଭୂମିକା ସ୍ୱୀକୃତ । ଭାରତୀୟ ସଂସ୍କୃତି ଯେପରି ମହନ୍ତବାଣୀକୁ ଯୁଗେ ଯୁଗେ ସମ୍ମାନ ଦେଇଆସିଛି, ଏହାର କଳା ମଧ୍ୟ ସେପରି ନୀତିବାଦକୁ ସ୍ୱୀକୃତି ଦେଇଛି । ସବୁଠି ଗୋଟିଏ ସତ୍ୟ—କାବ୍ୟ ସମ୍ପୂର୍ଣ୍ଣ ନୀତିବାଦୀ ନହେଉ କିମ୍ବା ନୀତି ବିଚ୍ୟୁତ ହୋଇ ନିଛକ 'କଳା' ହୋଇ ନ ରହୁ । ଭାରତୀୟ ସାହିତ୍ୟର ଏପରି ସୃଷ୍ଟିର ଅଭାବ ନାହିଁ । ପାଶ୍ଚାତ୍ୟ ସାହିତ୍ୟରେ 'ଫାଉଷ୍ଟ'ରେ ଜୀବନ-ଗାଥା ମୁଖରିତ ଏବଂ 'ଡିଭାଇନ କମେଡି'ରେ ପ୍ରୀତି, ଶ୍ରଦ୍ଧା ଓ ସ୍ନେହର ମହତ୍ତ୍ୱ ପ୍ରତିଷ୍ଠା ଲାଗି ନର୍କର ଭୟାବହ ଦୃଶ୍ୟ ବର୍ଣ୍ଣିତ ହୋଇଛି । ଆମ 'ରାମାୟଣ'ରେ ନୀତିବାଦର ଆଦର୍ଶ ପୂରି ରହିଥିଲେ ହେଁ, ତାହାର ଭାବ ଓ ମହତ୍ତ୍ୱ ଯେପରି କଳାଗତ ସମସ୍ତ ଐଶ୍ୱର୍ଯ୍ୟ ନେଇ ବିକଶିତ ହେଉଛି । କଳାଶ୍ରୀ ହ୍ରାସ ହେଉନାହିଁ । ଏ ଦୃଷ୍ଟିରୁ ଉଭୟର ସମାହାର କାବ୍ୟ-କଳାକୁ ସମୃଦ୍ଧ କରେ ବୋଲା ଯାଇପାରେ ।

ଅନ୍ୟ ଏକ ପତ୍ର—ଲେଖିଛନ୍ତି ଓଡ଼ିଆ ସାହିତ୍ୟର ସୁଯୋଗ୍ୟ ସମ୍ପାଦକ ଓ ପ୍ରାବନ୍ଧିକ ସ୍ୱର୍ଗତ ବିଶ୍ୱନାଥ କର । ସ୍ୱର୍ଗତଃ କର ହେଉଛନ୍ତି ଉଚ୍ଚକୋଟିର ସାହିତ୍ୟ ପତ୍ରିକା 'ଉତ୍କଳସାହିତ୍ୟ'ର ପ୍ରତିଷ୍ଠାତା ଓ ସମ୍ପାଦକ, ତାଙ୍କ ଭଳି ନିରପେକ୍ଷ ଓ ନିର୍ଭୀକ ସମ୍ପାଦକ ଓଡ଼ିଶାରେ ବିରଳ । ଲେଖକର ରଚନାରୁ ଅମାର୍ଜିତ ଶବ୍ଦ ଉଠାଇ ଦେଇ, ସେ ସ୍ଥାନରେ ମାର୍ଜିତ, ଯଥାର୍ଥ ଶବ୍ଦ ପ୍ରୟୋଗର ସାମର୍ଥ୍ୟ ଅର୍ଜନ କରିଥିଲେ । ଜୀବନ କାଳରେ ଅନେକ ଲେଖକ ଗଢ଼ି ଯାଇଛନ୍ତି । 'ଉତ୍କଳ ସାହିତ୍ୟ' ମାଧ୍ୟମରେ ବହୁ ପ୍ରତିଭାବାନଙ୍କୁ ଆଲୋକକୁ ଆଣିଛନ୍ତି । ନୂତନ ଲେଖକ ଲେଖିକାଙ୍କ ରଚନାକୁ ଧୈର୍ଯ୍ୟର ସହ ଅଧ୍ୟୟନ କରି, ଲେଖା ନିର୍ବାଚନ କରନ୍ତି । ନୂତନ ପ୍ରତିଭାକୁ ଆବିଷ୍କାର ଦିଗରେ ସେ ହେଉଛନ୍ତି ଆଗ୍ରହୀ ଓ ଉତ୍ସାହୀ ସମ୍ପାଦକ । ଓଡ଼ିଆ ସାହିତ୍ୟରେ ବହୁ ସ୍ୱନାମଧନ୍ୟ ଯଶସ୍ୱୀ ସ୍ରଷ୍ଟା ହେଉଛନ୍ତି ବିଶ୍ୱନାଥଙ୍କ ସୃଷ୍ଟି । ତତ୍କାଳୀନ ଲେଖକମାନଙ୍କର ତାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଥିଲା । ନିରପେକ୍ଷ ସମ୍ପାଦକ ଭାବେ ସବୁ ଶ୍ରେଣୀ ଲେଖକଙ୍କର ପ୍ରିୟଭାଜନ ହୋଇଥିଲେ । ତାଙ୍କ ନିରପେକ୍ଷ ଓ ସୁସମ୍ପାଦନା ଭୟରେ ବହୁ ଲେଖକ ବିଶ୍ୱନାଥଙ୍କ ପାଖକୁ ଲେଖା ପଠାନ୍ତି ନାହିଁ । 'ଉତ୍କଳ ସାହିତ୍ୟ'ରେ ଲେଖାଟିଏ ପ୍ରକାଶ ପାଇବା, ଲେଖକ ପକ୍ଷେ ଖୁବ୍ ସୌଭାଗ୍ୟର କଥା । ଏହିଥିରୁ 'ଉତ୍କଳ ସାହିତ୍ୟ' ଓ ତା'ର ସମ୍ପାଦକ ବିଶ୍ୱନାଥଙ୍କ ପାଣ୍ଡିତ୍ୟ ଅନୁମାନ କରାଯାଇପାରେ । ସମ୍ପାଦକ ଭାବେ ଲେଖାର ତ୍ରୁଟି ଦର୍ଶାଇବାରେ ସେ ସଙ୍କୋଚବୋଧ କରନ୍ତି ନାହିଁ । ବିଶ୍ୱନାଥଙ୍କ ସମ୍ପାଦନା ଉପରେ ମନ୍ତବ୍ୟ ଦେଇ ସବୁଜ ଯୁଗର ଅନ୍ୟତମ ରଥୀ ଅନ୍ନଦାଶଙ୍କର ରାୟ କହନ୍ତି—"ବିଶ୍ୱନାଥ ବାବୁଙ୍କୁ ପ୍ରଥମେ ସେ ଭୟ କରୁଥିଲେ । ସେ ସମୟରେ ହଠାତ୍ କାହାର ଲେଖା ଉତ୍କଳ ସାହିତ୍ୟରେ ପ୍ରକାଶ ପାଉ ନଥିଲା । ଏହି ପତ୍ରିକାରେ ଯାହାର ଲେଖା ପ୍ରକାଶିତ ହେଉଥିଲା ସମଗ୍ର ଉତ୍କଳ ତା'ର ଲେଖାରେ ଗୁରୁତ୍ୱ ଆରୋପ କରୁଥିବାରୁ ତରୁଣ କବିମାନେ ତାଙ୍କ ଲେଖା 'ସାହିତ୍ୟ'ର ପୃଷ୍ଠାରେ ଦେଖିଲେ ନିଜକୁ ଭାଗ୍ୟବାନ ମଣୁଥିଲେ ।" ( [illegible]-ପୃଷ୍ଠା- ୭) । ସମ୍ପାଦନାରେ ପ୍ରିୟାପ୍ରୀତି ଠାରୁ ବିଶ୍ୱନାଥ ଊର୍ଦ୍ଧ୍ୱରେ ଥିଲେ । କବିଶେଖରଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ସେ 'ଉତ୍କଳ ସାହିତ୍ୟ'ର ଅନ୍ୟତମ ଲେଖକ । କେତୋଟି ଲେଖାକୁ କେନ୍ଦ୍ର କରି ସମ୍ପାଦକ ଓ ଲେଖକ ଉଭୟଙ୍କ ଭିତରେ ଯୁକ୍ତିତର୍କ ଓ ଭାବର ଆଦାନ ପ୍ରଦାନ ହୋଇଛି । କବିଶେଖର ବିଶ୍ୱନାଥଙ୍କୁ ଶ୍ରଦ୍ଧା କରନ୍ତି । ବିଶ୍ୱନାଥ, ତାଙ୍କ କୃତିର ଜଣେ ମୁଗ୍ଧ ତଥା ନିରପେକ୍ଷ ସମାଲୋଚକ । ସ୍ରଷ୍ଟା ଓ ସମ୍ପାଦକର ସମ୍ପର୍କ ବ୍ୟକ୍ତିଗତ ଅନାବିଳ ସମ୍ପର୍କ ସ୍ତରକୁ ଉନ୍ନୀତ ହୋଇଯାଇଥିଲା । କାବ୍ୟ ଖଣ୍ଡିଏ ଲେଖିଲା ପରେ, କବି ବିଶ୍ୱନାଥଙ୍କ ମନ୍ତବ୍ୟ ଲୋଡ଼ନ୍ତି । ମୁଦ୍ରଣ ଲାଗି ପ୍ରଥମେ ତାଙ୍କ ପ୍ରେସ ସହ ଯୋଗାଯୋଗ କରନ୍ତି । ଏଠାରେ ଏହି ପ୍ରୀତି ସମ୍ପର୍କର ପତ୍ରଟିଏ ଉଦ୍ଧାର କରାଯାଉଛି ।

ଉତ୍କଳ ସାହିତ୍ୟ ଅଫିସ
ବୁଦ୍ଧମାଚୌକ, କଟକ
୨୨।୬।୪୮

ପ୍ରିୟ ସୋମନାଥ,

ମୁଁ ତୁମ ପତ୍ର ଦେଖିଅଛି । ଭୂମିକାଦି ମଧ୍ୟ ପାଇଅଛି । 'ମହୋଦଧି'ରେ କେତେଗୁଡ଼ିଏ ଭୁଲ ରହିଥିବାର ଶୁଣି ଦୁଃଖିତ ହେଲି । ଏଥର ନାନା ଗୋଳମାଳରେ ବହିଖଣ୍ଡି ମନୋମତ ହୋଇ ନ ପାରିବାରୁ ମୁଁ ବାସ୍ତବିକ ଲଜ୍ଜିତ ଅଛି । 'ମହେନ୍ଦ୍ର' ସମ୍ବନ୍ଧରେ ସେପରି କିଛି ହେବାର ଆଶଙ୍କା ନାହିଁ, 'ମହେନ୍ଦ୍ର' କାମ ଠିକ୍ ଚାଲିଅଛି । ୯ ଫର୍ମା ହୋଇଗଲାଣି ।

ଫକୀରମୋହନ ବାବୁ ତ ଚାଲିଗଲେ । ଆଗାମୀ ସଂଖ୍ୟା 'ସାହିତ୍ୟ'ଟିକୁ ଫକୀରମୋହନ ସଂଖ୍ୟା କରିବାର ଇଚ୍ଛା ଅଛି । ସେ ସଂଖ୍ୟାଟି ପାଇଁ ଶ୍ରୀଉକୁ ଗୋଟିଏ ଲେଖା ଦେବା ପାଇଁ ମୋର ଅନୁରୋଧ ଜଣାଇବ । ସତ୍ୱରତାଳକୁ ପାଇବା ଦରକାର । ଅନେକଙ୍କର ବାହାରିବା କଥା । ଲେଖାଟି ବେଶୀ ବଡ଼ ନହେଲେ ଭଲ ।

ଆଉ ସବୁ ଏକ ପ୍ରକାର ଭଲ । ଆଶାକରେ ତୁମ୍ଭେମାନେ ଭଲ ଅଛ ।

ଇତି
ତୁମର
ଶ୍ରୀ ବିଶ୍ୱନାଥ କର

ସ୍ୱର୍ଗତ ସୋମନାଥ ମହାନ୍ତି, କବିଶେଖରଙ୍କ ସାହିତ୍ୟ ସୃଷ୍ଟିର ଜଣେ ବିଶିଷ୍ଟ ସହାୟକ ପୁରୁଷ । ଦୁରାରୋଗ୍ୟ ବ୍ୟାଧି ଜର୍ଜରିତ କବିଙ୍କ ଜୀବନରେ ଏହି ସାହିତ୍ୟ ପ୍ରେମୀଙ୍କର ଅବଦାନ ଯଥେଷ୍ଟ । କବିଙ୍କ ବିୟୋଗର କିଛି ବର୍ଷ ପୂର୍ବରୁ ଚିନ୍ତାମଣି, ସୋମନାଥଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଦେଇଥିଲେ । ଅତି ବିଶ୍ୱସ୍ତ ଭାବେ ସେ ସବୁ କାର୍ଯ୍ୟ କରୁଥାଆନ୍ତି ।

ବିଶ୍ୱନାଥ ଜଣେ ଦାୟିତ୍ୱବାନ ପ୍ରେସ୍ ମାଲିକ । ଉତ୍କଳ ସାହିତ୍ୟ ପ୍ରେସରେ ନିର୍ଭୁଲ ମୁଦ୍ରଣ ହୁଏ ବୋଲି ତତ୍କାଳୀନ ସମସ୍ତ ବୁଦ୍ଧିଜୀବୀଙ୍କୁ ଜଣାଥିଲା । ବିଶ୍ୱନାଥ କରଙ୍କ

ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଦ୍ରଣ କାର୍ଯ୍ୟ ହୁଏ । ମୁଦ୍ରଣ ତ୍ରୁଟି ଗୋଟିଏ ହେଲେବି ରହି ନଯାଉ, ଏଥିପ୍ରତି ସେ ସତର୍କତା ଅବଲମ୍ବନ କରନ୍ତି । ତାଙ୍କ ପ୍ରେସରୁ ମୁଦ୍ରିତ ପୁସ୍ତକରୁ ତ୍ରୁଟିଟିଏ ଦୃଷ୍ଟିକୁ ଆସିଲେ, ସେ ଖୁବ୍ ଲଜ୍ଜିତ ହୁଅନ୍ତି । ତତ୍କାଳୀନ ବହୁ ପରିଚିତ ଲେଖକଙ୍କର ପୁସ୍ତକମାନ ସେଠାରେ ଛପା ଯାଉଥିଲା । ଆବଶ୍ୟକ ସ୍ଥଳେ ବିଶ୍ୱନାଥ ବ୍ୟାକରଣଗତ ସଂଶୋଧନ ବି କରିଦିଅନ୍ତି । ଲେଖକମାନେ ମାର୍ଜିତ ରୂପର ପୁସ୍ତକ ପାଇଁ ତାଙ୍କୁ କୃତଜ୍ଞତା ଜଣାନ୍ତି । ଫକୀର ମୋହନଙ୍କ 'ଅବସର ବାସରେ', ଗଙ୍ଗାଧର ମେହେର ଓ ଚିନ୍ତାମଣି ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ଲେଖକ ଲେଖିକାଙ୍କର ପୁସ୍ତକ ସେ ମୁଦ୍ରଣ କରିଥିଲେ । ବ୍ୟବସାୟୀର ଲାଭ କ୍ଷତି ସହିତ, ମୁଦ୍ରଣର ସାହିତ୍ୟିକ ମୂଲ୍ୟବୋଧ ପ୍ରତି ଦୃଷ୍ଟି ଦିଅନ୍ତି ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଜଗବନ୍ଧୁ ସିଂହ ହେଉଛନ୍ତି ଅନ୍ୟତମ ପ୍ରତିଭାବାନ ଗଦ୍ୟକାର । ଇତିହାସ ସଚେତନ ଶିଳ୍ପୀ ଭାବେ ସେ ଖ୍ୟାତିଲାଭ କରିଛନ୍ତି । ପ୍ରାଚୀନ ସଂସ୍କୃତି ଓ ଇତିହାସରେ ଲୁକ୍‌କାୟିତ ତତ୍ତ୍ୱକୁ ଲୋକଲୋଚନକୁ ଆଣିବା ଦିଗରେ ଗଦ୍ୟକାର ସିଂହ ହେଉଛନ୍ତି ଜଣେ ଉତ୍ସାହୀ ସାଧକ । ଏହି ଶିଳ୍ପୀ ବିଶ୍ୱର ସ୍ମରଣୀୟ ପୁରୁଷଙ୍କ କୀର୍ତ୍ତି ଓ କୃତିକୁ ଦେଶବାସୀଙ୍କୁ ଶୁଣାଇ, ଜାତୀୟ ପ୍ରୀତିରେ ଉଦ୍‌ବୁଦ୍ଧ କରନ୍ତି । ସେ ସାହିତ୍ୟ, ସଂସ୍କୃତି, ଶିକ୍ଷା, ଇତିହାସ ଓ ଧର୍ମ ବିଷୟରେ ଉଚ୍ଚକୋଟୀର ପ୍ରବନ୍ଧମାନ ରଚନା କରିଛନ୍ତି । ତତ୍କାଳୀନ 'ମୁକୁର', 'ଉତ୍କଳ ସାହିତ୍ୟ' ଓ 'ସତ୍ୟବାଦୀ' ପ୍ରଭୃତି ପତ୍ରିକାର ଜଣେ ନିୟମିତ ଲେଖକ । 'ପ୍ରାଚୀନ ଉତ୍କଳ' ତାଙ୍କର ଶ୍ରେଷ୍ଠକୃତି । ଚିନ୍ତାମଣି-ସାହିତ୍ୟର ସେ ହେଉଛନ୍ତି ବିମୁଗ୍ଧ ପାଠକ । ଏକଦା ସ୍ରଷ୍ଟାର ଅନୁଭବୀ ହୃଦୟନେଇ କବିଶେଖରଙ୍କ କାବ୍ୟ ଅଧ୍ୟୟନ ପରେ, ସୁଚିନ୍ତିତ ମନ୍ତବ୍ୟ ପତ୍ରରେ ପ୍ରକାଶ କରିଥିଲେ । ଏଥିରେ ସ୍ରଷ୍ଟାର ଉଦାରତା ଓ ଅନୁଭବୀ ପ୍ରାଣର ଆବେଗ ଫୁଟି ଉଠିଛି ।

ପୁରୀ

ତା ୭ । ୭ । ୧୮

ମହାଶୟ,

ଆପଣଙ୍କ ପ୍ରେରିତ ସ୍ନେହୋପହାର 'ମହୋଦଧି' ନାମକ କାବ୍ୟ ଖଣ୍ଡି ପାଇ ଅତୀବ ପ୍ରୀତ ହେଲି । ଆପଣଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକ ଯଦିଚ ଆପଣଙ୍କଠାରୁ ପାଇନାହିଁ, ଖୋଜି କେତେ ଖଣ୍ଡି ପଢିବାର ସୁବିଧା ପାଇଥିଲି । ଆପଣଙ୍କ ସହିତ ଥରେ ମାତ୍ର ପୁରୀରେ ସାକ୍ଷାତ ହୋଇଥିଲା । ଆପଣ ବର୍ତ୍ତମାନ ଶାରୀରିକ ଅସୁସ୍ଥତା

ସତେ ଉତ୍କଳ ସାହିତ୍ୟର ଉତ୍ତରୋତ୍ତର ଉନ୍ନତି କାମନାରେ ଯେପରି ମନ ପ୍ରାଣ ଢାଳିଦେଇଛନ୍ତି ତାହା ସମସ୍ତ ସମୟରେ ଭାବି ମନେମନେ ଆପଣଙ୍କ ଉଦ୍ଦେଶ୍ୟରେ ନମସ୍କାର କରିଥାଏଁ । ଆପଣଙ୍କ ସଦୃଶ ସାହିତ୍ୟସେବୀମାନେ ଆମ୍ଭମାନଙ୍କର ପୂଜ୍ୟ ଓ ନମସ୍ୟ । ଏହା ମୋର ମୌଖିକ କଥା ନୁହେଁ, ମୁଁ ପ୍ରାଣରେ ଏହିପରି ଅନୁଭବ କରିଛି ।

'ସନ୍ଦେହଦଧି' କାବ୍ୟଟି ଆମୂଳ ପଢ଼ିଲି । କାବ୍ୟଟି ବଡ଼ ସୁନ୍ଦର ହୋଇଛି । କାବ୍ୟଟି ପଢ଼ି ପ୍ରାଚୀତୀରକୁ ଆସିଲା ବେଳକୁ ଦେଖିଲି —

"ଦକ୍ଷିଣେ ତାହାର ସୁପ୍ରାଚୀନ୍ୟ ପ୍ରାଚୀ
ପ୍ରାଚୀ ଉଦଗ ମୁଖେ ଆସେ ନାଚନାଚ,
ଯା ପବିତ୍ର ତୀର କରିଛି ମଣ୍ଡନ
ପୌରାଣିକ ରମ୍ୟ ଦଣ୍ଡକ କାନନ,
ଯା କୂଳେ କେନ୍ଦୁଲୀ ଗ୍ରାମ ବିଦ୍ୟମାନ
କବି ଜୟଦେବ ପୁଣ୍ୟ ଜନ୍ମସ୍ଥାନ !"

ଏ ସ୍ଥାନଟି ପଢ଼ି ବାସ୍ତବିକ ମୋ ହୃଦୟ ନାଚି ଉଠିଲା, କାରଣ ମୁଁ ଏ ସତ୍ୟତା ପ୍ରମାଣିତ କରାଇବା ଲାଗି 'ମୁକୁର'ର 'ପ୍ରାଚୀନ ଉତ୍କଳ' ପ୍ରବନ୍ଧ ଓ ତାହାର ପ୍ରତିବାଦ ପ୍ରବନ୍ଧରେ ବହୁତ ପରିଶ୍ରମ କରିଥିଲି । ଆପଣଙ୍କ କାବ୍ୟରେ ତାହାର ଉଲ୍ଲେଖ ଦେଖି ନିଜ ପରିଶ୍ରମକୁ ସାର୍ଥକ ମନେକଲି ।

ଆଶାକରେ ଆପଣ ସାହିତ୍ୟ ଭଣ୍ଡାରରେ ଏହିପରି ସୁକାବ୍ୟ ସଂଖ୍ୟା ବୃଦ୍ଧି କରିବେ ।

ଆପଣଙ୍କର

ଶ୍ରୀ ଜଗବନ୍ଧୁ ସିଂହ

କବି ଚନ୍ଦ୍ରମଣି ରୋଗମୁକ୍ତ ହୋଇ, ସାହିତ୍ୟ ସେବାରେ ଜୀବନ ବିତାନ୍ତୁ, ଏହାଥାଏ ତତ୍କାଳୀନ ସାରସ୍ୱତ ସାଧକଙ୍କ କାମନା । ତାଙ୍କ ବ୍ୟାଧି ପାଇଁ ସେ ଯେତେ ବ୍ୟସ୍ତ ଓ ବିବ୍ରତ ନୁହଁନ୍ତି, ସାହିତ୍ୟିକ ଦରଦୀ ବନ୍ଧୁମାନେ ତାଙ୍କଠାରୁ ଅଧିକ ଚିନ୍ତିତ ଥିବାର ଦେଖାଯାଏ । ଦରଦୀବନ୍ଧୁର ସାନ୍ତ୍ୱନା ଦୁଃଖ ଲାଘବରେ ଯଥେଷ୍ଟ ସହାୟତା-କରେ । କବି ଗଙ୍ଗାଧର ମେହେର ଚନ୍ଦ୍ରମଣିଙ୍କ ପାଖକୁ ଦେଇଥିବା ପତ୍ରରେ ଜଣେ ସହୃଦୟ ସାହିତ୍ୟ ସେବୀର ମନୋଭାବ ପ୍ରକାଶ ପାଇଛି ।

ପଦ୍ମପୁର

ତା ୮ । ୭ । ୯

ସବିନୟ ନିବେଦନ ମିଦଂ—

ପ୍ରିୟତମ ଭାଇ, ଆପଣ ପୀଡ଼ିତ ହୋଇ ଗୃହକୁ ଯାଇଥିବାର ସମ୍ବାଦ 'ପ୍ରଜାମିତ୍ର'ରୁ ଅବଗତ ହୋଇ ମୁଁ ବଡ଼ ଭାବିତ ଥିଲି । ଆପଣଙ୍କର ଅନୁଗ୍ରହ ଉପହାର 'ମହୋଦଧି' ନାଗପୁରରୁ ଆସିଥିବାର ଦେଖି ଅବଶ୍ୟ ପଢ଼ିବାର ଉପଶମ ଥିବ ବୋଲି ଟିକିଏ ଆଶ୍ୱସ୍ତ ଅଛି ।

ଈଶ୍ୱର ଶୀଘ୍ର ଆପଣଙ୍କୁ ସୁସ୍ଥ କରନ୍ତୁ । ତାଙ୍କଠାରେ ଏହିମାତ୍ର ପ୍ରାର୍ଥନା । 'ମହୋଦଧି'ରେ ମୋର ଚକ୍ଷୁ ଓ ମନ ବାରମ୍ବାର ସନ୍ତରଣକରି ଅବିଶ୍ରାନ୍ତ ଆନନ୍ଦିତ ଅଛନ୍ତି । ମୁଁ ଏକପ୍ରକାର କୁଶଳରେ ଅଛି । । ଇତି ।

ଆପଣଙ୍କର

ସ୍ନେହାବଦ୍ଧ

ଶ୍ରୀ ଗଙ୍ଗାଧର ମେହେର

ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପତ୍ର—ଏହା ଲେଖିଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପିତା ସ୍ୱର୍ଗତ ଭଗବତୀ ପ୍ରସାଦ ମହାପାତ୍ର । ଏଥିରେ ଜାତୀୟତାର ମାତ୍ରା ଯେତିକି ସୂଚିତ, କବି ଫକୀରଙ୍କ ଗୌରବଗାନରେ ଏହା ସେତିକି ମୁଖରିତ । କବି ରାଧାନାଥ ରାୟଙ୍କ ସଂସ୍କୃତ ଭାଷା ଜାତୀୟତାମୂଳକ ସଙ୍ଗୀତକୁ ଦଳେ ଜାତୀୟତା-ମନ୍ତ୍ରୀ ବୁଝିଲାବି ନାପସନ୍ଦ କରୁଥିଲେ, ତାହା ଏଥିରୁ ପ୍ରମାଣ ମିଳେ ।

ବାଲେଶ୍ୱର

ପ୍ରିୟତମ ଚିନ୍ତାମଣି ବାବୁ, ୩୦ । ୧୦ । ୧୭

ଅନେକ ଦିନରୁ ଆପଣଙ୍କ ସହିତ ସାକ୍ଷାତ ହୋଇନାହିଁ । ଭାଗ୍ୟଚକ୍ରରେ ପଡ଼ି ମୁଁ ଆସି ଏପରି ସ୍ଥାନରେ ଅଛି ଯେ, ଆପଣ ଘରକୁ ଆସିଲେ ମଧ୍ୟ ଆପଣଙ୍କ ସହିତ ସାକ୍ଷାତ ହେବା କଠିଣ । ଯାହାହେଉ ଆପଣଙ୍କଠାରୁ କିଛି କାମ ନେବା ଉଦ୍ଦେଶ୍ୟରେ ବର୍ତ୍ତମାନ ଏହି ପତ୍ର ଲେଖୁଅଛି ।

ଆପଣ ନିଶ୍ଚୟ ଜାଣନ୍ତି ଯେ ଚଳିତବର୍ଷର ଉତ୍କଳ-ସମ୍ମିଳନୀର ଅଧିବେଶନ ବାଲେଶ୍ୱରରେ ହେବ । ଆପଣ ଅନ୍ୟ ଯେ ସାହାଯ୍ୟ କରନ୍ତୁ ସେ ଆପଣଙ୍କ ଇଚ୍ଛା । ସମୟୋପଯୋଗୀ କେତେକ ଗୋଟି ଗୀତ ଆପଣ ପଠାଇବେ । ଶୁଣିଲି ଗତବର୍ଷ ଆପଣ ସମ୍ବଲପୁରକୁ ଗୀତ ପଠାଇଥିଲେ; ମାତ୍ର ସେଠାକାର ଲୋକେ ତହିଁର ରାଗ ନ ପାଇ ଛାଡ଼ିଦେଲେ । ଯାହାହେଉ ବର୍ତ୍ତମାନ ଅନେକ ସମୟ ଅଛି । ଆପଣ ଗୀତ ଦେଲେ ତାକୁ ଆମ୍ଭେମାନେ ଏଠାରେ ଗାଇବାର ଚେଷ୍ଟା କରିବୁଁ । ଯଦି ରାଗପାଇ ଗାଇଲେ ତ ଭଲ, ନଚେତ୍ ସେଇ ଭାବ ନେଇ ଅନ୍ୟ ଗୀତ ରଚନା କରି ଗାଇବାରେ ଚେଷ୍ଟାକରିବୁ ମଧ୍ୟ । ଆପଣଙ୍କଠାରୁ ସାକ୍ଷାତ ସାହାଯ୍ୟ ନେବାରେ ମଧ୍ୟ ସମୟ ଥିବ ।

ଆପଣ ଜାଣିଥିବେ ରାଧାନାଥ ବାବୁଙ୍କ ରଚିତ ଗୋଟିଏ ଗୀତ ଅଛି "ସର୍ବେଷାଂ ମେ ଜନନୀ ଭାରତ ଧରଣୀ କଳ୍ପଲତେୟଂ" ଇତ୍ୟାଦି । ଏହି ଗୀତଟି ପ୍ରାୟ ଆମ ଦେଶରେ ଜାତୀୟ ସଙ୍ଗୀତ ସ୍ୱରୂପ ଗୀତ ହେଉଅଛି; କିନ୍ତୁ ତାହା ସମ୍ବନ୍ଧରେ ମୋହର କେତେକ କଥା କହିବାର ଅଛି ।

ଆମ ଦେଶ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ପ୍ରଭୃତି ଅନେକ ଜାତୀୟ ଲୋକଙ୍କ ବାସସ୍ଥାନ । ସମସ୍ତଙ୍କର ମୂଳଭାଷା ସଂସ୍କୃତ ନୁହେଁ । ଅତଏବ ଗୋଟିଏ ଜାତୀୟ ମହାସମିତିରେ ଉପଯୋଗୀ ଜାତୀୟ ସଙ୍ଗୀତ ସଂସ୍କୃତରେ ହେବା ଅପେକ୍ଷା ଓଡ଼ିଆରେ ହେବା ଭଲ ବୋଲି ମୁଁ ମନେ କରେ । ଏପରି ଗୀତଟିର ରାଗ ଭୈରବୀ । ଆମର ସମ୍ମିଳନୀର ଅଧିବେଶନର ସମୟ ଦିବା ଦୁଇପ୍ରହର ସମୟରେ । ସେତେବେଳେ ଭୈରବୀ ରାଗର ଗୀତ କର୍ଣ୍ଣ କଟୁ ହେଉଥିଲେ ମଧ୍ୟ ମୃତ କବିଙ୍କର ଅସମ୍ମାନ ହେବବୋଲି କେହି ଆପତ୍ତି କରନ୍ତିନାହିଁ । ସମ୍ଭବତଃ ସମୟୋପଯୋଗୀ ଅନ୍ୟ ଗୀତର ଅଭାବ ତହିଁର ଅନ୍ୟତମ କାରଣ ହୋଇପାରେ । ବିଶେଷତଃ ଗୀତଟିର ଶେଷାଂଶ ପୁଷ୍ପନଗର ପ୍ରତି ପ୍ରଯୁଜ୍ୟ । ଅତଏବ ଉତ୍କଳ ସମ୍ମିଳନୀ ପାଇଁ ସମୟୋପଯୋଗୀ ରାଗର ଗୋଟିଏ ଜାତୀୟ ସଙ୍ଗୀତ ଉତ୍କଳ ଭାଷାରେ ରଚିତ ହେବା ମୋହର ଇଚ୍ଛା ଏବଂ ତାହା ସର୍ବୋତ୍କୃଷ୍ଟରୂପେ ଆପଣଙ୍କଦ୍ୱାରା ସମ୍ପନ୍ନ ହେବ ବୋଲି ଲକ୍ଷ୍ମୀକାନ୍ତର ମତ । ବିଶେଷତଃ ଆପଣ ଆଉ ଅପର କଲ୍ଲାର କୌଣସି ଭାଇଙ୍କୁ ଏ କାର୍ଯ୍ୟର ଭାର ଦେବା ବିହିତ ମନେ କଲିନାହିଁ । ଆପଣ ଏ ବିଷୟ ବିଚାର କରି ଏବଂ ଇଚ୍ଛାକଲେ ଶ୍ରୀ ସୁରଙ୍ଗୀ ଅଧୀଶ୍ୱରଙ୍କର ଉପଦେଶ ନେଇ ଅତି ଶୀଘ୍ର ମୋହର ଉପରୋକ୍ତ ପ୍ରାର୍ଥନା ମାନ ପୂରଣ କରି ପଠାଇବେ ।

ଆପଣ ବୋଧହୁଏ ଜାଣନ୍ତି ଯେ ଲକ୍ଷ୍ମୀକାନ୍ତର ଚିକିତ୍ସା ବର୍ତ୍ତମାନ କଲିକତାରେ ହେଉଅଛି । ପୂଜାଛୁଟିରେ ଭଦ୍ରକ ଆସିଥିଲି । କଲିକତା ଯାଉଅଛି ।

ଅନ୍ୟାନ୍ୟ ସମସ୍ତ ମଙ୍ଗଳ । ଆପଣଙ୍କ ମଙ୍ଗଳାଦି ଲେଖି ଚରିତାର୍ଥ କରିବେ । ଇତି ।

ଆପଣଙ୍କର

ଶ୍ରୀ ଭଗବତ ପ୍ରସାଦ ମହାପାତ୍ର

ଚନ୍ଦ୍ରମଣି ମହାନ୍ତଙ୍କ ପ୍ରତିଭା ଓ ସାଧନା ପ୍ରତି ତତ୍କାଳୀନ କେତେକ କବିଙ୍କ ଓ ସାଧାରଣ ବ୍ୟକ୍ତି ଅସହିଷ୍ଣୁ ହୋଇ ପଡ଼ିଥିଲେ । ତୁଚ୍ଛରେ କବି-ପ୍ରତିଭାକୁ ମ୍ଳାନ କରିବା ଲାଗି ବିଭିନ୍ନ ପ୍ରକାରର ବିରୋଧୀ ସ୍ୱର ଉଠିଥିଲା । ବିଦ୍ୱେଷ ବ୍ୟାଧି କବଳରେ ଆଜିଭି କବି କଣ ବା କରିପାରିଥାଆନ୍ତି ! ସ୍ୱଭାବତଃ ସେ ବାଦ ପ୍ରତିବାଦ ଭିତରକୁ ପ୍ରବେଶ କରନ୍ତି ନାହିଁ; ମାତ୍ର ଅନ୍ୟମାନେ ତାଙ୍କୁ ଏପରି ପରିସ୍ଥିତିକୁ ଟାଣି ନିଅନ୍ତି । ସେ ଲେଖିଛନ୍ତି—"ଏ ସଂସାରରେ କାହାରି ସାଙ୍ଗରେ ଶତ୍ରୁତା ନ କଲେ ମଧ୍ୟ ଶତ୍ରୁର ଅଭାବ ହୁଏ ନାହିଁ । ଶତ୍ରୁ ବଳେବଳେ ଆସି ଲାଗିଯାଆନ୍ତି । କେହି ଗୁପ୍ତରେ ଶତ୍ରୁତା କରେ, କେହି ବା ପ୍ରକାଶ୍ୟରେ କରେ । ପ୍ରକାଶ୍ୟ ଶତ୍ରୁଠାରୁ ଗୁପ୍ତଶତ୍ରୁ ଭୟଙ୍କର । ସେ ମହାଗ୍ନି ଏବଂ ମାରାତ୍ମକ ଷଡ଼ଯନ୍ତ୍ରୀ । ଗୁପ୍ତଶତ୍ରୁ ଅନ୍ଧାରରେ ଠେକା ଫିଙ୍ଗେ । ଆଉ ଏକ ଶ୍ରେଣୀର ଶତ୍ରୁ ଅଛନ୍ତି, ସେମାନେ ଦ୍ୱିମୁଣ୍ଡିଆ ସାପ । ଗୋଟାଏ ମୁହଁରେ ଛଦ୍ମଅମୃତ ବୋଲି ଥାଆନ୍ତି, ଆଉ ଗୋଟାଏ ମୁହଁରେ ତୀବ୍ର ବିଷ ଉଦ୍‌ଗାର କରନ୍ତି; କିନ୍ତୁ ସେମାନେ ସହଜରେ ଧରା ପଡ଼ିଯାଆନ୍ତି । ସେମାନଙ୍କର ଦୁର୍ଗନ୍ଧ ପ୍ରକୃତି ସେମାନଙ୍କୁ ଧରାଇ ଦିଏ । ଏହି ଦୁଃସାଧ୍ୟ ବ୍ୟାଧି ଶିକ୍ଷିତସମାଜରେ ଅଧିକ ସଂକ୍ରମିତ ହେବାର ଦେଖାଯାଏ ।" ଏହିପରି ଶତ୍ରୁ ତାଙ୍କ ଜୀବନରେ ଘୋର ଶତ୍ରୁତା ଆଚରଣ କରିଛନ୍ତି । ବିଶେଷତଃ 'ସାଳନ୍ଦୀ' କାବ୍ୟକୁ କେନ୍ଦ୍ର କରି ଯେପରି ଆକ୍ରୋଶ-ମୂଳକ ସମାଲୋଚନା ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହା ତାଙ୍କ ଜୀବନରେ ଅଲିଭା ଦାଗ ହୋଇ ରହିଛି । ଏଥିରେ ସେ କମ୍ ଚିନ୍ତିତ ନଥାଆନ୍ତି; ମାତ୍ର ନୀରବତା ଭିତରେ ସବୁ ସମାଲୋଚନା ଶୁଣୁଥିଲେ । ତାଙ୍କ ପକ୍ଷରୁ ସାହିତ୍ୟିକମାନେ ଯୁକ୍ତି ଶୁଣାଉଥିଲେ । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ଫକୀରମୋହନ ସେନାପତିପ୍ରମୁଖ ଚନ୍ଦ୍ରମଣିଙ୍କ ରଚନାର ମହତ୍ତ୍ୱ ପ୍ରତିପାଦନ କରି ସପକ୍ଷ ଯୁକ୍ତି ବାଢ଼ିଥାଆନ୍ତି ।

ପଣ୍ଡିତ ବିଦ୍ୟାରତ୍ନ ବାସ୍ତବରେ ଜଣେ କଳାରସିକ । କଳା ପ୍ରତି ତାଙ୍କର ଶ୍ରଦ୍ଧା ଯେତିକି, କଳା ସ୍ରଷ୍ଟାଙ୍କ ପ୍ରତି ସମ୍ମାନ ଓ ଆଦର ତା'ଠୁଁ ଅଧିକ । ସେ 'ସମ୍ବଲପୁର ହିତୈଷିଣୀ'ର ସୁସମ୍ପାଦକ ଭାବେ ସୁଧିସମାଜରେ ସମ୍ମାନିତ ହେଉଥିଲେ । ବିଦ୍ୟାରତ୍ନଙ୍କ ସମ୍ପାଦକୀୟ ଉଚ୍ଚକୋଟୀର ସାମ୍ବାଦିକତାର ପରିଚାୟକ । ମାର୍ଜିତ ସାମ୍ବାଦିକତାର ଭାଷାରେ ଏହା ରଚିତ ହୁଏ । ସମ୍ବାଦପତ୍ର ହୋଇଥିଲେ ହେଁ, ଏଥିରେ ସାହିତ୍ୟ ଚର୍ଚ୍ଚା ଅବହେଳିତ ହୁଏନାହିଁ । ସମ୍ପାଦକଙ୍କ ପ୍ରତ୍ୟକ୍ଷ ସମ୍ପାଦନାରେ ସମ୍ବାଦ ଓ ସାହିତ୍ୟ ପରିବେଷିତ ହେଉଥାଏ । ସେତେବେଳେ ଓଡ଼ିଆ ସାହିତ୍ୟରେ ଏହା ମର୍ଯ୍ୟାଦାବନ୍ତ ସ୍ଥାନ ହାସଲ କରିଥିଲା । ସମ୍ପାଦକଙ୍କ ପାଣ୍ଡିତ୍ୟ ଓ ସମ୍ପାଦନାର ଦକ୍ଷତା 'ହିତୈଷିଣୀ'କୁ ଖୁବ୍ ଉଚ୍ଚରେ ପହଞ୍ଚାଇଥିଲା । ଊନବିଂଶ ଶତାବ୍ଦୀର ଶେଷ ଦଶକରେ ପତ୍ରିକାର ସୁନାମ ସମଗ୍ର ଉତ୍କଳରେ ଘୋଷିତ ହେଉଥାଏ । ସାମାଜିକ ଓ ଜାତୀୟ ଜୀବନ କ୍ଷେତ୍ରରେ ଏହାର ଅବଦାନ ସ୍ମରଣୀୟ ହୋଇ ରହିଛି । ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାକ୍‌କାଳରେ

ଅନ୍ୟାନ୍ୟ ପତ୍ରିକା ମଧ୍ୟରେ ଏହାକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ । ସମାଲୋଚକଙ୍କ ମତରେ "ଆଧୁନିକ ଓଡ଼ିଆ ସାହିତ୍ୟ ଶୈଶବ କାଳରେ ଯେଉଁ ପତ୍ରିକାଗୁଡ଼ିକ ଦ୍ୱାରା ଲାଳିତ ହୋଇଥିଲା, 'ସମ୍ବଲପୁର ହିତୈଷିଣୀ' ସେଗୁଡ଼ିକ ମଧ୍ୟରେ ଏକାନ୍ତ ଉଲ୍ଲେଖ୍ୟ । ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଆଲୋଚନାଭିତ୍ତିକ ମସୀସମର କାଳରେ ରାଧାନାଥଙ୍କ ପକ୍ଷସମର୍ଥନପୂର୍ବକ ଏ ପତ୍ରିକା ଆଧୁନିକ ଓଡ଼ିଆ ସାହିତ୍ୟର ଦୃଢ ପ୍ରତିଷ୍ଠାରେ ସହାୟକ ହୋଇଥିଲା । ନୂତନ ଲେଖକମାନଙ୍କୁ ଉତ୍ସାହ ଦେବାରେ ଏ ପତ୍ରିକାର ତତ୍ପରତା ପ୍ରଶଂସନୀୟ । ନନ୍ଦକିଶୋର, ଚନ୍ଦ୍ରମଣି ମହାନ୍ତି ଓ ପଦ୍ମଚରଣଙ୍କୁ ଛାଡ଼ିଦେଲେ ବହୁ ଅଖ୍ୟାତନାମା ତରୁଣ ଲେଖକଙ୍କୁ ଏହା ଲୋକ ଲୋଚନକୁ ଆଣିଥିଲା ।" ('ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ' ପୃଷ୍ଠା—୧୧୧—୧୧୨ ) । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ରମ୍ଭାରୁ ପ୍ରକାଶ ପାଉଥିବା 'ପ୍ରଜାବନ୍ଧୁ' ସାପ୍ତାହିକ ପତ୍ରିକା ମଧ୍ୟ ସେ ସମ୍ପାଦନା କରୁଥିଲେ ।

ପଣ୍ଡିତ ବିଦ୍ୟାରତ୍ନଙ୍କ ସହିତ ଚନ୍ଦ୍ରମଣିଙ୍କର ସଦ୍‌ଭାବ ଯଥେଷ୍ଟ । ଦୁହେଁ ପରସ୍ପରର ଗୁଣ ଓ ପ୍ରତିଭାରେ ମୁଗ୍‌ଧ ହୋଇଥାନ୍ତି । ଦୁହିଁଙ୍କ ଭିତରେ ଅକୃତ୍ରିମ ବନ୍ଧୁତା ଓ ଅକପଟ ସମ୍ପର୍କ ରହିଥାଏ । ସୁସମ୍ପର୍କ ଥିବାର ମୁଗ୍‌ଧ ମଧୁର ଅନୁଭୂତି ଦୁହିଁଙ୍କ ଜୀବନରେ ସ୍ମରଣୀୟ ହୋଇରହିଛି । ଚନ୍ଦ୍ରମଣି କହନ୍ତି—"ବିଦ୍ୟାରତ୍ନ ଅନେକ ଥର ବ୍ରହ୍ମପୁର ଆସନ୍ତି । ସଙ୍ଗରେ ଅଧିକ ଲୋକ ଥିଲେ ସ୍ୱତନ୍ତ୍ର ବସା କରନ୍ତି, ଜଣେ ଦୁଇଜଣ ଥିଲେ ମୋ' ବସାରେ ରହନ୍ତି । ଦିନେ ମୋତେ କହିଲେ—" "ଫକୀରମୋହନ ବାବୁଙ୍କ 'ଉତ୍କଳ ଭ୍ରମଣ' ପରି ତୁମ୍ଭେ 'ଗଞ୍ଜାମ ଭ୍ରମଣ' ଲେଖ । 'ପ୍ରଜାବନ୍ଧୁ'ରେ ତାହା ପ୍ରକାଶ କରିବା ।" "ମୁଁ କହିଲି—ଆପଣ ଉପକରଣ ଯୋଗାଇଦେଲେ ମୁଁ ଲେଖିବି ।" 'ସେ ସ୍ୱୀକୃତ ହେଲେ, ସେହିଦିନ ବସି କେତେ ଟୀକା ଟିପ୍‌ପଣୀ ହୋଇଗଲା । ନାମ ଦେବାକୁ ମୁଁ ମନାକଲି । ନୀଳମଣି କହିଲେ—' "ମୋର ବି ସେହି ମତ, ବର୍ତ୍ତମାନ 'ପ୍ରଜାବନ୍ଧୁ'ରେ ବେନାମୀ ଭାବରେ ଗଞ୍ଜାମ ଭ୍ରମଣ ବାହାରିବା ଦରକାର । ଅନେକ ସେଥିରେ ଉତ୍ତେଜିତ ହୋଇ ଉଠିବେ—ଅକାରଣ ଶତ୍ରୁ ବୃଦ୍ଧି ହେବ, ସୁତରାଂ ବିପଦର ସମ୍ଭାବନା ।"

ପ୍ରକୃତରେ ତାଙ୍କ ପ୍ରେରଣାରେ କବି 'ଗଞ୍ଜାମ ଭ୍ରମଣ' ଲେଖିଛନ୍ତି । କଥାବାର୍ତ୍ତା ପରେ ପରେ, ଚନ୍ଦ୍ରମଣି ଲେଖା ଆରମ୍ଭ କଲେ । ପ୍ରତିସପ୍ତାହ 'ପ୍ରଜାବନ୍ଧୁ'ର ଦୁଇଟି ସ୍ତମ୍ଭରେ ତାହା ପ୍ରକାଶିତ ହେଲା । ଏହିପରି ଭାବେ ଲେଖା ଚାଲିଥାଏ ଓ କ୍ରମଶଃ ପ୍ରକାଶ ପାଉଥାଏ । ଶୁଭେଚ୍ଛୁ ବନ୍ଧୁ ବିଦ୍ୟାରତ୍ନଙ୍କ ପ୍ରେରଣାରେ କବି ଆହୁରି କେତେ ରଚନା ମଧ୍ୟ ସୃଷ୍ଟି କରିଥିଲେ । ସ୍ରଷ୍ଟା ଜୀବନରେ ପଣ୍ଡିତ ନୀଳମଣିଙ୍କ ପରି ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ବିରଳ । ସେ ଏହା ନିଜେ ଅନୁଭବ କରିଛନ୍ତି, ଏବଂ କବିଙ୍କୁ ବିଦ୍ୟାରତ୍ନ କେତେ ସ୍ନେହ କରନ୍ତି ଏହି ଘଟଣାଟି ତାହାର ସାକ୍ଷ୍ୟ ।

ବ୍ରହ୍ମପୁର, ଗଞ୍ଜାମ
୨୩ । ୪ । ୧୭

ଶ୍ରଦ୍ଧାସ୍ପଦେଷୁ,

୨୧ ତାରିଖର ପତ୍ର ପାଠକରି ବଜ୍ରାହତ ପ୍ରାୟ ହେଲି । ମନ୍ତବ୍ୟ ଦେବାର ସମୟ ବର୍ତ୍ତମାନ ନୁହେଁ । ଏ ବ୍ୟବହାର ସକାଶ ବ୍ୟବସ୍ଥାପକ ନିଶ୍ଚୟ ଦିନେ ଅନୁତପ୍ତ ହେବେ । ନିତ୍ୟାନନ୍ଦ ବାବୁଙ୍କ ସହ ସଦ୍ଭାବ ଅଛି । ଚନ୍ଦ୍ରମଣି ବାବୁ ଇଚ୍ଛାକଲେ ପାରଳାର ରାଜକବି ହୋଇ ରହିପାରିବେ । ଏକେଟି ସହିତ ବାହ୍ୟତଃ ତୁମ୍ଭମାନଙ୍କର ବିରୋଧ ନାହିଁ । ସମ୍ପ୍ରତି ଚାହିଁଲେ ତାଙ୍କର ଅନୁକୂଳ ଲାଭ କରାଯାଇପାରେ । ମଞ୍ଜୁଷା ସହ ସଦ୍ଭାବ ଥିବା ସ୍ଥଳେ ସେ ବର୍ତ୍ତମାନ ସଙ୍କଟରୁ ମୁକ୍ତ କରିପାରନ୍ତି । ଏସବୁ ବିଷୟରେ ତୁମ୍ଭେ ଚନ୍ଦ୍ରମଣି, ନୀଳମଣି ଅପେକ୍ଷା ଆଜିକ ପ୍ରବୀଣ, ଏବଂ ସମୟରେ ଅଧିକ ଧୈର୍ଯ୍ୟଶୀଳ । ଉପସ୍ଥିତ ବିପଦରେ ତୁମ୍ଭେ ଧୈର୍ଯ୍ୟର ସହ ଆମ୍ଭମାନଙ୍କ ଅପେକ୍ଷା ନବ ନବ ପନ୍ଥା ଆବିଷ୍କାର କରିପାରିବ ।

ମୋର ମାନସିକ ଅବସ୍ଥା ଭଲ ଥିଲେ କିଛି ଚେଷ୍ଟା କରିଥାନ୍ତି । ସୁଦାମବାବୁ, ଗୌରୀଶଙ୍କର ସ୍ମୃତିଚିହ୍ନ ବ୍ୟବସ୍ଥା ଯୁଦ୍ଧ ସମୟରେ ହୋଇପାରିବ ନାହିଁ ବୋଲି କହିଥିବା ସ୍ଥଳେ ତାଙ୍କ ସହ ଏ ସମ୍ବନ୍ଧରେ ପତ୍ର ବ୍ୟବହାର କରିବାକୁ ପ୍ରବୃତ୍ତି ହେଉନାହିଁ । ପୁନଶ୍ଚ ଲେଖିଲେ ଲେଖିବି । ମୋ ଦ୍ୱାରା ଯାହା ହୋଇପାରେ ଲେଖିଲେ କରିବାକୁ ପ୍ରସ୍ତୁତ ଅଛି ।

ସେନାପତି ଲେଖିଅଛନ୍ତି—"କବି ଚନ୍ଦ୍ରମଣି ବାଦ ପ୍ରତିବାଦ ପଢ଼ୁଛନ୍ତି ତ ? ମୋ' ଜାଣିବାରେ ନିରର୍ଥକ ଧୂଳି ଫୋପାଡ଼ି କେହି ଚନ୍ଦ୍ରକୁ କଳଙ୍କିତ କରିପାରିନାହିଁ ।"

ଶୁଭାକାଙ୍କ୍ଷୀ
ନୀଳମଣି ବିଦ୍ୟାରତ୍ନ

ଜୀବନ କାଳରେ ଚନ୍ଦ୍ରମଣି ବହୁ ଶିଷ୍ଟ, ବିଶିଷ୍ଟ ଓ ସାଧାରଣ ଜନତା ଠାରୁ ପ୍ରୀତିପୂର୍ଣ୍ଣ ପତ୍ର ପାଇଥିଲେ । ବ୍ୟାଧିଗ୍ରସ୍ତ ଜୀବନରେ ଯଥାସମ୍ଭବ ସେ ପତ୍ରାଳାପ ଅବ୍ୟାହତ ରଖିଥାଆନ୍ତି ।

ରାଜା ମହାରାଜାମାନେ ତାଙ୍କ ପ୍ରତିଭା, ଶିଷ୍ଟାଚାର ତଥା ସଂଭ୍ରାନ୍ତ ଆଚାର ବ୍ୟବହାରରେ ସନ୍ତୁଷ୍ଟ ହେଉଥିଲେ । ଘଟଣାକ୍ରମେ ସେ ବହୁ ରାଜା ମହାରାଜାଙ୍କ ସଂସ୍ପର୍ଶରେ ଆସିଛନ୍ତି । ଶେଷଜୀବନ ପର୍ଯ୍ୟନ୍ତ ଏହିପରି ହିନ୍ଦୋଳ, ପାରଳା ଖେମୁଣ୍ଡି ଲକ୍ଷ୍ମୀଗଡ଼, ପାଟଣା, ବଡ଼ାମ୍ବା, ଇଚ୍ଛାପୁର, ପୁରୀ, ବୌଦ, ଧରାକୋଟ, ରଣପୁର, ଓ ମଣ୍ଡାସା ପ୍ରଭୃତି ରାଜାଙ୍କ ଅନୁଗ୍ରହ ଲାଭ କରିଥିଲେ ଏବଂ ସେମାନେ ଶ୍ରଦ୍ଧାପୂର୍ଣ୍ଣ ପତ୍ର ମାଧ୍ୟମରେ ସମ୍ପର୍କ ଅତୁଟ ରଖିଥିଲେ ।

ଏହି ପତ୍ରାଳାପକୁ କେନ୍ଦ୍ର କରି ତତ୍କାଳୀନ ମାନସିକ ଭାବଧାରାକୁ ବିଶ୍ଳେଷଣ କରିବା ସହଜ ସତ; ମାତ୍ର ତତ୍କାଳୀନ ଯୁଗୀୟ ପରିବେଶକୁ ମଧ୍ୟ ଅନୁଧ୍ୟାନ କରିବାକୁ ହେବ । ସେ ଯୁଗ ଥିଲା ଶ୍ରଦ୍ଧା, ପ୍ରେମ ଓ ହୃଦୟ ବିନିମୟର ଯୁଗ । ମଣିଷକୁ ମଣିଷ ଚିହ୍ନୁଥିଲା —ଚିହ୍ନିବା ମାଇଁ ତାକୁ ସମୟ ଲାଗୁନଥିଲା । ପରସ୍ପର ବୁଝାମଣା ଓ ହୃଦୟ ଦିଆନିଆର ବନ୍ଧନ ଥିଲା ମଣିଷ ପାଇଁ ଏକାନ୍ତ ବାସ୍ତବ । ଅନ୍ୟସବୁ ସ୍ୱପ୍ନ, କଳ୍ପନା ଓ ସାମୟିକ । ଦୀର୍ଘ ସ୍ଥାୟୀ ବାସ୍ତବତାର ସଙ୍ଗୀତରେ ମୁଖରିତ ହେଉଥିଲା ସମାଜ ଓ ମଣିଷର ଜୀବନଧାରା । ଆଜି ଏହି ସଙ୍ଗୀତ ନାହିଁ, ସ୍ୱର ଶୁଷ୍କ ହୋଇଯାଇଛି । ଏତେବେଳେ ହୃଦୟ ଦିଆନିଆର ବନ୍ଧନ କିଏ ବା ଖୋଜି ପାଇବ ! ଏଠି ଦିଆନିଆର ହିସାବ—ଛକା ପଞ୍ଝାର କୋଳାହଳ । କିଏ ବା କାହାକୁ ଚିହ୍ନିବ ! ହୃଦୟ ଖୋଲି ଆପଣାର ଅନୁଭବକୁ ପ୍ରକାଶ କରିବା ଆଜି ଯୁଗରେ ଦୁର୍ଲଭ । ତତ୍କାଳୀନ ପରିବେଶ ଏପରି ଥିଲା ଯେ, ସମାଜ ମଣିଷକୁ ପ୍ରଭାବିତ କରୁଥିଲା । ହୃଦୟାବେଗକୁ ପ୍ରକାଶ ଲାଗି କାଳବିଳମ୍ବ ହେଉ ନ ଥାଏ ।

ମଣିଷ ଦୋଷ, ଗୁଣ, ମିଥ୍ୟା ଓ ସତ୍ୟର ସଂମିଶ୍ରଣରେ ଗଠିତ । ତେବେ ମଣିଷ କାହିଁକି ଗୁଣ ଓ ସତ୍ୟ ଲାଗି ଏତେ ଗର୍ବିତ ହୁଏ ! ମିଥ୍ୟା ଓ ଅନ୍ଧକାର କାହା ଜୀବନରେ ଅଭାବ ରହିଛି ! ସବୁଠି, ସବୁ ତରଫରେ ଏହା ପୂରି ରହିଥାଏ; ମାତ୍ର ମଣିଷ ସବୁ କ୍ଷେତ୍ରରେ ଅଭିନେତା ସାଜେ । ଦୁନିଆକୁ ରଙ୍ଗମଞ୍ଚ ଭାବି ଏହାରି ଉପରେ ଠିଆହୋଇ ଜୀବନସାରା ଅଭିନୟ କରେ । ସଂଳାପ ଘୋଷିହୁଏ । ବିଭିନ୍ନ ରୂପରେ ନିଜକୁ ପରିଚୟ ଦିଏ । ଫଳରେ ମଣିଷର ସ୍ୱରୂପ ହଠାତ୍ ଉନ୍ମୋଚିତ ହୁଏ ନାହିଁ । ତା' ଅନ୍ତରାଳରେ ହିଁ ନିଜସ୍ୱ ରୂପଟି ଲୁଚି ରହିଯାଏ । ଅଭିନେତାର ରୂପକୁ ସମାଜ ଦେଖେ । ବହ୍ୱାଡ଼ମ୍ବରଗୁଡ଼ାକ ସମାଜ ଶୁଣି ଶୁଣି ଅଭ୍ୟସ୍ତ ହୋଇଯାଏ । ଯାହା ସେ ନୁହେଁ, ପାଇବା ପାଇଁ ଭାଜନ ନୁହେଁ, ସେ ତାହା କହେ ଓ ପାଇଛି ବୋଲି ଗର୍ବ ମନେକରେ । ଏହି ରୂପକୁ ସେ ସ୍ୱରୂପ ବୋଲି କହୁଥାଏ ସିନା; ମାତ୍ର ଏହା କ୍ଷଣସ୍ଥାୟୀ । ସମୟକ୍ରମେ ସ୍ୱରୂପ ପ୍ରକଟିତ ହୁଏ—ତାହା ହିଁ ଦୀର୍ଘସ୍ଥାୟୀ ହୁଏ । ସେତେବେଳେ ଅଭିନେତା-ମଣିଷଟି ସମାଜଠୁଁ ଦୂରେଇଯାଏ । ବାସନ୍ଦ ହୁଏ । ଏକଘରକିଆ ହୋଇ ରହିଯାଏ । ତାକୁ କେହି ପଚାରନ୍ତି ନାହିଁ । ସ୍ୱରୂପର ମୂଲ୍ୟାଙ୍କନ ହୁଏ, ସେଇସେତିକି ତା'ର ସମ୍ବଳ ହୁଏ—ନିଜକୁ ବଞ୍ଚାଇ ରଖିବା ଲାଗି ମଙ୍ଗ ଧରେ । ଜୀବନବାଦୀ ଶିଳ୍ପୀ କବିଶେଖର ଏହାକୁ ଅଙ୍ଗେ ଅଙ୍ଗେ ଅନୁଭବ କରିଛନ୍ତି । ସତ୍ୟତାର ରୂପ ଯେ ସୁଦୂରପ୍ରସାରୀ, ଏହା ସେ ଚିନ୍ତା କରିପାରିଥିଲେ । ସେଥିଲାଗି ଜୀବନଯାତ୍ରା ପଥରେ ସାମାଜିକ ମଣିଷ ଭାବେ ଯେତେ ଯାହା ସମ୍ମୁଖୀନ ହୋଇଛନ୍ତି, ସବୁକୁ ପ୍ରକାଶ କରିବାରେ ଦ୍ୱିଧା ନାହିଁ । ତାଙ୍କ 'ଜୀବନ ପଞ୍ଜିକା' ଏହାର ଦୃଷ୍ଟାନ୍ତ ।

"ପ୍ରତ୍ୟେକ ମନୁଷ୍ୟର ଭଲମନ୍ଦ ଦୁଇପାଖ ଅଛି, ମୋର ମଧ୍ୟ ଅଛି । ତାହା ନ କହିଲେ ଆତ୍ମଦୋଷ ଗୋପନ ପାପରେ ଲିପ୍ତ ହେବାକୁ ପଡ଼ିବ । ମୋର ପ୍ରଧାନ ଦୋଷ—ମୁଁ କ୍ଷଣକୋପୀ । କାହାର ଟିକିଏ ଭ୍ରମ ବା ତ୍ରୁଟି ଦେଖିଲେ ମୁଁ ସହିପାରେ ନାହିଁ । ସମସ୍ତଙ୍କୁ ମୋହର ମତରେ ଚଳାଇବାକୁ ମୁଁ ଇଚ୍ଛା କରେ; କିନ୍ତୁ ପ୍ରତ୍ୟେକ ଲୋକର ଯେ ସ୍ୱତନ୍ତ୍ର ମତ ଏବଂ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି, ତାହା ମୁଁ ଭୁଲିଯାଏ । ସମସ୍ତଙ୍କ ସ୍ୱାଧୀନତା ମୁଁ ନିଜ ହାତରେ ରଖିବାକୁ ଇଚ୍ଛାକରେ; କିନ୍ତୁ ନିଜର ସ୍ୱାଧୀନତା କାହାକୁ ଦେବାକୁ କୁଣ୍ଠିତ ହୁଏଁ । ଏହା ଅବଶ୍ୟ ସ୍ୱାର୍ଥପରତା ଏବଂ ସ୍ୱଭାବର ମନ୍ଦପଣ; କିନ୍ତୁ ଏ ମନ୍ଦ ମଧ୍ୟରେ ଭଲ ଏତିକି ଯେ ମନ ମଧ୍ୟରେ ମୁଁ କ୍ରୋଧ ପୋଷି ରଖେନାହିଁ, ତାହା ମୁହୂର୍ତ୍ତିକେ ମିଳାଇଯାଏ ।"

ଏ ସମ୍ପର୍କିତ ବିସ୍ତୃତ ଆଲୋଚନା ଅନାବଶ୍ୟକ । କାରଣ ତାଙ୍କ ସ୍ୱଉକ୍ତିରେହିଁ ବ୍ୟକ୍ତିତ୍ୱ ଉଜ୍ଜ୍ୱଳ ଭାବେ ପ୍ରକଟିତ । ଏହା ଅତ୍ୟନ୍ତ ସ୍ପଷ୍ଟ ଓ ସ୍ୱାଭାବିକ ମନ୍ତବ୍ୟ । ସ୍ରଷ୍ଟା କେବେ ନିଜର ସ୍ୱାଧୀନତାକୁ କ୍ଷୁଣ୍ଣ କରିବାକୁ ଚାହେଁ ନାହିଁ । ଏହାକୁ କେହି କେହି ସ୍ରଷ୍ଟାର ଅହଙ୍କାର ବୋଲି କହିପାରନ୍ତି; ମାତ୍ର ଏହି ଅହଙ୍କାର ପାଇଁ ସ୍ରଷ୍ଟା ସକ୍ରିୟ ଓ ଅଧିକ ସୃଷ୍ଟିକ୍ଷମ ହୁଏ । ଆପଣାର ସ୍ୱାଧୀନ ଚିନ୍ତା ଭିତରେ ସୃଷ୍ଟିକୁ ଯତ୍ନର ସହ ଗଠନ କରେ । ଅନ୍ୟର ପରାମର୍ଶ, ଚିନ୍ତା ଓ ଆବେଗକୁ ସେ ସମ୍ମାନ ଦିଏ; ମାତ୍ର ସୃଷ୍ଟି ଲାଗି ଉପାଦାନ ଭାବେ ଗ୍ରହଣ କରିପାରେନାହିଁ । ଅନ୍ୟର ଭାବରାଜିକୁ ଅପେକ୍ଷା କରି ବସିଲେ ସ୍ରଷ୍ଟାର ସୂକ୍ଷ୍ମ ଚିନ୍ତା ବ୍ୟାହତ ହୁଏ—ବିକୃତ ହୋଇଉଠେ । ଶିଳ୍ପକର୍ମ ଓ ଶିଳ୍ପୀ ଭିତରେ ବ୍ୟବଧାନ ବୃଦ୍ଧି ପାଏ । ସ୍ରଷ୍ଟାର ଆବେଦନ ଠିକ୍ ଭାବରେ ପାଠକ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରିବା ସମ୍ଭବ ହୁଏ ନାହିଁ । ସ୍ୱାଧୀନ ଚିନ୍ତା ବିନା ଶିଳ୍ପ ସାର୍ଥକ ହୁଏନା । ସେ କେତେବେଳେ କଣ ଭାବିବ, କାହାକୁ ତା' ଶିଳ୍ପ ରାଜ୍ୟକୁ ସ୍ୱାଗତ କରିନେବ, ଏସବୁ ନିର୍ଭର କରେ ସ୍ରଷ୍ଟାର ସ୍ୱକୀୟ ଚିନ୍ତା ଓ ସ୍ୱାଧୀନ ମନ ଉପରେ । ତା' ନ ହୋଇଥିଲେ କେଉଁ ସ୍ରଷ୍ଟାର ନାୟିକା ବିଚ୍ଛେଦ, ଟ୍ରାଜେଡ଼ି ଆଣି ଦେଉଛି ତ, କାହାର ନାୟିକାର ବିଚ୍ଛେଦରେ ସେ ବିହ୍ୱଳିତ ହୁଅନ୍ତା ନାହିଁ । ଅବା ଶୂନ୍ୟତା ଭିତରେ କେଉଁ ସ୍ରଷ୍ଟା ପୂର୍ଣ୍ଣତାକୁ ଅନୁଭବ କରନ୍ତା ନାହିଁ ! ସ୍ରଷ୍ଟା ଇବ୍‌ସନ ତାଙ୍କ ରଚିତ 'ଡଲସ୍ ହାଉସ୍'ର ନାୟିକା ନୋରା ଲାଗି ଏତେ ଭାବବିହ୍ୱଳ ହୋଇ ନ ଥାଆନ୍ତେ ! ସେ ଦ୍ୱାରର ପରଦା ଠେଲି ବାହାରକୁ ଯିବା ପାଇଁ କିଏ ତାଙ୍କୁ ନିର୍ଦ୍ଦେଶ ଦେଇଥିଲା ! ସତେ ଯେପରି ଇବ୍‌ସନ ମନେ କରୁଥିଲେ ଦୀର୍ଘ ସମୟ ଧରି କାନ୍ଧରେ ତା'ର ହାତକୁ ଥୋଇ କେତେ ଆଦର ସୋହାଗରେ ଠିଆ ହୋଇଥିବା ହାତଗଢ଼ା ନାୟିକା 'ନୋରା' ଏବେ ଆଉ ଏଠାରେ ନାହିଁ । ଆଖି ପିଛୁଳାକେ ତାଙ୍କଠାରୁ ଚାଲିଯାଇଛି ।

ଜୀବନକୁ ଭଲ ପାଇବାର ସାଧନା ଭିତରେ ଚନ୍ଦ୍ରାମଣି ନିମଗ୍ନ ରହି ନଥିଲେ, ଜୀବନର ଏତେ ନିର୍ଯ୍ୟାସ ପାଆନ୍ତେ କେଉଁଠୁ ? ଜୀବନର ସବୁକୁ ବୁଝିବା ଓ ବିଶ୍ଳେଷଣ ଲାଗି ପ୍ରୟାସ ନଥିଲେ ଏପରି ଉକ୍ତି କିଏ ବା ଶୁଣାଇ ପାରିବ—"ବୁଢ଼ା ହୋଇ ମରିବାକୁ ବସିଲି, ତଥାପି ମୋର ସଂଯମ ଶିକ୍ଷା ହେଲା ନାହିଁ, କି ଅବଧି ମାୟା, ମୋହ, ମମତା ଛାଡ଼ି ପାରିଲି ନାହିଁ । ପିଲାମାନେ ଟିକିଏ କାନ୍ଦିଲେ ମୁଁ ଧୈର୍ଯ୍ୟଚ୍ୟୁତ ହୋଇପଡ଼େ । ସେ ମୋର କିଏ, ତାହା ସହିତ ମୋର କେତେଦିନ ବା ସମ୍ପର୍କ—ଆଖି ବୁଜିଲେ କେହି କାହାର ନୁହେଁ, ଏହା ଜାଣି ସୁଦ୍ଧା ମୁଁ ମାୟା ମୋହରେ ଅନ୍ଧ ହୋଇଯାଏଁ । ବାଡ଼ିରେ ଗୋରୁ ବା ଛେଳି ପଶିଲେ ତାକୁ ନ ତଡ଼ିବା ଯାଏଁ ମୁଁ ସ୍ଥିର ହୋଇ ରହିପାରେ ନାହିଁ । ଆଜି ମରିଗଲେ କାଲି ପଲପଲ ଗୋରୁ ଛେଳି ପଶି ଖାଇଲେ ମୁଁ ଘଉଡ଼ିବାକୁ ଆସିବି ନାହିଁ—ଏ ଚେତନା ମୋର ଥାଏ ନାହିଁ ।"

ସ୍ରଷ୍ଟା ସାମାଜିକ ସାଧାରଣ ମଣିଷଟିଏ; ମାତ୍ର ସ୍ରଷ୍ଟାତ୍ୱ ତା'ର ଅସାଧାରଣ—ଅସୀମ ଓ ଅକଳ୍ପନୀୟ ଭାବେ ପରିଗଣିତ ହୁଏ । ସାଧାରଣ ମଣିଷ ଭାବେ ଜୀବନର ଦୋଷ ଦୁର୍ବଳତାରୁ ସେ ମୁକ୍ତ ନୁହେଁ । ସ୍ରଷ୍ଟା ଦୁର୍ବଳତାର ଶିକାର ହୁଏନା । ଏହି ଦୁର୍ବଳତା ଲାଗି ତା'ର ସଂଗ୍ରାମ ଅବିରତ ଚାଲିଥାଏ । ଦୁର୍ବଳତାକୁ ଲଂଘନ କରି ଶକ୍ତିମତ୍ତାର ପରିଚୟ ଦେବା, ବିଜୟ ଓ ସଫଳତାର ମୁକ୍ତ ଉଦାର ସଙ୍ଗୀତ ଶୁଣାଇବା ତା'ର ସ୍ୱଧର୍ମ । କିନ୍ତୁ ସାଧାରଣ ଜୀବନର ସମସ୍ତ ଦୁର୍ବଳତାକୁ ମଧ୍ୟ ସେ ବହନକରି ଚାଲିଥାଏ । ସାଧକ ଚନ୍ଦ୍ରାମଣି ଏଥିରୁ ବ୍ୟତିକ୍ରମ ନୁହଁନ୍ତି । ଜୀବନର ସବୁ ଦୋଷ ଓ ଦୁର୍ବଳତାକୁ ନିଜ କଣ୍ଠରେ ସ୍ୱୀକାର କରିଛନ୍ତି । ସେଠାରେ ସ୍ରଷ୍ଟାର ପରିଚୟ—ଅହଙ୍କାର ନାହିଁ ଅଭିମାନ ନାହିଁ । ସାଧାରଣ ମଣିଷ ପ୍ରାଣର କଥାକୁ ପ୍ରକାଶ କରି ସେ କହନ୍ତି—

"ମୁଁ ମିଥ୍ୟାବାଦୀ । ପାଖରେ ପଇସା ଥାଉଁ ଥାଉଁ ପିଲାଏ ମାଗିଲେ 'ନାହିଁ' ବୋଲି ବେଳେବେଳେ କହେଁ । କ୍ଷୁଦ୍ର ମିଥ୍ୟାହେଲେ ବି ଏହା ଭୟଙ୍କର । କ୍ଷୁଦ୍ର ସର୍ପ କି ଭୟଙ୍କର ନୁହେଁ ? କଣିକାଏ ବିଷ କି ପ୍ରାଣଘାତକ ନୁହେଁ ? ଏଥିପାଇଁ ମୁଁ ଅନେକଥର ମନେ ମନେ ଲଜ୍ଜିତ ହୁଏ ମାତ୍ର କୁଅଭ୍ୟାସ ଛାଡ଼ି ପାରେନାହିଁ । ଏହିପରି ଦୋଷ ଦୁର୍ଗୁଣ ମୋର ଅନେକ ଅଛି । ମୁଁ ନିର୍ଦ୍ଦୋଷ ନିଷ୍କଳଙ୍କ ବୋଲି ନିଶ୍ଚୟ କରି ନିର୍ଭୟରେ କହିପାରିବି ନାହିଁ ।"

ସାମାଜିକ ସାଧାରଣ ମଣିଷ ପରି ସ୍ରଷ୍ଟା ଜୀବନ ମଧ୍ୟ କଳଙ୍କିତ । ବିଭିନ୍ନ କଳଙ୍କ କାଳିମାରେ ଜୀବନ ତା'ର ଆଚ୍ଛନ୍ନ । ନାନା ଅପବାଦରେ ଘରଷ୍କାନ୍ତ ; ଭ୍ରଷ୍ଟତାଠାରୁ ସେ ଦୂରରେ ନୁହେଁ; ମାତ୍ର ଭ୍ରଷ୍ଟାଚାରୀକୁ ନୂତନ ଦିଗ୍‌ଦର୍ଶନ ଦିଏ । ପଙ୍କରୁ ପଙ୍କଜ ସୃଷ୍ଟି କରେ । ହଳାହଳରୁ ଅମୃତ ବିତରଣ କରେ । ସ୍ରଷ୍ଟାତ୍ୱର ଶକ୍ତି ମାଧ୍ୟମରେ ସ୍ରଷ୍ଟା କେତେ କଣ ସାଧନ କରିପାରେ ।

ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ ଯେ, ସ୍ରଷ୍ଟା ମହାନ୍ ଜୀବନର ପ୍ରତୀକ ନହୋଇ ମହାନତା ପ୍ରଦର୍ଶନ କରୁଛି କିପରି ? ଏହା ମୂଳରେ ଆପଣା ସାଧନା ନିହିତ ଓ ଏହାର ମାଧ୍ୟମରେ ସ୍ରଷ୍ଟାତ୍ୱକୁ ସେ ବିକଶିତ କରେ । ସ୍ରଷ୍ଟାତ୍ୱ ବଳରେ ସେ ଯେଉଁ କଳା ସୃଷ୍ଟି କରେ, ସ୍ରଷ୍ଟାର ଜୀବନ ସହିତ କଳାର ସମ୍ପର୍କ ରହି ନପାରେ, ଏବଂ ଜଣେ ସ୍ରଷ୍ଟା ମହାତ୍ମା ନହୋଇ, ତା' ସୃଷ୍ଟି ଜଗତରେ ମାହାତ୍ମ୍ୟ ଉପସ୍ଥାପନ କରିପାରେ । ଏହି ମାହାତ୍ମ୍ୟର ସ୍ୱର ସ୍ରଷ୍ଟାର ଅନ୍ତରାତ୍ମାରୁ ହିଁ ଜନ୍ମନିଏ । ଅନ୍ତରାତ୍ମାର ସ୍ୱରୂପ ସହଜରେ ଆକଳିତ ହୁଏନାହିଁ । ଦୃଶ୍ୟମାନ ନୀତିଭ୍ରଷ୍ଟ କେବେକେବେହେଲେ ଆନ୍ତରାତ୍ମାର ପରିଚାୟକ ନୁହେଁ । ତା' ହୋଇଥିଲେ କଳଙ୍କିତ ପୁରୁଷ କବି ବାଇରନ ଅମର ହୋଇ ନ ଥାଆନ୍ତେ ! ଏତେ ନିଷ୍ଠୁର ଓ ହୃଦୟ ବିହୀନ ଚରିତ୍ରଠାରୁ ନିଷ୍ପେଷିତ ଲାଗି କରୁଣାର ବାରି ବର୍ଷି ପାରିଲା କିପରି ! ନିଷ୍ଠୁରତା ଓ କର୍କଶତା ଭିତରେ ଦୟାର୍ଦ୍ର ହୃଦୟର ରୂପ ଲୁଚି ରହିଥାଏ, ବାଇରନଙ୍କ ଜୀବନ ହିଁ ତା'ର ଉଦାହରଣ । ବାଇରନଙ୍କ ଜୀବନ ଯାହା ଭରସା'ର ଆଶ୍ରୟସ୍ଥଳ ନୁହେଁ ବୋଲି ଯାହା ବାହାର ଜଗତରୁ ଅନୁଭୂତ ହୁଏ ତାହା ଯଥାର୍ଥ ନୁହେଁ । ତାଙ୍କ ଅନ୍ତରାତ୍ମା ଯେ ପତିତମାନଙ୍କ ଉଦ୍ଧାର ଲାଗି ଉଦ୍ଦିଷ୍ଟ ଏହା କିଏ ବା ଅସ୍ୱୀକାର କରିବ !

କବିଶେଖର ଚନ୍ଦ୍ରମଣି ହେଉଛନ୍ତି ସ୍ମୃତିର ରୂପକାର । ସ୍ମୃତି ଅମର— ତାହା ଚିରଦିନ ଜାଜ୍ୱଲ୍ୟମାନ । ଏହା ମଣିଷକୁ ଯେତିକି ଆନନ୍ଦ ଦିଏ, ସେତିକି ମଧ୍ୟ ଅବଶୋଷ ଦେଇଯାଏ । ସବୁସତ୍ତ୍ୱେ, ସ୍ମୃତିମୁଖର ମଣିଷ ଲାଗି, ସ୍ମୃତି ଯେପରି ଜପାମାଳ ହୁଏ । କାହା ଲାଗି ସ୍ମୃତି ପୁରାତନ ମନେ ହୁଏନା । ଏହା ଯେତେ ଘଷଗ୍ର ହେଲେ ବି, ଯେତେ ଦୁଃଖ ଦେଲେ ବି, ମଣିଷ ଏହାଠାରୁ ବିଚ୍ଛିନ୍ନ ହୋଇ ପାରେନା । ଏହାର ରୂପ-ତୃଷ୍ଣା ମଣିଷକୁ ଆକୃଷ୍ଟ କରେ । କାଳର ଦୂରତା କେବେ ସ୍ମୃତିର ସ୍ୱରକୁ ହଜାଇ ପାରେନା । ସ୍ମୃତିର ରୋମନ୍ଥନ ଲାଗି ମଣିଷର କି ବ୍ୟାକୁଳତା ସତେ ! ଏହା କବି ଦୃଷ୍ଟିରେ ଆହୁରି ଅଧିକ ନିତ୍ୟ ନୂତନ—ଚଳ ଚଞ୍ଚଳ । ଖୋଜି ଖୋଜି ଯାହା ପାଇଁ ସେ ପାଗଳ, ସେହି ସ୍ମୃତି ଖିଅ କେମିତି ଅଜଣାରେ ଆସି କବିଙ୍କୁ କୋଳେଇ ନେଉଛି । ତାଙ୍କ ଭାଷାରେ କହିଲେ—"ବାଲ୍ୟକାଳ ଚାଲି ଯାଉଅଛି, ମାତ୍ର ତାହାର ଅବିନଶ୍ୱର ସ୍ମୃତି ରହି ଯାଉଅଛି । ସେହି ସ୍ମୃତିର କଣିକାରେ ମଧ୍ୟ ଯଥେଷ୍ଟ ସୁଖ ଅଛି । ସେହି ସ୍ମୃତିସାଗର ମନ୍ଥନ କଲେ ଯେଉଁ ସୁଖ ମିଳେ ତାହାହିଁ ଅମୃତ । ପ୍ରିୟ ବସ୍ତୁ କଦାପି ପୁରୁଣା ହୁଏ ନାହିଁ । ଯେତେବେଳେ ଆଲୋଚନା କଲେ ତାହା ନୂତନ ପରି ବୋଧହୁଏ ।"

ସାଧକଙ୍କ 'ଜୀବନଚନ୍ଦ୍ରିକା' ଏକ ଐତିହାସିକ ଦଲିଲ । ଏଥିରେ ଇତିହାସ ସଞ୍ଚିତ ହୋଇ ରହିଛି । ଓଡ଼ିଶାବାସୀଙ୍କ ଅତୀତ ସ୍ୱଭାବ ଓ ଜୀବନଯାତ୍ରାର

ମାନ ଓ ଧାରା ପ୍ରକାଶିତ ହୋଇଛି । ପ୍ରବାସ ଜୀବନଯାପନ କରି ଫେରିବା ପରେ, ସ୍ୱବାସରେ କିପରି ଆମର ପୂର୍ବପୁରୁଷମାନେ ସ୍ୱାଭାବିକ ଚାଲିଚଳଣି ଭୁଲିଥିଲେ, ଏବଂ ତା' ପରିବର୍ତ୍ତେ କୃତ୍ରିମ ରଙ୍ଗ ଓ ରାଗରେ ଆପଣାକୁ ପରିଚିତ କରାଇବା ଲାଗି ବ୍ୟାକୁଳ ହୁଅନ୍ତି, ତାହା ଐତିହାସିକ ସତ୍ୟ । ପ୍ରବାସରେ ରହି ସତେ ଯେପରି ସେମାନେ ଆମ ସଂସ୍କୃତି, ଭାଷା ଓ ଚଳଣିକୁ ସମ୍ପୂର୍ଣ୍ଣ ଭାବେ ପାସୋରି ଦେଇଥାଆନ୍ତି, ଏହା ଅଭିମତ ହୁଏ । ପ୍ରବାସୀ ହେବା ଯେପରି ସେମାନଙ୍କ ଲାଗି ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଥିଲା । ପ୍ରବାସୀ ରୂପରେ ସେମାନେ ଜନ୍ମମାଟିର ଭାଇ, ବନ୍ଧୁ, ଜ୍ଞାତି, କୁଟୁମ୍ବ ଓ ଆତ୍ମୀୟମାନଙ୍କୁ ହୀନ ମନେକରୁଥିବା ଏଥିରୁ ଅନୁମିତ ହୁଏ । କେତେ ବଡ଼ ବଡ଼ ଧାରକରା ତଥ୍ୟ ସେମାନେ ଶୁଣାନ୍ତି—ପ୍ରବାସକୁ ଗଡ଼ ଜିଣିବା ସହ ତୁଳନା କରନ୍ତି । ସାହେବୀ ଢଙ୍ଗ ବଜାୟ ରଖନ୍ତି । ଏଠାକାର ଜନତାଠାରୁ ନିଜକୁ ଦୂରରେ ରଖିବା ଲାଗି ସତର୍କ ରହନ୍ତି; ମାତ୍ର ଅଳ୍ପ ଦିନପରେ ସେମାନେ କିପରି କୃତ୍ରିମ ରୂପକୁ ପଦାରେ ପକାନ୍ତି, ସେ ସମ୍ପର୍କିତ ବାସ୍ତବ କଥା ଲେଖକ ଉଲ୍ଲେଖ କରିଛନ୍ତି—"କଲିକତିଆମାନଙ୍କର ଢଙ୍ଗ ବଡ଼ ଚମତ୍କାର । ସେମାନେ କିଛି ଦିନ ଯାଏଁ ବିଚିତ୍ର ଖେଚଡ଼ି ଭାଷାରେ କଥା କହି ନିଜର ଗୁଣଜ୍ଞ—ଚତୁରତା ପ୍ରଦର୍ଶନ କରି ବୁଲନ୍ତି । ଯେମନ୍ତ କି ସେମାନେ ପୂର୍ବର ମାନବଜୀବ ନୁହନ୍ତି, କଲିକତାରେ ନୂତନ ଗ୍ରନ୍ଥରେ ଢଳା ହୋଇ ଏକପ୍ରକାର ଚଟକନିପୁଣ ଜୀବରେ ପରିଣତ ହୋଇ ଆସିଅଛନ୍ତି । 'ପର୍ଶୁଦିନ କାହାକରୁ ନାହେଇଲା, ସିକି ପଇସାର ଲୁଣ ଦେ ନା ଭାଇ, ନାଇତେ ଯିବ' ପ୍ରଭୃତି—ସେମାନଙ୍କର ତାତ୍କାଳିକ ଭାଷା । ସେମାନେ ଦିନା କେତେ ଖୁବ୍ ସଫା ସୁତୁରା ହୁଅନ୍ତି ଏବଂ ଭାରି ଚଟକ ଦେଖାଇ ହୁଅନ୍ତି । କେହି କେହି ନିଜ ସିଆଣାପଣର ପ୍ରଶଂସା ଦେଖାଇବାକୁ ଯାଇ ଶହକରେ ପାଞ୍ଚକୋଡ଼ି ମିଥ୍ୟା କହନ୍ତି । କିଛି ଦିନ ବଡ଼ଲୋକୀ ଦେଖାଇ କାମଦାମ କରନ୍ତି ନାହିଁ । ମାତ୍ର ପଇସା ସରିଗଲେ ଯେଉଁ ଫକୀରକୁ ସେହି ଫକୀର ।" ( ପୃଷ୍ଠା-୧୭ )

ସେତେବେଳେ ଓଡ଼ିଆମାନେ ନିଜ ରାଜ୍ୟରେ ପରିଶ୍ରମ କରି ଅର୍ଥ ରୋଜଗାର ଅପେକ୍ଷା, ବାହାରେ ଅଧିକ ପରିଶ୍ରମ କରି ଅର୍ଥ ରୋଜଗାରକୁ ପସନ୍ଦ କରୁଥିଲେ । ନିଜ ରାଜ୍ୟରେ ପରିଶ୍ରମ ମାଧ୍ୟମରେ ସୁନା ଫଳାଇବା ପ୍ରତି ସେମାନଙ୍କର ଆଗ୍ରହ ଓ ଉତ୍ସାହ ନଥିଲା । ପେଟ ଗୃହସ୍ଥିକ ପାଇଁ ସେମାନେ ଭିଟା ମାଟି ଭୁଲି ବିଦେଶକୁ ଯାଆନ୍ତି । ବିଦେଶୀ ବୋଲି ଆପଣାକୁ ପରିଚିତ କରାନ୍ତି । ସହରୀ ଚାଲିଚଳଣି ଓ ପାଣି ପବନକୁ ଆଦରି ନିଅନ୍ତି । ଏଥିରେ ସେମାନେ କ୍ଷଣିକ ଲାଗି ମାନସିକ ତୃପ୍ତିଲାଭ କରନ୍ତି ସିନା, ହେଲେ କିନ୍ତୁ ସେମାନଙ୍କ ଜୀବନଧାରାର ମାନ ଉନ୍ନତ ହୁଏ ନାହିଁ, କେବଳ ବିଦେଶରେ ରହି ବିଦେଶୀ ବୋଲି ଗର୍ବ ଅନୁଭବ କରିବାର ପ୍ରବୃତ୍ତି ବୃଦ୍ଧି ପାଉଥାଏ । ସେଠାରେ ନିଜର ସ୍ୱାସ୍ଥ୍ୟ ପୁଷ୍ଟ ହେଉଛି କି ନା, ସେଆଡ଼କୁ ଦୃଷ୍ଟି ରହେ

ନାହିଁ । ନିଜ ରାଜ୍ୟରେ ପରିଶ୍ରମ କାତର ହୋଇ, କମ୍ବା ସମ୍ମାନ କ୍ଷୟ ହେବା ଆଶଙ୍କାରେ ପରିଶ୍ରମ ନକରି, ପ୍ରବାସରେ କୁଲିଗିରିକୁ ତତ୍କାଳୀନ ଓଡ଼ିଆମାନେ ପସନ୍ଦ କରୁଥିଲେ, ଏହା ଭାବିଲେ ଜାତିସ୍ୱ ନିଶ୍ଚିତ ଲାଗି ଲଜ୍ଜିତ ହେବାକୁ ହୁଏ । ଦୀନହୀନ ଭାବେ ପ୍ରବାସ ଜୀବନକୁ ଓଡ଼ିଆ ଗ୍ରହଣ କରୁଥିଲା କାହିଁକି, ଏ ପ୍ରଶ୍ନ ବି ମନକୁ ଆସେ । ଅବଶ୍ୟ ଅଧୁନା କେତେ କ୍ଷେତ୍ରରେ ପରିସ୍ଥିତି ଭିନ୍ନ ରୂପ ନେଇଛି । ତେବେ ତତ୍କାଳୀନ ପ୍ରବାସୀ ଓଡ଼ିଆଙ୍କ ମାନସିକ ବିଗ୍ରହବୋଧ ପ୍ରତି ଯେତିକି ବ୍ୟଙ୍ଗବାଣୀ ଶୁଣାଇବାକୁ ଇଚ୍ଛା ହୁଏ, ସେତିକି ବି ସେମାନଙ୍କ ଅବସ୍ଥା ଲାଗି ଦୁଃଖ ଜାତ ହୁଏ । ଯାହାହେଉ ଆମ ପୂର୍ବପୁରୁଷଙ୍କ ଗର୍ବ ଗୌରବ ଆଲୋଚନାବେଳେ ଏହି ଦୟନୀୟ ଚିତ୍ର ମଧ୍ୟ ଆଲୋଚିତ ହେବା ଆବଶ୍ୟକ । ପ୍ରବାସରେ ଦୁଃଖ, ଦୁର୍ଦ୍ଦିନ ଭିତରେ କାଳାତିପାତ କରୁଥିଆନ୍ତି, ଅଥଚ ଗାଆଁକୁ ଫେରିଲେ କଲିକତିଆଙ୍କ ପ୍ରଦର୍ଶନ କରନ୍ତି । ବଡ଼ ବଡ଼ କଥା କହି ବାହାସ୍ଫୋଟ ମାରନ୍ତି । କଥା କଥାକେ, ସାହେବୀ ଚଳଣିର ଉଦାହରଣ ଦିଅନ୍ତି । (ଏ ଲେଖକ ଏମିତି ପ୍ରବାସୀଓଡ଼ିଆଙ୍କ ସଂସ୍ପର୍ଶରେ ଆସିଛି । ତେଣୁ ଏପରି ନୋଲ୍ଡବର ଚିତ୍ର କେଉଁଠି ଦେଖିଲେ ସେ ବା ସତ୍ୟ ବୋଲି ଗ୍ରହଣ ନ କରିବ କାହିଁକି !) ଏବେବି କପଟ ମୋଫସଲରେ ଓଡ଼ିଆ କଲିକତିଆଙ୍କ ସ୍ୱଭାବ ଦେଖିଲେ ହସ ମାଡ଼େ ।

ଚିନ୍ତାମଣି ଗ୍ରନ୍ଥ ପ୍ରକାଶନ ଓ ଅନ୍ୟାନ୍ୟ କାର୍ଯ୍ୟ ଲାଗି କଲିକତା ଯାଉଥିଲେ । ଅତ୍ୟଧିକ ଓଡ଼ିଆ ପ୍ରୀତି ଥିବାରୁ ସେ ଓଡ଼ିଆଙ୍କ ବସାଘରେ ରହିବାକୁ ପସନ୍ଦ କରନ୍ତି । ସେମାନଙ୍କ ଗହଣରେ ଯେଉଁ କେତେଦିନ ବିତାନ୍ତି, ସେତେବେଳେ ସେ ପ୍ରବାସୀ ଓଡ଼ିଆଙ୍କ ଠାରୁ ପ୍ରବାସ ଜୀବନର କାହାଣୀ ଶୁଣନ୍ତି—ଓଡ଼ିଆ ଶ୍ରମଜୀବୀର ରହସ୍ୟ ବୁଝିବାକୁ ଚେଷ୍ଟା କରନ୍ତି । ଅନେକ ଦିନ ପରେ ପ୍ରବାସ ମାଟିରେ ଜଣେ ସ୍ୱଦେଶର ଆତ୍ମୀୟ ସ୍ୱଜନଙ୍କୁ ନିକଟରେ ପାଇ ସେ ଯେତିକି ଆନନ୍ଦିତ ହୁଅନ୍ତି, ସେତିକି ଦୁଃଖ ଅନୁଭବ କରନ୍ତି । ସେମାନଙ୍କ ଦୁର୍ଦ୍ଦଶା ଲକ୍ଷ୍ୟ କରି ଏମାନେ ଭିଟାମାଟି ଦୂରରେ କାହିଁକି ବାସ କରୁଛନ୍ତି, ଏ ପ୍ରଶ୍ନ କବିଙ୍କୁ ବିସ୍ମିତ କରିଛି । ସେ ଅନ୍ତରଙ୍ଗ ସ୍ମୃତିକୁ ପ୍ରକାଶ କରି କହିଛନ୍ତି—"କଲିକତାରେ ଓଡ଼ିଆମାନଙ୍କ ବସାଘର ଦେଖି ମନରେ ଦୁଃଖ ଜାତ ହେଲା । ସବୁ ଘର ସନ୍ତସନ୍ତିଆ । କୁଲିମାନେ କୁଟା ବିଛାଇ କେହି ବା ଛିଣ୍ଡା ଅଖା ପକାଇ ଶୁଆବସା କରନ୍ତି । ଭାବିଲି—ଏଥିରେ ସ୍ୱାସ୍ଥ୍ୟହାନି ନ ଘଟିବ କାହିଁକି ? ଘରୁ ଆସିଲାବେଳେ ହୃଷ୍ଟପୁଷ୍ଟ, ଆକୁଲ୍‌ଥକୁଲ୍ ହୋଇଥାନ୍ତି, ଫେରିବାବେଳେ ଦୁର୍ଭିକ୍ଷ ପୀଡ଼ିତ ପରି ଅସ୍ଥି କଙ୍କାଳ ଯେପରି ଘରକୁ ଆସନ୍ତି । ଓଡ଼ିଆଙ୍କ ପରିଶ୍ରମ ଦେଖିଲେ ସ୍ତମ୍ଭୀଭୂତ ହେବାକୁ ହୁଏ । ସ୍ୱଦେଶରେ ସେହିପରି ହାଡ଼ଭଙ୍ଗା ପରିଶ୍ରମ କରୁଥିଲେ ଆଉ ସେମାନଙ୍କୁ କଲିକତା ଯିବାକୁ ହୁଅନ୍ତା ନାହିଁ ।" (ପୃଷ୍ଠା-୧୭୫)

ସ୍ରଷ୍ଟାର ସ୍ୱଧର୍ମ ମୂଳରେ ଆନନ୍ଦବୋଧ ନିହିତ । ଏହି ଆନନ୍ଦ ଲାଗି ସେ କପରି ବିହ୍ୱଳ, ତାହା ସ୍ରଷ୍ଟା ବ୍ୟତୀତ ଅନ୍ୟ କେହି କଳ୍ପନା କରିବା ସମ୍ଭବ ନୁହେଁ । ସେଥିପାଇଁ

ମୃତ୍ୟୁ, ବେଦନା, ଅଶାନ୍ତି, ଜଞ୍ଜାଳ, ଆସକ୍ତି, ନିର୍ଯ୍ୟାତନା ଭିତରେ ସେ ଆନନ୍ଦର ମାର୍ଗଟିକୁ ଅନୁସନ୍ଧାନ କରେ । ଏହି ମନୋବୃତ୍ତି ଓ ସ୍ୱାତନ୍ତ୍ର୍ୟବଶତା ତାକୁ ସ୍ୱର୍ଗ ରାଜ୍ୟର ଅଧିକାରୀ କରାଏ । ସେ ଯୁଗେ ଯୁଗେ ଜୀବନର ଉଜ୍ଜ୍ୱଳ ଗାଥାର ଉପାସକ । ଆନନ୍ଦର ଜୟଯାତ୍ରୀ । ତା' ସଂଗ୍ରାମ କେବଳ ମାତ୍ର ଆନନ୍ଦାଲୋକ ପ୍ରଜ୍ୱଳନ ଲାଗି ସ୍ରଷ୍ଟା ପାଦରେ ମୃତ୍ୟୁ, ଦୁଃଖ, ଅନ୍ଧକାର ଯେମିତି ଦଳି ମକଚି ନିଃଶେଷ ହୋଇଯାଏ । ସେହି ଦୃଷ୍ଟିରୁ ସିନା କାମ୍ୟୁଙ୍କ କଣ୍ଠରୁ ନିଃସୃତ ହୁଏ—"Writers are on the side of life, against death and suffering. It is the only justification for their strange calling."

ସ୍ରଷ୍ଟା ଚନ୍ଦ୍ରମଣି ବ୍ୟାଧି ଓ ଜଞ୍ଜାଳ ଜର୍ଜରିତ ଜୀବନରେ ଆନନ୍ଦ ପାଇବା ଲାଗି ମାଧ୍ୟମ ଖୋଜିଛନ୍ତି । ଶିଶୁଟିର ଦନ୍ତୁରିଟି ହସ ଓ ପାରିବାରିକ ଦାମ୍ପତ୍ୟ ମୁକ୍ତିରୁ ସେ ଆନନ୍ଦ ଲାଭ କରିଛନ୍ତି । ଏହି ଆନନ୍ଦ ଯେମିତି ତାଙ୍କୁ ଦୁଃଖର ଗଭୀର ସାଗର ଭିତରୁ ଜୀବନ କୂଳକୁ ନେଇ ଆସୁଥିଲା—ଯେଉଁଠୁ ସେ କେବଳ ପାଆନ୍ତି ଜୀବନର ଅମୃତ ସ୍ପର୍ଶ ଓ ଆନନ୍ଦାନୁଭୂତି । (ଏ ବିଷୟରେ ପୂର୍ବ ଅଧ୍ୟାୟମାନଙ୍କରେ ପ୍ରସଙ୍ଗକ୍ରମେ ଆଲୋଚିତ ହୋଇଛି ।) ଏଠାରେ ସ୍ରଷ୍ଟାଙ୍କ ସ୍ୱୀକାରୋକ୍ତି ଉଦ୍ଧାର କରାଯାଇପାରେ । ସେ ଲେଖିଛନ୍ତି—"ଦୁରନ୍ତ ରୋଗ ମୋର ଅନ୍ତଃସାର ଶୋଷିନେଇ କେବଳ ସିଠା ରଖିଗଲା । ଦେହ ଥରୁଛି, ବସିବା ଜାଗାରୁ ଉଠିବାକୁ କଷ୍ଟ ହେଉଅଛି । ମନ କାହିଁରେ ଲାଗୁନାହିଁ, କି କିଛି ଭଲ ଲାଗୁନାହିଁ । ବେଳେ ବେଳେ ନାନା ବ୍ୟର୍ଥ ଦୁଶ୍ଚିନ୍ତା ଆସି ମାଡ଼ି ବସୁଛି—ପରକ୍ଷଣରେ ତାହାର ସ୍ମୃତି ଆସି ଉପହାସ କରୁଛି, ଏହିପରି ଲୀଳା ମନ ମଧ୍ୟରେ ଲାଗିଛି, ସୁତରାଂ ମନ ଭଲ ନାହିଁ । ସୋମନାଥର ଦୁଇଟି କନ୍ୟା ମୋତେ ବଞ୍ଚାଇ ରଖିଛନ୍ତି । ସେ ଦୁହିଁଙ୍କ ନାମ ରମା ଏବଂ ଉମା । ରମାର ବୟସ ଛ ବର୍ଷ, ଉମା ଦେଢ଼ବର୍ଷର ଶିଶୁ । ଯେତେବେଳେ ଏହି ଦୁହିଁଙ୍କ ଲୀଳା ଖେଳାରେ ମୁଁ ବୁଡ଼ି ରହିଥାଏ ସେତେବେଳେ ମୁଁ ସେମାନଙ୍କ ସମବୟସ୍କ ହୋଇଯାଏଁ । ସେମାନେ ମୋ' ପାଖରୁ ଚାଲିଗଲେ ମୋର ବୃଦ୍ଧତ୍ୱ ଫେରିଆସି ମୋତେ ବ୍ୟଙ୍ଗ ପରିହାସ କରେ, ମୁଁ ଲଜ୍ଜାରେ ଅଧୋବଦନ ହୁଏଁ । ସେମାନେ ମୋ' ପାଖରେ ଥିବା ପର୍ଯ୍ୟନ୍ତ ମୋର ମନ ଆନନ୍ଦରେ ନୃତ୍ୟ କରୁଥାଏ—ସେମାନେ ଅନ୍ତର ହେଲେ ସେ ଆନନ୍ଦରେ ଭଟ୍ଟା ପଡ଼ିଯାଏ । × × × ପିଲାମାନଙ୍କ ଆନନ୍ଦ ଛଡ଼ା ଆଉରି ଗୋଟାଏ ଆନନ୍ଦ ମୋର କଷ୍ଟ ଭୁଲାଇ ଦେଇଅଛି । ତାହା ଏହି—ମୁଁ କେବେ ଘରର କୌଣସି କାର୍ଯ୍ୟ କରେ ନାହିଁ, ପିଲାଙ୍କ ଉପରେ ସବୁ ଭାର ଦେଇ ନିଶ୍ଚିନ୍ତ ଅଛି । ପଇସା, କଉଡ଼ିର କାରବାର ମୁଁ ନିଜ ହାତରେ କରେ ନାହିଁ, ସେହିମାନେ ସବୁ ବୁଝନ୍ତି । ଘରେ କ'ଣ ହୁଏ, ମୁଁ କିଛି ଜାଣେ ନାହିଁ । ନୂଆ ଶିଖାଳି ହାତରେ ଡଙ୍ଗା ଛାଡ଼ିଦେଇ ପୁରୁଣା ମାଝି ତାହାର କାର୍ଯ୍ୟ ଦେଖୁଥାଏ । ଯେତେବେଳେ ମଙ୍ଗ ବଙ୍କେଇ

ଯାଏ ତେତେବେଳେ ସେ କାତେ ମାର୍ଗ୍ରେଇ ମଙ୍ଗ ସଳଖାଇ ଦିଏ । ବର୍ତ୍ତମାନ ମୋର କାର୍ଯ୍ୟ ତେତକ ମାତ୍ର । କେବେ କେବେ ଘରର କାହାର କାହାର ପ୍ରତି ମୁଁ ବିରକ୍ତ ହୁଏ, ସେଥିର କାରଣ ଏହି ଯେ, ମୁଁ ଯାହାକୁ ଯେତେ ଭଲପାଏ ତାହାର ତ୍ରୁଟି ବିଚ୍ୟୁତି ସହି ନପାରି ତାହାକୁ ତେତକ ବିରକ୍ତ ହୁଏ ।" × × ×
( ପୃଷ୍ଠା-୨୫ )

'ଆତ୍ମ ଚରିତ' ଓ 'ଜୀବନ ଚରିତ' ଘଟଣାବଳୀରେ ପରିପୂର୍ଣ୍ଣ । ତେବେ ସାଧାରଣତଃ 'ଆତ୍ମ ଚରିତ' ଲେଖକ ନିଜ ଜୀବନର ସ୍ମରଣୀୟ ଘଟଣା ମାତ୍ର ଉପସ୍ଥାପନ କରନ୍ତି, କିନ୍ତୁ 'ଜୀବନ ଚରିତ'ର ଲେଖକ କେବଳ କୌଣସି ବିଶିଷ୍ଟ ଯୋଗାଜନ୍ମାଙ୍କର ଜୀବନୀ ଉପସ୍ଥାପନ କରନ୍ତି ନାହିଁ, ଇତିହାସର ନାନା ଦୃଷ୍ଟାନ୍ତ ମଧ୍ୟ ଦାଡ଼ନ୍ତି । ସେଥିପାଇଁ ଏହା ଇତିହାସ ଓ ଜୀବନୀର ସମାହାରରେ ସମୃଦ୍ଧ । 'ଆତ୍ମଚରିତ'ରେ ଇତିହାସ ବର୍ଣ୍ଣନାର ମାତ୍ରା ସ୍ୱଳ୍ପ । ଅନେକ କ୍ଷେତ୍ରରେ ଚରିତକାରର ମଧ୍ୟ ଇତିହାସ ବର୍ଣ୍ଣନା ଲାଗି ସୁଯୋଗ ନଥାଏ । କାରଣ ଆତ୍ମକାହାଣୀ ପାଇଁ ତାହା ଉଦ୍ଦିଷ୍ଟ । ପାଠକ ବର୍ଣ୍ଣିତ ଆତ୍ମକାହାଣୀରୁ ଇତିହାସର ତଥ୍ୟ ଆବିଷ୍କାର କରେ । କିନ୍ତୁ 'ଜୀବନ ଚରିତ'ରେ ଲେଖକ ଐତିହାସିକ ତଥ୍ୟର ଅବତାରଣା କରିବାକୁ ବାଧ୍ୟ । କାରଣ ଏଥିରେ ଇତିହାସ ଓ ସାମାଜିକ ପରିବେଶ ଭିତରେ ମହାପୁରୁଷ ଓ ସାଧକମାନଙ୍କ ଜୀବନୀକୁ ପ୍ରକଟିତ କରିବାକୁ ଆଭିମୁଖ୍ୟ ଥାଏ । 'ଜୀବନ ଚରିତ' ଲେଖକ ତୁଳନାତ୍ମକ ଦୃଷ୍ଟିଭଙ୍ଗୀରେ ଏହା ରଚନା କରନ୍ତି । ଏଥିରେ ତଥ୍ୟ ଉପସ୍ଥାପନ ସଙ୍ଗେ ସଙ୍ଗେ, ଏହାକୁ ରସାଳ କରିବା ଲାଗି ଧ୍ୟାନ ଦିଆଯାଇଥାଏ । ପାଠକ ମହଲରେ ତାହା ଯେପରି ଆଦୃତ ହୁଏ ଏବଂ ଯେଉଁ ଖ୍ୟାତିସମ୍ପନ୍ନ ବ୍ୟକ୍ତିଙ୍କୁ ଆଧାର କରି ଏହା ରଚିତ ହେଉଛି, ସେହି ମହାନ୍ ଜୀବନର ଉଲ୍ଲେଖନୀୟ ଦିଗ ଦ୍ୱାରା ସମାଜ ଓ ଜାତି ଯେପରି ପ୍ରଭାବିତ ହୁଏ, ସେଥିପ୍ରତି ଲେଖକ ଧ୍ୟାନ ଦେଇଥାଆନ୍ତି । ପରମ୍ପରା ଓ ଇତିହାସ ଗଠନ ଲାଗି ତାହା ଯେପରି ଉପାଦାନ ହୋଇପାରିବ, ସେ ଦିଗରେ ଜୀବନ ଚରିତକାର ଦୃଷ୍ଟି ଦିଅନ୍ତି । ମହାନ ଜୀବନର ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦର୍ଶନ ପ୍ରତି ଗୁରୁତ୍ୱ ଦିଆଯାଏ । ମାତ୍ର 'ଆତ୍ମଚରିତ'ରେ ପୂର୍ଣ୍ଣାଙ୍ଗ ଜୀବନର ସମସ୍ତ ଘଟଣା ରହି ନପାରେ । ଏହା ଲେଖକଙ୍କର ବ୍ୟକ୍ତିଗତ ରୁଚି ଓ ବିଚାର ଉପରେ ନିର୍ଭରଶୀଳ । ଜୀବନ ଚରିତ ଜାତୀୟ ଜୀବନ ଓ ସାମାଜିକ ଚରିତକୁ ସୁସଜ୍ଜିତ ତଥା ସୃଙ୍ଖଳିତ କରିବା ଲାଗି ଯେପରି ସହାୟକ ହୁଏ, ତାହା ପ୍ରତି ଲେଖକ ସଚେତନ ରହନ୍ତି । ସେ ଦୃଷ୍ଟିରୁ ଇତିହାସର ତଥ୍ୟାବଳୀ ଏଥିରେ ଉଜ୍ଜ୍ୱଳ ହୋଇଉଠେ । ତେଣୁ କୁହାଯାଏ—"History is the essence of innumerable biographies ।" ତେବେ ଜୀବନ ଚରିତ ଯେ କେବଳ ମାତ୍ର ଇତିହାସ ରଚନା କରେ ତାହା ନୁହେଁ, ଉପନ୍ୟାସ ପରି ଏହା ମଧ୍ୟ ସୁଖପାଠ୍ୟ ଓ ରସାଳ ।

ଅଧ୍ୟାପକ ପଠାଣି ପଟ୍ଟନାୟକ ଏ ପ୍ରସଙ୍ଗରେ କହନ୍ତି—"ଜୀବନ ଚରିତ ନୀରସ ଇତିହାସକୁ ଲିପିବଦ୍ଧ କରେନାହିଁ । ଜୀବନ ଚରିତ ଇତିହାସ ଅପେକ୍ଷା ଉପନ୍ୟାସର ଅଧିକ ନିକଟବର୍ତ୍ତୀ । ସୁଖପାଠ୍ୟ ନହେଲେ ମନରେ ଚମତ୍କାର ଭାବ ସୃଷ୍ଟି ନକଲେ, ଅନୁପ୍ରାଣିତ ହେବାର ଉପାଦାନ ନଥିଲେ ଜଣେ ପାଠକ ଜୀବନ ଚରିତ ଅଧ୍ୟୟନ କରିବାକୁ କେବେହେଲେ ଆଗ୍ରହ ପ୍ରକାଶ କରିବ ନାହିଁ । ଏକଥା ସତ୍ୟ ଯେ ବିଶିଷ୍ଟ ବ୍ୟକ୍ତିମାନେ ଇତିହାସ ଗଠନ କରନ୍ତି, ଇତିହାସକୁ ନିୟନ୍ତ୍ରଣ କରନ୍ତି, ସାଂପ୍ରତିକ ଇତିହାସ ଉପରେ ଅଧିକ ପ୍ରଭାବ ବିସ୍ତାର କରିଥାଆନ୍ତି । ତଥାପି ଜୀବନ-ଚରିତକୁ ଇତିହାସ କହିବାରେ କୌଣସି କାରଣ ନାହିଁ ।"

( 'ଜୀବନୀ ସାହିତ୍ୟ—ଏକ ଅଧ୍ୟୟନ', ପୃଷ୍ଠା-୧୪ )

ଆତ୍ମଚରିତର ଲେଖକ ଆପଣା ଜୀବନକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ, କେତେ ସମସ୍ୟା, କେତେ ଘାତ ପ୍ରତିଘାତର ଅଗ୍ନି ପରୀକ୍ଷା ଏବଂ ଜୟ ପରାଜୟର ସଂଗ୍ରାମ କାହାଣୀ ଉଲ୍ଲେଖ କରନ୍ତି । ଆତ୍ମକାହାଣୀରେ ସମସାମୟିକ ପରିସ୍ଥିତିର ଚିତ୍ର ମଧ୍ୟ ଠାଏ ଠାଏ ଅଙ୍କିତ ହୋଇଥାଏ । ମାତ୍ର ଏପରିସ୍ଥଳେ ନାଟ୍ୟକାର ଜର୍ଜ ବର୍ଣ୍ଣାର୍ଡ଼ ଶ ଆତ୍ମଚରିତକୁ ସମାଲୋଚନା କରିଛନ୍ତି । ତାଙ୍କ ମତରେ—"All autobiographies are lies . I do not mean unconscious unintentional lies." ନାଟ୍ୟକାର ଶ ନିଜର ବ୍ୟକ୍ତିଗତ ମତାମତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି ସତ, କିନ୍ତୁ ଆତ୍ମଚରିତ ଯୁଗେ ଯୁଗେ ଯେପରି ସମାଜ ଓ ଜୀବନରେ ବିଶିଷ୍ଟ ସ୍ଥାନ ଅଧିକାର କରି ଆସିଛି ଏବଂ ସାହିତ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଛି, ସେ ଦୃଷ୍ଟିରୁ ଏପରି ମତାମତକୁ ସ୍ୱୀକାର କରିନେବା ସହଜ ନୁହେଁ । ଅବଶ୍ୟ କେତେକ ଆତ୍ମଚରିତ ଅତିରଞ୍ଜିତ କିମ୍ବା କପୋଳକଳ୍ପିତ ମନେ ହୁଅନ୍ତି । ଲେଖକ ଆପଣାର ଅନେକ ସାଧାରଣ ଦୋଷ ତ୍ରୁଟି ଓ ଦୁର୍ବଳତାକୁ ଘୋଡ଼ାଇ ରଖିବା ଲାଗି ଚେଷ୍ଟା କରନ୍ତି । ତେବେ ସାମଗ୍ରିକ ଭାବେ ଶ ଉପସ୍ଥାପନ କରିଥିବା ମତାମତ ଗୃହୀତ ହେବନାହିଁ ।

ସେହି ଶ ଙ୍କୁ ଯେତେବେଳେ ନିଜ ଜୀବନୀ ଲେଖିବା ପାଇଁ କୁହାଯାଏ, ସେ' ନୀରବତା ଭିତରେ ମାତ୍ର ଦ' ଧାଡ଼ି ପୁଣି ଉତ୍ତର ଦେଇଥିଲେ—"I am Further in difficulty that I have not yet ascertained the truth about myself" ଅର୍ଥାତ ଆତ୍ମଚରିତକାର ନିଜ ଜୀବନ ଭିତରୁ ସତ୍ୟର ସନ୍ଧାନ ନକରିଥିବା ଯାଏଁ ଏବଂ ଏହାପ୍ରତି ବଳିଷ୍ଠ ଆତ୍ମପ୍ରତ୍ୟୟ ନ ଆସିଥିବାଯାଏ, ସେ ଆତ୍ମଚରିତ ରଚନା ପ୍ରତି ଆକୃଷ୍ଟ ହେବା ଉଚିତ ନୁହେଁ । ଏହି ଉକ୍ତି ଶୁଣାଇବା ପରେ ତାଙ୍କ ଲେଖନୀରୁ ପ୍ରସିଦ୍ଧ ଆତ୍ମଚରିତ "Sixteen

Self Sketches" ମୁକ୍ତିଲାଭ କରିବା ମୂଳରେ କେଉଁ ବଳିଷ୍ଠ ପ୍ରେରଣା ଓ ଆତ୍ମବିଶ୍ୱାସ କାର୍ଯ୍ୟ କରିଛି ତାହା ଆଲୋଚ୍ୟର ବିଷୟ । ଏମିତି ଅନେକ ଖ୍ୟାତି ସମ୍ପନ୍ନ ପୁରୁଷ ଇତିହାସରେ ସ୍ମରଣୀୟ ହୋଇ ବି, ଆତ୍ମଚରିତ ରଚନା ଲାଗି ଦ୍ୱିଧା ପ୍ରକାଶ କରିଛନ୍ତି । ଏଥିରେ ଅବଶ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିଗତ କାରଣ ନିହିତ । କେହି କେହି ପ୍ରଥମେ ଏଥିପାଇଁ ଆଗ୍ରହୀ ନହୋଇ ପରବର୍ତ୍ତୀ ସମୟରେ ଏ ଦିଗରେ ମନ ଦେଇଛନ୍ତି ।

ସମ୍ଭବତଃ ଚିନ୍ତାମଣି କେହି ତାଙ୍କୁ କଣ ଭାବିପାରେ, ଏହି ଭୟରେ ଆଶଙ୍କା କରି 'ଆତ୍ମଚରିତ' ଦୀର୍ଘଦିନ ଧରି ଲେଖି ନଥିଲେ । ତାଙ୍କ ଜୀବନଯାତ୍ରାର ସୁଦୀର୍ଘ ଉତ୍ଥାନ ପତନର ବିବରଣୀ ଲେଖିବା ଲାଗି ତାଙ୍କୁ ବନ୍ଧୁ ଆତ୍ମୀୟ ଓ ଶୁଭାନୁଧ୍ୟାୟୀ ଅନୁରୋଧ କରିଥିଲେ—ପରାମର୍ଶ ମଧ୍ୟ ଦେଇଥିଲେ । ମାତ୍ର ଏଥିପ୍ରତି ସେ ବିଶେଷ ଆଗ୍ରହୀ ନଥିଲେ । ପରବର୍ତ୍ତୀ କାଳରେ ପୁଣି ଅନୁରୁଦ୍ଧ ହୋଇ ଏଥିରେ ମନୋନିବେଶ କରିଛନ୍ତି । ଆତ୍ମଚରିତ ଲେଖକର ଯେଉଁ ଆତ୍ମାଭିମାନ ସ୍ୱାଭାବିକ ଭାବେ ରହିଥାଏ, କବି ଚିନ୍ତାମଣି ସେଥିରୁ ନିଶ୍ଚିତ ମୁକ୍ତ ଥିଲେ, କିମ୍ବା 'ଆତ୍ମଚରିତ'ର ସାମାଜିକ ଜୀବନରେ ଯେଉଁ ବିଶିଷ୍ଟ ଭୂମିକା ରହିଛି, ସେହି ଭୂମିକା ସମ୍ପନ୍ନ ଦିଗରେ ଲେଖକ କ୍ଷମ ହୋଇପାରିବାର ଆତ୍ମପ୍ରତ୍ୟୟ ଉଦିତ ହୋଇ ନଥିଲା ।

'ଆତ୍ମଚରିତ' ଜାତୀୟ ଓ ସାମାଜିକ ଜୀବନରେ ଦିଗ୍‌ଦର୍ଶକ । ତା'ର ଦିଗ୍‌ଦର୍ଶନ ସୁସଂଗଠିତ ଜୀବନ ଲାଗି ସହାୟକ ହୋଇଥାଏ । ଆତ୍ମଚରିତ ଲେଖକ ନିଜର ଅଭିଜ୍ଞତା, ଅନୁଭୂତି ପ୍ରକାଶ କରିଥାଆନ୍ତି ସତ, କିନ୍ତୁ ଏହା ଜନଜାଗରଣ କ୍ଷେତ୍ରରେ ଅଭିନବ ଦୃଷ୍ଟାନ୍ତ ହୋଇଥାଏ ।

ଏ ପ୍ରସଙ୍ଗରେ ଗୋଟିଏ କଥା ଟିଏ ଉଲ୍ଲେଖ କରାଯାଇପାରେ । ହେଲେନକେଲର ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି ହରାଇଥିଲେ । ମାତ୍ର ଏହି ବ୍ୟକ୍ତିଙ୍କର ଜୀବନ କାହାଣୀ ଯେତେବେଳେ "The Story of my life" ପୁସ୍ତକ ଆକାରରେ ପ୍ରକାଶ ପାଏ, ସେତେବେଳେ ହେଲେନ୍‌କେଲର ବିଶ୍ୱର ଅସଂଖ୍ୟ ଦୃଷ୍ଟିଶକ୍ତି ହୀନ ଓ ଶ୍ରବଣ ଶକ୍ତି ହୀନ ବ୍ୟକ୍ତିଙ୍କ ଲାଗି ଆଶାର ଦୀପ୍ତସ୍ତମ୍ଭ ହୋଇପାରିଲେ । ନିଃସହାୟ ଓ ନିପିଡ଼ିତ ଜନତା ଲାଗି ସେହି ଆତ୍ମଚରିତ ସାନ୍ତ୍ୱନାର ବାର୍ତ୍ତାବହ ରୂପେ କାର୍ଯ୍ୟ କରିଥାଏ । ନିର୍ଭୀକ ହୋଇ ଜୀବନସଂଗ୍ରାମରେ ସଂଗ୍ରାମୀ ହେବାର ସତ୍‌ସାହସ ହରାଇବା ଅନୁଚିତ । ଏ ପୁସ୍ତକ ଅନ୍ତତଃ ଏତିକି ଦୃଢ଼ ବିଶ୍ୱାସ, ହତାଶ ଓ ବିଫଳ ଜୀବନରେ ସଞ୍ଚାର କରିପାରିଛି । ସମୁଜ୍ଜ୍ୱଳ ଜୀବନ ଗଠନ ଲାଗି ନିଃସହାୟ ଠାରେ ବି ଶକ୍ତି ଓ ସାମର୍ଥ୍ୟ ରହିଛି ଏହି ଜୀବନୀ ପୁସ୍ତକ ଏହା ପ୍ରମାଣ କରୁଛି ।

କବିଶେଖରଙ୍କ ଆତ୍ମଚରିତରେ ସ୍ୱକୀୟ ବ୍ୟକ୍ତିସତ୍ତାର ସ୍ୱରୂପ ପ୍ରକଟିତ ହୋଇଛି । ଏହା ହେଉଛି ଚରିତକାରର ବୈଶିଷ୍ଟ୍ୟ । ସାଧାରଣ ଜୀବନଧାରଣ ସହିତ, ସାଂସ୍କୃତିକ ଅଭ୍ୟୁଦୟ ଓ ଉତ୍ଥାନ ପଥରେ ଏହିପରି ବ୍ୟକ୍ତିସତ୍ତା ସ୍ପଷ୍ଟଭାବେ ଚିହ୍ନିତ ହୋଇଥାଏ । ସେଥିପାଇଁ କୁହାଯାଇଥାଏ ସଭ୍ୟ ମଣିଷ ଭାବେ ଯେଉଁଦିନ ମଣିଷ ସଭ୍ୟତା ଓ ସଂସ୍କୃତିର ମଧୁର ସ୍ୱର ଶୁଣିପାରିଲା, ସେତେବେଳେ ଆତ୍ମଚରିତ ରଚନାର ଆବଶ୍ୟକତା ଅନୁଭବ କଲା । ମଣିଷ ନିଜସ୍ୱ ମୂଲ୍ୟବୋଧର ଗୁରୁତ୍ୱ ଉପଲବ୍ଧି କରିପାରିଲା । କାଳର ଗତି ସ୍ରୋତରେ ଆପଣାର ବ୍ୟକ୍ତିତ୍ୱକୁ ସ୍ୱତନ୍ତ୍ର ଭାବେ ଚିହ୍ନିତ କରିବାର ଅଭିଳାଷରୁ ହିଁ ଆତ୍ମଚରିତର ସୃଷ୍ଟି ହୋଇଛି କୁହାଯାଇପାରେ । ସଭ୍ୟତାର ଅଗ୍ରଗତିରେ ମଣିଷ ନିଜକୁ ଶ୍ରେଷ୍ଠତମ ବୋଲି ବିଚାରିଲା ପରେ ସେ ତା'ର ଶ୍ରେଷ୍ଠତ୍ୱକୁ ଲିପିବଦ୍ଧ କରିବାକୁ ଉତ୍ସାହିତ ହୋଇଛି । ଏ କ୍ଷେତ୍ରରେ—"Autobiography is the supreme verbal expression of the distinguishing mark of the modern man which is his intense individualism" ଯାହା ବିଶିଷ୍ଟ ଆତ୍ମଚରିତକାର ଆଲେକଜାଣ୍ଡାର ଡୂମା କହନ୍ତି, ତାହା ଯଥାର୍ଥ । ଏହି ବ୍ୟକ୍ତିସତ୍ତାକୁ ପାଠକ ଚେତନାରେ ଧରିପାରିଲେ ଜୀବନଚରିତ ବିଶେଷତଃ ଆଲୋଚ୍ୟ 'ଜୀବନପଞ୍ଜିକା' ପଠନର ସାର୍ଥକତା ଆସେ ।

ତାଙ୍କ 'ଜୀବନ ପଞ୍ଜିକା'ରୁ ତତ୍କାଳୀନ ସାମାଜିକ ଜୀବନର ଚିତ୍ର ମିଳିଥାଏ । କବିଶେଖର ଆତ୍ମକାହାଣୀ ରଚନା ଭିତରେ ତତ୍କାଳୀନ ସମାଜ, ଶାସନ, ଶିକ୍ଷା ଓ ପରିବେଶର ବାସ୍ତବ ବିବରଣୀ ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି—"ସେକାଳରେ ଲୋକେ କଷ୍ଟ ସହିଷ୍ଣୁ ଥିଲେ । ଆଜିକାଲି ପରି ସାମାନ୍ୟ ଦୁଃଖରେ ଅଧୀର ହୋଇ ପଡୁନଥିଲେ । ସେମାନେ ଦୁଃଖକୁ ଐଶ୍ୱର୍ଯ୍ୟ ରୂପେ ପ୍ରାଣ ମଧ୍ୟରେ ବରଣ କରିନେଇ ଭୋଗ କରୁଥିଲେ । ସେହି ଦୁଃଖ ମଧ୍ୟରେ ସେମାନେ ସୁଖର ଆସ୍ୱାଦନ ପାଉଥିଲେ । ବାସ୍ତବରେ ଦୁଃଖ ହେୟ ନୁହେଁ । ଦୁଃଖହିଁ ମନୁଷ୍ୟର ଚରିତ୍ର ଗଠନ କରେ ଏବଂ ସେହି ଚରିତ୍ରକୁ ନିର୍ମଳ ରଖେ । ସେ କାଳର ଲୋକେ ସ୍ୱାବଲମ୍ବୀ ଏବଂ ଅଧ୍ୟବସାୟଶୀଳ ଥିଲେ । ଦୁର୍ବଳଚିତ୍ତ ପରି କଥା କଥାକେ ଆଶାକୁ ଜୀବନ୍ତ ସମାଧି ଦେଇ ବସୁନଥିଲେ । ଧୈର୍ଯ୍ୟ, ସାହସ ସେମାନଙ୍କର ପ୍ରଧାନ ସମ୍ବଳ ଥିଲା ।"
(ପୃଷ୍ଠା—୩୫)

ସେତେବେଳେ ଦୁଃଖ ପ୍ରତି ଜନମାନସରେ ଅବଶୋଷ ନଥିଲା । ଜୀବନରେ ସୁଖ ଦୁଃଖ ଏସବୁ ପ୍ରତି ଦୃଷ୍ଟି ଦେଲେ ଈଶ୍ୱରପ୍ରାପ୍ତି ସମ୍ଭବ ନୁହେଁ, ଏ ବିଶ୍ୱାସ ରହିଥାଏ । ଜୀବନରେ ସୁଖ ଯେପରି ଆସେ, ଦୁଃଖ, ଶୋକ, ଘୃଣା, ବିତୃଷ୍ଣା ଓ ବିଷାଦ ମଧ୍ୟ ସେପରି ଉପସ୍ଥିତ ହୋଇଥାଏ । ଏଥିଲାଗି ଅବଶୋଷକରି ଅଧୀର ହେବା ଠିକ୍ ନୁହେଁ ।

ଯେଉଁମାନେ ପ୍ରକୃତରେ ଦୁଃଖ, ଘୃଣା ପ୍ରଭୃତି ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ, ସେମାନେ ଆଜୀବନ ଈଶ୍ୱରଙ୍କର ପ୍ରିୟ ହୋଇପାରନ୍ତି—ଏହା ହେଉଛି ଗୀତାର ବାଣୀ । ଶତ୍ରୁ, ମିତ୍ର, ମାନ, ଅପମାନ, ପାଇବା ଓ ହରାଇବାରେ ଯେ ଅବିଚଳିତ, ସେହି କେବଳ ଭଗବାନଙ୍କର ଭକ୍ତ ହେବାକୁ ଯୋଗ୍ୟ ବୋଲି ଗୀତାରେ ପରାମର୍ଶ ଦିଆଯାଇଛି—

"ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍‌କ୍ଷତି ।
ଶୁଭାଶୁଭ ପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥
ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖ ଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥"

ତତ୍କାଳୀନ ଜନ ସମାଜରେ କଳା, ସଂସ୍କୃତି, ସଙ୍ଗୀତ ଓ ସାହିତ୍ୟର ଖୁବ୍ ଆଦର ଥିଲା । କବିତା ପ୍ରତି ଆକର୍ଷଣ ଯେମିତି ଥିଲା, କବି ପ୍ରତି ମଧ୍ୟ ଶ୍ରଦ୍ଧା ସେପରି ରହିଥିଲା । କବିମାନଙ୍କ ନାମରେ ନକଲି କବି ନିଜର କବିତାକୁ ପ୍ରଚାର କରୁଥିଲେ । ଏପରି ନକଲି କବିଙ୍କ ସଂଖ୍ୟା ଯାତ୍ରା ଓ ପାଲାଦଳରେ ଦେଖିବାକୁ ମିଳୁଥିଲା । ସେପରି କବି ମଠାନ୍ତି ଆବଶ୍ୟକ ସ୍ଥଳେ ପଦ ସଂଯୋଜନା କରନ୍ତି ଓ ଏହା ଜଣେ କେଉଁ ବଡ଼ କବିଙ୍କଦ୍ୱାରା ରଚିତ ବୋଲି ପ୍ରଚାର କରି ନିଜ କଳ୍ପିତ କବିତାର ମାନ ବୃଦ୍ଧି ଘଟାନ୍ତି । ଗାଁ ଗହଳରେ କଳା ଓ ସଂସ୍କୃତିର ଆଦର ଥିବାରୁ ପାଲା ଓ ଯାତ୍ରାଦଳ, ପାଲା, ଯାତ୍ରା ପରିବେଷଣକରି ଶ୍ରୋତାଦର୍ଶକଙ୍କୁ ମୁଗ୍ଧ କରୁଥିଲେ । ଅନ୍ୟ କବିର କବିତାକୁ ନିଜ ନାମରେ ମଧ୍ୟ କେତେକେ ପରିବେଷଣକରି ଆତ୍ମତୃପ୍ତି ଲାଭ କରନ୍ତି । ସାଧାରଣ ଜନ ଜୀବନରେ ଅସାଧାରଣ କବିତ୍ୱ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ ଓ ପ୍ରଶଂସା କରୁଥିଲେ । କବିଶେଖର ଏହି ପ୍ରସଙ୍ଗର ଅବତାରଣା କରି ଲେଖିଛନ୍ତି—"ସେ କାଳର ଯାତ୍ରା ଏବଂ ପାଲାବାଲାଙ୍କ ପ୍ରାଣରେ କିଛି କିଛି କବିତ୍ୱ ଥିଲା । ପୁଣି ଅନ୍ୟର ରଚନାକୁ ନିଜ ନାମରେ ଭଣିତି କରିବା ଭଳି କବି ମଧ୍ୟ ଥିଲେ । ଅନେକ ଯାତ୍ରା ଦଳର ଅଧ୍ୟକ୍ଷ ଏହିପରି ମାହାଳିଆ କବି ତିଆର ହେଉଥିଲେ । କେହି କେହି ପୁଣି ନିଜର କବିତାକୁ ପ୍ରସିଦ୍ଧ କବିମାନଙ୍କ ନାମରେ ଚଳାଇ ଦେଉଥିଲେ । ମହାକବି ଉପେନ୍ଦ୍ରଭଞ୍ଜଙ୍କ ନାମରେ ମଧ୍ୟ ଏହିପରି ଜାଲ୍ କବିତା ଅନେକ ଅଛି । ବଡ଼ ବଡ଼ କବିଙ୍କ ନାମରେ ଭଣିତି କଲେ କବିତାର ଆଦର ବଢ଼ିବ ବୋଲି ଏକ ଶ୍ରେଣୀର ଲୋକର ବିଶ୍ୱାସ ଥିଲା । ସେମାନେ ବାସ୍ତବ କବିର ବାସ୍ତବ ପ୍ରତିଭାକୁ କଳଙ୍କିତ କରନ୍ତି । କବିତାର ଗୁଣ ଥିଲେ ତାହା ଆପେ ଆପେ ସମାଦୃତ ହେବ, ମାତ୍ର ଅଲଣା କବିତାରେ ହଜାରେ ମହାକବିଙ୍କର ନାମ ଗୁଞ୍ଜିଲେ ସୁଦ୍ଧା ତାହା ଯେଉଁ ଅଲଣାକୁ ସେହି ଅଲଣା ହିଁ ରହିବ—ଅନେକ ହିମାଦ୍ରିସ୍ଥୂଳଲକ୍ଷ୍ମୀମା ଏହା ବୁଝନ୍ତି ନାହିଁ । ସୁତରାଂ ଏଣୁ ତେଣୁ ଗୁରୁଧାଡ଼ି ଲେଖି ସେଥିରେ

ବିଖ୍ୟାତ କବିଙ୍କ ନାମ ତାଲି ପକାଇ ସିଁଏ ଦିଅନ୍ତି । ଆଉ କେହି ଚନ୍ଦ୍ରୁ ବା ନ ଚନ୍ଦ୍ରୁ, ମାତ୍ର ଯେ ଦରିଦ୍ର ତାହା ଆଖିରେ ତାଲି ଛପି ରହିପାରେ ନାହିଁ ।" × × ×

(ପୃଷ୍ଠା-୪୪)

ଆତ୍ମଚରିତ ବା ଜୀବନଚରିତ ପରବର୍ତ୍ତୀ ଯୁଗରେ ପ୍ରଭାବ ପକାଏ । ପରବର୍ତ୍ତୀ ଯୁଗର ସ୍ରଷ୍ଟା ଏହାଦ୍ୱାରା ଅନୁପ୍ରାଣିତ ହୁଅନ୍ତି । ସୃଷ୍ଟି ଲାଗି କେତେ ଉପାଦାନ ମିଳେ, ନୂତନ ସୃଷ୍ଟି ସୌଧ ନିର୍ମାଣରେ ପୂର୍ବ ଚରିତ ରଚନା ନାନା ଭାବରେ ସହାୟତା କରେ । ଏହି ପ୍ରସଙ୍ଗରେ ଇଉରୋପର ପ୍ଲୁଟାର୍କଙ୍କଦ୍ୱାରା ଲିଖିତ ଉପାଦେୟ ଜୀବନ ଚରିତକୁ ନିଆଯାଇପାରେ । ଏଥିରେ ରୋମୀୟ ପରମ୍ପରା ଓ ଇତିହାସ ସୁସଜ୍ଜିତ ଭାବେ ପ୍ରକାଶ ପାଇଛି । ଏହାର ପାଠକ ପୁସ୍ତକଟିକୁ ଅଧ୍ୟୟନ କରି ଅନେକ ତଥ୍ୟ ଗ୍ରହଣ କରିବା ସଙ୍ଗେ ସଙ୍ଗେ, ମୁଗ୍ଧ ହୁଅନ୍ତି । ପ୍ଲୁଟାର୍କଙ୍କ ପରେ ଅନ୍ୟ ଯେଉଁମାନେ ରୋମୀୟ ଇତିହାସ, ପରମ୍ପରା ଓ ପଦ୍ଧତି ସଂଗ୍ରହ ଲାଗି ଆଗ୍ରହୀ ହୋଇଛନ୍ତି, ବିଶେଷତଃ ବିଶ୍ୱର ପ୍ରସିଦ୍ଧ ନାଟ୍ୟକାର ସେକ୍‌ସପିଅର ଏହାଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣ ମିଳେ । ଏଥିରୁ ସେ ରୋମ ଇତିହାସ ସଂଗ୍ରହ କରି, ଐତିହାସିକ ନାଟକ ପ୍ରଣୟନ କରିଛନ୍ତି ବୋଲି ସମାଲୋଚକମାନେ ମତ ଦିଅନ୍ତି । ଏହି ଜୀବନ ଚରିତରେ ରୋମର ବହୁ ଉପାଦାନ ସଂଗୃହୀତ ହୋଇ ରଖାଯାଇଛି ।

ମୂଳରୁ କୁହାହୋଇଛି ଯେ, ଆତ୍ମଚରିତକାରର ବିଶିଷ୍ଟ ଭୂମିକା ରହିଛି । ଜୀବନର ସବୁ କଥା, ସବୁ ଘଟଣା ଓ ସବୁ ସମସ୍ୟା ସବୁ କାଳକୁ ସ୍ମରଣ ରହିବା ସମ୍ଭବ ନୁହେଁ । ଯେଉଁମାନେ ପ୍ରତିଦିନର ଆତ୍ମଲିପି ଲେଖନ୍ତି, ସେମାନଙ୍କ ବିଷୟ ଭିନ୍ନ ପ୍ରକାରର । ଆପଣା ପ୍ରତିଭା, ବ୍ୟକ୍ତିତ୍ୱ ଓ ସାଧନାର ସବୁ ଦିଗ ପ୍ରତି ସବୁ ଆତ୍ମଚରିତ ଲେଖକ ସଚେତନ ରହିବା ଦୁରୂହ ବ୍ୟାପାର । ଜୀବନ ସାଗରରୁ କେଉଁ ଅନୁଭୂତିର ମୁକ୍ତା ତୋଳି ପାଠକ ହାତରେ ଉପହାର ଦେବେ, ଏହା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ । ସେଥିପାଇଁ 'ଆତ୍ମଚରିତ' ବା ଜୀବନ ଚରିତ' ରଚନାବେଳେ ଲେଖକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ବହୁ କ୍ଷେତ୍ରରେ ନିରାଟ ସତ୍ୟର ଅବତାରଣା କରିବାକୁ ଯାଇ, ପାଠକ ଦ୍ୱାରା ତାହା ଅତିରଞ୍ଜନ ମନେ ହୋଇଥାଏ । ଅଦ୍ଭୁତ ପରିବେଶ ଓ ଅସ୍ୱାଭାବିକ ସମସ୍ୟା, ଏବଂ ଚତୁରତାରେ ତାହାର ସମାଧାନକୁ କେହି କେହି ମିଥ୍ୟା ବୋଲି ମଧ୍ୟ ମତ ଦିଅନ୍ତି । ବଙ୍ଗଳା ସମାଲୋଚନା ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପ୍ରସିଦ୍ଧ ସମାଲୋଚକ ଶ୍ରୀ ଶରତ ଦାସଙ୍କ ମନ୍ତବ୍ୟ ଏଠାରେ ଉଲ୍ଲେଖନୀୟ । ସେ ତାଙ୍କ 'ସାହିତ୍ୟ ସନ୍ଦର୍ଶନ'ରେ କହିଛନ୍ତି—"ଡକ୍‌ଟର ଜନ୍‌ସନ ବଲେନ୍ ଯେ ପ୍ରତ୍ୟେକର ଜୀବନଚରିତ ଆତ୍ମକୃତ ହେଓୟାଇ ବାଞ୍ଛନୀୟ । ଏକ ହିସାବେ କଥାଟି ସତ୍ୟ, କିନ୍ତୁ ଅନେକ ସମୟ ଦେଖାଯାଏ,

ଆତ୍ମଚରିତ ଲେଖକଗଣ ଆତ୍ମଚରିତକୁ ଏମନ ଦାମ୍ଭିକତା ଓ ଅସାମାନ୍ୟ ଲଜ୍ଜାସ୍କର ବର୍ଣ୍ଣନାୟ କ୍ଲାନ୍ତ ଓ ମିଥ୍ୟାର ପ୍ରଶ୍ରୟେ ଭାରାକ୍ରାନ୍ତ କରେନ୍ ଯେ ଐସବ ଦେଖିୟା ଆମରା ଲେଖକେର ପ୍ରତି ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ ରାଖିତେ ପାରିନା । ବିଶେଷତଃ ଲେଖକ ନିଜେର କଥା ବଲିତେ ଗିୟା ଯଖନ ଭବିଷ୍ୟତ କାଲେର ପାଠକେର କଥା ସ୍ମରଣ କରେନ୍ ତଖନ୍ ଲଜ୍ଜା ଓ ବିଘ୍ନର ବୃଦ୍ଧି ଆସିୟା ପଡ଼ାୟ ତାହାର ଜୀବନେର ଅନେକ ଗଭୀର କଥାଇ ତିନି ପାଠକେର ନିକଟ ଉପସ୍ଥାପିତ କରିତେ ପାରେନ ନା । ଫଲେ ତିନି ଅକପଟେ ଆତ୍ମଚରିତ ରଚନା କରିତେ ପାରେନ ନା । ଏଇ ଜନ୍ୟ ଆତ୍ମଚରିତ ଅନେକ ସମୟଇ ବ୍ୟକ୍ତି ଜୀବନେର ସଠିକ୍ ବୃତ୍ତାନ୍ତ ନୟ; କିନ୍ତୁ ଯିନି ଜୀବନେର କଥା, ଅଭିଜ୍ଞତାର କଥା ଅକପଟେ ବିବୃତ କରିତେ ପାରେନ, ତାହାର ଗ୍ରନ୍ଥେ ସତ୍ୟ ଯେ ରୂପ ସୁନ୍ଦର ଓ ଅନିର୍ବଚନୀୟ ପ୍ରାଣରସେ ପରିପୁଷ୍ଟ ହଇୟା ଉଠେ । ତାହା ଚିରଦିନେର ସାହିତ୍ୟ ହିସାବେ ଅନବଦ୍ୟ । ଆତ୍ମଚରିତ ଲେଖକେର ପକ୍ଷେ ଅତି ମାତ୍ରାୟ ନମ୍ରତା ବା ଅତିମାତ୍ରାୟ ଆତ୍ମ-ସଚେତନତା ଉଭୟଇ କ୍ଷତିକର ।"

ଯିଏ ଯାହା ମତ ଦେଉନା କାହିଁକି, ଆଲୋଚ୍ୟ ଚରିତ ସାହିତ୍ୟ କେତେଦୂର ଚରିତ ରଚନାର ବୈଶିଷ୍ଟ୍ୟ ପ୍ରତିପାଦନ କରିପାରିଛି, ଏବଂ ଏହା ବ୍ୟକ୍ତି ଜୀବନ ଭିତରେ ସାମୂହିକ ପ୍ରାଣର ସ୍ୱର ଶୁଣାଇବାକୁ ଶକ୍ତି ଅର୍ଜନ କରିଛି, ତାହା ବିଚାର୍ଯ୍ୟ ।

ରାଜା ମହାରାଜାମାନେ ଏକଚ୍ଛତ୍ରାଧିପତି ରୂପେ ଆପଣାକୁ ପରିଚିତ କରାନ୍ତି—ଆପଣାର ସକଳ ଶକ୍ତି ଓ ସାମର୍ଥ୍ୟ ବ୍ୟୟରେ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗନ୍ତି—ପ୍ରଜା ମନୋରଞ୍ଜକ ଆସନରେ ଅଧିଷ୍ଠିତ ହେବାଠାରୁ ପ୍ରଜାପୀଡ଼କ ହେବାର ଦୃଷ୍ଟାନ୍ତ ଇତିହାସରେ ବିରଳ ନୁହେଁ । ସମ୍ଭ୍ରାନ୍ତ ମନୋବୃତ୍ତି, ରାଜକୀୟ ଚାଲିଚଳଣି ସେମାନଙ୍କ ଜୀବନଧାରାର ବୈଶିଷ୍ଟ୍ୟ । ସେମାନେ ପ୍ରାଚୁର୍ଯ୍ୟ ଭିତରେ ଜୀବନ ଅତିବାହିତ କରି କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଶାସନ ଦଣ୍ଡରେ ଜୀବନର ମୂଲ୍ୟ ଓ ଧାରାକୁ ମାପିବା ଯେପରି ସେମାନଙ୍କ ଧର୍ମ, ଏହା ସାଧାରଣତଃ ମନେ ହୋଇଥାଏ; ମାତ୍ର ସେହି ଶ୍ରେଣୀର ବ୍ୟତିକ୍ରମ ଚରିତ୍ର ମଧ୍ୟ ଦୃଷ୍ଟିଗୋଚର ହୁଏ । ସେହି ଚରିତ୍ରର ବଳିଷ୍ଠ ବ୍ୟକ୍ତିତ୍ୱ ଓ ନୈତିକତା ସର୍ବୋପରି ମାନବିକତା ସାମାଜିକ ଜୀବନରେ ନୂତନ ସ୍ୱର ଶୁଣାଏ—ସାଂସ୍କୃତିକ ଓ ସାହିତ୍ୟ ଆନ୍ଦୋଳନରେ ସହାୟତା କରେ ।

ଅତୀତରେ ଅନେକ ରାଜା ରାଜଦରବାରରେ ପଣ୍ଡିତ ସଭାର ଆୟୋଜନ କରିଥିଲେ । ପଣ୍ଡିତମାନେ ଅବଶ୍ୟ ରାଜାଙ୍କ ସ୍ତାବକତାରେ ଅଭ୍ୟସ୍ତ ଥାଆନ୍ତି । ସେମାନଙ୍କୁ ତୁଷ୍ଟ କଲାଭଳି ଗୀତ ଓ ସଂସ୍କୃତ ତତ୍ତ୍ୱ ପରିବେଷଣ କରନ୍ତି । ପୁରାଣ ଚର୍ଚ୍ଚା କରି ରାଜା

ମନକୁ ତୃପ୍ତ କରିବା ଲାଗି ପଦକ୍ଷେପ ନିଅନ୍ତି । ରାଜାଙ୍କ କୋଷରୁ ପଣ୍ଡିତମାନଙ୍କୁ ପାରିତୋଷିକ ବ୍ୟବସ୍ଥା ହୋଇଥାଏ । ପଣ୍ଡିତଙ୍କ ଅନୁରୋଧ କ୍ରମେ ରାଜା ମଧ୍ୟ ସମୟେ ସମୟେ ପାରିତୋଷିକର ପରିମାଣ ବୃଦ୍ଧି କରନ୍ତି । ଏହା ଜୀବନ ଓ ଜୀବିକା ଭିତରେ ସାମାଜିକ ହେଲେ ।

ତଥାପି, ରାଜକୀୟ ଚନ୍ଦ୍ରାଧାରଙ୍କର ଧର୍ମପ୍ରାଣତା ବାସ୍ତବିକ ପ୍ରଶଂସନୀୟ । ରସିକତାରେ ଅଶ୍ରଦ୍ଧା ଓ ଅନାଦର ନଥିଲେ, କିଏ ବା କାହିଁକି ଏ ଦିଗରେ ଦୃଷ୍ଟି ଦେବ ! ରାଜକୋଷ ଅର୍ଥ ବ୍ୟୟରେ ଦୁର୍ଲଭ ସାହିତ୍ୟ କୃତି ପ୍ରକାଶନ ଓ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଦିଗରେ ରାଜାମାନେ ବି ଅଗ୍ରଣୀ ଥିଲେ, ଏହା ଭାବିଲେ ଯେତିକି ବିସ୍ମୟ ଲାଗେ, ସେତିକି ମଧ୍ୟ ଏହାକୁ ଐତିହାସିକ ସତ୍ୟ ଭାବରେ ଗ୍ରହଣ କରିବାକୁ ହୁଏ । ବହୁ ଉଚ୍ଚ ପ୍ରତିଭା ସଂପନ୍ନ କବିଙ୍କୁ ଆଲୋକକୁ ଆଣିବା ଦିଗରେ ତତ୍କାଳୀନ କେତେକ ରାଜାଙ୍କର ଅବଦାନ ସ୍ମରଣୀୟ ହୋଇ ରହିଛି । ଘଟଣା କ୍ରମେ କବି ଚନ୍ଦ୍ରାମଣି ବହୁ ରାଜା ମହାରାଜାଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କ ମନୋବୃତ୍ତି, ବିଚାରବୋଧ ଓ ଚାରିତ୍ରିକ ବୈଶିଷ୍ଟ୍ୟକୁ ଅନୁଭବ କରିଛନ୍ତି । ନିଜ ଅନୁଭୂତିରୁ ସେ କହନ୍ତି—"ଧରାକୋଟ ରାଜା ମଦନମୋହନ ସିଂହଦେବ ଜଣେ ରାଜନୀତିଜ୍ଞ, ଧର୍ମପ୍ରାଣ ରାଜା । ରାଜନ୍ୟ ବାଞ୍ଛିତ ଅନେକ ସଦ୍‌ଗୁଣରେ ସେ ବିଭୂଷିତ । ସାହିତ୍ୟରେ ସେ ଅନେକ କାର୍ଯ୍ୟ କରିଅଛନ୍ତି । ତାଙ୍କ ପ୍ରଦତ୍ତ ଅର୍ଥ ସାହାଯ୍ୟରେ ଅନେକ ସଦ୍‌ଗ୍ରନ୍ଥ ପ୍ରକାଶିତ ହୋଇଅଛି । ଏକା ସାହିତ୍ୟରେ ନୁହେଁ—ଦେଶ ଏବଂ ଜାତିର ପ୍ରତ୍ୟେକ ମଙ୍ଗଳ ଅନୁଷ୍ଠାନରେ ସେ ଯଥାଶକ୍ତି ମୁକ୍ତହସ୍ତ । ତାଙ୍କର ସାହିତ୍ୟ ସଭା ଅଛି । ପ୍ରତ୍ୟହ ରାତିରେ ପୁରାଣ ପାଠ ପରେ ଉପସ୍ଥିତ ପଣ୍ଡିତମାନେ ସାହିତ୍ୟର ଆଲୋଚନା କରନ୍ତି । ରାଜାଙ୍କର ଶାସନ ପାଳନରେ ଗୋଟିଏ ଉଚ୍ଚ ଆଦର୍ଶ ଅଛି । ଧରାକୋଟକୁ ସାହିତ୍ୟିକ, କବି, ପଣ୍ଡିତ ବା କୌଣସି ଗୁଣବାନ ବ୍ୟକ୍ତି ଆସିଲେ ତାଙ୍କର ଉପଯୁକ୍ତ ଆଦର ହୁଏ । ଯୋଗ୍ୟତା ସ୍ୱରୂପ ପୁରସ୍କାର ମଧ୍ୟ ଦିଆଯାଏ ।"

ରାଜା ମହାରାଜାମାନେ ସ୍ତାବକତାର ପ୍ରିୟ—ଅନ୍ୟଠାରୁ ଆପଣାର ପ୍ରଶଂସା ଏବଂ ଗୁଣ ବର୍ଣ୍ଣନା ଶୁଣିବା ଲାଗି ସେମାନେ ବହୁ ବ୍ୟସ୍ତ ହୋଇପଡ଼ନ୍ତି ବୋଲି ସାଧାରଣରେ କୁହାଯାଏ । ରାଜଦରବାରରେ ଗୋଟିଏ ଗୋଷ୍ଠୀ କେବଳ ରାଜାଙ୍କର ସ୍ତାବକ ଭୂମିକାରେ କାର୍ଯ୍ୟ କରନ୍ତି । ସ୍ତାବକମାନେ ରାଜଦରବାରରେ ଆଦୃତ ହୁଅନ୍ତି—ଅର୍ଥ ରୋଜଗାର କରି ଆପଣା ପରିବାର ଚଳାନ୍ତି । ସମୟେ ସମୟେ ରାଜାଙ୍କର ସ୍ତୁତିଗାନରେ ସେମାନେ ସମସ୍ତ ବ୍ୟୟ କରି ଆନନ୍ଦ ଲାଭକରନ୍ତି ଏବଂ ଏହାଦ୍ୱାରା ରାଜପ୍ରସାଦରୁ କିଛି ପାରିତୋଷିକ ପାଆନ୍ତି । ଅର୍ଥ ଲାଳସାରେ ରାଜାଙ୍କୁ ନେଇ ସ୍ୱର୍ଗର ଦେବତା ସହିତ ତୁଳନା କରିବାକୁ ଏହି ଗୋଷ୍ଠୀ ପଶ୍ଚାତ୍‌ପଦ ହୁଏ ନାହିଁ । ରାଜା

କୃତକୃତ୍ୟ ମନେକରନ୍ତି । ରାଜପ୍ରଶସ୍ତି ଓ ସ୍ତୁତି ଗାନରେ ସ୍ତାବକମାନେ ଏପରି ଅଭ୍ୟସ୍ତ ଯେ, ପରିବେଶ ଓ ପରିସ୍ଥିତିକୁ ଚାହିଁ ସଙ୍ଗେ ସଙ୍ଗେ ରାଜାଙ୍କ ମନ ଯୋଗାଇଲା ଭଳି ପ୍ରସଙ୍ଗ ଉତ୍ଥାପନ କରିପାରନ୍ତି । ସେଥିରେ ରାଜାଙ୍କର ମହିମା ପ୍ରକଟିତ ହୁଏ । ତେବେ କେଉଁଠି କେମିତି ଏହାର ବି ବ୍ୟତିକ୍ରମ ଦେଖାଯାଇଥାଏ । ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦ୍‌ଦେବ ଜଣେ ସାହିତ୍ୟ ରସିକ । ରାଜକାର୍ଯ୍ୟ ସହିତ ସାହିତ୍ୟ ଚର୍ଚ୍ଚା ମଧ୍ୟ କରନ୍ତି । ସେ ପ୍ରାଚୀନ ଛନ୍ଦରେ କବିତା ରଚନା କରୁଥିଲେ । ପରେ ନୂତନ ଧାରାରେ ଲେଖିଲେ । କବିତାହେଉ କି ଆଉ କିଛି ହେଉ, ଯାହା ଲେଖନ୍ତି ତାକୁ କୌଣସି ସାହିତ୍ୟିକଙ୍କୁ ପଠାନ୍ତି ଓ ସେ ସମ୍ବନ୍ଧରେ ପରାମର୍ଶ ଲୋଡନ୍ତି । ରାଜା ଚନ୍ଦ୍ରଚୂଡ଼ାମଣି ସାହିତ୍ୟିକଙ୍କୁ ଯେମିତି ସମ୍ମାନ ଦିଅନ୍ତି, ସେମିତି ମଧ୍ୟ ତାଙ୍କ ପରାମର୍ଶକୁ ଗ୍ରହଣ କରନ୍ତି । ସାହିତ୍ୟ ଚର୍ଚ୍ଚା ସମୟରେ ରାଜାଙ୍କୁ ଅନ୍ୟ କେହି ସାକ୍ଷାତ କରିବା ସମ୍ଭବ ହୁଏନାହିଁ । ସେତେବେଳେ ସେ ଅସଂଖ୍ୟ ପ୍ରଜାଙ୍କର ପ୍ରଶାସକ ଏହା ଭୁଲି ଯାଆନ୍ତି । ସାହିତ୍ୟକୁ ରାଜା ନିଶା ଭାବରେ ଗ୍ରହଣ କରିଥିଲେ । ଥରେ ଯାହାକୁ ମଣିଷ ନିଶା ଭାବରେ ଗ୍ରହଣ କରେ, ତାହା କବଳରୁ ମୁକ୍ତି ପାଇବା ସହଜ ନୁହେଁ । ହୁଏତ ନେଶା କବଳରୁ ମୁକ୍ତି ମିଳିପାରେ । ଅନ୍ୟ ଏକ ନେଶାକୁ ପେଶା ଭାବେ ଗ୍ରହଣ କରିବା ପରେ ପରେ ପୂର୍ବ ନେଶାରୁ ମଣିଷ ଦୂରେଇ ଆସିପାରେ । ଏଠାରେ ଜୀବନ ଓ ଜୀବିକାର ପ୍ରଶ୍ନ ଉଠେ । ଯେତେବେଳେ ମଣିଷ ଜୀବନ ଭାବରେ କାହାକୁ ଗ୍ରହଣ କରେ । ସେତେବେଳେ ତାହା ନିଜ ସହିତ ଜଡ଼ିତ ହୋଇଯାଏ—ସେଥିରୁ ସେ ତୃପ୍ତି ପାଇ ଆନନ୍ଦିତ ହୁଏ । କବି ଚିନ୍ତାମଣି ଲେଖିଛନ୍ତି—"ପୂର୍ବରୁ ସୁରଙ୍ଗୀ ରାଜା ଯେଉଁ ସବୁ କବିତା ଲେଖିଥିଲେ, ତାହା ପ୍ରାଚୀନ ଧରଣର । ଏହି ସମୟରୁ ସେ ନୂତନ ଧାରାରେ ଲେଖିବାକୁ ଆରମ୍ଭ କଲେ । ସାହିତ୍ୟର ନିଶା ଏପରି ଧରିଗଲା ଯେ, ଦିନେ ରାତି ଅନିଦ୍ରା ହୋଇ କବିତା ଲେଖିଲେ । ଯାହା ଲେଖନ୍ତି ମୋତେ ତାହା ଦେଖାନ୍ତି । ମୁଁ ସଂଶୋଧନ କରିଦିଏଁ । ଯେଉଁଠାରେ ଯେଉଁ ଦୋଷ ତ୍ରୁଟି ଥାଏ ତାହା କହିଦିଏଁ । ତାଙ୍କର କବିତା ଲେଖା କ୍ରମଶଃ ଅଗ୍ରସର ହେଲା । ମୁଁ ଏଗାରଟାବେଳେ ଯାଏଁ, ପାଞ୍ଚଟାବେଳେ ଆସେ । ଏହି ଛ ଘଣ୍ଟା କାଳ ସାହିତ୍ୟ ଚର୍ଚ୍ଚାରେ ଅତିବାହିତ ହୁଏ । ସେତେବେଳେ ରାଜାଙ୍କ ପାଖକୁ ଆଉ କେହି ଯାଆନ୍ତି ନାହିଁ । କେହି ସାହିତ୍ୟିକ ବା କବି, ପଣ୍ଡିତ ଆସିଲେ ସେମାନେ ଯାଆନ୍ତି । ମୋ ଠାରୁ ଯାହାର ପରିଚୟ ପାଆନ୍ତି ତାକୁ ଡାକରା ହୁଏ, ନଚେତ୍ ନାହିଁ । ସାହିତ୍ୟ ସମ୍ବନ୍ଧୀୟ ଦାନରେ ସେ କୃପଣ ନୁହଁନ୍ତି, ମାତ୍ର ଅପାତ୍ରରେ ଦାନ କରନ୍ତି ନାହିଁ । କବି ପଣ୍ଡିତମାନଙ୍କ ସଙ୍ଗରେ ଖୁବ୍ ମୁକ୍ତ କରିପାରନ୍ତି ।"

ଆଉ ଦିନକର ଘଟଣା । ରାଜାଙ୍କୁ ତୁଷ୍ଟ କରିବା ଲାଗି ପଣ୍ଡିତ ଜଣେ ରାଜ ପ୍ରାସାଦରେ ପହଞ୍ଚିଲେ । ରାଜା ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କଲେ । ପଣ୍ଡିତ

ରାଜାଙ୍କର ପ୍ରଶସ୍ତି ଆରମ୍ଭ କଲେ । ସେଥିରେ ରାଜା ଆନନ୍ଦିତ ହେବା ପରିବର୍ତ୍ତେ ବିରକ୍ତ ହେଲେ । ସେଦିନର ଚିଠି ଦେବାକୁ ଯାଇ ଚନ୍ଦ୍ରମଣି ଲେଖିଛନ୍ତି—"ଦିନେ ଜଣେ ପଣ୍ଡିତ ରାଜାଙ୍କର ପ୍ରଶସ୍ତି ବର୍ଣ୍ଣନା କରି କେତୋଟି ଶ୍ଳୋକ ଲେଖି ନେଇ ଭେଟିଥିଲେ । ସେଥିରେ ଏହିପରି ଭାବ ଥିଲା ଯେ—ଲକ୍ଷ୍ମୀ, ସରସ୍ୱତୀ ତୁମ୍ଭର ଦୁଇଟି ଭାର୍ଯ୍ୟା, ତୁମ୍ଭଙ୍କୁ ସମାନ ଭାବରେ ଆଲିଙ୍ଗନ କରନ୍ତି ।" ରାଜା ଶୁଣିସାରି ମୋତେ ଚାହିଁ ରହିଲେ, ଅର୍ଥାତ୍ ପ୍ରତିବାଦ କରିବାକୁ ସଙ୍କେତ କଲେ । ମୁଁ କହିଲି—'ଲକ୍ଷ୍ମୀ, ସରସ୍ୱତୀ ମାତୃସ୍ଥାନୀୟା ଦେବୀ, ତାଙ୍କୁ ସେହି ଭାବରେ ବର୍ଣ୍ଣନା କରିବା ଉଚିତ ।' ପଣ୍ଡିତେ କହିଲେ—'ରାଜା ଦେବତା ନୁହନ୍ତି କି ?' ମୁଁ କହିଲି—'ରାଜା ମର୍ତ୍ତ୍ୟରେ ଦେବତା ସତ୍ୟ, ମାତ୍ର ଏହା ବୋଲି ତାଙ୍କ ସଙ୍ଗରେ ସ୍ୱର୍ଗର ଦେବତାଙ୍କୁ ବିବାହ କରାଇଦେବା କଅଣ ସଙ୍ଗତ ହେଲା ?" ସେହିଠୁଁ ରାଜା ଯୁକ୍ତି ଲଗାଇଲେ । କହିଲେ -'ଦେବତା ବୋଲି ଆମକୁ ଉଚ୍ଚକୁ ଉଠାଇ ଦେଇ କଅଣ ମା'ଙ୍କୁ ଅଣି ମାଇପ କରାଇଦେବ ? ଆପଣ ଅଭିଧାନରେ ପଢ଼ିଥିବେ—'ଇନ୍ଦିରା, ଲୋକମାତା, ମା । ଲକ୍ଷ୍ମୀଙ୍କର ମା ବୋଲି ଗୋଟାଏ ନାମ ସୂଚା ଅଛି ।' ଏହିପରି ନାନା ଯୁକ୍ତି ଦେଖାଇ ପଣ୍ଡିତଙ୍କୁ ଛନ୍ଦି ପକାଇଲେ । ପଣ୍ଡିତେ ହାବୁଡ଼ୁବୁ ଖାଇ ଶେଷକୁ ନିଜର ତ୍ରୁଟି ସ୍ୱୀକାର କଲେ । × × × ସାହିତ୍ୟ ଚର୍ଚ୍ଚାରେ ଏତେ ସମୟ ବ୍ୟୟ ହୁଏ ବୋଲି ରାଜ କାର୍ଯ୍ୟ କିଛି କ୍ଷତି ହୁଏ ନାହିଁ ।" (ଜୀ. ପ. ପୃଷ୍ଠା—୧୯୮)

ଚନ୍ଦ୍ରମଣିଙ୍କ ଜୀବନ ଗଠନରେ କେତେ ଜଣ ତତ୍କାଳୀନ ସାହିତ୍ୟ ରସିକ ରାଜା ମହାରାଜାଙ୍କର ଅବଦାନ କବିଙ୍କ ଜୀବନ ଇତିହାସରେ ସ୍ମରଣୀୟ । ରାଜାମାନେ ତାଙ୍କୁ ଅତି ସ୍ନେହ, ଆଦର ଓ ସମ୍ମାନ କରୁଥିଲେ । ସାମୟିକ ସାହାଯ୍ୟ ଦିଅନ୍ତି । କେହି କେହି ନିୟମିତ ମାସିକ ମଧ୍ୟ ସାହାଯ୍ୟ ପଠାନ୍ତି । ଲକ୍ଷ୍ମୀଗଡ଼ ରାଜା ମାହେଶ୍ୱରୀ ପ୍ରସାଦ କବିଶେଖରଙ୍କୁ ଦଶଟଙ୍କା ଲେଖା ମାସିକ ବୃତ୍ତି ଦେଉଥିଲେ । ଏହି ଦଶଟଙ୍କା ସେତେବେଳେ ଯେ କେତେ ପରିମାଣରେ ଟଙ୍କା ସହିତ ତୁଳନା ହୋଇପାରେ ତାହା ଚିନ୍ତା କରିବାର କଥା । କବିଙ୍କର ଗୁଜରାଣ ମେଣ୍ଟିବାରେ ଏହା କମ୍ ସାହାଯ୍ୟ କରେନାହିଁ । ଏପରି ସେ କେତେଜଣ ରାଜା ମହାରାଜାଙ୍କ ସାହଚର୍ଯ୍ୟ ଲାଭ କରି ନଥିଲେ ତାଙ୍କ ସାହିତ୍ୟ ରଚନା ହୁଏତ ଲୋକଲୋଚନକୁ ଆସିବା ସୁବିଧାଜନକ ହୋଇନଥାଆନ୍ତା । ନିଜେ କବି ଯାହା ସ୍ୱୀକାର କରିଛନ୍ତି, ତାହା ଏଠାରେ ଉଲ୍ଲେଖ କରାଯାଉଛି—"ମୋର ଯେତେବେଳେ ଯେଉଁ ପୁସ୍ତକ ଛାପା ହୁଏ, ମୁଁ ତାହା ଲକ୍ଷ୍ମୀଗଡ଼ର ସାହିତ୍ୟବନ୍ଧୁ ରାଜା ମାହେଶ୍ୱରୀ ପ୍ରସାଦ ଦେବ ମହୋଦୟଙ୍କୁ ଉପହାର ଦିଏ । ପୂର୍ବରୁ ତାଙ୍କ ସହିତ ପରିଚୟ ଥିଲା, ଏହି ସୂତ୍ରରେ ତାହା ଘନିଷ୍ଠତର ହୋଇଉଠିଲା । ସେ ମୋତେ ଭାଇ ବୋଲି ସମ୍ବୋଧନ କରନ୍ତି । ମୁଁ ତାଙ୍କୁ ଭାଇ ମହାରାଜା ବୋଲି

ପତ୍ରରେ ଲେଖେଁ । ପତ୍ରର ଆଦାନ ପ୍ରଦାନଦ୍ୱାରା ସେ ମୋର ସାହିତ୍ୟ ସେବାର ତତ୍ତ୍ୱ ନିଅନ୍ତି । ବର୍ତ୍ତମାନ ଆଜି କଅଣ ଲେଖା ହେଉଅଛି, ଏହାପରେ ଆଉ କି ପୁସ୍ତକ ଲେଖାଯିବ, ପତ୍ରଦ୍ୱାରା ଏହିପରି ପ୍ରଶ୍ନ କରନ୍ତି । ସେ ମୋର ଅନେକ ପୁସ୍ତକ ଛପାଇ ଦେଇଅଛନ୍ତି । ତାଙ୍କର ଅନୁକୂଳ ଦୃଷ୍ଟି ପଡ଼ି ନଥିଲେ ମୋର ଅନେକ ପୁସ୍ତକର ପରମାୟୁ ପାଣ୍ଡୁଲିପିରେ ଶେଷ ହୋଇଥାଆନ୍ତା । ଖାଲି ପୁସ୍ତକ ପ୍ରକାଶ କରି ସେ କ୍ଷାନ୍ତ ହେଉ ନ ଥିଲେ, ବରଂ ଅନୁରୋଧ କରି ପୁସ୍ତକ ଲେଖାଇ ନେଇ ନିଜ ବ୍ୟୟରେ ଛପାଇ ଦେଉଥିଲେ ।"

ଏହା ଚିରଦିନ ଲାଗି ଇତିହାସର ତଥ୍ୟ ହୋଇ ରହିଯାଇଛି । ରାଜା ମହାରାଜାଙ୍କ ଗୁଣଗ୍ରାହିତାର ଅନେକ କୀର୍ତ୍ତି ବିଚ୍ୟୁତ ସାଧାରଣରେ ଆଲୋଚିତ ଓ ସମାଲୋଚିତ ହୋଇଥାଏ; ମାତ୍ର ଏମିତି ବ୍ୟକ୍ତିତ୍ୱର ଉଜ୍ଜ୍ୱଳାଲୋକର ସ୍ପର୍ଶ କେତେ ଜଣ ସମାଲୋଚକଙ୍କ ଲେଖନୀରେ ବର୍ଣ୍ଣିତ ହୁଏ ! ଜୀବନଚରିତ ବା ଆତ୍ମଚରିତ ଜାତୀୟ ଚରିତ୍ର ଓ ଜାତି ଗଠନ ଦିଗରେ ସହାୟକ ହୋଇଥାଏ ବୋଲି ପୃଥିବୀର ବହୁ ଚିନ୍ତାନାୟକ ମତ ବ୍ୟକ୍ତ କରିଛନ୍ତି । ଏଥିରେ ଲିପିବଦ୍ଧ ହୋଇ ରହୁଥିବା ଇତିହାସ ତାହା ପରବର୍ତ୍ତୀ ଯୁଗ ପାଇଁ ପ୍ରେରଣା, ଉଦ୍‌ବୋଧନର ଉତ୍ସ । ସାହିତ୍ୟ ଓ ସଂସ୍କୃତି ଜୀବନ ପ୍ରବାହ ସହିତ ଓତପ୍ରୋତ ଭାବେ ସମ୍ପୃକ୍ତ, ଏହା କେଉଁ ଯୁଗରେ ଅସ୍ୱୀକୃତ ହୋଇନାହିଁ । ରାଜଦରବାରରେ ଏହାର ଭୂୟସୀ ପ୍ରଶଂସାର ଅଭାବ ନଥିଲା । ରାଜ-ଅନୁଗ୍ରହ କଳା ଚର୍ଚ୍ଚାର ଅନ୍ୟତମ ଅବଲମ୍ବନ ହୋଇଥିଲା । ଜାତୀୟ ବିକାଶରେ ଏପରି ପଦକ୍ଷେପ ପ୍ରଶଂସନୀୟ । 'ଜୀବନ ପଞ୍ଜିକା'ରେ ଚିନ୍ତାମଣି ଆପଣା କାହାଣୀ ପ୍ରକାଶ କରିବା ସଙ୍ଗେ ସଙ୍ଗେ, ଏହିପରି ଘଟଣା ଉପସ୍ଥାପନ କରି, ତତ୍କାଳୀନ ପରିବେଶ ଓ ମାନସିକ ଅଭିବୃଦ୍ଧିର ଚିତ୍ର ଅଙ୍କନ କରିପାରିଛନ୍ତି । ଆତ୍ମଚରିତକୁ ଜାତି ନିର୍ମାଣ ଭାବରେ ବର୍ଣ୍ଣନା କରି ଜଣେ ସମାଲୋଚକ କହିଥିଲେ— "Autobiography frequently reflects national character and in so far as this is true, it can supply a rich source of materials for the understanding of diverse peoples."

ସାହିତ୍ୟ ଓ ସଂସ୍କୃତିର ବିକାଶଧାରା ଆଲୋଚନାରେ ଉନ୍ନତ ଆତ୍ମଚରିତକୁ ଅବହେଳା କରିହେବନି । ଏହା ଭିତରେ ଯଥେଷ୍ଟ ଆଲୋଚନା ଲାଗି ତଥ୍ୟ ପରିପୁଷ୍ଟି ହୋଇଥାଏ । ଦୁଃଖର ବିଷୟ ଯେ, ଚିନ୍ତାମଣିଙ୍କ 'ଜୀବନ ପଞ୍ଜିକା' ଏଥିପାଇଁ କେହି ବ୍ୟବହାର କରିନାହାନ୍ତି । ସମ୍ଭବତଃ ଏହା ସମାଲୋଚକ ଓ ସୁଧିସମାଜ ଦୃଷ୍ଟିର ବହୁ ଦୂରରେ ରହିଯାଇଛି । ଲେଖକ ଏଥିରେ ସାହାଯ୍ୟକାରୀ ଓ ଉଦାର ବ୍ୟକ୍ତିର

କେବଳ ସାହାଯ୍ୟ, ଉଦାରତା ଓ ସହୃଦୟତା ବର୍ଣ୍ଣନା କରିନାହାନ୍ତି । ଅନ୍ୟମାନଙ୍କ ଲାଗି ଆଲୋଚନା ଓ ଗବେଷଣାର ପଥ ପରିଷ୍କାର କରିଯାଇଛନ୍ତି । ଚନ୍ଦ୍ରାମଣି ଲେଖିଛନ୍ତି—"'ବିଜନାଦିତ୍ୟ' ର ରଚନା ଶେଷହେଲା ପରେ ମୁଁ ତାଙ୍କୁ (ଲକ୍ଷ୍ମୀଗଡ଼ ରାଜା) ପତ୍ରରେ ଜଣାଇଲି । ସେ ପାଣ୍ଡୁଲିପି ଦେଖିବାକୁ ଇଚ୍ଛା ପ୍ରକାଶକରି ପତ୍ର ଲେଖିଲେ । ମୁଁ ଡାକରେ ପାଣ୍ଡୁଲିପି ପଠାଇଲି । ପଢ଼ିସାରି ସେ ତାହା ଫେରାଇଦେଇ ଲେଖିଲେ—''ଶୀଘ୍ର ଏହାକୁ କଟକର କୌଣସି ପ୍ରେସ୍‌ରେ ପରୀକ୍ଷା ରୂପେ ଛପାଇ ନେଉନ୍ତୁ, ଛପା ଖର୍ଚ୍ଚ ମୁଁ ଦେବି । × × ସାହିତ୍ୟ ପ୍ରେସରେ ପୁସ୍ତକ ମୁଦ୍ରିତ ହେଲା । ଛପା ଖର୍ଚ୍ଚ ଛଅଶ ତିରିଶ ଟଙ୍କା ଲାଗିଲା । ଲକ୍ଷ୍ମୀଗଡ଼ ରାଜା ଉପନ୍ୟାସ ଲେଖିବା ସକାଶ ବାରମ୍ବାର ପତ୍ରରେ ପ୍ରବର୍ତ୍ତନା ଦେଲେ । ତାଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ 'ମୁଗଲ ମଠ' ଉପନ୍ୟାସ ଲେଖିଲି । ତାହା ମୋର ପ୍ରଥମ ଉପନ୍ୟାସ । ସ୍ୱର୍ଗୀୟ ପାଟନା ରାଜା ପୃଥ୍ୱୀରାଜ ଦେବଙ୍କ ଆନୁକୂଲ୍ୟରେ ତାଙ୍କ ବଲାଙ୍ଗିର ପ୍ରେସରେ 'ମୁଗଲ ମଠ' ମୁଦ୍ରିତ ହେଲା । ତହିଁପରେ 'ଆର୍ଯ୍ୟବାଳା' ମୁଦ୍ରିତ ଏବଂ ପ୍ରକାଶିତ ହେଲା ।"

ସେତେବେଳେ ସାହିତ୍ୟପ୍ରେମୀର ଅଭାବ ନ ଥିଲା—ରସିକତାରେ ସ୍ୱାର୍ଥ କିମ୍ବା ବ୍ୟକ୍ତିପୂଜାର ଅଭିଳାଷ ରହି ନ ଥିଲା, ସ୍ୱଚ୍ଛ ଓ ଆନ୍ତରିକ ବିଚାରଧାରା ରସିକତାକୁ ସମୁଜ୍ଜ୍ୱଳ କରୁଥାଏ । ଯୋଗ୍ୟ ଲାଗି ଯୋଗ୍ୟର ଆସନ ସଂରକ୍ଷିତ ହୋଇ ରହୁଥାଏ । ଏହିପରି ପାରମାର୍ଥିକ ଚିନ୍ତା ଚେତନା ସାହିତ୍ୟ ଜଗତକୁ ଆବଦ୍ଧ କରି ରଖିଥିଲା । ଏଥିରୁ ସାହିତ୍ୟିକ ଆନନ୍ଦର ପାଠୋଦ୍ଧାର ଠିକ୍‌ର ଅନୁସନ୍ଧାନ କରିନାଏ । ବଣ ମଲ୍ଲୀ ବଣରେ ଫୁଟି ବଣରେ ଝଡ଼ିପଡ଼ୁ ପଛେ, ତା' ସୁବାସ କେବଳ ବଣକୁ ନୁହେଁ, ବଣ ଅତିକ୍ରମ କରି ବି ନିକଟ ଅଞ୍ଚଳକୁ ସୁବାସିତ କରେ । କେହି ମଲ୍ଲୀ ରସିକ ଖୋଜୁଥିଲେ ବି ହେଲେ ବଣର ସନ୍ଧାନ କରି ତାକୁ ତୋଳି ଆଣେ ତ । ଠିକ୍ ସେମିତି ସ୍ରଷ୍ଟା ଜୀବନ—କାହିଁ କେତେ ଦୂରରେ, ଅଜଣା ଅଶୁଣା ସ୍ଥାନରେ ରହୁଥିଲେ ବି, କଳାରସିକ ତାକୁ ପାଖେଇ ନିଏ । ଆମନ୍ତ୍ରଣରେ ଆପଣାର କରି ବସେ । ସେତେବେଳେ ସ୍ରଷ୍ଟା ପାଏ ନୀରବ ସାଧନା ଭିତରେ ଅଜସ୍ର ଆନନ୍ଦ—ପରମ ତୃପ୍ତି । କେହି ଯଦି ତାକୁ ସନ୍ଧାନୀ ମନ ନେଇ ଅନୁସନ୍ଧାନ ନ କରନ୍ତି, ତଥାପି ସୁଦ୍ଧା ସେ ବିଷାଦ ଅନୁଭବ କରେ ନା—ଅତୃପ୍ତ ହୁଏନା । ସ୍ରଷ୍ଟା ଏକ ସ୍ୱଧର୍ମ ନେଇ ତା' ସୃଷ୍ଟିରେ ବିଚରଣ କରେ । ଏଠାରେ କହିବାର କଥା ହେଉଛି ଯେ, ତତ୍କାଳୀନ କଳା ରସିକମାନେ ଯୋଗ୍ୟକୁ କିପରି ସମ୍ମାନ ଦେଉଥିଲେ, ବିଶେଷତଃ ରାଜାମାନେ କିପରି ଯୋଗ୍ୟକୁ କଷଟିରେ ପରୀକ୍ଷା କରିପାରୁଥିଲେ, ତାହା ଏଠାରେ ସ୍ମରଣୀୟ । ତା' ହୋଇ ନଥିଲେ, ଚନ୍ଦ୍ରାମଣି ରାଜଦରବାରରେ ଏତେ ସମ୍ମାନର ଅଧିକାରୀ କାହିଁକି ହୋଇଥାଆନ୍ତେ ! ତାଙ୍କରି ଭାଷାରେ କୁହାଯାଇପାରେ—"ଦିନେ ହଠାତ୍ ଧରାକୋଟ ରାଜା ମାନବୀର ମଦନ

ମୋହନ ସିଂହଦେବଙ୍କର ଖଣ୍ଡିଏ ପତ୍ର ପାଇଲି । ଶୀଘ୍ର ଯାଇ ତାଙ୍କୁ ସାକ୍ଷାତ କରିବା ପାଇଁ ସେ ଲେଖିଥିଲେ ଏବଂ ପାଥେୟ ମଧ୍ୟ ପଠାଇଥିଲେ । ମୁଁ ସୋମନାଥଙ୍କୁ ସଙ୍ଗରେ ନେଇ ଧରାକୋଟ ଯାଇ ରାଜା ମହୋଦୟଙ୍କୁ ସାକ୍ଷାତ କଲି । ସେ କହିଲେ—"କୃଷ୍ଣ ସିଂହ ମହାଭାରତ ଛପା ହେବ, ଆପଣ ଏଇଠାରେ ରହି ଗ୍ରନ୍ଥ ସଂଶୋଧନ କରି ପାଣ୍ଡୁଲିପି ପ୍ରସ୍ତୁତ କରିପାରିବେ କି ? ପାଖରେ ରହିଲେ ସେ ସମ୍ବନ୍ଧରେ ମୋ' ସଙ୍ଗରେ ପରାମର୍ଶ କରିବାର ସୁବିଧା ହେବ । ଆପଣଙ୍କର କିଛି ଅସୁବିଧା ହେବ ନାହିଁ—ମୁଁ ସବୁ ସୁବିଧା କରିଦେବି ।" ରାଜାଙ୍କ ପ୍ରସ୍ତାବରେ ମୁଁ ସ୍ୱୀକୃତ ହୋଇ ଧରାକୋଟରେ ରହିଲି । ମୋତେ ଉପଯୁକ୍ତ ବସା ଦିଆଗଲା । ପାଣି ଦେବାପାଇଁ ଗଉଡ଼ର ବନ୍ଦୋବସ୍ତ କରିଦିଆଗଲା । ମୋର ଅଭାବ ଅସୁବିଧା ବୁଝିବାର ଭାର ଜଣେ କର୍ମଚାରୀଙ୍କ ଉପରେ ରହିଲା ।"

ଜୀବନଚରିତର ପୃଷ୍ଠଭୂମି ବ୍ୟାପକ । ବ୍ୟାପକ ପୃଷ୍ଠଭୂମିକୁ ଚିହ୍ନି ସାରିଲା ପରେ, ଜୀବନଚରିତର ମହତ୍ତ୍ୱ ଉପଲବ୍ଧି କରିହୁଏ । ଜୀବନଚରିତର ରଚୟିତା କେବଳ ଜୀବନ କାହାଣୀକୁ ବର୍ଣ୍ଣନ କରେନାହିଁ । ସେ ମଧ୍ୟ ଜୀବନ ସତ୍ତାର ବ୍ୟାପକତର ପୃଷ୍ଠଭୂମିକୁ ଯଥାର୍ଥ ଭାବରେ ଉପସ୍ଥାପନ କରେ—ଜୀବନଚରିତର ଏହା ସବୁଠୁଁ ବଡ଼ ଧର୍ମ । ଏହି ପୃଷ୍ଠଭୂମିରୁ ଇତିହାସ, ଧର୍ମଧାରା, ସାଂସ୍କୃତିକ ବିପ୍ଳବ, ଚିନ୍ତା ଚେତନା, ଶିକ୍ଷା ବିକାଶ, ବୈଷୟିକ ଓ ବିଜ୍ଞାନଚର୍ଚ୍ଚା ଆଦିର ବିବରଣୀ ମିଳି ପାରିଥାଏ । ତେଣୁ ଜୀବନଚରିତକାର ଚରିତ ଶୁଣାଇବା ସଙ୍ଗେ ସଙ୍ଗେ, ଏହାକୁ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜୀବନର ପୃଷ୍ଠଭୂମିକୁ ଗୁରୁତ୍ୱ ଦେଇଥାଆନ୍ତି । ଇଂରାଜୀର ଗୋଟିଏ ଉକ୍ତି ଏଠାରେ ଏ ପ୍ରସଙ୍ଗରେ ଉଦ୍ଧାର କରାଯାଉ ।

"The autobiography proper is a connected narrative of the authors life, with stress laid on introspection or on the significance of his life against a wider background." (ଜେ. ଟି. ସିପ୍‌ଲେ)

ଐତିହାସିକ ଘଟଣା ଆତ୍ମଚରିତ ଲେଖକ ଅଙ୍ଗେ ନିଭାଇଥିଲେ, ଆତ୍ମଚରିତ ପାଠକ ପାଇଁ ଇତିହାସର ଅନେକ ଦ୍ୱାର ଉନ୍ମୋଚନ କରିପାରେ । ସେହି ମୁକ୍ତ ଦ୍ୱାର ଭେଦକରି ଆହୁରି ଆଗକୁ ଆଗକୁ ଯାଇ ଇତିହାସର କେତେ କେତେ ତଥ୍ୟ ଓ ତତ୍ତ୍ୱକୁ ଅନୁସନ୍ଧାନ କରିହୁଏ । ସେଥିପାଇଁ ଆତ୍ମଚରିତକାର ଆପଣା ଜୀବନୀ ରଚନା କାଳରେ ଉଲ୍ଲେଖନୀୟ ଘଟଣାବଳୀକୁ ଲକ୍ଷ୍ୟ ରଖିଥାଆନ୍ତି । ଚିନ୍ତାମଣିଙ୍କ 'ଜୀବନ ପଞ୍ଜିକା'ରେ ଏମିତି ଦୃଷ୍ଟାନ୍ତ ଉଣା ହୋଇନାହିଁ । ଯେ ଜଣେ ବାସ୍ତବ ଆତ୍ମଚରିତ ଲେଖକ ଭାବେ

ଐତିହାସିକ ଉତ୍କଳ ସମ୍ମିଳନୀର ଗୋଟିଏ ସ୍ମରଣୀୟ ଦୃଶ୍ୟ ଅଙ୍କନ କରିଛନ୍ତି । ଉତ୍କଳ ପ୍ରଦେଶ ଗଠନ ଲାଗି ଯେଉଁ ବୀରପୁରୁଷମାନେ ସଂଗ୍ରାମ କରୁଥିଲେ, ସେମାନଙ୍କ ଭିତରୁ ଅନେକେ କେବଳ ଜାତୀୟତାବାଦୀ ନଥିଲେ, ସେମାନେ ମଧ୍ୟ ସ୍ୱାଭିମାନୀ ଏବଂ ଅହଂକାରୀ ଥିବାର ସୂଚନା ମିଳେ । ଆମର ସିଦ୍ଧାନ୍ତକୁ ସମସ୍ତ ଜାତି ଉପରେ ଲଦି ଦେବାର ଅପଚେଷ୍ଟା କରନ୍ତି, ଏଥିପାଇଁ ସେମାନଙ୍କୁ ଅନେକ ପ୍ରତିବାଦ ଓ ଆଘାତ ସହ୍ୟ କରିବାକୁ ହୁଏ । ବହୁ କ୍ଷେତ୍ରରେ ଅପମାନ ବରଣ କରାଯାଏ । ଯେଉଁମାନେ ନେତୃତ୍ୱ ନେଉଥିଲେ, ସେମାନଙ୍କୁ ଏ ଜାତି ଦେବତା ପରି ଜ୍ଞାନ କରୁଥିଲା । ସଭା ସମିତିରେ ଜନ ସମାବେଶରେ ସେମାନେ ବିକଳ୍ପ ମନ୍ତବ୍ୟ ଦେଲେ ବି, ତାହା ଉପରେ ମୁହଁ ଖୋଲି ପ୍ରତିକ୍ରିୟା ପ୍ରକାଶିତ ହେଉ ନ ଥିଲା । ଅବଶ୍ୟ ସେମାନଙ୍କ ଏକଚ୍ଛତ୍ରପଣ ଓ ବ୍ୟକ୍ତିଗତ ସିଦ୍ଧାନ୍ତକୁ ନୀରବରେ ଘୃଣା କରାଯାଉଥିବାର ଦୃଷ୍ଟାନ୍ତ ରହିଛି । ତୁଙ୍ଗ ନେତୃବୃନ୍ଦ ନିଜ ବିଗ୍ରହରେ ଯାହା ଠିକ୍ ମନେ କରନ୍ତି, ତାହାକୁ ମୁଣ୍ଡିତ କରିନେବାର ସୁଯୋଗ ଖୋଜନ୍ତି । କେହି ସଚେତନ ଓ ମୁକ୍ତବାଦୀ ନେତା ମତାନ୍ତର ବିରୋଧ କଲେ, ଅଭିମାନ ଆରମ୍ଭ ହୁଏ—ସ୍ୱର ପରିବର୍ତ୍ତନ ହୁଏ କି ନା କିମ୍ବା ବିଶ୍ଳେଷଣସାପେକ୍ଷ । ଏ ମର୍ମରେ ଚନ୍ଦ୍ରାମଣି ଯେଉଁ ଐତିହାସିକ ଦୃଶ୍ୟ ବର୍ଣ୍ଣନା କରିଛନ୍ତି, ତାହା ହେଉଛି—

"ପ୍ରଥମ ଦିନ ମଧୁବାବୁ, ଗୋପବନ୍ଧୁ ଦାସଙ୍କୁ ସଭା (ଉତ୍କଳ ସମ୍ମିଳନୀ)ରୁ ବାହାର ଯିବାକୁ କହିଲେ । ତାଙ୍କର ଅପରାଧ ଏହି ଯେ, ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାକୁ ସେ ମତ ପ୍ରକାଶ କରିଥିଲେ । ବାଳକର 'ଛୁଁ'—ଚାଙ୍ଗି ମାଙ୍କଡ଼ ଯେଉଁପରି ଅଛି ସେହିପରି ଥାଉ । ଆମର ଦଳର ମତ, ମଧ୍ୟପ୍ରଦେଶରେ ମିଶୁ, ଏହି ଦୁଇଟି ଦଳର ସୃଷ୍ଟି ହୋଇଥିଲା । × × ମଧୁବାବୁ ରାଗିଯାଇ କହିଲେ—"ତୁମ୍ଭେ ବାହାର ନ ଗଲେ ମୁଁ ଭଲଣ୍ଟିଅରମାନଙ୍କୁ ତୁମ୍ଭକୁ ବାହାର କରିଦେବି ।" ତହୁଁ ମାତୃପ୍ରାଣ ଗୋପବନ୍ଧୁ ଦାସ କାନ୍ଦି କାନ୍ଦି ସଭାରୁ ଚାଲିଗଲେ । ସେତେବେଳେ ମଧୁବାବୁ ଓଡ଼ିଶା ରାଜନୀତି କ୍ଷେତ୍ରରେ ସର୍ବେସର୍ବା, ତାଙ୍କ ପଛକୁ ଗୋକୁଳାନନ୍ଦ ଚୌଧୁରୀ ହୋଇ ଆସୁଥିଲେ । ସଭାରେ ଏତେ ଲୋକ ଥାଉଁ ଥାଉଁ ଏ ଅନ୍ୟାୟ କାର୍ଯ୍ୟରେ କେହି ପ୍ରତିବାଦ କଲେନାହିଁ । ଓଡ଼ିଆଜାତି ନୂଆ ଗୁରୁ ଏହି ମନ ଉଣା କଲେ; ମାତ୍ର ମନର ଦୁଃଖ ମନରେ ମାରି ନୀରବରେ ରହିଲେ । × × × ବିଶ୍ୱନାଥ କର କାହିଁକି କେଜାଣି ସଭାରେ ନ ବସି ବାହାରେ ବୁଲୁଥିଲେ । ମଧୁବାବୁ ବକ୍ତୃତା କରୁଁ କରୁଁ କ କଥା ପ୍ରସଙ୍ଗରେ 'ମୋର ଉତ୍କଳ' ବୋଲି କହି ପକାଇଲେ । ତହୁଁ ବିଶ୍ୱନାଥ ବାବୁ ସିଂହ ବିକ୍ରମରେ ଧାଇଁ ଯାଇ କହିଲେ—"କଅଣ କହିଲେ, ମୋର ଉତ୍କଳ, ଆଉ ଥରେ କୁହନ୍ତୁ । ଆପଣ କଅଣ ଉତ୍କଳ ଦେଶଟାକୁ କିଣି ନେଇଛନ୍ତି ? ଆଜିକୁ ଦଶଦିନ ତଳେ ଉତ୍କଳର କ କାର୍ଯ୍ୟ କରି ଆପଣ ମୋର ଉତ୍କଳ ବୋଲି ଦାବୀ କରୁଛନ୍ତି ? ମଧୁବାବୁ ଥମ୍ ଥମ୍ ହୋଇ କହିଲେ— "ନା, ବିଶ୍ୱନାଥ ବାବୁ, ଆପଣ

ଭୁଲ୍ ବୁଝୁଛନ୍ତି । ମୁଁ ଦାବୀ କରୁନାହିଁ, ମୋର ମାତୃଭୂମି ବୋଲି ମୁଁ ଅଭିମାନରେ କହିଲି—ଆପଣ କ୍ଷମା କରନ୍ତୁ ।" ('ଜୀବନ ପଞ୍ଜିକା'—ପୃଷ୍ଠା—୧୨୦)

ଏଠାରେ ଘଟଣା ଯାହା ଘଟୁନା କାହିଁକି ଏହା ସତ୍ୟ ଯେ, ଜାତିପ୍ରେମୀ ଚିନ୍ତାମଣି ସାହିତ୍ୟ ସାଧନା ଭିତରେ ଜାତୀୟତାର ମନ୍ତ୍ର ଭୁଲି ନ ଥିଲେ; ଏବଂ ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ଚରିତ୍ରର ଏକ ଦିଗ ସମ୍ପର୍କିତ ଇଙ୍ଗିତ ଦେବାକୁ ସେ ମଧ୍ୟ ପଶ୍ଚାଦ୍‌ପଦ ହୋଇନାହାନ୍ତି । ଘଟଣାର ସଂକ୍ଷିପ୍ତ ବିବରଣୀ ମଧ୍ୟରେ ଗବେଷଣା ଲାଗି ଯେ ବିସ୍ତୃତ ଉପାଦାନ ଲୁକ୍କାୟିତ ରହିଛି, ଏହା ସ୍ୱୀକୃତ ।

ଓଡ଼ିଆ ଭାଷାକୁ ଲୋପ କରିଦେବା ଲାଗି ତତ୍କାଳୀନ କେତେକଣ ଶିକ୍ଷିତ ବଙ୍ଗବାସୀଙ୍କର ବିଧିବଦ୍ଧ ଚକ୍ରାନ୍ତ, ଓଡ଼ିଶା ଇତିହାସର ଏକ କଳଙ୍କମୟ ଅଧ୍ୟାୟ । ଓଡ଼ିଆ ଭାଷା ବିରୁଦ୍ଧରେ ଏହି ଚକ୍ରାନ୍ତ ଭୟାବହ ଆନ୍ଦୋଳନରେ ପରିଣତ ହୋଇଥିଲା । ୧୮୩୭ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇ, ୭୦ରେ ଏହାର ରୂପ ଭୟଙ୍କର ହୋଇଥିଲା । ଓଡ଼ିଆ ଭାଷାକୁ ଏ ରାଜ୍ୟରୁ ଲୋପ କରିଦେଇ, ବଙ୍ଗଭାଷାର ପ୍ରଚଳନ ଲକ୍ଷ୍ୟରେ ଏହି ଉଦ୍ୟମ ଅବ୍ୟାହତ ରହିଥିଲା । ବଡ଼ ଆଶ୍ଚର୍ଯ୍ୟର କଥା, ଯେଉଁ ବଙ୍ଗାଳୀ ସରକାରୀ କର୍ମଚାରୀମାନେ ଓଡ଼ିଶାରେ ଚାକିରି କରି ଓଡ଼ିଶାରୁ ଅର୍ଥ ନେଇ ପରିବାର ପ୍ରତିପୋଷଣ କରୁଥିଲେ, ସେମାନେ ଓଡ଼ିଆ ଭାଷା ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି କରୁଥାଆନ୍ତି । ଏହାକୁ ଏକ ଉପଭାଷା କହି ଏହାର ମୌଳିକତାକୁ ନ୍ୟୂନ କରି ଦେଉଥିଲେ । ଭାଷାର ମହତ୍ତ୍ୱ ଓ ଗୌରବ ଅନ୍ୟ ଭାଷାଭାଷୀମାନଙ୍କଠାରେ ଯେପରି ପରିଚିତ ହୋଇ ନ ପାରେ, ସେଥିପାଇଁ ଚକ୍ରାନ୍ତ ଚାଲିଥାଏ । ଭାଷା ବିରୁଦ୍ଧରେ ନାନା ପ୍ରକାର ଅପପ୍ରଚାର ଚଳାଇ ଏହାର ଶୌର୍ଯ୍ୟ, ବୀର୍ଯ୍ୟ ଓ ନିଜସ୍ୱ ରୂପ ଉପରେ ଆଘାତ ଆଣୁଥିଲେ । ବଙ୍ଗଳାର ଜଣେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ତଥା ପଣ୍ଡିତ ଗବେଷକ ରାଜେନ୍ଦ୍ର ଲାଲ ମିତ୍ରଙ୍କ କଣ୍ଠରୁ 'ଓଡ଼ିଆ ଏକ ଉପଭାଷା' ଯେଉଁଦିନ ପ୍ରକାଶ ପାଏ, ସେଦିନ ଓଡ଼ିଆ ଭାଷା ଜୀବନରେ କାଳର ଦୁର୍ଦ୍ଦିନର ଘନ ଅନ୍ଧକାର ମାଡ଼ି ଆସିଥିଲା, ତାହା ବର୍ଣ୍ଣିବାର କଥା । ଗବେଷକଭାବେ ପଣ୍ଡିତ ମିତ୍ର ଯେଉଁ ମନ୍ତବ୍ୟ ଦେଇଥିଲେ, ତାହାର ଯଥାର୍ଥତା ସେ କେବେ ହେଲେ ପ୍ରତିପାଦନ କରିପାରି ନାହାନ୍ତି । କାରଣ ଓଡ଼ିଆ ଭାଷା ବହୁ ପ୍ରାଚୀନ ଓ ସମୃଦ୍ଧ । ଏହାର ନିଜସ୍ୱ ରୂପ ଓ ଗୌରବ ରହିଛି । ସେହି ନିଜସ୍ୱ ମୌଳିକ ରୂପକୁ ପାଥେୟ କରି କାଳକ୍ରମେ ଓଡ଼ିଆ ଭାଷା ଓ ସାହିତ୍ୟ କେବଳ ଭାରତୀୟ ନୁହେଁ, ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇବା ସଙ୍ଗେ ସଙ୍ଗେ, ଆପଣାର ବୈଶିଷ୍ଟ୍ୟ ପ୍ରମାଣିତ କରିଛି । ସେଦିନ ପଣ୍ଡିତ ମିତ୍ର ଓଡ଼ିଆ ଭାଷା ସମ୍ବନ୍ଧରେ ଦେଇଥିବା ମନ୍ତବ୍ୟ

ଯେ ଅଯୌକ୍ତିକ ଏବଂ ଅଭିସନ୍ଧିମୂଳକ ଏହା ସୂଚିତ ହୁଏ । କେବଳ ଭାଷା ନୁହେଁ, ଶିକ୍ଷା ଓ ସଂସ୍କୃତିର ପ୍ରକାଶ କ୍ଷେତ୍ରରେ ମଧ୍ୟ ଓଡ଼ିଆ ଜାତୀୟ ଚେତନାକୁ ଚକ୍ରାନ୍ତକାରୀମାନେ ପଦଦଳିତ କରିବାକୁ ପଶ୍ଚାତ୍‌ପଦ ହୋଇ ନ ଥିଲେ । ଭାଷାକୁ କେନ୍ଦ୍ର କରି ଜାତୀୟତାର ଅଭ୍ୟୁଦୟ ହୋଇଥାଏ; ମାତ୍ର ଏହି ଜାତୀୟତାଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଏକଦା ରାଜେନ୍ଦ୍ର ଲାଲ, ୧୮୬୮ ମସିହା ଡିସେମ୍ବର ମାସରେ 'କଟକ ଡିବେଟିଂ କ୍ଲବ' ଆନୁକୂଲ୍ୟରେ ଆୟୋଜିତ ସଭାରେ କହିଥିଲେ—"ଏକ ମିଥ୍ୟା ଜାତୀୟତାଭାବ କିମ୍ବା ଜାତୀୟତା ନାମରେ ପ୍ରତ୍ୟେକ ଜିନିଷ ପ୍ରତି ଅନ୍ଧ ଅନୁରାଗ ଜାତିର ପ୍ରକୃତ ଉନ୍ନତି ଦିଗରେ ଘୋର କ୍ଷତିକାରକ । ଓଡ଼ିଆମାନଙ୍କର କ୍ଷୁଦ୍ର ଉପଭାଷା ଏକ ସ୍ୱତନ୍ତ୍ର ଭାଷାରେ ପରିଣତ କରିବାର ଉଦ୍ୟମ ହିଁ ସେମାନଙ୍କର ବହୁ କ୍ଷତି କରୁଛି ।" ("ଓଡ଼ିଆ ସାହିତ୍ୟର ଇତିହାସ"—ଡକ୍ଟର ନଟବର ସାମନ୍ତରାୟ—ପୃଷ୍ଠା, ୨୨୫ ୨୨୬)

ବିଧିବଦ୍ଧ ଭାବରେ ବଙ୍ଗଳାର ଶିକ୍ଷିତ ସମାଜ ଏ ରାଜ୍ୟରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଭାଷାର ଆଧିପତ୍ୟ ବିସ୍ତାରପାଇଁ ଷଡ଼ଯନ୍ତ୍ର ଚଳାଇଥିଲା । ଏକଥା ଶୁଣିଲେ ହସ ଲାଗେ—୧୮୬୯ ମସିହାର କଥା । ଓଡ଼ିଆଭାଷା ନିଜକୁ ଆପଣା ଗୌରବରେ ପରିଚିତ କରିବା ଲାଗି ବଙ୍ଗାଳୀଙ୍କ ଦୟା ଓ କରୁଣାର ପାତ୍ର ହୋଇଥିଲା ! ସତେ ଯେପରି ଏମାନଙ୍କ ହୀନ ଚକ୍ରାନ୍ତର କବଳରୁ ମୁକ୍ତିପାଇଁ ଓଡ଼ିଆଭାଷା ଦୟାର ପ୍ରାର୍ଥୀ ! ଓଡ଼ିଆ ଭାଷା ଯଦି ବଞ୍ଚି ରହିବ, ତେବେ ତାହା ବଙ୍ଗଳା ଭାଷାର ଅଧୀନରେ ରହି ବଞ୍ଚି ରହୁ । କାରଣ ଓଡ଼ିଆ ଭାଷାର ସ୍ୱାଧୀନତା ଓ ଐତିହ୍ୟକୁ ଅବହେଳିତ କରିବା ଲାଗି ସେତେବେଳେ ବଙ୍ଗାଳୀମାନେ ଆଦୌ ପଶ୍ଚାତ୍‌ପଦ ହେଉନଥାନ୍ତି । ଖୁବ୍ ଦୁଃଖର ସହ ୧୮୬୯ ମସିହା ଜୁଲାଇ ମାସରେ ତତ୍କାଳୀନ ଜଣେ ବଙ୍ଗାଳୀ ସରକାରୀ କର୍ମଚାରୀ ଶ୍ରୀ ଉମାଚରଣ ହାଲ୍‌ଦାର ବଙ୍ଗଳା ଲିପି ସାହାଯ୍ୟରେ ଓଡ଼ିଆ ଭାଷାକୁ ପ୍ରକାଶ କରିବା ଲାଗି ଯୁକ୍ତି ବାଢ଼ିଥିଲେ । କିଣ ପାଇଁ ଓ କାହିଁକି ଓଡ଼ିଆ ଭାଷା ବଙ୍ଗଳା ଅକ୍ଷରରେ ଲେଖାଯିବ ! ସତେ ଯେପରି ଓଡ଼ିଆ ଭାଷା ଦୁର୍ବଳ ଓ ମାତୃପିତୃ ହୀନ ଧୂଳି ଧୂସରିତ ଶିଶୁ ସନ୍ତାନଟିଏ ! କେବଳ ସେତିକି ନୁହେଁ, ତତ୍କାଳୀନ କଟକ ଆଇନ କଲେଜର ବଙ୍ଗଭାଷୀ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟ ବଙ୍ଗଳାଭାଷା ସହ ଓଡ଼ିଆ ଭାଷାକୁ ତୁଳନା କରି ଓଡ଼ିଆ ଭାଷା ପ୍ରତି ନାସିକା କୁଞ୍ଚନ କରୁଥିଲେ । ଏ ରାଜ୍ୟରେ ଦୁର୍ବଳ ଉପଭାଷା ଓଡ଼ିଆ ପରିବର୍ତ୍ତେ ସମୃଦ୍ଧ ବଙ୍ଗଭାଷା ପ୍ରଚଳନ କଲେ, କିଛି କ୍ଷତି ନାହିଁ ବୋଲି ସେ ମତ ଦେଉଥାଆନ୍ତି; ମାତ୍ର ଏହି ମତାମତକୁ ତୀବ୍ର ବିରୋଧ କରି ଓଡ଼ିଆ ଜାତି ଓ ସଂସ୍କୃତିର ବାର୍ତ୍ତାବହ 'ଉତ୍କଳ ଦୀପିକା'ର ସମ୍ପାଦକ କର୍ମବୀର ଗୌରୀଶଙ୍କର ରାୟ ନିର୍ଭୀକ ଭାବରେ ସମାଲୋଚନା କରନ୍ତି । ତାଙ୍କ ହୃଦୟଗ୍ରାହୀ ମତାମତ 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇବା ମାତ୍ରେ, ଅଧ୍ୟାପକ ମୁଖୋପାଧ୍ୟାୟ ଗୌରୀଶଙ୍କରଙ୍କ ନାମରେ ମାନହାନି

ମୋକଦ୍ଦମା ରୁଜୁ କରିଥିଲେ । ସେଥିରେ ସ୍ୱାଧୀନଚେତା ସମ୍ପାଦକ ଗୌରୀଶଙ୍କର ଭୟଭୀତ ନହୋଇ ମୋକଦ୍ଦମା ଲଢ଼ିଥିଲେ ଏବଂ ବିଜୟୀ ହୋଇଥିଲେ ।

ଓଡ଼ିଆ ଭାଷା ଉପରେ କ୍ରମାଗତ ଭାବେ ବଙ୍ଗାଳୀ ଆକ୍ରମଣ ଚାଲିଥିଲା । 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହଁ' ଏହି ପ୍ରଚାରର ସମଗ୍ର ଓଡ଼ିଶାରେ ଖେଳାଇବା ପାଇଁ ଗୋଟିଏ ପୁସ୍ତକ ରଚିତ ହୋଇଥିଲା । ଏହାର ଲେଖକ ହେଉଛନ୍ତି ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ଏହି ପୁସ୍ତକରେ ଲେଖକ ଅପ୍ରାଣ ଉଦ୍ୟମ କରି ଇଚ୍ଛାରେ ଅଯଥା ଯୁକ୍ତି ଦର୍ଶାଇ ଓଡ଼ିଆ ଭାଷାର ନିନ୍ଦାଗାନ କରିବା ସଙ୍ଗେ ସଙ୍ଗେ, ବଙ୍ଗଭାଷାର ସ୍ତୁତିଗାନ କରିଛନ୍ତି । ଲେଖକ ଭଟ୍ଟାଚାର୍ଯ୍ୟଙ୍କଦ୍ୱାରା ଏଥିରେ ଓଡ଼ିଆ ଭାଷା ନ୍ୟୂନ ଭାବେ ଚର୍ଚ୍ଚିତ ହୋଇଛି । ଓଡ଼ିଆକୁ ବଙ୍ଗଳାର ଏକ ଉପଭାଷା ଭାବେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ, ବିକୃତ ବଙ୍ଗଳା ବୋଲି ସେ ମତ ଦେଇଥିଲେ । ଏହିପରି ଭାବେ ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ, 'ଉତ୍କଳ ଦୀପିକା' ଏ ପୁସ୍ତକର ତୀବ୍ର ସମାଲୋଚନା କରିଥିଲା । ଶ୍ରୀ ଭଟ୍ଟାଚାର୍ଯ୍ୟ ଥିଲେ ବାଲେଶ୍ୱର ହାଇସ୍କୁଲର ପଣ୍ଡିତ । ଏହା ହେଉଛି ୧୮୭୦ ମସିହାର କଥା ।

ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ କେବଳ ଯେ, ଅଣଓଡ଼ିଆମାନେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି, ତାହା ନୁହେଁ । ଶିକ୍ଷାର ଅଗ୍ରଗତି ଦିଗରେ ଅଣଓଡ଼ିଆ-ମାନଙ୍କର ଅଯଥା ହସ୍ତକ୍ଷେପ ଫଳରେ ଓଡ଼ିଶାରେ ଶିକ୍ଷାର ଆଶାନୁରୂପ ଅଭିବୃଦ୍ଧି ଘଟି ନ ଥିଲା । ଏ ରାଜ୍ୟରେ ଶିକ୍ଷାର ଅଗ୍ରଗତି ପ୍ରତି ଉଚ୍ଚପଦସ୍ଥ ଅଣଓଡ଼ିଆମାନଙ୍କର ଆଗ୍ରହ ଓ ଉତ୍ସାହ ଊଣା ଥିଲା । ସେଥିପାଇଁ କୁହାଯାଇପାରେ ଯେ, ଭାରତରେ ବ୍ରିଟିଶ ରାଜତ୍ୱ ଚାଲିବାର ପ୍ରାୟ କୋଡ଼ିଏ ବର୍ଷ ଓ ପଞ୍ଚଷଠି ବର୍ଷ ପରେ ଓଡ଼ିଶାରେ ଯଥାକ୍ରମେ ସ୍କୁଲ ଓ କଲେଜ ସ୍ଥାପିତ ହୋଇଛି । ଶିକ୍ଷାକ୍ଷେତ୍ରରେ ଯେତେବେଳେ ବିକାଶ ମନୋବୃତ୍ତିର ଅଭାବ, ସେତେବେଳେ ପୁସ୍ତକ ଛପା ପ୍ରତି ଅବହେଳା ପ୍ରଦର୍ଶିତ ହେବା ସ୍ୱାଭାବିକ ।

ଏ ସବୁର ପରିଣତି ଶିକ୍ଷାପ୍ରେମୀ ଚନ୍ଦ୍ରମଣି ଅନୁଭବ କରିଥିଲେ । ଜଣେ ଶିକ୍ଷକ ଭାବରେ ପ୍ରକାଶନର ଅଭାବ ସେ ହୃଦୟଙ୍ଗମ କରିଛନ୍ତି । ଦିନଥିଲା, ଯେତେବେଳେ ଖ୍ରିଷ୍ଟିଆନମାନେ ବିଧିବଦ୍ଧ ଓଡ଼ିଆ ପ୍ରକାଶନ ପୂର୍ବରୁ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ 'ବାଇବେଲ'ର ଓଡ଼ିଆ ଅନୁବାଦ ପୁସ୍ତକ ଆକାରରେ ପ୍ରକାଶ କରି ବିତରଣ କରୁଥିଲେ । କେଉଁଠି କେମିତି ଖ୍ରୀଷ୍ଟଧର୍ମ ପ୍ରତି ଆଗ୍ରହ ଜନ୍ମାଇବା ଲକ୍ଷ୍ୟରେ ବିଦ୍ୟାଳୟମାନ ମଧ୍ୟ ସ୍ଥାପନ କରୁଥାଆନ୍ତି । ଲୋକମାନଙ୍କୁ ସାଧାରଣ ଶିକ୍ଷାରୁ ବଞ୍ଚିତ କଲେ, ସେମାନେ

ଧର୍ମ ପୁସ୍ତକ ଅଧ୍ୟୟନର ସୁଯୋଗ ପାଇବେ ନାହିଁ । ଫଳରେ ଖ୍ରୀଷ୍ଟଧର୍ମ ଏ ଦେଶରେ ପ୍ରଚାରିତ ହୋଇପାରିବ ନାହିଁ ବୋଲି ସେମାନଙ୍କର ବଦ୍ଧମୂଳ ଧାରଣା ଥାଏ ।

ଖ୍ରୀଷ୍ଟିୟାନ ମିସନାରୀମାନେ ଯେତେବେଳେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶ ଆରମ୍ଭ କରନ୍ତି, ସେତେବେଳେ ରକ୍ଷଣଶୀଳ ଆମ ଦେଶବାସୀ ତାହା ସ୍ପର୍ଶ କରୁନଥିଲେ । କାରଣ ଏହାଦ୍ୱାରା ସେମାନଙ୍କ ଜାତି ନଷ୍ଟ ହେବାର ବଡ଼ ଆଶଙ୍କା ଥାଏ । ଏ ପରିସ୍ଥିତିକୁ ଲକ୍ଷ୍ୟକରି ଲେଖକ ଲେଖିଛନ୍ତି—"ସେ ସମୟରେ ଛପା ପୁସ୍ତକ ଥିଲା ନାହିଁ । କିଛିଦିନ ପରେ ପ୍ରଚାରକମାନଙ୍କର ବାଇବେଲ ସୃଷ୍ଟି ହେଲା । ଖଣ୍ଡିଏ ଖଣ୍ଡିଏ ଓଡ଼ିଆ ଛପା ପୁସ୍ତକ କ୍ୱଚିତ୍ ଦେଖାଗଲା । ମିସନାରୀ ପ୍ରଚାରକମାନେ 'ଜଗନ୍ନାଥ ପରୀକ୍ଷା' ପ୍ରଭୃତି ପୁସ୍ତକ ଅଧପଇସାଏ, ପଇସାଏ ମୂଲ୍ୟରେ ହାଟ ବଜାରରେ ବୁଲି ବିକ୍ରୟ କରନ୍ତି; ମାତ୍ର କେହି କିଣନ୍ତି ନାହିଁ । ତହୁଁ ସେମାନେ ବିନା ମୂଲ୍ୟରେ ବିତରଣ କଲେ । ତେବେ ମଧ୍ୟ କେହି ନେଲେନାହିଁ । ତାହା ପଢ଼ିଲେ ଜାତିଧର୍ମ ନଷ୍ଟ ହେବ ବୋଲି ସାଧାରଣଙ୍କର ବିଶ୍ୱାସ ଥିଲା । ଏହି ବିଶ୍ୱାସର କାରଣ ମଧ୍ୟ ଥାଏ । ଜଗନ୍ନାଥ ପରୀକ୍ଷା ଖଣ୍ଡି ଜଗନ୍ନାଥଙ୍କ କୁତ୍ସିତ ନିନ୍ଦାରେ ଭରପୂର । ଲୋକେ ତାହାକୁ 'ପାଦୁଡ଼ି ବହି' (ପାଦ୍ରୀ) କହି ଘୃଣା କରୁଥିଲେ । × × ×" (ପୃଷ୍ଠା-୧୧) । ଅନ୍ୟତ୍ର ଲେଖକ ଓଡ଼ିଆ ପୁସ୍ତକ ଅଭାବ ଦର୍ଶାଇ ଲେଖିଛନ୍ତି—"ସେ ସମୟରେ ଓଡ଼ିଆ ଭାଷାରେ ଛପା ପୁସ୍ତକ ଥିଲନାହିଁ । ଶିକ୍ଷାର୍ଥୀମାନେ ବଙ୍ଗଳା ପୁସ୍ତକ ପଢ଼ୁଥିଲେ; ଏବଂ ବଙ୍ଗଳାରେ ହସ୍ତାକ୍ଷର ଲେଖୁଥିଲେ ।" (ପୃଷ୍ଠା-୩)

ଏହି ପ୍ରସଙ୍ଗକୁ ଓଡ଼ିଆ ପ୍ରକାଶନର ଐତିହାସିକ ପୃଷ୍ଠଭୂମି ଆଡ଼କୁ ଦୃଷ୍ଟି ପ୍ରସାରିତ ହୋଇପାରେ । ସମଗ୍ର ଭାରତବର୍ଷରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଖ୍ରୀଷ୍ଟାନ ଧର୍ମର ବାଣୀ ଓ ଆଦର୍ଶକୁ ପ୍ରଚାର କରିବା ଲକ୍ଷ୍ୟରେ ଖ୍ରୀଷ୍ଟାନଧର୍ମ ପ୍ରଚାରକମାନେ ଯେଉଁ ଉଦ୍ୟମ କରିଛନ୍ତି, ତାହା ଖ୍ରୀଷ୍ଟାନ ଧର୍ମପ୍ରଚାର ଓ ପ୍ରସାର ଇତିହାସରେ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିଛି । ଭାରତୀୟ ଭାଷା ମାଧ୍ୟମରେ ନିଜ ଧର୍ମକୁ ପ୍ରଚାର କରିବା ପାଇଁ ଭାରତୀୟ ଭାଷାର ମୁଦ୍ରଣ ବ୍ୟବସ୍ଥା ପ୍ରତି ଧର୍ମପ୍ରଚାରକମାନେ ଗୁରୁତ୍ୱ ଦେଇଥିଲେ । ସେହି ଦୃଷ୍ଟିରୁ ଆମ ରାଜ୍ୟରେ ମଧ୍ୟ ସେମାନେ ଓଡ଼ିଆ ମୁଦ୍ରଣର ବ୍ୟବସ୍ଥା କରିଥିଲେ । ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଥମ ମୁଦ୍ରଣ ଯନ୍ତ୍ର ଖ୍ରୀଷ୍ଟାନମାନଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ସବୁ ସତ୍ତ୍ୱେ ୧୮୬୮ ମସିହାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କଦ୍ୱାରା ବାଲେଶ୍ୱରଠାରେ ସ୍ଥାପିତ ପ୍ରେସ୍‌ର ଅବଦାନକୁ କେବେ ହେଲେ ଓଡ଼ିଆ ପ୍ରକାଶନର ଇତିହାସ ଅବହେଳା କରିପାରିବ ନାହିଁ । ୧୯୬୮ ମସିହାରେ ପୁରୀଠାରେ 'ନ୍ୟାସନାଲ ବୁକ୍ ଟ୍ରଷ୍ଟ' ଆନୁକୂଲ୍ୟରେ ଅନୁଷ୍ଠିତ 'ଆଗାମୀ ଦଶକରେ ଓଡ଼ିଆ ପ୍ରକାଶନ' ସମ୍ପର୍କିତ ଆଲୋଚନାଚକ୍ରରେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପ୍ରାରମ୍ଭିକ

ସୂଚନାରେ ଏହି ମର୍ମରେ କୁହା ଯାଇଥିଲା—"ଭାରତର ଅନ୍ୟ ସବୁ ଜାତୀୟ ଭାଷା ପରି ଓଡ଼ିଆରେ ମଧ୍ୟ ପ୍ରଥମ ଛାପାଖାନା ଖ୍ରୀଷ୍ଟାନ ଧର୍ମପ୍ରଚାରକମାନଙ୍କଦ୍ୱାରା ସ୍ଥାପନ କରାଯାଇଥିଲା । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କଲିକତାର ବାପ୍ଟିଷ୍ଟ ମିଶନ ପ୍ରେସ, କଟକର କଟକ ମିଶନ ପ୍ରେସ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଓଡ଼ିଆ ଛାପା ବ୍ୟବସ୍ଥା ପ୍ରଥମେ ଆରମ୍ଭ କରିଥିଲେ । ତେବେ ୧୮୬୮ ମସିହାରେ ବାଲେଶ୍ୱରଠାରେ ଫକୀର-ମୋହନଙ୍କଦ୍ୱାରା ସ୍ଥାପିତ କାରଖାନାଟି ଓଡ଼ିଆ ପ୍ରକାଶନ ଇତିହାସରେ ଯେ ଏକ ସ୍ମରଣୀୟ ଘଟଣା ଏଥିରେ ସନ୍ଦେହ ନାହିଁ ।" ସେଦିନ ଆଲୋଚନାଚକ୍ରରେ ଅନ୍ୟତମ ଭିତ୍ତିପ୍ରବନ୍ଧ ପାଠକ ବିଶିଷ୍ଟ ପ୍ରକାଶକ ଶ୍ରୀ ଅନନ୍ତ ମିଶ୍ର ଉଲ୍ଲେଖ କରିଥିଲେ—"ଓଡ଼ିଶାର ପ୍ରକାଶନ ଶିଳ୍ପର ଇତିହାସ ବହୁତ ପୁରୁଣା ନୁହେଁ । ଓଡ଼ିଶାକୁ ଇଂରେଜଶାସକମାନଙ୍କ ସହ ଖ୍ରୀଷ୍ଟିୟାନ ଧର୍ମପ୍ରଚାରକ ପାଦ୍ରୀମାନଙ୍କ ଆଗମନ ଓ ସେମାନଙ୍କର ଓଡ଼ିଆ ଭାଷାରେ ଶସ୍ତା ବହି ଛାପାଇ ଲୋକଙ୍କୁ ସେମାନଙ୍କ ଧର୍ମରେ ଧର୍ମାନ୍ତରିତ କରିବାର ଚେଷ୍ଟାରୁ ପ୍ରକାଶନ ଶିଳ୍ପର ସୃଷ୍ଟି ।" ଏ ସମ୍ବନ୍ଧୀୟ ଆଉ ବିସ୍ତୃତ ଆଲୋଚନାର ଅବତାରଣା ଅନାବଶ୍ୟକ । ଏହି ପରିପ୍ରେକ୍ଷୀରେ ଶିକ୍ଷକ ଚନ୍ଦ୍ରାମଣି ଯେଉଁ ମନ୍ତବ୍ୟ ଦେଇଛନ୍ତି, ତା'ର ପ୍ରାସଙ୍ଗିକତା ହୃଦ୍‌ବୋଧ ହେଉଛି ।

ଶିକ୍ଷକତା କାଳରେ ଚନ୍ଦ୍ରାମଣି ତାଙ୍କ ଛାତ୍ର ସମୟର ଗୁରୁଶିଷ୍ୟ ସମ୍ପର୍କ ବିଶ୍ଲେଷଣ କରିଥିଲେ । ସେଦିନର ସେହି ମଧୁମୟ ସମ୍ପର୍କ କିପରି ଛାତ୍ର ଜୀବନରେ ସ୍ମରଣୀୟ ହୋଇ ରହୁଥିଲା ଏବଂ ସେହି ସମ୍ପର୍କ ଦ୍ୱାରା ଛାତ୍ର କିପରି ନିଜକୁ ସୁଗଠିତ କରି ଗଠନ କରିପାରେ, ତାହା ଚନ୍ଦ୍ରାମଣି ଭଲ ଭାବେ ଅନୁଭବ କରିଥିଲେ । ଶିକ୍ଷାଦାନର ପରିବେଶ ଶୁଦ୍ଧ ପୂତ ହେଉଥିଲା । ଶିକ୍ଷାଦାତା ଓ ଗ୍ରହୀତାର ହୃଦୟ ପବିତ୍ର ଥିଲା—ଆବିଳତା ସ୍ପର୍ଶ କରେନାହିଁ । ଶିଷ୍ୟ ଭାବରେ ଗୁରୁ ପାଖରେ ଛାତ୍ର ନିଜକୁ ସମର୍ପଣ କରିଦିଏ । ଭକ୍ତି ଓ ସ୍ନେହର ଧାରାରେ ଶିକ୍ଷାପୀଠ ପୁଲକିତ ହୁଏ ।ସେଠାରେ ସ୍ୱାର୍ଥର ମୋହ ନଥିଲା । କିଏ କଣ ଅର୍ଥ ଦେଉଛି, ତାହା ବିଚାରକୁ ଆସେ ନାହିଁ । ବିଶ୍ୱାସ ଓ ଭକ୍ତି ବଳରେ ଗୁରୁଶିଷ୍ୟର ସମ୍ପର୍କ ଅତୁଟ ରହେ । ସ୍ୱଗୃହରୁ ଚାଲି ଆସି ବିଦ୍ୟାପୀଠରେ ଛାତ୍ର ପହଞ୍ଚିବା ମାତ୍ରେ, ସ୍ୱଗୃହର ସ୍ନେହ-ମମତା ସେ ଭୁଲିଯାଏ । ବିଦ୍ୟାପୀଠ ହିଁ ହୁଏ ତା' ପାଇଁ ମମତା ଓ ଶ୍ରଦ୍ଧାର ଜନ୍ମାସ୍ଥଳ । ବିଦ୍ୟାଶିକ୍ଷା ଲାଗି ଯେଉଁଭଳି ହାର୍ଦ୍ଦିକତା ଓ ସହଯୋଗୀ ବାତାବରଣ ଲୋଡ଼ା, ସେତେବେଳେ ତାହାର ଅଭାବ ନ ଥିଲା । ବୁଝାମଣା ଓ ପରସ୍ପରର ଭାବ ବିନିମୟ ତଥା ଆନ୍ତରିକତା ମଧ୍ୟରେ ସମସ୍ତ କାର୍ଯ୍ୟ ସମାହିତ ହୁଏ । ଏପରି ପରିବେଶକୁ ଲକ୍ଷ୍ୟ କରି ସେ ଲେଖିଛନ୍ତି—"ପ୍ରଭୃତଫଲା, ପଢ଼େକଥା ବା ନୂଆପାଠ ଶିକ୍ଷା ସମୟରେ ଚାଟଶାଳୀକୁ ପୂଜା ନେବାକୁ ହୁଏ । ପୂଜାଥାଳୀରେ ଥାଏ କିଛି ଚାଉଳ, ଗୋଟାଏ ପଇସା, ଗୋଟାଏ ଗୁଆ, ଫୁଲ, ଚନ୍ଦନ, ସିନ୍ଦୂର, ଦୂବ, ବରକୋଳିପତ୍ର, ଟୋପାଏ ପଞ୍ଚାମୃତ ଭୋଗ ଏବଂ ଖଣ୍ଡେ ଦୁଇଖଣ୍ଡ ପାନ । ଅବଧାନେ ପୂଜାକରି ନୂଆପାଠ

ଲେଖିଦିଅନ୍ତି । ଶିଶୁ ତାହା ଗ୍ରହଣ କରି ଗୌରବ ଜ୍ଞାନ କରେ । ଆହା ସେ କି ଆନନ୍ଦ ! ସମସ୍ତ ପଦାର୍ଥ ଅବଧାନଙ୍କର, କେବଳ ଶ୍ଳେଟପୋଟଲାଟି ଶିଷ୍ୟମାନଙ୍କ ମଧ୍ୟରେ ବଣ୍ଟିତ ହୁଏ । ଅବଧାନେ ଅର୍ଦ୍ଧାଂଶ ମାତ୍ର ଗ୍ରହଣ କରନ୍ତି । ତାହା ସୁଦ୍ଧା ସବୁଦିନ ନୁହେଁ । କୌଣସି କୌଣସି ଶିଷ୍ୟବତ୍ସଳ ଗୁରୁ ନିଜେ ସମସ୍ତ ଶିଷ୍ୟର ପ୍ରତିନିଧି ହୋଇ ଠେଲାଟିସଙ୍ଗ ଉଦରସ୍ଥ କରନ୍ତି । ସେ ଯାହାହେଉ ମାଘ ପୂଜାର ରୀତି ଅତି ମହତ୍ । ବିଦ୍ୟାଧିଷ୍ଠାତ୍ରୀ ଦେବୀ ବୀଣାପାଣିଙ୍କୁ ପୂଜା କରି ନୂତନ ବିଦ୍ୟା ଗ୍ରହଣ କରିବାଦ୍ୱାରା ଶିଶୁମାନଙ୍କର ସୁକୁମାର ପ୍ରାଣରେ ଧର୍ମଶିକ୍ଷାର ବୀଜ ବପନ କରାଯାଏ । ଏ ରୀତି ପବିତ୍ର, ଉଦାର ଏବଂ ଧର୍ମାନୁମୋଦିତ । ଗୁରୁଶାଳୀରେ ନୀତିଶିକ୍ଷାର ମଧ୍ୟ ଅଭାବ ଥିଲା ନାହିଁ । ହାତ ବାହାରକୁ ରଖିଲେ, ବାଳ ଫିଟିଗଲେ, ମସ୍ତକର ଧୂଳିଚିତା ନିଭିଗଲେ କୋରଡ଼ା ସ୍ପରୂ ଗୋଟାଏ ଗୋଟାଏ ଘୁଆ ଦେବାକୁ ହୁଏ । × × × ପାଠଶାଳାରେ ନୀତିଶିକ୍ଷା ଏବଂ ଧର୍ମଶିକ୍ଷା ମଧ୍ୟ ଦିଆଯାଉଥିଲା । ଶିକ୍ଷକଙ୍କ ନୀତି ବାହ୍ୟକୁ କଠୋର ହେଲେ ହେଁ ଅନ୍ତର ସରସ ଥିଲା । ଏହାହିଁ ସୁଶିକ୍ଷକ-ସୁଲଭ ସୁଲକ୍ଷଣ । ଯେଉଁ କଠୋରତା ସରସ ତାହା ବାଞ୍ଛନୀୟ । ରସ ଥିବାରୁ ନାରିକେଳର କଠୋରତା ସୁଖ ତୃପ୍ତିପ୍ରଦ ହୁଏ ।" (ପୃଷ୍ଠା-୭-୧)

ସେତେବେଳେ ବିଦ୍ୟାଶିକ୍ଷା ସହିତ ନୀତିଚର୍ଚ୍ଚା ଓ ଆଦର୍ଶ ଶିକ୍ଷାର ବ୍ୟବସ୍ଥା ଥିଲା । ଅନ୍ୟାନ୍ୟ ପାଠ୍ୟ ସହ ଗୁରୁଗୁରୁଣୀ ନୀତି ଶିକ୍ଷ କରୁଥିଲେ । ମାନବ ଜୀବନର ବିକାଶ ଲାଗି ଶିକ୍ଷା ଦିଗ୍‌ଦର୍ଶନ ଦେଇଥାଏ । ବିଶ୍ୱର ବିଶିଷ୍ଟ ମନୀଷୀ ଓ ପ୍ରଖ୍ୟାତ ଶିକ୍ଷାଗୁରୁ ସକ୍ରେଟିସ୍ "ଶିକ୍ଷା ମଣିଷର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିବାକୁ କ୍ଷମ" ବୋଲି ଦୃଢ଼କଣ୍ଠରେ ସ୍ୱୀକାର କରିଥିଲେ । ଏହି ଶକ୍ତି, ଶିକ୍ଷା ବ୍ୟତୀତ ଅନ୍ୟ କାହା ଦ୍ୱାରା ବିକାଶ ଲାଭ କରିପାରେ ନାହିଁ ବୋଲି ସେ ପ୍ରତିପାଦନ କରିଛନ୍ତି । ପଶ୍ଚାତରେ ଏହି ଶକ୍ତିର ସ୍ୱରୂପ ଦୃଷ୍ଟିଗୋଚର ହୁଏ ନାହିଁ । ବିଶ୍ୱର ଖ୍ୟାତନାମା ସାଧକ ଯଥା—ଫ୍ରୋବେଲ୍, କନଫୁସିଅସ, ରୁଷୋ, ମଣ୍ଟେସୋରୀ, ସ୍ୱାମୀ ବିବେକାନନ୍ଦ, ନନ୍, ଭଲଟେୟାର ରାଧାକୃଷ୍ଣନ, ବିନୋବାଭାବେ, ରବୀନ୍ଦ୍ରନାଥ, ଡିଉଇ, ମହାତ୍ମାଗାନ୍ଧି ଓ ଆମ ଏଇ ଓଡ଼ିଶାର ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ ଗୋପବନ୍ଧୁ ପ୍ରମୁଖ ମାନବିକତାର ଉଦ୍‌ଭବ ଓ ବିକାଶ ଲାଗି ଶିକ୍ଷାର ଭୂମିକା ଯଥେଷ୍ଟ ବୋଲି ମତ ଦେଇଛନ୍ତି । ଏହି ମର୍ମରେ ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟକ୍ଷ ଶତ୍ରୁଘ୍ନ ନାଥ କହନ୍ତି—"ସମାଜର ଅନୁରୂପ ମନୁଷ୍ୟ ତିଆରି କରିବା ଶିକ୍ଷାର ଅନ୍ୟତମ କାମ । ସତ୍ୟ, ଶାନ୍ତି, ଦୟା ଭକ୍ତି ଆଦି ମାନବିକ ସଦ୍‌ଗୁଣ, ଶିକ୍ଷା ମାଧ୍ୟମରେ ମନୁଷ୍ୟ ସମାଜକୁ ଗ୍ରହଣ କରି ଆସି ଅଛି । ଶିକ୍ଷାଦ୍ୱାରା ସଂସ୍କୃତିର ସଂକ୍ରମଣ କରାଯାଇଛି । × × ସତ୍ୟାନୁସନ୍ଧାନ, ଓ

ପ୍ରତିଭାର ବିଶୁଦ୍ଧ ବିକାଶ ଶିକ୍ଷାର ଲକ୍ଷ୍ୟ । ଚରିତ୍ର ଗଠନ ସଂଯତ ଜୀବନ ଓ ଆଧ୍ୟାତ୍ମିକ ଚେତନାର ସୃଷ୍ଟି ଶିକ୍ଷାର ପନ୍ଥା ।'' ('ଶିକ୍ଷାର ଧାରା'—ପୃଷ୍ଠା-୮-୯)

ଶିକ୍ଷାର ମୌଳିକ ଲକ୍ଷ୍ୟ ହେଉଛି—ଆତ୍ମୋପଲବ୍ଧି । ଏହି ଆତ୍ମୋପଲବ୍ଧି ପାଇଁ ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ପରିବେଶ ଦାୟୀ । ସକଳ ବନ୍ଧନକୁ ଅତିକ୍ରମ କରି ସୁଦୂରର ଦିଗ୍‌ଦର୍ଶନ ଦିଏ ଶିକ୍ଷା ଓ ଶିକ୍ଷକ । ଶିକ୍ଷକଙ୍କୁ ସ୍ରଷ୍ଟା ରୂପରେ ପରିକଳ୍ପନା କରାଯାଇଛି । ଶିକ୍ଷାକୁ ମାଧ୍ୟମ କରି ସେ ନୂତନ ସୃଷ୍ଟିର ସ୍ୱର ଶୁଣାଏ । ପ୍ରତିବନ୍ଧକ ତା' ମାର୍ଗରୁ ତାଙ୍କୁ ବିଚ୍ୟୁତ କରିପାରେନା । ପ୍ରତିବନ୍ଧକର ଦ୍ୱାର ଉନ୍ମୋଚନ ତା'ର କର୍ତ୍ତବ୍ୟ । ପ୍ରତିବନ୍ଧକକୁ ଦୂର କରିଦେଲେ ବ୍ରହ୍ମୋପଲବ୍ଧି ସହଜ ହୁଏ । ହିରଣ୍ମୟ ପାତ୍ର, ବ୍ରହ୍ମୋପଲବ୍ଧିରେ ବାଧା ସୃଷ୍ଟି କରେ । କୁହାଯାଇଛି—

"ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖଂ
ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।"

ସେହି ହିରଣ୍ମୟ ପାତ୍ରର ଆବରଣକୁ ଏଡ଼ାଇ ଦେଇ, ବ୍ରହ୍ମୋପଲବ୍ଧି ଲାଗି ପଥ ପରିଷ୍କାର କରିବା ହେଉଛି ଶିକ୍ଷା ଓ ଶିକ୍ଷକର କର୍ତ୍ତବ୍ୟ ।

ଚରିତ୍ର ଗଠନ ଶିକ୍ଷାର ମୂଳ ମନ୍ତ୍ର । କାରଣ ଚରିତ୍ର ଉପରେ ହିଁ ଜାତି ଓ ଦେଶର ଭବିଷ୍ୟତ ନିର୍ଭର କରେ । ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଭାଷାରେ—
"Character is destiny. Character is that on which the destiny of a nation is built. One can not have a great nation with men, and women of small character. If we want to build a great nation, we must try to train a large number of young men and women who have character. We must have young men and women who look upon others as the living images of themselves, as our 'Sastras' have so often declared. But whether in public life or in student life, we can not reach great heights if we are lacking in character. × × × Education is there to help us to find out what we are for in this world. × × Education should be imparted with a view to the

type of society that we wish to build. We are working for a modern democracy built on the values of human dignity and equality. These are only ideals; We should make them living forces. Our vision of the future should include these great principles. If education is to help us to meet the moral Challenge of the age and play its part in the life of the community, it should be liberating and life giving. It must give a basic meaning to personality and existence and equip us with the power to overcome spiritual inertia and foster spiritual sensitivity." ('True Knowledge'—P-7 8 45)

ଶିକ୍ଷାର ଆଉ ଏକ ଉଦ୍ଦେଶ୍ୟ ହେଲା—ଗୁରୁ ଓ ଶିଷ୍ୟ ଭିତରେ ସମ୍ପର୍କକୁ ସୁଦୃଢ଼ କରିବା । ଗୁରୁ ଶିଷ୍ୟକୁ ଯେପରି ଶ୍ରଦ୍ଧା କରିବେ, ଶିଷ୍ୟ ସେପରି ଗୁରୁଙ୍କୁ ସମ୍ମାନ ଦେବେ । ଏହି ପରସ୍ପର ଶ୍ରଦ୍ଧା ଓ ସମ୍ମାନ ଭିତରେ ଦୁହିଁଙ୍କ ସମ୍ପର୍କ ଘନିଷ୍ଠ ହୁଏ । ସମ୍ପର୍କ ଯେତେ ଆନ୍ତରିକତାପୂର୍ଣ୍ଣ ଓ ମମତାମୟ ହୁଏ, ବିଦ୍ୟାପୀଠର ପରିବେଶ ସେତିକି ବିଦ୍ୟା-ଅନୁକୂଳ ହୋଇଉଠେ । ବିଦ୍ୟାଦାତା ବିଦ୍ୟାଗ୍ରହୀତାକୁ ନିଜର କରି ନପାରିଲେ ଏବଂ ଛାତ୍ର ଓ ଗୁରୁ ଭିତରେ ଦୂରତା ସୃଷ୍ଟି ହେଲେ ଶିକ୍ଷାର ଯଥାର୍ଥ ଅର୍ଥ ପ୍ରତିପାଦିତ ହୋଇପାରେ ନାହିଁ । ଆଧ୍ୟାତ୍ମିକ ଚେତନାର ପୃଷ୍ଠପୋଷକ ତଥା ଚିନ୍ତାବିତ୍ ଜେ. କୃଷ୍ଣମୂର୍ତ୍ତି 'Education and the Significance of life' ପୁସ୍ତକରେ ଏହି ପ୍ରସଙ୍ଗରେ ଯାହା ଦର୍ଶାଇଛନ୍ତି ତାହାର ଭାବାର୍ଥ ହେଉଛି—"ଶିକ୍ଷକ ଯଦି ନିଜ ଛାତ୍ରମାନଙ୍କଠାରୁ ମାନସମ୍ମାନ ଖୋଜୁଥାଆନ୍ତି ଅଥଚ ତାଙ୍କ ନିଜର ଯଦି ସେମାନଙ୍କ ପ୍ରତି ବିଶେଷ ଆଦର ନଥାଏ, ତେବେ ଛାତ୍ରମାନଙ୍କ ଠାରେ ଉଦାସୀନତା ଓ ଅଶ୍ରଦ୍ଧା ଜନ୍ମିବାଟା ନିଶ୍ଚିତ କଥା । ମାନବ ଜୀବନ ପ୍ରତି ଶ୍ରଦ୍ଧା ନଥିଲେ ଯେତେ ଯେତେ ଜ୍ଞାନ ବିଦ୍ୟା ସେସବୁ କେବଳ ଦୁଃଖ ଯାତନା ଓ ବିନାଶ ଘଟାଇଥାଏ । ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ଜନ୍ମିବାଟା ହେଲା ଯଥାର୍ଥ ଶିକ୍ଷାର ଏକ ଅପରିହାର୍ଯ୍ୟ ଅଙ୍ଗ । କିନ୍ତୁ ଶିକ୍ଷାଦାତାଙ୍କର ନିଜର ଯଦି ଏହି ଗୁଣଟି ନଥାଏ, ତେବେ ସେ ଛାତ୍ରମାନଙ୍କୁ ଅଖଣ୍ଡ ଜୀବନ ଲାଭ କରିବାରେ ସହାୟତା କରିପାରିବେ ନାହିଁ ।" ('ଶିକ୍ଷା ଓ ଜୀବନର ତାତ୍ପର୍ଯ୍ୟ'—ପୃଷ୍ଠା-୩୫)

ଗୁରୁ ଶାସନ ଦଣ୍ଡରେ ଶିଷ୍ୟକୁ ଦଣ୍ଡିତ କରନ୍ତି । ବିରକ୍ତ ହୁଅନ୍ତି, ମାତ୍ର ଏସବୁ ମୂଳରେ ଶିଷ୍ୟର ଶିଷ୍ୟତ୍ୱକୁ ଅଧିକ ବିକଶିତ କରିବାର ଅଭିଳାଷ ହିଁ ଥାଏ । ଶିଷ୍ୟତ୍ୱକୁ ଧ୍ୱଂସ କରିବା ଅଭିପ୍ରାୟରେ ଗୁରୁ କେବେହେଲେ ଶାସକ ହୁଅନ୍ତି ନାହିଁ । କଠୋରତାର ପଶ୍ଚାତ୍‌ଭାଗରେ କେତେ ସ୍ନେହ, ଆବେଗ ଓ ଆନ୍ତରିକତା ପରିପୂର୍ଣ୍ଣ ହୋଇଥାଏ, ତାହା କେବଳ ଗୁରୁ ବିନା କିଏ ବା ଅନୁଭବ କରିପାରିବ ! ଜଣେ ଯଥାର୍ଥ ଛାତ୍ର ଶିକ୍ଷକଙ୍କ କଠୋରତାକୁ ଉତ୍ସାହରେ ଗ୍ରହଣ କରିନିଏ କେବଳ ମାତ୍ର ସ୍ନେହ ଓ ମମତାର ସ୍ପର୍ଶ ଲଭ ପାଇଁ । ଶିକ୍ଷକଙ୍କ କଠୋରତାର ଆବରଣ ହେଉଛି ସ୍ନେହ, ପ୍ରେମ ଓ ସଦ୍‌ଭାବ । ସେଥିପାଇଁ ଚନ୍ଦ୍ରାମଣି ଏହି କଠୋରତା ଭିତରେ ସରସତାକୁ ଅନୁଭବ କରିଛନ୍ତି । ଏତିକି ନଥିଲେ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଏବଂ ଛାତ୍ରର ସମ୍ପର୍କ ଉଜ୍ଜ୍ୱଳ ହୋଇ ଉଠନ୍ତା ନାହିଁ । ଶିକ୍ଷାପ୍ରେମୀ ଓ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅନ୍ୟତମ ପ୍ରବୀଣ ଶିକ୍ଷକ ପଣ୍ଡିତ ଗୋପବନ୍ଧୁ ଦାସ କହନ୍ତି—"ଯେ ପ୍ରାଣ ଦେଇ ସ୍ନେହ ନକରେ, ସେ ଶାସନ କରିପାରିବ ନାହିଁ । ଯେ ତୁମ୍ଭଙ୍କୁ (ଛାତ୍ରଙ୍କୁ) ଅମାର୍ଗରେ ଗଲାବେଳେ ଶାସନ ନକରେ, ସେ ମୁହଁରେ ଯେତେ କହୁନା କାହିଁକି ତାହା ପ୍ରାଣରେ ସ୍ନେହ ନାହିଁ । × × × ଗୁରୁ ଏ ଦେଶରେ ଚିରକାଳ ଶିଷ୍ୟର ଜୀବନର ଗତି ନିର୍ଦ୍ଦେଶ କରି ଆସୁଅଛନ୍ତି । ଗୁରୁ ଶିଷ୍ୟକୁ ଶାସନ କରନ୍ତି ଏବଂ ନିଜର ଶାସନ ପାଇଁ ଜୀବନକୁ ଅନନ୍ତ ସାଧନାରେ ସିଦ୍ଧ କରୁଥାନ୍ତି ।" ('ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ ସଂକଳନ'—'ଗୁରୁଶିଷ୍ୟ'—ପୃଷ୍ଠା— ୩୨—୧୩୭)

ଆଜି ଏସବୁ ସ୍ୱପ୍ନ ହୋଇଛି । ସେଦିନର ଗୁରୁଗୃହ ଆଜି ନାହିଁ, ଶିଷ୍ୟର ଚରିତ୍ର ଭିନ୍ନ ହୋଇଯାଇଛି । ଗୁରୁର ମନୋବୃତ୍ତିରେ ପରିବର୍ତ୍ତନ ଦେଖାଦେଇଛି । ଶିକ୍ଷା ରହିଛି, ଶିକ୍ଷାଳୟରେ ଶିକ୍ଷାଦାନ ହେଉଛି, ଶିକ୍ଷକ ଶିକ୍ଷାଦାତା ଭାବେ ସମ୍ମାନିତ ହେଉଛନ୍ତି, ଛାତ୍ର ଅଛନ୍ତି । ମାତ୍ର ସବୁ କେମିତି କୃତ୍ରିମ, ସବୁ ଯେପରି ଥିବା ଭିତରେ ନଥିବାର ଭାବ ନେଇ ଉଲ୍ଲସିତ । ବିଦ୍ୟାକୁ ସଂଚିତ ଯେପରି ହେଲା ହୋଇନାହିଁ । ଏ ଦୁନିଆରେ ବିଦ୍ୱାନମାନଙ୍କ ସଂଖ୍ୟା ବଢ଼ିଥିଲେ ବି, ବିଦ୍ୟାର ଯଥାର୍ଥ ଉପାସକ ହେଉ ନଥିବା ଏବଂ ବିଦ୍ୟା ସହ ଯଥାର୍ଥରେ ପରିଚିତ ହେବାର ବାସନା ନଥିବା ମନେହେଉଛି । ଏଠାରେ ସମର୍ପଣ ଓ ଗ୍ରହଣରେ ଶ୍ରଦ୍ଧା ଊଣା ପଡୁଛି । କିନ୍ତୁ ଏହାକୁ ଊଣାକରି କେବେ ହେଲେ ବିଦ୍ୟାର ମୂଲ୍ୟାଙ୍କନ କରାଯାଇନପାରେ । ବିଦ୍ୟାର ସଂଜ୍ଞା ନିରୂପଣ କରି ସମାଲୋଚକ ଚିତ୍ତରଞ୍ଜନ ଦାସ ମତ ଦିଅନ୍ତି—"ସମର୍ପଣ ଦ୍ୱାରା ହିଁ ବିଦ୍ୟା ଆପଣାକୁ ପରିପୂର୍ଣ୍ଣ କରେ । ସଂଗ୍ରହ ହେଉଛି ବିଦ୍ୟାର ପ୍ରଥମ ପାଦ, ସମର୍ପଣ ଦ୍ୱିତୀୟ ପାଦ । ବିଦ୍ୟା ବିକାଯାଏ ନାହିଁ, ଠିକ୍ ଯେପରି କିଣାଯାଏ ନାହିଁ, ସେହିପରି ବିକା ମଧ୍ୟ ଯାଇପାରେ ନାହିଁ । ବିଦ୍ୟା ଏକ ପଣ୍ୟ ନୁହେଁ ଯେ ଆମ୍ଭେ ପଇସା ଦେଇ ତାକୁ

କୌଣସି ବଜାରରେ ଯାଇ କିଣି ଆଣିପାରିବା । ବିଦ୍ୟାର ଭାଜନ ହେବାକୁ ହୁଏ, ତେବେ ଯାଇ ବିଦ୍ୟାମିଳେ ଅର୍ଥାତ ନିର୍ଭୟ ହେବାକୁ ହୁଏ, ଆଶାକୁ ଗୋଟା ସୁଦ୍ଧା ଉନ୍ମୁକ୍ତ କରି ରଖିବାକୁ ପଡ଼େ । ହୃଦୟଦ୍ୱାରର ସବୁଯାକ ଦ୍ୱାରକୁ ଖୋଲିଦେଇ ବିଦ୍ୟାକୁ ଆମନ୍ତ୍ରଣ କରି ଆଣିବାକୁ ପଡ଼େ । ଠିକ ସେହିପରି ସମର୍ପଣର ବି ଯୋଗ୍ୟ ହେବାକୁ ପଡ଼େ, ତେବେ ଯାଇ ଲବ୍ଧ ବିଦ୍ୟା ସାର୍ଥକ ହୁଏ । ଆମର ଏହି ଆଧୁନିକ ସମାଜରେ ତଥାକଥିତ ବିଦ୍ୱାନ ଅନେକ ରହିଛନ୍ତି, ବିଦ୍ୟାବୁଦ୍ଧିର ଭଣ୍ଡାରଗୁଡ଼ାକ ଅପୁମାର ମଜ୍ଜା ରହିଛି, ମାତ୍ର ସେସବୁ ମଣିଷର ଉପକାରରେ ଲାଗି ପାରୁନାହିଁ । ଜ୍ଞାନ ଓ ବିଜ୍ଞାନ ଦ୍ୱାରା ଏଠି ମଣିଷର ଯେତେଦୂର କଲ୍ୟାଣ ହେବା କଥା, ତାହା ଆଦୌ ହୋଇ ପାରୁନାହିଁ । ଜ୍ଞାନ, ଓ ବିଜ୍ଞାନ, ସ୍ୱାର୍ଥର ହାତରେ ସମର୍ପିତ ହୋଇ ରହିଛି, ତେଣୁ ତାହା ଆଉ 'ପ୍ରଭବସମ୍ପୃକ୍ତ' ହୋଇ ପାରୁନାହିଁ । ତେଣୁ ଏହି ସଂସାରରେ ନିଷ୍ଠା ଭକ୍ତିହୋଇ ରହିଥିଲେ ସୁଦ୍ଧା ସଂସାରର ମଣିଷ ଲକ୍ଷ୍ମୀହୀନ ଓ ନାରଖାର ହୋଇ ରହିଛି ।"

('ଶିକ୍ଷାରୁ ସଂକ୍ରମଣ'—ପୃଷ୍ଠା-୧୭୦)

ଚନ୍ଦ୍ରମଣିଙ୍କ 'ଜୀବନ ପଞ୍ଜିକା' ଲେଖକଙ୍କ ଆତ୍ମକାହାଣୀ ଶୁଣାଏ—ଇତିହାସ ବି ଶୁଣାଏ । ବରଂ ଇତିହାସ ଅଧିକ ମାତ୍ରାରେ ଶୁଣାଇବା ଅପେକ୍ଷା, ଇତିହାସର ରୋମନ୍ଥନ ଲାଗି ଉପାଦାନ ଯୋଗାଏ । ସୀମିତ ପରିସର ଭିତରେ ସୁଦୀର୍ଘ ଅତୀତକୁ ସମୀକ୍ଷା ପାଇଁ ଭିତ୍ତିଭୂମି ପକାଇଦିଏ । ଓଡ଼ିଆ ସାହିତ୍ୟରେ 'ଆତ୍ମଚରିତ' ଓ 'ଜୀବନ ଚରିତ'ର ଘୋର ଅଭାବ ଅନୁଭୂତ ହୁଏ । ଅନ୍ୟାନ୍ୟ ଭାଷାମାନଙ୍କରେ ଏହାର ବହୁଳ ପ୍ରକାଶନ ଦେଖିବାକୁ ମିଳୁଥିବା ବେଳେ, ଆମ ଭାଷାରେ ଏହା ଅବହେଳିତ ମନେହୁଏ । ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଚରିତ ରଚନା ସହଜସାଧ୍ୟ ବ୍ୟାପାର ନୁହେଁ । ଏଥିପାଇଁ ଲେଖକକୁ ଯଥେଷ୍ଟ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ । ଦାୟିତ୍ୱହୀନ ରଚନା ମୂଲ୍ୟ ହରାଇ ବସେ । ସେଥିପାଇଁ ସତର୍କର ସହ ଚରିତ ଗ୍ରନ୍ଥ ରଚିତ ହୁଏ । ଏ ପ୍ରସଙ୍ଗରେ ଐତିହାସିକ ଟ୍ରେଭେଲ୍ୟନ୍ କହନ୍ତି—"To recover lives, to weight souls and to catch that will—o—the—wisp known as the human spirit." ଜୀବନୀକୁ ସୁସଜ୍ଜିତ କରି ରଚନା କରିପାରିଲେ, ତାହା ରସାଳ ହୁଏ । ମାତ୍ର ଏହା ସେପରି ଦାୟିତ୍ୱହୀନ ଭାବେ ବିକ୍ଷିପ୍ତ ରୂପରେ ଉପସ୍ଥାପିତ ହେଲେ ସୁପାଠ୍ୟ ହୁଏ ନାହିଁ । ବ୍ୟାସକବି ଫକୀରମୋହନ ଏହି ଆଶଙ୍କାରେ ଆପଣା 'ଆତ୍ମଜୀବନ ଚରିତ' ରଚନା ପୂର୍ବରୁ ସୁନ୍ଦର କୈଫିୟତଟିଏ ଦେଇ କହିଛନ୍ତି—"ଓଡ଼ିଆ ଭାଷାରେ ଜୀବନ ଚରିତ ବିଶେଷ ଅଭାବ । ମାତ୍ର ମୋ ତୁଚ୍ଛ ଜୀବନରେ ଜୀବନ ଚରିତର ଉପଯୋଗୀ ସେପରି ଗୁରୁତର ଉପାଦାନର ମଧ୍ୟ

ନିତାନ୍ତ ଅଭାବ । ବିଶେଷତଃ ଯେପରି ସଜାଇ ଲେଖିଲେ ପାଠକ ମହାଶୟଗଣ ଆଗ୍ରହ ସହକାରେ ପୁସ୍ତକ ପାଠରେ ପ୍ରବୃତ୍ତ ହେବେ, ସେପରି ଶକ୍ତି ମଧ୍ୟ ମୋର ନାହିଁ ।"

୧୯୧୭ ମସିହାରେ ବ୍ୟାସକବି ଓଡ଼ିଆ ଚରିତ ରଚନା ଉପରେ ଯେଉଁ ମନ୍ତବ୍ୟ ଦେଇଥିଲେ, ଆଜି ତା'ର ଯଥାର୍ଥ ଭିନ୍ନମନ୍ତବ୍ୟ ଦେବାର ସମୟ ଆସି ନାହିଁ ଆମର ବିଶ୍ୱାସ । ତଥାପି ଏ ଦିଗରେ ପ୍ରଚେଷ୍ଟା ଅବ୍ୟାହତ ହେଉଛି । ଏଯାବତ୍ ଲେଖା ହୋଇଥିବା ଆତ୍ମଚରିତ ଗୁଡ଼ିକ ମଧ୍ୟରୁ ଯେଉଁ କେତୋଟି ଉଲ୍ଲେଖନୀୟ ସେଗୁଡ଼ିକର ଉପାଦେୟତା ବର୍ଣ୍ଣନୀୟ । 'ଆତ୍ମଚରିତ' ଭାବରେ ସର୍ବପ୍ରଥମେ ଦୃଷ୍ଟିକୁ ଆସେ— ଫକୀରମୋହନ ସେନାପତିଙ୍କ 'ଆତ୍ମଜୀବନ ଚରିତ' । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆତ୍ମଚରିତ ଶ୍ରେଷ୍ଠ ଜୀବନୀ ସାହିତ୍ୟରେ ଏକ ଅନବଦ୍ୟ କୃତି । ସବୁ ଦୃଷ୍ଟିରୁ ଏହା ସମ୍ମାନିତ ହୋଇଥାଏ । ଏଥିରେ ଲେଖକଙ୍କ ଜୀବନର ବହୁ ତଥ୍ୟ ଉଦ୍‌ଘାଟିତ ହେବା ସଙ୍ଗେ ସଙ୍ଗେ, ଜଣେ ସଂଗ୍ରାମୀ ସାଧକଙ୍କ ସ୍ପଷ୍ଟବାଦୀତାର ପରିଚୟ ମଧ୍ୟ ସୂଚିତ ହୋଇଛି । ଗ୍ରନ୍ଥଟି ପାଠକଲେ, ପଣ୍ଡିତ ମିଶ୍ରଙ୍କ ପ୍ରତି ଯେତିକି ଭକ୍ତି ଓ ଶ୍ରଦ୍ଧା ଆସେ, ତାଙ୍କ ଦାରିଦ୍ର୍ୟ ଓ ଅର୍ଥାନାଟନ ଦେଖିଲେ ସେତିକି ମଧ୍ୟ ଦୁଃଖିତ ହେବାକୁ ପଡ଼େ । ସେ ନିଃସଙ୍କୋଚ ଭାବେ ଆପଣାର ଦୁର୍ବଳତା ପ୍ରକାଶ କରିଛନ୍ତି । ଏଥିପାଇଁ କାହାର ନିନ୍ଦା ପ୍ରଶଂସାକୁ ତାଙ୍କର ଅପେକ୍ଷା ନଥିଲା । ଜୀବନ କାହାଣୀ ଶୁଣାଇବାରେ ଛଳନା ଓ ସଙ୍କୋଚର ପ୍ରଶ୍ନ ବା କାହିଁ ? ସେ ଲେଖିଛନ୍ତି—"ମୁଁ ଯାହା ଲେଖିବି ତାକୁ ପଢ଼ି କେହି ଯେ ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ, ମନୁଷ୍ୟ କେମିତି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର । ଏଥିରେ ଏପରି କେତେକ କଥାର ଉଲ୍ଲେଖ ରହିବ, ଯାହାକି କୌଣସି ବନ୍ଧୁଙ୍କ ଆଗେ ପ୍ରକାଶ କରିବାବେଳେ ମୋ ମୁଣ୍ଡ ନଇଁ ପଡ଼ିଛି । ଛାତି ଫାଟିଗଲା ପରି ଲାଗିଛି । ତଥାପି ମୁଁ ଅନୁତାପ କଲେ ତାହା ନ ଲୁଚାଇ କହୁଛି ।" (ପୃଷ୍ଠା-୭)

ଏହି ଆତ୍ମଚରିତ ଦ୍ୱାରା ଓଡ଼ିଆ ଜାତି ଯେପରି ଭାବେ ଉଦ୍‌ବୁଦ୍ଧ ହୋଇ, ଜାତୀୟ ଚରିତ୍ର ଗଠନ ଲାଗି ପ୍ରେରଣା ପାଏ, ତାହା ଅତୁଳନୀୟ । କବିବର ରାଧାନାଥ ସ୍ୱୟଂ ଆପଣା ଆତ୍ମଚରିତ ରଚନା କରିଛନ୍ତି । ଏହା ହେଉଛି ଆମ ଓଡ଼ିଆ ସାହିତ୍ୟରେ ପ୍ରଥମ ଆତ୍ମଚରିତ । ମାତ୍ର ଗ୍ରନ୍ଥଟି ପାଣ୍ଡୁଲିପି ଅବସ୍ଥାରେ ରହିଥିବା ହେତୁ ତା'ର ଆଲୋଚନା ହେବା ସମ୍ଭବ ହୋଇନାହିଁ । କବିଙ୍କ 'ଆତ୍ମକଥା' ପ୍ରକାଶିତ ହେଲେ, ତାଙ୍କ କର୍ମବହୁଳ ଜୀବନର ବୈଶିଷ୍ଟ୍ୟ ଓ ଅସାଧାରଣ ମନୋବୃତ୍ତିର ଯଥେଷ୍ଟ ପରିଚୟ ମିଳନ୍ତା ।

ଫକୀରମୋହନ କଥା ସମ୍ରାଟ ଓ କବି ଭାବରେ ସମ୍ମାନିତ ହେଲେ ମଧ୍ୟ ତାଙ୍କ 'ଆତ୍ମଜୀବନ ଚରିତ' ଓଡ଼ିଆ ଭାଷାରେ ଏକ ଅମଳିନ କୀର୍ତ୍ତି । ସେ ଜଣେ ନିଷ୍ଠାପର ଓ ଯଥାର୍ଥ ଆତ୍ମଚରିତ ଲେଖକ ଏହା ନିଃସନ୍ଦେହରେ କୁହାଯାଇପାରେ । ରଚନା ଶୈଳୀ ଓ ଘଟଣା ଦୃଷ୍ଟିରୁ ତାହା ଅନନ୍ୟ । ଡକ୍ଟର ମାୟାଧର ମାନସିଂହ ଏ ସମ୍ବନ୍ଧରେ ମତ ଦେଇ କହିଛନ୍ତି—"ଏହି ଅସାଧାରଣ କୌତୁହଳପୂର୍ଣ୍ଣ ଓ ରୋମାଞ୍ଚକର ଜୀବନର ଅଧିକାଂଶ ଘଟଣାବଳୀ ହୁଏତ ଚିରକାଳ ଲାଗି ଅଜ୍ଞାତ ରହି ଯାଇଥାନ୍ତା, ଯଦି ଫକୀରମୋହନ ଜୀବନର ସନ୍ଧ୍ୟାକାଳରେ, ବନ୍ଧୁ ବାନ୍ଧବଙ୍କ ବାରମ୍ବାର ଅନୁରୋଧରେ ନିଜେ ନିଜର ଜୀବନର ଅଭିଜ୍ଞତା ସବୁ ଲିପିବଦ୍ଧ କରିଯାଇ ନ ଥାଆନ୍ତେ । ସେନାପତିଙ୍କର ଏହି 'ଆତ୍ମଚରିତ' ଯେ କୌଣସି ଉପନ୍ୟାସ ପରି ଚିତ୍ତାକର୍ଷଣକାରୀ । ସମଗ୍ର ଭାରତୀୟ ସାହିତ୍ୟର ଶ୍ରେଷ୍ଠ କେତୋଟି ଆତ୍ମଚରିତମାନଙ୍କ ମଧ୍ୟରେ ସେନାପତିଙ୍କ ଆତ୍ମଚରିତ, ନିର୍ବିବାଦରେ ଗଣନୀୟ ହେବାର କଥା ।" ('ଓଡ଼ିଆ ସାହିତ୍ୟର ଇତିହାସ'-ପୃଷ୍ଠା-୨୩୯)

ଅନ୍ୟ ଏକ ଉଲ୍ଲେଖନୀୟ ଆତ୍ମଜୀବନୀ ହେଉଛି ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ 'ମୋ' ବାରବୁଲା ଜୀବନ' । ସ୍ୱର୍ଗତଃ ସାହୁ ଏକାଧାରରେ ସମାଜସେବୀ, ଶିକ୍ଷାବିତ୍, ସାହିତ୍ୟିକ ଓ ଦେଶବତ୍ସଳ । ସମଗ୍ର ଭାରତ ବର୍ଷରେ ସେ ତାଙ୍କର ସମାଜସେବା ପାଇଁ ଯେପରି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ, ସେପରି ନିଷ୍ଠାପର ସମାଜସେବୀ ଆମ ରାଜ୍ୟରେ ବିରଳ । ତାଙ୍କ ରଚିତ ଆତ୍ମଜୀବନୀରେ ଜଣେ ସଂଗ୍ରାମୀ, ସଂଗଠକ ଜାତୀୟପ୍ରେମୀ, ସମାଜସେବୀ ଦରଦୀ ପୁରୁଷର ଆଦର୍ଶବାଦ ଫୁଟି ଉଠିଛି । ଜୀବନରେ ଘାତ ପ୍ରତିଘାତ ଓ ଲାଭ କ୍ଷତିର କଥାକୁ ସେ ଗୋପନ ରଖିବାକୁ ପସନ୍ଦ କରି ନ ଥିଲେ । ନିଜକୁ ଆଦର୍ଶବାଦୀ ରୂପରେ ଗଠନ କରିବା ଥିଲା ତାଙ୍କ ଜୀବନର ବ୍ରତ । ଜଣେ ଅନୁଭବୀ ହୃଦୟର କାହାଣୀ ଏଥିରେ ସ୍ପଷ୍ଟଭାବେ ପ୍ରକାଶ ପାଇଛି । ଆଜୀବନ ସେ ଥିଲେ ଶିକ୍ଷାର୍ଥୀ । ପରିଣତ ବୟସରେ ମଧ୍ୟ ପରୀକ୍ଷା ଦେବାକୁ କୁଣ୍ଠାବୋଧ କରୁନାହାନ୍ତି । ସେଥିପାଇଁ ଗୁରୁ, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ବିଷୟରେ ଲକ୍ଷ୍ମୀନାରାୟଣ ଅଭିଜ୍ଞତା ଲାଭ କରିଥିଲେ । ସେ ଗୁରୁମାନଙ୍କ ସମ୍ବନ୍ଧରେ ନିଜ ଅନୁଭୂତି ପ୍ରକାଶ କରି ଲେଖିଛନ୍ତି—"ଆମ ଗୁରୁସମାଜ ମଧ୍ୟରୁ ଅଳ୍ପ ଉଚ୍ଚ ଆଦର୍ଶ ଓ ଉଚ୍ଚଚରିତ୍ର ଦ୍ୱାରା ଅନୁପ୍ରାଣିତ ଓ ଚାଳିତ । ପ୍ରତିଜ୍ଞା କରି ପ୍ରତିଜ୍ଞା ରକ୍ଷା କରିବା, ଏହା ଅତି ଅଳ୍ପ ଗୁରୁଙ୍କ ମଧ୍ୟରେ ଦେଖିଲି । ଏପରିକି ଉଚ୍ଚ, ସୁନ୍ଦର, ଉନ୍ନତକାମୀ ଓ ଉନ୍ନତକାରୀ ଗୁରୁଙ୍କ ମଧ୍ୟରେ ଏପରି ଚରିତ୍ରର ସନ୍ଧାନ ପାଇଛି ଯାହାକି ଶୋଭନୀୟ ନୁହେଁ, ମହତ୍ତ୍ୱ ନୁହେଁ । ଏହାର ପ୍ରଧାନ କାରଣ ମୁଁ ଅନୁଭବ କରେ ମୂରବୀର ଅଭାବ । ମୂରବୀ ଆମ ଦେଶରେ ଅଶିକ୍ଷିତ । ସେମାନେ ପିଲାକୁ ବାଲ୍ୟାବସ୍ଥାରୁ ପରିଚାଳିତ କରିନାହାନ୍ତି । ଅଧିକାଂଶ ଜାଗାରେ କୁକୁଡ଼ାଛୁଆ ଯେପରି ଚରିବୁଲି ଖୁଣ୍ଟି ଖାଏ ଏବଂ ବଢ଼େ, ଆମର ଗୁରୁମାନଙ୍କର ସେହି ଅବସ୍ଥା । ଏଥିରେ ଦୋଷ ମୁରୁବୀଜନମାନଙ୍କର । ଗୁରୁମାନଙ୍କର ନୁହେଁ ।" (ମୋର ବାରବୁଲା ଜୀବନ-ପୃଷ୍ଠା-୪୮୯)

ଜାତି ଉଦ୍‌ବୁଦ୍ଧ ହେବା ପାଇଁ ଏଥିରେ ଯଥେଷ୍ଟ ଉପାଦାନ ରହିଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଆତ୍ମଜୀବନୀ', ଡକ୍‌ଟର କୁଞ୍ଜବିହାରୀ ଦାସଙ୍କ 'ମୋ କାହାଣୀ,' ଡକ୍‌ଟର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ଅଳ୍ପେ ଯାହା ଲେଖିଅଛି" କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ' ପ୍ରଭୃତି ଆତ୍ମଚରିତ ଓଡ଼ିଆ ଚରିତ ସାହିତ୍ୟର ଉଲ୍ଲେଖନୀୟ କୃତି । ଏଗୁଡ଼ିକ ବ୍ୟତୀତ ଆଉ କେତୋଟି ଆତ୍ମଚରିତ ଯଥା—ଆଜୀବନ ଶିକ୍ଷକ ଶ୍ରୀ ବନମାଳୀ ବ୍ରହ୍ମଚାରୀଙ୍କ ରଚିତ 'ଜଣେ ଶିକ୍ଷକର ନିଜ କଥା', ବରିଷ୍ଠ ସାମ୍ବାଦିକ ଶ୍ରୀ ହରିହରନାଥ ଷଡ଼ଙ୍ଗୀଙ୍କ 'ଗାନ୍ଧୀ ମହାରାଜାଙ୍କ ଜଣେ ଶିଷ୍ୟ" ରାଜନୈତିକ ନେତା ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ "ମୋ ଜୀବନର ଏକ ଅଧ୍ୟାୟ—ଅଗଷ୍ଟ ବିପ୍ଳବ", ସାହିତ୍ୟିକ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ 'ମୋ ଜୀବନ ସ୍ମୃତି' (ଏହା ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇନାହିଁ । ଶ୍ରୀ ପଣ୍ଡାଙ୍କ ଗ୍ରନ୍ଥାବଳୀରେ ପ୍ରକାଶ ପାଇଛି ।) ବରିଷ୍ଠ ଶିଶୁ ସାହିତ୍ୟିକ ଶ୍ରୀ ରାମକୃଷ୍ଣ ନନ୍ଦଙ୍କ 'ଜୀବନ ତରଙ୍ଗ' ଶ୍ରୀ ଚନ୍ଦ୍ରଶେଖର ମିଶ୍ରଙ୍କ 'ସତ୍ୟବାଦୀରେ ସାତବର୍ଷ' ଓ ଡକ୍‌ଟର ହରେକୃଷ୍ଣ ମହତାବଙ୍କ 'ସାଧନାର ପଥେ' ପ୍ରଭୃତି । ଓଡ଼ିଆ ସାହିତ୍ୟରେ ଯେଉଁ କେତୋଟି ଆତ୍ମଚରିତ ଲେଖା ହୋଇଛି, ସେଥି ମଧ୍ୟରୁ କେତୋଟି ରଚନାରେ ଆତ୍ମଚରିତର ଯଥାର୍ଥତା ଅନୁଭବ କରିହୁଏ । ଗୋପନୀୟ ତଥ୍ୟର ସ୍ପଷ୍ଟ ଅବତାରଣା ଯଥା—"ସେତେବେଳେ ମୋର ଖଣ୍ଡିଏ ମାତ୍ର ମୋଟା ଲୁଗା ଥାଏ । ରବିବାର ସକାଳେ ମୁଁ ଝରକାବାଟେ ଧୋବାକୁ ବଢ଼ାଇ ଦେଇ ଉପରଓଲା ପର୍ଯ୍ୟନ୍ତ କବାଟ କିଳି ରହିଥାଏ । ଧୋବା ସଜ ଧୋଇ କରି ତାହା ସଞ୍ଜକୁ ଫେରାଇ ଦିଏ ।" (ଗୋଦାବରୀଶ ମିଶ୍ର)

ଏହିପରି ଅନେକ ଗୋପନୀୟ ତଥ୍ୟ ମଧ୍ୟ ଚିନ୍ତାମଣିଙ୍କ 'ଜୀବନ ପଞ୍ଜିକା'ରୁ ମିଳିଥାଏ । କବି ଭାବେ ଖ୍ୟାତି ଅର୍ଜନ କରି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହେବି, ସେ ଆପଣାର ଦୋଷ ଦୁର୍ବଳତାକୁ ଲୁକ୍କାୟିତ ରଖି ନାହାନ୍ତି । ବରଂ ପ୍ରକାଶ କରି ଶାନ୍ତି ଲାଭ କରିଛନ୍ତି । ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ଜୀବନଗାଥାକୁ ଅନ୍ୟ ପାଖରେ ପ୍ରକାଶ କରି ତୃପ୍ତ ହୋଇଛନ୍ତି । ପ୍ରକାଶ ଭଙ୍ଗୀ ସରଳ ଓ ପ୍ରାଞ୍ଜଳ । ଭାଷା ପ୍ରୟୋଗରେ ତତ୍କାଳୀନ ଚଳନ୍ତି ଭାଷା ପ୍ରତି ଲେଖକ ଗୁରୁତ୍ୱ ଦେଇଥିବା ମନେହୁଏ । ଜୀବନକାହାଣୀ ଶୁଣାଇବା ବେଳେ ଲେଖକ ଏହାର ସାହିତ୍ୟିକ ମୂଲ୍ୟ ହ୍ରାସ କରିନାହାନ୍ତି । କବିଙ୍କର ଏହା ପ୍ରଥମ ଭାଗର ଜୀବନ କାହାଣୀ । ସୁପୁତ୍ର ସାହିତ୍ୟିକ ସ୍ୱର୍ଗତ ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଯତ୍ନରେ କବିଙ୍କ ମୃତ୍ୟୁପରେ ଏହା ୧୯୭୦ ମସିହାରେ ପ୍ରକାଶିତ ହୋଇଛି । ଏହା ପାଣ୍ଡୁଲିପି ଅବସ୍ଥାରେ ଦୀର୍ଘକାଳ ପଡ଼ି ରହିଥିଲା । ଏହି ପ୍ରସଙ୍ଗରେ ଉପେନ୍ଦ୍ର ପ୍ରସାଦ ଗ୍ରନ୍ଥର ଅଗ୍ରଲେଖରେ କହିଛନ୍ତି—"ମୋର ଧାରଣା—ମନୁଷ୍ୟର କେବଳ ନୁହେଁ, ଦୁନିଆରେ ସମସ୍ତ ବସ୍ତୁର ଭାଗ୍ୟ ଅଛି । ଏପରିକି ଗ୍ରନ୍ଥର ମଧ୍ୟ । ଭାଗ୍ୟଦୋଷରୁ ଅଗଣିତ ଗ୍ରନ୍ଥ ଲୋକଲୋଚନର ଗୋଚରୀଭୂତ ହୋଇ ପାରିନାହିଁ । ପୁଣି କେତେ

ଗ୍ରନ୍ଥକୁ ଯୁଗ ଯୁଗ ଧରି 'ଅଜ୍ଞାତବାସ' ଭୋଗ କରିବାକୁ ପଡ଼ିଛି । ଚନ୍ଦ୍ରମଣିଙ୍କ ଜୀବନ ପଞ୍ଜିକା ଦୀର୍ଘ ପଚିଶ ବର୍ଷ କାଳ ଏହି ଭାଗ୍ୟବିଧାନର ବହିର୍ଭୂତ ହୋଇପାରିନାହିଁ ।"

ସାଧାରଣତଃ ଆତ୍ମଚରିତ ଅସଂପୂର୍ଣ୍ଣ । ଜୀବନଧାରା ସହିତ ତାହା ତାଳଦେଇ ଗତି କରୁଥାଏ । ଜୀବନର ସମାପ୍ତି ବେଳକୁ ତାହା ଆଉ ସମାପ୍ତ ହୋଇପାରେ ନାହିଁ । ଏଥିପାଇଁ ଅନେକ କାରଣ ରହିଛି । ବ୍ୟାଧିଗ୍ରସ୍ତ ଚନ୍ଦ୍ରମଣିଙ୍କ ଜୀବନରେ 'ଜୀବନ ପଞ୍ଜିକା' ସମାପ୍ତ ନ ହେବା ଅସ୍ୱାଭାବିକ ନୁହେଁ । ସମୟ ନିର୍ଦ୍ଦିଷ୍ଟ କରି ସେ ଆତ୍ମଚରିତ ଲେଖିଥିଲେ । ମାତ୍ର ଏହା ପ୍ରତିକୂଳ ପରିବେଶ ଭିତରେ ନିୟମିତ ହୋଇପାରି ନଥିଲା । ନିୟମିତତା ରକ୍ଷା କରି ନ ପାରିବା ପ୍ରସଙ୍ଗରେ ଉପେନ୍ଦ୍ର କହନ୍ତି —"ତାଙ୍କର ସୁଶୃଙ୍ଖଳ ସାହିତ୍ୟ ସାଧନାର ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରି ସେ ଏହି ଆତ୍ମଚରିତ ଲେଖାରେ ମନୋନିବେଶ କରିଥିଲେ । ମାତ୍ର ନାନା ସମୟରେ ନାନା ଦୁଃଖ ଦୁର୍ବିପାକ ଓ ଜରାବ୍ୟାଧିର ଆକ୍ରମଣ ଯୋଗୁଁ ସେ ଉକ୍ତ କାର୍ଯ୍ୟରେ ନିୟମିତ ଭାବରେ ଅଗ୍ରସର ହୋଇ ପାରିଲେ ନାହିଁ । ବାରମ୍ବାର ନିୟମର ବ୍ୟତିକ୍ରମ ଘଟିବାକୁ ଲାଗିଲା । ସମୟ ସମୟରେ ବାଧ୍ୟ ହୋଇ ଦୀର୍ଘକାଳ ଧରି ଲେଖା ବନ୍ଦ ରଖିବାକୁ ପଡ଼ିଥିଲା ।"

ଅସଂପୂର୍ଣ୍ଣତାକୁ ସମର୍ଥନ କରି କବିଙ୍କ ପୁତ୍ର ମଧ୍ୟ ସ୍ୱୀକାରୋକ୍ତି କରିଛନ୍ତି— "ଯେ କୌଣସି ଆତ୍ମଚରିତକାର ଆତ୍ମଚରିତ ଅସଂପୂର୍ଣ୍ଣ ରହିବା ସ୍ୱାଭାବିକ । କବି ଚନ୍ଦ୍ରମଣିଙ୍କ 'ଜୀବନ ପଞ୍ଜିକା' ସେହି ସାଧାରଣ ନିୟମର ଅଧୀନ ହୋଇ ରହିଛି । ଭଞ୍ଜକବି—ଜନ୍ମଭୂମି ପୁଣ୍ୟ ସାରସ୍ୱତତୀର୍ଥ ଧୁମୁସର ଭ୍ରମଣରେ ଏହି ମୁଦ୍ରିତ ଜୀବନ ପଞ୍ଜିକାର ସମାପ୍ତି । ଧୁମୁସର ଭ୍ରମଣରୁ ଫେରିବାର କିଛିକାଳ ପରେ, ପ୍ରଖ୍ୟାତ ସାହିତ୍ୟିକ 'ସାହିତ୍ୟ ସମ୍ରାଟ' ମହାରାଜା ବିକ୍ରମଦେବ ବର୍ମାଙ୍କ ନିମନ୍ତ୍ରଣ କ୍ରମେ କବି ଜୟପୁର ପରିଦର୍ଶନରେ ଯାଇଥିଲେ । ମହାରାଜା ମହୋଦୟଙ୍କ ଆନୁକୂଲ୍ୟରେ ରାଜ୍ୟାନ୍ତର୍ଗତ ନାନା ଦର୍ଶନୀୟ ସ୍ଥାନ ଦର୍ଶନ କରି ଜୟପୁର ସମ୍ବନ୍ଧରେ ସେ ବିସ୍ତୃତ ଅନୁଭୂତି ଅର୍ଜନ କରିବାକୁ ସମର୍ଥ ହୋଇଥିଲେ । ଉକ୍ତ ଅନୁଭୂତି ସେ 'ଜୀବନପଞ୍ଜିକା'ରେ ଲିପିବଦ୍ଧ କରିବାକୁ ଆରମ୍ଭ କଲାବେଳେ ରୋଗବ୍ୟାଧି ଏବଂ ଜରାଯନ୍ତ୍ରଣା ସେଥିରେ ଭୀଷଣ ପ୍ରତିବନ୍ଧକ ସୃଷ୍ଟି କଲା । ଫଳତଃ ଜୟପୁର ଅନୁଭୂତିର ବର୍ଣ୍ଣନା କେବଳ 'ଅଥମାରମ୍ଭ'ରେ ରହିଗଲା । ସେହି ସାମାନ୍ୟ କେତେଧାଡ଼ି ଜୀବନଚରିତରୁ ବାଦ ଦିଆଯାଇଛି ।"

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଚରିତ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଗ୍ରନ୍ଥଟି ଅସମ୍ପୂର୍ଣ୍ଣ ରହିଛି । ସେ ଏହା ରଚନା କରୁଥିବା ସମୟରେ ୧୯୫୬ ମସିହାରେ ତାଙ୍କର ବିୟୋଗ ହେଲା । ଲେଖକ ଯେପରି ଭାବରେ ଏହାକୁ ସମାପ୍ତ କରିବା ଲାଗି ପରିକଳ୍ପନା କରିଥିଲେ, ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ମାତ୍ର ସେହି ଅସମାପ୍ତ ଆତ୍ମଚରିତ ୧୯୫୮ ମସିହାରେ ପ୍ରକାଶ ପାଇ ଅସଂଖ୍ୟ ପାଠକ ପାଠିକାଙ୍କ ଅକୃତ୍ରିମ ଶ୍ରଦ୍ଧା ଭାଜନ ହୋଇପାରିଛି । ଠିକ୍ ଚିନ୍ତାମଣିଙ୍କ 'ଜୀବନପଞ୍ଜିକା' ଭାଗ୍ୟରେ ଏହାହିଁ ଘଟିଛି । ପ୍ରଥମ ଭାଗ ମାତ୍ର ସେ ଲେଖି ପାରିଛନ୍ତି । ତା' ପରବର୍ତ୍ତୀ ଘଟଣା ଆଉ ଲିପିବଦ୍ଧ କରିବାକୁ ତାଙ୍କୁ ସୁଯୋଗ ମିଳିଲା ନାହିଁ । ତାହା ସେହିପରି ଅସମ୍ପୂର୍ଣ୍ଣ ଭାବରେ ଅମଳିନ କୀର୍ତ୍ତିର ଗୌରବ ଲାଭ କରି ସମ୍ମାନିତ ହେଉଛି ।

ଆତ୍ମଚରିତ ଶିକ୍ଷଣୀୟ ଓ ପ୍ରଭାବଶାଳୀ ହେବା ଉଚିତ । ସେଥିପାଇଁ ତାହା କେତୋଟି ବିଶିଷ୍ଟ ଗୁଣ ଦ୍ୱାରା ଅଳଂକୃତ ହୋଇଥାଏ । ଜୀବନକୁ ବୁଝିବା ଲାଗି ଏହା ପ୍ରେରଣା ଦିଏ—ଜୀବନ ସଂଗ୍ରାମରେ ସଂଗ୍ରାମୀ ହେବାକୁ ସାହସୀ କରାଏ । ଜୀବନ ସମ୍ପର୍କରେ ସ୍ୱତନ୍ତ୍ର ଅନୁଭବ ନ ରହିଲେ, ଆତ୍ମଚରିତ ସଫଳ ହୁଏ ନାହିଁ । ଯଥାର୍ଥରେ ଲୁଡୱିଗଙ୍କ କହିଛନ୍ତି—"Behind every piece of biography is a special feeling about life, a special view of life and special set of values." ଏତିକ ଗୁଣ ନ ଥିବା ଆତ୍ମଚରିତ ସୁଖପାଠ୍ୟ ହୁଏନାହିଁ । ଆଲୋଚ୍ୟ 'ଜୀବନ ପଞ୍ଜିକା' ଏଥିରୁ ବଞ୍ଚିତ ହୋଇନାହିଁ । ଜଣେ ଜରାବ୍ୟାଧିଗ୍ରସ୍ତ ଏବଂ ଆର୍ଥିକ ଅସ୍ୱଚ୍ଛଳ ମଣିଷ ପକ୍ଷେ ଗିରି ଲଙ୍ଘନ ସମ୍ଭବ ଅର୍ଥାତ ପଙ୍ଗୁଂ ଲଂଘୟତେ ଗିରିମ୍ ଏହା ଏହି ଗ୍ରନ୍ଥରୁ ପ୍ରମାଣିତ ହୁଏ । ତାଙ୍କ ଭାଷାରେ କହିଲେ—"ମୋତେ ଯେବେ ସୁଖୀ କୁହାଯିବ, ତେବେ ଜଗତରେ ଦୁଃଖୀ ମିଳିବ ନାହିଁ । ଜନ୍ମର ଅବ୍ୟବହିତ ପରେ ମୁଁ ପିତ୍ତଡ଼ା ରୋଗରେ ଆକ୍ରାନ୍ତ ହେଲି । ତେଲ-ପଲା ତତାଇ କପାଳରେ ଚେଙ୍ଗା ଦିଆଗଲା ; ତାହାହିଁ ସେ ରୋଗର ଚିକିତ୍ସା । କିନ୍ତୁ ମୋର ବିଶ୍ୱାସ, ବିଧାତା ମୋତେ ଚେତାଇବା ପାଇଁ ଜନ୍ମଚେଙ୍ଗାର ବ୍ୟବସ୍ଥା କଲେ । ଅର୍ଥାତ, ସଙ୍କେତରେ କହିଲେ—ତୁ ସାରାଜୀବନ ଏହିପରି ଚେଙ୍ଗାରେ ଜଳିବୁ ।" କେବଳ ଏତିକି ନୁହେଁ । ସେ ପରବର୍ତ୍ତୀ କାଳରେ ଦୁଃସାଧ୍ୟ ବ୍ୟାଧିର ଶିକାର ହୋଇଛନ୍ତି । ଏହା ସହିତ ଆର୍ଥିକ ଅସ୍ୱଚ୍ଛଳତା ଲାଗି ସୃଷ୍ଟି ହୋଇଥିବା ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ସଂଗ୍ରାମ ତାଙ୍କ ଜୀବନର ଚିରସାଥୀ ହୋଇଥିଲା । ଅର୍ଥ ଅଭାବରୁ ଦିନେ ଦିନେ ତାଙ୍କୁ ଉପବାସରେ ସାରାଦିନଟି କଟାଇବାକୁ ହୋଇଛି । କେତେବେଳେ ଅବା ପେଟଭରି ଖାଇପାରି ନାହାନ୍ତି । କାଗଜ କ୍ରୟ କରିବା ଯାହାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବାରୁ, ଡାକଘରୁ ଗ୍ରୁପାଫର୍ମ ସେର ଛ' ପଇସା ଦରରେ କ୍ରୟ କରିଥିଲେ ଏବଂ ଆଲୁଅ ପାଇଁ

ଯେ ବହୁ ସମୟରେ ବାଇଗବା ଫଳ ଗଡ଼ରେ ଜାଳନ୍ତି, ପୁଣି ବାଉଁଶ କାଠିରେ କଲମ ତିଆରି କରି ଲେଖନ୍ତି ଏବଂ ଲେଖିବା ପାଇଁ ପାଚିଲା ପୋଇପଜ, ଲଉପଜ ରସ ଓ ହାଣ୍ଡିକଳାରେ କାଳି ପ୍ରସ୍ତୁତ କରନ୍ତି, ସେ ଯେ କିପରି ସଂଗ୍ରାମ ଭିତରେ ଜୀବନ ଗଠନ କରିଛନ୍ତି ତାହା ସହଜରେ କଳ୍ପନା କରି ହେବନାହିଁ । 'ଜୀବନ ପଞ୍ଜିକା'ରେ ଏପରି ଦୃଷ୍ଟାନ୍ତ ବିରଳ ନୁହେଁ । ଲେଖକ ନିଜେ ତାଙ୍କ ଦାରିଦ୍ର୍ୟ ଓ ସଂଗ୍ରାମମୟ ଜୀବନଧାରାର ପ୍ରତିକୂଳ ପରିସ୍ଥିତି ବିଷୟ ସ୍ୱୀକାର କରିଛନ୍ତି । ଏହି ପ୍ରସଙ୍ଗରେ କବି ଗୋଲ୍ଡସ୍ମିଥ୍‌ଙ୍କ ଜୀବନୀ ମନେପଡ଼େ । ସତରେ ସେ କେତେ ଦୈନ୍ୟ ଓ ଅନାଟନ ଭିତରେ ଜୀବନ ବିତାଇ ନାହାନ୍ତି ! ମାତ୍ର ଏହି ଦୁଃଖ, ଅଭାବ ଓ ଶୋଚନୀୟ ପରିସ୍ଥିତି ଭିତର ଦେଇ ତାଙ୍କ କବି ପ୍ରତିଭା ବିକଶିତ ହୋଇଛି । କବି ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଜୀବନୀ ବହୁ ସଙ୍ଘାତ ଓ ସଂଗ୍ରାମମୟ । ସେହି ଜୀବନଧାରା ଭିତରେ ଅଦ୍ଭୁତ ପ୍ରତିଭା ଆଲୋକିତ ହୋଇଛି ଏହା ଆଶ୍ଚର୍ଯ୍ୟର କଥା । ଦାରିଦ୍ର୍ୟ ଭିତରେ ତାଙ୍କ ଜୀବନ ଗଠିତ ହୋଇଛି । ତା'ରି ଭିତରେ ଅଧ୍ୟୟନ ଓ ସାଧନା ଅବ୍ୟାହତ ରହିଥାଏ । ଦୁଃଖ ଓ ଦୁର୍ବିପାକର ପ୍ରାଚୀର ଭେଦ କରି କୁଞ୍ଜବିହାରୀଙ୍କ ସାଧକ ଜୀବନ ପ୍ରତିଷ୍ଠା ଲାଭ କରିଛି । ଅତୀତର ସ୍ମୃତି ରୋମନ୍ଥନ କରି "ମୋ' କାହାଣୀ" ଆତ୍ମଚରିତରେ ଲେଖିଛନ୍ତି—"ମୋ' ଜୀବନ ନାସ୍ତିବାଚକ । ଏଥିରେ ବିପୁଳ ଜୀବନ ଅନୁଭୂତିର ସ୍ପର୍ଶ ନାହିଁ । × × × ଆତ୍ମଚରିତ ନୁହେଁ, ଜୀବନ ସ୍ମୃତି ନୁହେଁ, ସଂଗ୍ରାମ ଜୀବନର ସାମାନ୍ୟ ସୂଚନା ମାତ୍ର ଦେଉଅଛି । × × × ବହିପତ୍ର ନ ଥାଏ । ତେଣୁ ଦଉଲା ଟିଉସନ ସନ୍ଧିରେ ଟିକିଏ ଅବସର ମିଳିଲେ କବିତା ଲେଖି ବସେ ।" ବାସ୍ତବିକ ତାଙ୍କ ଆତ୍ମଚରିତରୁ କବି କିପରି ଦାରିଦ୍ର୍ୟ, ଦୁଃଖ, ଅନାଟନ ହେତୁ ଚାଷୀ ହେବାକୁ ଜୀବନର ଶ୍ରେୟସ୍କର ମନେ କରିଥିଲେ ଏବଂ ପରବର୍ତ୍ତୀ କାଳରେ ସଂଗ୍ରାମୀ ପ୍ରାଣ ସଂଗ୍ରାମ ଜୀବନଯାତ୍ରା ଲାଗି ପ୍ରେରଣା ଦେଇଛି ତାହା ସୂଚିତ ହୁଏ । ଚାଷୀ ହେବା ଯାହାଙ୍କ ଭାଗ୍ୟରେ ଲେଖା ହୋଇଛି ବୋଲି ଭାବି ନିଆଯାଇଥିଲା; ସେ ଯେ ଦିନେ ପୁଣି ପ୍ରତିଷ୍ଠିତ କାବ୍ୟ-ସାଧକ ହୋଇପାରିବେ, ଏକଥା କିଏ ବା ଭାବିପାରେ !

ଆତ୍ମଚରିତ ଅସଂପୂର୍ଣ୍ଣ ହୋଇପାରେ, ମାତ୍ର ଏହା କ୍ଷୁଣ୍ଣ ହେବା ଉଚିତ ନୁହେଁ । କଣ ପାଇଁ, କାହିଁକି ବା ଆତ୍ମଚରିତ ସଂଶୋଧିତ ବା ପରିବର୍ତ୍ତିତ ହେବ ! ସାଧାରଣତଃ ସୃଷ୍ଟି କର୍ମ ଉପରେ ଅନ୍ୟ କୌଣସି ସ୍ରଷ୍ଟା ବା ସମାଲୋଚକ ପରିବର୍ତ୍ତନ ସୂଚକ ଲେଖନୀ ଚାଳନା କରିବା ଅଶୋଭନୀୟ ଏବଂ ଅବାଞ୍ଛନୀୟ । ଏପରିସ୍ଥଳେ ଆତ୍ମଚରିତ ଉପରେ ଅନ୍ୟ କୌଣସି ସ୍ରଷ୍ଟା, ସମାଲୋଚକ ଗବେଷକ ବା ସମ୍ପାଦକର ଲେଖନୀ ଚାଳନା ସ୍ୱାଗତ ଯୋଗ୍ୟ ନୁହେଁ । ଏହା ଫଳରେ ଆତ୍ମଚରିତ ମୌଳିକତାର ହ୍ରାସ ଘଟେ । ବିକଳାଙ୍ଗ ହୋଇଉଠେ—କୃତ୍ରିମ ମନେହୁଏ । ପରିବର୍ତ୍ତିତ ଓ ସଂଶୋଧିତ ହୋଇ ଆତ୍ମଚରିତ

ପ୍ରକାଶିତ ହେଲେ ବନ୍ଧୁ କ୍ଷେତ୍ରରେ ଏହାର ସ୍ୱାଭାବିକ ସ୍ୱର ମଧ୍ୟ ଭିନ୍ନ ରୂପ ଧାରଣ କରେ । ଯାହା ଭଲ, ମନ୍ଦ, ଦୋଷ, ଗୁଣ, ଘାତ, ପ୍ରତିଘାତ, କିମ୍ବା ଅନୁକୂଳ, ପ୍ରତିକୂଳ ପରିବେଶ ଲେଖକ ଅଙ୍ଗେ ନିଭାଇଥାଆନ୍ତି, ସେ ସବୁର ବାସ୍ତବ ବିବରଣୀ ଆତ୍ମଚରିତରେ ନିଃସଙ୍କୋଚ ଭାବେ ଦିଆଯାଇଥାଏ । ଜୀବନ କ୍ଷେତ୍ରରେ ଆପଦ, ବିପଦ, ଶତ୍ରୁ, ମିତ୍ର ବନ୍ଧୁ ଓ ଆତ୍ମୀୟଙ୍କ ସହ ସମ୍ପର୍କ ସ୍ଥାପନ ସ୍ୱାଭାବିକ ହେଲେ ବି, ଏହାର ବ୍ୟତିକ୍ରମ ଘଟିଥାଏ । ବନ୍ଧୁଠାରୁ ମଣିଷ ଆଘାତ ପାଏ, ଅପର ପକ୍ଷରେ ସୌଭାଗ୍ୟକ୍ରମେ ଶତ୍ରୁର ବି ପ୍ରିୟଭାଜନ ହୋଇପାରେ । ଅନୁକୂଳ ପରିସ୍ଥିତି ପାଇ ବି ସେ ଯାହା କରିବାକୁ କ୍ଷମ ହୋଇ ନପାରେ, ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଯଥେଷ୍ଟ କାର୍ଯ୍ୟ ହାସଲ କରିପାରେ । ଏହା ସାମାଜିକ ଜୀବନରେ ଅତ୍ୟନ୍ତ ସ୍ୱାଭାବିକ । ମଣିଷ ଜୀବନରେ ଏହି ଧାରାର ବ୍ୟତିକ୍ରମ ଘଟିବା ସହଜ ନୁହେଁ । ସାମାଜିକ ଜୀବନରେ ମଧୁ-ତିକ୍ତ ଅନୁଭୂତିରେ ଦଗ୍ଧ ହେବାକୁ ପଡ଼େ—ବନ୍ଧୁ କ୍ଷେତ୍ରରେ ସକଳ ସ୍ୱପ୍ନ ଧୂଳିସାତ ହୋଇଯାଏ । କେତେବେଳେ ସ୍ୱପ୍ନ ସାର୍ଥକ ହୁଏ—କଳ୍ପନାବିଳାସୀ ମଣିଷ ପକ୍ଷେ କଳନା କରିବା ସମ୍ଭବ ହୁଏ ନାହିଁ । ଏହି ସବୁର ବିବରଣୀ ଅର୍ଥାତ ଜୀବନଧାରାର ବିବରଣୀ ଆତ୍ମଚରିତରେ ସଂଯୋଜିତ ହୋଇଥାଏ । ଏଥିରୁ କୌଣସିଟିକୁ ହେଲେ ବାଦ ଦିଆଯାଇ ନ ପାରେ । ଯେଉଁ ଅଂଶକୁ ବାଦ ଦେଲେ ବି, ଆତ୍ମଚରିତଟି ବିକଳାଙ୍ଗ ହେବା ସ୍ୱାଭାବିକ । ଏହା ହିଁ ଘଟିଛି ବ୍ୟାସକବି ଫକୀରମୋହନଙ୍କ 'ଆତ୍ମଚରିତ' ଭାଗ୍ୟରେ । କାହିଁକି ଯେ ପୁତ୍ର ମୋହିନୀ ମୋହନ ସେନାପତି ଏହାର ପରିବର୍ତ୍ତନ କଲେ ଏବେବି ଏହା ଚିନ୍ତାର ବିଷୟ ହୋଇ ରହିଛି । ଜଣେ ସ୍ରଷ୍ଟାର ଆତ୍ମ କାହାଣୀକୁ ପରିବର୍ତ୍ତନ କରିବା ଅର୍ଥ, ସ୍ରଷ୍ଟାର କଣ୍ଠରୋଧ କରିବା । ଏ ପ୍ରକାର ଅବିଚାର କେବେ କ୍ଷମଣୀୟ ନୁହେଁ ବୋଲି ଆମର ବିନମ୍ର ମତ ।

ବଡ଼ ଦୁଃଖର କଥା, ଔପନ୍ୟାସିକ ଫକୀରମୋହନଙ୍କ ଉପନ୍ୟାସ ସୁଲଭ ଭାଷାରେ ରଚିତ 'ଆତ୍ମଚରିତ' ବିକଳାଙ୍ଗ ରୂପରେ ଆତ୍ମପ୍ରକାଶ କରିଛି । ଏଥିପାଇଁ ମୁଖ୍ୟତଃ ଦାୟୀ ହେଉଛନ୍ତି ତାଙ୍କ ପୁତ୍ର ମୋହିନୀ ମୋହନ । ପିତାଙ୍କ ମୃତ୍ୟୁ ପରେ ସେ ଏହାକୁ ପ୍ରକାଶ କରି ଯେତିକି ଧନ୍ୟବାଦର ପାତ୍ର ହୋଇଛନ୍ତି, ଏହାର ପରିବର୍ତ୍ତିତ ରୂପ ପାଇଁ ସେ ସେତିକି ନିନ୍ଦିତ ହେବା ସ୍ୱାଭାବିକ । 'ଉତ୍କଳ ସାହିତ୍ୟ'ରେ ଫକୀରମୋହନ ଆପଣା ଆତ୍ମଚରିତ ଲେଖିଥିଲେ । ଏହା ପୁସ୍ତକ ଆକାରରେ ପ୍ରକାଶ ପାଇବା ପରେ, 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ କେତେକ ତଥ୍ୟ ସହ ପୁସ୍ତକରେ ଲିପିବଦ୍ଧ ହୋଇଥିବା ତଥ୍ୟର ପାର୍ଥକ୍ୟ ସହଜରେ ଅନୁମାନ କରାଯାଇ ପାରୁଛି । ଉଦାହରଣ ସ୍ୱରୂପ 'ଆତ୍ମଜୀବନ ଚରିତ'ର ୧୫ଶ ଅଧ୍ୟାୟକୁ ନିଆଯାଉ । ଏଥିରେ ଏପରି କେତେକ ତଥ୍ୟ ମୋହିନୀ ମୋହନ ବାଦ ଦେଇଛନ୍ତି, ଯାହା ବ୍ୟାସକବିଙ୍କ ମୂଳ ରଚନାରେ ସ୍ପଷ୍ଟ ଅଙ୍କିତ

ହୋଇ ରହିଛି । ଏହି ଅଧ୍ୟାୟଟି ୧୩୨୭ସାଲ ୨୪ଭାଗ ୮/୯ ସଂଖ୍ୟା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ସେଥିରେ ଥିବା—ମୁଁ ୧୮୭୭ ଖ୍ରୀଷ୍ଟାବ୍ଦ ନଭେମ୍ବର ୧ ତାରିଖରେ ଏକଶତ ଟଙ୍କା ବେତନରେ ଢେଙ୍କାନାଳରେ ଆସିଷ୍ଟେଣ୍ଟ୍ ମେନେଜର ପଦରେ ନିଯୁକ୍ତ ହେଲି । × × × ମୋର କେତେକ ଶତ୍ରୁ କମିଶନର ସାହେବଙ୍କ ନିକଟକୁ ମୋ' ନାମରେ ବେନାମୀ ଦରଖାସ୍ତ ପଠାଇବାକୁ ଲାଗିଲେ । ଦରଖାସ୍ତର ମର୍ମ, ମୁଁ ବିଗ୍ରହପ୍ରାର୍ଥୀମାନଙ୍କ ଠାରୁ ଉତ୍କୋଚ ଗ୍ରହଣ କରିଥାଏଁ । × × × ମୋର ପରମହିତୈଷୀ ବନ୍ଧୁ ନନ୍ଦକିଶୋର ଦାସ ବାହାଦୂରଙ୍କ ସୁଚିନ୍ତିତ ପରାମର୍ଶ ଅନୁସାରେ ମୁଁ ଚାକିରିରୁ ଇସ୍ତଫା ଦେଲି ।" ଇତ୍ୟାଦି ମୂଳ ରଚନାକୁ ଯୋଗେଶ ମୋହନ ପୁସ୍ତକରେ ସ୍ଥାନ ଦେଇଛନ୍ତି । ମାତ୍ର ପିତାଙ୍କ ଦ୍ୱାରା ରଚିତ ଏବଂ ଏହି ଅଧ୍ୟାୟରେ ସ୍ଥାନ ପାଇଥିବା ସ୍ମୃତିମୁଖର ଜୀବନଯାତ୍ରାର ସ୍ମରଣୀୟ ଘଟଣା କେତୋଟି ବାଦ ପଡ଼ିଛି । ରହିଛି କେବଳ ମାତ୍ର ଢେଙ୍କାନାଳର ବର୍ଣ୍ଣନା । ଅବଶିଷ୍ଟ ମୂଲ୍ୟବାନ ଆବେଗମୟ ତଥ୍ୟ କାହିଁକି ବା ପୁସ୍ତକରେ ଲୁକ୍କାୟିତ ରହିଲା ?

ପୁସ୍ତକର ଅନ୍ୟ ଏକ ପରିବର୍ତ୍ତିତ ଅଧ୍ୟାୟ ବିଷୟରେ କୁହାଯାଇପାରେ । ତାହା ହେଉଛି—'ଆତ୍ମଜୀବନ ଚରିତ'ର ସପ୍ତମ ଅଧ୍ୟାୟରେ ପ୍ରକାଶିତ 'ବାଲେଶ୍ୱର ମିସନ ସ୍କୁଲରେ କର୍ମ ।' ୧୩୨୬ ସାଲ ୨୨ଶ ଭାଗ ୧୦ ସଂଖ୍ୟା 'ଉତ୍କଳ ସାହିତ୍ୟ'ରେ ଏହାର ମୂଳ ଲେଖା ପ୍ରକାଶ ପାଇଥିଲା । ମାତ୍ର ପୁସ୍ତକରେ ଏହି ଅଧ୍ୟାୟଟି ପରିବର୍ତ୍ତିତ ହୋଇ ସ୍ଥାନ ପାଇଛି । ଯଥା—"ସ୍ୱର୍ଗୀୟା ଠାକୁର ମା ମୋହର ଶୈଶବକାଳରୁ ପରମେଶ୍ୱର ମୋହର ପିତାମାତାଙ୍କୁ ଗ୍ରହଣ କରି ପ୍ରକୃତରେ ତୁମକୁ ମୋ ଜୀବନପାଳିକା ଶିକ୍ଷୟିତ୍ରୀ ସ୍ୱରୂପ ନିଯୁକ୍ତ କରିଥିଲେ । ପ୍ରାଣର ଦରଦ କାହାକୁ ବୋଲନ୍ତି ତାହା କେବଳ ତୁମଠାରୁ ପାଇଥିଲି । ହା କୃତଘ୍ନ ମୁଁ । ଦିନେ ହେଲେ ତୁମର କିଛିମାତ୍ର ସେବା ଶୁଶ୍ରୂଷା କରିନାହିଁ, ବର୍ତ୍ତମାନ ଅନୁତାପ ବିନା ମୋହର ଆଉ ଉପାୟ କଣ ?" ଏହି ଅଂଶରେ ଫକୀର ମୋହନଙ୍କ ମାନବିକତା ପରିସ୍ଫୁଟ ହୋଇଛି । ଠାକୁର ମା'ଙ୍କ ସେବା ଯତ୍ନ ପାଇଁ ସେ ନିଜକୁ କୃତଜ୍ଞତା ପାଶରେ ଆବଦ୍ଧ କରିଛନ୍ତି । ମାତ୍ର ଏହି ମହନୀୟ ଗୁଣ 'ଆତ୍ମଜୀବନ ଚରିତ'ରୁ ବାଦ ଦିଆଯାଇଛି । ଠାକୁର ମା ଓ ଫକୀରମୋହନ ଦୁହିଁଙ୍କ ଭିତରେ ସୁସଂପର୍କ ଥିଲା । ଠାକୁର ମା' ତାଙ୍କୁ ସ୍ନେହ କରୁଥିଲେ । ସେ ଜ୍ୱର କି ଶାରୀରିକ ପୀଡ଼ା ଅନୁଭବ କଲେ, ଠାକୁର ମା'ଙ୍କର ବ୍ୟସ୍ତ କହିଲେ ନସରେ । ସେବା ଯତ୍ନ କରନ୍ତି—ପାଶରେ ଦୀର୍ଘ ସମୟ ବସି ରହନ୍ତି । ଏସବୁର ଉପସ୍ଥାପନା ପୁସ୍ତକରେ ରହିଛି । ଯଥା—"ସନ୍ଧ୍ୟା ସମୟରେ ମୁଁ ଜ୍ୱରରେ ଆକ୍ରାନ୍ତ ହେଲି । ସକାଳ ସରିକି ଦେହଯାକ ପାଣି ବସନ୍ତ ଫୁଟି ପଡ଼ିଲା । ସେଠାରୁ ଖଣ୍ଡିଏ ପାଲିଙ୍କି ଭଡ଼ା କରି ବାଲେଶ୍ୱର ଚାଲି ଆସିଲି । ସନ୍ଧ୍ୟା ସମୟରେ ଘରେ ଠାରେ ଉପସ୍ଥିତ ହୋଇ

ମୋ ଶୋଇବା ଘର ଦୁଆର ମୁହଁରେ ବସି କାନ୍ଦୁଥାଏ । ଠାକୁର ମା' ମୋ ପାଖରେ ଉପସ୍ଥିତ ହୋଇ, କାନ୍ଦି କାନ୍ଦି ମୋତେ ପଚାରିଲେ, "ତୁ କଣ୍ଟକ ନ ଯିବୁ ନାହିଁ, ସାହେବ ତୋତେ କାହିଁ ପାଇଁ ଦଣ୍ଡ ଦେବ ?" ମୁଁ କହିଲି, "ସାହେବ ମାରିନାହିଁ । ମୋର ଜ୍ୱର ଓ ବସନ୍ତ ହୋଇଛି । ମୁଁ ବସି ପାରୁନାହିଁ । ମୋତେ ଶୀଘ୍ର ବିଛଣା କରିଦିଅ—ମୁଁ ଶୋଇବି ।" ମୁଁ ପରେ ଠାକୁରମାଙ୍କର ପ୍ରଶ୍ନର କାରଣ ପଚାରିବାରୁ ସେ ମୋତେ କହିଲେ, "କଥା କଣ କି, ସାହେବ ତୋତେ ମାରିଛି ବୋଲି ଗତକାଲି ସ୍ୱପ୍ନ ଦେଖିଲି । ତୋ ଦେହ ଯେମିତି ଫୁଲି ଯାଇଛି, ଠିକ୍ ସନ୍ଧ୍ୟାବେଳେ ତୁ ଦୁଆର ବନ୍ଧ ଉପରେ ବସି ଯେପରି କାନ୍ଦୁଥିଲୁ, ଅବିକଳ ସବୁକଥା ସ୍ୱପ୍ନରେ ଦେଖିଥିଲି ।" ଠାକୁର ମା'ଙ୍କ ସେବାଯତ୍ନ, ଆଦର ସ୍ନେହର ଅବତାରଣା ରହିଛି । ମାତ୍ର ମୋହିନୀ ମୋହନ ସମ୍ପାଦକର ଲେଖନୀ ଚାଳନା କରି ଫକୀରମୋହନଙ୍କ କୃତଜ୍ଞତା ପ୍ରକାଶ ଅଂଶଟି ଏହି ଅଧ୍ୟାୟରୁ ବାଦ ଦେଇଥିବା ଦୁଃଖର ବିଷୟ । 'ଉତ୍କଳ ସାହିତ୍ୟ'ରେ ଏହି ଅଂଶଟି ଉଜ୍ଜ୍ୱଳ ହୋଇ ଉଠିଛି ।

ଅନ୍ୟ ଏକ ଅଧ୍ୟାୟ । ୧୩୧୪ ସାଲ ୩ୟ ଭାଗ ୧ମ ଓ ୨ୟ ସଙ୍ଖ୍ୟା 'ସତ୍ୟବାଦୀ'ରେ ବ୍ୟାସକବି 'ବାଲେଶ୍ୱରରେ ବାଳିକା ବିଦ୍ୟାଳୟ' ଶୀର୍ଷନାମାରେ ଆତ୍ମଚରିତର ଏକ ଅଂଶ ଲେଖିଥିଲେ । ସେଥିରେ ସେ ସ୍ତ୍ରୀ ଶିକ୍ଷାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଯଥା—"ଖାଲି ବସିଲେ ନାନା କଥା ମନରେ ପଡ଼େ । ହଠାତ୍ ଦିନେ ମନ ମଧ୍ୟରେ ଉଦୟ ହେଲା—ଆମ୍ଭମାନଙ୍କ ଘରର ଅଶିକ୍ଷିତା ସ୍ତ୍ରୀମାନେ ଶିକ୍ଷିତା ସ୍ତ୍ରୀମାନଙ୍କର ପଢ଼ା ଓ କଥା ଶୁଣିଲେ, ସେମାନଙ୍କର ଭଦ୍ର ବ୍ୟବହାର ଦେଖିଲେ—ସିଲାଇ କର୍ପେଟବୁଣା ଦେଖିଲେ ସେମାନଙ୍କ ମନରେ ଶିଖିବା ସକାଶେ ଶ୍ରଦ୍ଧା ଜାତ ହୋଇପାରେ । ମାତ୍ର ସେପରି ଶିକ୍ଷିତା ସ୍ତ୍ରୀ ବାଲେଶ୍ୱରରେ ନାହାନ୍ତି ? ଯେଉଁମାନେ ଅଛନ୍ତି ସେମାନେ ମେମ୍ ଏବଂ ଖ୍ରୀଷ୍ଟାନ୍ ସ୍ତ୍ରୀ । ହିନ୍ଦୁ ସ୍ତ୍ରୀମାନେ ତ ଏମାନଙ୍କୁ ଘରେ ପୂରାଇବେ ନାହିଁ । ଏକ ବିଛଣାରେ କିଏ ବସିବେ ? ମନରେ ଭାଳିଲି ଆଚ୍ଛା, ପ୍ରଥମେ ମୋ' ଘରେ ଚେଷ୍ଟା କରାଯାଉ, ଯଦି ଚଳିପାରେ ତେବେ ପଡ଼ିଶା ଏବଂ କ୍ରମରେ ବନ୍ଧୁବାନ୍ଧବଙ୍କ ଘରେ ଚଳାଇବାକୁ ହେବ ।"

ଏହିପରି ଆଉ କେତୋଟି ଉକ୍ତି ମଧ୍ୟ ପୁସ୍ତକରେ ନାହିଁ । ସ୍ତ୍ରୀ ଶିକ୍ଷାର ପ୍ରଚାର ଓ ବିକାଶ ପାଇଁ ସେ ଯେଉଁ ପରିକଳ୍ପନା କରିଥିଲେ ତାହା 'ଆତ୍ମଜୀବନ ଚରିତ'ରେ ସାମାନ୍ୟ ମାତ୍ର ସୂଚନା ଦେବାର ଯାଥାର୍ଥ୍ୟ କଣ ଅଛି ? କାହିଁକି ତାଙ୍କ ହୃଦୟର ସମସ୍ତ ପରିକଳ୍ପନା ଲିପିବଦ୍ଧ ନ ହେଲା ! ଏହି ଅଂଶକୁ ପୁସ୍ତକରୁ ବାଦ ଦେବାର କି ଉଦ୍ଦେଶ୍ୟ ନିହିତ ଅଛି ବୁଝି ହୁଏନା । ଏତେ ପରିବର୍ତ୍ତନ ସତ୍ତ୍ୱେ 'ଆତ୍ମଜୀବନ ଚରିତ'ର

ସମାଲୋଚନା ନାହିଁ । ମୋହିନୀ ମୋହନଙ୍କ ସମ୍ପାଦନାରେ ଯେତିକି ଅଂଶ ବାଦ ଯାଇଥିଲା, ସେତିକି ଅଂଶକୁ ବାଦ ଦେଇ ପ୍ରକାଶିତ ପୁସ୍ତକକୁ ପାଠକ ପଢ଼ୁଛନ୍ତି । ଜଣେ ସମାଲୋଚକଙ୍କ ମତରେ—"୧୯୨୭ ସାଲରେ ଫକୀରମୋହନଙ୍କର ଆତ୍ମଜୀବନ ଚରିତ ତାଙ୍କର ସୁଯୋଗ୍ୟ ପୁତ୍ର ମୋହିନୀ ମୋହନ ସେନାପତି ପ୍ରକାଶ କଲେ । ସେତେବେଳେ ଫକୀରମୋହନ ଇହଧାମରେ ନ ଥିଲେ । ତାଙ୍କର ଆତ୍ମଚରିତକୁ ମନ ଇଚ୍ଛା କାଟି ସେ ପୁସ୍ତକ ଆକାରରେ ପ୍ରକାଶ କଲେ ଏବଂ ଆଜି ପର୍ଯ୍ୟନ୍ତ ଓଡ଼ିଶାର ପାଠକ ସେହି ପ୍ରମାଦପୂର୍ଣ୍ଣ ଆତ୍ମଚରିତକୁ ମୌଳିକ ଲେଖା ମନେକରି ଅଧ୍ୟୟନ କରୁଅଛନ୍ତି ଓ ମୁଗ୍ଧ ହେଉଅଛନ୍ତି । ମାତ୍ର ପ୍ରକୃତରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ମୂଳ ଲେଖା ଏବଂ ପୁସ୍ତକରେ ସ୍ଥାନ ଲାଭ କରିଥିବା ଲେଖା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ।"

ବାସ୍ତବରେ ଏପରି ପରିବର୍ତ୍ତିତ ଓ ସମ୍ପାଦିତ 'ଆତ୍ମଚରିତ' ଅଧ୍ୟୟନ କରି ପାଠକ ଲେଖକଙ୍କ ବ୍ୟକ୍ତିତ୍ୱ, ଆଦର୍ଶ ଓ ଅଭିମୁଖ୍ୟର ସମ୍ୟକ ଧାରଣା କରିପାରନ୍ତି ନାହିଁ । ପ୍ରକାଶିତ 'ଆତ୍ମଜୀବନ ଚରିତ' ପୁସ୍ତକ ବ୍ୟାସକବିଙ୍କ ଜୀବନ ସହ ପରିଚିତ କରିବା ପାଇଁ ସଂପୂର୍ଣ୍ଣ ସକ୍ଷମ ହୁଏ ନାହିଁ । ତେଣୁ 'ଉତ୍କଳ ସାହିତ୍ୟ', 'ସତ୍ୟବାଦୀ' ଆଦି ପତ୍ରିକାରେ ପ୍ରକାଶିତ ତାଙ୍କ ଜୀବନୀର ଅଂଶମାନ ସହ ଏହି ପୁସ୍ତକ ଅଧ୍ୟୟନ କରିବା ଉଚିତ । କବିଶେଖରଙ୍କ 'ଜୀବନ ପଞ୍ଜିକା' ପ୍ରକାଶ କାଳରେ ଉପେନ୍ଦ୍ର ଲେଖନୀ ଚାଳନା ନକରି ମୂଳ ରଚନା ପରି ଅକ୍ଷୁର୍ଣ୍ଣ ରଖିଥିଲେ ଭଲ ହୋଇଥାଆନ୍ତା । ଏହା ବିକଳାଙ୍ଗ ବା ପ୍ରମାଦପୂର୍ଣ୍ଣ ହୋଇପାରି ନଥାଏ । ତେବେ ଜୀବନଚରିତ ରଚନାରେ ହସ୍ତକ୍ଷେପ ଲାଗି ତାଙ୍କର ଅଧିକାର ଆସିଲା କେଉଁଠୁ ?

ନିଃସଙ୍କୋଚ, ନିରଭିମାନ ଓ ନିରହଙ୍କାରରେ ଜୀବନ୍ତ ରୂପ ନେଇଥିବା ବୁଦ୍ଧିଙ୍କ ଦୁର୍ଲଭ 'ଜୀବନଚରିତ' ବାସ୍ତବ ଜୀବନର ପ୍ରତିନିଧିତ୍ୱ କରିଥାଏ । ଦୁର୍ବଳତାର ଶିକାର ହୋଇ ମଣିଷ ବେଳେ ବେଳେ ମନ୍ଦ କାର୍ଯ୍ୟର ଆଶ୍ରା ନେଇଥାଏ । ଫକୀରମୋହନଙ୍କ ଜୀବନ ଏଥିରୁ ବ୍ୟତିକ୍ରମ ହେବ ବା କିପରି ! ସେ ସ୍ୱୀକାର କରି କହିଛନ୍ତି—"ପ୍ରତି ରବିବାର ରାତିରେ ବାବୁଙ୍କ ବସାରେ ବ୍ରହ୍ମୋପାସନା ହୁଏ । ଉପାସନା ଶେଷରେ ଉପାସକମାନେ ବସି ମଦ ଖାଉଁ ।" ଏହାଠାରୁ ଅଧିକ ଆଉ ସତ୍ୟଭାଷା କଣ ବା ହୋଇପାରେ ! ନିଜକୁ ଜଣେ ଚରିତ୍ରବାନ, ସୁପୁରୁଷ ଆଖ୍ୟା ଦେଇ ସାଧୁତାର ଖୋଳ ତଳେ ଆପଣା ଦୁର୍ବଳତାକୁ ଲୁକ୍କାୟିତ ରଖିବାକୁ ସେ ଆଗ୍ରହୀ ନ ଥିଲେ । ସମ୍ମାନିତ ପୁରୁଷର ଗୌରବ ଲାଭ ଆଶାରେ ବ୍ୟାସକବି ଆପଣା ଦୁର୍ବଳତା, ଦୋଷ ଓ ଅନୀତିକୁ ମିଥ୍ୟାଭାଷାରେ ଢାଙ୍କି ନ ରଖି ଅକପଟ ଭାବରେ ପ୍ରକାଶ କରିଛନ୍ତି । ବିଶିଷ୍ଟ ସମାଲୋଚକ ପଣ୍ଡିତ ନୀଳକଣ୍ଠ ଦାଶ ଏହି ମର୍ମରେ ମତ ଦେଇଛନ୍ତି—"କି ସୁନ୍ଦର ସରସତାରେ

ନିଜର ଦୈନ୍ୟ ଦୁର୍ବଳତା ପର୍ଯ୍ୟନ୍ତ ଫକୀରମୋହନ ଏଥିରେ ପ୍ରକାଶ କରି ଦେଲେ ବେଳେ ଗଣ୍ଡିର ଆତ୍ମଗ୍ଲାନିକୁ ଆତ୍ମଶ୍ଲାଘାରେ ପରିଣତ କରିଛନ୍ତି, ଅଥଚ ପ୍ରାଣରେ ଚଞ୍ଚଳତା ବା ନିଜକୁ ବହୁମାନ ଦେବାର ଉଦ୍‌ବେଗ ନାହିଁ, ଏହା ମଧ୍ୟ ଏକ ଦେଖିବାର ଜିନିଷ ।"

(ଫକୀରମୋହନ ଗ୍ରନ୍ଥାବଳୀ—ଭୂମିକା)

ବାସ୍ତବିକ ଆତ୍ମଚରିତକାର ନିଜକୁ ସମ୍ମାନିତ କରିବାର ଅଭିଳାଷ ପୋଷଣ କଲେ, ଜୀବନୀ ଉପସ୍ଥାପନା ବାସ୍ତବତାଠାରୁ ଦୂରେଇ ଯିବା ସ୍ୱାଭାବିକ । ଆଲୋଚ୍ୟ ଲେଖକ ଚିନ୍ତାମଣି ମହାନ୍ତି ଆପଣା ଆତ୍ମଚରିତ ରଚନାରେ ଏହାକୁ ସ୍ୱୀକାର କରିଛନ୍ତି । ସମ୍ମାନିତ ହେବାର ଅଭିଳାଷ ନାହିଁ—ବହୁମାନ ହାସଲର ଆକାଂକ୍ଷା ନାହିଁ, ଅଥଚ ଜୀବନଧାରାର ସ୍ୱାଭାବିକତା ଭିତରେ ଚରିତ ରଚନାର ସ୍ରୋତ ବୋହି ଚାଲିଛି । ଫକୀରମୋହନ ଜୀବନବାଦୀ ଶିଳ୍ପୀ ଭାବରେ ଜୀବନର ଅମ୍ଳାନ ସ୍ୱାକ୍ଷର ଅଙ୍କନ ପ୍ରତି ଯେପରି ଗୁରୁତ୍ୱ ଦେଇଛନ୍ତି, ଚିନ୍ତାମଣି ମଧ୍ୟ ସେପରି ସତ୍ୟ ଭାଷଣରେ 'ଜୀବନ ପଞ୍ଜିକା'କୁ ସରସ ଓ ଜୀବନ୍ତ କରିଛନ୍ତି । ପ୍ରକୃତ ଜୀବନଚରିତକାର କେବେ ହେଲେ ଜୀବନର ସମସ୍ତ ଅଂଶ ପ୍ରକାଶ ଲାଗି କୁଣ୍ଠାବୋଧ କରନ୍ତି ନାହିଁ । କୁଣ୍ଠା ଓ ଲଜ୍ଜାହୀନ ଭାବେ ସବୁକୁ ପ୍ରକାଶ କରିବାରେ ଯେପରି ତାଙ୍କର ପରମ ତୃପ୍ତି ଓ ସନ୍ତୋଷ । ଫକୀରମୋହନଙ୍କ ଜୀବନର ଅନ୍ୟ ଏକ ଘଟଣା ଦୃଷ୍ଟାନ୍ତ ସ୍ୱରୂପ ଉପସ୍ଥାପନ କରାଯାଇପାରେ । ସେ ସେତେବେଳେ ଡୋମପଡ଼ାରେ ଦେବାନୀ ଥାଆନ୍ତି । ଏହା ୧୮୭୬ରୁ ୧୮୭୭ ମସିହାର କଥା । ବିସ୍ତୃତ ବିବରଣୀ ଲାଗି 'ଜୀବନଚରିତ'ର ଚତୁର୍ଦ୍ଦଶ ପରିଚ୍ଛେଦ ପାଠକେ ଅଧ୍ୟୟନ କରିପାରନ୍ତି । କରବୃଦ୍ଧିର ପ୍ରତିବାଦ ସ୍ୱରୂପ ପ୍ରଜା ଆନ୍ଦୋଳନ ଆରମ୍ଭ ହୁଏ । ତା'ର ନେତୃତ୍ୱ ନେଇଥାଆନ୍ତି ପଧାନମାନେ । ଏମାନଙ୍କ ପ୍ରତି ଫକୀରମୋହନଙ୍କ କ୍ରୁର ଦୃଷ୍ଟି ପଡ଼ିଲା । ମିଥ୍ୟା ଓ ଅନ୍ୟାୟ ଅଭିଯୋଗରେ ସେମାନଙ୍କ ପ୍ରତି ସେ ଯେପରି ଦଣ୍ଡାଦେଶ ଦେଇଥିଲେ ତାହା ତାଙ୍କ ଜୀବନର ଏକ କଳଙ୍କମୟ ଅଧ୍ୟାୟ । ଏଥି ମିଥ୍ୟା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ମଧ୍ୟ, ସେ ମିଥ୍ୟା ସ୍ୱାକ୍ଷର ବ୍ୟବସ୍ଥା କରିଥିଲେ । ନିଧି ପଟ୍ଟନାୟକଙ୍କୁ ନିଜ ପାଇଁ ଯେପରି କୁଚକ୍ରାନ୍ତରେ ପକାଇଛନ୍ତି, ତାହା ମଧ୍ୟ ତାଙ୍କ ଜୀବନରେ ହୋଇଛି ଅନୁତାପ ଓ ଅବଶୋଷର କାହାଣୀ । ମୁକ୍ତ କଣ୍ଠରେ ଅବଶୋଷ ହୃଦୟରେ ସ୍ୱୀକାର କରି ସେ କହନ୍ତି—"ମୁଁ ନିଧି ପଟ୍ଟନାୟକଙ୍କ ସହିତ ଯେଉଁ କୂଟ ବ୍ୟବହାର କରିଥିଲି, ଡୋମପଡ଼ା ପରିତ୍ୟାଗ ପୂର୍ବେ ସେଥିର କଞ୍ଚିତ ପ୍ରାୟଶ୍ଚିତ କରି ଆସିଅଛି । ରାଜସ୍ୱ ଆଦାୟ ନଦେବାରୁ ପଟ୍ଟନାୟକେ ତାଙ୍କର ସମସ୍ତ ଘରଜମିରୁ ବେଦଖଲ ହୋଇଥିଲେ । ସେ ସମୟରେ ତାଙ୍କର ଯେପରି ଦୁରବସ୍ଥା, ସେଥିରେ ରାଜସ୍ୱ ଆଦାୟ ଦେଇ ଜମି ଦଖଲ କରିବା ତାଙ୍କ ପକ୍ଷରେ କୌଣସି ପ୍ରକାରେ

ସମ୍ଭବପର ନଥିଲା । ମୁଁ ତାଙ୍କର ଦେୟ ବକେୟା ଖଜଣା ଛଡ଼ାଇବାକୁ ଟଙ୍କା ନିଜ ହାତରୁ ଆଦାୟ ଦେଇ ଚିରସ୍ଥାୟୀ ରୂପେ ତାଙ୍କ ନାମରେ ଜମି ବନ୍ଦୋବସ୍ତ କରିଦେଇ ଆସିଛୁ ।" ଏହି ଉକ୍ତିରୁ ଫକୀରମୋହନ କିପରି ସ୍ପଷ୍ଟଭାଷୀ ତାହା ସୂଚିତ ହୁଏ । ଇଚ୍ଛା କରିଥିଲେ, ଜୀବନର ଏହି କଳଙ୍କିତ ଅଧ୍ୟାୟକୁ ସଂପୂର୍ଣ୍ଣ ଅନ୍ଧକାର ଭିତରେ ଲୁକ୍କାୟିତ ରଖିପାରିଥାଆନ୍ତେ । କିମ୍ବା ଆଦର୍ଶ ଜୀବନର ଅବତାରଣା ପାଇଁ କୁଟଚକ୍ରାନ୍ତ ଓ ମିଥ୍ୟା ଅଭିଯୋଗ ଅବା ଦଣ୍ଡାଦେଶ ଏସବୁକୁ ଜୀବନଚରିତରୁ ସଂପୂର୍ଣ୍ଣ ଲିଭାଇ ଦେଇଥାଆନ୍ତେ । ମାତ୍ର ଫକୀରମୋହନଙ୍କ ପରି ବାସ୍ତବବାଦୀ ଶିଳ୍ପୀଙ୍କ ପକ୍ଷେ ମିଥ୍ୟାଭାଷୀ ହେବା ସମ୍ଭବ ହେବ ବା କିପରି ? ଏହି ସତ୍ୟପ୍ରକାଶ ହିଁ ଜୀବନଚରିତକୁ ଯୁଗେ ଯୁଗେ ମର୍ଯ୍ୟାଦା ଦେଇଥାଏ, ଏହାର ଶ୍ରୀବୃଦ୍ଧି ସାଧନ କରିଥାଏ । ବିଶିଷ୍ଟ ଲେଖକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଏ ପ୍ରସଙ୍ଗରେ କହିଛନ୍ତି—"ଜୀବନଶିଳ୍ପୀ ଫକୀର ମୋହନ ନିଜକୁ ସମ୍ମାନିତ କରିବା ପାଇଁ ମିଥ୍ୟାଭାଷଣ ଦ୍ୱାରା ଜୀବନର ଅନାହତ ମହିମା ଓ ସୌନ୍ଦର୍ଯ୍ୟକୁ କ୍ଷୁର୍ଣ୍ଣ କରିବା ସମୀଚୀନ ବିବେଚନା କରିନାହାନ୍ତି । ଏହି ଅକପଟ ଆନ୍ତରିକତା ଫକୀରମୋହନଙ୍କ ଆତ୍ମଚରିତକୁ ଯେଉଁ କଳାଗତ ବୈଶିଷ୍ଟ୍ୟ ପ୍ରଦାନ କରିଅଛି, ସମାଲୋଚନାରେ ତାହା ନିରୂପଣ କରିବା ସମ୍ଭବ ନୁହେଁ ।"

('ଫକୀର ମୋହନ ସମୀକ୍ଷା'—ପୃଷ୍ଠା-୧୩୫)

ଏହି ପ୍ରସଙ୍ଗରେ ବିଶିଷ୍ଟ ଗୀତିନାଟ୍ୟକାର କବି ବୈଷ୍ଣବ ପାଣିଙ୍କ 'ଆତ୍ମ-କାହାଣୀ'କୁ ଉଲ୍ଲେଖ କରାଯାଇପାରେ । ତାଙ୍କ ଜୀବନ ଯେପରି ବିଚିତ୍ର ରୂପରେ ଗଠିତ, ଆତ୍ମଜୀବନୀ'ରେ ସେପରି ସେ ତା'ର ସଠିକ୍ ବାସ୍ତବ ବିବରଣୀ ଦେବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । ଜୀବନର କଳା ଦାଗ ପ୍ରତି ସେ ପାଠକର ଦୃଷ୍ଟି ଆକର୍ଷଣ କରିଛନ୍ତି । କୌଣସି ଘଟଣା ଗୋପନ ନରଖି ସ୍ପଷ୍ଟ ଭାବରେ ସବୁ କଥା ଉପସ୍ଥାପନ କରିଥିବା ହେତୁ, ଏହାର କଳା ନୈପୁଣ୍ୟ ପ୍ରତି କବି ଦୃଷ୍ଟି ଦେଇପାରି ନାହାନ୍ତି ବୋଲି କେତେକ ସମାଲୋଚକ ମତ ଦିଅନ୍ତି । ଏହା ସତ୍ତ୍ୱେ, କବି ଯେପରି ଭାବେ ଆପଣା ଆତ୍ମଜୀବନୀରେ ଜୀବନଯାତ୍ରାର କାହାଣୀ ନିଃସଙ୍କୋଚ ଓ ଅକପଟ ଭାବେ ପ୍ରକାଶ କରିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ବେଶ୍ୟାଳୟରେ ପ୍ରବେଶ ଠାରୁ ମଦ୍ୟପାନ ପର୍ଯ୍ୟନ୍ତ ସବୁ ଅସାମାଜିକ କାର୍ଯ୍ୟରେ ସେ ଥିଲେ ଧୂରନ୍ଧର । ଏସବୁ ସତ୍ତ୍ୱେ କବି ଦୁର୍ଲଭ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି । 'ଆତ୍ମଚରିତ' ରଚନାରେ କେଉଁ କଥାକୁ ବାଦ ଦିଆଯିବ, କିମ୍ବା କେଉଁ କଥାକୁ ଅଧିକ ଗୁରୁତ୍ୱ ଦିଆଯିବ, ଏ ବିଷୟରେ ସେ କରିନାହାନ୍ତି । ଯାହା ଅଙ୍ଗେ ନିଭାଇଛନ୍ତି, ଯେଉଁ ଘଟଣା ଓ ଦୁର୍ଘଟଣା ଭିତରେ ସେ ଗତି କରିଛନ୍ତି, ସବୁକୁ ପ୍ରକାଶ କରିବା ଲାଗି କୁଣ୍ଠା ବୋଧ କରି ନଥିଲେ । ମାତ୍ର କବି ପାଣି ନମ୍ର ତାକୁ ଭୁଲି ନାହାନ୍ତି । ସେ କହିଥିଲେ—"ଯେଉଁମାନେ ଲୋକର ଦୋଷ

ନ ଦେଖି ଗୁଣ ପ୍ରତି ଦୃଷ୍ଟି ରଖନ୍ତି, ସେହିମାନେ ଏକା ଜଗତରେ ପଣ୍ଡିତ । ଦେଶ, କାଳ, ପାତ୍ର ବିବେଚନା କରି ଦୋଷ ଥିଲେ ମୋତେ କ୍ଷମା ଦେବ ।"

ଆତ୍ମଚରିତ ଲେଖକ ନିଜକୁ ବଡ଼ ବୋଲି ଚିତ୍ରଣ କରିବା କିମ୍ବା ସମସାମୟିକ ଆପଣା ବିରୋଧୀ ବ୍ୟକ୍ତିଙ୍କ ବିରୁଦ୍ଧରେ ମତ ବ୍ୟକ୍ତ କରିବା ଉଚିତ ନୁହେଁ । ଅସୂୟାର ବଶବର୍ତ୍ତୀ ହେଲେ କିମ୍ବା ମିଥ୍ୟାର ଆଶ୍ରୟ ନେଲେ, ଆତ୍ମଚରିତ ସଫଳତା ହରାଇବସେ ଓ କଳାମୂଲ୍ୟ ହ୍ରାସ ପାଏ । ଏହି ଦୃଷ୍ଟିରୁ ବିଶ୍ଳେଷଣ କଲେ କବିଶେଖରଙ୍କ 'ଜୀବନ ପଞ୍ଜିକା' ସାର୍ଥକ ସୃଷ୍ଟି ମନେ ହୋଇଥାଏ । ଏଥିରେ ମିଥ୍ୟାର ଅବତାରଣା ନାହିଁ— ଅତିରଞ୍ଜନ ଠାରୁ ଲେଖକ ବହୁ ଊର୍ଦ୍ଧ୍ୱରେ ଏବଂ ଅସୂୟା ତାଙ୍କୁ ଗ୍ରାସ କରିନାହିଁ । ସେ ସତ୍ୟାନ୍ୱେଷଣର ପ୍ରିୟ ଥିଲେ । ସେଥିପାଇଁ ମନ କଥା ମନରେ ନରଖି, ତାହା ପ୍ରକାଶ କରିବାରେ ତାଙ୍କର କୁଣ୍ଠା ନ ଥିଲା । ଏପରି କେତେଗୁଡ଼ିଏ ଘଟଣା ଓ ଅଭ୍ୟାସ ରହିଥିଲା, ଯାହା ତାଙ୍କ ଜୀବନର ଅନ୍ଧକାରକୁ ପ୍ରକଟିତ କରିଥାଏ । ଚିନ୍ତାମଣି ନିଜକୁ ସମ୍ମାନିତ ପୁରୁଷର ଗୌରବ ଦେବା ଆଶାରେ ଏହି ଅନ୍ଧକାର ଦାଗକୁ ମିଥ୍ୟା ପରଦାରେ ଢାଙ୍କି ଦେଇ ପାରିଥାଆନ୍ତେ । ମାତ୍ର ସେ ଥିଲେ ଫକୀର ମୋହନଙ୍କ ପରି ସତ୍ୟାନ୍ୱେଷୀ, ସ୍ପଷ୍ଟବାଦୀ ଓ ନିର୍ଭୀକ ଜୀବନଶିଳ୍ପୀ । ସେଥିପାଇଁ 'ଜୀବନ ଚରିତ'ର ସମ୍ମାନ ରକ୍ଷା ଦୃଷ୍ଟିରୁ ସାଧାରଣ ବିଚାରରେ ଯାହାସବୁ ମନ୍ଦ ଓ ଅନ୍ଧକାର, ତାହା ସେ ଦ୍ୱିଧାହୀନ ଭାବେ ମୁକ୍ତ କଣ୍ଠରେ ଗାଇଥିଲେ । ସଂଯମତା ଅବଲମ୍ବନ ସମସ୍ତଙ୍କ ଜୀବନରେ ସମ୍ଭବ ହୁଏ ନାହିଁ । ତାଙ୍କ ଜୀବନରେ ବି ହୁଏତ ଏହା ସମ୍ଭବ ହୋଇ ନଥିଲା । ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସଂଯମ ଶିକ୍ଷା କରିପାରି ନଥିଲେ । ମିଥ୍ୟାବାଦୀ ଓ କ୍ଷଣକୋପୀ ବୋଲି ନିଜକୁ ପରିଚୟ ଦେଇଛନ୍ତି । ସମସ୍ତଙ୍କ ସ୍ୱାଧୀନତା ହରଣରେ ଅଭ୍ୟସ୍ତ । ମାତ୍ର ନିଜ ସ୍ୱାଧୀନତା କାହାକୁ ଦିଅନ୍ତି ନାହିଁ । ଅନ୍ୟକୁ ନିଜ ଆୟତ୍ତରେ ରଖିବା ଲାଗି ଚେଷ୍ଟା କରନ୍ତି । ବନ୍ଧୁ କ୍ଷେତ୍ରରେ ସ୍ୱାର୍ଥପର ଥିଲେ । ଆପଣାର କେତୋଟି କୁଅଭ୍ୟାସ ପାଇଁ ନିଜେ ଲଜ୍ଜିତ ହୋଇ ବି ସୁଦ୍ଧା, ତାହା ଛାଡ଼ିପାରି ନାହାନ୍ତି । ମୋହ, ମାୟାରେ ଥିଲେ ଆବଦ୍ଧ । ନିଜ ମତରେ ଅନ୍ୟକୁ ଚଳାଇବା ଲାଗି ସେ ଇଚ୍ଛା କରନ୍ତି । ସମସ୍ତଙ୍କର ସ୍ୱତନ୍ତ୍ର ମତାମତ ଓ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ତଥା ଆଦର୍ଶ ରହିଛି, ଏହାକୁ ଭୁଲି ଯାଉଥିଲେ । ଏହିପରି କେତୋଟି ମନ୍ଦଗୁଣ ନିଜ ଜୀବନଚରିତରୁ ଚିନ୍ତାମଣି ସହଜରେ ବାଦ ଦେଇପାରି-ଥାଆନ୍ତେ । ଏହାଦ୍ୱାରା ହୁଏତ ଉତ୍ତରପୁରୁଷଙ୍କ ଦ୍ୱାରା ସେ ଅଧିକ ସମ୍ମାନିତ ହେବେ, ଏହି ଅଭିଳାଷ ପୋଷଣ କରିପାରିଥାଆନ୍ତେ । ମାତ୍ର ଏପ୍ରକାର ଅଭିଳାଷ ତାଙ୍କର ନଥିଲା । ଅକପଟ ଭାଷାରେ ଜୀବନଧାରାକୁ ପ୍ରକାଶ କରିବାରେ ସେ ଥିଲେ ସଚ୍ଚୋଟ ସାଧକ । ସେଥିପାଇଁ ତାଙ୍କ ଜୀବନ ଚରିତ ସତ୍ୟ, ବାସ୍ତବ ଓ ଜୀବନ୍ତ ରୂପେ ଆମ ଆଗରେ ପ୍ରତିଭାତ ହେଉଛି । ଯେଉଁଠୁ ସେ ଉପକାର, ମାନସିକ ଓ ଆର୍ଥିକ ସହଯୋଗ

ଯାଉଛନ୍ତି, ସେଠାରେ ଚନ୍ଦ୍ରାମଣି କୃତଜ୍ଞଚିତ୍ତରେ ମଥା ନତ କରିଛନ୍ତି । ନମ୍ରତାରେ ଜୀବନ ଭରିନାନ୍ତ ହୋଇଯାଉଛି । ଉପକାର ଓ ସାହାଯ୍ୟ ଲାଗି ଯେତେବେଳେ ଯଥୋଚିତ ପ୍ରତିଦାନ ଦେବାକୁ ସକ୍ଷମ ହୋଇ ନାହାନ୍ତି, ସେତେବେଳେ ନିଜର ଅକ୍ଷମତା ଲାଗି ଅବଶୋଷ କରିଛନ୍ତି । ଚନ୍ଦ୍ରାମଣିଙ୍କ 'ଜୀବନ ପଞ୍ଜିକା' ଜଣେ ସଂଗ୍ରାମୀ ମଣିଷ ତଥା ସାଧାରଣ ମଣିଷ ଜୀବନର ବାର୍ତ୍ତାବାହକ ଓ ବାସ୍ତବ ପ୍ରତିନିଧି । ଏହାର ସ୍ୱାଭାବିକତା ହିଁ ବୈଶିଷ୍ଟ୍ୟ । ଏ ସମ୍ପର୍କିତ ଆଲୋଚ୍ୟ ଏହି ପୁସ୍ତକରେ ପୂର୍ବରୁ ବିଶେଷତଃ ୧୧୧ ଓ ୧୧୨ ପୃଷ୍ଠାରେ ହୋଇଛି ଏବଂ କବିଙ୍କ ନିଜ ସ୍ୱୀକାରୋକ୍ତି ପ୍ରସଙ୍ଗକ୍ରମେ ଉପସ୍ଥାପନ କରାଯାଇଛି ।

ଚନ୍ଦ୍ରାମଣି ଆତ୍ମଚରିତ ରଚନାରେ ସାହିତ୍ୟିକ ଶୈଳୀ ପ୍ରୟୋଗ କରିଛନ୍ତି । ବିଶେଷତଃ ଗାଉଁଲି ଶବ୍ଦ ଓ ତତ୍କାଳୀନ ପ୍ରଚଳିତ ଭାଷାକୁ ସେ ଏଥିରେ ସ୍ଥାନ ଦେଇଛନ୍ତି । ତାଙ୍କର ଅନ୍ୟାନ୍ୟ ରଚନା ପରି ଏହା ଅତ୍ୟନ୍ତ ସୁଖପାଠ୍ୟ ହୋଇଛି । ମାତ୍ର କେତେକ ସ୍ଥଳରେ ବର୍ଣ୍ଣନା ବହୁଳତା ପାଠକର ଧୈର୍ଯ୍ୟହାନି ଘଟାଏ । କବି ଆତ୍ମକାହାଣୀ ବର୍ଣ୍ଣନା ବେଳେ, ଏହା ପ୍ରତି ଦୃଷ୍ଟି ଦେଇଥିଲେ, 'ଜୀବନ ପଞ୍ଜିକା'ର ମହତ୍ତ୍ୱ ଅଧିକ ବୃଦ୍ଧି ପାଇଥାଆନ୍ତା ।

ଆତ୍ମଚରିତ ରଚନା ପୂର୍ବରୁ ଚନ୍ଦ୍ରାମଣି ଲେଖିଥିବା ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ 'ଜୀବନ ଚରିତ' ଜୀବନୀ ସାହିତ୍ୟରେ ଏକ ଅମଳିନ କୀର୍ତ୍ତି । ଏଥିରେ ଦୁହିଁଙ୍କ ଭିତରେ କିପରି ସୁସଂପର୍କ ରହିଥିଲା ଓ ଭାବର ଆଦାନ ପ୍ରଦାନ ହେଉଥିଲା ସର୍ବୋପରି ଦୁହିଁଙ୍କ ଭିତରେ ସ୍ଥାପିତ ହୋଇଥିବା ଅକୃତ୍ରିମ ବନ୍ଧୁଭାବର ଜ୍ୱଳନ୍ତ ବିବରଣୀ ଉପସ୍ଥାପିତ ହୋଇଛି । ଦୁହେଁ ଥିଲେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ଦୈନ୍ୟ ଭିତରେ ଜୀବନ ଗଠନ ଲାଗି ଉଦଗ୍ର କାମନା ବାସନା ଭରି ରହିଥିଲା । ଦୁହେଁ ଥିଲେ ସାମ୍ବାଦିକ—ସଂପାଦକ ଓ ସାହିତ୍ୟିକ । ଏହି ପୁସ୍ତକରେ ପଣ୍ଡିତ ନୀଳମଣିଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଆଦର୍ଶ ବର୍ଣ୍ଣିତ ହୋଇଛି । ଅନ୍ୟମାନେ ପରବର୍ତ୍ତୀ କାଳରେ ଯେପରି ଏହି ଜୀବନୀ ଦ୍ୱାରା ଅନୁପ୍ରାଣିତ ଓ ଉଦ୍‌ବୁଦ୍ଧ ହେବେ, ତାକୁ ଦୃଷ୍ଟିରେ ରଖି ଚନ୍ଦ୍ରାମଣି ପୁସ୍ତକଟି ରଚନା କରିଛନ୍ତି । ଏହି ପୁସ୍ତକରେ, ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସାହିତ୍ୟ ସେବାଲାଗି କିପରି ଅକୁଣ୍ଠିତ ଚିତ୍ତରେ ଅଗ୍ରସର ହୋଇଛନ୍ତି, ତା'ର ଅନୁଭୂତି-ଲବ୍ଧ ବିବରଣୀ ଲେଖକ ଉପସ୍ଥାପନ କରିଛନ୍ତି । ନୀଳମଣିଙ୍କୁ ସେ ଖୁବ୍ ସମ୍ମାନ ଦେଉଥିଲେ । ତାଙ୍କ ସାଧନା ଓ ପ୍ରତିଭା ପ୍ରତି ଚନ୍ଦ୍ରାମଣିଙ୍କର ଶ୍ରଦ୍ଧା ରହିଥିଲା । ସେ ପଣ୍ଡିତ ବିଦ୍ୟାରତ୍ନଙ୍କ ସାହିତ୍ୟ ଶୈଳୀ ଉପରେ ମନ୍ତବ୍ୟ ଦେଇ କହିଛନ୍ତି—"ତାହାଙ୍କର ଲେଖନୀ ଗିରି-ନିର୍ଝର ବା ସରିତ୍ ପ୍ରବାହ

ସଦ୍‌ଗୁଣ ଲେଖିଲାବେଳେ ଅଗ୍ରସର ହେଉଥାଏ । ସେ ଅତି ସରଳ ଗ୍ରାମ୍ୟଭାବକୁ ଉଚ୍ଚ ସାଧୁଭାଷାରେ ବ୍ୟକ୍ତ କରିବା ବିଷୟରେ ସୁନିପୁଣ ଥିଲେ ।'' ବାସ୍ତବିକ ସମାଜର ନଗଣ୍ୟ, ହେୟ ଓ ଅବହେଳିତ ବସ୍ତୁକୁ ଉପଜୀବ୍ୟ କରି ଉଚ୍ଚ ସାହିତ୍ୟ ସୃଷ୍ଟି ହୋଇପାରେ ଏହାହିଁ ଥିଲା ନୀଳମଣିଙ୍କର ବିଶ୍ୱାସ । ଏହି ବିଶ୍ୱାସର ମଧ୍ୟ ବଶବର୍ତ୍ତୀ ହୋଇଥିଲେ ଚିନ୍ତାମଣି । ପାଶ୍ଚାତ୍ୟ ଚିନ୍ତାଧାରା କିପରି ସାଧାରଣରେ ପ୍ରବେଶ କରିପାରିବ, ଏଥିପାଇଁ ତତ୍କାଳୀନ ସାମ୍ବାଦିକ-ସାହିତ୍ୟିକମାନେ ଚିନ୍ତିତ ଥିଲେ ଏବଂ ଆପ୍ରାଣ ଉଦ୍ୟମ କରୁଥିଲେ ତାହା ଏହି ଜୀବନୀରୁ ପ୍ରମାଣିତ ହୁଏ । ନୀଳମଣିଙ୍କୁ ଲେଖକ ଯେମିତି ଭାବରେ ଅଧ୍ୟୟନ କରିଛନ୍ତି, ମାନବିକତାର ବିଚାରଧାରାରେ ବିଶ୍ଳେଷଣ କରିଛନ୍ତି, ସେସବୁ ବାସ୍ତବ ରୂପରେ ରୂପାୟିତ ହୋଇଛି ଏହି ଜୀବନୀରେ । ପ୍ରକୃତରେ ଯାହାଙ୍କ ସମ୍ବନ୍ଧରେ ଜୀବନୀ ଲେଖା ହେଉଛି, ତାଙ୍କ ପ୍ରତି ଜୀବନୀ ଲେଖକଙ୍କର ଶ୍ରଦ୍ଧା ସ୍ନେହ ଓ ଆନ୍ତରିକତା ଭିଣା ଥିଲେ, ସେ କେବେହେଲେ ଜୀବନୀକୁ ଜୀବନ୍ତ ଭାବେ ଉପସ୍ଥାପନ କରିବା ସମ୍ଭବ ହୁଏନାହିଁ । ଦୁହେଁ ଯେମିତି ଆନ୍ତରିକତାର ବନ୍ଧନରେ ବାନ୍ଧି ହୋଇପଡ଼ିଥିଲେ ତାହା ଅତୁଳନୀୟ । ଚିନ୍ତାର ଯଥେଷ୍ଟ ସାମଞ୍ଜସ୍ୟ ଥିବା ହେତୁ ଦୁଇଟି ଜୀବନ ଗୋଟିଏ ଧାରାରେ ଗତି କରିଥିଲା । ଏ ପ୍ରସଙ୍ଗରେ ପୂର୍ବରୁ ଆଲୋଚିତ ହୋଇଥିବାରୁ, ଏହାର ରୋମନ୍ଥନ ଅନାବଶ୍ୟକ ମନେହୁଏ ।

ଏହି ଗ୍ରନ୍ଥର ଜଣେ ମୁଗ୍ଧ ପାଠକ ସମାଲୋଚକ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ଲେଖିଛନ୍ତି—''ନୀଳମଣି ବିଦ୍ୟାରତ୍ନଙ୍କ ଜୀବନୀ ଚିନ୍ତାମଣିଙ୍କର ଏକ ଅମଳିନ କୀର୍ତ୍ତି । ଓଡ଼ିଶାର ଏହି ବରେଣ୍ୟ ଦେଶହିତୈଷୀ, କର୍ମୀ, ସଂଗଠକ, ଲେଖକ ଓ ସାମ୍ବାଦିକଙ୍କ ଜୀବନଚରିତଟି ପ୍ରଣୟନ କରି ଚିନ୍ତାମଣି ଓଡ଼ିଆ ସାହିତ୍ୟର ଏକ ମହତ୍ ଅଭାବ ପୂରଣ କରିଯାଇଅଛନ୍ତି । ଏପର୍ଯ୍ୟନ୍ତ ଏହାହିଁ ବିଦ୍ୟାରତ୍ନଙ୍କ ଅମର-ଜୀବନର ପ୍ରାମାଣିକ ବିବରଣୀ ଭାବେ ଗ୍ରହଣୀୟ ।''

('ନବ ଯୁଗର କବି ଓ କାବ୍ୟଧାରା'—ପୃଷ୍ଠା-୫୩)

'ଆତ୍ମଚରିତ' ଏକ କଳା । ଏଥିରେ କଳାନୈପୁଣ୍ୟ ପ୍ରକଟିତ ହୋଇଥାଏ । ସାହିତ୍ୟ ଠାରୁ ଭିନ୍ନ କରି ଏହାକୁ ବିଚାର କରାଯାଇନପାରେ । ସାହିତ୍ୟରେ ଏହାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅନ୍ୟାନ୍ୟ ବିଭାଗ ପରି ସାହିତ୍ୟରେ ଚରିତ ରଚନା ମଧ୍ୟ ଅନ୍ୟତମ ବିଭାଗ । ଏହା ରଚନାବେଳେ ସାହିତ୍ୟିକ ମୂଲ୍ୟବୋଧ ପ୍ରତି ଲେଖକ ଅବହେଳା କଲେ, କଳାଗତ ପ୍ରାଣର ସୌନ୍ଦର୍ଯ୍ୟ ଅନୁଭବ କରି ହୁଏ ନାହିଁ, ଏବଂ ସୃଷ୍ଟି କଳାଶ୍ରୀ ମଣ୍ଡିତ ହୁଏ ନାହିଁ । ଏହି ସାହିତ୍ୟ ଦ୍ୱାରା ମଧ୍ୟ ସମାଜ ଉପକୃତ ହୋଇଥାଏ । ଯଥାର୍ଥରେ ସମାଲୋଚକ ଶ୍ରୀ ଚିନ୍ତାମଣି ବେହେରା କହନ୍ତି—''ପ୍ରକୃତ ସାହିତ୍ୟ ରସରେ ସମୃଦ୍ଧ ଜୀବନଚରିତ ବା ଆତ୍ମଚରିତ ମନୁଷ୍ୟ ମନ ଗଠନ ଦିଗରେ ସର୍ବବିଶେଷ ସହାୟକ

ଏହାଦ୍ୱାରା କେବଳ ଯେ ସାହିତ୍ୟର ପରିପୁଷ୍ଟି ସାଧିତ ହୁଏ ତାହା ନୁହେଁ, ସମାଜ-ଚେତନାର ମଧ୍ୟ ପରିପୁଷ୍ଟି ସଂସାଧିତ ହୋଇଥାଏ; କିନ୍ତୁ ଦୁଃଖର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ ଏ ବିଷୟରେ ଅନେକଙ୍କ ମନରେ ସଠିକ ଧାରଣା ଗଢ଼ି ଉଠିନି, ଜୀବନୀ ସାହିତ୍ୟର ପ୍ରକୃତ ତାତ୍ପର୍ଯ୍ୟ ଖୁବ୍ କମ୍ ପାଠକ ହିଁ ହୃଦୟଙ୍ଗମ କରିଥାନ୍ତି । ମହତ୍ ସାହିତ୍ୟ, ଯାହାକୁ ଆମେ କହୁ ସୃଜନଧର୍ମୀ ସାହିତ୍ୟ ବା Creative literature ମାନବ ଜୀବନର ହିଁ ଅଂଶବିଶେଷ । ଏଥିରେ ପ୍ରତିଫଳିତ ଶାଶ୍ୱତ କାଳର ଅନୁଭୂତି ଓ ଚିନ୍ତା ଯୁଗ ଯୁଗାନ୍ତର ଧରି ମନୁଷ୍ୟମାନଙ୍କୁ ନବ ନବ ସୃଷ୍ଟି ପଥରେ ପ୍ରତ୍ୟକ୍ଷ ପ୍ରେରଣା ପ୍ରଦାନ କରିଥାଏ । ତାକୁ ହିଁ ଆମେ କହୁଁ ସାର୍ଥକ ଆତ୍ମଜୀବନୀ ବା ଜୀବନଚରିତ, ଯାହା ମହତ୍ ସାହିତ୍ୟର ଗୋଟିଏ ଅପରିହାର୍ଯ୍ୟ ଅଂଶ ଭାବରେ ଆମ ନିକଟରେ ଉପସ୍ଥିତ ହୋଇ ଆମ ଚିନ୍ତାକୁ କରେ ଉଦ୍ଦୀପ୍ତ ଏବଂ ଚିତ୍ତକୁ କରେ ସରସ ।”

(‘ବିଦଗ୍ଧ ପାଠକ’—ପୃଷ୍ଠା—୯୧)

କବିଶେଖରଙ୍କ ‘ଜୀବନ ପଞ୍ଜିକା’ ଓଡ଼ିଆ ସାହିତ୍ୟରେ ପ୍ରକାଶିତ ଅନ୍ୟାନ୍ୟ ଆତ୍ମଚରିତ ଠାରୁ ନ୍ୟୂନ ନୁହେଁ । ଏହାର ବଳିଷ୍ଠ ଆତ୍ମସତ୍ତା ରହିଛି, ସୁଦୃଢ଼ ଭିତ୍ତିଭୂମିରେ ପ୍ରାଣ ପ୍ରତିଷ୍ଠିତ । ସ୍ୱର ସ୍ପଷ୍ଟ, ଆବେଗମୟ ଓ କଳାଶ୍ରୀମଣ୍ଡିତ । ମାତ୍ର ଏହି ଅମଳିନ କୃତି ଆଲୋଚିତ ହୋଇ ପାରିନାହିଁ । ଏପରିକି ଜୀବନୀ ସାହିତ୍ୟ ଆଲୋଚନା ପର୍ଯ୍ୟାୟରେ ମଧ୍ୟ ଏହି ପୁସ୍ତକ ତାଲିକାଭୁକ୍ତ ହେଉନାହିଁ । ଯେଉଁ କେତୋଟି ଆତ୍ମଚରିତ କେଉଁ କାଳରୁ ଆମ ସହିତ ପରିଚିତ ଏବଂ ଯାହାଙ୍କ ପୃଷ୍ଠାରେ ପାଠ୍ୟପୁସ୍ତକ କିମ୍ବା ପ୍ରଶଂସାପତ୍ରର ମୋହର ଶୋଭିତ, ସେହିମାନେ ସମାଲୋଚକଙ୍କ ଦୃଷ୍ଟିକୁ ଆସନ୍ତି । ମାତ୍ର ଏମାନଙ୍କ ପରେ ଆଲୋଚ୍ୟ ପୁସ୍ତକ ପରି ଆଉ ଯେଉଁ କେତୋଟି ମୂଲ୍ୟବାନ ଆତ୍ମଚରିତ ଲିଖିତ ହୋଇଛି, ସେଗୁଡ଼ିକ ଭାଗ୍ୟରେ ସମାଲୋଚନା ଆଲୋଚନା କିମ୍ବା ବିଶ୍ଳେଷଣର ସୂର୍ଯ୍ୟାଲୋକ ଦର୍ଶନର ସୁଯୋଗ ଆସୁନାହିଁ । ଫଳରେ କଳାରସିକ ପୁଣ୍ୟାତ୍ମାଙ୍କ ଜୀବନୀ ସାହିତ୍ୟ ସହ ପରିଚିତ ହେବା ସମ୍ଭବ ହେଉନାହିଁ । ଜୀବନରେ ପୂର୍ଣ୍ଣତା ନଥିଲେ ପରି ସାହିତ୍ୟରେ ବି ପୂର୍ଣ୍ଣତା ନାହିଁ । ତଥାପି ଯେଉଁ କାଳରେ ଯାହା ଆଲୋଚିତ ହେଉଛି, ସେହି କାଳର ସେହି ଶ୍ରେଣୀସ୍ଥ ସମସ୍ତ କୃତି ପ୍ରସଙ୍ଗ ବହିର୍ଭୂତ ନହେବା ଉଚିତ । ଏହାଦ୍ୱାରା ବିସ୍ତୃତ ଆଗାମୀ ସମୀକ୍ଷା ପାଇଁ ପଥପ୍ରଦର୍ଶନ ମିଳିଥାଏ ।

# ଉପସଂହାର ନୁହେଁ : ଉପୋଦ୍‌ଘାତ

କବିଶେଖର ଚନ୍ଦ୍ରମଣିଙ୍କ ସାହିତ୍ୟ ଆଲୋଚନାରେ ଆଦର୍ଶ-ଆଭିମୁଖ୍ୟ ଓ ସତ୍ୟାନ୍ୱେଷଣ ପ୍ରତି ଗୁରୁତ୍ୱ ଦେବାକୁ ହୁଏ । ତାଙ୍କ ସାଧନାମୟ ଜୀବନ ଥିଲା ଭିନ୍ନ । ସେ କେବେହେଲେ ସାହିତ୍ୟକୁ ସ୍ୱାର୍ଥସାଧନର ମାଧ୍ୟମ ବୋଲି ଭାବି ନାହାନ୍ତି । ପୁସ୍ତକ ପ୍ରକାଶ କରି ଖ୍ୟାତି ଅର୍ଜନର ଲାଳସା ବି ନ ଥିଲା । ସାହିତ୍ୟ ସାଧନା ତାଙ୍କୁ ଦୈନ୍ୟ, ଅଭାବ ଓ ବ୍ୟାଧିର ଯନ୍ତ୍ରଣାରୁ ମୁକ୍ତ କରିବା ଲାଗି ଉଦ୍ଦିଷ୍ଟ ହୋଇଥିଲା । ସେଥିପାଇଁ ଏହି ସାଧନା ମଧ୍ୟରୁ ସେ ଶୂନ୍ୟତା ଓ ଅବଶୋଷର ସ୍ୱରକୁ ପାସୋରି ଦେଇଥିଲେ । ବଡ଼ ଆଶାବାଦୀ ଓ ନିଷ୍ଠାପର ଜୀବନବାଦୀ ଶିଳ୍ପୀ ଭାବେ ଜୀବନକୁ ଅନୁଭବ କରିଥିଲେ । ନିଷ୍ଠା ଓ ଆତ୍ମବିଶ୍ୱାସରେ ଉଦ୍‌ବୁଦ୍ଧ ଶିଳ୍ପୀ ପ୍ରାଣରୁ ସିନା ସ୍ୱତଃ ଆଶାବାଦର ଭାଷା ପ୍ରକାଶିତ ହୁଏ ! ସେ କହିଛନ୍ତି—"ସଦ୍ୟ ପୁସ୍ତକ ଛପା ନହେଲା ବୋଲି ମୁଁ ଦୁଃଖିତ ହୁଏ ନାହିଁ । ପରିଶ୍ରମ କେବେ ବୃଥା ହୁଏ ନାହିଁ । ଏହା ମୋର ବିଶ୍ୱାସ । ଶୀଘ୍ର ହେଉ ବା ବିଳମ୍ବରେ ହେଉ, ନିଶ୍ଚୟ ତାହା ଦିନେ ଫଳଦାୟକ ହୁଏ । କାର୍ଯ୍ୟ କାରଣର ଗୋଟାଏ ସମୟ ଅଛି । ତାହାର ସମୟ ଆସିଲେ ସେ ହୁଏ ।" ପୁନଶ୍ଚ ଆପଣା ରଚନାକୁ କେହି ମୂଲ୍ୟାଙ୍କନ କରୁ କି ନକରୁ, ଏଥିପାଇଁ ସ୍ରଷ୍ଟାକୁ ସମ୍ମାନ ମିଳୁ କି ନମିଳୁ ଏଥିପ୍ରତି କବିଶେଖର ଥିଲେ ନିର୍ବିକାର । ସୃଷ୍ଟି କର୍ମ ଓ ସାଧନା ଉପରେ ଆସ୍ଥା ରଖି କହନ୍ତି—"ଲେଖାର ଯେବେ କିଛି ମୂଲ୍ୟ ଥିବ, ତେବେ ସେ ଯୁଗାନ୍ତରରେ ବି ପ୍ରକାଶ ପାଇବ । ନଚେତ୍ ଆପେ ଆପେ ପଚି ନଷ୍ଟ ହୋଇଯିବ । ଫୁଲରେ ସୁବାସ ଥିଲେ ସାତପରସ୍ତ ବଣ ଭେଦି ସେ ଚହଟି ଉଠିବ, ଅନ୍ୟଥା ଝଡ଼ିପଡ଼ି ଶୁଖି ମାଟିରେ ମିଳେଇ ଯିବ । ଏ ଧାରଣା ମୋର ସ୍ୱାଭାବିକ । ସୁତରାଂ ମୁଁ ଲେଖିଯାଏଁ ତାହା ଛପାହେଲା କି ନାହିଁ, ତାହା ଭାବେ ନାହିଁ । ସେପରି ଭାବିଲେ କର୍ତ୍ତବ୍ୟରେ ଶିଥିଳତା ଆସେ ।"

ଏପରିକି ଜଣେ ଆସକ୍ତିହୀନ ସ୍ରଷ୍ଟା କଟୁ ସମାଲୋଚନାର ଶରବ୍ୟ ହୋଇଛନ୍ତି । ତାଙ୍କ ସୃଷ୍ଟିର ଆଲୋଚନା ଓ ଅଧ୍ୟୟନ କରି ନଯାଇ ମୂଲ୍ୟହୀନ, ଅଯଥା ମନ୍ତବ୍ୟ ଦିଆଯାଇଛି । ପଣ୍ଡିତ ଗୋପବନ୍ଧୁ ଦାଶ କବିଶେଖରଙ୍କ ପ୍ରସଙ୍ଗରେ ମତ ଦେଇଥିଲେ—

"ଚନ୍ଦ୍ରମଣି ଏ ବୃଦ୍ଧ ବୟସରେ ଓଡ଼ିଆ ସାହିତ୍ୟରେ ଆବର୍ଜନା ନିକ୍ଷେପ କରୁଛନ୍ତି ।" ତାଙ୍କ ବହୁଳ ସୃଷ୍ଟି ସମ୍ଭାରକୁ ଲକ୍ଷ୍ୟକରି ଗୋପବନ୍ଧୁ ଏହି ମନ୍ତବ୍ୟ ହୁଏତ ଦେଇପାରି ଥାଆନ୍ତି । ତେବେ ଜଣେ ସ୍ରଷ୍ଟା ପ୍ରତି ଅନ୍ୟ ଜଣେ ସ୍ରଷ୍ଟାର ଏହା କିଭଳି ଉଦାର ମନୋଭାବ ତାହା ବିଚାରିବାର କଥା ! ଉତ୍କଳମଣି ଗୋପବନ୍ଧୁ ମୁଖ୍ୟତଃ ଜଣେ ସମାଜସେବୀ । ସମାଜ ସେବାରେ ତାଙ୍କର ଅବଦାନ ସୁସ୍ପଷ୍ଟ । ଅବସର ସମୟରେ ସେ କେତେବେଳେ କେମିତି ସାହିତ୍ୟ ସୃଷ୍ଟି କରନ୍ତି । ତାଙ୍କ କୃତିରେ କାବ୍ୟିକ ଆବେଦନ ଖୋଜି ବସିଲେ ପାଠକେ ନିରାଶ ହୁଅନ୍ତି । ଏତେବେଳେ ତାଙ୍କ ସୃଷ୍ଟି ମାନସକୁ ସମାଲୋଚନା କରି ଯଦି କେହି ମନ୍ତବ୍ୟ ଦିଏ ଯେ, "ସମାଜସେବୀ ଲେଖନୀରୁ ଯାହା ନିଃସୃତ ହୋଇଛି ତାହା ସାହିତ୍ୟ ନୁହେଁ," (ଏପରି ମନ୍ତବ୍ୟ ଦେବାର ଅଧିକାର ସମାଲୋଚକର ରହିଛି ଏବଂ ଏଥିପାଇଁ ଗୋପବନ୍ଧୁଙ୍କ କାବ୍ୟକୃତିରେ ଅନୁକୂଳ ପରିବେଶ ବି ସୃଷ୍ଟି ହୋଇଛି ।) ସେତେବେଳେ ସାହିତ୍ୟ ଜଗତର କେଉଁ ସ୍ୱତନ୍ତ୍ର ଆସନର ଅଧିକାରୀ ସେ ହୋଇପାରିବେ ? ମାତ୍ର ଉଦାରତା ଗୁଣରେ ସମାଲୋଚକ ତାଙ୍କ ସୃଷ୍ଟିକୁ ବିଚାର କରିଥାଆନ୍ତି । କିନ୍ତୁ ଚନ୍ଦ୍ରମଣିଙ୍କ କ୍ଷେତ୍ରରେ ଗୋପବନ୍ଧୁଙ୍କ ପରି ଜଣେ ମହତପ୍ରାଣ ବ୍ୟକ୍ତିଙ୍କ ପାଖରେ ଏହାର ବ୍ୟତିକ୍ରମ ଘଟିଲା କାହିଁକି ? ଆଜୀବନ ସାଧକଙ୍କ ସାଧନା ଓ ଅବଦାନକୁ ମାତ୍ର ଗୋଟିଏ ଧାଡ଼ିରେ ବ୍ୟଙ୍ଗ କରି ଅବହେଳିତ କରାଯାଇ ପାରିବା ହାସ୍ୟାସ୍ପଦର ବିଷୟ । ଯେଉଁ ଗୋପବନ୍ଧୁ ଜଣେ ସ୍ରଷ୍ଟାଙ୍କ ସାଧନାକୁ ଏପରି କଟୁ ମନ୍ତବ୍ୟରେ ସଂପୂର୍ଣ୍ଣ ଅପମାନ କରିପାରିଲେ, ସେହି ଗୋପବନ୍ଧୁଙ୍କ ସ୍ରଷ୍ଟା ମାନସ ଉପରେ ଡକ୍ଟର ମାୟାଧର ମାନସିଂହ ପ୍ରସଙ୍ଗ କ୍ରମେ ଦେଇଥିବା "ଶୈଳିକ ଦୃଷ୍ଟି କୋଣରୁ ଦେଖିଲେ ଏ ଦୁଇଟି ('ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ') ଯେ ଖୁବ୍ ଉଚ୍ଚକୋଟୀର, ତାହା କହି ହେବନି ।" (ଓଡ଼ିଆ ସାହିତ୍ୟର ଇତିହାସ—ପୃଷ୍ଠା-୩୪୩) ମନ୍ତବ୍ୟକୁ ଯଦି ଅଧିକ ବିଶ୍ଳେଷଣ କରାଯାଏ କିମ୍ବା ଏହିପରି ନିରପେକ୍ଷ ସମାଲୋଚକମାନେ ସମୟେ ସମୟେ ଦେଇଥିବା ମନ୍ତବ୍ୟକୁ ଯଦି ବିଚାର କରାଯାଏ, ତେବେ ସ୍ରଷ୍ଟା ଗୋପବନ୍ଧୁ କେଉଁ ଶ୍ରେଣୀସ୍ଥ କାବ୍ୟକାରର ଆସନ ପାଇବେ, ତାହା ଇତିହାସ ହିଁ ପ୍ରମାଣ ଦେବ ।

ଚନ୍ଦ୍ରମଣି ସାହିତ୍ୟିକ ମୂଲ୍ୟବୋଧ ପ୍ରତି ଗୁରୁତ୍ୱ ନଦେଇ କେବଳ ମାତ୍ର ସୃଷ୍ଟି ପ୍ରତି ଧ୍ୟାନ ଦେଇଥିଲେ । ଏ ପ୍ରସଙ୍ଗରେ ବରିଷ୍ଠ ସମାଲୋଚକ ସୁରେନ୍ଦ୍ର ମହାନ୍ତି କହିଛନ୍ତି—"ଏହି ପାନବେଶ ଜୀର୍ଣ୍ଣଶୀର୍ଣ୍ଣ ଦାରିଦ୍ର୍ୟ-କଷାଘାତ ଜର୍ଜରିତ ବ୍ୟକ୍ତିଟି ଓଡ଼ିଆ ସାହିତ୍ୟର ଇତିହାସରେ ନିଜ କୃତିର ଗୁଣାତ୍ମକ ମୂଲ୍ୟ ପାଇଁ ଯେତେ ନୁହେଁ, ପରିମାଣାତ୍ମକ ବିଚାରରୁ ପୁଣି ସାହିତ୍ୟ ନିଷ୍ଠା ପାଇଁ ଉଲ୍ଲେଖ ଦାବୀ କରନ୍ତି ।" (ଓଡ଼ିଆ ସାହିତ୍ୟର କ୍ରମବିକାଶ—ପୃଷ୍ଠା-୨୮୪) ।

ଏହି ଅନାଲୋଚିତ କବିଙ୍କ ସାରସ୍ୱତ କୃତି ପ୍ରତି ସମାଲୋଚକ ଓ ପାଠକମାନଙ୍କ ଦୃଷ୍ଟି ଆକୃଷ୍ଟ ହୋଇନାହିଁ । ସେଥିପାଇଁ ତାଙ୍କ ସାହିତ୍ୟର ମୂଲ୍ୟାଙ୍କନ ସମ୍ଭବ ହେଉନାହିଁ । ହୁଏତ ତାଙ୍କର ସମସ୍ତ ସୃଷ୍ଟି ଉଚ୍ଚକୋଟୀର ହୋଇ ନପାରେ । ଜଣେ ସ୍ରଷ୍ଟାର ସମସ୍ତ କୃତି ସାର୍ଥକ ଗୌରବ ଲଭ କରିବା ସହଜ ମଧ୍ୟ ନୁହେଁ । ତେବେ ଚନ୍ଦ୍ରାମଣିଙ୍କ ବିପୁଳ ସୃଷ୍ଟି ସମ୍ଭାର ଆଲୋଚିତ ହେଲେ ତା'ର ରୂପରେଖ ଆଲୋକକୁ ଆସିପାରନ୍ତା ଏବଂ ସାର୍ଥକତାର ସ୍ୱାକ୍ଷର ବହନ କରିଥିବା କୃତିର ସ୍ୱରୂପ ଉଦ୍‌ଭାସିତ ହୋଇ ଉଠନ୍ତା । ମାତ୍ର ତାଙ୍କୁ ପରିଚିତ କରିବା ଲାଗି ଆଗ୍ରହ ଓ ଉତ୍ସାହର ଅଭାବ ଥିବାବେଳେ ଚନ୍ଦ୍ରାମଣି-ସାହିତ୍ୟର ବୈଶିଷ୍ଟ୍ୟ ଉନ୍ମୋଚିତ ହେବ ବା କିପରି !

## ସାଧନା-ଜୀବନର କେତୋଟି ସ୍ମରଣୀୟ ଘଟଣା

କବିଶେଖରଙ୍କ ଜୀବନଧାରା ବଡ଼ ବିଚିତ୍ର । ସେହି ବୈଚିତ୍ର୍ୟମୟ ଜୀବନ କାହାଣୀର ସୀମା ସୁଦୀର୍ଘ । ଆଗ୍ରହୀ କଳାରସିକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏଠାରେ ସାଧନା-ଜୀବନର କେତୋଟି ସ୍ମରଣୀୟ ଘଟଣା ଉଲ୍ଲେଖ କରାଯାଉଛି ସଂକ୍ଷିପ୍ତ ଘଟଣା ଓ ସୂଚନା ଭିତରେ ପ୍ରଚ୍ଛନ୍ନ ପ୍ରତିଭା ଲୁକ୍କାୟିତ ଏହା କଳ୍ପନା କରାଯାଇପାରେ । ଏହି ସୂଚନା ସାଧକ ଜୀବନର ସଂକ୍ଷିପ୍ତ ପରିଚିତି ଲାଗି ସହାୟକ ହେବ ଆମର ଆଶା ।

୧୮୭୬ ମସିହା ମାର୍ଚ୍ଚ ୧୭ ତାରିଖରେ କବିଙ୍କ ଆବିର୍ଭାବ । ୧୮୮୧ରେ ଭଦ୍ରକ ଅନ୍ତର୍ଗତ ନରପୁର ବିଦ୍ୟାଳୟରୁ ପ୍ରାଥମିକ ଓ ୧୮୮୩ରେ ଭଦ୍ରକସ୍ଥ ବାସୁଦେବ ବିଦ୍ୟାଳୟରୁ ଭର୍ଣ୍ଣାକ୍ୟୁଲାର ଶିକ୍ଷା ସମାପ୍ତ ।

ଚାକିରୀ ଜୀବନ ଆରମ୍ଭ । ୧୮୮୪ରୁ ୧୯୦୩ ମସିହା—ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ କୁମାରପୁର ପ୍ରାଥମିକ ବିଦ୍ୟାଳୟ ଓ କାଉପୁର ଭର୍ଣ୍ଣାକ୍ୟୁଲାର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ଏବଂ ସ୍କୁଲଇନ୍‌ସପେକ୍‌ଟିଂ ପଣ୍ଡିତକାର୍ଯ୍ୟରେ ନିଯୁକ୍ତ । ୧୮୮୭ରେ—ପ୍ରଥମ ରଚନା କବିତା—'ସୁଗ୍ରୀବଙ୍କ ସହିତ ରାମଚନ୍ଦ୍ରଙ୍କର ମିତ୍ରତା' । ୧୮୯୪ରେ—ପ୍ରଥମ କାବ୍ୟ ପ୍ରକାଶନ—କାବ୍ୟ 'ମୋହିନୀ' ପ୍ରକାଶ ।

ସମ୍ପାଦନା କାର୍ଯ୍ୟ ଆରମ୍ଭ । ୧୯୦୩—ବ୍ରହ୍ମପୁରରୁ ପ୍ରକାଶିତ 'ଗଞ୍ଜାମ ଓଡ଼ିଆ ହିତବାଦିନୀ' ପତ୍ରିକାର ସମ୍ପାଦକ ଦାୟିତ୍ୱ ବହନ । ୧୯୦୪—ଧରାକୋଟରେ ଅବସ୍ଥାନ ଏବଂ 'ଜ୍ଞାନ ଦର୍ପଣ' ପତ୍ରିକାର ସମ୍ପାଦନା କାର୍ଯ୍ୟ ଆରମ୍ଭ ।

୧୯୦୮—'ମେଘାସନ' ଓ ୧୯୧୧ରେ 'ସାଲନ୍ଦୀ' କାବ୍ୟ ପ୍ରକାଶିତ । ୧୯୧୧ରୁ ୧୯୨୨ ପର୍ଯ୍ୟନ୍ତ ଇଚ୍ଛାପୁର (ସୁରଙ୍ଗୀ)ରେ ଅବସ୍ଥାନ । 'ବୁଲା ଫକୀର' ଓ 'ଯୁଗଳ ମଠ' ଉପନ୍ୟାସ ରଚନା ।

୧୯୧୩ରେ ତତ୍କାଳୀନ ବିଭିନ୍ନ ସାହିତ୍ୟ ପତ୍ରପତ୍ରିକା ସଂସ୍ଥା, ସମ୍ପାଦକ ଓ ବିଶିଷ୍ଟ ପଦସ୍ଥ ବ୍ୟକ୍ତିଙ୍କ ପ୍ରସ୍ତାବ ଅନୁଯାୟୀ 'କବିବର' ଉପାଧି ପ୍ରାପ୍ତ ।

୧୯୧୪— 'ଆର୍ଯ୍ୟବାଳା', 'ଉତ୍କଳ କମଳା' ଏବଂ ୧୯୧୬ରେ 'ବିକ୍ରମାଦିତ୍ୟ' କାବ୍ୟ ପ୍ରକାଶିତ । ୧୯୧୮— 'ପତ୍ରପୁଷ୍ପ' କାବ୍ୟ ପ୍ରକାଶ । ସେହିବର୍ଷ ରେଭେନ୍ସା କଲେଜ, ଛାତ୍ର ଓ ଅଧ୍ୟାପକଙ୍କ ଦ୍ୱାରା କବି ଅଭିନନ୍ଦିତ । ୧୯୨୦— 'ସୁଭଦ୍ରା' ଓ ୧୯୨୩ରେ 'ଶ୍ରୀ ମୁକୁନ୍ଦଦେବ' କାବ୍ୟ ପ୍ରକାଶିତ । ୧୯୩୨ରେ ଉତ୍କଳ ସାହିତ୍ୟ ସମାଜର ଊନତ୍ରିଂଶ ବାର୍ଷିକ ଅଧିବେଶନରେ ସଭାପତି ଆସନ ଅଳଂକୃତ । କଟକ ସବୁଜ ସାହିତ୍ୟ ସମିତି ପକ୍ଷରୁ ଓ ଭଦ୍ରକରେ ଆୟୋଜିତ ସାଧାରଣ ସଭାରେ କବି ସମ୍ବର୍ଦ୍ଧିତ । ୧୯୩୪—'ଧୂମୁସର' କାବ୍ୟ ପ୍ରକାଶିତ ।

୧୯୩୫ରେ ଆନ୍ଧ୍ର ଭାରତୀ ଆନୁକୂଲ୍ୟରେ 'କବିଶେଖର' ଉପାଧିରେ ଭୂଷିତ । ୧୯୩୬—ରାଜା ପଞ୍ଚମ ଜର୍ଜଙ୍କ ରଜତ ଜୟନ୍ତୀ ଉତ୍ସବରେ ପଦକ ଲାଭ । ୧୯୩୯—ବଲାଙ୍ଗୀର କଳିଙ୍ଗ ସାହିତ୍ୟ ସମିତି ପକ୍ଷରୁ ଅଭିନନ୍ଦିତ ।

୧୯୪୩ ମସିହା ଡିସେମ୍ବର ୧୬ ତାରିଖରେ ମହାପ୍ରସ୍ଥାନ ।